SUPREME AUDIT INSTITUTION OF INDIA
लोकहितार्थ सत्यनिष्ठा
Dedicated to Truth in Public Interest

# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗଗୁଡ଼ିକର ଅନୁପାଳନ ଏବଂ କାର୍ଯ୍ୟଦକ୍ଷତା ସମୀକ୍ଷା ଉପରେ ମାର୍ଚ୍ଚ 2023ରେ ସମାପ୍ତ ଅବଧି ପାଇଁ ପ୍ରତିବେଦନ

ଓଡ଼ିଶା ସରକାର

ବର୍ଷ 2025ର ପ୍ରତିବେଦନ ସଂଖ୍ୟା 6

# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ
# ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗଗୁଡିକର
# ଅନୁପାଳନ ଏବଂ କାର୍ଯ୍ୟଦକ୍ଷତା ସମୀକ୍ଷା ଉପରେ
# ମାର୍ଚ୍ଚ 2023ରେ ସମାପ୍ତ ଅବଧି ପାଇଁ ପ୍ରତିବେଦନ

**ଓଡ଼ିଶା ସରକାର**

**ବର୍ଷ 2025ର ପ୍ରତିବେଦନ ସଂଖ୍ୟା 6**

# ସୂଚୀପତ୍ର


| ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ ସଂଖ୍ୟା | ପୃଷ୍ଠା ସଂଖ୍ୟା |
| **ମୁଖବନ୍ଧ** | | v |
| **ବିହଙ୍ଗାବଲୋକନ** | | vii-xvii |
| **ଅଧ୍ୟାୟ-I** | | |
| **ସାଧାରଣ ଉଦ୍ଦେଶ୍ୟ ଆର୍ଥିକ ପ୍ରତିବେଦନ** | | |
| **ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗଗୁଡିକର ଆର୍ଥିକ ପ୍ରଦର୍ଶନର ସାରାଂଶ** | **-** | **1-17** |
| ଉପକ୍ରମ | 1.1 | 1-3 |
| ସରକାରୀ କମ୍ପାନୀ ଏବଂ ନିଗମଗୁଡିକରେ ପୁଞ୍ଜିଲଗାଣ ଏବଂ ବଜେଟ ସହାୟତା | 1.2 | 3-8 |
| ସରକାରୀ କମ୍ପାନୀ ଏବଂ ନିଗମଗୁଡିକରୁ ଉପାର୍ଜନ | 1.3 | 9-11 |
| ଋଣ ପରିଶୋଧ ଏବଂ ଆଇନଗତ ଅନୁପାଳନ | 1.4 | 11-12 |
| ସରକାରୀ କମ୍ପାନୀମାନଙ୍କର କାର୍ଯ୍ୟକାରୀ ଦକ୍ଷତା | 1.5 | 12-16 |
| କ୍ଷତି ସହୁଥିବା ଏସ୍‌ପିଏସ୍‌ଇଗୁଡିକ | 1.6 | 16-17 |
| **ସିଏଜିଙ୍କର ତଦାରଖ ଭୂମିକା** | **-** | **17-26** |
| ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗଗୁଡିକର (ଏସ୍‌ପିଏସ୍‌ଇ) ସମୀକ୍ଷା | 1.7 | 17 |
| ସିଏଜିଙ୍କ ଦ୍ୱାରା ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗଗୁଡିକରେ ବୈଧାନିକ ସମୀକ୍ଷକଙ୍କ ନିଯୁକ୍ତି | 1.8 | 17-18 |
| ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗମାନଙ୍କ ଦ୍ୱାରା ହିସାବ ଦାଖଲ | 1.9 | 18-19 |
| ସିଏଜିଙ୍କ ତଦାରଖ – ହିସାବଗୁଡିକର ସମୀକ୍ଷା ଏବଂ ଅନୁପୂରକ ସମୀକ୍ଷା | 1.10 | 19-20 |
| ସିଏଜିଙ୍କ ତଦାରଖ ଭୂମିକାର ଫଳାଫଳ | 1.11 | 20-24 |
| ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡ/ଇଣ୍ଡ୍ ଏଏସ୍‌ର ବ୍ୟବସ୍ଥାଗୁଡିକ ସହିତ ଅନୁପାଳନ ନହେବା | 1.12 | 24-25 |
| ପରିଚାଳନା କର୍ତ୍ତୃପକ୍ଷଙ୍କୁ ପତ୍ର | 1.13 | 25-26 |
| **କର୍ପୋରେଟ୍ ଶାସନ** | **-** | **26-35** |
| କର୍ପୋରେଟ୍ ଶାସନ ବ୍ୟବସ୍ଥାର ଉପକ୍ରମ | 1.14 | 26 |
| କମ୍ପାନୀ ଅଧିନିୟମ, 2013ରେ ଥିବା ବ୍ୟବସ୍ଥାଗୁଡିକ | 1.15 | 26-27 |
| ମନୋନୀତ ଏସ୍‌ପିଏସ୍‌ଇଗୁଡିକ ଦ୍ୱାରା କର୍ପୋରେଟ୍ ଶାସନ ବ୍ୟବସ୍ଥାର ଅନୁପାଳନର ସମୀକ୍ଷା | 1.16 | 27 |
| ନିର୍ଦ୍ଦେଶକ ମଣ୍ଡଳୀର ଗଠନ | 1.17 | 27-28 |
| ସ୍ୱାଧୀନ ନିର୍ଦ୍ଦେଶକମାନଙ୍କ ନିଯୁକ୍ତି ଏବଂ କାର୍ଯ୍ୟକାରିତା | 1.18 | 28-30 |
| କାର୍ଯ୍ୟକ୍ଷମ, ଅଣ-କାର୍ଯ୍ୟକ୍ଷମ, ସ୍ୱାଧୀନ ନିର୍ଦ୍ଦେଶକଙ୍କ ପଦବୀ ପୂରଣ କରିବା | 1.19 | 30 |
| ନିର୍ଦ୍ଦେଶକ ମଣ୍ଡଳୀ ଏବଂ ମଣ୍ଡଳୀ ସମିତିର ବୈଠକ (ବିଜ୍ଞପ୍ତି ପ୍ରକାଶ କରିବା, ବୈଠକ ଡାକିବା ଇତ୍ୟାଦି ପାଇଁ ଆଇନଗତ ବ୍ୟବସ୍ଥା) | 1.20 | 31 |
| ସମୀକ୍ଷା ସମିତି ଏବଂ ମଣ୍ଡଳୀର ଅନ୍ୟ ସମିତିସମୂହ | 1.21 | 31-33 |
| ଆଭ୍ୟନ୍ତରୀଣ ସମୀକ୍ଷା ଢାଞ୍ଚା | 1.22 | 33-35 |

| ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ ସଂଖ୍ୟା | ପୃଷ୍ଠା ସଂଖ୍ୟା |
| **କର୍ପୋରେଟ୍ ସାମାଜିକ ଦାୟିତ୍ୱ** | **-** | **35-39** |
| ସିଏସ୍ଆର୍‌ର ସଂଜ୍ଞା ଏବଂ ଆଇନଗତ ଢ଼ାଞ୍ଚା | 1.23 | 35 |
| ସିଏସ୍ଆର୍ ଉପରେ ପ୍ରଯୁଜ୍ୟ ନିୟମାବଳୀ | 1.24 | 35-36 |
| ସିଏସ୍ଆର୍ ସମିତିର ଗଠନ | 1.25 | 36 |
| ସିଏସ୍ଆର୍ ନୀତି ପ୍ରସ୍ତୁତ କରିବା | 1.26 | 36 |
| ବାର୍ଷିକ ସିଏସ୍ଆର୍ ଯୋଜନା ଏବଂ ବଜେଟ୍ | 1.27 | 36 |
| ସିଏସ୍ଆର୍ ଖର୍ଚ୍ଚର ପରିସୀମା | 1.28 | 36 |
| କ୍ଷେତ୍ର-ୱାରୀ ସିଏସ୍ଆର୍ ଖର୍ଚ୍ଚ | 1.29 | 37 |
| ଆର୍ଥିକ ଉପାଦାନ | 1.30 | 37-38 |
| ପ୍ରକଳ୍ପ କାର୍ଯ୍ୟାନ୍ୱୟନ | 1.31 | 38 |
| ନିୟନ୍ତ୍ରଣର ଢ଼ାଞ୍ଚା | 1.32 | 39 |
| ସୁପାରିଶ | - | 39 |
| **ଅଧ୍ୟାୟ-II** | | |
| **ଓଡିଶା ଖଣି ନିଗମ ଲିମିଟେଡ୍‌ର କାର୍ଯ୍ୟକଳାପ ଉପରେ କାର୍ଯ୍ୟଦକ୍ଷତା ସମୀକ୍ଷା** | | |
| କାର୍ଯ୍ୟନିର୍ବାହୀ ସାରାଂଶ | - | 41-43 |
| ଉପକ୍ରମ | 2.1 | 44 |
| ସାଙ୍ଗଠନିକ ବ୍ୟବସ୍ଥା | 2.2 | 44-45 |
| ସମୀକ୍ଷାର ପରିସର | 2.3 | 45 |
| ସମୀକ୍ଷାର ଉଦ୍ଦେଶ୍ୟ | 2.4 | 45 |
| ସମୀକ୍ଷା ମାନଦଣ୍ଡ ଏବଂ କାର୍ଯ୍ୟପଦ୍ଧତି | 2.5 | 46 |
| ଆର୍ଥିକ ସ୍ଥିତି | 2.6 | 46-48 |
| କାର୍ଯ୍ୟ ସମ୍ପାଦନର ଫଳାଫଳ | 2.7 | 48-49 |
| ଓଏମ୍‌ସି ଦ୍ୱାରା ଖଣି ଲିଜ୍‌ଗୁଡିକର ପରିଚାଳନା | 2.8 | 49-57 |
| ଉତ୍ପାଦନ କାର୍ଯ୍ୟଦକ୍ଷତା | 2.9 | 57-71 |
| ସ୍ଥାୟୀ ପ୍ରକଳ୍ପର ସ୍ଥିତି | 2.10 | 72-78 |
| ଚୁକ୍ତି ପରିଚାଳନା | 2.11 | 78-84 |
| ବିକ୍ରୟ କାର୍ଯ୍ୟଦକ୍ଷତା | 2.12 | 84-88 |
| ଆର୍ଥିକ ପରିଚାଳନା | 2.13 | 88-94 |
| ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ | 2.14 | 94-96 |
| ଅନ୍ୟାନ୍ୟ ଧ୍ୟାନ ଆକର୍ଷଣକାରୀ ବିଷୟଗୁଡିକ | 2.15 | 96-97 |
| **ଅଧ୍ୟାୟ-III** | | |
| **ଅନୁପାଳନ ସମୀକ୍ଷା ମନ୍ତବ୍ୟ** | | |
| **ଓଡିଶା ବିଦ୍ୟୁତ ଉତ୍ପାଦନ ନିଗମ ଲିମିଟେଡ୍** | **-** | |
| ପରିହାର୍ଯ୍ୟ ବ୍ୟୟ | 3.1 | 99-100 |
| ପରିହାର୍ଯ୍ୟ ସୁଧ ବୋଝ | 3.2 | 101-102 |
| ରାଜସ୍ୱ କ୍ଷତି | 3.3 | 102-103 |
| **ଓଡିଶା ବିଦ୍ୟୁତ ସଞ୍ଚାରଣ ନିଗମ ଲିମିଟେଡ୍** | **-** | |

| ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ ସଂଖ୍ୟା | ପୃଷ୍ଠା ସଂଖ୍ୟା |
| ନିଷ୍ଫଳ ବ୍ୟୟ | 3.4 | 103-105 |
| ଡିସକମ୍‌କୁ ଅନୁଚିତ ଲାଭ ପ୍ରଦାନ | 3.5 | 106-107 |
| ଇଏଚ୍‌ଟି ଲାଇନ୍ ସ୍ଥାନାନ୍ତରରେ ଏକ ଘରୋଇ ହିତାଧିକାରୀଙ୍କୁ ଅନୁଚିତ ଲାଭ | 3.6 | 107-108 |
| ପରିହାର୍ଯ୍ୟ ବ୍ୟୟ | 3.7 | 109-110 |
| **ଓଡିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍** | - | |
| ପରିହାର୍ଯ୍ୟ ଦେୟ | 3.8 | 110-111 |
| **ଓଡିଶା କୋଇଲା ଏବଂ ଶକ୍ତି ଲିମିଟେଡ୍** | - | |
| ଅନୁଚିତ ଅନୁକମ୍ପା | 3.9 | 111-113 |


## ପରିଶିଷ୍ଟ


| ପରିଶିଷ୍ଟ ସଂଖ୍ୟା | ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|---|
| | | ଅନୁଚ୍ଛେଦ ସଂଖ୍ୟା | ପୃଷ୍ଠା ସଂଖ୍ୟା |
| 1 | 76ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇଗୁଡିକର ତାଲିକା | 1.1.4.1 ଏବଂ 1.9.2 | 115-117 |
| 2 | ବକେୟା କିମ୍ବା ସମାପନ ପ୍ରକ୍ରିୟାରେ ଥିବା କମ୍ପାନୀଗୁଡିକର ହିସାବର ବିବରଣୀ/ନିଷ୍କ୍ରିୟ ସରକାରୀ କମ୍ପାନୀ ସମୂହ ଏବଂ ନିଗମ ସମୂହ | 1.1.4.1 ଏବଂ 1.9.2 | 118-119 |
| 3 | ବକେୟା ହିସାବଗୁଡିକର ବିବରଣୀ - ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀସମୂହ | 1.1.4.1 ଏବଂ 1.9.2 | 120 |
| 4 | ରାଜ୍ୟର ଜିଏସ୍‌ଡିପିରେ କାରବାରର ଅବଦାନ ସହିତ ଏସ୍‌ପିଏସ୍‌ଇ ଏବଂ ସେମାନଙ୍କର ପରିଚୟ | 1.1.4.2 | 121-128 |
| 5 | ଓଡିଶାର ଜିଏସ୍‌ଡିପି ତୁଳନାରେ ବିଭାଗ-ୱାରୀ କାରବାରର ବିବରଣୀ | 1.1.4.2 | 129-130 |
| 6 | ସରକାରୀ କମ୍ପାନୀଗୁଡିକ ଦ୍ୱାରା ଲାଭାଂଶ ଅଭାବ | 1.3.2 | 131 |
| 7 | ଏସ୍‌ପିଏସ୍‌ଇଗୁଡିକର ଉତ୍ପାଦନର ମୂଲ୍ୟ, ମୋଟ ସମ୍ପତ୍ତି ଏବଂ ନିୟୋଜିତ ପୁଞ୍ଜି | 1.5.2 | 132 |
| 8 | ଏସ୍‌ପିଏସ୍‌ଇଗୁଡିକରେ ନିୟୋଜିତ ପୁଞ୍ଜି ଉପରେ ଉପାର୍ଜନ | 1.5.3 | 133-134 |
| 9 | 29ଟି ଏସ୍‌ପିଏସସ୍‌ଇ ସମ୍ବନ୍ଧରେ ରିଅଲ୍ ରିଟର୍ଣ୍ଣର ହାର | 1.5.4 | 135 |
| 10 | ଏସ୍‌ପିଏସ୍‌ଇର ଅଂଶଧନ ଉପରେ ଉପାର୍ଜନ | 1.5.5 | 136-137 |
| 11 | 2021-22 ଏବଂ 2022-23 ଅବଧି ମଧ୍ୟରେ କ୍ଷତି ସହିଥିବା 07ଟି ଏସ୍‌ପିଏସ୍‌ଇ | 1.6.1 | 138 |
| 12 | 31 ମାର୍ଚ୍ଚ 2023 ସୁଦ୍ଧା ଋଣାତ୍ମକ ନିଟ୍ ମୂଲ୍ୟ ଥିବା ଏସ୍‌ପିଏସ୍‌ଇଗୁଡିକର ତାଲିକା | 1.6.2 | 139 |

| ପରିଶିଷ୍ଟ ସଂଖ୍ୟା | ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|---|
| | | ଅନୁଚ୍ଛେଦ ସଂଖ୍ୟା | ପୃଷ୍ଠା ସଂଖ୍ୟା |
| 13 | ଏସ୍‌ପିଏସ୍‌ଗୁଡିକର ତାଲିକା ଯେଉଁଠାରେ ସିଏଜିଙ୍କ ଦ୍ୱାରା ମନ୍ତବ୍ୟ ପ୍ରଦାନ କରାଯାଇଛି | 1.11.3 | 140 |
| 14 | କମ୍ପାନୀଗୁଡିକର ବିବରଣୀ ଯେଉଁଠାରେ ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ରିପୋର୍ଟ କରାଯାଇଥିବା ଆକାଉଣ୍ଟିଂ ଷ୍ଟାଣ୍ଡାଡ୍/ଇଣ୍ଡ୍ ଏଏସ୍ ସହିତ ଅନୁପାଳନ ନଥିଲା | 1.12 | 141 |
| 15 | ଏସ୍‌ପିଏସ୍‌ଇଗୁଡିକର ତାଲିକା ଯେଉଁଠାରେ ସିଏଜି ଦ୍ୱାରା କର୍ତ୍ତୃପକ୍ଷଙ୍କୁ ପତ୍ର ଜାରି କରାଯାଇଥିଲା | 1.13 | 142 |
| 16 | ନିର୍ଦ୍ଦେଶକ ମଣ୍ଡଳୀରେ ସ୍ୱାଧୀନ ନିର୍ଦ୍ଦେଶକ, ସମୀକ୍ଷା ସମିତି ଏବଂ ମନୋନୟନ ଓ ପାରିଶ୍ରମିକ ସମିତି ଗଠନ କରିବା ପାଇଁ ଯୋଗ୍ୟତା ଅର୍ଜନ କରୁଥିବା ଏସ୍‌ପିଏସ୍‌ଇମାନଙ୍କ ତାଲିକା | 1.17.1, 1.21.1 ଏବଂ 1.21.4 | 143-144 |
| 17 | ନିର୍ଦ୍ଦେଶକ ମଣ୍ଡଳୀରେ ମହିଳା ନିର୍ଦ୍ଦେଶକ ରହିବା ପାଇଁ ଯୋଗ୍ୟତା ଅର୍ଜନ କରୁଥିବା ଏସ୍‌ପିଏସ୍‌ଇମାନଙ୍କ ତାଲିକା | 1.17.2 | 145 |
| 18 | ସିଏସ୍‌ଆର୍ ମାନଦଣ୍ଡର ପ୍ରୟୋଗତା ଦର୍ଶାଇଥିବା ବିବରଣ | 1.25 | 146 |
| 19 | ନିର୍ଦ୍ଦିଷ୍ଟ କ୍ଷେତ୍ରଭିତ୍ତିକ ସିଏସ୍‌ଆର୍ ଖର୍ଚ୍ଚର ବିବରଣ | 1.28 ଏବଂ 1.29 | 147 |
| 20 | ପୂର୍ବରୁ ବହନ ସହିତ ଆବଣ୍ଟନ ଏବଂ ପ୍ରକୃତ ସିଏସ୍‌ଆର୍ ଖର୍ଚ୍ଚ | 1.30.1 ଏବଂ 1.30.2 | 148 |
| 21 | 2022-23 ଆର୍ଥିକ ବର୍ଷରେ ବହନ ପରିମାଣ ସହିତ ତ୍ରୈମାସିକ ସିଏସ୍‌ଆର୍ ଖର୍ଚ୍ଚ | 1.30.3 | 149 |
| 22କ | ଉତ୍ପାଦନ ଲକ୍ଷ୍ୟ ଏବଂ ସଫଳତା | 2.9.1 | 150-151 |
| 22ଖ | ଏମ୍‌ପି/ଏମ୍‌ଏସ୍, ସିଟିଓ, ଇସି ଏବଂ ପ୍ରକୃତ ଉତ୍ପାଦନ ଅନୁସାରେ ଅନୁମୋଦିତ ପରିମାଣ | 2.9.1 | 152-153 |
| 23 | 2020-23 ମଧ୍ୟରେ 5,83,434.87 ଏମ୍‌ଟି ସବ୍-ଗ୍ରେଡ କ୍ରୋମପଥରର ପ୍ରକ୍ରିୟାକରଣ ନହେବା କାରଣରୁ ରାଜସ୍ୱ କ୍ଷତିର ବିବରଣୀ | 2.10.2 | 154 |
| 24 | ବିକ୍ରୟ ଲକ୍ଷ୍ୟ ଏବଂ ସଫଳତା | 2.12.1 | 155 |
| 25 | ସୁଧମୁକ୍ତ ଅଗ୍ରୀମ ରାଶି ଏବଂ ସେଗୁଡିକର ପୁନଃପ୍ରାପ୍ତିର ବିବରଣୀ | 3.2 | 156-158 |
| | ସଂକ୍ଷେପଣ ଶବ୍ଦର ପରିଭାଷା | - | 159-161 |

# ମୁଖବନ୍ଧ

ଏହି ପ୍ରତିବେଦନ ମାର୍ଚ୍ଚ 2023ରେ ସମାପ୍ତ ବର୍ଷ ପାଇଁ ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ (ଏସ୍‌ପିଏସ୍‌ଇ) ଅର୍ଥାତ ସରକାରୀ କମ୍ପାନୀ ଏବଂ ଓଡିଶା ସରକାରଙ୍କ ବୈଧାନିକ ନିଗମଗୁଡିକର ଅନୁପାଳନ ଏବଂ କାର୍ଯ୍ୟଦକ୍ଷତା ସମୀକ୍ଷାର ଫଳାଫଳ ସହିତ ଜଡିତ।

ଭାରତୀୟ ସମ୍ବିଧାନର ଧାରା 151(2) ଏବଂ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତାବଳୀ) ଅଧିନିୟମ, 1971ର ଧାରା 19କ (ସଂଶୋଧନ ସହିତ) ଅନୁଯାୟୀ ମାର୍ଚ୍ଚ 2023ରେ ଶେଷ ହୋଇଥିବା ବର୍ଷ ପାଇଁ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ ଉପରେ ପ୍ରତିବେଦନ ରାଜ୍ୟ ବିଧାନସଭାରେ ଉପସ୍ଥାପନ ପାଇଁ ଓଡିଶା ସରକାରଙ୍କୁ ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି।

କମ୍ପାନୀ ଅଧିନିୟମ, 2013ର ଧାରା 139 ଏବଂ 143 ଅନୁଯାୟୀ, ସରକାରୀ କମ୍ପାନୀଗୁଡିକର ହିସାବ ସମୀକ୍ଷା, ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା କରାଯାଇଥାଏ। ବୈଧାନିକ ନିଗମଗୁଡିକର ସମୀକ୍ଷା ବ୍ୟବସ୍ଥା ସମ୍ପୃକ୍ତ ଅଧିନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ହୋଇଛି ଯାହା ମାଧ୍ୟମରେ ନିଗମଗୁଡିକ ପ୍ରତିଷ୍ଠିତ।

ଏହି ପ୍ରତିବେଦନରେ ଉଲ୍ଲେଖ କରାଯାଇଥିବା ଘଟଣାଗୁଡିକ 2022-23 ବର୍ଷର ନମୁନା ସମୀକ୍ଷାରେ ଦୃଷ୍ଟିଗୋଚର ହୋଇଥିବା ଘଟଣା ସହିତ, ପୂର୍ବ ବର୍ଷଗୁଡିକରେ ଦୃଷ୍ଟିଗୋଚର ହୋଇଥିବା, କିନ୍ତୁ ପୂର୍ବ ସମୀକ୍ଷା ପ୍ରତିବେଦନଗୁଡିକରେ ଉଲ୍ଲେଖ କରାଯାଇ ପାରିନଥିବା ଘଟଣା ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଆବଶ୍ୟକ ସ୍ଥଳେ, 2022-23 ବର୍ଷର ପରବର୍ତ୍ତୀ ବିଷୟଗୁଡିକୁ ମଧ୍ୟ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇଛି।

ଏହି ସମୀକ୍ଷା ପ୍ରତିବେଦନରେ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗଗୁଡିକର ଆର୍ଥିକ କାର୍ଯ୍ୟଦକ୍ଷତାର ସାରାଂଶ, ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ତଦାରଖ ଭୂମିକା, କର୍ପୋରେଟ ଶାସନ, କର୍ପୋରେଟ ସାମାଜିକ ଦାୟିତ୍ୱ, "ଓଡିଶା ଖଣି ନିଗମ ଲିମିଟେଡ୍‌ର କାର୍ଯ୍ୟକଳାପ" ଉପରେ କାର୍ଯ୍ୟଦକ୍ଷତା ସମୀକ୍ଷା ଏବଂ ନଅଟି ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଅନ୍ତର୍ଭୁକ୍ତ।

ଭାରତର ମହାଲେଖା ନିୟନ୍ତ୍ରକ ଏବଂ ମହାସମୀକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନଦଣ୍ଡ ଅନୁସାରେ ସମୀକ୍ଷା କରାଯାଇଛି।

ଅନୁଦିତ ପ୍ରତିବେଦନରେ ସନ୍ଦେହ ଜାତ ହେଲେ, ଇଂରାଜୀ ପ୍ରତିବେଦନ ବିଶ୍ୱାସଯୋଗ୍ୟ ବିବେଚିତ ହେବ।

# ବିହଙ୍ଗାବଲୋକନ

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ଏହି ପ୍ରତିବେଦନରେ ଅପ୍ରେଲ 2022ରୁ ମାର୍ଚ୍ଚ 2023 ପର୍ଯ୍ୟନ୍ତ ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ(ଏସ୍‌ପିଏସ୍‌ଇ)ଗୁଡିକର ଆର୍ଥିକ ପ୍ରଦର୍ଶନ, ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ତଦାରଖ ଭୂମିକା, କର୍ପୋରେଟ୍ ଶାସନ, କର୍ପୋରେଟ୍ ସାମାଜିକ ଦାୟିତ୍ୱର ସାରାଂଶ ଉପସ୍ଥାପନ କରାଯାଇଛି। ଏହା ବ୍ୟତୀତ, ଏହି ପ୍ରତିବେଦନରେ "ଓଡିଶା ଖଣି ନିଗମ ଲିମିଟେଡ୍‌ର କାର୍ଯ୍ୟକଳାପ" ଉପରେ କାର୍ଯ୍ୟଦକ୍ଷତା ସମୀକ୍ଷା ସହିତ ଜଡିତ ପର୍ଯ୍ୟବେକ୍ଷଣ ଏବଂ 31 ମାର୍ଚ୍ଚ 2023ରେ ଶେଷ ହୋଇଥିବା ବର୍ଷର ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମଗୁଡିକର ଅନୁପାଳନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଜଡିତ ହୋଇଛି।

ଏହି ପ୍ରତିବେଦନର ପ୍ରାଥମିକ ଉଦ୍ଦେଶ୍ୟ ହେଲା ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଫଳାଫଳଗୁଡିକ ରାଜ୍ୟ ବିଧାନସଭାର ଦୃଷ୍ଟିଗୋଚର କରିବା। ସମୀକ୍ଷା ଫଳାଫଳଗୁଡିକ କାର୍ଯ୍ୟନିର୍ବାହୀଙ୍କୁ ସମୟୋଚିତ ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସକ୍ଷମ କରିବ ବୋଲି ଆଶା କରାଯାଏ। ଏହା ସଂଗଠନଗୁଡିକର ଉନ୍ନତ ପରିଚାଳନା ପାଇଁ ନୀତି ଏବଂ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ, ଯାହାଫଳରେ ଉତ୍ତମ ଶାସନ ବ୍ୟବସ୍ଥାର ଯୋଗଦାନ ମିଳିବ।

## ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗଗୁଡିକର ଆର୍ଥିକ ପ୍ରଦର୍ଶନର ସାରାଂଶ

ସରକାରୀ କମ୍ପାନୀ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ସମୀକ୍ଷା ସିଏଜିଙ୍କ ଦ୍ୱାରା କମ୍ପାନୀ ଅଧିନିୟମ, 2013ର ଧାରା 143(5)ରୁ 143(7)ର ବ୍ୟବସ୍ଥା ସହିତ ସିଏଜିଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତାବଳୀ) ଅଧିନିୟମ, 1972ର ଧାରା 19 ଏବଂ ଏହା ଅଧିନରେ ପ୍ରସ୍ତୁତ ନିୟମାବଳୀ ଅନୁଯାୟୀ କରାଯାଏ। କମ୍ପାନୀ ଅଧିନିୟମ, 2013 ଅନୁଯାୟୀ ସିଏଜି ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କୁ କମ୍ପାନୀଗୁଡିକ ପାଇଁ ବୈଧାନିକ ସମୀକ୍ଷକ ଭାବରେ ନିଯୁକ୍ତି କରନ୍ତି ଏବଂ ହିସାବଗୁଡିକର ସମୀକ୍ଷା କିପରି କରାଯିବ ସେ ବିଷୟରେ ନିର୍ଦ୍ଦେଶ ଦିଅନ୍ତି। ଏହା ସହିତ, ସିଏଜିଙ୍କର ଏକ ଅନୁପୂରକ ସମୀକ୍ଷା କରିବାର ଅଧିକାର ଅଛି।

31 ମାର୍ଚ୍ଚ 2023 ସୁଦ୍ଧା ଓଡିଶାରେ ସିଏଜିଙ୍କ ସମୀକ୍ଷା ପରିସର ଅଧିନରେ 76ଟି ଏସ୍‌ପିଏସ୍‌ଇ ଥିଲା। ଏହି 76ଟି ଏସ୍‌ପିଏସ୍‌ଇରେ 58ଟି ସରକାରୀ କମ୍ପାନୀ, 03ଟି ବୈଧାନିକ ନିଗମ ଏବଂ 15ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ସାମିଲ ଥିଲେ। ଏହି ପ୍ରତିବେଦନରେ 42ଟି ଏସ୍‌ପିଏସ୍‌ଇଗୁଡିକର ଆର୍ଥିକ ପ୍ରଦର୍ଶନର ବିଶ୍ଳେଷଣ କରାଯାଇଛି।

*(ଅନୁଚ୍ଛେଦ 1.1.3 ଏବଂ 1.1.4)*

2022-23 ବର୍ଷରେ 42ଟି ଏସ୍‌ପିଏସ୍‌ଇ 47,902.01 କୋଟି ଟଙ୍କାର କାରବାର ପଞ୍ଜିକୃତ କରିଥିଲେ ଯାହା ପୂର୍ବବର୍ଷ ତୁଳନାରେ 24.41 ପ୍ରତିଶତ ଅଭିବୃଦ୍ଧିକୁ ପ୍ରତିଫଳିତ କରେ। 2022-23 ବର୍ଷରେ ଓଡିଶାର ମୋଟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ତୁଳନାରେ କାରବାର 6.18 ପ୍ରତିଶତ ଥିଲା, ଯାହା ପୂର୍ବବର୍ଷର 6.03 ପ୍ରତିଶତ ତୁଳନାରେ ସାମାନ୍ୟ ଅଧିକ।

*(ଅନୁଚ୍ଛେଦ 1.1.4.2)*

31 ମାର୍ଚ୍ଚ 2023 ସୁଦ୍ଧା, 29ଟି ସରକାରୀ କମ୍ପାନୀ ଏବଂ ନିଗମଗୁଡିକରେ ନିବେଶ (ସାଧାରଣ ଅଂଶଧନ ଏବଂ ଦୀର୍ଘକାଳୀନ ଋଣ) 23,080.10 କୋଟି ଟଙ୍କା ଥିଲା। 13ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀରେ ସାଧାରଣ ଅଂଶଧନ ନିବେଶ 1,001.55 କୋଟି ଟଙ୍କା ଥିଲା ଏବଂ କୌଣସି ଦୀର୍ଘକାଳୀନ ଋଣ ନଥିଲା। 29ଟି ସରକାରୀ କମ୍ପାନୀ ଏବଂ ନିଗମ ମଧ୍ୟରୁ 09ଟି କମ୍ପାନୀରେ 31 ମାର୍ଚ୍ଚ 2023 ସୁଦ୍ଧା ମୋଟ 13,763.57 କୋଟି ଟଙ୍କାର ଦୀର୍ଘକାଳୀନ ଋଣ ବକେୟା ଥିଲା। ସମୀକ୍ଷାରେ ଦେଖାଯାଇଥିଲା ଯେ ଏହି ସମସ୍ତ ନଅଟି ସରକାରୀ କମ୍ପାନୀ ଏବଂ

ନିଗମଗୁଡ଼ିକର ଧନାତ୍ମକ କଭରେଜ୍ ଅନୁପାତ ଥିଲା, ଯାହା 31 ମାର୍ଚ୍ଚ 2023 ସୁଦ୍ଧା ସେମାନଙ୍କର ଋଣ ଦାୟିତ୍ୱ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ସମ୍ପତ୍ତି ସୂଚିତ କରେ।

2022-23 ବର୍ଷରେ, ଓଡ଼ିଶା ସରକାର (ଜିଓଓ) ଏସ୍‌ପିଏସ୍‌ଇଗୁଡ଼ିକୁ ସାଧାରଣ ଅଂଶଧନ, ଋଣ ଏବଂ ଅନୁଦାନ/ସରକାରୀ ସାହାଯ୍ୟ ଆକାରରେ 4,873.99 କୋଟି ଟଙ୍କାର ବଜେଟ ସହାୟତା ପ୍ରଦାନ କରିଥିଲେ। ସର୍ବାଧିକ ଅନୁଦାନ/ସରକାରୀ ସାହାଯ୍ୟ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ (1,169.27 କୋଟି ଟଙ୍କା) ଏବଂ ଓଡ଼ିଶା ଉଠା ଜଳସେଚନ ନିଗମ ଲିମିଟେଡ୍ (1,176.09 କୋଟି ଟଙ୍କା)କୁ ପ୍ରଦାନ କରାଯାଇଥିଲା। ଅଥଚ, ଓଏସ୍‌ସିଏସ୍‌ସି, 2021-22 ଏବଂ 2022-23 ପାଇଁ ଏବଂ ଓଏଲ୍‌ଆଇସି 2019-20ରୁ 2022-23 ପାଇଁ ବାର୍ଷିକ ହିସାବ 30 ସେପ୍ଟେମ୍ବର 2023 ସୁଦ୍ଧା ପ୍ରଦାନ କରିନାହାନ୍ତି।

***(ଅନୁଚ୍ଛେଦ 1.2, 1.2.2, 1.2.3, 1.2.4 ଏବଂ 1.2.6)***

29ଟି ସରକାରୀ କମ୍ପାନୀ ଏବଂ ନିଗମ ମଧ୍ୟରୁ, 18ଟି ଏସ୍‌ପିଏସ୍‌ଇ ଦ୍ୱାରା ଅର୍ଜିତ ଲାଭ 2022-23ରେ 7,073.21 କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା, ଯାହା 2021-22 ମସିହାରେ 21ଟି ଏସ୍‌ପିଏସ୍‌ଇ ଦ୍ୱାରା ଅର୍ଜିତ ଲାଭ 3,289.86 କୋଟି ଟଙ୍କା ଥିଲା। ସର୍ବାଧିକ ପାଞ୍ଚଟି ଲାଭ ଅର୍ଜନକାରୀ ଏସ୍‌ପିଏସ୍‌ଇ ହେଉଛି ଓଡ଼ିଶା ଖଣି ନିଗମ ଲିମିଟେଡ୍ (ଓଏମ୍‌ସି), ଓଡ଼ିଶା କୋଇଲା ଏବଂ ବିଦ୍ୟୁତ୍ ଲିମିଟେଡ୍ (ଓସିପିଏଲ୍), ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଏଚ୍‌ପିସି), ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ଏବଂ କଲ୍ୟାଣ ନିଗମ ଲିମିଟେଡ୍ (ଓଏସ୍‌ପିଏଚ୍‌ଡବ୍ଲ୍ୟୁସି) ଏବଂ ଓଡ଼ିଶା ବନ ଉନ୍ନୟନ ନିଗମ ଲିମିଟେଡ୍ (ଓଏଫ୍‌ଡିସିଏଲ୍)। 2022-23 ମସିହାରେ 18ଟି ଏସ୍‌ପିଏସ୍‌ଇର ଅଂଶଧନ ଉପରେ ଉପାର୍ଜନ (ଆର୍‌ଓଇ) 31.19 ପ୍ରତିଶତ ଥିଲା, ଯାହା 2021-22 ମସିହାରେ 21ଟି ଏସ୍‌ପିଏସ୍‌ଇରେ 22.37 ପ୍ରତିଶତ ଥିଲା। 2022-23 ବର୍ଷରେ ସାତୋଟି ସରକାରୀ କମ୍ପାନୀ ଏବଂ ନିଗମ 794.98 କୋଟି ଟଙ୍କା କ୍ଷତି କରିଛନ୍ତି, ଯେତେବେଳେ 2021-22 ବର୍ଷରେ ଏହି ଏସ୍‌ପିଏସ୍‌ଇଗୁଡ଼ିକ 453.11 କୋଟି ଟଙ୍କା କ୍ଷତି କରିଥିଲେ। ମୋଟ 794.98 କୋଟି ଟଙ୍କା କ୍ଷତି ମଧ୍ୟରୁ, 788.73 କୋଟି ଟଙ୍କା କ୍ଷତି ମୁଖ୍ୟତଃ ଦୁଇଟି ଏସ୍‌ପିଏସ୍‌ଇ (ଗ୍ରୀଡ୍‌କୋ ଲିମିଟେଡ୍ 778.18 କୋଟି ଟଙ୍କା ଏବଂ ଓଏସ୍‌ଆର୍‌ଟିସି 10.55 କୋଟି ଟଙ୍କା) ଦ୍ୱାରା ହୋଇଅଛି।

31 ମାର୍ଚ୍ଚ 2023 ସୁଦ୍ଧା, 29ଟି ସରକାରୀ କମ୍ପାନୀ ଏବଂ ନିଗମ ମଧ୍ୟରୁ ଆଠଟି ସରକାରୀ କମ୍ପାନୀ ଏବଂ ନିଗମଗୁଡ଼ିକର ଏକତ୍ରୀକୃତ କ୍ଷତି 9,449.38 କୋଟି ଟଙ୍କା ଥିଲା। ଆଠଟି ଏସ୍‌ପିଏସ୍‌ଇ ମଧ୍ୟରୁ ଚାରୋଟିର ନିଟ୍ ମୂଲ୍ୟ ଏକତ୍ରୀକୃତ କ୍ଷତି ଯୋଗୁ ସମ୍ପୂର୍ଣ୍ଣ ଭାବରେ କ୍ଷୟ ହୋଇଯାଇଥିଲା ଏବଂ ସେମାନଙ୍କର ନିଟ୍ ମୂଲ୍ୟ ଋଣାତ୍ମକ ଥିଲା। ଏହି ଚାରୋଟି ଏସ୍‌ପିଏସ୍‌ଇର ନିଟ୍ ମୂଲ୍ୟ 31 ମାର୍ଚ୍ଚ 2023 ସୁଦ୍ଧା ମୋଟ 3,428.80 କୋଟି ଟଙ୍କାର ସାଧାରଣ ଅଂଶଧନ ନିବେଶ ତୁଳନାରେ 5,735.80 କୋଟି ଟଙ୍କା ଋଣାତ୍ମକ ଥିଲା। ସାମଗ୍ରୀକ ଭାବରେ, ସମସ୍ତ 29ଟି ସରକାରୀ କମ୍ପାନୀ ଏବଂ ନିଗମଗୁଡ଼ିକର ନିଟ୍ ମୂଲ୍ୟ 17,311.65 କୋଟି ଟଙ୍କା ଥିଲା, ଯାହାର ମୋଟ ସମାଦତ୍ତ ପୁଞ୍ଜି 9,316.53 କୋଟି ଟଙ୍କା ଥିଲା।

29ଟି ସରକାରୀ କମ୍ପାନୀ ଏବଂ ନିଗମଗୁଡ଼ିକ ମଧ୍ୟରୁ, 10ଟି ଏସ୍‌ପିଏସ୍‌ଇ 2022-23 ବର୍ଷ ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା 1,451.55 କୋଟି ଟଙ୍କା ସାଧାରଣ ଅଂଶଧନ ନିବେଶ ବିରୁଦ୍ଧରେ 622.16 କୋଟି ଟଙ୍କା ଲାଭାଂଶ ଘୋଷଣା କରିଥିଲେ। ଅଥଚ, ସାତୋଟି ଏସ୍‌ପିଏସ୍‌ଇ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଲାଭାଂଶ ଘଷୋଣା କରିନଥିଲେ, ଯାହା ଫଳରେ 2022-23ରେ 1,419.30 କୋଟି ଟଙ୍କାର ସ୍ୱଳ୍ପ ଲାଭାଂଶ ହୋଇଥିଲା। ନିଟ୍ ଲାଭର ପ୍ରତିଶତ ଭାବରେ ଘୋଷିତ ଲାଭାଂଶ 2021-22ରେ 18.59 ପ୍ରତିଶତରୁ 2022-23ରେ 10.89 ପ୍ରତିଶତକୁ ହ୍ରାସ ପାଇଅଛି। 13ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ମଧ୍ୟରୁ, 31 ମାର୍ଚ୍ଚ 2023ରେ ଶେଷ ହୋଇଥିବା ବର୍ଷ ମଧ୍ୟରେ ସାତୋଟି କମ୍ପାନୀ 4.08 କୋଟି ଟଙ୍କା ଲାଭ ଅର୍ଜନ କରିଛନ୍ତି।

***(ଅନୁଚ୍ଛେଦ 1.3.1, 1,3,2, 1.6.1 ଏବଂ 1.6.2)***

29ଟି ସରକାରୀ କମ୍ପାନୀ ଏବଂ ନିଗମଗୁଡିକର ଅଂଶୀଦାରଙ୍କ ସାଧାରଣ ଅଂଶଧନ ଦ୍ୱାରା ନିଟ୍ ଆୟକୁ ଭାଗ କରି ଗଣନା କରାଯାଇଥିବା କମ୍ପାନୀଗୁଡିକର ଆର୍ଥିକ ପ୍ରଦର୍ଶନର ଏକ ମାପକ ଅଂଶଧନ ଉପରେ ଲାଭ (ଆର୍ଓଇ), 2021-22ରେ 6.83 ପ୍ରତିଶତରୁ ବୃଦ୍ଧି ପାଇ 2022-23ରେ 36.27 ପ୍ରତିଶତରେ ପହଞ୍ଚିଥିଲା। 2020-21ରୁ 2022-23 ମଧ୍ୟରେ ମୋଟ ଅଂଶଧନ 50 କୋଟି ଟଙ୍କାରୁ ଅଧିକ ଥିବା ସରକାରୀ କମ୍ପାନୀ ଏବଂ ନିଗମଗୁଡ଼ିର ଆର୍ଓଇର କ୍ଷେତ୍ର-ୱାରୀ ବିଶ୍ଳେଷଣ ସୂଚାଇଥାଏ ଯେ 2022-23 ମଧ୍ୟରେ ଆର୍ଓଇରେ ବୃଦ୍ଧି ମୁଖ୍ୟତଃ ଶିଳ୍ପ ଏବଂ ଶକ୍ତି କ୍ଷେତ୍ର ଦ୍ୱାରା ଚାଳିତ ହୋଇଥିଲା।

***(ଅନୁଚ୍ଛେଦ 1.5.5)***

## ସିଏଜିଙ୍କର ତଦାରଖ ଭୂମିକା

### *ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗଗୁଡିକର ସମୀକ୍ଷା*

କମ୍ପାନୀ ଅଧିନିୟମ, 2013ର ଧାରା 139(5) ଏବଂ (7) ଅନୁଯାୟୀ ସିଏଜି ଗୋଟିଏ ସରକାରୀ କମ୍ପାନୀ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀର ବୈଧାନିକ ସମୀକ୍ଷକମାନଙ୍କୁ ନିଯୁକ୍ତ କରନ୍ତି। ସିଏଜିଙ୍କର ଏକ ଅନୁପୂରକ ସମୀକ୍ଷା କରିବାର ଏବଂ ବୈଧାନିକ ସମୀକ୍ଷକଙ୍କ ସମୀକ୍ଷା ପ୍ରତିବେଦନ ଉପରେ ମନ୍ତବ୍ୟ ଜାରି କରିବାର କିମ୍ବା ତାହା ସହିତ ସଂଯୁକ୍ତ କରିବାର ଅଧିକାର ଅଛି। ତିନୋଟି ବୈଧାନିକ ନିଗମକୁ ପରିଚାଳନା କରୁଥିବା ନିୟମ ଅନୁଯାୟୀ ସେମାନଙ୍କର ହିସାବଗୁଡିକ ସିଏଜିଙ୍କ ଦ୍ୱାରା ସମୀକ୍ଷା କରାଯିବା ଏବଂ ରାଜ୍ୟ ବିଧାନସଭାରେ ଏକ ରିପୋର୍ଟ ଦାଖଲ କରାଯିବା ଆବଶ୍ୟକ।

ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗଗୁଡିକର ସମୀକ୍ଷାରେ ବୈଧାନିକ ସମୀକ୍ଷକ ମାନଙ୍କ କାର୍ଯ୍ୟଦକ୍ଷତା ଉପରେ ନଜର ରଖି ସିଏଜି ଏକ ତଦାରଖ ଭୂମିକା ଗ୍ରହଣ କରନ୍ତି, ଯାହାର ସାମଗ୍ରୀକ ଉଦ୍ଦେଶ୍ୟ ହେଉଛି ଯେ ବୈଧାନିକ ସମୀକ୍ଷକମାନେ ସେମାନଙ୍କୁ ଦିଆଯାଇଥିବା କାର୍ଯ୍ୟଗୁଡିକୁ ସଠିକ ଏବଂ ପ୍ରଭାବଶାଳୀ ଭାବରେ ସମ୍ପାଦନ କରିବେ। ଏହି କାର୍ଯ୍ୟଗୁଡିକ ନିମ୍ନରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ନିର୍ବାହ କରାଯାଏ:

- କମ୍ପାନୀ ଅଧିନିୟମ, 2013ର ଧାରା 143(5) ଅନୁଯାୟୀ ବୈଧାନିକ ସମୀକ୍ଷକମାନଙ୍କୁ ନିର୍ଦ୍ଦେଶ ଜାରି କରିବା; ଏବଂ

- କମ୍ପାନୀ ଅଧିନିୟମ, 2013ର ଧାରା 143(6) ଅନୁଯାୟୀ ବୈଧାନିକ ସମୀକ୍ଷକଙ୍କ ପ୍ରତିବେଦନକୁ ଅନୁପୂରକ କରିବା କିମ୍ବା ମତାମତ ଦେବା।

***(ଅନୁଚ୍ଛେଦ 1.7 ଏବଂ 1.10.2)***

ସମସ୍ତ 61ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ 15ଟି ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇଠାରୁ 2022-23 ବର୍ଷର ହିସାବ ବାକି ଥିଲା। ମୋଟ 11ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ ପାଞ୍ଚଟି ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ 30 ସେପ୍ଟେମ୍ବର 2023ରେ କିମ୍ବା ପୂର୍ବରୁ ସିଏଜିଙ୍କ ଦ୍ୱାରା ସମୀକ୍ଷା ପାଇଁ ସେମାନଙ୍କର ହିସାବ ଦାଖଲ କରିଥିଲେ। 50ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ 10ଟି ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ପାଇଁ ହିସାବଗୁଡିକ ବକେୟା ଥିଲା।

ଗୋଟିଏ ବୈଧାନିକ ନିଗମର ହିସାବ ଯଥା, 2020-21, 2021-22 ଏବଂ 2022-23 ବର୍ଷ ପାଇଁ ଓଡିଶା ରାଜ୍ୟ ପଣ୍ୟାଗାର ନିଗମ ଏବଂ 2021-22 ଏବଂ 2022-23 ବର୍ଷ ପାଇଁ ଓଡିଶା ରାଜ୍ୟ ସଡକ ପରିବହନ ନିଗମ ଏବଂ 2022-23 ବର୍ଷ ପାଇଁ ଓଡିଶା ରାଜ୍ୟ ଅର୍ଥ ନିଗମର ହିସାବଗୁଡିକ 30 ସେପ୍ଟେମ୍ବର 2023 ସୁଦ୍ଧା ବକେୟା ଥିଲା।

ହିସାବଗୁଡିକ ଚୂଡାନ୍ତ କରିବାରେ ବିଳମ୍ବ ହେଲେ, ସମ୍ପୃକ୍ତ ଆଇନ ବ୍ୟବସ୍ଥାର ଉଲ୍ଲଙ୍ଘନ ବ୍ୟତୀତ ଠକେଇ ଏବଂ ସାଧାରଣଙ୍କ ଟଙ୍କା କ୍ଷତି ହେବାର ଆଶଙ୍କା ରହିଥାଏ। ସରକାର, ଏସ୍‌ପିଏସ୍‌ଇଗୁଡିକର ହିସାବ ପ୍ରସ୍ତୁତ କରିବାରେ

ଥିବା ପ୍ରତିବନ୍ଧକକୁ ଅନୁଧ୍ୟାନ କରିପାରନ୍ତି ଏବଂ ବକେୟା ହିସାବକୁ ସମାପ୍ତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଇପାରନ୍ତି।

***(ଅନୁଚ୍ଛେଦ 1.9.2)***

ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ଆର୍ଥିକ ବିବରଣୀଗୁଡିକର ସମୀକ୍ଷା ପରେ 01 ଅକ୍ଟୋବର 2022ରୁ 30 ସେପ୍ଟେମ୍ବର 2023 ମଧ୍ୟରେ ପ୍ରାପ୍ତ ହୋଇଥିବା ଆର୍ଥିକ ବିବରଣୀଗୁଡିକ ମଧ୍ୟରୁ, ସିଏଜି ମନୋନୀତ ସରକାରୀ କମ୍ପାନୀ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ଆର୍ଥିକ ବିବରଣୀର ପରିପୂରକ ସମୀକ୍ଷା କରିଥିଲେ। ଏସ୍‌ପିଏସ୍‌ଇ ଉପରେ ବୈଧାନିକ ସମୀକ୍ଷକଙ୍କ ପ୍ରତିବେଦନର ପରିପୂରକ ଭାବରେ ଜାରି କରାଯାଇଥିବା ସିଏଜିଙ୍କ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟର ପ୍ରଭାବ ଲାଭଦାୟକତା ଉପରେ 166.61 କୋଟି ଟଙ୍କା ଥିଲା ଏବଂ ସମ୍ପତ୍ତି ଓ ଦାୟିତ୍ୱ ଉପରେ 480.08 କୋଟି ଟଙ୍କା ଥିଲା।

ଏହାବ୍ୟତୀତ, କମ୍ପାନୀର ବାର୍ଷିକ ସାଧାରଣ ବୈଠକରେ ଆର୍ଥିକ ବିବରଣୀ ଉପସ୍ଥାପନା କରିବା ପୂର୍ବରୁ ଓଡିଶା କୋଇଲା ଏବଂ ବିଦ୍ୟୁତ୍ ଲିମିଟେଡ୍‌ର 2022-23 ବର୍ଷ ପାଇଁ ବୈଧାନିକ ସମୀକ୍ଷକଙ୍କ ପ୍ରତିବେଦନକୁ ସଂଶୋଧନ କରାଯାଇଥିଲା।

***(ଅନୁଚ୍ଛେଦ 1.11.1 ଏବଂ 1.11.2)***

## କର୍ପୋରେଟ୍ ଶାସନ

ସ୍ୱାଧୀନ ନିର୍ଦ୍ଦେଶକ ନିଯୁକ୍ତି ପାଇଁ ଆବଶ୍ୟକ 27ଟି ଏସ୍‌ପିଏସ୍‌ଇ ମଧ୍ୟରୁ, ପାଞ୍ଚଟିର ବୋର୍ଡରେ 2022-23 ଆର୍ଥିକ ବର୍ଷରେ ବାଧ୍ୟତାମୂଳକ ସର୍ବନିମ୍ନ ଦୁଇଜଣ ସ୍ୱାଧୀନ ନିର୍ଦ୍ଦେଶକ ନଥିଲେ।

21ଟି ଏସ୍‌ପିଏସ୍‌ଇମାନଙ୍କର ବୋର୍ଡରେ ଜଣେ ମହିଳା ନିର୍ଦ୍ଦେଶକ ରହିବା ଆବଶ୍ୟକ ଥିଲା, କିନ୍ତୁ ନଅଟି ଏସ୍‌ପିଏସ୍‌ଇ 2022-23ରେ ଏହି ଆବଶ୍ୟକତାକୁ ପାଳନ କରିନଥିଲେ।

***(ଅନୁଚ୍ଛେଦ 1.17)***

କମ୍ପାନୀ ଅଧିନିୟମ, 2013ର ଧାରା 173(1) ଅନୁଯାୟୀ ପ୍ରତ୍ୟେକ କମ୍ପାନୀ ପ୍ରତିବର୍ଷ ଏହାର ନିର୍ଦ୍ଦେଶକ ମଣ୍ଡଳୀର ସର୍ବନିମ୍ନ ଚାରୋଟି ବୈଠକ ଏପରି ଭାବରେ କରିବେ ଯେ ବୋର୍ଡର ଦୁଇଟି କ୍ରମାଗତ ବୈଠକ ମଧ୍ୟରେ 120 ଦିନରୁ ଅଧିକ ସମୟ ରହିବ ନାହିଁ। 51ଟି କାର୍ଯ୍ୟକ୍ଷମ ଏସ୍‌ପିଏସ୍‌ଇ ମଧ୍ୟରୁ, 20ଟି ଏସ୍‌ପିଏସ୍‌ଇ 2022-23 ମଧ୍ୟରେ ନିର୍ଦ୍ଦେଶକ ମଣ୍ଡଳୀର ବାଧ୍ୟତାମୂଳକ ଚାରୋଟି ବୈଠକ ପରିଚାଳନା କରିନଥିଲେ।

***(ଅନୁଚ୍ଛେଦ 1.20)***

କମ୍ପାନୀ ଅଧିନିୟମ, 2013ର ବ୍ୟବସ୍ଥା ଅନୁଯାୟୀ, 35ଟି ଏସ୍‌ପିଏସ୍‌ଇ ସମୀକ୍ଷା ସମିତି ଗଠନ କରିବାକୁ ବାଧ୍ୟ ଥିଲେ, ଯେଉଁଥିରୁ 32ଟି ଏସ୍‌ପିଏସ୍‌ଇ ସମୀକ୍ଷା ସମିତି ଗଠନ କରିଥିଲେ। ତଥାପି, ତିନୋଟି ଏସ୍‌ପିଏସ୍‌ଇ (ଓଡିଶା ପର୍ଯ୍ୟଟନ ବିକାଶ ନିଗମ ଲିମିଟେଡ୍, ଓଡିଶା ଗ୍ରାମ୍ୟ ଗୃହନିର୍ମାଣ ଓ ଉନ୍ନୟନ ନିଗମ ଏବଂ ଓଡିଶା କ୍ରୀଡା ବିକାଶ ଏବଂ ପ୍ରୋତ୍ସାହନ କମ୍ପାନୀ) ସମୀକ୍ଷା ସମିତି ଗଠନ କରିନଥିଲେ। 32ଟି ଏସ୍‌ପିଏସ୍‌ଇ ମଧ୍ୟରୁ, ତିନୋଟି ଏସ୍‌ପିଏସ୍‌ଇର ସମୀକ୍ଷା ସମିତି ଆଭ୍ୟନ୍ତରୀଣ ଆର୍ଥିକ ନିୟନ୍ତ୍ରଣ ପ୍ରଣାଳୀର ମୂଲ୍ୟାଙ୍କନ କରିନାହିଁ ଏବଂ ଗୋଟିଏ ଏସ୍‌ପିଏସ୍‌ଇ ଅର୍ଥାତ, ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ ବୈଧାନିକ ସମୀକ୍ଷକଙ୍କ କାର୍ଯ୍ୟଦକ୍ଷତା ଏବଂ ସମୀକ୍ଷା ପ୍ରକ୍ରିୟାର ପ୍ରଭାବଶୀଳତା ସମୀକ୍ଷା ଏବଂ ତଦାରଖ କରିନାହିଁ।

ମନୋନୟନ ଓ ପାରିଶ୍ରମିକ ସମିତି ଗଠନ କରିବା ପାଇଁ ଆବଶ୍ୟକ 27ଟି ଏସ୍‌ପିଏସ୍‌ଇ ମଧ୍ୟରୁ, 13ଟି କମ୍ପାନୀ 2022-23ରେ ସମିତି ଗଠନ କରିନଥିଲେ।

***(ଅନୁଚ୍ଛେଦ 1.21.1ରୁ 1.21.4)***

## କର୍ପୋରେଟ୍ ସାମାଜିକ ଦାୟିତ୍ୱ

କମ୍ପାନୀ ଅଧିନିୟମ, 2013ର ଧାରା 135(1)ର ବ୍ୟବସ୍ଥା ଅନୁଯାୟୀ 16ଟି ଏସ୍‌ପିଏସ୍‌ଇ ସିଏସ୍‌ଆର୍ ସମିତି ଗଠନ କରିବାକୁ ବାଧ ଥିଲେ। ସମସ୍ତ 16ଟି ଏସ୍‌ପିଏସ୍‌ଇ ସିଏସ୍‌ଆର ସମିତି ଗଠନ କରିଥିଲେ। 16ଟି ଏସ୍‌ପିଏସ୍‌ଇ ମଧ୍ୟରୁ, ତିନୋଟି ଏସ୍‌ପିଏସ୍‌ଇର ସିଏସ୍‌ଆର୍ ନୀତି ନଥିଲା, ଛଅଟି ଏସ୍‌ପିଏସ୍‌ଇ ସିଏସ୍‌ଆର୍ ଯୋଜନା ପ୍ରସ୍ତୁତ କରିନଥିଲେ ଏବଂ ପାଞ୍ଚଟି ଏସ୍‌ପିଏସ୍‌ଇ 2022-23 ବର୍ଷ ପାଇଁ ସିଏସ୍‌ଆର୍ ବଜେଟ୍ ପ୍ରସ୍ତୁତ କରିନଥିଲେ। ସିଏସ୍‌ଆର୍ ଖର୍ଚ୍ଚ ସମ୍ପର୍କରେ, 12ଟି ଏସ୍‌ପିଏସ୍‌ଇ ଦ୍ୱାରା ଆବଶ୍ୟକୀୟ 58.67 କୋଟି ଟଙ୍କା ଖର୍ଚ୍ଚ ବିରୁଦ୍ଧରେ ପ୍ରକୃତ ଖର୍ଚ୍ଚ 61.24 କୋଟି ଟଙ୍କା ଥିଲା। ତଥାପି, 12ଟି ଏସ୍‌ପିଏସ୍‌ଇ ମଧ୍ୟରୁ, ସିଏସ୍‌ଆର୍ କାର୍ଯ୍ୟକଳାପ ପାଇଁ 9.50 କୋଟି ଟଙ୍କା ଖର୍ଚ୍ଚ ଆବଶ୍ୟକ କରୁଥିବା ପାଞ୍ଚଟି ଏସ୍‌ପିଏସ୍‌ଇ 2.97 କୋଟି ଟଙ୍କା ଖର୍ଚ୍ଚ କରିଥିଲେ ଏବଂ 6.53 କୋଟି ଟଙ୍କା ଖର୍ଚ୍ଚ ହୋଇ ନଥିଲା।

***(ଅନୁଚ୍ଛେଦ 1.25, 1.26, 1.27, 1.30.1 ଏବଂ 1.30.2)***

## ଓଡିଶା ଖଣି ନିଗମ ଲିମିଟେଡ୍‌ର କାର୍ଯ୍ୟକଳାପ ଉପରେ କାର୍ଯ୍ୟଦକ୍ଷତା ସମୀକ୍ଷା

- ଓଡିଶାକୁ ଏକ ଖଣିଜ ସମୃଦ୍ଧ ରାଜ୍ୟ ଭାବରେ ବିବେଚନା କରାଯାଏ ଯାହାର, ଦେଶରେ 53 ପ୍ରତିଶତ ଲୁହାପଥର, 73 ପ୍ରତିଶତ ବକ୍ସାଇଟ୍ ଏବଂ 100 ପ୍ରତିଶତ କ୍ରୋମାଇଟ୍ ଖଣିଜ ମହଜୁଦ ଅଛି। ଖଣି କ୍ଷେତ୍ର ମୋଟ ରାଜ୍ୟ ମୂଲ୍ୟ ସଂଯୋଜିତ (ଜିଏସ୍‌ଭିଏ)ର 10.8 ପ୍ରତିଶତ ଅବଦାନ ରଖିଛି। ଓଡିଶା ଖଣି ନିଗମ ଲିମିଟେଡ୍ (ଓଏମ୍‌ସି), ଏହି କ୍ଷେତ୍ରରେ ଏକମାତ୍ର ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ ହୋଇଥିବାରୁ ରୟାଲ୍ଟି, ଲାଭାଂଶ ଇତ୍ୟାଦି ଦୃଷ୍ଟିରୁ ରାଜ୍ୟ ରାଜସ୍ୱରେ ଏହାର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଓଡିଶା ସରକାରଙ୍କଠାରୁ ଖଣି ଲିଜ ପ୍ରାପ୍ତ କରେ ଏବଂ ଖଣିଜ ଖନନ କାର୍ଯ୍ୟ କରେ, ତାହାକୁ ପ୍ରକ୍ରିୟାକରଣ କରି ବିକ୍ରୟଯୋଗ୍ୟ କରିବା ଏବଂ ବିକ୍ରୟ କରିବା ଭଳି ଖଣି କାର୍ଯ୍ୟ କରେ। ଏହାର ପ୍ରତ୍ୟେକ କାର୍ଯ୍ୟକଳାପରେ, ଏହାକୁ ଜଙ୍ଗଲ ସଂରକ୍ଷଣ ଅଧିନିୟମ, 1980, ଖଣି ଏବଂ ଖଣିଜ (ଏମ୍‌ଏମ୍‌ଡିଆର୍) ଅଧିନିୟମ, 1957, ଖଣିଜ ରିହାତି ଅଧିନିୟମ, 1960, ପ୍ରାଚୀନ ସ୍ମାରକୀ ଏବଂ ପ୍ରତ୍ନତାତ୍ତ୍ୱିକ ସ୍ଥଳ ଏବଂ ଅବଶେଷ (ଏଏମ୍‌ଏବଂଏସ୍‌ଏଆର୍) ଅଧିନିୟମ, ପ୍ରଦୂଷଣ ନିବାରଣ ଅଧିନିୟମ, 1986 ଇତ୍ୟାଦି ଅଧିନିୟମର ବ୍ୟବସ୍ଥା ପାଳନ କରିବାକୁ ପଡେ।

***(ଅନୁଚ୍ଛେଦ 2.1)***

- ଖଣିକାର୍ଯ୍ୟ ପାଇଁ ଦକ୍ଷ ଏବଂ ପ୍ରଭାବଶାଳୀ ଯୋଜନା ହୋଇଛି କି ନାହିଁ; ଖଣିଜ ପଦାର୍ଥର ଉତ୍ପାଦନ ଏବଂ ବିକ୍ରୟ ଏକ ମିତବ୍ୟୟୀ; ଦକ୍ଷ ଏବଂ ପ୍ରଭାବଶାଳୀ ଉପାୟରେ କରାଯାଉଥିଲା; ଆର୍ଥିକ ପରିଚାଳନା ପ୍ରଭାବଶାଳୀ ଥିଲା ଏବଂ ପର୍ଯ୍ୟାଲୋଚନା ଓ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା ପର୍ଯ୍ୟାପ୍ତ ଏବଂ ପ୍ରଭାବଶାଳୀ ଥିଲା ଇତ୍ୟାଦି ନିର୍ଦ୍ଧାରଣ କରିବା ପାଇଁ ଓଏମ୍‌ସିର କାର୍ଯ୍ୟକଳାପ ଉପରେ ଏକ କାର୍ଯ୍ୟଦକ୍ଷତା ସମୀକ୍ଷା କରାଯାଇଥିଲା।

***(ଅନୁଚ୍ଛେଦ 2.4)***

- ଏପର୍ଯ୍ୟନ୍ତ ଓଏମ୍‌ସି ପାଖରେ 36ଟି ଖଣି ଲିଜ୍ ଅଛି ଯେଉଁଥିରୁ 18ଟି କାର୍ଯ୍ୟକ୍ଷମ ଅଛି। ବାକି 18ଟି ଖଣି ଛଅରୁ 35 ବର୍ଷରୁ ଅଧିକ ସମୟ ଧରି ନିଷ୍କ୍ରିୟ ରହିଛି, ଯେଉଁଥିରେ ପାଞ୍ଚଟି ଖଣି ଅନ୍ତର୍ଭୁକ୍ତ ଯାହା ଓଏମ୍‌ସିର ପ୍ରତିଷ୍ଠାଠାରୁ ନିଷ୍କ୍ରିୟ ରହିଛି। ଅଚଳ ଲିଜ୍ ସମ୍ପର୍କରେ, ଏହା ଦେଖାଯାଇଥିଲା ଯେ, ଜଙ୍ଗଲ ଅନୁମୋଦନ ପାଇଁ, ଜଙ୍ଗଲ ପରିବର୍ତ୍ତନ ପ୍ରସ୍ତାବ (ଏଫ୍‌ଡିପି) ଦାଖଲ କରିବାରେ ମୁଖ୍ୟତଃ ବିଳମ୍ବ ଥିଲା। ବିଳମ୍ବ ମୁଖ୍ୟତଃ ଆବଶ୍ୟକୀୟ ଔପଚାରିକତା ପାଳନ ନକରିବା, ଯଥା: ଜଙ୍ଗଲ ଜମିର ମିଳିତ ଯାଞ୍ଚକୁ ଚୂଡାନ୍ତ କରିବା, ଭୂମି ବ୍ୟବହାର ଯୋଜନାକୁ ଚୂଡାନ୍ତ କରିବାରେ ବିଳମ୍ବ, ଖଣିଜ ସଂରକ୍ଷଣର ମୂଲ୍ୟାଙ୍କନର ଅଭାବ ଏବଂ ବନ ବିଭାଗର ନିର୍ଦ୍ଦେଶ ପାଳନ କରିବାରେ ବିଳମ୍ବ ଯୋଗୁଁ ହୋଇଥିଲା। ଏହି

ପ୍ରକ୍ରିୟାରେ, ଓଏମ୍‌ସିକୁ 2018-23 ମଧ୍ୟରେ ଏହି ନିଷ୍କ୍ରିୟ ଖଣିଗୁଡ଼ିକର ଭୂପୃଷ୍ଠ ଭଡା/ଜଳ କର ବାବଦକୁ 9.09 କୋଟି ଟଙ୍କା ଏବଂ ଜଗାରଖା ଏବଂ ସୁରକ୍ଷା ଇତ୍ୟାଦି ସମେତ ମାନବସମ୍ବଳ ଖର୍ଚ୍ଚ ବାବଦକୁ 154.27 କୋଟି ଟଙ୍କା ଦେବାକୁ ପଡିଥିଲା। ଏହା ଉଲ୍ଲେଖ କରିବା ପ୍ରାସଙ୍ଗିକ ଯେ, ନିଷ୍କ୍ରିୟ ଖଣି ସମ୍ପର୍କରେ ସମାନ ପ୍ରସଙ୍ଗ ସିଏଜିଙ୍କ 2017 ବର୍ଷର ସମୀକ୍ଷା ପ୍ରତିବେଦନ ସଂଖ୍ୟା 5ରେ ଉଲ୍ଲେଖ କରାଯାଇଥିଲା, ଯେଉଁଥିରେ 2012-17 ମଧ୍ୟରେ ଭୂପୃଷ୍ଠ ଭଡା ଏବଂ ଜଗାରଖା ଖର୍ଚ୍ଚ ପ୍ରଦାନକୁ ଦର୍ଶାଯାଇଥିଲା। ଏହା ସତ୍ତ୍ୱେ, ଓଏମ୍‌ସି ସଂଶୋଧନମୂଳକ ପଦକ୍ଷେପ ନେଇ ନଥିଲା ଏବଂ 2018-23 ଅବଧି ମଧ୍ୟରେ 163.36 କୋଟି ଟଙ୍କା ପରିହାର୍ଯ୍ୟ ଖର୍ଚ୍ଚ କରିଚାଲିଥିଲା।

*(ଅନୁଚ୍ଛେଦ 2.8.1)*

- ଏମ୍‌ଏମ୍‌ଡିଆର୍, ନିୟମ, 2015 ଅନୁଯାୟୀ, 12 ଜାନୁଆରୀ 2015 ପୂର୍ବରୁ ସରକାରୀ କମ୍ପାନୀଗୁଡ଼ିକୁ ଦିଆଯାଇଥିବା ଖଣି ଲିଜ୍ 50 ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ମନେ କରାଯାଇଥିଲା ଏବଂ 2021 ସଂଶୋଧନରେ ଦେୟ ରୟାଲ୍‌ଟିର 150 ପ୍ରତିଶତ ଅତିରିକ୍ତ ପରିମାଣର ଦେୟ ଦେବାକୁ ବାଧ୍ୟତାମୂଳକ କରାଯାଇଥିଲା। ତଦନୁସାରେ, ଓଡ଼ିଶା ସରକାର ଉଞ୍ଚାବାଲି ଲୁହାଖଣି ଲିଜ୍‌ର ଅବଧିକୁ 20ରୁ 50 ବର୍ଷ (2008ରୁ 2058)କୁ ବୃଦ୍ଧି କରିଥିଲେ, ଯାହା ଓଏମ୍‌ସି ଦ୍ୱାରା ଜୁନ୍ 2028ରୁ ଜୁନ୍ 2058 ପର୍ଯ୍ୟନ୍ତ ବର୍ଦ୍ଧିତ ଅବଧି ପାଇଁ ଏକ ପରିପୂରକ ଲିଜ୍ ଡିଡ୍ କାର୍ଯ୍ୟକାରୀ କରିବା ଉପରେ ନିର୍ଭର କରେ, ଯାହା ଓଏମ୍‌ସି ଦ୍ୱାରା ଫେବୃୟାରୀ 2022ରେ କରାଯାଇଥିଲା। ସମୀକ୍ଷା ବିଶ୍ଳେଷଣରୁ ଦେଖାଗଲା ଯେ, 2018-19 ସୁଦ୍ଧା 10.56 ଏମ୍‌ଏମ୍‌ଟି ଖନନଯୋଗ୍ୟ ସଂରକ୍ଷଣ ଥିଲା ଏବଂ 01 ଏମ୍‌ଏମ୍‌ଟି ଉତ୍ପାଦନ କ୍ଷମତା (ପରିବେଶ ମଞ୍ଜୁରୀ ଅନୁଯାୟୀ) ଉପରେ ଆଧାର କରି, ଏହି ସଂରକ୍ଷଣ 2028 ସୁଦ୍ଧା ଶେଷ ହୋଇଯିବ, ଯାହାଫଳରେ ଏହି ସମ୍ପ୍ରସାରଣ ଅନାବଶ୍ୟକ ହୋଇଯିବ। ପରିପୂରକ ଲିଜ୍ ଡିଡ୍ କାର୍ଯ୍ୟକାରୀ ହେବା ଫଳରେ 2022-23ରେ ଅତିରିକ୍ତ ରୟାଲଟି, ଷ୍ଟାମ୍ପ ଶୁଳ୍କ ଏବଂ ପଞ୍ଜିକରଣ ପାଇଁ 85.21 କୋଟି ଟଙ୍କାର ପରିହାର୍ଯ୍ୟ ଖର୍ଚ୍ଚ ହୋଇଥିଲା ଏବଂ 2028 ପର୍ଯ୍ୟନ୍ତ ରୟାଲ୍‌ଟି ଦେୟରେ 232 କୋଟି ଟଙ୍କାର ଦାୟିତ୍ୱ ବୃଦ୍ଧି ପାଇଥିଲା।

*(ଅନୁଚ୍ଛେଦ 2.8.2)*

- ଖଣି ଖନନ ଏକ କୁଶଳୀ କାର୍ଯ୍ୟ ଯେଉଁଥିରେ ଅତ୍ୟଧିକ ଓଭରବର୍ଡେନ ଅପସାରଣ କରିବା, ତା'ପରେ ଖଣିଜ ଖନନ କରିବା, ବିକ୍ରୟଯୋଗ୍ୟ କରିବା ପାଇଁ ସେଗୁଡ଼ିକୁ ଚୂର୍ଣ୍ଣ କରିବା/ପ୍ରକ୍ରିୟାକରଣ କରିବା ଅନ୍ତର୍ଭୁକ୍ତ। ଏହି ସମସ୍ତ କାର୍ଯ୍ୟକଳାପ ପୁଣି ଥରେ ଭାରତୀୟ ଖଣି ବ୍ୟୁରୋ (ଆଇବିଏମ୍) ଦ୍ୱାରା ଅନୁମୋଦିତ ଖଣି ଯୋଜନା, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଏମ୍‌ଓଇଏଫ୍‌ଆଣ୍ଡସିସି) ଦ୍ୱାରା ପ୍ରଦାନ କରାଯାଇଥିବା ପରିବେଶଗତ ମଞ୍ଜୁରୀ (ଇସି)ରେ ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ଦ୍ୱାରା ଜାରି କରାଯାଇଥିବା ପରିଚାଳନା ପାଇଁ ସମ୍ମତି (ସିଟିଓ) ସହିତ ଅନୁପାଳନ ଉପରେ ନିର୍ଭର କରେ।

- 2018-23 ମଧ୍ୟରେ ଅନୁମୋଦିତ ଖଣି ଯୋଜନା ବିରୁଦ୍ଧରେ ଖଣିଜ ଉତ୍ପାଦନରେ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଦେଖାଦେଇଥିଲା। ଲୁହାପଥର ଉତ୍ପାଦନ ବଜେଟ ଆକଳନଠାରୁ 15ରୁ 88 ପ୍ରତିଶତ, କ୍ରୋମପଥର 28ରୁ 75 ପ୍ରତିଶତ ଏବଂ ବକ୍ସାଇଟ୍ 39 ପ୍ରତିଶତ ହ୍ରାସ ପାଇଛି।

- ଦୈତାରୀ ଲୁହା ଖଣି କ୍ଷେତ୍ରରେ ଏମ୍‌ଓଇଏଫ୍‌ଆଣ୍ଡସିସି ଜୁଲାଇ 2021ରେ ଏକ ବର୍ଷ ପାଇଁ ପରିବେଶ ମଞ୍ଜୁରୀ ତିନି ଏମ୍‌ଟିପିଏରୁ ଛଅ ଏମ୍‌ଟିପିଏକୁ ବୃଦ୍ଧି କରିଥିଲା, କିନ୍ତୁ ଓଏମ୍‌ସି ପରିଚାଳନା ପାଇଁ ସମ୍ମତି (ସିଟିଓ) ଆବେଦନ ଦାଖଲ କରିବାରେ 39 ଦିନ ବିଳମ୍ବ କରିଥିଲା ଏବଂ ଏସ୍‌ପିସିବି ସହିତ ସକ୍ରିୟ ଭାବରେ ମାମଲାଟିକୁ ଅନୁସରଣ କରିନଥିଲା, ଯାହା ଫଳରେ ସିଟିଓ ମଞ୍ଜୁରୀ ନଭେମ୍ବର 2021ରେ ମିଳିଲା। ଫଳସ୍ୱରୂପ, ଅବଶିଷ୍ଟ ଆଠ ମାସ (ନଭେମ୍ବର 2021- ଜୁଲାଇ 2022) ମଧ୍ୟରେ ଅତିରିକ୍ତ

ତିନି ଏମ୍‌ଟିପିଏ ମଧ୍ୟରୁ ଓଏମ୍‌ସି କେବଳ ଦୁଇ ଏମ୍‌ଟିପିଏ ବ୍ୟବହାର କରିପାରିଲା, ଯାହା ଫଳରେ ଗୋଟିଏ ଏମ୍‌ଟିପିଏ ହ୍ରାସ ପାଇଲା ଏବଂ 606.43 କୋଟି ଟଙ୍କାର ସମ୍ଭାବ୍ୟ ରାଜସ୍ୱ କ୍ଷତି ହେଲା।

***(ଅନୁଚ୍ଛେଦ 2.9.1 ଏବଂ 2.9.2)***

- 14ଟି ଖଣି କ୍ଷେତ୍ରରେ, ପରିବେଶ ମଞ୍ଜୁରୀ ଅନୁଯାୟୀ ଅନୁମତି ପ୍ରାପ୍ତ ପରିମାଣଠାରୁ ଅଧିକ 29.47 ଏମ୍‌ଏମ୍‌ଟି ଖଣିଜ ପଦାର୍ଥ ଉତ୍ପାଦନ କରାଯାଇଥିଲା କିମ୍ବା ପରିବେଶ ମଞ୍ଜୁରୀ ବିନା ଉତ୍ତୋଳନ କରାଯାଇଥିଲା। ଏହି କାରଣରୁ, 2017-22 ଅବଧିରେ, ଓଏମ୍‌ସି ଦ୍ୱାରା ଇସ୍ପାତ ଏବଂ ଖଣି ବିଭାଗ, ଓଡିଶା ସରକାରଙ୍କୁ 3,761.88 କୋଟି ଟଙ୍କାର ଜୋରିମାନା ଦିଆଯାଇଥିଲା। ଏହା ମଧ୍ୟ ଲକ୍ଷ୍ୟ କରାଯାଇଥିଲା ଯେ ଓଏମ୍‌ସି 2018-23 ମଧ୍ୟରେ ସିଟିଓ ଏବଂ ଖଣି ଯୋଜନା ଅନୁଯାୟୀ ଅନୁମୋଦିତ ପରିମାଣରୁ ଆଠଟି ଖଣିରୁ ଅଧିକ 5.56 ନିୟୁତ ଏମ୍‌ଟି (ଏମ୍‌ଏମ୍‌ଟି) ଖଣିଜ ପଦାର୍ଥ ଉତ୍ପାଦନ ପାଇଁ 602.27 କୋଟି ଟଙ୍କା ଦେଇଥିଲା।

***(ଅନୁଚ୍ଛେଦ 2.9.3.1)***

- ସମୀକ୍ଷାରେ ଦେଖାଗଲା ଯେ, 2018-23 ଅବଧି ମଧ୍ୟରେ 12ଟି ନମୁନା ଖଣି ମଧ୍ୟରୁ ସାତୋଟି ଖଣିରେ ଏମ୍‌ଓଇଏଫ୍‌ଆଣ୍ଡସିସି ଦ୍ୱାରା ଜାରି କରାଯାଇଥିବା ବୈଧାନିକ ମଞ୍ଜୁରୀରେ, ବାୟୁ ପ୍ରଦୂଷଣ ସମ୍ବନ୍ଧୀୟ ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ପାଳନ କରାଯାଇନଥିଲା। ଅନୁପାଳନ ନକରିବା ମଧ୍ୟରେ ବାୟୁ ଗୁଣବତ୍ତା ଯାଞ୍ଚର ନିର୍ଦ୍ଧାରିତ ଫ୍ରିକ୍ୱେନ୍ସିରେ ଅଭାବ, ଆବଶ୍ୟକୀୟ ଉପକରଣ ସଂସ୍ଥାପନ ନକରିବା ଏବଂ ଅନ୍ୟାନ୍ୟ ତ୍ରୁଟି ଅନ୍ତର୍ଭୁକ୍ତ। ଅଧିକନ୍ତୁ, 12ଟି ନମୁନା ଯାଞ୍ଚ କରାଯାଇଥିବା ଖଣି ମଧ୍ୟରୁ ନଅଟି ଖଣିରେ, ଜଳ ଏବଂ ଶବ୍ଦ ପ୍ରଦୂଷଣ ସମ୍ବନ୍ଧୀୟ ଆଇନଗତ ବ୍ୟବସ୍ଥା ପାଳନ ନକରିବାର ଉଦାହରଣ ମଧ୍ୟ ଲକ୍ଷ୍ୟ କରାଯାଇଥିଲା।

***(ଅନୁଚ୍ଛେଦ 2.9.3.4)***

- ଅନୁମୋଦିତ ଖଣି ବନ୍ଦ ଯୋଜନା ଅନୁଯାୟୀ 2020-23 ମଧ୍ୟରେ ଜିଲିଙ୍ଗ-ଲଙ୍ଗଲୋଟା ଲୁହା ପଥର ଖଣିର 2,01,447 ବର୍ଗ ମିଟର ଏବଂ ବାଙ୍ଗୁର କ୍ରୋମାଇଟ୍ ଖଣି ପାଇଁ 1,42,000 ଘନ ମିଟର (ସିବିଏମ୍) ଜମିର ଗୁଣବତ୍ତା ପୁନଃ ସ୍ଥାପନ କରିବା ପାଇଁ ଭୂମି ପୁନରୁଦ୍ଧାର ନିର୍ଦ୍ଧାରିତ କରାଯାଇଥିଲା। ଅଥଚ, ଖଣି ବନ୍ଦ ଯୋଜନାରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ତୁଳନାରେ ଓଏମ୍‌ସି ଯଥାକ୍ରମେ 51,000 ବର୍ଗମିଟର (25 ପ୍ରତିଶତ) ଏବଂ 24,957 ଘନ ମିଟର (18 ପ୍ରତିଶତ) ଜମି ପୁନରୁଦ୍ଧାର କରିପାରିଥିଲେ। ଏହି ଅଭାବ କେବଳ ନିର୍ଦ୍ଧାରିତ ଖଣି ଯୋଜନାକୁ ଉଲ୍ଲଙ୍ଘନ କରିନଥିଲା ବରଂ ବନୀକରଣ ଏବଂ ବୃକ୍ଷରୋପଣ ଭଳି ଉତ୍ପାଦନ ବ୍ୟବହାର ପାଇଁ ଜମିର ଗୁଣବତ୍ତାର ପୁନରୁଦ୍ଧାରକୁ ମଧ୍ୟ ବାଧା ଦେଇଥିଲା।

***(ଅନୁଚ୍ଛେଦ 2.9.3.5)***

- ବୈଧାନିକ ପାରାମିଟର ଅନୁସାରେ ଖଣିଜ ପଦାର୍ଥ ଷ୍ଟାକିଂରେ ତ୍ରୁଟି ଥିଲା। ଉଦାହରଣ ସ୍ୱରୂପ, ଗନ୍ଧମାର୍ଦ୍ଦନ ବି, କୁର୍ମିତାର, ଝିଲିଙ୍ଗ୍ ଏବଂ ତିରିଂପାହାର ଖଣି କ୍ଷେତ୍ରରେ, ଓଏମ୍‌ସି ଷ୍ଟାକିଂ ଉଦ୍ଦେଶ୍ୟରେ ସେମାନଙ୍କର ଗ୍ରେଡ୍ ଅନୁସାରେ ଖଣିଜ ପଦାର୍ଥକୁ ପୃଥକ କରିନଥିଲା। ତେଣୁ, ଏହାର ସର୍ବୋଚ୍ଚ ଗ୍ରେଡ୍ ଖଣିଜ ଦେୟ ହାରରେ ରୟାଲଟି ଦେବାକୁ ପଡିଲା। ଫଳସ୍ୱରୂପ, ଆବଶ୍ୟକୀୟ ପୃଥକୀକରଣ ନକରି ଷ୍ଟାକିଂ କରିବା ଦ୍ୱାରା, 2018-23 ମଧ୍ୟରେ ଓଏମ୍‌ସିକୁ 938.52 କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ଦେବାକୁ ପଡିଥଲା।

***(ଅନୁଚ୍ଛେଦ 2.9.5.2)***

- ପରିମାଣ ଏବଂ ଗୁଣବତ୍ତା ଦୃଷ୍ଟିରୁ ଉତ୍ପାଦନ ସ୍ତରର ଉନ୍ନତି ପାଇଁ, ଓଏମ୍‌ସି 5,495.90 କୋଟି ଟଙ୍କା ନିବେଶ ସହିତ ଛଅଟି ପୁଞ୍ଜି ପ୍ରକଳ୍ପ କାର୍ଯ୍ୟକାରୀ କରୁଥିଲା। ସେଥିମଧ୍ୟରୁ, କେବଳ ଦୁଇଟି (ନୂତନ

ସିଓବିପିର ଅବଶିଷ୍ଟ କାର୍ଯ୍ୟ ଏବଂ ଦକ୍ଷିଣ କାଳିଆପାଣି ସିଓବିପି ପାଇଁ ଟେଲିଂ ପୋଖରୀ) ସମ୍ପୂର୍ଣ୍ଣ ହୋଇଥିଲା ଓ ଅନ୍ୟଗୁଡିକ ପ୍ରଗତିରେ ଥିଲା। ତଥାପି, ଉପଯୁକ୍ତ ଯୋଜନା ଅଭାବରୁ, ସମାପ୍ତ ପ୍ରକଳ୍ପଗୁଡିକୁ ମଧ୍ୟ କାର୍ଯ୍ୟକ୍ଷମ କରାଯାଇ ପାରିଲା ନାହିଁ। ଉଦାହରଣ ସ୍ୱରୂପ, ଅପ୍ରେଲ 2023ରେ ସମାପ୍ତ ହୋଇଥିବା କ୍ରୋମପଥର ପ୍ରକ୍ରିୟାକରଣ କାରଖାନା, କୌଣସି ସେବା ପ୍ରଦାନକାରୀ ସହିତ ପରିଚାଳନା ଓ ରକ୍ଷଣାବେକ୍ଷଣ ଚୁକ୍ତିନାମା କାର୍ଯ୍ୟକାରୀ ନହେବା ଯୋଗୁ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ଫଳସ୍ୱରୂପ, ଓଏମ୍‌ସି ସବ୍‌ଗ୍ରେଡ୍ ଖଣିଜରୁ ଗୁଣାତ୍ମକ ଖଣିଜ ଉତ୍ପାଦନ କରିପାରିଲା ନାହିଁ ଏବଂ 2020-23 ମଧ୍ୟରେ 61.16 କୋଟି ଟଙ୍କା ରାଜସ୍ୱ ରୋଜଗାର କରିବାର ସୁଯୋଗ ହରାଇଲା।

***(ଅନୁଚ୍ଛେଦ 2.10.1 ଏବଂ 2.10.2)***

- 2009 ମସିହାରେ, ଓଏମ୍‌ସି ଦୈତାରୀ ଲୁହା ଖଣିରେ ଏକ ଖଣିଜ ହ୍ୟାଣ୍ଡଲିଙ୍ଗ୍ ପ୍ରକଳ୍ପକୁ ଅନୁମୋଦନ କରିଥିଲା ଯାହା ଦ୍ୱାରା ଖଣିର କ୍ରସିଂ, ସ୍କ୍ରିନିଂ, ପରିବହନ ଏବଂ ୱାଗନ ଲୋଡିଂ ପାଇଁ ଏକ ସମ୍ପୂର୍ଣ୍ଣ ଯାନ୍ତ୍ରିକ ପ୍ରଣାଳୀର ସ୍ଥାପନ କରାଯାଇପାରିବ। ଡିସେମ୍ବର 2019ରେ ଓଏମ୍‌ସି ଜାଣିପାରିଲା ଯେ ପ୍ଲାଣ୍ଟ ପ୍ରସ୍ତାବିତ ଯାଗା, ଅଲ୍ଟିମେଟ୍ ପିଟ୍ ଲିମିଟ୍ (ୟୁପିଏଲ୍) ସହିତ ଓଭରଲାପ୍ କରୁଛି, ଯାହା 6.37 ଏମ୍‌ଏମ୍‌ଟି ଖଣିଜ ପଦାର୍ଥ ଅବରୋଧ ହେବାର ଆଶଙ୍କା ସୃଷ୍ଟି କରିଛି। ଫଳସ୍ୱରୂପ, ଓଏମ୍‌ସି ଅକ୍ଟୋବର 2022ରେ 98.7 ହେକ୍ଟର ଜଙ୍ଗଲ ଜମି ସ୍ଥାନାନ୍ତର କରିଥିଲା। ଉଲ୍ଲେଖନୀୟ ଯେ, ପରାମର୍ଶଦାତାଙ୍କୁ ନିୟୋଜିତ କରିବା ପୂର୍ବରୁ ଜାନୁଆରୀ 2009ରେ ସାଧନ ନିର୍ଦ୍ଦେଶକମାନଙ୍କ ଦ୍ୱାରା ଏହି ସ୍ଥାନ ପ୍ରସ୍ତାବିତ କରାଯାଇଥିଲା, ଅଧ୍ୟୟନ ପୂର୍ବରୁ ସୂଚୀତ କରାଯାଇଥିଲା ଯେ, କ୍ରଶର ହାଉସ ୟୁପିଏଲ୍ ମଧ୍ୟରେ ପଡିଥାଏ। ଏହା ସତ୍ତ୍ୱେ, ଅବରୋଧିତ ଖଣିଜ ପଦାର୍ଥର କୌଣସି ମୂଲ୍ୟାୟନ କରାଯାଇ ନଥିଲା, ଯାହା ଦୁର୍ବଳ ଯୋଜନାକୁ ଦର୍ଶାଇଥିଲା ଏବଂ ଜଙ୍ଗଲ ଅନୁମତି, ଡିଜାଇନ୍ ଏବଂ ସମ୍ପର୍କିତ ଦେୟ ପାଇଁ 15.97 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହେଲା।

***(ଅନୁଚ୍ଛେଦ 2.10.4)***

- ଏହା ଦେଖାଯାଇଥିଲା ଯେ, ଚୁକ୍ତିନାମାର ଧାରାଗୁଡିକ ଓଏମ୍‌ସି ପାଇଁ ପ୍ରତିକୂଳ ଥିବାରୁ ଠିକାଦାରମାନଙ୍କୁ ଅନୁଚିତ ଆନୁକମ୍ପା ପ୍ରଦାନ କରାଯାଇଥିଲା। ଉଦାହରଣ ସ୍ୱରୂପ, ଦୈତାରୀ ଖଣିରେ ଓଏମ୍‌ସି ବିଦ୍ୟୁତର ବର୍ଦ୍ଧିତ ଶୁଳ୍କ ପାଇଁ 25.79 କୋଟି ଟଙ୍କା ଅତିରିକ୍ତ ଦେଇଥିଲା ଯାହା ପ୍ରକୃତ ବିଦ୍ୟୁତ ମୂଲ୍ୟଠାରୁ ଅଧିକ ଥିଲା। ଓଏମ୍‌ସି ସବ୍-ଗ୍ରେଡ୍ ପଥରକୁ ବିକ୍ରୟଯୋଗ୍ୟ ପଥର ଭାବେ ବିଚାର କରି ଖଣିଜ ଉତ୍ତୋଳନ ଖର୍ଚ୍ଚ ବାବଦରେ ଅତିରିକ୍ତ 32.64 କୋଟି ଟଙ୍କା ପ୍ରଦାନ କରିଥିଲା।

- ଡିସେମ୍ବର 2018ରୁ ଡିସେମ୍ବର 2019 ଅବଧି ମଧ୍ୟରେ, ଓଭରବର୍ଡନକୁ ଡମ୍ପ୍ ଯାଗାକୁ ନନେଇ ଖଣି ନଥିବା ଅଞ୍ଚଳରେ ଜମା କରାଯାଇଥିଲା। ଏହା ସତ୍ତ୍ୱେ, ଓଏମ୍‌ସି ପରିବହନ ଖର୍ଚ୍ଚ ବାଦ ନଦେଇ ଠିକାଦାରଙ୍କୁ ଦେୟ ପ୍ରଦାନ କରିଚାଲିଥିଲା, ଯାହା ଫଳରେ ଡିସେମ୍ବର 2017ରୁ ମାର୍ଚ୍ଚ 2023 ଅବଧି ପାଇଁ 6.18 କୋଟି ଟଙ୍କା ଅଧିକ ଦେୟ ପ୍ରଦାନ କରାଯାଇଥିଲା।

- ପରିବେଶ ମଞ୍ଜୁରୀ ପାଇବା ପୂର୍ବରୁ ମହାପର୍ବତ ଖଣିରେ ଖଣି ଖନନ କାର୍ଯ୍ୟ ପାଇଁ ଓଏମ୍‌ସି ଜୁନ୍ 2015ରେ ଏକ ଟେଣ୍ଡର ଡାକିଥିଲା, ଯାହାର କାର୍ଯ୍ୟାଦେଶ ସେପ୍ଟେମ୍ବର 2015ରେ ଦିଆଯାଇଥିଲା। କାର୍ଯ୍ୟାଦେଶ ଜାରି ହେବାର 62 ମାସ ପରେ ନଭେମ୍ବର 2020ରେ ପରିବେଶ ମଞ୍ଜୁର ମିଳିଥିଲା। ଇତିମଧ୍ୟରେ, ଓଏମ୍‌ସି ମାର୍ଚ୍ଚ 2019ରୁ ଇ-ରିଭର୍ସ ନିଲାମ ଆରମ୍ଭ କରିଥିଲା, ଯାହାଦ୍ୱାରା ଖଣିଜ ଉତ୍ତୋଳନ ଚୁକ୍ତିନାମା ମୂଲ୍ୟରେ 17-31 ପ୍ରତିଶତ ରିହାତି ମିଳିଥିଲା। ସମୀକ୍ଷାରେ ଦେଖାଗଲା ଯେ, ଯଦିଓ ଓଏମ୍‌ସି ପାଖରେ ଚୁକ୍ତିନାମା ସମାପ୍ତ କରିବାର ଚୁକ୍ତିଗତ ଅଧିକାର ଥିଲା, ଏହା ଇ-ରିଭର୍ସ ନିଲାମ ଅଧିନରେ ପୁନଃ ଟେଣ୍ଡର ପାଇଁ ମହାପର୍ବତ ଖଣିର କାର୍ଯ୍ୟାଦେଶକୁ ବାତିଲ କରିନଥିଲା, ଯାହା ଫଳରେ 10.66 କୋଟି ଟଙ୍କାର କ୍ଷତି ହୋଇଥିଲା।

***(ଅନୁଚ୍ଛେଦ 2.11.2, 2.11.5, 2.11.6 ଏବଂ 2.11.7)***

- 3.01 ଲକ୍ଷ ଏମ୍‌ଟି ଅଶୋଧିତ ସବ୍-ଗ୍ରେଡ୍ କ୍ରୋମ ପଥର ନିଲାମ ପାଇଁ ହିସାବ ଏବଂ ମୂଳ ମୂଲ୍ୟ ସ୍ଥିର କରିବାରେ ତ୍ରୁଟି ଯୋଗୁଁ 16.51 କୋଟି ଟଙ୍କା ରାଜସ୍ୱ ପ୍ରାପ୍ତିରୁ ବଞ୍ଚିତ ହୋଇଥିଲା ।

***(ଅନୁଚ୍ଛେଦ 2.12.3)***

- ସଦ୍ୟ ଆଦେଶ ବିରୁଦ୍ଧରେ ପରବର୍ତ୍ତୀ ସମୟରେ ଷ୍ଟକ୍ ଉଠାଇବା ବିରୁଦ୍ଧରେ ଉଠାଯାଇଥିବା ଷ୍ଟକ୍ ପାଇଁ ସରକାରଙ୍କୁ ଆଗୁଆ ପ୍ରଦାନ କରାଯାଇଥିବା ରୟାଲଟିକୁ ଓଏମ୍‌ସି ସମୟାନୁସାରେ ସମାୟୋଜନ କରିନଥିଲା । ଏହି ପ୍ରକ୍ରିୟାରେ ଅବରୋଧିତ ବାକି ରହିଥିବା ପରିମାଣ ଉପରେ 41.22 କୋଟି ଟଙ୍କାର ସୁଧ ରାଜସ୍ୱ ହରାଇଥିଲା ।

***(ଅନୁଚ୍ଛେଦ 2.13.1)***

- ଓଏମ୍‌ସି ଏପରି ଆର୍ଥିକ ରିସ୍କ ଗ୍ରହଣ କରିବା ପାଇଁ କୌଣସି ନୀତି ବିନା ଚାରୋଟି ବିଭିନ୍ନ ସଂସ୍ଥାକୁ 3,211.71 କୋଟି ଟଙ୍କାର ଆନ୍ତଃ ନିଗମ ଋଣ ପ୍ରଦାନ କରିଥିଲା । ଏହି ପରିମାଣ ମଧ୍ୟରୁ, 947.80 କୋଟି ଟଙ୍କା ଇଡ୍‌କଲ୍ ଦ୍ୱାରା ପୂର୍ବରୁ ଖିଲାପ କରାଯାଇଥିଲା ଯାହାକୁ ଓଏମ୍‌ସି ବୈଧାନିକ ଉଲ୍ଲଙ୍ଘନ ପାଇଁ ଜୋରିମାନା ପରିଶୋଧ ପାଇଁ ଋଣ ମାଧ୍ୟମରେ ସହାୟତା କରିଥିଲା । ଏହି ଚାରୋଟି ସଂସ୍ଥା ମଧ୍ୟରୁ, ଦୁଇଟି ଖିଲାପି ଏସ୍‌ପିଏସ୍‌ଇ ଯଥା: ଓଡିଶା ଶିଳ୍ପ ବିକାଶ ନିଗମ ଲିମିଟେଡ୍ (ଇଡ୍‌କଲ୍) ଏବଂ ଓଡିଶା ଖଣିଜ ଅନୁସନ୍ଧାନ ନିଗମ ଲିମିଟେଡ୍ (ଓଏମ୍‌ଇସିଏଲ୍), 2022-23 ମଧ୍ୟରେ ଓଏମ୍‌ସି ସହିତ ମିଶ୍ରଣ କରାଯାଇଥିଲା ।

***(ଅନୁଚ୍ଛେଦ 2.13.3 ଏବଂ 2.13.3.1)***

- ଦୂରଦୂରାନ୍ତ ଅଞ୍ଚଳରେ ବିସ୍ତାରିତ ଆଠଟି ଆଞ୍ଚଳିକ କାର୍ଯ୍ୟାଳୟର ଏତେ ବଡ ନେଟୱାର୍କ ଥିବା ଓଏମ୍‌ସିର ସ୍ଥାୟୀ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ଉପଯୁକ୍ତ ତଦାରଖ ପାଇଁ ପ୍ରଭାବଶାଳୀ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାର ଆବଶ୍ୟକ ରହିଛି । ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାରେ ଅନେକ ତ୍ରୁଟି ପରିଲକ୍ଷିତ ହୋଇଥିଲା । ଉଦାହରଣ ସ୍ୱରୂପ, ନିଷ୍କ୍ରିୟ ଲିଜ୍‌ଗୁଡିକୁ ସମୟାନୁସାରେ ସମର୍ପଣ, ବିଭିନ୍ନ ଆଇନର ଅନୁପାଳନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡିକୁ ଏହାର ଆଭ୍ୟନ୍ତରୀଣ ସମୀକ୍ଷା ପାଇଁ ନିଯୁକ୍ତ ଏଜେନ୍ସିଗୁଡିକର କାର୍ଯ୍ୟ ପରିସର ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା ।

***(ଅନୁଚ୍ଛେଦ 2.14 ଏବଂ 2.14.1)***

## ଅନୁପାଳନ ସମୀକ୍ଷା ମନ୍ତବ୍ୟ

ଏହି ଅଧ୍ୟାୟରେ ଅନ୍ତର୍ଭୁକ୍ତ ଅନୁପାଳନ ସମୀକ୍ଷା ମନ୍ତବ୍ୟଗୁଡିକ ଆର୍ଥିକ ପ୍ରଭାବ ସହିତ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗଗୁଡିକର ପରିଚାଳନାରେ ଅଭାବକୁ ଦର୍ଶାଏ । ସୂଚିତ ହୋଇଥିବା ଅନିୟମିତତାଗୁଡିକ ନିମ୍ନରେ ସଂକ୍ଷେପରେ ଦିଆଯାଇଛି:

- ଘରୋଇ ରେଳ ସାଇଡିଂ ବ୍ୟବହାର କରି ସଡକ ତଥା ରେଳ ମୋଡ୍ ମାଧ୍ୟମରେ ଓଡିଶା କୋଇଲା ଏବଂ ବିଦ୍ୟୁତ୍ ଲିମିଟେଡ୍ ଠାରୁ କୋଇଲା ସଂଗ୍ରହ ଏବଂ ସହମତ ସେତୁ ସଂଯୋଗ ଯୋଜନା ଅଧିନରେ ମହାନଦୀ କୋଇଲା ଲିମିଟେଡ୍‌ରୁ 4.69 ଲକ୍ଷ ଏମ୍‌ଟି କୋଇଲାର କମ ଉଠାଣ ଫଳରେ ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ ଦ୍ୱାରା 24.72 କୋଟି ଟଙ୍କା ପରିହାର୍ଯ୍ୟ ବ୍ୟୟ ହୋଇଥିଲା ।

***(ଅନୁଚ୍ଛେଦ 3.1)***

- ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ (ଓପିଜିସି) ଦ୍ୱାରା ଠିକାଦାରମାନଙ୍କୁ ସୁଧମୁକ୍ତ ପ୍ରସ୍ତୁତିକରଣ ଅଗ୍ରୀମ ପ୍ରଦାନ କରାଯିବା ଫଳରେ 13.60 କୋଟି ଟଙ୍କାର ପରିହାର୍ଯ୍ୟ ସୁଧ ବୋଝ ପଡିଥିଲା ।

***(ଅନୁଚ୍ଛେଦ 3.2)***

- ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡିକରେ, ବିଦ୍ୟୁତ୍ ଉତ୍ପାଦନ ପ୍ରକ୍ରିୟା ସମୟରେ ସିନୋସ୍ପିୟର ନାମକ ଏକ ଉପ-ଉତ୍ପାଦ ସୃଷ୍ଟି ହୁଏ। ତଥାପି, ସିନୋସ୍ପିୟରର ସଂଗ୍ରହ ଏବଂ ବିକ୍ରୟ ପାଇଁ ଓପିଜିସି ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର କୌଣସି ପ୍ରମାଣ ରେକର୍ଡରେ ମିଳିନାହିଁ, ଯଦିଓ ଅନ୍ୟାନ୍ୟ ତାପଜ ବିଦ୍ୟୁତ୍ ସରକାରୀ ଉଦ୍ୟୋଗଗୁଡିକ ସଫଳତାର ସହ ଏହାର ମାର୍କେଟିଂ ଏବଂ ବିକ୍ରୟ କରୁଛନ୍ତି। ସର୍ବଶେଷ ଉପଲବ୍ଧ ବଜାର ମୂଲ୍ୟ ଏବଂ 2017-18ରୁ 2021-22 ମଧ୍ୟରେ ଉତ୍ପାଦିତ ସିନୋସ୍ପିୟର ପରିମାଣ ଉପରେ ଆଧାର କରି, ଓପିଜିସି 1.09 କୋଟି ଟଙ୍କାର ସମ୍ଭାବ୍ୟ ରାଜସ୍ୱ କ୍ଷତି କରିଛି।

*(ଅନୁଚ୍ଛେଦ 3.3)*

- ଓଡିଶା ବିଦ୍ୟୁତ୍ ସଞ୍ଚାରଣ ନିଗମ ଲିମିଟେଡ୍ ଫେବ୍ରୁଆରୀ 2014ରେ ଏକ ଉନ୍ନତ ମିଟରିଂ ଭିତ୍ତିଭୂମି (ଏଏମ୍‌ଆଇ) ତନ୍ତ୍ର କାର୍ଯ୍ୟ କରିବା ପାଇଁ ଏକ ଟର୍ଣ୍ଣକି ଚୁକ୍ତି ଦେଇଥିଲା, ଯାହା ଅଗଷ୍ଟ 2015 ସୁଦ୍ଧା ସମାପ୍ତ ହେବା ପାଇଁ ଧାର୍ଯ୍ୟ ହୋଇଥିଲା ଏବଂ ପରେ ଜୁଲାଇ 2016 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। 2014-15 ଏବଂ 2018-19 ମଧ୍ୟରେ 5.37 କୋଟି ଟଙ୍କାର ପ୍ରଦାନ ସତ୍ତ୍ୱେ, ପ୍ରକଳ୍ପଟି ଅସମ୍ପୂର୍ଣ୍ଣ ରହିଲା କାରଣ ବାଧ୍ୟତାମୂଳକ ଉପଭୋକ୍ତା ଗ୍ରହଣ ପରୀକ୍ଷା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କରାଯାଇ ନଥିଲା, ଯାହା ଫଳରେ 2020 ମାର୍ଚ୍ଚ ପର୍ଯ୍ୟନ୍ତ ସମୟସୀମା ବାରମ୍ବାର ବୃଦ୍ଧି କରାଯାଇଥିଲା। ଏଏମ୍‌ଆଇ ତନ୍ତ୍ରରେ ସୁରକ୍ଷିତ ବିଲିଂ ପାଇଁ ଆବଶ୍ୟକୀୟ କଞ୍ଚା, ଅସମ୍ପାଦନଯୋଗ୍ୟ ତଥ୍ୟ ପରିବର୍ତ୍ତେ ସମ୍ପାଦନଯୋଗ୍ୟ ମିଟର ତଥ୍ୟ ସୃଷ୍ଟି କରିଥିଲା, ଯାହାଦ୍ୱାରା ଏହା ହେରଫେର ହେବାର ସମ୍ଭାବନା ସୃଷ୍ଟି କରିଥିଲା। ଜୁନ୍ 2022ରେ, ଓପିଟିସିଏଲ୍ ଶେଷରେ ଏକ ଗୁରୁତ୍ୱପୂର୍ଣ୍ଣ ତ୍ରୁଟି ଦର୍ଶାଇ ପ୍ରକଳ୍ପକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା। ଉଲ୍ଲେଖନୀୟ ଯେ, ଚୁକ୍ତିନାମାର ବୈଷୟିକ ନିର୍ଦ୍ଦିଷ୍ଟକରଣରେ ଏକ ସକ୍ଷମ ଧାରା ଥିବା ସତ୍ତ୍ୱେ, ଓପିଟିସିଏଲ୍ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିବା ପାଇଁ ଠିକାଦାରଙ୍କୁ ବାଧ୍ୟବାଧକତାକୁ କାର୍ଯ୍ୟକାରୀ କରିନଥିଲା, ଯାହା ଫଳରେ ପ୍ରକଳ୍ପକୁ ବାତିଲ କରାଯାଇଥିଲା ଏବଂ 5.37 କୋଟି ଟଙ୍କାର ନିଷ୍ଫଳ ଖର୍ଚ୍ଚ ହୋଇଥିଲା।

*(ଅନୁଚ୍ଛେଦ 3.4)*

- ଓଡିଶା ବିଦ୍ୟୁତ୍ ସଞ୍ଚାରଣ ନିଗମ ଲିମିଟେଡ୍‌ର ନିର୍ଦ୍ଦେଶକ ମଣ୍ଡଳୀଙ୍କ ନିର୍ଦ୍ଦେଶକୁ ବିଚ୍ୟୁତ କରି କେନ୍ଦ୍ରୀୟ ବିଦ୍ୟୁତ ଯୋଗାଣ ଉପଯୋଗୀତା (ସେସୁ)ର ତିନି ଜଣ କାର୍ଯ୍ୟନିର୍ବାହୀଙ୍କୁ ଦରମା ଓ ଭତ୍ତା ପ୍ରଦାନ କରିବା ଫଳରେ ସେସୁକୁ ଅନୁଚିତ ଲାଭ ପ୍ରଦାନ କରାଯାଇଥିଲା ଏବଂ 2.16 କୋଟି ଟଙ୍କା କ୍ଷତି ହୋଇଥିଲା।

*(ଅନୁଚ୍ଛେଦ 3.5)*

- ଓଡିଶା ବିଦ୍ୟୁତ୍ ସଞ୍ଚାରଣ ନିଗମ ଲିମିଟେଡ୍ ଦ୍ୱାରା ଅତିରିକ୍ତ ହାଇ-ଟେନସନ୍ ଲାଇନ ବନ୍ଦ କରିବା ଯୋଗୁ ରାଜସ୍ୱ କ୍ଷତି ଦାବି କରିବାରେ ଭୁଲ ଭାବରେ ସମାପ୍ତି ପ୍ରମାଣପତ୍ର ପ୍ରଦାନ ଓ ନିଷ୍କ୍ରିୟତା ଫଳରେ ହିତାଧିକାରୀଙ୍କ ଠାରୁ 1.49 କୋଟି ଟଙ୍କାର କ୍ଷତି ଆଦାୟ କରିପାରିଲା ନାହିଁ।

*(ଅନୁଚ୍ଛେଦ 3.6)*

- ଓଡିଶା ବିଦ୍ୟୁତ୍ ସଞ୍ଚାରଣ ନିଗମ ଲିମିଟେଡ୍ ଦ୍ୱାରା ଜଙ୍ଗଲ ସଂରକ୍ଷଣ ଅଧିନିୟମ, 1980ର ବ୍ୟବସ୍ଥା ଉଲ୍ଲଙ୍ଘନ କରି ଜଙ୍ଗଲ ଜମିରେ 220 କେଭି ଟ୍ରାନ୍ସମିସନ୍ ଲାଇନ୍ ନିର୍ମାଣ କରିବା ଫଳରେ 0.69 କୋଟି ଟଙ୍କାର ପରିହାର୍ଯ୍ୟ ନିଟ୍ ବର୍ତ୍ତମାନ ମୂଲ୍ୟ ଦେବାକୁ ପଡିଲା।

*(ଅନୁଚ୍ଛେଦ 3.7)*

- ତଦାରଖ/ଓଭରହେଡ୍ ଦେୟ ଉପରେ ଓଡିଶା ସେତୁ ଓ ନିର୍ମାଣ ନିଗମ ଲିମିଟେଡ୍ ଦ୍ୱାରା ସାମଗ୍ରୀ ଏବଂ ସେବା କର ବିଳମ୍ବିତ ଦେୟ ଯୋଗୁଁ 2.56 କୋଟି ଟଙ୍କାର ପରିହାର୍ଯ୍ୟ ସୁଧ ଦେବାକୁ ପଡିଲା।

*(ଅନୁଚ୍ଛେଦ 3.8)*

- ଓଡିଶା କୋଇଲା ଏବଂ ବିଦ୍ୟୁତ୍ ଲିମିଟେଡ୍, ଖଣି ପରିଚାଳକଙ୍କ ବିରୁଦ୍ଧରେ ଖଣି ସେବା ଚୁକ୍ତିନାମାର ସର୍ତ୍ତାବଳୀ ଲାଗୁ କରିବା ପରିବର୍ତ୍ତେ, ଅନ୍ୟ ଏକ ସଂସ୍ଥାକୁ ନିୟୋଜିତ କରି ନିଜ ଖର୍ଚ୍ଚରେ ଗ୍ରାମବାସୀଙ୍କୁ ସ୍ଥାନାନ୍ତର କରିବା ସମ୍ପର୍କିତ କାର୍ଯ୍ୟ ସମ୍ପାଦନ କରିଥିଲା। ଏହାର ପରିଣାମ ସ୍ୱରୂପ 2.39 କୋଟି ଟଙ୍କାର ପରିହାର୍ଯ୍ୟ ଖର୍ଚ୍ଚ ହୋଇଥିଲା ଏବଂ ଖଣି ପରିଚାଳକଙ୍କୁ ସମାନ ପରିମାଣର ଅନୁଚିତ ଅନୁକମ୍ପା ପ୍ରଦାନ କରାଯାଇଥିଲା।

*(ଅନୁଚ୍ଛେଦ 3.9)*

# ଅଧ୍ୟାୟ-I
# ସାଧାରଣ ଉଦ୍ଦେଶ୍ୟ ଆର୍ଥିକ ପ୍ରତିବେଦନ

# ଅଧ୍ୟାୟ-I
# ସାଧାରଣ ଉଦ୍ଦେଶ୍ୟ ଆର୍ଥିକ ପ୍ରତିବେଦନ

## ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗଗୁଡ଼ିକର ଆର୍ଥିକ ପ୍ରଦର୍ଶନର ସାରାଂଶ

## 1.1 ଉପକ୍ରମ

### 1.1.1 ପ୍ରତିବେଦନର ଉଦ୍ଦେଶ୍ୟ

ଏହି ଅଧ୍ୟାୟରେ ସରକାରୀ କମ୍ପାନୀ, ବୈଧାନିକ ନିଗମ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡ଼ିକର ଆର୍ଥିକ ପ୍ରଦର୍ଶନର ସାରାଂଶ ଉପସ୍ଥାପନା କରାଯାଇଛି । ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ (ଏସ୍‌ପିଏସ୍‌ଇ) ଶବ୍ଦଟି ସେହି ସରକାରୀ କମ୍ପାନୀଗୁଡ଼ିକୁ ଅନ୍ତର୍ଭୁକ୍ତ କରେ ଯେଉଁଥିରେ ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ଭାଗିଦାରି 51 ପ୍ରତିଶତ କିମ୍ବା ତତୋଧିକ ଏବଂ ଏପରି ସରକାରୀ କମ୍ପାନୀଗୁଡ଼ିକର ଅଧିନସ୍ଥ ସହାୟକ କମ୍ପାନୀଗୁଡ଼ିକୁ ଅନ୍ତର୍ଭୁକ୍ତ କରେ। ବିଧାନସଭା ଦ୍ୱାରା ପ୍ରଣୀତ ଆଇନ ଅନୁଯାୟୀ ସ୍ଥାପିତ ବୈଧାନିକ ନିଗମ ତଥା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ମାଲିକାନା କିମ୍ବା ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟ ଏସ୍‌ପିଏସ୍‌ଇ ଭାବରେ ବର୍ଗୀକୃତ ହୋଇଛନ୍ତି। ପ୍ରତିବେଦନରେ ଦର୍ଶାଯାଇଥିବା ଏସ୍‌ପିଏସ୍‌ଇଗୁଡ଼ିକର ଆର୍ଥିକ ପ୍ରଦର୍ଶନ ସେମାନଙ୍କର ଆର୍ଥିକ ବିବରଣୀ ଏବଂ ଏସ୍‌ପିଏସ୍‌ଇଗୁଡ଼ିକରୁ ପ୍ରାପ୍ତ ସୂଚନାରୁ ନିଆଯାଇଛି । 2022-23 ବର୍ଷ ପାଇଁ (କିମ୍ବା ଚଳିତ ବର୍ଷ ମଧ୍ୟରେ ଚୂଡାନ୍ତ ହୋଇଥିବା ପୂର୍ବ ବର୍ଷଗୁଡ଼ିକର) ଏସ୍‌ପିଏସ୍‌ଇଗୁଡ଼ିକର ଆର୍ଥିକ ବିବରଣୀ ଉପରେ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ଦ୍ୱାରା କରାଯାଇଥିବା ଏକମାତ୍ର ସମୀକ୍ଷା/ପରିପୂରକ ସମୀକ୍ଷା ଫଳରେ ହିସାବଗୁଡ଼ିକର ସଂଶୋଧନର ପ୍ରଭାବ ଏବଂ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ମଧ୍ୟ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇଛି। ଅଧିକନ୍ତୁ, ଏହି ଅଧ୍ୟାୟରେ କର୍ପୋରେଟ୍ ଶାସନ ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱ ଉପରେ କମ୍ପାନୀ ଅଧିନିୟମ, 2013ର ବ୍ୟବସ୍ଥା ପାଳନର ସ୍ଥିତି ମଧ୍ୟ ରହିଛି ।

### 1.1.2 ସରକାରୀ କମ୍ପାନୀ/ନିଗମଗୁଡ଼ିକର ସଂଜ୍ଞା

କମ୍ପାନୀ ଅଧିନିୟମ, 2013ର ଧାରା 2(45)ରେ ବ୍ୟାଖ୍ୟା କରାଯାଇଛି ଯେ, କୌଣସି କମ୍ପାନୀରେ ସମାଦତ୍ତ ପୁଞ୍ଜିର ଅନ୍ୟୁନ୍ୟ 51 ପ୍ରତିଶତ ଯଦି କେନ୍ଦ୍ର ସରକାରଙ୍କ ଦ୍ୱାରା ନତୁବା ରାଜ୍ୟ ସରକାର/ସରକାରମାନଙ୍କ ଦ୍ୱାରା କିମ୍ବା କିଛି ଅଂଶ କେନ୍ଦ୍ର ସରକାରଙ୍କ ଦ୍ୱାରା ଏବଂ କିଛି ଅଂଶ ଗୋଟିଏ କିମ୍ବା ଅଧିକ ରାଜ୍ୟ ସରକାରମାନଙ୍କ ଦ୍ୱାରା ନିବେଶିତ ହୋଇଥାଏ, ତେବେ ସେହି କମ୍ପାନୀକୁ ସରକାରୀ କମ୍ପାନୀ କୁହାଯାଏ ଏବଂ ଏହି କମ୍ପାନୀଗୁଡ଼ିକର ଅଧିନସ୍ଥ ସହାୟକ କମ୍ପାନୀ ମଧ୍ୟ ସରକାରୀ କମ୍ପାନୀ ଅଟେ।

ଏହା ବ୍ୟତୀତ, ଅନ୍ୟ କୌଣସି କମ୍ପାନୀର ମାଲିକାନା କିମ୍ବା ନିୟନ୍ତ୍ରଣ ଯଦି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ କେନ୍ଦ୍ର ସରକାର କିମ୍ବା କୌଣସି ରାଜ୍ୟ ସରକାର/ସରକାରମାନଙ୍କ ନିକଟରେ ଥାଏ କିମ୍ବା ଆଂଶିକ କେନ୍ଦ୍ର ସରକାର ଏବଂ ଆଂଶିକ ଗୋଟିଏ କିମ୍ବା ଅଧିକ ରାଜ୍ୟ ସରକାରମାନଙ୍କ ନିକଟରେ ଥାଏ, ଏହି ପ୍ରତିବେଦନରେ ସେଗୁଡ଼ିକୁ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ଭାବରେ ଉଲ୍ଲେଖ କରାଯାଇଛି (ଜିସିଓସି)।

### 1.1.3 ସମୀକ୍ଷା ଆଦେଶ

ସରକାରୀ କମ୍ପାନୀ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡ଼ିକର ସମୀକ୍ଷା ସିଏଜିଙ୍କ ଦ୍ୱାରା କମ୍ପାନୀ ଅଧିନିୟମ, 2013ର ଧାରା 143(5)ରୁ 143(7)ର ବ୍ୟବସ୍ଥା ଅନୁଯାୟୀ, ସିଏଜିଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବାସର୍ତ୍ତ) ଅଧିନିୟମ, 1971ର ଧାରା 19 ଏବଂ ସେଥିରେ ପ୍ରସ୍ତୁତ ନିୟମାବଳୀର ପ୍ରାବଧାନ ଅନୁସାରେ କରାଯାଏ। କମ୍ପାନୀ ଅଧିନିୟମ, 2013 ଅନୁଯାୟୀ, ସିଏଜି ଚାର୍ଟର୍ଡ ଆକାଉଣ୍ଟାଣ୍ଟମାନଙ୍କୁ କମ୍ପାନୀଗୁଡ଼ିକର ବୈଧାନିକ ସମୀକ୍ଷକ ଭାବରେ ନିଯୁକ୍ତ କରନ୍ତି ଏବଂ ହିସାବଗୁଡ଼ିକ କିପରି ସମୀକ୍ଷା କରାଯିବ ସେ ସମ୍ବନ୍ଧରେ ନିର୍ଦ୍ଦେଶ ଦେଇଥାଆନ୍ତି । ଏଥି ସହିତ ଏକ ଅନୁପୂରକ ସମୀକ୍ଷା କରିବାକୁ ସିଏଜିଙ୍କର ଅଧିକାର ଅଛି। ବୈଧାନିକ ନିଗମଗୁଡ଼ିକୁ ନିୟନ୍ତ୍ରଣ

କରୁଥିବା ନିୟମଗୁଡିକ ଅନୁଯାୟୀ ସେମାନଙ୍କର ହିସାବଗୁଡିକର ସମୀକ୍ଷା କେବଳ ସିଏଜିଙ୍କ ଦ୍ୱାରା ହେବା ପାଇଁ ବ୍ୟବସ୍ଥା ଅଛି ।

## 1.1.4 ଏସ୍‌ପିଏସ୍‌ଇମାନଙ୍କର ନାମ ଏବଂ ରାଜ୍ୟର ଜିଏସ୍‌ଡିପିରେ ଏସ୍‌ପିଏସ୍‌ଇମାନଙ୍କର କାରବାରର ଅବଦାନ ସହିତ ସେମାନଙ୍କର କାର୍ଯ୍ୟକଳାପ ସହିତ ସେମାନଙ୍କର ପରିଚୟ

### 1.1.4.1 ଏସ୍‌ପିଏସ୍‌ଇଗୁଡିକର ସଂଖ୍ୟା

31 ମାର୍ଚ୍ଚ 2023 ସୁଦ୍ଧା ସିଏଜିଙ୍କ ସମୀକ୍ଷା ଅଧିନରେ 76[1]ଟି ଏସ୍‌ପିଏସ୍‌ଇ ଥିଲା (**ପରିଶିଷ୍ଟ 1**)। ଏଥିମଧ୍ୟରୁ 58ଟି ସରକାରୀ କମ୍ପାନୀ, 03ଟି ବୈଧାନିକ ନିଗମ ଏବଂ 15ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ଅନ୍ତର୍ଭୁକ୍ତ। 58ଟି ସରକାରୀ କମ୍ପାନୀ ମଧ୍ୟରୁ 07ଟି ଶକ୍ତି କ୍ଷେତ୍ରର କମ୍ପାନୀ ଏବଂ 51ଟି ଅଣ-ଶକ୍ତି କ୍ଷେତ୍ରର କମ୍ପାନୀ ଥିଲା। 51ଟି ଅଣ-ଶକ୍ତି କ୍ଷେତ୍ରର କମ୍ପାନୀ ମଧ୍ୟରୁ 25ଟି ନିଷ୍କ୍ରିୟ ଥିଲା। ଏଥିମଧ୍ୟରୁ, 42ଟି ଏସ୍‌ପିଏସ୍‌ଇର ଆର୍ଥିକ ପ୍ରଦର୍ଶନର ସାରାଂଶ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ହୋଇଛି ଏବଂ ଏହି ଏସ୍‌ପିଏସ୍‌ଇଗୁଡିକର ପ୍ରକାର ନିମ୍ନ ସାରଣୀରେ ସୂଚିତ କରାଯାଇଛି:

**ସାରଣୀ 1.1: ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ଏସ୍‌ପିଏସ୍‌ଇଗୁଡିକର ଅନ୍ତର୍ଭୁକ୍ତି ଏବଂ ପ୍ରକାର**

| ଏସ୍‌ପିଏସ୍‌ଇର ପ୍ରକାର | ମୋଟ ଏସ୍‌ପିଏସ୍‌ଇର ସଂଖ୍ୟା | ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ଏସ୍‌ପିଏସ୍‌ଇଗୁଡିକର ସଂଖ୍ୟା | | | | ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା ଯାହାର ହିସାବ ତିନିବର୍ଷ କିମ୍ବା ତା'ଠାରୁ ଅଧିକ ବକେୟା ଥିଲା ତେଣୁ ପ୍ରତିବେଦନରେ ଅନ୍ତର୍ଭୁକ୍ତ ହୋଇନାହିଁ |
|---|---|---|---|---|---|---|
| | | ପର୍ଯ୍ୟନ୍ତ ହିସାବ | | | | |
| | | **2022-23** | **2021-22** | **2020-21** | ମୋଟ | |
| ସରକାରୀ କମ୍ପାନୀ ସମୂହ (i) | 58 | 10 | 13 | 4 | 27 | 31 |
| ବୈଧାନିକ ନିଗମ ସମୂହ (ii) | 3 | 0 | 1 | 1 | 2 | 1 |
| ମୋଟ କମ୍ପାନୀସମୂହ / ନିଗମ ସମୂହ (iii)=(i+i) | 61 | 10 | 14 | 5 | 29 | 32 |
| ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ସମୂହ (iv) | 15 | 5 | 6 | 2 | 13 | 2 |
| **ମୋଟ (v)=(iii+iv)** | **76** | **15** | **20** | **7** | **42** | **34** |

*(ଉତ୍ସ: ସମ୍ପୃକ୍ତ ବର୍ଷଗୁଡିକରେ ଏସ୍‌ପିଏସ୍‌ଇଗୁଡିକରୁ ପ୍ରାପ୍ତ ହିସାବ ଉପରେ ଆଧାର କରି ସଂକଳିତ)*

[1] (i) ଓଡିଶା ଖଣି ନିଗମ ଲିମିଟେଡ୍ ସହିତ ସେମାନଙ୍କର ମିଶ୍ରଣ ହେତୁ ତିନୋଟି କାର୍ଯ୍ୟରତ ସରକାରୀ କମ୍ପାନୀ ଯଥା: ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍, ଇଡ୍‌କଲ୍ କଳିଙ୍ଗ ଆଇରନ୍ ୱାର୍କସ୍ ଲିମିଟେଡ୍, ଇଡ୍‌କଲ୍ ଫେରୋକ୍ରମ୍ ଆଣ୍ଡ ଆଲଏଜ୍ ଲିମିଟେଡ୍ ଏବଂ ଓଡିଶା ଖଣିଜ ଅନ୍ୱେଷଣ ନିଗମ ଲିମିଟେଡ୍, ଆର୍ଥିକ ବର୍ଷ 2022-23ରେ ସିଏଜିଙ୍କ ସମୀକ୍ଷା ଅଧିନରେ ଆସିନଥିଲେ। (ii) ରେଜିଷ୍ଟ୍ରାର ଅଫ୍ କମ୍ପାନୀ-କମ୍-ଅଫିସିଆଲ୍ ଲିକ୍ୱିଡେଟର୍, ଓଡିଶା ଅଫିସ ଦ୍ୱାରା ସୂଚିତ ଦୁଇଟି ନିଷ୍କ୍ରିୟ ସରକାରୀ କମ୍ପାନୀ, ଯଥା: ଓଡିଶା ଇଲେକ୍ଟ୍ରିକାଲ୍ ଉତ୍ପାଦନ କମ୍ପାନୀ ଲିମିଟେଡ୍ ଏବଂ ହୀରା ଷ୍ଟିଲ ଏବଂ ଆଲଏଜ୍ ଲିମିଟେଡ୍ ଯଥାକ୍ରମେ ସମାପନ ପ୍ରକ୍ରିୟା ଏବଂ ବିଲୟ ପ୍ରକ୍ରିୟା ହେତୁ ଆର୍ଥିକ ବର୍ଷ 2022-23ରେ ସିଏଜିଙ୍କ ସମୀକ୍ଷା ଅଧିନରେ ଆସିନଥିଲେ। (iii) ଅନ୍ୟ ଏକ କମ୍ପାନୀ, ଇଡ୍‌କଲ୍ ସଫ୍ଟୱେୟାର ଲିମିଟେଡ୍ ବର୍ତ୍ତମାନ ସମାପନ ପ୍ରକ୍ରିୟାରେ ଅଛି। ସେହି ଅନୁଯାୟୀ, ଏହାର ଆର୍ଥିକ ବିବରଣୀ ସମାପନ ପ୍ରକ୍ରିୟା ଆଧାରରେ ପ୍ରସ୍ତୁତ ହୋଇଛି। ତେଣୁ, ଏହି କମ୍ପାନୀ ନିଷ୍କ୍ରିୟ ସରକାରୀ କମ୍ପାନୀ ଅଧିନରେ ଅନ୍ତର୍ଭୁକ୍ତ ହୋଇଛି।

ଏହି ଅଧ୍ୟାୟରେ 34ଟି ଏସ୍‌ପିଏସ୍‌ଇ (02ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ଏବଂ 01ଟି ବୈଧାନିକ ନିଗମ ଅନ୍ତର୍ଭୁକ୍ତ କରି) ଅନ୍ତର୍ଭୁକ୍ତ କରାଯାଇନାହିଁ ଯେଉଁମାନଙ୍କର ହିସାବ ତିନିବର୍ଷ କିମ୍ବା ତା'ଠାରୁ ଅଧିକ ବକେୟା ରହିଥିଲା କିମ୍ବା ଯେଉଁମାନେ ଅଚଳ/ସମାପନ ପ୍ରକ୍ରିୟାରେ ଥିଲେ। ଏହା **ପରିଶିଷ୍ଟ 2** ଏବଂ **ପରିଶିଷ୍ଟ 3**ରେ ଦର୍ଶାଯାଇଛି।

### 1.1.4.2 ରାଜ୍ୟ ଜିଏସ୍‌ଡିପିକୁ ଅବଦାନ

ଏସ୍‌ପିଏସ୍‌ଇଗୁଡିକର ନାମ ଏବଂ ସେମାନଙ୍କର କାର୍ଯ୍ୟକଳାପର ପରିଚୟ ଏବଂ ରାଜ୍ୟର ଜିଏସ୍‌ଡିପିରେ ଏସ୍‌ପିଏସ୍‌ଇମାନଙ୍କର କାରବାରର ଅବଦାନ **ପରିଶିଷ୍ଟ 4**ରେ ଦିଆଯାଇଛି। ସରକାରୀ କମ୍ପାନୀ ଏବଂ ନିଗମଗୁଡିକର କାରବାର ସହିତ ମୋଟ ରାଜ୍ୟ ଘରୋଇ ଉତ୍ପାଦର ଅନୁପାତ ରାଜ୍ୟ ଅର୍ଥନୀତିରେ ସେମାନଙ୍କର କାର୍ଯ୍ୟକଳାପର ପରିମାଣ ଦର୍ଶାଏ। ନିମ୍ନଲିଖିତ ସାରଣୀରେ ମାର୍ଚ୍ଚ 2023ରେ ଶେଷ ହେବାକୁ ଥିବା ତିନିବର୍ଷ ପାଇଁ 29ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ 13ଟି ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇର କାରବାର ଏବଂ ଓଡିଶାର ଜିଏସ୍‌ଡିପିର ବିବରଣୀ ପ୍ରଦାନ କରାଯାଇଛି:

**ସାରଣୀ 1.2: ଓଡିଶାର ଜିଏସ୍‌ଡିପି ତଥା ରାଜ୍ୟ ପିଏସ୍‌ଇଗୁଡିକର କାରବାରର ବିବରଣୀ**

*(ଟଙ୍କା କୋଟିରେ)*

| ସବିଶେଷ | 2020-21 | 2021-22 | 2022-23 |
|---|---|---|---|
| କାରବାର | 23,876.47 | 38,504.42 | 47,902.01 |
| ପୂର୍ବ ବର୍ଷ ତୁଳନାରେ କାରବାରର ଶତକଡା ପରିବର୍ତ୍ତନ | 12.89 | 61.27 | 24.41 |
| ବର୍ତ୍ତମାନ ମୂଲ୍ୟରେ ଓଡିଶାର ଜିଏସ୍‌ଡିପି | 5,42,889 | 6,38,342 | 7,74,869 |
| ଓଡିଶା ଜିଏସ୍‌ଡିପିର ଶତକଡା ପରିବର୍ତ୍ତନ | -0.64 | 17.58 | 21.39 |
| ଓଡିଶାର ଜିଏସ୍‌ଡିପି ଉପରେ କାରବାରର ଶତକଡା ହାର | 4.40 | 6.03 | 6.18 |

***(ଉତ୍ସ: ସରକାରୀ କମ୍ପାନୀ ଏବଂ ନିଗମଗୁଡିକର 30 ସେପ୍ଟେମ୍ବର 2023 ସୁଦ୍ଧା ସର୍ବଶେଷ ଚୂଡାନ୍ତ ହିସାବର କାରବାର ଏବଂ ଆର୍ଥିକ ଆଟେଷ୍ଟ ଓ୍ୱିଙ୍ଗ ଅନୁଯାୟୀ ଜିଏସ୍‌ଡିପି)***

ଜିଏସ୍‌ଡିପି ଉପରେ ଏସ୍‌ପିଏସ୍‌ଇଗୁଡିକର କାରବାରର ହାର 2022-23ରେ ପୂର୍ବ ବର୍ଷର 6.03 ପ୍ରତିଶତରୁ ବୃଦ୍ଧି ପାଇ 6.18 ପ୍ରତିଶତ ରହିଥିଲା। 2021-22 ତୁଳନାରେ 2022-23ରେ ଜିଏସ୍‌ଡିପିର ଅଭିବୃଦ୍ଧି ହାର 21.39 ପ୍ରତିଶତକୁ ବୃଦ୍ଧି ପାଇଥିଲା ଏବଂ ଏହି ସମୟ ମଧ୍ୟରେ ସରକାରୀ କମ୍ପାନୀ ଓ ନିଗମଗୁଡିକର କାରବାରର ଅଭିବୃଦ୍ଧି ହାର 24.41 ପ୍ରତିଶତକୁ ବୃଦ୍ଧି ପାଇଥିଲା। ଏକାଧିକ ସମୟ ଅବଧିରେ ଅଭିବୃଦ୍ଧି ହାର ମାପିବା ପାଇଁ ଚକ୍ରବୃଦ୍ଧି ବାର୍ଷିକ ଅଭିବୃଦ୍ଧି ହାର (ସିଏଜିଆର୍)[2] ଏକ ଉପଯୋଗୀ ପଦ୍ଧତି। ଗତ ତିନିବର୍ଷ ମଧ୍ୟରେ ଜିଏସ୍‌ଡିପିର ବାର୍ଷିକ ଅଭିବୃଦ୍ଧି ହାର 12.36 ପ୍ରତିଶତ ହୋଇଥିବା ବେଳେ, ସେହି ସମୟ ଅବଧି ମଧ୍ୟରେ କାରବାରର ଅଭିବୃଦ୍ଧି ହାର 31.33 ପ୍ରତିଶତ ରହିଥିଲା। ଏହାଦ୍ୱାରା ଏହି ରାଜ୍ୟ ପିଏସ୍‌ଇଗୁଡିକର କାରବାରର ଅଂଶ ଜିଏସ୍‌ଡିପି ତୁଳନାରେ 2020-21ରେ 4.40 ପ୍ରତିଶତରୁ 2022-23ରେ 6.18 ପ୍ରତିଶତକୁ ବୃଦ୍ଧି ପାଇଥିଲା। **ପରିଶିଷ୍ଟ 5**ରେ ବିଭାଗ-ଓ୍ୱାରୀ ସ୍ଥିତି ଦିଆଯାଇଛି। ସେହି ସମୟ ମଧ୍ୟରେ ଶକ୍ତିକ୍ଷେତ୍ର ଉଦ୍ୟୋଗ ଏବଂ ଅଣ-ଶକ୍ତିକ୍ଷେତ୍ର ଉଦ୍ୟୋଗଗୁଡିକର କାରବାର ବାର୍ଷିକ ଯଥାକ୍ରମେ 25.07 ପ୍ରତିଶତ ଏବଂ 36.50 ପ୍ରତିଶତ ଅଭିଲିଖିତ କରାଯାଇଛି।

## 1.2 ସରକାରୀ କମ୍ପାନୀ ଏବଂ ନିଗମଗୁଡିକରେ ପୁଞ୍ଜିଲଗାଣ ଏବଂ ବଜେଟ ସହାୟତା

31 ମାର୍ଚ୍ଚ 2023 ସୁଦ୍ଧା 29[3]ଟି ସରକାରୀ କମ୍ପାନୀ ଏବଂ ନିଗମଗୁଡିକର ସାଧାରଣ ଅଂଶଧନ ଏବଂ ଋଣର ପରିମାଣ **ସାରଣୀ** 1.3ରେ ଦିଆଯାଇଛି:

---

2 ଚକ୍ରବୃଦ୍ଧି ବାର୍ଷିକ ଅଭିବୃଦ୍ଧି ହାର [[{(2022-23ର ମୂଲ୍ୟ/2019-20ର ମୂଲ୍ୟ)^(1/3 ବର୍ଷ)} - 1] *100] ଯେଉଁଠାରେ 2019-20 ବର୍ଷ ପାଇଁ କାରବାର ଏବଂ ଜିଏସ୍‌ଡିପି ଯଥାକ୍ରମେ 21,149.69 କୋଟି ଟଙ୍କା ଏବଂ 5,46,413.00 କୋଟି ଟଙ୍କା ଥିଲା

3 61ଟି ସରକାରୀ କମ୍ପାନୀ ଏବଂ ନିଗମଗୁଡିକ ମଧ୍ୟରୁ 29ଟିର ହିସାବ ବିଚାରକୁ ନିଆଯାଇ ନାହିଁ। 32ଟି ଏସ୍‌ପିଏସ୍‌ଇଗୁଡିକର ହିସାବ ଯାହା ତିନି ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ପାଇଁ ବକେୟା ଥିଲା/ଅଚଳ/ସମାପନ ପ୍ରକ୍ରିୟାରେ ଥିଲା, ସେଗୁଡିକୁ ସାମିଲ କରାଯାଇ ନାହିଁ।

**ସାରଣୀ 1.3: ସରକାରୀ କମ୍ପାନୀ ଏବଂ ନିଗମଗୁଡ଼ିକରେ ସାଧାରଣ ଅଂଶଧନ ଏବଂ ଋଣ**

*(ଟଙ୍କା କୋଟିରେ)*

| ପୁଞ୍ଜିଲଗାଣର ଉତ୍ସ | 31.03.2022 ତାରିଖରେ | | | 31.03.2023 ତାରିଖରେ | | |
|---|---|---|---|---|---|---|
| | ସାଧାରଣ ଅଂଶଧନ | ଦୀର୍ଘକାଳୀନ ଋଣ | ମୋଟ | ସାଧାରଣ ଅଂଶଧନ | ଦୀର୍ଘକାଳୀନ ଋଣ | ମୋଟ |
| 1. ରାଜ୍ୟ ସରକାର | 7,629.47 | 1,495.68 | 9,125.15 | 8,916.60 | 1,861.27 | 10,777.87 |
| 2. ରାଜ୍ୟ ସରକାରୀ କମ୍ପାନୀ / ନିଗମ/ସ୍ୱୟଂଚାଳିତ ସଂସ୍ଥା | 1,549.14 | 722.83 | 2,271.97 | 277.23 | 516.20 | 793.43 |
| 3. କେନ୍ଦ୍ର ସରକାର/କେନ୍ଦ୍ର ସରକାରୀ କମ୍ପାନୀ/ନିଗମ | 44.95 | 6,760.81 | 6,805.76 | 44.95 | 5,500.47 | 5,545.42 |
| 4. ଆର୍ଥିକ ପ୍ରତିଷ୍ଠାନ ଏବଂ ଅନ୍ୟମାନେ | 77.28 | 6,924.06 | 7,001.34 | 77.75 | 5,885.63 | 5,963.38 |
| **ମୋଟ** | **9,300.84** | **15,903.38** | **25,204.22** | **9,316.53** | **13,763.57** | **23,080.10** |
| ମୋଟ ପୁଞ୍ଜିଲଗାଣ ଉପରେ ରାଜ୍ୟ ସରକାରଙ୍କ ପୁଞ୍ଜିଲଗାଣର ଶତକଡା ହାର | 82.03 | 9.40 | 36.20 | 95.71 | 13.52 | 46.70 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)*

31 ମାର୍ଚ୍ଚ 2023 ଶେଷ ସୁଦ୍ଧା 13ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡ଼ିକରେ ସାଧାରଣ ଅଂଶଧନ ଏବଂ ଋଣର ପରିମାଣ ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 1.4: ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡ଼ିକରେ ସାଧାରଣ ଅଂଶଧନ ଏବଂ ଋଣ**

*(ଟଙ୍କା କୋଟିରେ)*

| ପୁଞ୍ଜିଲଗାଣର ଉତ୍ସ | 31.03.2022 ତାରିଖରେ | | | 31.03.2023 ତାରିଖରେ | | |
|---|---|---|---|---|---|---|
| | ସାଧାରଣ ଅଂଶଧନ | ଦୀର୍ଘକାଳୀନ ଋଣ | ମୋଟ | ସାଧାରଣ ଅଂଶଧନ | ଦୀର୍ଘକାଳୀନ ଋଣ | ମୋଟ |
| ରାଜ୍ୟ ସରକାର | 235.01 | 0 | 235.01 | 235.01 | 0 | 235.01 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)*

### ନିଷ୍କ୍ରିୟ ଏସ୍‌ପିଏସ୍‌ଇଗୁଡ଼ିକରେ ପୁଞ୍ଜିଲଗାଣ

ଉପଲବ୍ଧ ଦସ୍ତାବିଜ ଅନୁଯାୟୀ, 25ଟି ନିଷ୍କ୍ରିୟ ଏସ୍‌ପିଏସ୍‌ଇ ମଧ୍ୟରୁ 15ଟିରେ 62.36 କୋଟି ଟଙ୍କାର ସରକାରୀ ପୁଞ୍ଜିଲଗାଣ ହୋଇଥିଲା। ସମସ୍ତ 25ଟି ନିଷ୍କ୍ରିୟ ଏସ୍‌ପିଏସ୍‌ଇ ପାଇଁ ଅନୁରୂପ ସଂଖ୍ୟା ପ୍ରଦାନ କରିବାକୁ ଅର୍ଥ ବିଭାଗ, ଓଡ଼ିଶା ସରକାରଙ୍କ ପ୍ରମୁଖ ସଚିବଙ୍କୁ ଅନୁରୋଧ କରାଯାଇଛି। ଉତ୍ତରଟି ଅପେକ୍ଷାରେ ଅଛି (ମାର୍ଚ୍ଚ 2025)। କମ୍ପାନୀ ଅଧିନିୟମ ଅନୁଯାୟୀ ନିଷ୍କ୍ରିୟ କମ୍ପାନୀଗୁଡ଼ିକର ସ୍ୱେଚ୍ଛାକୃତ ବନ୍ଦ କରିବା ପ୍ରକ୍ରିୟାକୁ ଜୋରଦାର ଭାବରେ ଅନୁସରଣ କରାଯିବା ଆବଶ୍ୟକ ବୋଲି ସୁପାରିଶ କରାଯାଇଛି।

### 1.2.1 ଏସ୍‌ପିଏସ୍‌ଇଗୁଡ଼ିକରେ ସାଧାରଣ ଅଂଶଧନର ପରିମାଣ

ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ 29ଟି ଏସ୍‌ପିଏସ୍‌ଇର ସାଧାରଣ ଅଂଶଧନର ପରିମାଣ 2022-23ରେ ମୋଟ 15.69 କୋଟି ଟଙ୍କା ବୃଦ୍ଧି ହୋଇଛି।

2022-23 ବର୍ଷରେ ସରକାରୀ କମ୍ପାନୀ ଏବଂ ନିଗମଗୁଡ଼ିକରେ ରାଜ୍ୟ ସରକାର ଏବଂ ଅନ୍ୟମାନଙ୍କ[4] ଦ୍ୱାରା ଧାରଣ କରାଯାଇଥିବା ସାଧାରଣ ଅଂଶଧନର ପରିମାଣ ନିମ୍ନରେ ଥିବା ଚାର୍ଟରେ ଚିତ୍ରିତ ହୋଇଛି:

4 ଅନ୍ୟାନ୍ୟ ମାନଙ୍କ ମଧ୍ୟରେ କେନ୍ଦ୍ର ସରକାର, କେନ୍ଦ୍ର ସରକାରୀ କମ୍ପାନୀ/ନିଗମ, ରାଜ୍ୟ ସରକାରୀ କମ୍ପାନୀ/ନିଗମ, ଆର୍ଥିକ ପ୍ରତିଷ୍ଠାନ ଇତ୍ୟାଦି ଅନ୍ତର୍ଭୁକ୍ତ।

ଚାର୍ଟ 1.1: ସରକାରୀ କମ୍ପାନୀ ଏବଂ ନିଗମଗୁଡ଼ିକରେ ଧାରଣ କରାଯାଇଥିବା ସାଧାରଣ ଅଂଶଧନର ପରିମାଣ




*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)*

2022-23ରେ ଏସ୍‌ପିଏସ୍‌ଇଗୁଡ଼ିକର ସମାଦତ୍ତ ପୁଞ୍ଜିରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଅଂଶଧନ (200 କୋଟି ଟଙ୍କାରୁ ଅଧିକ ଅଂଶଧନ)ର ବିବରଣୀ ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 1.5: ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଅଂଶଧନ**

*(ଟଙ୍କା କୋଟିରେ)*

| ଏସ୍‌ପିଏସ୍‌ଇର ନାମ | ବିଭାଗର ନାମ | ରାଜ୍ୟ ସରକାରଙ୍କ ଅଂଶଧନର ପରିମାଣ | ବିଚରାଧିନ ସମସ୍ତ ସରକାରୀ କମ୍ପାନୀ ଏବଂ ନିଗମରେ ରାଜ୍ୟ ସରକାରଙ୍କ ଅଂଶଧନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଅଂଶଧନର ପ୍ରତିଶତ |
|---|---|---|---|
| **ବୈଧାନିକ ନିଗମ** | | | |
| ଓଡିଶା ରାଜ୍ୟ ଅର୍ଥ ନିଗମ | ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | 342.72 | 3.84 |
| ଓଡିଶା ରାଜ୍ୟ ସଡକ ପରିବହନ ନିଗମ | ବାଣିଜ୍ୟ ଓ ପରିବହନ | 328.54 | 3.68 |
| **ସରକାରୀ କମ୍ପାନୀ ସମୂହ** | | | |
| ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ | ଶକ୍ତି | 2,067.50 | 23.19 |
| ଓଡିଶା ବିଦ୍ୟୁତ୍ ସଞ୍ଚାରଣ ନିଗମ ଲିମିଟେଡ୍ | ଶକ୍ତି | 1,886.71 | 21.16 |
| ଓଡିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ | ଶକ୍ତି | 833.19 | 9.34 |
| ଗ୍ରୀଡ୍‌କୋ ଲିମିଟେଡ୍ | ଶକ୍ତି | 3,002.04 | 33.67 |
| ଓଡିଶା କୋଇଲା ଏବଂ ବିଦ୍ୟୁତ୍ ଲିମିଟେଡ୍ | ଶକ୍ତି | 208.72 | 2.34 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)*

### 1.2.2 ଏସ୍‌ପିଏସ୍‌ଇଗୁଡିକୁ ଦିଆଯାଇଥିବା ଋଣ

ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ 29ଟି ସରକାରୀ କମ୍ପାନୀ ଏବଂ ନିଗମଗୁଡିକ ମଧ୍ୟରୁ 09ଟି ଏସ୍‌ପିଏସ୍‌ଇର 31 ମାର୍ଚ୍ଚ 2023 ସୁଦ୍ଧା ସମସ୍ତ ଉତ୍ସରୁ 13,763.57 କୋଟି ଟଙ୍କା ବକେୟା ଦୀର୍ଘକାଳୀନ ଋଣ ରହିଥିଲା। 2022-23 ବର୍ଷରେ, ସରକାରୀ କମ୍ପାନୀ ଏବଂ ନିଗମଗୁଡିକର ଦୀର୍ଘକାଳୀନ ଋଣରେ 2,139.81 କୋଟି ଟଙ୍କାର ହ୍ରାସ ମୁଖ୍ୟତଃ ତିନୋଟି ଏସ୍‌ପିଏସ୍‌ଇ ଯଥା: ଗ୍ରୀଡ୍‌କୋ ଲିମିଟେଡ୍, ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ ଏବଂ ଓଡିଶା କୋଇଲା ଏବଂ ବିଦ୍ୟୁତ୍ ଲିମିଟେଡ୍‌ରେ ହୋଇଥିଲା।

ସରକାରୀ କମ୍ପାନୀ ଏବଂ ନିଗମଗୁଡିକର ବକେୟା ଦୀର୍ଘକାଳୀନ ଋଣର ବର୍ଷ-ୱାରୀ ବିବରଣୀଗୁଡିକ ନିମ୍ନ ଚାର୍ଟରେ ଚିତ୍ରିତ ହୋଇଛି:

**ଚାର୍ଟ 1.2: ସରକାରୀ କମ୍ପାନୀସମୂହ ଏବଂ ନିଗମସମୂହରେ ବକେୟା ଦୀର୍ଘକାଳୀନ ଋଣ**




*(ଉତ୍ସ: ଏସ୍‌ପିଏସ୍‌ଇଗୁଡିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)*

### 1.2.3 ସମ୍ପତ୍ତିର ପର୍ଯ୍ୟାପ୍ତତା (ସମ୍ପତ୍ତିର ଭରଣା ଅନୁପାତ)

ସମୁଦାୟ ସମ୍ପତ୍ତି ସହିତ ମୋଟ କରଜର ଅନୁପାତ ହେଉଛି ଏକ କମ୍ପାନୀ ଶୋଧକ୍ଷମ ରହିପାରିବ କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ବ୍ୟବହୃତ ପଦ୍ଧତି ମଧ୍ୟରୁ ଗୋଟିଏ। ଶୋଧକ୍ଷମ ଭାବରେ ବିବେଚନା କରିବାକୁ, ଏକ ସଂସ୍ଥାର ସମ୍ପତ୍ତିର ମୂଲ୍ୟ ଏହାର କରଜ/ଋଣ ପରିମାଣଠାରୁ ଅଧିକ ହେବା ଜରୁରୀ। 31 ମାର୍ଚ୍ଚ 2023 ସୁଦ୍ଧା ବକେୟା କରଜ ଥିବା 09ଟି ସରକାରୀ ଏସ୍‌ପିଏସ୍‌ଇରେ ମୋଟ ସମ୍ପତ୍ତିର ମୂଲ୍ୟ ଅନୁଯାୟୀ ଦୀର୍ଘକାଳୀନ କରଜର ତୁଳନା ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 1.6: ମୋଟ ସମ୍ପତ୍ତି ସହିତ ଦୀର୍ଘକାଳୀନ ଋଣର ତୁଳନା**

| | ଧନାତ୍ମକ ତୁଳନା | | | | ଋଣାତ୍ମକ ତୁଳନା | | | |
|---|---|---|---|---|---|---|---|---|
| | ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ଦୀର୍ଘକାଳୀନ ଋଣ | ସମ୍ପତ୍ତି | ଋଣ ତୁଳନାରେ ସମ୍ପତ୍ତିର ଶତକଡା ହାର | ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ଦୀର୍ଘକାଳୀନ ଋଣ | ସମ୍ପତ୍ତି | ଋଣ ତୁଳନାରେ ସମ୍ପତ୍ତିର ଶତକଡା ହାର |
| | | (ଟଙ୍କା କୋଟିରେ) | | | | (ଟଙ୍କା କୋଟିରେ) | | |
| ବୈଧାନିକ ନିଗମ ସମୂହ | 2 | 107.33 | 1,135.59 | 1,058.04 | - | - | - | - |
| ସରକାରୀ କମ୍ପାନୀ ସମୂହ | 7 | 13,656.24 | 35,450.14 | 259.59 | - | - | - | - |
| **ମୋଟ** | **9** | **13,763.57** | **36,585.73** | | **-** | **-** | **-** | **-** |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)*

ଉପର୍ଯ୍ୟୁକ୍ତ ସାରଣୀରୁ ଏହା ଜଣା ପଡିଛି ଯେ ସମସ୍ତ 09ଟି ସରକାରୀ କମ୍ପାନୀ ଏବଂ ନିଗମଗୁଡିକର ଧନାତ୍ମକ ଅନୁପାତ ରହିଛି, ଯାହା ସୂଚାଇଥାଏ ଯେ ସମସ୍ତ କମ୍ପାନୀ ଏବଂ ନିଗମର ଋଣ ଦାୟିତ୍ୱ ପୂରଣ ପାଇଁ ପର୍ଯ୍ୟାପ୍ତ ସମ୍ପତ୍ତି ଅଛି ।

### 1.2.4 କେନ୍ଦ୍ର/ରାଜ୍ୟ ସରକାରଙ୍କ ଦ୍ୱାରା ଅନୁଦାନ/ସବ୍‌ସିଡି ବିଷୟରେ ସୂଚନା

ଓଡିଶା ସରକାର ବାର୍ଷିକ ବଜେଟ୍ ମାଧ୍ୟମରେ ବିଭିନ୍ନ ରୂପରେ ଏସ୍‌ପିଏସ୍‌ଇମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥାଆନ୍ତି । 2022-23ରେ 36ଟି ସକ୍ରିୟ ସରକାରୀ କମ୍ପାନୀ (33ଟି ସରକାରୀ କମ୍ପାନୀ ଏବଂ 03ଟି ବୈଧାନିକ ନିଗମ) ମଧ୍ୟରୁ 14ଟି ସରକାରୀ କମ୍ପାନୀ ଏବଂ 15ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ମଧ୍ୟରୁ 01ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀକୁ ଅଂଶଧନ, ଋଣ, ଅନୁଦାନ/ସବ୍‌ସିଡି, ଋଣ ଛାଡ ଏବଂ ଋଣର ଅଂଶଧନରେ ରୂପାନ୍ତରଣ ବାବଦକୁ ଓଡିଶା ସରକାର ବଜେଟ୍ ସହାୟତା ପ୍ରଦାନ କରିଥିଲେ । ମାର୍ଚ୍ଚ 2023ରେ ଶେଷ ହୋଇଥିବା ତିନିବର୍ଷ ପାଇଁ ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦାନ କରାଯାଇଛି:

**ସାରଣୀ 1.7: ଏସ୍‌ପିଏସ୍‌ଇଗୁଡିକୁ ବଜେଟ ସହାୟତା ସମ୍ବନ୍ଧୀୟ ବିବରଣୀ**

*(ଟଙ୍କା କୋଟିରେ)*

| ସବିଶେଷ[5] | 2020-21 | | 2021-22 | | 2022-23 | |
|---|---|---|---|---|---|---|
| | ଏସ୍‌ପିଏସ୍‌ଇ ସଂଖ୍ୟା | ପରିମାଣ | ଏସ୍‌ପିଏସ୍‌ଇ ସଂଖ୍ୟା | ପରିମାଣ | ଏସ୍‌ପିଏସ୍‌ଇ ସଂଖ୍ୟା | ପରିମାଣ |
| ସାଧାରଣ ଅଂଶଧନ (i) | 2 | 32.54 | 4 | 572.80 | 4 | 604.11 |
| ପ୍ରଦତ୍ତ ଋଣ (ii) | 0 | 0 | 2 | 118.40 | 3 | 710.51 |
| ପ୍ରଦତ୍ତ ଅନୁଦାନ/ସବ୍‌ସିଡି (iii) | 9 | 758.19 | 16 | 1,436.14 | 10 | 3,559.37 |
| ମୋଟ ପ୍ରଦତ୍ତ ଅର୍ଥ (i+ii+iii) | 9* | 790.73 | 19$ | 2,127.34 | 15# | 4,873.99 |
| ଋଣ ପରିଶୋଧ ଛାଡ | 0 | 0 | 0 | 0 | 0 | 0 |
| ସାଧାରଣ ଅଂଶଧନରେ ରୂପାନ୍ତରିତ ଋଣ | 0 | 0 | 2 | 2,439.69 | 0 | 0 |
| ପ୍ରତିଭୂତି ପ୍ରଦାନ | 1@ | 2,000.00 | 1@ | 600.00 | 0 | 0 |
| ପ୍ରତିଭୂତି ପ୍ରତିଶ୍ରୁତି[6] | 1@ | 6,233.90 | 1@ | 8,277.50 | 1@ | 7,256.72 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡିକଠାରୁ ପ୍ରାପ୍ତ ସୂଚନା ଆଧାରରେ ସଂକଳିତ)*

* *ଗୋଟିଏ ସରକାରୀ ଏସ୍‌ପିଏସ୍‌ଇ ଯଥା: ଓଡିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ 2020-21ରେ ସାଧାରଣ ଅଂଶଧନ ଏବଂ ଅନୁଦାନ ଗ୍ରହଣ କରିଥିଲେ ।*

$ *ଗୋଟିଏ ସରକାରୀ ଏସ୍‌ପିଏସ୍‌ଇ ଯଥା: ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍ 2021-22ରେ ସାଧାରଣ ଅଂଶଧନ ଏବଂ ଅନୁଦାନ ଗ୍ରହଣ କରିଥିଲା, ଗୋଟିଏ ସରକାରୀ ଏସ୍‌ପିଏସ୍‌ଇ ଯଥା: ଓଡିଶା ବିଦ୍ୟୁତ୍ ସଞ୍ଚାରଣ ନିଗମ ଲିମିଟେଡ୍ 2021-22ରେ ଉଭୟ ସାଧାରଣ ଅଂଶଧନ ଏବଂ ଋଣ ଗ୍ରହଣ କରିଥିଲା ଏବଂ ଗୋଟିଏ ସରକାରୀ ଏସ୍‌ପିଏସ୍‌ଇ ଯଥା: ଓଡିଶା ମତ୍ସ୍ୟଜୀବୀ ଉନ୍ନୟନ ନିଗମ ଲିମିଟେଡ୍ 2021-22ରେ ଉଭୟ ଋଣ ଏବଂ ଅନୁଦାନ ଗ୍ରହଣ କରିଥିଲା ।*

# *ଗୋଟିଏ ସରକାରୀ ଏସ୍‌ପିଏସ୍‌ଇ ଯଥା: ଓଡିଶା ବିଦ୍ୟୁତ୍ ସଞ୍ଚାରଣ ନିଗମ ଲିମିଟେଡ୍ 2022-23ରେ ସାଧାରଣ ଅଂଶଧନ ଏବଂ ଋଣ ଗ୍ରହଣ କରିଥିଲା ଏବଂ ଗୋଟିଏ ସରକାରୀ ଏସ୍‌ପିଏସ୍‌ଇ ଯଥା: ଓଡିଶା ରାଜ୍ୟ ସଡକ ପରିବହନ ନିଗମ 2022-23ରେ ଉଭୟ ସାଧାରଣ ଅଂଶଧନ ଏବଂ ଅନୁଦାନ/ସବ୍‌ସିଡି ଗ୍ରହଣ କରିଥିଲା ।*

@ *ଗ୍ରୀଡ୍‌କୋ ଲିମିଟେଡ୍*

[5] ପରିମାଣ କେବଳ ରାଜ୍ୟ ବଜେଟ୍‌ରୁ ଆଉଟଗୋକୁ ପ୍ରତିନିଧିତ୍ୱ କରେ

[6] ଏକ ନିର୍ଦ୍ଦିଷ୍ଟ ବର୍ଷ ଶେଷରେ ଏସ୍‌ପିଏସ୍‌ଇଗୁଡିକ ଉପରେ ସରକାରୀ ପ୍ରତିଭୂତିର ଅନ୍ତିମ ଅବଶେଷ

2022-23 ବର୍ଷରେ ଦିଆଯାଇଥିବା 4,873.99 କୋଟି ଟଙ୍କାର ବଜେଟୀୟ ସହାୟତା ଅଂଶଧନ, ଋଣ ଏବଂ ଅନୁଦାନ/ସବ୍‌ସିଡି ଆକାରରେ ଥିଲା। 2022-23 ବର୍ଷରେ ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ (ଓଏସ୍‌ସିଏସ୍‌ସି) (1,169.27 କୋଟି ଟଙ୍କା) ଏବଂ ଓଡିଶା ଉଠା ଜଳସେଚନ ନିଗମ ଲିମିଟେଡ୍ (ଓଏଲ୍‌ଆଇସି)କୁ (1,176.09 କୋଟି ଟଙ୍କା) ସର୍ବାଧିକ ଅନୁଦାନ/ସବ୍‌ସିଡି ପ୍ରଦାନ କରାଯାଇଥିଲା। ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ 2021-22 ଏବଂ 2022-23 ଆର୍ଥିକ ବର୍ଷର ବାର୍ଷିକ ହିସାବ ଏବଂ ଓଡିଶା ଉଠା ଜଳସେଚନ ନିଗମ ଲିମିଟେଡ୍ 2019-20ରୁ 2022-23 ଆର୍ଥିକ ବର୍ଷର ବାର୍ଷିକ ହିସାବ 30 ସେପ୍ଟେମ୍ବର 2023 ସୁଦ୍ଧା ଦାଖଲ କରିନାହାନ୍ତି।

ଭାରତର ସମ୍ବିଧାନ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସୀମା ଅନୁଯାୟୀ ସରକାରଙ୍କ ଦ୍ୱାରା ଜାରି (ନଭେମ୍ବର 2002) କରାଯାଇଥିବା ମାନଦଣ୍ଡ ଏବଂ ନିର୍ଦ୍ଦେଶାବଳୀ ଅନୁଯାୟୀ ଓଡିଶା ସରକାର ପ୍ରତିଭୂତି ପ୍ରଦାନ କରିଥାଆନ୍ତି। ଅନୁମୋଦିତ ସର୍ବାଧିକ ପ୍ରତିଭୂତି ଉପରେ 0.50 ପ୍ରତିଶତ ହାରରେ ଏକ ପ୍ରତିଭୂତି କମିଶନ ଆଦାୟ କରାଯାଏ। ଆର୍ଥିକ ବର୍ଷରେ ଜିଓଓର ବକେୟା ପ୍ରତିଭୂତି ପ୍ରତିଶ୍ରୁତି 12.33 ପ୍ରତିଶତ ହ୍ରାସ ପାଇ 2021-22ରେ 8,277.55 କୋଟି ଟଙ୍କାରୁ 2022-23ରେ 7,256.72 କୋଟି ଟଙ୍କାରେ ପହଞ୍ଚିଥିଲା। ଗ୍ରୀଡ୍‌କୋ ଲିମିଟେଡ୍ 2022-23 ମଧ୍ୟରେ 40.09 କୋଟି ଟଙ୍କାର ପ୍ରତିଭୂତି କମିଶନ ଦେଇଥିଲା।

### 1.2.5 ପୁଞ୍ଜି ପ୍ରତ୍ୟାହାର, ପୁନର୍ଗଠନ ଏବଂ ଘରୋଇକରଣ

2022-23 ବର୍ଷରେ, କୌଣସି ରାଜ୍ୟ ଏସ୍‌ପିଏସ୍‌ଇର ପୁଞ୍ଜି ପ୍ରତ୍ୟାହାର ହୋଇନଥିଲା କିମ୍ବା ଘରୋଇକରଣ ହୋଇନଥିଲା। ଚାରୋଟି କାର୍ଯ୍ୟରତ ସରକାରୀ କମ୍ପାନୀ ଯଥା: ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍, ଇଡ୍‌କଲ୍ କଳିଙ୍ଗ ଆଇରନ୍ ୱାର୍କ୍‌ସ ଲିମିଟେଡ୍, ଇଡ୍‌କଲ୍ ଫେରୋକ୍ରମ ଆଣ୍ଡ ଆଲଏଜ୍ ଲିମିଟେଡ୍ ଏବଂ ଓଡିଶା ଖଣିଜ ଅନ୍ୱେଷଣ ନିଗମ ଲିମିଟେଡ୍, ଓଡିଶା ଖଣି ନିଗମ ଲିମିଟେଡ୍ ସହିତ ମିଶ୍ରଣ ହେତୁ 2022-23 ବର୍ଷରେ ସିଏଜିର ସମୀକ୍ଷା ପରିସରରୁ ବାହାରି ଯାଇଥିଲା।

### 1.2.6 ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ପୁଞ୍ଜିଲଗାଣ

ରାଜ୍ୟ ସରକାର, କେନ୍ଦ୍ର ସରକାର ଏବଂ ସେମାନଙ୍କ ଦ୍ୱାରା ନିୟନ୍ତ୍ରିତ କମ୍ପାନୀ ଏବଂ ବୈଧାନିକ ନିଗମ ଦ୍ୱାରା 2022-23 ବର୍ଷ ମଧ୍ୟରେ 13ଟି[7] ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀରେ ପୁଞ୍ଜିଲଗାଣ ହୋଇଥିବା ପୁଞ୍ଜି ନିମ୍ନ ଚାର୍ଟରେ ଚିତ୍ରିତ ହୋଇଅଛି:

**ଚାର୍ଟ 1.3: ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ଅଂଶଧନ ପୁଞ୍ଜି ରଚନା**




*(ଉତ୍ସ: ଏସ୍‌ପିଏସ୍‌ଇଗୁଡିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)*

31 ମାର୍ଚ୍ଚ 2023 ମଧ୍ୟରେ, ଏହି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ସାଧାରଣ ଅଂଶଧନ 1,001.55 କୋଟି ଟଙ୍କା ଥିଲା।

---

[7] 15ଟି ବିଯୁକ୍ତ 02ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ସମୂହ ଯାହାର ହିସାବ ତିନିବର୍ଷ କିମ୍ବା ଅଧିକ ବକେୟା ଥିଲା କିମ୍ବା ଅଚଳ/ସମାପନ ପ୍ରକ୍ରିୟାରେ ଥିଲା

## 1.3 ସରକାରୀ କମ୍ପାନୀ ଏବଂ ନିଗମଗୁଡିକରୁ ଉପାର୍ଜନ

### 1.3.1 ଏସ୍‌ପିଏସ୍‌ଇଗୁଡିକ ଦ୍ୱାରା ଅର୍ଜିତ ଲାଭ

2021-22ରେ 21ଟି ଏସ୍‌ପିଏସ୍‌ଇର ଅର୍ଜିତ ଲାଭ 3,289.86 କୋଟି ଟଙ୍କାରୁ ବୃଦ୍ଧି ପାଇ 2022-23ରେ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ 29ଟି ସରକାରୀ କମ୍ପାନୀ ଓ ନିଗମମାନଙ୍କ ମଧ୍ୟରୁ 18ଟି ଏସ୍‌ପିଏସ୍‌ଇରେ 7,073.21 କୋଟି ଟଙ୍କା ହୋଇଥିଲା। ସର୍ବାଧିକ ପାଞ୍ଚଟି ଲାଭ ଅର୍ଜନକାରୀ ଏସ୍‌ପିଏସ୍‌ଇ ହେଉଛି ଓଡିଶା ଖଣି ନିଗମ ଲିମିଟେଡ୍ (ଓଏମ୍‌ସି), ଓଡିଶା କୋଇଲା ଏବଂ ବିଦ୍ୟୁତ୍ ଲିମିଟେଡ୍ (ଓସିପିଏଲ୍), ଓଡିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଏଚ୍‌ପିସି), ଓଡିଶା ରାଜ୍ୟ ଆରକ୍ଷୀ ଗୃହ ଏବଂ କଲ୍ୟାଣ ନିଗମ ଲିମିଟେଡ୍ (ଓଏସ୍‌ପିଏଚ୍‌ଡବ୍ଲ୍ୟୁସି) ଏବଂ ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡ୍ (ଓଏଫ୍‌ଡିସିଏଲ୍)। 2022-23ରେ 18ଟି ଏସ୍‌ପିଏସ୍‌ଇର ସାଧାରଣ ଅଂଶଧନ ଉପରେ ଲାଭ (ଆର୍‌ଓଇ) 31.19 ପ୍ରତିଶତ ଥିଲା, ଯାହା 2021-22ରେ 21ଟି ଏସ୍‌ପିଏସ୍‌ଇରେ 22.37 ପ୍ରତିଶତ ଥିଲା। 2020-21ରୁ 2022-23 ମଧ୍ୟରେ ଲାଭ ଅର୍ଜନ କରିଥିବା ଏସ୍‌ପିଏସ୍‌ଇଗୁଡିକର ସଂଖ୍ୟା ନିମ୍ନ ଚାର୍ଟରେ ଚିତ୍ରିତ ହୋଇଅଛି:

**ଚାର୍ଟ 1.4: ଲାଭ କରିଥିବା ଏସ୍‌ପିଏସ୍‌ଇଗୁଡିକର ସଂଖ୍ୟା**




*(ଉତ୍ସ: ଏସ୍‌ପିଏସ୍‌ଇଗୁଡିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)*

2022-23 ମଧ୍ୟରେ ସର୍ବାଧିକ ଲାଭ ପ୍ରଦାନ କରିଥିବା ଶ୍ରେଷ୍ଠ ତିନୋଟି ବିଭାଗ, ଏସ୍‌ପିଏସ୍‌ଇଗୁଡିକର ବିବରଣୀ ନିମ୍ନ ସାରଣୀରେ ଦର୍ଶାଯାଇଅଛି:

**ସାରଣୀ 1.8: 2022-23ରେ ଶ୍ରେଷ୍ଠ ତିନୋଟି ବିଭାଗ ଯାହାର ଏସ୍‌ପିଏସ୍‌ଇଗୁଡିକ ସର୍ବାଧିକ ଲାଭ ପ୍ରଦାନ କରିଥିଲେ**

| ବିଭାଗର ନାମ | ଲାଭ କରୁଥିବା ଏସ୍‌ପିଏସ୍‌ଇଗୁଡିକର ସଂଖ୍ୟା (ସରକାରୀ କମ୍ପାନୀ ସମୂହ) | ନିଟ୍ ଅର୍ଜିତ ଲାଭ (ଟଙ୍କା କୋଟିରେ) | 29ଟି ଏସ୍‌ପିଏସ୍‌ଇ ଦ୍ୱାରା ନିଟ୍ ଅର୍ଜିତ ଲାଭ (18ଟି ଲାଭକାରୀ ଏବଂ 07ଟି କ୍ଷତି କରୁଥିବା) (ଟଙ୍କା କୋଟିରେ) | ଏସ୍‌ପିଏସ୍‌ଇଗୁଡିକର ମୋଟ ଲାଭ ଉପରେ ଲାଭର ଶତକଡା ହାର |
|---|---|---|---|---|
| ଇସ୍ପାତ ଓ ଖଣି | 1 | 4,734.04 | 6,278.23 | 75.40 |
| ଶକ୍ତି | 5 | 1,032.69 | | 16.45 |
| ଶିଳ୍ପ | 1 | 433.44 | | 6.90 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)*

2022-23 ବର୍ଷ ମଧ୍ୟରେ 50 କୋଟି ଟଙ୍କାରୁ ଅଧିକ ଲାଭ ହାସଲ କରିଥିବା ସରକାରୀ କମ୍ପାନୀଗୁଡିକର ତାଲିକା ନିମ୍ନ ସାରଣୀରେ ଦିଆଗଲା:

**ସାରଣୀ 1.9: 50 କୋଟି ଟଙ୍କାରୁ ଅଧିକ ଲାଭ ଅର୍ଜନ କରିଥିବା ଏସ୍‌ପିଏସ୍‌ଇଗୁଡିକର ତାଲିକା**

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇର ନାମ | ନିଟ୍ ଲାଭ |
|---|---|---|
| 1 | ଓଡିଶା ଖଣି ନିଗମ ଲିମିଟେଡ୍ | 4,734.04 |
| 2 | ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ | 839.99 |
| 3 | ଓଡିଶା କୋଇଲା ଏବଂ ବିଦ୍ୟୁତ୍ ଲିମିଟେଡ୍ | 807.47 |
| 4 | ଓଡିଶା ଶିଳ୍ପ ପ୍ରୋତ୍ସାହନ ଓ ପୁଞ୍ଜିଲଗାଣ ନିଗମ ଲିମିଟେଡ୍ | 434.77 |
| 5 | ଓଡିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ | 88.86 |
| 6 | ଓଡିଶା ବିଦ୍ୟୁତ୍ ସଞ୍ଚାରଣ ନିଗମ ଲିମିଟେଡ୍ | 61.97 |
| ମୋଟ | | **6,967.10** |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)*

ଏହା ଦେଖାଯାଇପାରେ ଯେ, ଏହି ଛଅଟି ଏସ୍‌ପିଏସ୍‌ଇ 2022-23 ମଧ୍ୟରେ 18ଟି ଏସ୍‌ପିଏସ୍‌ଇ ଦ୍ୱାରା ଅର୍ଜିତ ମୋଟ ଲାଭରେ 98.50 ପ୍ରତିଶତ ଯୋଗଦାନ ଦେଇଥିଲେ।

13ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ମଧ୍ୟରୁ ସାତଟି କମ୍ପାନୀ 31 ମାର୍ଚ୍ଚ 2023ରେ ଶେଷ ହୋଇଥିବା ବର୍ଷରେ 4.08 କୋଟି ଟଙ୍କା ଲାଭ କରିଥିଲେ।

### 1.3.2 ଏସ୍‌ପିଏସ୍‌ଇ ଦ୍ୱାରା ଲାଭାଂଶ ପ୍ରଦାନ

ରାଜ୍ୟ ସରକାର ଏକ ଲାଭାଂଶ ନୀତି ପ୍ରସ୍ତୁତ କରିଥିଲେ (ଡିସେମ୍ବର 2011) ଯେଉଁଥିରେ ସମସ୍ତ ଲାଭ କରୁଥିବା ଏସ୍‌ପିଏସ୍‌ଇଗୁଡିକ ରାଜ୍ୟ ସରକାରଙ୍କ ସାଧାରଣ ଅଂଶଧନର 20 ପ୍ରତିଶତ କିମ୍ବା ଟିକସ ପରବର୍ତ୍ତୀ ଲାଭର 20 ପ୍ରତିଶତ ମଧ୍ୟରୁ ଯାହା ଅଧିକ ତାହା ବାର୍ଷିକ ଲାଭାଂଶ ଆକାରରେ ଦେବାର ଥିଲା। ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଥିବା ଏସ୍‌ପିଏସ୍‌ଇଗୁଡିକ ପାଇଁ ସର୍ବନିମ୍ନ ଲାଭାଂଶ ପ୍ରଦାନ ଟିକସ ପରବର୍ତ୍ତୀ ଲାଭର 30 ପ୍ରତିଶତ ଥିଲା। ପରବର୍ତ୍ତୀ ସମୟରେ, ଜିଓଓ ସମସ୍ତ ଏସ୍‌ପିଏସ୍‌ଇ ପାଇଁ 30 ପ୍ରତିଶତ ହାରରେ ଲାଭାଂଶ ପ୍ରଦାନ କରିବା ପାଇଁ ସଂଶୋଧିତ ନିର୍ଦ୍ଦେଶାବଳୀ ଜାରି କରିଥିଲେ (ଫେବ୍ରୁଆରୀ 2016)। ତଥାପି, ସାତଟି ଏସ୍‌ପିଏସ୍‌ଇ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଆଧାରରେ ଲାଭାଂଶ ଘୋଷଣା କରି ନଥିଲେ ଯାହା **ପରିଶିଷ୍ଟ 6**ରେ ଦିଆଗଲା। ଏହି ହିସାବରେ ମୋଟ ନିଅଣ୍ଟ 2022-23ରେ 1,419.30 କୋଟି ଟଙ୍କା ଥିଲା।

ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମସମୂହ ଦ୍ୱାରା ଅର୍ଜିତ ଲାଭ ଏବଂ ଘୋଷିତ/ପ୍ରଦତ୍ତ ଲାଭାଂଶର ବିବରଣୀ ନିମ୍ନରେ ଥିବା ସାରଣୀରେ ଦିଆଯାଇଛି:

**ସାରଣୀ 1.10: ଅର୍ଜିତ ଲାଭ ଏବଂ ଘୋଷିତ/ପ୍ରଦତ୍ତ ଲାଭାଂଶ**

| ବର୍ଗ | ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ମୋଟ ସମାଦତ୍ତ ପୁଞ୍ଜି (ଟଙ୍କା କୋଟିରେ) | ନିଟ୍ ଲାଭ (ଟଙ୍କା କୋଟିରେ) | ଘୋଷିତ ଲାଭାଂଶ (ଟଙ୍କା କୋଟିରେ) |
|---|---|---|---|---|
| ସରକାରୀ କମ୍ପାନୀ/ନିଗମ | 10 | 1,451.55 | 5,713.49 | 622.16 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)*

29ଟି ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମ ମଧ୍ୟରୁ 10ଟି ଏସ୍‌ପିଏସ୍‌ଇ 2022-23ରେ ଲାଭାଂଶ ଘୋଷଣା କରିଥିଲେ। ନିଟ୍ ଲାଭରେ ଘୋଷିତ ଲାଭାଂଶର ଶତକଡା ହାର 2021-22ରେ 18.59 ପ୍ରତିଶତରୁ 2022-23ରେ 10.89 ପ୍ରତିଶତକୁ ହ୍ରାସ ପାଇଥିଲା। ସମ୍ପୂର୍ଣ୍ଣ ଅର୍ଥରେ, 2022-23ରେ ଏସ୍‌ପିଏସ୍‌ଇଗୁଡିକ ଦ୍ୱାରା ଘୋଷିତ ଲାଭାଂଶ ପୂର୍ବବର୍ଷ ତୁଳନାରେ 57.06 କୋଟି ଟଙ୍କା ବୃଦ୍ଧି ପାଇଥିଲା। **ଚାର୍ଟ 1.5**ରେ ଗତ ତିନି ବର୍ଷ

ମଧ୍ୟରେ ଏସ୍‌ପିଏସ୍‌ଇଗୁଡିକ ଦ୍ୱାରା ଘୋଷିତ ଲାଭାଂଶ, ସେମାନଙ୍କ ଦ୍ୱାରା ଅର୍ଜିତ ନିଟ୍ ଲାଭ ଏବଂ ସେମାନଙ୍କ ସମାଦତ୍ତ ପୁଞ୍ଜିକୁ ଚିତ୍ରଣ କରାଯାଇଛି ।

**ଚାର୍ଟ 1.5: ଘୋଷିତ ଲାଭାଂଶ ନିଟ୍ ଲାଭ ଏବଂ ସମାଦତ୍ତ ପୁଞ୍ଜିର ତୁଳନାତ୍ମକ ଚିତ୍ର**

*(ଟଙ୍କା କୋଟିରେ)*




*(ଉତ୍ସ: ଏସ୍‌ପିଏସ୍‌ଇଗୁଡିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)*

2022-23 ବର୍ଷ ପାଇଁ 10ଟି ଏସ୍‌ପିଏସ୍‌ଇ ଦ୍ୱାରା ଘୋଷିତ ହୋଇଥିବା 622.16 କୋଟି ଟଙ୍କାର ମୋଟ ଲାଭାଂଶ ମଧ୍ୟରୁ, ରାଜ୍ୟ ସରକାର ଗ୍ରହଣ କରିଥିବା/ଗ୍ରହଣଯୋଗ୍ୟ ଲାଭାଂଶ 517.10 କୋଟି ଟଙ୍କା ଥିଲା (ଘୋଷିତ ମୋଟ ଲାଭାଂଶର 83.11 ପ୍ରତିଶତ)। ଏହି 10ଟି ଏସ୍‌ପିଏସ୍‌ଇର ମୋଟ ସାଧାରଣ ଅଂଶଧନ ନିବେଶ 1,746.59 କୋଟି ଟଙ୍କା ଥିବା ବେଳେ ସେଥିରୁ ରାଜ୍ୟ ସରକାରଙ୍କ ସାଧାରଣ ଅଂଶଧନ ନିବେଶ 1,451.55 କୋଟି ଟଙ୍କା ଥିଲା।

13ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ମଧ୍ୟରୁ ସାତଟି କମ୍ପାନୀ 31 ମାର୍ଚ୍ଚ 2023ରେ ଶେଷ ହେଉଥିବା ବର୍ଷରେ 4.08 କୋଟି ଟଙ୍କା ଲାଭ କରିଥିଲେ। ତଥାପି, ଏହି କମ୍ପାନୀଗୁଡିକ ମଧ୍ୟରୁ 2022-23 ମଧ୍ୟରେ କୌଣସି କମ୍ପାନୀ ଲାଭାଂଶ ଘୋଷଣା କରିନଥିଲେ।

## 1.4 ଋଣ ପରିଶୋଧ ଏବଂ ଆଇନଗତ ଅନୁପାଳନ

### 1.4.1 ସୁଧ ଭରଣ ଅନୁପାତ

ସୁଧ ଭରଣ ଅନୁପାତ (ଆଇସିଆର୍) ବକେୟା ଋଣ ଉପରେ କମ୍ପାନୀର ସୁଧ ଦେବାର କ୍ଷମତା ନିର୍ଣ୍ଣୟ କରିବା ପାଇଁ ବ୍ୟବହୃତ ହୁଏ ଏବଂ ସେହି ସମୟର ସୁଧ ଖର୍ଚ୍ଚ ଦ୍ୱାରା ସୁଧ ଏବଂ ଟିକସ ପୂର୍ବରୁ କମ୍ପାନୀର ଆୟ (ଇବିଆଇଟି)କୁ ଭାଗ କରି ଗଣନା କରାଯାଏ। ଅନୁପାତ କମ୍ ଥିବା ଆଇସିଆର୍ ସୂଚାଇଦିଏ ଯେ ସୁଧ ଖର୍ଚ୍ଚ ପ୍ରଦାନ କରିବାର କ୍ଷମତା କମ୍ ଅଛି। ଏକ ତଳେ ଥିବା ଆଇସିଆର୍ ସୂଚାଇଛି ଯେ କମ୍ପାନୀ ସୁଧ ଉପରେ ଖର୍ଚ୍ଚ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ରାଜସ୍ୱ ସୃଷ୍ଟି କରୁନାହିଁ। 2020-21ରୁ 2022-23 ମଧ୍ୟରେ ବକେୟା ଦୀର୍ଘକାଳୀନ ଋଣ ଥିବା ଏସ୍‌ପିଏସ୍‌ଇଗୁଡିକର ଧନାତ୍ମକ ଏବଂ ଋଣାତ୍ମକ ସୁଧ ଭରଣ ଅନୁପାତର ବିବରଣୀ, ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 1.11: ସୁଧ ଭରଣ ଅନୁପାତ**

| ବର୍ଷ | ସୁଧ (ଟଙ୍କା କୋଟିରେ) | ସୁଧ ଏବଂ ଟିକସ ପୂର୍ବରୁ ଆୟ (ଇବିଆଇଟି) (ଟଙ୍କା କୋଟିରେ) | ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ଆଇସିଆର୍ ଧନାତ୍ମକ ଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ଆଇସିଆର୍ ଋଣାତ୍ମକ ଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା |
|---|---|---|---|---|---|
| ବୈଧାନିକ ନିଗମ ସମୂହ | | | | | |
| 2020-21 | 0.47 | -1.59 | 1 | - | 1 |
| 2021-22 | 0.47 | -0.45 | 1 | - | 1 |
| 2022-23 | 0.47 | 8.77 | 1 | 1 | - |
| ସରକାରୀ କମ୍ପାନୀ ସମୂହ | | | | | |
| 2020-21 | 1,640.31 | 70.61 | 7 | 5 | 2 |
| 2021-22 | 1,760.18 | 1,675.28 | 9 | 8 | 1 |
| 2022-23 | 1,356.66 | 3,041.89 | 6 | 5 | 1 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

ଏହା ଦେଖାଯାଇଥିଲା ଯେ ପୂର୍ବ ବର୍ଷ ତୁଳନାରେ 2022-23 ମଧ୍ୟରେ ଆଇସିଆର୍ ଧନାତ୍ମକ ଥିବା ଏସ୍‌ପିଏସ୍‌ଇର ସଂଖ୍ୟା ସରକାରୀ କମ୍ପାନୀ କ୍ଷେତ୍ରରେ ହ୍ରାସ ପାଇଛି ଏବଂ ବୈଧାନିକ ନିଗମଗୁଡିକ କ୍ଷେତ୍ରରେ ବୃଦ୍ଧି ପାଇଛି ।

### 1.4.2 ରାଜ୍ୟ ସରକାରୀ ଋଣ ଉପରେ ବକେୟା ସୁଧର ବର୍ଷ-ୱାରୀ ବିଶ୍ଳେଷଣ

31 ମାର୍ଚ୍ଚ 2023 ସୁଦ୍ଧା, ରାଜ୍ୟ ସରକାରଙ୍କ ଦ୍ୱାରା ତିନୋଟି ଏସ୍‌ପିଏସ୍‌ଇକୁ ପ୍ରଦାନ କରାଯାଇଥିବା ଦୀର୍ଘମିଆଦୀ ଋଣ ଉପରେ 947.20 କୋଟି ଟଙ୍କାର ସୁଧ ବକେୟା ଥିଲା। ଏସ୍‌ପିଏସ୍‌ଇଗୁଡିକରେ ରାଜ୍ୟ ସରକାରଙ୍କ ଋଣ ଉପରେ ବକେୟା ସୁଧର ବର୍ଷ-ୱାରୀ ବିଶ୍ଳେଷଣ ନିମ୍ନ ସାରଣୀରେ ଦର୍ଶାଯାଇଛି:

**ସାରଣୀ 1.12: ରାଜ୍ୟ ସରକାରଙ୍କ ଋଣ ଉପରେ ବକେୟା ସୁଧ**

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇର ନାମ | ରାଜ୍ୟ ସରକାରଙ୍କ ଋଣ ଉପରେ ସୁଧ ବକେୟା | ରାଜ୍ୟ ସରକାରଙ୍କ ଋଣ ଉପରେ ସୁଧ 1 ବର୍ଷରୁ କମ୍ ବକେୟା | ରାଜ୍ୟ ସରକାରଙ୍କ ଋଣ ଉପରେ ସୁଧ 1ରୁ 3 ବର୍ଷ ପର୍ଯ୍ୟନ୍ତ ବକେୟା | ରାଜ୍ୟ ସରକାରଙ୍କ ଋଣ ଉପରେ ସୁଧ 3 ବର୍ଷରୁ ଅଧିକା ବକେୟା |
|---|---|---|---|---|---|
| 1 | ଗ୍ରୀଡ୍‌କୋ ଲିମିଟେଡ୍ | 5.38 | 5.38 | 0.00 | 0.00 |
| 2 | ଓଡିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ | 907.09 | 64.82 | 136.00 | 706.27 |
| 3 | ଓଡିଶା ବିଦ୍ୟୁତ୍ ସଞ୍ଚାରଣ ନିଗମ ଲିମିଟେଡ୍ | 34.73 | 0.00 | 0.00 | 34.73 |
| **ମୋଟ** | | **947.20** | **70.20** | **136.00** | **741.00** |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକରୁ ପ୍ରାପ୍ତ ହୋଇଥିବା ସୂଚନା ଆଧାରରେ ସଂକଳିତ)*

ଉପର୍ଯ୍ୟୁକ୍ତ ସାରଣୀରୁ ଦେଖାଗଲା ଯେ କମ୍ପାନୀଗୁଡ଼ିକ ଠିକ ସମୟରେ ସୁଧ ପଇଠ କରିବାରେ ବିଫଳ ହୋଇଥିଲେ, ଫଳସ୍ୱରୂପ ବର୍ଷକୁ ବର୍ଷ ରାଜ୍ୟ ସରକାରଙ୍କ ଋଣ ଉପରେ ସୁଧ ଜମା ହେଉଛି ।

## 1.5 ସରକାରୀ କମ୍ପାନୀମାନଙ୍କର କାର୍ଯ୍ୟକାରୀ ଦକ୍ଷତା

### 1.5.1 ବିକ୍ରୟ ଏବଂ ମାର୍କେଟିଂ

2022-23 ବର୍ଷରେ, 29ଟି ସରକାରୀ କମ୍ପାନୀ ମଧ୍ୟରୁ 15ଟିର ମୋଟ ବିକ୍ରି 47,853.47 କୋଟି ଟଙ୍କା ଥିଲା, ଯାହା ତୁଳନାରେ 2021-22 ବର୍ଷର ବିକ୍ରି 39,963.81 କୋଟି ଟଙ୍କା ଥିଲା। 2022-23 ବର୍ଷରେ 15ଟି

ଏସ୍‌ପିଏସ୍‌ଇ ମଧ୍ୟରୁ ସାତୋଟି ଏସ୍‌ପିଏସ୍‌ଇ ସରକାରୀ କ୍ଷେତ୍ରକୁ 5,889.61 କୋଟି ଟଙ୍କା ମୂଲ୍ୟର ସାମଗ୍ରୀ ବିକ୍ରି/ସେବା ଯୋଗାଣ କରିଥିଲେ। ଏହି ସାତୋଟି ଏସ୍‌ପିଏସ୍‌ଇଗୁଡିକର ସରକାରୀ କ୍ଷେତ୍ରକୁ ସାମଗ୍ରୀ ବିକ୍ରୟ ସେମାନଙ୍କ ମୋଟ ବିକ୍ରୟର ସାମଗ୍ରିକ ହାର ହେଉଛି 12.31 ପ୍ରତିଶତ। ଏହି ଅବଧି ମଧ୍ୟରେ କୌଣସି ଏସ୍‌ପିଏସ୍‌ଇର ସାମଗ୍ରୀ/ସେବାର ରପ୍ତାନି କିମ୍ବା ଆମଦାନୀ କରିନଥିଲେ।

ତିନି ବର୍ଷ ପାଇଁ 15ଟି ଏସ୍‌ପିଏସ୍‌ଇର ସମୁଦାୟ ବିକ୍ରୟ, ସରକାରୀ କ୍ଷେତ୍ରକୁ ବିକ୍ରୟ ଏବଂ ଅନ୍ୟାନ୍ୟ ବିକ୍ରୟ ବିଷୟରେ ନିମ୍ନସାରଣୀରେ ଦିଆଯାଇଛି:

**ସାରଣୀ 1.13: 15ଟି ଏସ୍‌ପିଏସ୍‌ଇର ବିକ୍ରୟ ବିବରଣୀ**

*(ଟଙ୍କା କୋଟିରେ)*

| ବର୍ଷ | ମୋଟ ବିକ୍ରୟ | ସରକାରୀ କ୍ଷେତ୍ରକୁ ବିକ୍ରୟ | ଅନ୍ୟକୁ ବିକ୍ରୟ |
|---|---|---|---|
| 2020-21 | 23,253.96 | 3,765.63 | 19,488.33 |
| 2021-22 | 39,963.81 | 4,138.75 | 35,825.06 |
| 2022-23 | 47,853.47 | 5,889.61 | 41,963.86 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ ସଂକଳନ କରାଯାଇଛି)*

### 1.5.2 ଉତ୍ପାଦନର ମୂଲ୍ୟ

ତିନି ବର୍ଷ ମଧ୍ୟରେ 10ଟି ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମରେ ଉତ୍ପାଦନର ମୂଲ୍ୟ, ମୋଟ ସମ୍ପତ୍ତି ଏବଂ ବିନିଯୁକ୍ତ ପୁଞ୍ଜିର ସାରାଂଶ ନିମ୍ନରେ ଦିଆଯାଇଥିବା ଚାର୍ଟରେ ଚିତ୍ରିତ ହୋଇଅଛି:

**ଚାର୍ଟ 1.6: ଉତ୍ପାଦନର ମୂଲ୍ୟ, ସମ୍ପତ୍ତି ଏବଂ ବିନିଯୁକ୍ତ ପୁଞ୍ଜି (ଟଙ୍କା କୋଟିରେ)**




*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

ପୂର୍ବ ବର୍ଷ ତୁଳନାରେ 2022-23 ବର୍ଷରେ ଉତ୍ପାଦନର ମୂଲ୍ୟ, ମୋଟ ସମ୍ପତ୍ତି ଏବଂ ବିନିଯୁକ୍ତ ପୁଞ୍ଜି ବୃଦ୍ଧି ପାଇଥିଲା। **ପରିଶିଷ୍ଟ 7**ରେ ଏସ୍‌ପିଏସ୍‌ଇଗୁଡିକର ଉତ୍ପାଦନର ମୂଲ୍ୟ, ମୋଟ ସମ୍ପତ୍ତି ଏବଂ ବିନିଯୁକ୍ତ ପୁଞ୍ଜିର ବିବରଣୀ ଦିଆଗଲା।

### 1.5.3 ନିୟୋଜିତ ପୁଞ୍ଜି ଉପରେ ଉପାର୍ଜନ (ଆର୍‌ଓସିଇ)

ଆର୍‌ଓସିଇ ହେଉଛି ଏକ ଅନୁପାତ ଯାହା ଏକ କମ୍ପାନୀର ଲାଭଦାୟକତା ଏବଂ ଏହାର ପୁଞ୍ଜି ନିୟୋଜିତ କରିବାର ଦକ୍ଷତାକୁ ସୂଚାଇ ଥାଏ। ନିୟୋଜିତ ପୁଞ୍ଜି[8] ଦ୍ୱାରା ସୁଧ ଏବଂ ଟିକସ ପୂର୍ବରୁ ଏକ କମ୍ପାନୀର ଆୟ(ଇବିଆଇଟି)କୁ ଭାଗ କରି ଆର୍‌ଓସିଇ ଗଣନା କରାଯାଏ। **ପରିଶିଷ୍ଟ 8**ରେ ଏସ୍‌ପିଏସ୍‌ଇଗୁଡିକର ଆର୍‌ଓସିଇର ବିବରଣୀ ଦିଆଯାଇଛି। 2020-21ରୁ 2022-23 ମଧ୍ୟରେ 29ଟି ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମର ଏକତ୍ରୀକୃତ ଆର୍‌ଓସିଇ ନିମ୍ନ ସାରଣୀରେ ଦିଆଯାଇଛି:

[8] ନିୟୋଜିତ ପୁଞ୍ଜି= ସମାଦତ୍ତ ପୁଞ୍ଜି + ମୁକ୍ତ ଆରକ୍ଷଣ ଏବଂ ବଳକା + ଦୀର୍ଘକାଳୀନ ଋଣ – ଏକତ୍ରୀକୃତ କ୍ଷତି – ବିଳମ୍ବିତ ରାଜସ୍ୱ ବ୍ୟୟ

**ସାରଣୀ 1.14: ନିୟୋଜିତ ପୁଞ୍ଜି ଉପରେ ଉପାର୍ଜନ**

| ବର୍ଷ | ଇବିଆଇଟି (ଟଙ୍କା କୋଟିରେ) | ନିୟୋଜିତ ପୁଞ୍ଜି (ଟଙ୍କା କୋଟିରେ) | ଆର୍‌ଓସିଇ (ଶତକଡାରେ) |
|---|---|---|---|
| 2020-21 | 828.40 | 22,549.71 | 3.67 |
| 2021-22 | 3,867.34 | 28,132.38 | 13.75 |
| 2022-23 | 9,796.69 | 31,075.22 | 31.53 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

ଏହା ଦେଖାଗଲା ଯେ, 2021-22 ବର୍ଷ ତୁଳନାରେ 2022-23 ବର୍ଷ ମଧ୍ୟରେ 29ଟି ସରକାରୀ କମ୍ପାନୀ ଏବଂ ନିଗମଗୁଡିକର ଆର୍‌ଓସିଇ ଅଧିକ ଥିଲା।

## 1.5.4 ସରକାରୀ ପୁଞ୍ଜିଲଗାଣ ଉପରେ ପ୍ରକୃତ ଲାଭର ହାର (ଆର୍‌ଓଆର୍‌ଆର୍)

ଆର୍‌ଓଆର୍‌ଆର୍ ଲାଭ ଏବଂ ଦକ୍ଷତା ମାପ କରେ ଯେଉଁଥିରେ ଅଂଶଧନ ଏବଂ ସମାନ ଅଣ-ସୁଧ ବହନ କରୁଥିବା ପୁଞ୍ଜିଗୁଡିକ ସେମାନଙ୍କ ସମୟ ମୂଲ୍ୟ ପାଇଁ ସଜାଡିବା ପରେ ନିୟୋଜିତ ହୋଇଛି ଏବଂ ପାରମ୍ପରିକ ଆର୍‌ଓଆର୍ ସହିତ ତୁଳନା କଲେ ତାହାର ମହତ୍ୱ ଜଣାଯାଏ, ଯାହା ଐତିହାସିକ ମୂଲ୍ୟ ଆଧାରରେ ସେପରି ସମସ୍ତ ପୁଞ୍ଜିଲଗାଣର ରାଶି ଦ୍ୱାରା କର ପରବର୍ତ୍ତୀ ଲାଭ (ପିଏଟି) ଭାଗ କରି ଗଣନା କରାଯାଏ।

ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ 42ଟି ଏସ୍‌ପିଏସ୍‌ଇ ମଧ୍ୟରୁ 29ଟି ଏସ୍‌ପିଏସ୍‌ଇରେ ରାଜ୍ୟ ସରକାର ଅଂଶଧନ, ସୁଧମୁକ୍ତ ଋଣ ଏବଂ ଅନୁଦାନ/ସବ୍‌ସିଡି ଆକାରରେ ପ୍ରତ୍ୟକ୍ଷ ପୁଞ୍ଜିଲଗାଣ କରିଥିଲେ।

ଏହି 29ଟି ଏସ୍‌ପିଏସ୍‌ଇଗୁଡିକରେ ରାଜ୍ୟ ସରକାରଙ୍କ ପୁଞ୍ଜିଲଗାଣର ଆର୍‌ଓଆର୍‌ଆର୍ ନିମ୍ନଲିଖିତ ଅନୁମାନ ଆଧାରରେ ଗଣନା କରାଯାଇଥିଲା:

- ସରକାରୀ ଉଦ୍ୟୋଗଗୁଡିକରେ ଅଂଶଧନ ଆକାରରେ ରାଜ୍ୟ ସରକାରଙ୍କ ବାସ୍ତବ ପୁଞ୍ଜିଲଗାଣ ବ୍ୟତୀତ ପରିଚାଳନା ଏବଂ ପ୍ରଶାସନିକ ଖର୍ଚ୍ଚ ପାଇଁ ରାଜ୍ୟ ସରକାର ସୁଧମୁକ୍ତ ଋଣ ଏବଂ ଅନୁଦାନ/ସବ୍‌ସିଡି ଦେଇଥିଲେ ଯାହାକି ରାଜ୍ୟ ସରକାରଙ୍କ ନିବେଶ ଭାବେ ବିବେଚନା କରାଯାଇଛି।
- ଯେଉଁ କ୍ଷେତ୍ରରେ ଏସ୍‌ପିଏସ୍‌ଇକୁ ଦିଆଯାଇଥିବା ସୁଧମୁକ୍ତ ଋଣ ପରେ ଅଂଶଧନରେ ରୂପାନ୍ତରିତ ହୋଇଥିଲା, ଅଂଶଧନରେ ରୂପାନ୍ତରିତ ଋଣ ପରିମାଣ ସୁଧମୁକ୍ତ ଋଣ ପରିମାଣରୁ କଟାଯାଇ ସେହି ବର୍ଷର ଅଂଶଧନରେ ଯୋଡି ଦିଆଗଲା।
- ସମ୍ପୃକ୍ତ ଆର୍ଥିକ ବର୍ଷ[9] ପାଇଁ ରାଜ୍ୟ ସରକାରୀ ସିକ୍ୟୁରିଟିଜ୍ ଉପରେ ହାରାହାରି ସୁଧ ହାରକୁ ବର୍ତ୍ତମାନର ମୂଲ୍ୟ (ପିଭି)ରେ ପହଞ୍ଚିବା ପାଇଁ ଚକ୍ରବୃଦ୍ଧି ହାର ଭାବରେ ଗ୍ରହଣ କରାଯାଇଥିଲା କାରଣ ସେମାନେ ବର୍ଷ ପାଇଁ ପାଣ୍ଠି ପୁଞ୍ଜିଲଗାଣରେ ସରକାରଙ୍କ ଖର୍ଚ୍ଚକୁ ପ୍ରତିନିଧିତ୍ୱ କରନ୍ତି ଏବଂ ସେଥିପାଇଁ ସରକାରଙ୍କ ଦ୍ୱାରା କରାଯାଇଥିବା ପୁଞ୍ଜିଲଗାଣରେ ଆଶା କରାଯାଉଥିବା ଉପାର୍ଜନ ହାର ସର୍ବନିମ୍ନ ଭାବରେ ବିବେଚନା କରାଯାଏ।
- ରାଜ୍ୟ ସରକାରଙ୍କ ପୁଞ୍ଜିଲଗାଣରେ ଆର୍‌ଓଆର୍‌ଆର୍ ଗଣନା ପାଇଁ 2003-04ରୁ ଆରମ୍ଭ କରି 2022-23 ପର୍ଯ୍ୟନ୍ତ ଅବଧିକୁ ବିଚାରକୁ ନିଆଯାଇଥିଲା। ଏଥିପାଇଁ 31 ମାର୍ଚ୍ଚ 2003 ସୁଦ୍ଧା ଏହି 29ଟି ଏସ୍‌ପିଏସ୍‌ଇର ପୁଞ୍ଜିଲଗାଣକୁ 2003-04 ବର୍ଷ ଆରମ୍ଭରେ ରାଜ୍ୟ ସରକାରଙ୍କ ବର୍ତ୍ତମାନ ମୂଲ୍ୟ ଭାବରେ ବିଚାର କରାଯାଇଛି।
- 29ଟି ଏସ୍‌ପିଏସ୍‌ଇର ଆର୍‌ଓଆର୍‌ଆର୍ ଗଣନା କରାଯାଇଛି ଯାହା **ପରିଶିଷ୍ଟ 9**ରେ ବିସ୍ତୃତ ଭାବରେ ଦିଆଯାଇଛି।

---

[9] ସରକାରୀ ଋଣ ଉପରେ ହାରାହାରି ସୁଧ ହାର ସମ୍ପୃକ୍ତ ବର୍ଷ ପାଇଁ ରାଜ୍ୟ ଆର୍ଥିକ ହିସାବ(ଓଡିଶା ସରକାର)ର ଭାରତର ସିଏଜିଙ୍କ ପ୍ରତିବେଦନରୁ ଗ୍ରହଣ କରାଯାଇଥିଲା ଯେଉଁଥିରେ ପ୍ରଦତ୍ତ ସୁଧର ହାରାହାରି ହାର = ସୁଧ ଦେୟ/[(ପୂର୍ବ ବର୍ଷର ଆର୍ଥିକ ଦାୟିତ୍ୱର ପରିମାଣ + ଚଳିତ ବର୍ଷର ଆର୍ଥିକ ଦାୟିତ୍ୱ)/2] * 100

**ପରିଶିଷ୍ଟ 9**ରେ କରାଯାଇଥିବା ବିଶ୍ଲେଷଣରୁ ଦେଖାଯାଏ ଯେ, 2003-04ରୁ 2022-23 ମଧ୍ୟରେ ଆର୍‌ଓଆର୍‌ଆର୍‌ରେ ଏକ ପରିବର୍ତ୍ତନଶୀଳ ଧାରା ଭାବରେ ଦେଖାଯାଇଛି ଯାହା 5.53 ପ୍ରତିଶତରୁ 15.06 ପ୍ରତିଶତ ମଧ୍ୟରେ ଥିଲା।

**ସାରଣୀ 1.15: 2022-23 ବର୍ଷ ପାଇଁ ରାଜ୍ୟ ସରକାରଙ୍କ ପୁଞ୍ଜିଲଗାଣ ଉପରେ ଏକତ୍ରୀକୃତ ଆର୍‌ଓଆର୍‌ଆର୍**

| 2022-23ରେ ମୋଟ ଆୟ/କ୍ଷତି (ଟଙ୍କା କୋଟିରେ) | ଆରମ୍ଭରୁ 2022-23 ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ପୁଞ୍ଜିଲଗାଣ (ଟଙ୍କା କୋଟିରେ) | ଐତିହାସିକ ମୂଲ୍ୟ ଆଧାରରେ, ରାଜ୍ୟ ସରକାରଙ୍କ ପୁଞ୍ଜିଲଗାଣ ଉପରେ ଉପାର୍ଜନ (ଶତକଡାରେ) | 2022-23 ଶେଷ ସୁଦ୍ଧା ରାଜ୍ୟ ସରକାରଙ୍କ ପୁଞ୍ଜିଲଗାଣର ବର୍ତ୍ତମାନ ମୂଲ୍ୟ (ଟଙ୍କା କୋଟିରେ) | ପୁଞ୍ଜିଲଗାଣର ବର୍ତ୍ତମାନ ମୂଲ୍ୟକୁ ବିଚାର କରି ରାଜ୍ୟ ସରକାରଙ୍କ ପୁଞ୍ଜିଲଗାଣ ଉପରେ ଆର୍‌ଓଆର୍‌ଆର୍ (ଶତକଡାରେ) |
|---|---|---|---|---|
| କ | ଖ | ଗ | ଘ | ଙ |
| ପରିଶିଷ୍ଟ 9ର ସ୍ତମ୍ଭ 'ଏମ୍'ର ମୂଲ୍ୟ | ପରିଶିଷ୍ଟ 9ର ସ୍ତମ୍ଭ 'ଏଚ୍'ର ମୋଟ + 2003-04 ଆରମ୍ଭରେ ସରକାରୀ ପୁଞ୍ଜିଲଗାଣ | କ*100/ ଖ | ପରିଶିଷ୍ଟ 9ର ସ୍ତମ୍ଭ 'କେ'ର ମୂଲ୍ୟ | କ *100/ଘ |
| 6,246.80 | 19,530.81 (11,577.28 + 7,953.53) | 31.98 | 49,507.22 | 12.62 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

### 1.5.5 ଏସ୍‌ପିଏସ୍‌ଇଗୁଡିକର ଅଂଶଧନ ଉପରେ ଉପାର୍ଜନ (ଆର୍‌ଓଇ)

ଆର୍‌ଓଇ[10] ହେଉଛି କମ୍ପାନୀଗୁଡିକର ଆର୍ଥିକ ପ୍ରଦର୍ଶନର ଏକ ମାପ ଯାହାକି ନିଟ୍ ଲାଭକୁ ଅଂଶୀଦାରମାନଙ୍କ ଅଂଶଧନ ଦ୍ୱାରା ଭାଗ କରି ଗଣନା କରାଯାଏ। ଏସ୍‌ପିଏସ୍‌ଇ-ୱାରୀ ଆର୍‌ଓଇ **ପରିଶିଷ୍ଟ 10**ରେ ଦିଆଯାଇଛି। 2020-21ରୁ 2022-23 ମଧ୍ୟରେ 29ଟି ସରକାରୀ କମ୍ପାନୀ ଏବଂ ନିଗମର ଏକତ୍ରୀକୃତ ଆର୍‌ଓଇ ନିମ୍ନ ସାରଣୀରେ ଦିଆଗଲା:

**ସାରଣୀ 1.16: ଅଂଶଧନ ଉପରେ ଉପାର୍ଜନ**

| ବର୍ଷ | ଟିକସ ଓ ପ୍ରିଫରେନ୍ସ ଲାଭାଂଶ ପରବର୍ତ୍ତୀ ନିଟ୍ ଲାଭ (ଟଙ୍କା କୋଟିରେ) | ଅଂଶଧନ (ଟଙ୍କା କୋଟିରେ) | ଆର୍‌ଓଇ (ଶତକଡାରେ) |
|---|---|---|---|
| 2020-21 | -1,675.60 | 6,796.39 | -24.65 |
| 2021-22 | 853.17 | 12,493.79 | 6.83 |
| 2022-23 | 6,278.23 | 17,311.65 | 36.27 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

ଏହା ଦେଖାଗଲା ଯେ 29ଟି ସରକାରୀ କମ୍ପାନୀ ଏବଂ ନିଗମର 2021-22 ବର୍ଷରେ ଆର୍‌ଓଇ ତୁଳନାରେ 2022-23 ବର୍ଷରେ ବୃଦ୍ଧି ପାଇଥିଲା। 2020-21ରୁ 2022-23 ବର୍ଷ ମଧ୍ୟରେ ଯେଉଁ ସରକାରୀ କମ୍ପାନୀ ଏବଂ ନିଗମଗୁଡିକର କ୍ଷେତ୍ର-ୱାରୀ ମୋଟ ଅଂଶଧନ ଯେଉଁଠାରେ 50 କୋଟି ଟଙ୍କାରୁ ଅଧିକ ପୁଞ୍ଜିଲଗାଣ ହୋଇଥିଲା ସେମାନଙ୍କ କ୍ଷେତ୍ର-ୱାରୀ ଆର୍‌ଓଇ ନିମ୍ନ ସାରଣୀରେ ଦିଆଯାଇଛି:

10 ଅଂଶଧନ ଉପରେ ଉପାର୍ଜନ = (ଟିକସ ଏବଂ ପ୍ରିଫରେନ୍ସ ଲାଭାଂଶ ପରବର୍ତ୍ତୀ ନିଟ୍ ଲାଭ/ଅଂଶଧନ)*100 ଯେଉଁଠାରେ ଅଂଶଧନ = ସମାଦତ୍ତ ପୁଞ୍ଜି + ମୁକ୍ତ ଆରକ୍ଷଣ ଏବଂ ବଳକା – ଏକତ୍ରୀକୃତ କ୍ଷତି – ବିଳମ୍ବିତ ରାଜସ୍ୱ ବ୍ୟୟ

**ସାରଣୀ 1.17: ସମୁଦାୟ ଅଂଶଧନ 50 କୋଟି ଟଙ୍କା ଏବଂ ଅଧିକ ଥିବା କ୍ଷେତ୍ରଗୁଡ଼ିକର ଆର୍‌ଓଇ**

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | କ୍ଷେତ୍ରର ନାମ | 2020-21 | 2021-22 | 2022-23 |
|---|---|---|---|---|
| 1 | ଶିଳ୍ପ | -9.58 | 0.77 | 71.09 |
| 2 | ବାଣିଜ୍ୟ ଏବଂ ପରିବହନ | 2.57 | -6.26 | -6.26 |
| 3 | ଶକ୍ତି | -194.59 | -4.77 | 28.23 |
| 4 | ଇସ୍ପାତ ଏବଂ ଖଣି | -3.57 | 10.20 | 38.91 |
| 5 | ଗୃହ | 14.57 | 13.75 | 13.74 |
| 6 | ଅବକାରୀ | 9.37 | 6.07 | 7.57 |
| 7 | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ | 15.59 | 2.97 | 4.66 |
| 8 | କୃଷି ଏବଂ କୃଷକ ସଶକ୍ତିକରଣ | 18.67 | 6.43 | 5.12 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

ଉପର୍ଯ୍ୟୁକ୍ତ ସାରଣୀରୁ ଏହା ଦେଖିବାକୁ ମିଳେ ଯେ 2022-23 ବର୍ଷରେ ଶିଳ୍ପ, ଶକ୍ତି ଏବଂ ଇସ୍ପାତ ଓ ଖଣି କ୍ଷେତ୍ରରେ ଆର୍‌ଓଇ ବୃଦ୍ଧି ପାଇଛି ।

## 1.6 କ୍ଷତି ସହୁଥିବା ଏସ୍‌ପିଏସ୍‌ଇଗୁଡ଼ିକ

### 1.6.1 ସରକାରୀ କମ୍ପାନୀ ଏବଂ ନିଗମଗୁଡ଼ିକ ଦ୍ୱାରା ହୋଇଥିବା କ୍ଷତି

2022-23 ବର୍ଷ ମଧ୍ୟରେ ସାତୋଟି ସରକାରୀ କମ୍ପାନୀ ଏବଂ ନିଗମ କ୍ଷତି ସହିଥିଲେ। 2021-22 ମଧ୍ୟରେ ଏହି ଏସ୍‌ପିଏସ୍‌ଇଗୁଡ଼ିକ ଦ୍ୱାରା କ୍ଷତି ହୋଇଥିବା 453.11 କୋଟି ଟଙ୍କା ତୁଳନାରେ ଏହି ଏସ୍‌ପିଏସ୍‌ଇଗୁଡ଼ିକ 2022-23 ମଧ୍ୟରେ 794.98 କୋଟି ଟଙ୍କା କ୍ଷତି ସହିଥିଲେ ଯାହା **ପରିଶିଷ୍ଟ 11**ରେ ଦିଆଯାଇଛି। 2020-21ରୁ 2022-23 ପର୍ଯ୍ୟନ୍ତ କ୍ଷତି ସହିଥିବା ଏସ୍‌ପିଏସ୍‌ଇଗୁଡ଼ିକର ବିବରଣୀ ନିମ୍ନ ସାରଣୀରେ ଦର୍ଶାଯାଇଛି:

**ସାରଣୀ 1.18: 2020-21ରୁ 2022-23 ଅବଧିରେ କ୍ଷତି ସହିଥିବା ଏସ୍‌ପିଏସ୍‌ଇଗୁଡ଼ିକର ସଂଖ୍ୟା**

| ବର୍ଷ | କ୍ଷତି ସହିଥିବା ଏସ୍‌ପିଏସ୍‌ଇଗୁଡ଼ିକର ସଂଖ୍ୟା | ବର୍ଷକ ପାଇଁ ନିଟ୍ କ୍ଷତି (ଟଙ୍କା କୋଟିରେ) | ଏକତ୍ରୀକୃତ କ୍ଷତି (ଟଙ୍କା କୋଟିରେ) | ନିଟ୍ ମୂଲ୍ୟ[11] (ଟଙ୍କା କୋଟିରେ) |
|---|---|---|---|---|
| **ସରକାରୀ କମ୍ପାନୀ ଏବଂ ନିଗମଗୁଡ଼ିକ** | | | | |
| 2020-21 | 10 | 3,568.19 | 7,453.93 | -2,936.07 |
| 2021-22 | 11 | 2,423.12 | 8,035.66 | -2,106.83 |
| 2022-23 | 07 | 794.98 | 8,806.52 | -5,379.69 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

ସାତୋଟି ସରକାରୀ ଏସ୍‌ପିଏସ୍‌ଇ ଦ୍ୱାରା ହୋଇଥିବା 794.98 କୋଟି ଟଙ୍କା କ୍ଷତି ମଧ୍ୟରୁ 788.73 କୋଟି ଟଙ୍କା କ୍ଷତି ମୁଖ୍ୟତଃ ଶକ୍ତି ଏବଂ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଦୁଇଟି ଏସ୍‌ପିଏସ୍‌ଇ (ଗ୍ରୀଡ୍‌କୋ ଲିମିଟେଡ୍ ଏବଂ ଓଡିଶା ରାଜ୍ୟ ସଡକ ପରିବହନ ନିଗମ) ଦ୍ୱାରା ହୋଇଥିଲା। 2022-23 ମଧ୍ୟରେ ପ୍ରମୁଖ କ୍ଷତି ସହିଥିବା ଦୁଇଟି କମ୍ପାନୀ ନିମ୍ନରେ ଦିଆଯାଇଛି:

[11] ନିଟ୍ ମୂଲ୍ୟର ଅର୍ଥ ହେଉଛି ସମାଦତ୍ତ ପୁଞ୍ଜି ଏବଂ ମୁକ୍ତ ଆରକ୍ଷଣ ଓ ବଳକାର ସମଷ୍ଟି, ବିଯୁକ୍ତ ଏକତ୍ରୀକୃତ କ୍ଷତି ଏବଂ ବିଳମ୍ବିତ ରାଜସ୍ୱ ବ୍ୟୟ। ମୁକ୍ତ ଆରକ୍ଷଣ ଅର୍ଥ ହେଉଛି ଲାଭ ଏବଂ ଅଂଶ ପ୍ରିମିୟମ ଖାତାରୁ ସୃଷ୍ଟି ହୋଇଥିବା ସମସ୍ତ ଆରକ୍ଷଣ, କିନ୍ତୁ ସମ୍ପତ୍ତିର ପୁନଃ ମୂଲ୍ୟାଙ୍କନରୁ ସୃଷ୍ଟି ହୋଇଥିବା ଆରକ୍ଷଣ ଓ ଅବକ୍ଷୟଣ ପ୍ରାବଧାନର ପୁନଃ ଲେଖନକୁ ଅନ୍ତର୍ଭୁକ୍ତ କରେ ନାହିଁ।

i) **ଗ୍ରୀଡ୍‌କୋ ଲିମିଟେଡ୍:** 2022-23 ମଧ୍ୟରେ 778.18 କୋଟି ଟଙ୍କା କ୍ଷତିର ମୁଖ୍ୟ କାରଣ ହେଉଛି ଉଚ୍ଚ ମୂଲ୍ୟର ବିଦ୍ୟୁତ୍ କ୍ରୟ ।

ii) **ଓଡିଶା ରାଜ୍ୟ ସଡକ ପରିବହନ ନିଗମ (ଓଏସ୍‌ଆର୍‌ଟିସି):** 2020-21 ମଧ୍ୟରେ 10.55 କୋଟି ଟଙ୍କା କ୍ଷତି ମୁଖ୍ୟତଃ କାରବାର ରାଜସ୍ୱରେ ହ୍ରାସ ଯୋଗୁ ହୋଇଥିଲା।

### 1.6.2 ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମଗୁଡିକରେ ପୁଞ୍ଜି କ୍ଷୟ

31 ମାର୍ଚ୍ଚ 2023 ସୁଦ୍ଧା, 29ଟି ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମଗୁଡିକର ମଧ୍ୟରୁ 08ଟିରେ ଏକତ୍ରୀକୃତ କ୍ଷତି 9,449.38 କୋଟି ଟଙ୍କା ଥିଲା। 2022-23 ବର୍ଷରେ 08ଟି ଏସ୍‌ପିଏସ୍‌ଇ ମଧ୍ୟରୁ ଚାରୋଟି ଏସ୍‌ପିଏସ୍‌ଇ 788.91 କୋଟି ଟଙ୍କା କ୍ଷତି ସହିଥିଲେ, ଅବଶିଷ୍ଟ ଚାରୋଟି ଏସ୍‌ପିଏସ୍‌ଇ 2022-23 ବର୍ଷରେ କ୍ଷତି କରିନଥିଲେ ଯଦିଓ ସେମାନଙ୍କର 597.89 କୋଟି ଟଙ୍କାର ଏକତ୍ରୀକୃତ କ୍ଷତି ରହିଥିଲା।

08ଟି ଏସ୍‌ପିଏସ୍‌ଇ ମଧ୍ୟରୁ ଚାରୋଟିର ନିଟ୍ ମୂଲ୍ୟ ଜମା ହୋଇଥିବା କ୍ଷତି ଦ୍ୱାରା ସମ୍ପୂର୍ଣ୍ଣ ଭାବେ କ୍ଷୟ ହୋଇଯାଇଥିଲା ଏବଂ ଋଣାତ୍ମକ ଥିଲା। 31 ମାର୍ଚ୍ଚ 2023 ସୁଦ୍ଧା ଏହି ଚାରୋଟି ଏସ୍‌ପିଏସ୍‌ଇଗୁଡିକର ମୋଟ 3,428.80 କୋଟି ଟଙ୍କାର ସାଧାରଣ ଅଂଶଧନ ନିବେଶ ହୋଇଥିବା ବେଳେ ଏହି ଚାରୋଟି ଏସ୍‌ପିଏସ୍‌ଇର ନିଟ୍ ମୂଲ୍ୟ (-) 5,735.80 କୋଟି ଟଙ୍କା ଥିଲା। ପୁଞ୍ଜି ସମ୍ପୂର୍ଣ୍ଣ ଭାବରେ କ୍ଷୟ (ଋଣାତ୍ମକ ନିଟ୍ ମୂଲ୍ୟ) ହୋଇଥିବା ଚାରୋଟି ଏସ୍‌ପିଏସ୍‌ଇ ମଧ୍ୟରୁ ଦୁଇଟି ଏସ୍‌ପିଏସ୍‌ଇ 2022-23 **(ପରିଶିଷ୍ଟ 12)**ରେ 27.73 କୋଟି ଟଙ୍କାର ଲାଭ ହାସଲ କରିଥିଲେ।

21ଟି ଏସ୍‌ପିଏସ୍‌ଇ ମଧ୍ୟରୁ ଗୋଟିଏ[12] ଏସ୍‌ପିଏସ୍‌ଇର ନିଟ୍ ମୂଲ୍ୟ ସେମାନଙ୍କ ସମାଦତ୍ତ ପୁଞ୍ଜିର ଅଧାରୁ କମ ଥିଲା ଯାହାର ନିଟ୍ ମୂଲ୍ୟ 31 ମାର୍ଚ୍ଚ 2023 ଶେଷରେ ଧନାତ୍ମକ ଥିଲା, ଏହା ସେମାନଙ୍କର ସମ୍ଭାବ୍ୟ ଆର୍ଥିକ ଦୁର୍ବଳତାକୁ ସୂଚାଉଥିଲା। ମୋଟ ଉପରେ ସମସ୍ତ 29ଟି ସରକାରୀ କମ୍ପାନୀ ଓ ନିଗମଗୁଡିକର ମୋଟ ନିଟ୍ ମୂଲ୍ୟ 17,311.65 କୋଟି ଟଙ୍କା ଥିବା ବେଳେ ସେମାନଙ୍କର ମୋଟ ସମାଦତ୍ତ ପୁଞ୍ଜି 9,316.53 କୋଟି ଟଙ୍କା ରହିଥିଲା।

## ସିଏଜିଙ୍କର ତଦାରଖ ଭୂମିକା

### 1.7 ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗଗୁଡିକର (ଏସ୍‌ପିଏସ୍‌ଇ) ସମୀକ୍ଷା

କମ୍ପାନୀ ଅଧିନିୟମ, 2013ର ଧାରା 139(5) ଏବଂ (7) ଅନୁଯାୟୀ ସିଏଜି ସରକାରୀ କମ୍ପାନୀ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ବୈଧାନିକ ସମୀକ୍ଷକ ନିଯୁକ୍ତ କରନ୍ତି। ବୈଧାନିକ ସମୀକ୍ଷକଙ୍କ ପ୍ରତିବେଦନର ଅନୁରୂପକ ସମୀକ୍ଷା କରିବା ଏବଂ ମନ୍ତବ୍ୟ ଜାରି କରିବାର ଅଧିକାର ସିଏଜିଙ୍କର ଅଛି। ତିନୋଟି[13] ବୈଧାନିକ ନିଗମଗୁଡିକୁ ପରିଚାଳନା କରୁଥିବା ନିୟମ ଦରକାର କରେ ଯେ ସେମାନଙ୍କର ହିସାବ ସିଏଜିଙ୍କ ଦ୍ୱାରା ସମୀକ୍ଷା ହେବ ଏବଂ ରାଜ୍ୟ ବିଧାନସଭାରେ ଉପସ୍ଥାପନ କରାଯିବ।

### 1.8 ସିଏଜିଙ୍କ ଦ୍ୱାରା ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗଗୁଡିକରେ ବୈଧାନିକ ସମୀକ୍ଷକଙ୍କ ନିଯୁକ୍ତି

କମ୍ପାନୀ ଅଧିନିୟମ, 2013ର ଧାରା 139(5) ଅନୁସାରେ ଏକ ସରକାରୀ କମ୍ପାନୀ କିମ୍ବା ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀମାନଙ୍କର ବୈଧାନିକ ସମୀକ୍ଷକମାନଙ୍କୁ ଆର୍ଥିକ ବର୍ଷ ଆରମ୍ଭରୁ 180 ଦିନ ମଧ୍ୟରେ ସିଏଜିଙ୍କ ଦ୍ୱାରା ନିଯୁକ୍ତ କରାଯାଏ।

---

[12] ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ

[13] ଓଡିଶା ରାଜ୍ୟ ଅର୍ଥ ନିଗମ (ଓଏସ୍‌ଏଫ୍‌ସି), ଓଡିଶା ରାଜ୍ୟ ପଣ୍ୟାଗାର ନିଗମ (ଓଏସ୍‌ଡବ୍ଲ୍ୟୁସି) ଏବଂ ଓଡିଶା ରାଜ୍ୟ ସଡକ ପରିବହନ ନିଗମ (ଓଏସ୍‌ଆର୍‌ଟିସି)

2022-23 ଆର୍ଥିକ ବର୍ଷ ପାଇଁ ସରକାରୀ କମ୍ପାନୀ/ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀମାନଙ୍କର ବୈଧାନିକ ସମୀକ୍ଷକମାନଙ୍କୁ ଅଗଷ୍ଟ 2022ରୁ ସେପ୍ଟେମ୍ବର 2022 ମଧ୍ୟରେ ସିଏଜିଙ୍କ ଦ୍ୱାରା ନିଯୁକ୍ତ କରାଯାଇଥିଲା।

## 1.9 ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗମାନଙ୍କ ଦ୍ୱାରା ହିସାବ ଦାଖଲ

### 1.9.1 ଧାର୍ଯ୍ୟ ସମୟରେ ଦାଖଲର ଆବଶ୍ୟକତା

କମ୍ପାନୀ ଅଧିନିୟମ, 2013ର ଧାରା 394 ଅନୁଯାୟୀ ଏକ ସରକାରୀ କମ୍ପାନୀର କାର୍ଯ୍ୟ ଏବଂ ବ୍ୟାପାର ଉପରେ ଏକ ବାର୍ଷିକ ପ୍ରତିବେଦନ ଏହାର ବାର୍ଷିକ ସାଧାରଣ ସଭା(ଏଜିଏମ୍)ର ତିନିମାସ ମଧ୍ୟରେ ପ୍ରସ୍ତୁତ କରାଯିବା ଦରକାର। ଏହିପରି ପ୍ରସ୍ତୁତି ପରେ ଯେତେ ଶୀଘ୍ର ହୋଇପାରେ, ବାର୍ଷିକ ବିବରଣୀ ସହିତ ସମୀକ୍ଷା ପ୍ରତିବେଦନ ଉପରେ ସିଏଜିଙ୍କ ମନ୍ତବ୍ୟକୁ ରାଜ୍ୟ ବିଧାନସଭାରେ ଉପସ୍ଥାପନ କରାଯିବା ଦରକାର। ବୈଧାନିକ ନିଗମମାନଙ୍କୁ ନିୟନ୍ତ୍ରଣ କରୁଥିବା ବିଧାନଗୁଡିକରେ ପ୍ରାୟ ସମାନ ବ୍ୟବସ୍ଥା ରହିଛି। ଏହି ପ୍ରକ୍ରିୟା ରାଜ୍ୟର ଏକତ୍ରୀକୃତ ନିଧିରୁ କମ୍ପାନୀଗୁଡିକରେ ପୁଞ୍ଜିଲଗାଣ ହୋଇଥିବା ଜନସାଧାରଣ ପାଣ୍ଠିର ଉପଯୋଗ ଉପରେ ବୈଧାନିକ ନିୟନ୍ତ୍ରଣ କରିଥାଏ।

କମ୍ପାନୀ ଅଧିନିୟମ, 2013ର ଧାରା 96 ପ୍ରତ୍ୟେକ କମ୍ପାନୀକୁ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଥରେ ଅଂଶୀଦାରମାନଙ୍କ ଏଜିଏମ୍ କରିବାକୁ ଆବଶ୍ୟକ କରେ। ଏହା ମଧ୍ୟ କୁହାଯାଇଛି ଯେ ଗୋଟିଏ ଏଜିଏମ୍‌ର ତାରିଖ ଏବଂ ପରବର୍ତ୍ତୀ ଏଜିଏମ୍‌ର ତାରିଖ ମଧ୍ୟରେ ବ୍ୟବଧାନ 15 ମାସରୁ ଅଧିକ ହେବ ନାହିଁ। ପୁନଶ୍ଚ, କମ୍ପାନୀ ଅଧିନିୟମ, 2013ର ଧାରା 129 ଧାର୍ଯ୍ୟ କରିଛି ଯେ, ଆର୍ଥିକ ବର୍ଷ ପାଇଁ ସମୀକ୍ଷିତ ବିତ୍ତୀୟ ବିବରଣୀକୁ ବିଚାର ପାଇଁ ଉକ୍ତ ଏଜିଏମ୍‌ରେ ରଖିବାକୁ ହେବ।

କମ୍ପାନୀ ଅଧିନିୟମ, 2013ର ଧାରା 129(7) ଅନୁଯାୟୀ ଯଦି ଧାରା 129ର ନିୟମାବଳୀକୁ ପାଳନ କରାନଯାଏ ତେବେ ଦାୟୀ ଥିବା କମ୍ପାନୀର ନିର୍ଦ୍ଦେଶକଙ୍କ ସମେତ ଅନ୍ୟମାନଙ୍କ ପାଇଁ ଜୋରିମାନା ଆଦାୟ ଏବଂ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି।

ଉପର୍ଯ୍ୟୁକ୍ତ ଆଇନଗତ ବ୍ୟବସ୍ଥା ସତ୍ତ୍ୱେ, ବିଭିନ୍ନ ଏସ୍‌ପିଏସ୍‌ଇଗୁଡିକର ବାର୍ଷିକ ହିସାବ 30 ସେପ୍ଟେମ୍ବର 2023 ପର୍ଯ୍ୟନ୍ତ ବକେୟା ଥିଲା ଯାହା ନିମ୍ନ ଅନୁଚ୍ଛେଦମାନଙ୍କରେ ବିସ୍ତୃତ ଭାବରେ ଦିଆଗଲା।

### 1.9.2 ଏସ୍‌ପିଏସ୍‌ଇମାନଙ୍କ ଦ୍ୱାରା ହିସାବଗୁଡିକର ସମୟୋଚିତ ପ୍ରସ୍ତୁତି

31 ମାର୍ଚ୍ଚ 2023 ସୁଦ୍ଧା, 61ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ 15ଟି ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ସିଏଜିଙ୍କ ସମୀକ୍ଷା ଅଧୀନରେ ଥିଲା ଯାହା **ପରିଶିଷ୍ଟ 1**ରେ ଦର୍ଶାଯାଇଛି। ଏହି 61ଟି ସରକାରୀ ଏସ୍‌ପିଏସ୍‌ଇ ମଧ୍ୟରୁ ତିନୋଟି ବୈଧାନିକ ନିଗମ ଅଟେ।

2022-23 ଆର୍ଥିକ ବର୍ଷ ପାଇଁ ସମସ୍ତ 61ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ 15ଟି ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇଗୁଡିକର ହିସାବ ଦାଖଲ କରିବାର ଥିଲା। ସରକାରୀ କମ୍ପାନୀ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ବକେୟା ଥିବା ହିସାବର ବିବରଣୀ ପୃଥକ ଭାବେ **ପରିଶିଷ୍ଟ 2** ଏବଂ **ପରିଶିଷ୍ଟ 3**ରେ ସୂଚିତ କରାଯାଇଛି। ଉପର୍ଯ୍ୟୁକ୍ତ ଦୁଇଟି ବର୍ଗ ପାଇଁ ବକେୟା ଥିବା ହିସାବ ସଂଖ୍ୟା ନିମ୍ନରେ ଦିଆଗଲା:

**ସାରଣୀ 1.19: ସରକାରୀ କମ୍ପାନୀମାନଙ୍କର ହିସାବ ଦାଖଲର ବିବରଣୀ**

| ସବିଶେଷ | ସରକାରୀ ଏସ୍‌ପିଏସ୍‌ଇ/ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ସମୂହ | | |
|---|---|---|---|
| | ସରକାରୀ ଏସ୍‌ପିଏସ୍‌ଇ | ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ସମୂହ | ମୋଟ |
| **31 ମାର୍ଚ୍ଚ 2023 ସୁଦ୍ଧା ସିଏଜିଙ୍କ ସମୀକ୍ଷା ଅଧୀନରେ ଥିବା ସମୁଦାୟ ଏସ୍‌ପିଏସ୍‌ଇଗୁଡିକର ସଂଖ୍ୟା** | **61** | **15** | **76** |
| ଅଣ ତାଲିକାଭୁକ୍ତ | 61 | 15 | 76 |

| ସବିଶେଷ | | ସରକାରୀ ଏସ୍‌ପିଏସ୍‌ଇ/ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ସମୂହ | | |
|---|---|---|---|---|
| | | ସରକାରୀ ଏସ୍‌ପିଏସ୍‌ଇ | ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ସମୂହ | ମୋଟ |
| ବିଯୁକ୍ତ: ନୂତନ ଏସ୍‌ପିଏସ୍‌ଇଗୁଡିକ ଯେଉଁଥିରୁ 2022-23 ପାଇଁ ହିସାବ ଧାର୍ଯ୍ୟ ହୋଇନଥିଲା | | - | - | - |
| ଏସ୍‌ପିଏସ୍‌ଇଗୁଡିକ ଯେଉଁଥିରୁ 2022-23 ପାଇଁ ହିସାବ ଧାର୍ଯ୍ୟ ହୋଇଥିଲା | | 61 | 15 | 76 |
| ଆର୍ଥିକ ବର୍ଷ 2022-23 ପାଇଁ 30 ସେପ୍ଟେମ୍ବର 2023 ସୁଦ୍ଧା ସିଏଜିଙ୍କ ସମୀକ୍ଷା ପାଇଁ ହିସାବ ଉପସ୍ଥାପନ କରିଥିବା ଏସ୍‌ପିଏସ୍‌ଇଗୁଡିକର ସଂଖ୍ୟା | | 11 | 05 | 16 |
| **ଏସ୍‌ପିଏସ୍‌ଇଗୁଡିକର ସଂଖ୍ୟା ଯାହାର ହିସାବ ବକେୟା ଥିଲା** | | **50** | **10** | **60** |
| ଏସ୍‌ପିଏସ୍‌ଇଗୁଡିକର ବର୍ଗୀକରଣ ଯାହାର ହିସାବଗୁଡିକ ବକେୟା ଅଛି | (i) ସମାପନ ପ୍ରକ୍ରିୟାରେ | 14 | 0 | 14 |
| | (ii) ଅଚଳ | 10 | 0 | 10 |
| | (iii) ପ୍ରଥମ ହିସାବ ଦାଖଲ ହୋଇନାହିଁ | 0 | 0 | 0 |
| | (iv) ଅନ୍ୟାନ୍ୟ | 26 | 10 | 36 |
| **ବକେୟା ଥିବା ହିସାବଗୁଡିକର ସଂଖ୍ୟା** | | **893** | **19** | **912** |
| ବୟସ-ୱାରୀ ବକେୟାର ବିଶ୍ଳେଷଣ | ଏକବର୍ଷ (2022-23) | 14* | 06 | 20 |
| | ଦୁଇବର୍ଷ (2021-22 ଏବଂ 2022-23) | 10** | 04 | 14 |
| | ତିନି ବର୍ଷ ଏବଂ ତଦୁର୍ଦ୍ଧ୍ୱ | 869*** | 09 | 878 |

* ଗୋଟିଏ ବୈଧାନିକ ନିଗମ ଯଥା: ଓଡିଶା ରାଜ୍ୟ ଅର୍ଥ ନିଗମ

** ଗୋଟିଏ ବୈଧାନିକ ନିଗମ ଯଥା: ଓଡିଶା ରାଜ୍ୟ ସଡକ ପରିବହନ ନିଗମ

*** ଗୋଟିଏ ବୈଧାନିକ ନିଗମ ଯଥା: ଓଡିଶା ରାଜ୍ୟ ପଣ୍ୟାଗାର ନିଗମ

ହିସାବଗୁଡ଼ିକର ଚୂଡ଼ାନ୍ତକରଣରେ ବିଳମ୍ବ ଜନସାଧାରଣଙ୍କ ଅର୍ଥର ଜାଲିଆତି ଏବଂ ପ୍ରକଟନ ସହିତ ସମ୍ପୃକ୍ତ ବିଧି ବ୍ୟବସ୍ଥାର ଉଲ୍ଲଙ୍ଘନ ହେବାର ଆଶଙ୍କା ବହନ କରେ । ଉପର୍ଯ୍ୟୁକ୍ତ ବକେୟା ଆକାଉଣ୍ଟ ସ୍ଥିତିକୁ ଦୃଷ୍ଟିରେ ରଖି, ରାଜ୍ୟ ରାଜକୋଷକୁ ଏସ୍‌ପିଏସ୍‌ଇମାନଙ୍କର ପ୍ରକୃତ ଅବଦାନ ରାଜ୍ୟ ବିଧାନସଭାରେ ଉପସ୍ଥାପନ କରାଯାଇ ନଥିଲା । ତେଣୁ, ହିସାବଗୁଡିକର ବକେୟା ସଂଶୋଧନ କରିବା ପାଇଁ ପ୍ରଶାସନିକ ବିଭାଗଗୁଡ଼ିକ କଡା ନଜର ରଖିବା ଏବଂ ଆବଶ୍ୟକ ନିର୍ଦ୍ଦେଶ ଦେବା ଉଚିତ୍ । ସରକାର ମଧ୍ୟ ଏସ୍‌ପିଏସ୍‌ଇଗୁଡିକର ହିସାବ ପ୍ରସ୍ତୁତ କରିବାରେ ଥିବା ପ୍ରତିବନ୍ଧକକୁ ଦେଖିପାରନ୍ତି ଏବଂ ହିସାବରେ ଥିବା ବକେୟାଗୁଡିକୁ ପରିଶୋଧ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିପାରନ୍ତି ।

## 1.10 ସିଏଜିଙ୍କ ତଦାରଖ – ହିସାବଗୁଡିକର ସମୀକ୍ଷା ଏବଂ ଅନୁପୂରକ ସମୀକ୍ଷା

### 1.10.1 ବିତ୍ତୀୟ ବିବୃତି ଢ଼ାଞ୍ଚା

କମ୍ପାନୀ ଅଧିନିୟମ, 2013ର ଅନୁସୂଚୀ IIIରେ ଦର୍ଶାଯାଇଥିବା ପଦ୍ଧତି ଏବଂ କେନ୍ଦ୍ର ସରକାରଙ୍କ ବିହିତ ଆକାଉଣ୍ଟିଂ ମାନଦଣ୍ଡ ଯାହାକି ଜାତୀୟ ଆର୍ଥିକ ରିପୋଟିଂ କର୍ତ୍ତୃପକ୍ଷ (ଏନ୍‌ଏଫ୍‌ଆର୍‌ଏ)ଙ୍କର ନିର୍ଦ୍ଧାରିତ ପରାମର୍ଶ ଅନୁଯାୟୀ କମ୍ପାନୀଗୁଡିକ ଆର୍ଥିକ ବିବୃତ୍ତି ପ୍ରସ୍ତୁତ କରିବା ଆବଶ୍ୟକ କରନ୍ତି । ସିଏଜିଙ୍କ ପରାମର୍ଶ କ୍ରମେ

ଏବଂ ନିଗମଗୁଡିକୁ ପରିଚାଳନା କରୁଥିବା ବିଧାନର ବିନିର୍ଦ୍ଦିଷ୍ଟ ବ୍ୟବସ୍ଥା ଅନୁଯାୟୀ ବୈଧାନିକ ନିଗମଗୁଡିକ ନିୟମରେ ବିହିତ ଢ଼ାଞ୍ଚା ଅନୁସାରେ ହିସାବ ପ୍ରସ୍ତୁତ କରିଥାନ୍ତି ।

### 1.10.2 ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ଏସ୍‌ପିଏସ୍‌ଇଗୁଡିକର ହିସାବ ସମୀକ୍ଷା

କମ୍ପାନୀ ଅଧିନିୟମ, 2013ର ଧାରା 139 ଅନୁଯାୟୀ ସିଏଜିଙ୍କ ଦ୍ୱାରା ନିଯୁକ୍ତ ବୈଧାନିକ ସମୀକ୍ଷକ ସରକାରୀ କମ୍ପାନୀଗୁଡିକର ହିସାବକୁ ସମୀକ୍ଷା କରନ୍ତି ଏବଂ କମ୍ପାନୀ ଅଧିନିୟମ, 2013ର ଧାରା 143 ଅନୁଯାୟୀ ସେମାନଙ୍କ ପ୍ରତିବେଦନ ଦାଖଲ କରନ୍ତି ।

ବୈଧାନିକ ସମୀକ୍ଷକମାନଙ୍କୁ ଦିଆଯାଇଥିବା କାର୍ଯ୍ୟଗୁଡିକୁ ସଠିକ ଏବଂ ପ୍ରଭାବଶାଳୀ ଭାବରେ ନିର୍ବାହ କରୁଛନ୍ତି ବୋଲି ସିଏଜି ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗଗୁଡିକର ବୈଧାନିକ ସମୀକ୍ଷକଙ୍କ କାର୍ଯ୍ୟଦକ୍ଷତା ଉପରେ ଏକ ତଦାରଖ ଭୂମିକା ଗ୍ରହଣ କରନ୍ତି । କ୍ଷମତା ଉପଯୋଗ କରି ନିର୍ବାହ କରାଯାଉଥିବା କାର୍ଯ୍ୟଗୁଡିକ:

- କମ୍ପାନୀ ଅଧିନିୟମ, 2013ର ଧାରା 143(5) ଅନୁଯାୟୀ ବୈଧାନିକ ସମୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦେବା; ଏବଂ
- କମ୍ପାନୀ ଅଧିନିୟମ, 2013ର ଧାରା 143(6) ଅନୁଯାୟୀ ବୈଧାନିକ ସମୀକ୍ଷକମାନଙ୍କ ପ୍ରତିବେଦନ ଉପରେ ଅନୁପୂରକ କିମ୍ବା ମନ୍ତବ୍ୟ ଦେବା ।

### 1.10.3 ଏସ୍‌ପିଏସ୍‌ଇଗୁଡିକର ହିସାବର ଅନୁପୂରକ ସମୀକ୍ଷା

କମ୍ପାନୀ ଅଧିନିୟମ, 2013 କିମ୍ବା ଅନ୍ୟାନ୍ୟ ପ୍ରଯୁଜ୍ୟ ଅଧିନିୟମ ଅନୁଯାୟୀ ନିର୍ଦ୍ଧାରିତ ହୋଇଥିବା ଆର୍ଥିକ ପ୍ରତିବେଦନ ଢ଼ାଞ୍ଚା ଅନୁଯାୟୀ ଆର୍ଥିକ ବିବରଣୀ ପ୍ରସ୍ତୁତ କରିବା ସମ୍ପୃକ୍ତ ପରିଚାଳନା ସଂସ୍ଥାର ମୁଖ୍ୟ ଦାୟିତ୍ୱ ।

କମ୍ପାନୀ ଅଧିନିୟମ, 2013ର ଧାରା 139 ଅନୁଯାୟୀ ସିଏଜିଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ବୈଧାନିକ ସମୀକ୍ଷକମାନେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏଆଇ)ର ମାନକ ସମୀକ୍ଷା ପ୍ରଥା ଏବଂ ସିଏଜିଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ଆର୍ଥିକ ବିବରଣୀ ଉପରେ ଏକ ସାଧୀନ ସମୀକ୍ଷା କରି କମ୍ପାନୀ ଅଧିନିୟମ, 2013ର ଧାରା 143 ଅନୁଯାୟୀ ମନ୍ତବ୍ୟ ଜାରି କରିବା ପାଇଁ ଦାୟୀ ଅଟନ୍ତି । କମ୍ପାନୀ ଅଧିନିୟମ, 2013ର ଧାରା 143 ଅନୁଯାୟୀ ବୈଧାନିକ ସମୀକ୍ଷକମାନେ ସମୀକ୍ଷା ପ୍ରତିବେଦନକୁ ସିଏଜିଙ୍କୁ ଦାଖଲ କରିବା ଆବଶ୍ୟକ ।

ମନୋନୀତ ସରକାରୀ କମ୍ପାନୀଗୁଡିକର ପ୍ରମାଣୀକୃତ ହିସାବଗୁଡିକ ସହିତ ବୈଧାନିକ ସମୀକ୍ଷକଙ୍କ ପ୍ରତିବେଦନକୁ ସିଏଜି ଏକ ଅନୁପୂରକ ସମୀକ୍ଷା ଦ୍ୱାରା ପୁନର୍ବିଲୋକନ କରିଥାନ୍ତି । ଏହି ପୁନର୍ବିଲୋକନ ଅନୁସାରେ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ପର୍ଯ୍ୟବେକ୍ଷଣଗୁଡିକୁ କମ୍ପାନୀ ଅଧିନିୟମର ଧାରା 143(6) ଅନୁଯାୟୀ ବାର୍ଷିକ ସାଧାରଣ ସଭାରେ ସ୍ଥାନିତ କରାଯାଇଥାଏ ।

## 1.11 ସିଏଜିଙ୍କ ତଦାରଖ ଭୂମିକାର ଫଳାଫଳ

### 1.11.1 କମ୍ପାନୀ ଅଧିନିୟମ, 2013ର ଧାରା 143 ଅନୁଯାୟୀ ଏସ୍‌ପିଏସ୍‌ଇଗୁଡିକର ହିସାବର ସମୀକ୍ଷା (ହସ୍ତଗତ ହୋଇଥିବା ହିସାବ ବିବରଣୀଗୁଡିକର ବର୍ଣ୍ଣନା ଏବଂ ସମୀକ୍ଷା ପାଇଁ ମନୋନୀତ ହେବା/ନହେବା)

30 ସେପ୍ଟେମ୍ବର 2023 ସୁଦ୍ଧା 10ଟି ସରକାରୀ କମ୍ପାନୀ ଏବଂ 05ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକଠାରୁ 2022-23 ବର୍ଷ ପାଇଁ ସେମାନଙ୍କର ଆର୍ଥିକ ବିବରଣୀ ଗ୍ରହଣ କରାଯାଇଥିଲା । ଏଥିମଧ୍ୟରୁ 08ଟି ସରକାରୀ କମ୍ପାନୀ ଏବଂ 04ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀର ହିସାବକୁ ସିଏଜିଙ୍କ ଦ୍ୱାରା ସମୀକ୍ଷା କରାଯାଇଥିଲା ।

### 1.11.2 ସମୀକ୍ଷକଙ୍କ ପ୍ରତିବେଦନର ସଂଶୋଧନର ମାମଲା ସଂଖ୍ୟା ଏବଂ ମହତ୍ୱପୂର୍ଣ୍ଣ ବିଷୟବସ୍ତୁ

ସିଏଜିଙ୍କ ଦ୍ୱାରା ପରିଚାଳିତ 31 ମାର୍ଚ୍ଚ 2023ରେ ଶେଷ ହୋଇଥିବା ଆର୍ଥିକ ବିବରଣୀଗୁଡିକର ସମୀକ୍ଷା ପ୍ରତିବେଦନର ଫଳାଫଳ ଅନୁଯାୟୀ, ଓଡିଶା କୋଇଲା ଏବଂ ବିଦ୍ୟୁତ୍ ଲିମିଟେଡ୍ (ଓପିସିଏଲ୍)ର 2022-23 ବର୍ଷ ପାଇଁ ବୈଧାନିକ ସମୀକ୍ଷକଙ୍କ ସମୀକ୍ଷା ପ୍ରତିବେଦନ ବାର୍ଷିକ ସାଧାରଣ ସଭାରେ ପ୍ରଦାନ କରିବା ପୂର୍ବରୁ ସଂଶୋଧନ ହୋଇଥିଲା। ବୈଧାନିକ ସମୀକ୍ଷକଙ୍କ ସମୀକ୍ଷା ପ୍ରତିବେଦନ ସଂଶୋଧନ ହେତୁ ଆର୍ଥିକ ବିବରଣୀ ଉପରେ କୌଣସି ପ୍ରଭାବ ପଡିନଥିଲା।

### 1.11.3 ଏସ୍‌ପିଏସ୍‌ଇଗୁଡିକ ଉପରେ ବୈଧାନିକ ସମୀକ୍ଷକଙ୍କ ସମୀକ୍ଷା ପ୍ରତିବେଦନ ଉପରେ ସିଏଜିଙ୍କ ଦ୍ୱାରା ଜାରି କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ

ବୈଧାନିକ ସମୀକ୍ଷକଙ୍କ ଦ୍ୱାରା 01 ଅକ୍ଟୋବର 2022ରୁ 30 ସେପ୍ଟେମ୍ବର 2023 ମଧ୍ୟରେ ଗ୍ରହଣ କରାଯାଇଥିବା ଆର୍ଥିକ ବିବରଣୀଗୁଡିକ ସମୀକ୍ଷା ପରେ, ସିଏଜି ମନୋନୀତ ସରକାରୀ କମ୍ପାନୀ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ଅନୁପୂରକ ସମୀକ୍ଷା କରିଥିଲେ। ଏସ୍‌ପିଏସ୍‌ଇଗୁଡିକ ଉପରେ ବୈଧାନିକ ସମୀକ୍ଷକଙ୍କ ପ୍ରତିବେଦନର ପରିପୂରକ ଭାବରେ ଜାରି କରାଯାଇଥିବା ସିଏଜିଙ୍କ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟର ପ୍ରଭାବ ଲାଭଦାୟକତା ଉପରେ 166.61 କୋଟି ଟଙ୍କା ଏବଂ ସମ୍ପତ୍ତି ଓ ଦାୟିତ୍ୱ ଉପରେ 480.08 କୋଟି ଟଙ୍କା ଥିଲା। ମନ୍ତବ୍ୟ ଜାରି କରାଯାଇଥିବା ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକର ତାଲିକା **ପରିଶିଷ୍ଟ 13**ରେ ଦିଆଯାଇଛି। ସରକାରୀ କମ୍ପାନୀ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ଆର୍ଥିକ ବିବରଣୀ ଉପରେ ଜାରି କରାଯାଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ନିମ୍ନ ସାରଣୀରେ ଦର୍ଶାଯାଇଛି:

**ସାରଣୀ 1.20: ସରକାରୀ କମ୍ପାନୀଗୁଡିକର ଲାଭ ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ**

| କ୍ରମିକ ସଂଖ୍ୟା | କମ୍ପାନୀର ନାମ/ଆର୍ଥିକ ବର୍ଷ | ମନ୍ତବ୍ୟ |
|---|---|---|
| 1 | ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍)/ **2021-22** | ଇଣ୍ଡ୍ ଏଏସ୍-18 (ଅନୁଚ୍ଛେଦ 13)ର ବିରୋଧାତ୍ମକ ଭାବରେ ଡାର୍କ୍ ଫାଇବର ନେଟୱାର୍କ ଚୁକ୍ତିରୁ ଗୃହୀତ ପରବର୍ତ୍ତୀ ବର୍ଷର ଆୟକୁ ଚଳିତ ବର୍ଷର ଆୟ ହିସାବ କରାଯିବା ଦ୍ୱାରା କାର୍ଯ୍ୟକାରୀ ଆୟ 56.61 କୋଟି ଟଙ୍କା ଅତ୍ୟଧିକ ଦର୍ଶାଯାଇଥିଲା। ଏହାର ଫଳସ୍ୱରୂପ ଅନ୍ୟ ସାମ୍ପ୍ରତିକ ଦେୟରେ 56.61 କୋଟି ଟଙ୍କାର ଅଳ୍ପ ବିବୃତି ସହିତ ଅବଧି ପାଇଁ ସମପରିମାଣର କ୍ଷତି କମ୍ ହୋଇଥିଲା। |
| 2 | ଗ୍ରୀଡ୍‌କୋ ଲିମିଟେଡ୍ / **2022-23** | 2016-19 ଅବଧି ପାଇଁ ଏନ୍‌ଟିପିସି, ଫରକ୍କା ଏବଂ ତାଲଚେରର ମଞ୍ଜୁରୀ ସଂଶୋଧନ ବିଲ୍ ପ୍ରତି ଦାବିଗୁଡିକର 2.77 କୋଟି ଟଙ୍କା, ଓଇଆର୍‌ସିର ଆଦେଶ ଅନୁଯାୟୀ 2014-23 ଅବଧି ପାଇଁ ସେହି ଶକ୍ତି କେନ୍ଦ୍ରଗୁଡିକର ଭେଦାତ୍ମକ ସ୍ଥାୟୀ ଦେୟ 38.40 କୋଟି ଟଙ୍କା ଏବଂ ଓଇଆର୍‌ସିର ଆଦେଶ ଅନୁଯାୟୀ 2023 ମାର୍ଚ୍ଚ ମାସ ପାଇଁ ଭୂ-କର ଓ ସେସ୍ ବାବଦକୁ ଓପିଜିସିକୁ ଦେୟ 1.07 କୋଟି ଟଙ୍କା ହିସାବ ନକରିବା କାରଣରୁ ବିଦ୍ୟୁତର କ୍ରୟ ମୂଲ୍ୟ 42.24 କୋଟି ଟଙ୍କା ହ୍ରାସ ପାଇଛି। ଏହା ମଧ୍ୟ ସମାନ ପରିମାଣର କ୍ଷତି ଏବଂ ସାମ୍ପ୍ରତିକ ଦେୟ ଅନୁରୂପ ସ୍ୱଳ୍ପ ବିବୃତି ସହିତ 42.24 କୋଟି ଟଙ୍କା ବିଦ୍ୟୁତ କ୍ରୟ ମୂଲ୍ୟର ଅବନତି ଘଟାଇଛି। |
| 3 | ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ (ଓପିଜିସି)/ **2021-22** | ପରିଚାଳନାରୁ ଆୟ [ଶକ୍ତି ବିକ୍ରୟ (ବିଦ୍ୟୁତ୍ ଡ୍ୟୁଟି ଅନ୍ତର୍ଭୁକ୍ତ କରି)] ଇନ୍ଧନ ମୂଲ୍ୟ ଆଡଜଷ୍ଟମେଣ୍ଟ (ଏଫ୍‌ପିଏ) ବିଲ୍ ବୁକିଂ ହେତୁ 47.55 କୋଟି ଟଙ୍କା ଅତ୍ୟଧିକ ବିବୃତି ହୋଇଛି ଯାହା ଗ୍ରୀଡ୍‌କୋ ଲିମିଟେଡ୍ ଦ୍ୱାରା ପୂର୍ବରୁ ଓଇଆର୍‌ସି ନିକଟରେ ବିରୋଧ କରାଯାଇଥିଲା। ଆପିଲେଟ୍ ଟ୍ରିବ୍ୟୁନାଲ୍ ଫର୍ ବିଦ୍ୟୁତ୍ (ଏପିଟିଏଲ୍)ରେ ଓଇଆର୍‌ସିର ରାୟ ବିରୋଧରେ କମ୍ପାନୀ ଅପିଲ କରିଛି। ଏହି ଘଟଣାଟି ବିବାଦୀୟ ଥିବାରୁ ସେହି ମୂଲ୍ୟକୁ ପରିଚାଳନାରୁ ରାଜସ୍ୱରେ ଦର୍ଶାଇବା ଇଣ୍ଡ୍ ଏଏସ୍-115ର ନିୟମ ଅନୁଯାୟୀ ନୁହେଁ। ଏହାଦ୍ୱାରା ପରିଚାଳନାରୁ ରାଜସ୍ୱ 47.55 କୋଟି ଟଙ୍କା ଅତ୍ୟଧିକ ବିବୃତି ହୋଇଛି ଏବଂ ସମାନ ପରିମାଣର ବର୍ଷ ପାଇଁ କ୍ଷତିର ଅବନତି ହୋଇଛି। ଆହୁରି ମଧ୍ୟ, ଯେହେତୁ ଏହି ମାମଲା ବିଚାରଯୋଗ୍ୟ ଅଟେ, 2016-17ରୁ 2021-22 ଯାଏ ଏଫ୍‌ପିଏ ବିଲ୍ ବୁକିଂ |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ/ଆର୍ଥିକ ବର୍ଷ | ମନ୍ତବ୍ୟ |
|---|---|---|
| | | କରିବା କାରଣ ବାଣିଜ୍ୟ ଗ୍ରହଣଯୋଗ୍ୟ ବିବେକ ନୁହେଁ ଏବଂ ଏହାଦ୍ୱାରା ବାଣିଜ୍ୟ ପ୍ରାପ୍ୟ ଏବଂ ଅନ୍ୟାନ୍ୟ ଅଂଶଧନ 235.73 କୋଟି ଟଙ୍କା ଅତ୍ୟଧିକ ବିବୃତି ହୋଇଛି । |
| 4 | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ (ଓଏସ୍‌ସିଏସ୍‌ସିଏଲ୍)/ **2020-21** | କ୍ରୟ ଖର୍ଚ୍ଚ- ପ୍ରାଥମିକ କୃଷି ସମବାୟ ସମିତି (ପିଏସିଏସ୍)କୁ ଧାନ କ୍ରୟ ପାଇଁ ଦେୟ ପ୍ରଦାନ କରାଯାଉଥିବା କମିଶନରେ ସ୍ୱଳ୍ପ ବ୍ୟବସ୍ଥା ହେତୁ ପିଏସିଏସ୍‌କୁ ଆୟୋଗର କମିଶନରେ 3.12 କୋଟି ଟଙ୍କା ହ୍ରାସ ପାଇଛି । ଏହାର ଫଳସ୍ୱରୂପ, ସାମ୍ପ୍ରତିକ ଦେୟ ଏବଂ ସବ୍‌ସିଡି ପୂର୍ବରୁ କ୍ଷତି ପ୍ରତ୍ୟେକରେ 3.12 କୋଟି ଟଙ୍କା ହ୍ରାସ ହୋଇଛି । |
| 5 | ଓଡିଶା କୋଇଲା ଏବଂ ବିଦ୍ୟୁତ୍ ଲିମିଟେଡ୍ (ଓପିସିଏଲ୍)/ **2022-23** | ଅବକ୍ଷୟ ଏବଂ ସମାନୀକରଣ ଖର୍ଚ୍ଚରେ 16.94 କୋଟି ଟଙ୍କା ଅନ୍ତର୍ଭୁକ୍ତ ନୁହେଁ ଯାହା ତହସିଲଦାର, ହେମଗିରଙ୍କୁ ଦେବାକୁ ଥିବା 187.92 କୋଟି ଟଙ୍କା ଜମି ପ୍ରିମିୟମ, ମୂଲ୍ୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ସହିତ କୋଇଲା ଧାରକ କ୍ଷେତ୍ର (ଅଧିକରଣ ଏବଂ ଉନ୍ନୟନ) ନିୟମ, 1957 ଅଧିନରେ ମନୋହରପୁର ଡିପ୍ ସାଇଡ କୋଇଲା ଖଣି ପାଇଁ 761.98 ଏକର ବନ୍ୟବିହୀନ ଜମି ଅଧିଗ୍ରହଣ ପାଇଁ ହୋଇଥିଲା । ଏହାର ଫଳସ୍ୱରୂପ, ଅବକ୍ଷୟ ଏବଂ ସମାନୀକରଣ ଖର୍ଚ୍ଚରେ 16.94 କୋଟି ଟଙ୍କା ସ୍ୱଳ୍ପ ବିବୃତି ହେବା ସହିତ ବର୍ଷର ଲାଭକୁ ସେହି ପରିମାଣରେ ଅଧିକ ଦେଖାଇଛି । ଏହା ଫଳରେ ମଧ୍ୟ ସାମ୍ପ୍ରତିକ ଦାୟିତ୍ୱ (ଅନ୍ୟାନ୍ୟ ସାମ୍ପ୍ରତିକ ଦେୟ-ଟିପ୍ପଣୀ 28)ରେ 187.92 କୋଟି ଟଙ୍କା ଏବଂ ଅଚଳ ସମ୍ପତ୍ତି (ବ୍ୟବହାର ସହିତର ସମ୍ପତ୍ତି-ଟିପ୍ପଣୀ 6)ରେ 170.98 କୋଟି ଟଙ୍କା (187.92 କୋଟି ଟଙ୍କା – 16.94 କୋଟି ଟଙ୍କା)ର ସ୍ୱଳ୍ପ ବିବୃତି ହୋଇଛି । |

**ସାରଣୀ 1.21: ସରକାରୀ କମ୍ପାନୀଗୁଡିକର ଆର୍ଥିକ ସ୍ଥିତି ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ**

| କ୍ରମିକ ସଂଖ୍ୟା | କମ୍ପାନୀର ନାମ/ ଆର୍ଥିକ ବର୍ଷ | ମନ୍ତବ୍ୟ |
|---|---|---|
| 1 | ଓଡିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଏଚ୍‌ପିସି)/ **2021-22** | ଉପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ (ୟୁଆଇଏଚ୍‌ଇପି), ଖଡିଗୁଡା ଏବଂ ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପ (ଏଚ୍‌ଏଚ୍‌ଇପି), ବୁର୍ଲାରେ ସେବା ଅନୁପଯୁକ୍ତ/ଅଚଳ/ନଷ୍ଟ ହୋଇ ପଡିରହିଥିବା ଷ୍ଟୋର ସାମଗ୍ରୀଗୁଡିକର ଅନ୍ତର୍ଭୁକ୍ତ ହେବା ଦ୍ୱାରା ସାମ୍ପ୍ରତିକ ସମ୍ପତ୍ତି (ଦ୍ରବ୍ୟ ସମୂହ) 3.31 କୋଟି ଟଙ୍କାର ଅଧିକ ଦର୍ଶାଯାଇଛି । ଯେହେତୁ, ଏହି ଷ୍ଟୋର ସାମଗ୍ରୀଗୁଡିକ ବହୁତ ପୁରୁଣା ଏବଂ ବ୍ୟବହାର ଅଯୋଗ୍ୟ ହୋଇ ପଡିରହିଛି, ଖାତାରେ ଆବଶ୍ୟକ ପ୍ରାବଧାନ କରାଯିବା ଉଚିତ । ତେଣୁ, ଏହି ଷ୍ଟୋର ସାମଗ୍ରୀଗୁଡିକର ପ୍ରାବଧାନ ନକରାଯିବା ଦ୍ୱାରା ଦ୍ରବ୍ୟ ସମୂହ (ଟିପ୍ପଣୀ-9) ସହିତ ଲାଭରେ 3.31 କୋଟି ଟଙ୍କା ଅଧିକ ବିବୃତି ହୋଇଥିଲା । |
| 2 | ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ (ଓପିଜିସି)/ **2021-22** | ବଏଲର୍ ଟର୍ବାଇନ୍ ଏବଂ ଜେନେରେଟର (ବିଟିଜି) ୟୁନିଟ୍‌ଗୁଡିକର ବାଧତାମୂଳକ ଅଂଶଗୁଡିକର ଖର୍ଚ୍ଚର ପୁଞ୍ଜିକରଣ ହୋଇନଥିବା କାରଣରୁ ପୁଞ୍ଜି କାର୍ଯ୍ୟ ପ୍ରଗତିରେ 22.86 କୋଟି ଟଙ୍କାର ଅତ୍ୟଧିକ ବିବୃତି ହୋଇଛି । ଯେହେତୁ ବିଟିଜି ୟୁନିଟ୍‌ଗୁଡିକ 2019-20ରେ ପୁଞ୍ଜିକୃତ ହୋଇଥିଲା ଏବଂ ମାର୍ଚ୍ଚ 2021ରେ ବାଧତାମୂଳକ ଅଂଶଗୁଡିକର ଦ୍ରବ୍ୟ ପ୍ରାପ୍ତ ଟିପ୍ପଣୀ (ଜିଆର୍‌ଏନ୍) ଜାରି କରାଯାଇଥିଲା, ତାହା 2021-22 ବର୍ଷରେ ପୁଞ୍ଜିକୃତ ହେବା ଉଚିତ ଥିଲା । ବାଧତାମୂଳକ ଅଂଶଗୁଡିକର ପୁଞ୍ଜିକରଣ ନକରିବା ଫଳସ୍ୱରୂପ ପୁଞ୍ଜି କାର୍ଯ୍ୟ ପ୍ରଗତିରେ 22.86 କୋଟି ଟଙ୍କାର ଅତ୍ୟଧିକ ବିବୃତି ହେବା ସହିତ ସମପରିମାଣର ସମ୍ପତ୍ତି, କାରଖାନା ଏବଂ ଯନ୍ତ୍ରପାତି (ପିପିଇ)ରେ ଅବନତି ହୋଇଛି । ଏହାର ଫଳସ୍ୱରୂପ ମଧ୍ୟ ଅବନତି ତତ୍ ସହିତ ବର୍ଷର କ୍ଷତିରେ ମଧ୍ୟ 0.72 କୋଟି ଟଙ୍କାର ସ୍ୱଳ୍ପ ବିବୃତି ହୋଇଛି । |
| 3 | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ (ଓଏସ୍‌ସିଏସ୍‌ସିଏଲ୍)/ **2020-21** | ଅନ୍ୟାନ୍ୟ ଦୀର୍ଘକାଳୀନ ଦେୟ-ସହାୟକ ରିଲିଫ୍ କୋଭିଡ୍-19 (ଏନ୍‌ଏଫ୍‌ଏସ୍‌ଏ/ ଏସ୍‌ଏଫ୍‌ଏସ୍‌ଏସ୍) ପାଣ୍ଠିର ଭୁଲ ହିସାବ ହେତୁ ସହାୟକ ରିଲିଫ୍ କୋଭିଡ୍-19 (ଏନ୍‌ଏଫ୍‌ଏସ୍‌ଏ/ଏସ୍‌ଏଫ୍‌ଏସ୍‌ଏସ୍) 21.10 କୋଟି ଟଙ୍କାର ଅଧିକ ବିବୃତି ହୋଇଛି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫ୍‌ଏସ୍‌ଏସ୍) ଅଧିନରେ ପ୍ରତ୍ୟେକ ଯୋଗ୍ୟ ରାସନ କାର୍ଡଧାରୀଙ୍କୁ 1,000 ଟଙ୍କା କୋଭିଡ୍-19 ସହାୟତା ରାଶି ନଗଦ ବଣ୍ଟନ କରିବା ପାଇଁ କମ୍ପାନୀ 955.17 କୋଟି ଟଙ୍କାର ପାଣ୍ଠି ପାଇଥିଲା । ବଣ୍ଟନ ପରେ 14.18 କୋଟି ଟଙ୍କା କମ୍ପାନୀ ପାଖରେ ଅବ୍ୟବହୃତ ହୋଇ ପଡିରହିଥିଲା ଯାହା ଭୁଲରେ 35.28 କୋଟି ଟଙ୍କା ହିସାବ କରାଯାଇଛି । ଏହାର ଫଳସ୍ୱରୂପ ଅନ୍ୟାନ୍ୟ ସାମ୍ପ୍ରତିକ ସମ୍ପତ୍ତି 21.10 କୋଟି ଟଙ୍କାର ଅଧିକ ବିବୃତି ହୋଇଛି । |

| କ୍ରମିକ ସଂଖ୍ୟା | କମ୍ପାନୀର ନାମ/ ଆର୍ଥିକ ବର୍ଷ | ମନ୍ତବ୍ୟ |
|---|---|---|
| 4 | ଓଡିଶା କୋଇଲା ଏବଂ ବିଦ୍ୟୁତ୍ ଲିମିଟେଡ୍ (ଓସିପିଏଲ୍) **2022-23** | ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ର (ଆଇଟିପିଏସ୍)ରୁ ମନୋହରପୁର ଖଣି ପର୍ଯ୍ୟନ୍ତ ଓସିପିଏଲ୍ ଏବଂ ଖଣିର ଜଳ ବ୍ୟବହାର ପାଇଁ ନିର୍ମିତ ପାଇପଲାଇନର ପୁଞ୍ଜିକରଣ ହୋଇନଥିବାରୁ ସମ୍ପତ୍ତି, କାରଖାନା ଏବଂ ଯନ୍ତ୍ରପାତିରେ ୫2.29 କୋଟି ଟଙ୍କାର ସ୍ୱଳ୍ପ ବିବୃତି ହୋଇଛି। ଏହାଦ୍ୱାରା, ଚଳନ୍ତି ପୁଞ୍ଜି ପ୍ରଗତି ୫2.29 କୋଟି ଟଙ୍କାର ଅଧିକ ବିବୃତି ହୋଇଛି ଏବଂ ଅବନତି ସ୍ୱଳ୍ପ ବିବୃତି ସହିତ ବର୍ଷର ଲାଭ ଅଧିକ ବିବୃତି ପ୍ରତ୍ୟେକ 1.14 କୋଟି ଟଙ୍କା ଲେଖାଏଁ ହୋଇଛି। |

**ସାରଣୀ 1.22: ପ୍ରକାଶ ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ**

| କ୍ରମିକ ସଂଖ୍ୟା | କମ୍ପାନୀର ନାମ/ଆର୍ଥିକ ବର୍ଷ | ମନ୍ତବ୍ୟ |
|---|---|---|
| 1 | ନୂଆଗାଁ କୋଇଲା କମ୍ପାନୀ ଲିମିଟେଡ୍ (ଏନ୍‌ସିସିଏଲ୍)/ **2016-17** | ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ 2006 ମସିହାରେ 50:50 ଅଂଶୀଦାର ଭିତ୍ତିରେ ଓଡିଶା ଖଣି ନିଗମ (ଓଏମ୍‌ସି) ଏବଂ ଆନ୍ଧ୍ରପ୍ରଦେଶ ମିନେରାଲ ଡେଭେଲପମେଣ୍ଟ କର୍ପୋରେସନ୍ (ଏପିଏମ୍‌ଡିସି) ସପକ୍ଷରେ ନୂଆଗାଁ-ତେଲିସାହି କୋଇଲା ବ୍ଲକ ଆବଣ୍ଟନ କରିଥିଲେ ଏବଂ ପରବର୍ତ୍ତୀ ସମୟରେ କୋଇଲା ବ୍ଲକର ବିକାଶ ପାଇଁ ଓଏମ୍‌ସି ଏବଂ ଏପିଏମ୍‌ଡିସି (ପ୍ରୋତ୍ସାହକ)ର ମିଳିତ ଉଦ୍ୟମରେ ନୂଆଗାଁ କୋଇଲା କମ୍ପାନୀ ଲିମିଟେଡ୍ (ଏନ୍‌ସିସିଏଲ୍) ଗଠନ ହୋଇଥିଲା (11.05.2011)। ତେବେ, ନୂଆଗାଁ-ତେଲିସାହି କୋଇଲା ବ୍ଲକ ଆବଣ୍ଟନ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ 24.09.2014ର ଆଦେଶ ଦ୍ୱାରା ବାତିଲ କରିଦିଆଯାଇଛି। ଜମି ଏବଂ ଖଣି ଭିତ୍ତିଭୂମି ପାଇଁ କ୍ଷତିପୂରଣ ପ୍ରଦାନ ସମ୍ବନ୍ଧୀୟ କୋଇଲା ଖଣି (ସ୍ୱତନ୍ତ୍ର ବ୍ୟବସ୍ଥା) ଆଧାଦେଶ, 2014ର ଧାରା 16 ଅନୁଯାୟୀ, କମ୍ପାନୀ କୋଇଲା ମନ୍ତ୍ରଣାଳୟକୁ ନୂଆଗାଁ-ତେଲିସାହି କୋଇଲା ବ୍ଲକର ବାତିଲ ବାବଦକୁ ସମସ୍ତ ବିବରଣୀ ପ୍ରଦାନ କରି କ୍ଷତିପୂରଣ ଭାବରେ 19.27 କୋଟି ଟଙ୍କା ଦାବି କରିଛି। ଉକ୍ତ ଦାବି ରାଶିରେ ପ୍ରୋତ୍ସାହକମାନଙ୍କର 15.39 କୋଟି ଟଙ୍କା ଏବଂ କୋଇଲା ବ୍ଲକର ବିକାଶ ପାଇଁ କମ୍ପାନୀ ଦ୍ୱାରା ଖର୍ଚ୍ଚ ହୋଇଥିବା 3.89 କୋଟି ଟଙ୍କା ଅନ୍ତର୍ଭୁକ୍ତ, ଯାହା ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟରୁ ଏପର୍ଯ୍ୟନ୍ତ ଗ୍ରହଣ କରାଯାଇ ନାହିଁ। ତେବେ, କମ୍ପାନୀ ହିସାବ ସଂଲଗ୍ନ ନୋଟ୍‌ରେ ଏହି ତଥ୍ୟ ପ୍ରକାଶ କରିନାହିଁ। ତେଣୁ, ହିସାବ ସଂଲଗ୍ନ ନୋଟ୍‌ଗୁଡିକ ସେହି ପରିମାଣରେ ଅସମ୍ପୂର୍ଣ୍ଣ ରହିଛି। |
| 2 | ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ (ଓପିଜିସି)/ **2022-23** | ପ୍ରକୃତ ଭଣ୍ଡାର ଯାଞ୍ଚ ପ୍ରତିବେଦନ ଅନୁଯାୟୀ, 30.03.2023 ସୁଦ୍ଧା ଭଣ୍ଡାର ଏବଂ ବଳକା ଉପକରଣର ମୂଲ୍ୟ ହେଉଛି 132.71 କୋଟି ଟଙ୍କା, ଯେତେବେଳେ କି ଚୂଡାନ୍ତ ହିସାବରେ ଏହା 31.03.2023 ସୁଦ୍ଧା 137.87 କୋଟି ଟଙ୍କା ଭାବରେ ଦର୍ଶାଯାଇଛି। ଯେହେତୁ, ପ୍ରକୃତ ଭଣ୍ଡାର ଯାଞ୍ଚ ପ୍ରତିବେଦନର ତାରିଖ ଅବଶେଷ ତାରିଖଠାରୁ ଭିନ୍ନ, ଭଣ୍ଡାର ମୂଲ୍ୟରେ ଏହିପରି ପାର୍ଥକ୍ୟର ସତ୍ୟତା ଯଥାର୍ଥତା ସହିତ ହିସାବ ପୁସ୍ତିକାରେ ପ୍ରକାଶ କରାଯିବା ଉଚିତ ଥିଲା। |

### 1.11.4 ବୈଧାନିକ ନିଗମ ଯେଉଁଠାରେ ସିଏଜି ଏକମାତ୍ର ସମୀକ୍ଷକ ଅଟନ୍ତି

ବୈଧାନିକ ନିଗମର ହିସାବରେ ସିଏଜିଙ୍କ ଦ୍ୱାରା ଜାରି କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଯେଉଁଠାରେ ସିଏଜି ଏକମାତ୍ର ସମୀକ୍ଷକ ଅଟନ୍ତି, ନିମ୍ନରେ ବିସ୍ତୃତ ବିବରଣୀ ଦିଆଯାଇଛି:

**ଓଡିଶା ରାଜ୍ୟ ଆର୍ଥିକ ନିଗମ (ଓଏସ୍‌ଏଫ୍‌ସି)- (2020-21)**

(i) ଋଣ ସୂଚନା ପ୍ରଣାଳୀରେ ଅନଲାଇନ୍ ସେବାକୁ ସୁଗମ କରିବା ପାଇଁ କମ୍ପ୍ୟୁଟର ସଫ୍ଟୱେର କ୍ରୟ ପାଇଁ 2020-21ରେ ଖର୍ଚ୍ଚ ହୋଇଥିବା 7.36 ଲକ୍ଷ ଟଙ୍କା ପ୍ରଶାସନିକ ଖର୍ଚ୍ଚରେ ଅନ୍ତର୍ଭୁକ୍ତ। 09 ସେପ୍ଟେମ୍ବର 2020ରୁ ଏହି ସିଷ୍ଟମକୁ କାର୍ଯ୍ୟକ୍ଷମ କରାଯାଇଥିଲା। ଏହି ପରିମାଣକୁ ଏଏସ୍-26 ଅନୁଯାୟୀ ଅଜ୍ଞାତ ସମ୍ପତ୍ତି ଅଧିନରେ ବୁକ୍ କରାଯିବାର ଥିଲା ଯାହା 03ରୁ 05 ବର୍ଷ ମଧ୍ୟରେ ଆମର୍ଟାଇଜ୍ ହେବା ଆବଶ୍ୟକ ଥିଲା। ଅନ୍ୟ ପଟେ, 2020-21ରେ ଲାଭ ଏବଂ କ୍ଷତି ହିସାବରେ ପୁରା ରାଶି ବୁକ୍ କରାଯାଇଥିଲା।

ଏହାଦ୍ୱାରା ଆମର୍ଟାଇଜେସନ୍ ମୂଲ୍ୟର 1.31 ଲକ୍ଷ ଟଙ୍କା, ଅଜ୍ଞାତ ସମ୍ପତ୍ତିଗୁଡ଼ିକର ମୂଲ୍ୟ 6.05 ଲକ୍ଷ ଟଙ୍କା ଅବନତି ହେବା ସହିତ କ୍ଷୟକ୍ଷତିରେ 6.05 ଲକ୍ଷ ଟଙ୍କା ଅତ୍ୟଧିକ ବିବୃତି ହୋଇଛି।

(ii) 2020-21 ବର୍ଷ ପାଇଁ ଭାରତୀୟ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କ (ଏସ୍‌ଆଇଡିବିଆଇ)ରୁ ମିଳିଥିବା ଋଣ ଉପରେ ସୁଧ 0.54 କୋଟି ଟଙ୍କା ଉଧାରରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ଅଗଷ୍ଟ 2012ରେ, ଏସ୍‌ଆଇଡିବିଆଇ ନିଗମକୁ 42 କୋଟି ଟଙ୍କା ଦେୟ ଧାର୍ଯ୍ୟ କରି ୱାନ୍ ଟାଇମ୍ ସେଟେଲମେଣ୍ଟ (ଓଟିଏସ୍) ଆକାରରେ 125.61 କୋଟି ଟଙ୍କା ରିଫାଇନାନ୍ସ/ଲାଇନ୍ ଅଫ୍ କ୍ରେଡିଟ୍‌ର ବକେୟା ଅବଶେଷ ସମାଧାନ କରିବାକୁ ପ୍ରସ୍ତାବ ଦେଇଥିଲା, ଯାହା ନିଗମ ଦ୍ୱାରା ଅକ୍ଟୋବର 2016ଠାରୁ 15 କୋଟି ବକେୟା ଅର୍ଥ ପ୍ରଦାନରେ ବିଫଳ ହୋଇଥିଲା। ଫଳସ୍ୱରୂପ, ବକେୟା ରାଶି ଉପରେ ବିଳମ୍ବିତ ଦେୟ ସୁଧ (10 ଅପ୍ରେଲ 2018) ଭାବରେ ଏସ୍‌ଆଇଡିବିଆଇ 3.32 କୋଟି ଟଙ୍କା ଦାବି କରିଛି। ଅନ୍ୟପକ୍ଷରେ, ନିଗମ ଅବଶିଷ୍ଟ ଋଣ ପରିମାଣ ପାଇଁ 15 କୋଟି ଟଙ୍କା ପ୍ରଦାନ ପାଇଁ ବ୍ୟବସ୍ଥା କରୁଥିବା ବେଳେ ମାର୍ଚ୍ଚ 2017 ପର୍ଯ୍ୟନ୍ତ ଏସ୍‌ଆଇଡିବିଆଇ ଦ୍ୱାରା ଦାବି କରାଯାଇଥିବା ବିଳମ୍ବିତ ସୁଧ ଏବଂ 2018-19ରୁ 2020-21 ମଧ୍ୟରେ ପୁନଃ ସୁଧ ଦେୟ ପାଇଁ ହିସାବରେ କୌଣସି ବ୍ୟବସ୍ଥା କରିନାହିଁ। ହିସାବ ପୁସ୍ତିକାରେ ସୁଧ ଦେୟ ପାଇଁ ବ୍ୟବସ୍ଥା ନକରିବା ଫଳରେ ସେହି ବର୍ଷ ପାଇଁ ଆର୍ଥିକ ଖର୍ଚ୍ଚରେ 0.54 କୋଟି ଟଙ୍କା, ପୂର୍ବ ଅବଧି ଖର୍ଚ୍ଚ 4.40 କୋଟି ଟଙ୍କା ଏବଂ ଉଧାରରେ 4.94 କୋଟି ଟଙ୍କା ସ୍ୱଳ୍ପ ବିବୃତି ହୋଇଛି। ଫଳସ୍ୱରୂପ, ନିଟ୍ କ୍ଷତି 4.94 କୋଟି ଟଙ୍କାର ସ୍ୱଳ୍ପ ବିବୃତି କରାଯାଇଥିଲା।

(iii) ଭାରତୀୟ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କ (ଏସ୍‌ଆଇଡିବିଆଇ), ନିଗମ ସହିତ 10 ମଇ 2010ରେ କାର୍ଯ୍ୟକାରୀ ହୋଇଥିବା ସାଧାରଣ ଚୁକ୍ତିନାମାର ଧାରା 11 ଏବଂ 12କୁ ପ୍ରୟୋଗ କରି 11 ମାର୍ଚ୍ଚ 2022 ବିଜ୍ଞପ୍ତିର ବଳରେ ଓଏସ୍‌ଏଫ୍‌ସିର ବିଭିନ୍ନ ଆକାଉଣ୍ଟକୁ ଅଚଳ କରିଛି ଯାହାର ବାଲାନ୍ସ ଏବଂ ସ୍ଥିର ଜମା 12.59 କୋଟି ଟଙ୍କା ଥିଲା। ଏହି ତଥ୍ୟ ହିସାବ ସଂଲଗ୍ନ ଥିବା ନୋଟ୍ ସମୂହରେ ଉପଯୁକ୍ତ ଭାବରେ ପ୍ରକାଶ କରାଯିବା ଉଚିତ ଥିଲା।

## 1.12 ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡ/ଇଣ୍ଡ୍ ଏଏସ୍‌ର ବ୍ୟବସ୍ଥାଗୁଡ଼ିକ ସହିତ ଅନୁପାଳନ ନହେବା

କମ୍ପାନୀ ଅଧିନିୟମ, 2013ର ଧାରା 469 ଏବଂ ଧାରା 129(1), ଧାରା 132 ଏବଂ ଉକ୍ତ ଅଧିନିୟମର ଧାରା 133 ସହିତ ପଠନ କଲେ, ଏଥିରେ ପ୍ରଦାନ କରାଯାଇଥିବା କ୍ଷମତାକୁ ବ୍ୟବହାର କରି, କେନ୍ଦ୍ର ସରକାର ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡ 1ରୁ 7 ଏବଂ 9ରୁ 29 ନିର୍ଦ୍ଧାରଣ କରିଛନ୍ତି। ଏତଦ୍‌ବ୍ୟତୀତ, କେନ୍ଦ୍ର ସରକାର, କମ୍ପାନୀଗୁଡ଼ିକ (ଭାରତୀୟ ହିସାବ ମାନଦଣ୍ଡ) ନିୟମ, 2015 ଏବଂ କମ୍ପାନୀଗୁଡ଼ିକ (ଭାରତୀୟ ହିସାବ ମାନଦଣ୍ଡ) (ସଂଶୋଧନ) ନିୟମ, 2016 ମାଧ୍ୟମରେ, 41ଟି ଭାରତୀୟ ହିସାବ ମାନଦଣ୍ଡ (ଇଣ୍ଡ୍ ଏଏସ୍)କୁ ଅଧିସୂଚିତ କରିଛନ୍ତି।

ବୈଧାନିକ ସମୀକ୍ଷକମାନେ ପ୍ରତିବେଦିତ କରିଛନ୍ତି ଯେ **ପରିଶିଷ୍ଟ-14**ରେ ବିସ୍ତୃତ ଭାବରେ ଦିଆଯାଇଥିବା ପାଞ୍ଚଟି କମ୍ପାନୀ ବାଧ୍ୟତାମୂଳକ ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡ/ଇଣ୍ଡ୍ ଏଏସ୍ ପାଳନ କରୁନାହାନ୍ତି।

ଅନୁପୂରକ ସମୀକ୍ଷା ସମୟରେ, ସିଏଜି ଦେଖିଲେ ଯେ ନିମ୍ନଲିଖିତ କମ୍ପାନୀଗୁଡ଼ିକ ମଧ୍ୟ ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡ/ଇଣ୍ଡ୍ ଏଏସ୍ ପାଳନ କରିନାହାନ୍ତି ଯାହା ସେମାନଙ୍କ ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ପ୍ରତିବେଦିତ କରାଯାଇ ନାହିଁ:

**ସାରଣୀ 1.23: ଅନୁପୂରକ ସମୀକ୍ଷା ସମୟରେ ଲକ୍ଷ୍ୟ କରାଯାଇଥିବା ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡ/ଇଣ୍ଡ ଏଏସ୍ ପାଳନ ନକରିବା**

| ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡ / ଇଣ୍ଡ ଏଏସ୍ | | କମ୍ପାନୀର ନାମ (ଆର୍ଥିକ ବର୍ଷ) | ବ୍ୟତିକ୍ରମ |
|---|---|---|---|
| ଇଣ୍ଡ୍ ଏଏସ୍-18 | ରାଜସ୍ୱ | ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ **(2021-22)** | ଇଣ୍ଡ୍ ଏଏସ୍-18 (ଅନୁଚ୍ଛେଦ 13)ର ବିରୁଦ୍ଧରେ ଚଳିତ ବର୍ଷର ରାଜସ୍ୱ ଭାବରେ ପରବର୍ତ୍ତୀ ଅବଧି ପାଇଁ ପ୍ରାପ୍ତ ରାଜସ୍ୱର ହିସାବ |

| ଆକାଉଣ୍ଟିଂ ଷ୍ଟାଣ୍ଡାର୍ଡ / ଇଣ୍ଡ ଏଏସ୍ | | କମ୍ପାନୀର ନାମ (ଆର୍ଥିକ ବର୍ଷ) | ବ୍ୟତିକ୍ରମ |
|---|---|---|---|
| ଏଏସ୍-10 | ସମ୍ପତ୍ତି, କାରଖାନା ଏବଂ ଯନ୍ତ୍ରପାତି | ଓଡିଶା ରେଳ ଭିତ୍ତିଭୂମି ବିକାଶ ନିଗମ ଲିମିଟେଡ୍ **(2021-22)** | ପୁଞ୍ଜି କାର୍ଯ୍ୟ ପ୍ରଗତି ଅଧୀନରେ ପୁଞ୍ଜି ଖର୍ଚ୍ଚର ହିସାବ ନଥିବା ତଥ୍ୟର ପ୍ରକାଶନ, ଯାହା ବିରୁଦ୍ଧରେ କମ୍ପାନୀଠାରୁ ଭବିଷ୍ୟତରେ କୌଣସି ଆର୍ଥିକ ଲାଭ ଆଶା କରାଯାଇନଥିଲା |
| ଇଣ୍ଡ୍ ଏଏସ୍-33 | ଅଂଶଧନ ପ୍ରତି ଆୟ | ମନ୍ଦାକିନୀ-ଖ କୋଇଲା ନିଗମ ଲିମିଟେଡ୍ **(2016-17)** | ଇଣ୍ଡ୍ ଏଏସ୍-୩୩ ଅନୁଯାୟୀ ସେୟାର ପ୍ରତି ମୌଳିକ ଏବଂ ମିଶ୍ରିତ ଆୟର ପ୍ରକାଶନ |
| ଇଣ୍ଡ୍ ଏଏସ୍-16 | ସମ୍ପତ୍ତି, କାରଖାନା ଏବଂ ଯନ୍ତ୍ରପାତି | ମନ୍ଦାକିନୀ-ଖ କୋଇଲା ନିଗମ ଲିମିଟେଡ୍ **(2016-17)** | ପ୍ରତ୍ୟେକ ଶ୍ରେଣୀର ସମ୍ପତ୍ତି, କାରଖାନା ଏବଂ ଯନ୍ତ୍ରପାତି ପାଇଁ ବ୍ୟବହୃତ ଅବନତି ପଦ୍ଧତିର ପ୍ରକାଶନ ନକରିବା |
| ଇଣ୍ଡ୍ ଏଏସ୍-115 | ଗ୍ରାହକଙ୍କ ସହିତ ଚୁକ୍ତିରୁ ରାଜସ୍ୱ | ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ **(2021-22)** | ଇଣ୍ଡ୍ ଏଏସ୍-115ର ନିୟମ ବିରୁଦ୍ଧରେ ବିଚାରାଧିନ ଘଟଣାରୁ ପରିଚାଳନା କାର୍ଯ୍ୟରୁ ରାଜସ୍ୱ ବୁକିଂ। |
| ଏଏସ୍-26 | ଅମୂର୍ତ୍ତ ସମ୍ପତ୍ତି | ଓଡିଶା ରାଜ୍ୟ ଅର୍ଥ ନିଗମ **(2020-21)** | ଏଏସ୍-26 ଅନୁଯାୟୀ ଅମୂର୍ତ୍ତ ସମ୍ପତ୍ତି ଅଧୀନରେ କମ୍ପ୍ୟୁଟର ସଫ୍ଟୱେୟାର କ୍ରୟ ପାଇଁ ଖର୍ଚ୍ଚର ଅଣ-ସ୍ୱୀକୃତି। |
| ଏଏସ୍-4 | ବାଲାନ୍ସ ସିଟ୍ ତାରିଖ ପରେ ଘଟୁଥିବା ଅପ୍ରତ୍ୟାଶିତ ପରିସ୍ଥିତି ଏବଂ ଘଟଣା | ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ୍ **(2018-19)** | ଏଏସ୍-4 ଅନୁଯାୟୀ ହିସାବ ସଂଲଗ୍ନ ନୋଟ୍‌ରେ ତଥ୍ୟ ପ୍ରକାଶ କରିବା ପରିବର୍ତ୍ତେ କମ୍ପାନୀ ବାଲାନ୍ସ ସିଟ୍ ତାରିଖ ପରେ ଏବଂ ହିସାବଗୁଡିକର ଅନୁମୋଦନ ପୂର୍ବରୁ ଘୋଷିତ ଲାଭାଂଶ ପାଇଁ ବ୍ୟବସ୍ଥା କରିଥିଲା |
| ଏଏସ୍-12 | ସରକାରୀ ଅନୁଦାନ | ଓଡିଶା ପର୍ଯ୍ୟଟନ ବିକାଶ ନିଗମ ଲିମିଟେଡ୍ **(2021-22)** | ଏଏସ୍-12ରେ ଥିବା ବ୍ୟବସ୍ଥା ଅନୁଯାୟୀ ସରକାରୀ ଅନୁଦାନ ପାଇଁ ଗ୍ରହଣ କରାଯାଇଥିବା ହିସାବ ନୀତିର ପ୍ରକାଶନ କରାଯାଇନାହିଁ |

## 1.13 ପରିଚାଳନା କର୍ତ୍ତୃପକ୍ଷଙ୍କୁ ପତ୍ର

ଆର୍ଥିକ ସମୀକ୍ଷାର ଅନ୍ୟତମ ଉଦ୍ଦେଶ୍ୟ ହେଉଛି ସମୀକ୍ଷକ ଏବଂ ନିଗମଗୁଡିକର ଶାସନ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ମଧ୍ୟରେ ଆର୍ଥିକ ବିବରଣୀଗୁଡିକର ସମୀକ୍ଷାରୁ ଉତ୍ପନ୍ନ ସମୀକ୍ଷା ପ୍ରସଙ୍ଗରେ ଯୋଗାଯୋଗ ସ୍ଥାପନ କରିବା।

ଏସ୍‌ପିଏସ୍‌ଇଗୁଡିକର ଆର୍ଥିକ ବିବରଣୀ ଉପରେ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣଗୁଡିକ କମ୍ପାନୀ ଅଧିନିୟମ, 2013ର ଧାରା 143(5) ଅନୁଯାୟୀ ସିଏଜିଙ୍କ ମନ୍ତବ୍ୟ ଭାବରେ ପ୍ରତିବେଦିତ କରାଯାଇଥିଲା। ଏହି ମନ୍ତବ୍ୟଗୁଡିକ ବ୍ୟତୀତ, ଆର୍ଥିକ ବିବରଣୀ କିମ୍ବା ପ୍ରତିବେଦନ ପ୍ରକ୍ରିୟାରେ ସିଏଜିଙ୍କ ଦ୍ୱାରା ଦର୍ଶାଯାଇଥିବା ଅନିୟମିତତା କିମ୍ବା ତ୍ରୁଟିଗୁଡିକର ସଂଶୋଧନ ପାଇଁ ଏକ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଏକ ପତ୍ର ମାଧ୍ୟମରେ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲା। ଏହି ଅଭାବଗୁଡିକ ସାଧାରଣତଃ ନିମ୍ନ ସମ୍ବନ୍ଧୀୟ:

- ହିସାବ ନୀତି ଏବଂ ପ୍ରଥାର ପ୍ରୟୋଗ ଓ ବ୍ୟାଖ୍ୟା;
- ସମୀକ୍ଷାରୁ ଉତ୍ପନ୍ନ ସଂଶୋଧନ ଯାହା ଆର୍ଥିକ ବିବରଣୀ ଉପରେ ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଭାବ ପକାଇପାରେ; ଏବଂ

- ସମ୍ପୃକ୍ତ ଏସ୍‌ପିଏସ୍‌ଇର ପରିଚାଳନା କର୍ତ୍ତୃପକ୍ଷ ପରବର୍ତ୍ତୀ ବର୍ଷଗୁଡ଼ିକରେ ନିର୍ଦ୍ଦିଷ୍ଟ ସୂଚନା ଉପରେ ସଂଶୋଧିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦେଇଥିବା ଆଶ୍ୱାସନା ବିଷୟରେ ପର୍ଯ୍ୟାପ୍ତ କିମ୍ବା ଆଦୌ ଉଲ୍ଲେଖ ନକରିବା।

ଚଳିତ ବର୍ଷ ମଧ୍ୟରେ, ସିଏଜି 21ଟି ଏସ୍‌ପିଏସ୍‌ଇର 'ପରିଚାଳନା କର୍ତ୍ତୃପକ୍ଷଙ୍କୁ ପତ୍ର' ଜାରି କରିଥିଲେ ଯାହାର ତାଲିକା **ପରିଶିଷ୍ଟ 15**ରେ ଦିଆଯାଇଛି।

## କର୍ପୋରେଟ୍ ଶାସନ

### 1.14 କର୍ପୋରେଟ୍ ଶାସନ ବ୍ୟବସ୍ଥାର ଉପକ୍ରମ

କର୍ପୋରେଟ୍ ଶାସନ ହେଉଛି ଗୋଟିଏ ବ୍ୟବସ୍ଥା ଯାହାଦ୍ୱାରା କମ୍ପାନୀଗୁଡିକ ନିର୍ଦ୍ଦେଶିତ ଏବଂ ପରିଚାଳିତ ହୁଅନ୍ତି। ଏହା ସଂସ୍ଥାର ଲକ୍ଷ୍ୟ ସ୍ଥାପନ ଏବଂ ହାସଲ କରିବା, କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ବିପଦକୁ କମ କରିବା ପାଇଁ ପ୍ରକ୍ରିୟାଗୁଡିକୁ ବର୍ଣ୍ଣିତ କରେ। ଉତ୍ତମ କର୍ପୋରେଟ୍ ଶାସନ ଅଭ୍ୟାସ ସଂଗଠନଗୁଡିକ ମୂଲ୍ୟ ସୃଷ୍ଟି କରିବାକୁ, ଉତ୍ତରଦାୟିତ୍ୱକୁ ଉନ୍ନତ କରିବାକୁ ଏବଂ ସେମାନଙ୍କର ବ୍ୟବସାୟ ପ୍ରକ୍ରିୟାର ଅଖଣ୍ଡତା ରକ୍ଷା କରିବାକୁ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବିକାଶ କରିବାକୁ ସକ୍ଷମ କରେ।

ବିକାଶ ତଥା ଭିତ୍ତିଭୂମି ଲକ୍ଷ୍ୟ ହାସଲ କରିବାରେ ଏସ୍‌ପିଏସ୍‌ଇ ଗୁଡିକର ବିଶେଷ ଭୂମିକାକୁ ଦୃଷ୍ଟିରେ ରଖି ଉପଯୁକ୍ତ ଶାସନ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଅଟେ। ଏସ୍‌ପିଏସ୍‌ଇଗୁଡିକରେ ଉତ୍ତରଦାୟିତ୍ୱକୁ ସୁଦୃଢ଼ କରିବାର ଆବଶ୍ୟକତା, ଯେତେବେଳେ ସେମାନେ ନିଶ୍ଚିତ କରିଛନ୍ତି ଯେ, ସେମାନେ ଧାର୍ଯ୍ୟ ଉଦ୍ଦେଶ୍ୟ ପୂରଣ କରୁଛନ୍ତି, ଉତ୍ତମ ଶାସନ ଅଭ୍ୟାସ ଗ୍ରହଣ କରିବାରେ ପ୍ରେରଣା ଦେଇଛି।

### 1.15 କମ୍ପାନୀ ଅଧିନିୟମ, 2013ରେ ଥିବା ବ୍ୟବସ୍ଥାଗୁଡିକ

କମ୍ପାନୀ ଅଧିନିୟମ, 1956କୁ ବଦଳାଇ 29 ଅଗଷ୍ଟ 2013ରେ କମ୍ପାନୀ ଅଧିନିୟମ, 2013 ଲାଗୁ କରାଯାଇଥିଲା। ଏଥିସହ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ପରିଚାଳନା ଏବଂ ପ୍ରଶାସନ, ନିର୍ଦ୍ଦେଶକଙ୍କ ନିଯୁକ୍ତି ଏବଂ ଯୋଗ୍ୟତା, ନିର୍ଦ୍ଦେଶକ ବୋର୍ଡର ବୈଠକ ଏବଂ ଏହାର କ୍ଷମତା ଉପରେ କମ୍ପାନୀ ନିୟମାବଳୀ, 2014 (31 ମାର୍ଚ୍ଚ 2014)କୁ ସୂଚିତ କରିଛି। କମ୍ପାନୀ ଅଧିନିୟମ, 2013 ସହିତ କମ୍ପାନୀ ନିୟମାବଳୀ କର୍ପୋରେଟ୍ ଶାସନ ବ୍ୟବସ୍ଥା ପାଇଁ ଢ଼ାଞ୍ଚା ପ୍ରଦାନ କରେ। ଆବଶ୍ୟକତାଗୁଡିକ, ନିମ୍ନଲିଖିତ ପାଇଁ ପ୍ରବେଶ କରେ:

- ସାର୍ବଜନୀନ କମ୍ପାନୀଗୁଡିକ ଯାହାର ସମାଦତ୍ତ ପୁଞ୍ଜି 10 କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ, କାରବାର 100 କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ କିମ୍ବା ବକେୟା ଋଣ, ଋଣ ସ୍ୱୀକାରପତ୍ର ଏବଂ ଜମା 50 କୋଟି ଟଙ୍କାରୁ ଅଧିକ ହୋଇଥିବ ସେମାନଙ୍କୁ ସ୍ୱାଧୀନ ନିର୍ଦ୍ଦେଶକ ନିଯୁକ୍ତି ଏବଂ ସମୀକ୍ଷା ସମିତି ପରି କେତେକ ସମିତିର ବାଧ୍ୟତାମୂଳକ ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି। {କମ୍ପାନୀ ନିୟମାବଳୀ (ନିର୍ଦ୍ଦେଶକ ନିଯୁକ୍ତି ଏବଂ ଯୋଗ୍ୟତା)ର ନିୟମ 4 ଏବଂ କମ୍ପାନୀ ଅଧିନିୟମ, 2013ର ଧାରା 177(1)}।

- ବୃତ୍ତିଗତ ଆଚରଣ ପାଇଁ କର୍ତ୍ତବ୍ୟ ଏବଂ ନିର୍ଦ୍ଦେଶାବଳୀ ସହିତ ସ୍ୱାଧୀନ ନିର୍ଦ୍ଦେଶକଙ୍କ ପାଇଁ ଯୋଗ୍ୟତା {ଧାରା 149(6) ସହିତ କମ୍ପାନୀ ସମୂହର (ନିର୍ଦ୍ଦେଶକ ନିଯୁକ୍ତି ଏବଂ ଯୋଗ୍ୟତା) ନିୟମ, 2014ର ନିୟମ 5}।

- ସାର୍ବଜନୀନ କମ୍ପାନୀଗୁଡିକ ଯାହାର ସମାଦତ୍ତ ପୁଞ୍ଜି 100 କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ କିମ୍ବା କାରବାର 300 କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ହୋଇଥିବ ସେମାନଙ୍କ ନିର୍ଦ୍ଦେଶକ ମଣ୍ଡଳୀରେ ଜଣେ ମହିଳା ନିର୍ଦ୍ଦେଶକଙ୍କ ବାଧ୍ୟତାମୂଳକ ନିଯୁକ୍ତି {କମ୍ପାନୀ ସମୂହର (ନିର୍ଦ୍ଦେଶକ ନିଯୁକ୍ତି ଏବଂ ଯୋଗ୍ୟତା) ନିୟମ, 2014ର, ନିୟମ 3}।

- ପ୍ରତିବର୍ଷ ନିର୍ଦ୍ଦେଶକ ମଣ୍ଡଳୀଙ୍କ ସର୍ବନିମ୍ନ ଚରୋଟି ବୈଠକ ଆୟୋଜନ କରିବା ଯେପରିକି ନିର୍ଦ୍ଦେଶକ ମଣ୍ଡଳୀଙ୍କ ଦୁଇଟି କ୍ରମାଗତ ବୈଠକ ମଧ୍ୟରେ 120 ଦିନରୁ ଅଧିକ ଅବଧି ହେଉନଥିବ {ଧାରା 173(1)}।

## 1.16 ମନୋନୀତ ଏସ୍‌ପିଏସ୍‌ଇଗୁଡିକ ଦ୍ୱାରା କର୍ପୋରେଟ୍ ଶାସନ ବ୍ୟବସ୍ଥାର ଅନୁପାଳନର ସମୀକ୍ଷା

31 ମାର୍ଚ୍ଚ 2023 ସୁଦ୍ଧା, ସିଏଜିଙ୍କ ସମୀକ୍ଷା ଅଧୀନରେ ଓଡିଶାର 76ଟି ଏସ୍‌ପିଏସ୍‌ଇ ଥିଲା। ସାର୍ବଜନୀନ ଉଦ୍ୟୋଗ ବିଭାଗ, ଓଡିଶା ସରକାର (ଜିଓଓ) ଏସ୍‌ପିଏସ୍‌ଇଗୁଡିକର କାର୍ଯ୍ୟର ତଦାରଖ କରେ ଏବଂ କାର୍ଯ୍ୟକ୍ଷମ କ୍ଷେତ୍ରରେ ସେମାନଙ୍କର ଦକ୍ଷ ପରିଚାଳନା ଏବଂ ନିୟନ୍ତ୍ରଣ ଉପରେ ପରାମର୍ଶ ଦେଇଥାଏ। ଓଡିଶା ସରକାରଙ୍କ କର୍ପୋରେଟ୍ ଗଭର୍ଣ୍ଣାନ୍ସ ମାନୁଆଲ୍ (ସିଜିଏମ୍) (ନଭେମ୍ବର 2009) ଏସ୍‌ପିଏସ୍‌ଇଗୁଡିକ ଦ୍ୱାରା ଏକ କର୍ପୋରେଟ୍ ଯୋଜନାର ପ୍ରସ୍ତୁତି ଆବଶ୍ୟକ କରେ। ଏହି ମାନୁଆଲ୍‌କୁ 2022ରେ ସଂଶୋଧିତ କରାଯାଇଛି ଏବଂ ବର୍ତ୍ତମାନ ଏହି ମାନୁଆଲ୍‌ଟି କମ୍ପାନୀ ଅଧିନିୟମ, 1956 କିମ୍ବା କମ୍ପାନୀ ଅଧିନିୟମ, 2013 ଅନୁଯାୟୀ ପଞ୍ଜିକୃତ ହୋଇଥିବା ସମସ୍ତ ଏସ୍‌ପିଏସ୍‌ଇ ପାଇଁ ପ୍ରଯୁଜ୍ୟ ହେବ ଏବଂ ଓଡିଶା ସରକାରଙ୍କ ନିର୍ଦ୍ଦିଷ୍ଟ ଅଧିନିୟମ ଅଧୀନରେ ଅନ୍ତର୍ଭୁକ୍ତ ସମସ୍ତ ବୈଧାନିକ ନିଗମକୁ ମଧ୍ୟ ଏହା ପ୍ରଯୁଜ୍ୟ ହେବ।

## 1.17 ନିର୍ଦ୍ଦେଶକ ମଣ୍ଡଳୀଙ୍କ ଗଠନ

### 1.17.1 ସ୍ୱାଧୀନ ନିର୍ଦ୍ଦେଶକ

କମ୍ପାନୀ ଅଧିନିୟମ, 2013ର ଧାରା 149(6) ଅନୁଯାୟୀ, ଜଣେ ସ୍ୱାଧୀନ ନିର୍ଦ୍ଦେଶକ ଅର୍ଥ ଜଣେ ପରିଚାଳନା ନିର୍ଦ୍ଦେଶକ କିମ୍ବା ଜଣେ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ କିମ୍ବା ନିର୍ଦ୍ଦେଶକ ବ୍ୟତୀତ ଅନ୍ୟ ଜଣେ ନିର୍ଦ୍ଦେଶକ, ଯିଏ ସଚ୍ଚୋଟ ବ୍ୟକ୍ତି ଏବଂ ପ୍ରାସଙ୍ଗିକ ବିଶେଷଜ୍ଞତା ଏବଂ ଅଭିଜ୍ଞତାର ଧାରଣ କରନ୍ତି। କମ୍ପାନୀସମୂହର (ନିର୍ଦ୍ଦେଶକ ନିଯୁକ୍ତି ଏବଂ ଯୋଗ୍ୟତା) ନିୟମାବଳୀ, 2014ର ନିୟମ 4 ଅନୁଯାୟୀ ପ୍ରତ୍ୟେକ ସାର୍ବଜନୀନ କମ୍ପାନୀ ଯାହାର ସମାଦତ୍ତ ପୁଞ୍ଜି 10 କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ, କିମ୍ବା କାରବାର 100 କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ କିମ୍ବା ବକେୟା ଋଣ, ଋଣସ୍ୱୀକାର ପତ୍ର ଏବଂ ଜମା 50 କୋଟି ଟଙ୍କାରୁ ଅଧିକ ହୋଇଥିବ ସେମାନଙ୍କ ନିର୍ଦ୍ଦେଶକ ମଣ୍ଡଳୀରେ ଅତିକମରେ ଦୁଇଜଣ ସ୍ୱାଧୀନ ନିର୍ଦ୍ଦେଶକ ରହିବେ। ଏହି ମାନଦଣ୍ଡ ପୂରଣ କରୁଥିବା 35ଟି ଏସ୍‌ପିଏସ୍‌ଇଗୁଡିକର ତାଲିକା **ପରିଶିଷ୍ଟ 16**ରେ ଦିଆଯାଇଛି। ଏହି 35ଟି ଏସ୍‌ପିଏସ୍‌ଇ ମଧ୍ୟରୁ 05 ଜୁଲାଇ 2017ର ଏକ ନିର୍ଦ୍ଦିଷ୍ଟ ବିଜ୍ଞପ୍ତି ଅନୁସାରେ 08ଟି[14] ଏସ୍‌ପିଏସ୍‌ଇଗୁଡିକରେ ସ୍ୱାଧୀନ ନିର୍ଦ୍ଦେଶକ ରହିବାର ମାନଦଣ୍ଡ ଅନୁସରଣ କରିବା ଆବଶ୍ୟକ ନଥିଲା। ଅବଶିଷ୍ଟ 27ଟି ଏସ୍‌ପିଏସ୍‌ଇଗୁଡିକ ମଧ୍ୟରୁ, ନିମ୍ନ ସାରଣୀରେ ଉଲ୍ଲେଖ କରାଯାଇଥିବା ପାଞ୍ଚଟି ଏସ୍‌ପିଏସ୍‌ଇରେ 2022-23 ଆର୍ଥିକ ବର୍ଷରେ ସେମାନଙ୍କ ନିର୍ଦ୍ଦେଶକ ମଣ୍ଡଳୀରେ ଅତି କମରେ ଦୁଇଜଣ ସ୍ୱାଧୀନ ନିର୍ଦ୍ଦେଶକ ନଥିଲେ।

**ସାରଣୀ 1.24: ମାନଦଣ୍ଡ ପୂରଣ କରୁଥିବା ଏସ୍‌ପିଏସ୍‌ଇଗୁଡିକ ଯେଉଁମାନେ ନିର୍ଦ୍ଦେଶକ ମଣ୍ଡଳୀରେ ଅତି କମରେ ଦୁଇଜଣ ସ୍ୱାଧୀନ ନିର୍ଦ୍ଦେଶକ ନଥିଲେ**

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇର ନାମ |
|---|---|
| 1 | ଓଡିଶା ଗ୍ରାମୀଣ ଗୃହ ବିକାଶ ନିଗମ ଲିମିଟେଡ୍ |
| 2 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ |
| 3 | ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ |
| 4 | ଓଡିଶା ରେଳ ଭିତ୍ତିଭୂମି ବିକାଶ ଲିମିଟେଡ୍ |
| 5 | ଓଡିଶା ଖଣି ନିଗମ ଲିମିଟେଡ୍ |

*(ଉତ୍ସ: ସମ୍ପୃକ୍ତ ଏସ୍‌ପିଏସ୍‌ଇ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ ପ୍ରସ୍ତୁତ)*

[14] ସବୁଜ ଶକ୍ତି ବିକାଶ ନିଗମ ଲିମିଟେଡ୍ - ସମ୍ପୂର୍ଣ୍ଣ ମାଲିକାନାରେ ଥିବା ଗୌଣ କମ୍ପାନୀ; ବ୍ରାହ୍ମଣୀ ରେଳବାଇ ଲିମିଟେଡ୍, ବୈତରଣୀ ପଶ୍ଚିମ କୋଇଲା କମ୍ପାନୀ ଲିମିଟେଡ୍, ପାରାଦୀପ ପ୍ଲାଷ୍ଟିକ ପାର୍କ ଲିମିଟେଡ୍, ଅନୁଗୁଳ ଆଲୁମିନିୟମ ପାର୍କ ଲିମିଟେଡ୍, ଓଡିଶା ତାପଜ ବିଦ୍ୟୁତ୍ ନିଗମ ଲିମିଟେଡ୍, ଜେଡକଲ୍-ସେଲ ବିଦ୍ୟୁତ୍ ନିଗମ ଲିମିଟେଡ୍ ଏବଂ ଓଡିଶା କୋଇଲା ଏବଂ ବିଦ୍ୟୁତ୍ ଲିମିଟେଡ୍ - ତାଲିକାଭୁକ୍ତ ହୋଇନଥିବା ଯୌଥ କମ୍ପାନୀ

### 1.17.2 ନିର୍ଦ୍ଦେଶକ ମଣ୍ଡଳୀରେ ମହିଳା ନିର୍ଦ୍ଦେଶକ

କମ୍ପାନୀ ଅଧିନିୟମ, 2013ର ଧାରା 149(1) ସହିତ କମ୍ପାନୀସମୂହ (ନିର୍ଦ୍ଦେଶକମାନଙ୍କ ନିଯୁକ୍ତି ଏବଂ ଯୋଜନା) ନିୟମାବଳୀ, 2014ର ନିୟମ 3 ସହିତ ପଠିତ ବ୍ୟବସ୍ଥା ଅନୁଯାୟୀ, ପ୍ରତ୍ୟେକ ସାର୍ବଜନୀନ କମ୍ପାନୀ ଯାହାର ସମାଦତ୍ତ ପୁଞ୍ଜି 100 କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ କିମ୍ବା କାରବାର 300 କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ହୋଇଥିବ ସେମାନଙ୍କ ନିର୍ଦ୍ଦେଶକ ମଣ୍ଡଳୀରେ ଅତି କମରେ ଜଣେ ମହିଳା ନିର୍ଦ୍ଦେଶକ ରହିବେ। **ପରିଶିଷ୍ଟ 17**ରେ ତାଲିକାଭୁକ୍ତ ହୋଇଥିବା ପରି ଏହି ମାନଦଣ୍ଡକୁ ପୂରଣ କରୁଥିବା 21ଟି ଏସ୍‌ପିଏସ୍‌ଇ ଥିଲା। ଏହି 21ଟି ଏସ୍‌ପିଏସ୍‌ଇ ମଧ୍ୟରୁ ନିମ୍ନ ସାରଣୀରେ ଦିଆଯାଇଥିବା ନଅଟି ଏସ୍‌ପିଏସ୍‌ଇର ନିର୍ଦ୍ଦେଶକ ମଣ୍ଡଳୀରେ ମହିଳା ନିର୍ଦ୍ଦେଶକ ନଥିଲେ।

**ସାରଣୀ 1.25: ଏସ୍‌ପିଏସ୍‌ଇମାନଙ୍କ ତାଲିକା ଯେଉଁମାନଙ୍କର ନିର୍ଦ୍ଦେଶକ ମଣ୍ଡଳୀରେ ମହିଳା ନିର୍ଦ୍ଦେଶକ ନଥିଲେ**

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇର ନାମ |
|---|---|
| 1 | ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ |
| 2 | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ |
| 3 | ଓଡିଶା ଶିଳ୍ପ ପ୍ରୋତ୍ସାହନ ଏବଂ ପୁଞ୍ଜିଲଗାଣ ନିଗମ ଲିମିଟେଡ୍ |
| 4 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ |
| 5 | ଓଡିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍ |
| 6 | ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ |
| 7 | ଓଡିଶା କୋଇଲା ଏବଂ ବିଦ୍ୟୁତ୍ ଲିମିଟେଡ୍ |
| 8 | ଓଡିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଏବଂ କଲ୍ୟାଣ ନିଗମ ଲିମିଟେଡ୍ |
| 9 | ଓଡିଶା ଉଠା ଜଳସେଚନ ନିଗମ ଲିମିଟେଡ୍ |

*(ଉତ୍ସ: ସମ୍ପୃକ୍ତ ଏସ୍‌ପିଏସ୍‌ଇ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ ପ୍ରସ୍ତୁତ)*

### 1.17.3 ନିର୍ଦ୍ଦେଶକ ମଣ୍ଡଳୀରେ ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

ନିର୍ଦ୍ଦେଶକ ମଣ୍ଡଳୀ ହେଉଛି କର୍ପୋରେଟ୍ ଶାସନ ବ୍ୟବସ୍ଥାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପକରଣ। ତାଲିକା ଚୁକ୍ତିନାମାର ଧାରା 49(ଆଇ)(ଏ)(1) ଏବଂ ସେବି (ତାଲିକା ନିୟମ ବାଧ୍ୟତାମୂଳକ ଏବଂ ପ୍ରକାଶ ଆବଶ୍ୟକତା) ନିୟମାବଳୀ 2015ର ନିୟମ 17(1)(ଏ)ରେ ଧାର୍ଯ୍ୟ କରାଯାଇଛି ଯେ, କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ କାର୍ଯ୍ୟନିର୍ବାହୀ ଏବଂ ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କର ଏକ ସର୍ବୋଚ୍ଚ ମିଶ୍ରଣ ରହିବ ଯେଉଁଥିରେ ନିର୍ଦ୍ଦେଶକ ମଣ୍ଡଳୀର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକମାନଙ୍କ ସଂଖ୍ୟା 50 ପ୍ରତିଶତରୁ କମ୍ ରହିବ ନାହିଁ। ଗ୍ରୀଡ୍‌କୋ ଲିମିଟେଡ୍ ଓଡିଶାର ଏକମାତ୍ର ତାଲିକାଭୁକ୍ତ ଏସ୍‌ପିଏସ୍‌ଇ ଅଟେ ଏବଂ ଏହାର ନିର୍ଦ୍ଦେଶକ ମଣ୍ଡଳୀରେ 50 ପ୍ରତିଶତରୁ ଅଧିକ ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରହିଥିଲେ।

## 1.18 ସ୍ୱାଧୀନ ନିର୍ଦ୍ଦେଶକମାନଙ୍କ ନିଯୁକ୍ତି ଏବଂ କାର୍ଯ୍ୟକାରିତା

### 1.18.1 ନିଯୁକ୍ତିର ପଦ୍ଧତି

ଅନୁସୂଚୀ IVର ଧାରା IV ନିଯୁକ୍ତିର ପଦ୍ଧତିର ଉପଧାରା 2 ଅନୁଯାୟୀ, କମ୍ପାନୀର ସ୍ୱାଧୀନ ନିର୍ଦ୍ଦେଶକମାନଙ୍କ ନିଯୁକ୍ତି ଅଂଶୀଦାରମାନଙ୍କ ବୈଠକରେ ଅନୁମୋଦନ ହେବା ଉଚିତ। ଏହା ଦେଖାଗଲା ଯେ, ସ୍ୱାଧୀନ ନିର୍ଦ୍ଦେଶକମାନେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିଲେ, କିନ୍ତୁ ସେମାନଙ୍କ ନିଯୁକ୍ତି ଅଂଶୀଦାରମାନଙ୍କ ବୈଠକରେ ଅନୁମୋଦନ ହୋଇନଥିଲେ।

**ସାରଣୀ 1.26: ଏସ୍‌ପିଏସ୍‌ଇମାନଙ୍କ ତାଲିକା ଯେଉଁଠି ସ୍ୱାଧୀନ ନିର୍ଦ୍ଦେଶକମାନଙ୍କ ନିଯୁକ୍ତି ଅଂଶୀଦାରମାନଙ୍କ ବୈଠକରେ ଅନୁମୋଦନ ହୋଇନଥିଲା**

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇର ନାମ |
|---|---|
| 1 | ଓଡିଶା ରାଜ୍ୟ ଭେଷଜ ନିଗମ ଲିମିଟେଡ୍ |
| 2 | ଓଡିଶା ବନ୍ୟ ଉନ୍ନୟନ ନିଗମ ଲିମିଟେଡ୍ |
| 3 | ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ |
| 4 | ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ |
| 5 | ଓଡିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଏବଂ କଲ୍ୟାଣ ନିଗମ ଲିମିଟେଡ୍ |
| 6 | ଓଡିଶା ଶିଳ୍ପ ପ୍ରୋତ୍ସାହନ ଏବଂ ପୁଞ୍ଜିଲଗାଣ ନିଗମ ଲିମିଟେଡ୍ |
| 7 | ଓଡିଶା ସବୁଜ ଶକ୍ତି ବିକାଶ ନିଗମ ଲିମିଟେଡ୍ |
| 8 | ଓଡିଶା ଉଠା ଜଳସେଚନ ନିଗମ ଲିମିଟେଡ୍ |
| 9 | ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ |
| 10 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ |

*(ଉତ୍ସ: ସମ୍ପୃକ୍ତ ଏସ୍‌ପିଏସ୍‌ଇ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ ପ୍ରସ୍ତୁତ)*

### 1.18.2 ସ୍ୱାଧୀନ ନିର୍ଦ୍ଦେଶକମାନଙ୍କୁ ପ୍ରଶିକ୍ଷଣ

କମ୍ପାନୀ ଅଧିନିୟମ, 2013ର ଅନୁସୂଚୀ IVରେ ଧାର୍ଯ୍ୟ କରାଯାଇଛି ଯେ, ସ୍ୱାଧୀନ ନିର୍ଦ୍ଦେଶକମାନେ ଉପଯୁକ୍ତ ପ୍ରଶିକ୍ଷଣ ନେବେ ଏବଂ କମ୍ପାନୀ ସହିତ ସେମାନଙ୍କର ଦକ୍ଷତା, ଜ୍ଞାନ ଏବଂ ପରିଚୟକୁ ନିୟମିତ ଭାବରେ ଅଦ୍ୟତନ ଏବଂ ସତେଜ କରିବେ। ତଥାପି, ଏସ୍‌ପିଏସ୍‌ଇମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନାରୁ ଏହା ସ୍ପଷ୍ଟ ହେଉଛି ଯେ, କେବଳ ଓଡିଶା ରାଜ୍ୟ ସେତୁ ଏବଂ ନିର୍ମାଣ ନିଗମକୁ ବାଦ ଦେଲେ ଅନ୍ୟ କୌଣସି ଏସ୍‌ପିଏସ୍‌ଇ ସେମାନଙ୍କ ନିର୍ଦ୍ଦେଶକ ମଣ୍ଡଳୀରେ ଥିବା ସ୍ୱାଧୀନ ନିର୍ଦ୍ଦେଶକମାନଙ୍କ ପାଇଁ 2022-23ରେ ପ୍ରଶିକ୍ଷଣର ଆୟୋଜନ କରିନଥିଲେ।

### 1.18.3 ନିର୍ଦ୍ଦେଶକ ମଣ୍ଡଳୀର ବୈଠକ, ନିର୍ଦ୍ଦେଶକ ମଣ୍ଡଳୀର ସମିତି ବୈଠକ ଏବଂ କମ୍ପାନୀର ସାଧାରଣ ସଭାଗୁଡିକରେ ଯୋଗଦାନ

କମ୍ପାନୀ ଅଧିନିୟମ, 2013ର ଅନୁସୂଚୀ IVର ପାରା III (3)ରେ କୁହାଯାଇଛି ଯେ, ସ୍ୱାଧୀନ ନିର୍ଦ୍ଦେଶକମାନେ ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ଏବଂ ନିର୍ଦ୍ଦେଶକ ମଣ୍ଡଳୀ ସମିତିର ସମସ୍ତ ବୈଠକରେ ଯୋଗ ଦେବାକୁ ଚେଷ୍ଟା କରିବା ଉଚିତ ଯେଉଁଥିରେ ସେମାନେ ସଦସ୍ୟ ଥିବେ। ସମୀକ୍ଷାରେ ଦେଖାଗଲା ଯେ, 12ଟି ଏସ୍‌ପିଏସ୍‌ଇର ସ୍ୱାଧୀନ ନିର୍ଦ୍ଦେଶକମାନେ 2022-23 ମଧ୍ୟରେ 31ଟି ବୋର୍ଡ ବୈଠକରେ ଏବଂ 53ଟି ଅନ୍ୟ ବୋର୍ଡ ସମିତି ବୈଠକରେ ଯଥାକ୍ରମେ 39 ଏବଂ 81 ଥର ଯୋଗ ଦେଇ ନଥିଲେ।

କମ୍ପାନୀ ଅଧିନିୟମ, 2013ର ଅନୁସୂଚୀ IVର ଅନୁଚ୍ଛେଦ III (5)ରେ କୁହାଯାଇଛି ଯେ, ସ୍ୱାଧୀନ ନିର୍ଦ୍ଦେଶକମାନେ କମ୍ପାନୀର ସମସ୍ତ ସାଧାରଣ ସଭାରେ ଯୋଗଦେବାକୁ ଚେଷ୍ଟା କରିବେ। ନିମ୍ନ ସାରଣୀ ଏହିପରି ସ୍ୱାଧୀନ ନିର୍ଦ୍ଦେଶକଙ୍କ ସଂଖ୍ୟାକୁ ସୂଚିତ କରେ ଯେଉଁମାନେ 2022-23 ବର୍ଷରେ କମ୍ପାନୀର ସାଧାରଣ ସଭାରେ ଯୋଗଦେଇ ନଥିଲେ।

**ସାରଣୀ 1.27: ସ୍ୱାଧୀନ ନିର୍ଦ୍ଦେଶକମାନଙ୍କ ତାଲିକା ଯେଉଁମାନେ ସାଧାରଣ ସଭାରେ ଯୋଗଦାନ କରିନଥିଲେ**

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇର ନାମ | ସ୍ୱାଧୀନ ନିର୍ଦ୍ଦେଶକମାନଙ୍କ ସଂଖ୍ୟା ଯେଉଁମାନେ ସାଧାରଣ ସଭାରେ ଯୋଗଦେଇ ନଥିଲେ |
|---|---|---|
| 1 | ଓଡିଶା ଉଠା ଜଳସେଚନ ନିଗମ ଲିମିଟେଡ୍ | 2 |
| 2 | ଓଡିଶା ଖଣି ନିଗମ ଲିମିଟେଡ୍ | 1 |
| 3 | ଓଡିଶା ରାଜ୍ୟ ଭେଷଜ ନିଗମ ଲିମିଟେଡ୍ | 2 |
| 4 | ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ | 3 |
| 5 | ଓଡିଶା ଜଳ ନିଗମ ଲିମିଟେଡ୍ | 1 |
| 6 | ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ | 5 |
| 7 | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ | 3 |
| 8 | ଓଡିଶା ଶିଳ୍ପ ପ୍ରୋତ୍ସାହନ ଏବଂ ପୁଞ୍ଜିଲଗାଣ ନିଗମ ଲିମିଟେଡ୍ | 4 |
| 9 | ଓଡିଶା ସବୁଜ ଶକ୍ତି ବିକାଶ ନିଗମ ଲିମିଟେଡ୍ | 4 |
| 10 | ଓଡିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍ | 2 |
| 11 | ଓଡିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ | 4 |
| 12 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ | 3 |

*(ଉତ୍ସ: ସମ୍ପୃକ୍ତ ଏସ୍‌ପିଏସ୍‌ଇ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ ପ୍ରସ୍ତୁତ)*

## 1.19 କାର୍ଯ୍ୟକ୍ଷମ, ଅଣ-କାର୍ଯ୍ୟକ୍ଷମ, ସ୍ୱାଧୀନ ନିର୍ଦ୍ଦେଶକଙ୍କ ପଦବୀ ପୂରଣ କରିବା

ପ୍ରମୁଖ ପରିଚାଳକ କର୍ମଚାରୀ, ନିର୍ଦ୍ଦେଶକ ଇତ୍ୟାଦି ପଦବୀରେ ଖାଲିଥିବା ସ୍ଥାନଗୁଡିକ ଠିକ୍ ସମୟରେ ପୂରଣ କରିବା ଦ୍ୱାରା କମ୍ପାନୀର ପରିଚାଳନାରେ ଆବଶ୍ୟକ କୌଶଳ ଏବଂ ପାରଦର୍ଶିତା ଉପଲବ୍ଧତା ସୁନିଶ୍ଚିତ ହୁଏ। ଖାଲିଥିବା ପଦବୀ ପୂରଣରେ ଯେକୌଣସି ବିଳମ୍ବ, ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାର ପ୍ରଭାବକୁ ବାଧା ଦେଇପାରେ। କମ୍ପାନୀଗୁଡିକର ନିୟମାବଳୀ (ନିର୍ଦ୍ଦେଶକଙ୍କ ନିଯୁକ୍ତି ଏବଂ ଯୋଗ୍ୟତା) ନିୟମ, 2014ରେ ଧାର୍ଯ୍ୟ କରାଯାଇଛି ଯେ, ସ୍ୱାଧୀନ ନିର୍ଦ୍ଦେଶକମାନଙ୍କ ଇସ୍ତଫା କିମ୍ବା ପଦବୀରୁ ହଟାଯିବା ଦ୍ୱାରା ସୃଷ୍ଟି ହେଉଥିବା ଖାଲି ପଦବୀ ଯଥାଶୀଘ୍ର ପରବର୍ତ୍ତୀ ନିର୍ଦ୍ଦେଶକ ମଣ୍ଡଳୀ ବୈଠକ କିମ୍ବା ସେହି ଶୂନ୍ୟସ୍ଥାନ ସୃଷ୍ଟି ହେବାର ତିନିମାସ ଭିତରେ ପୂରଣ କରାଯିବା ଉଚିତ। ତଥାପି, ଦେଖାଗଲା ଯେ, ନିମ୍ନ ସାରଣୀରେ ପ୍ରଦତ୍ତ ଏସ୍‌ପିଏସ୍‌ଇଗୁଡିକ 2022-23 ମଧ୍ୟରେ ଉପର୍ଯ୍ୟୁକ୍ତ ବ୍ୟବସ୍ଥାକୁ ପାଳନ କରୁନଥିଲେ ଏବଂ ସ୍ୱାଧୀନ ନିର୍ଦ୍ଦେଶକଙ୍କ ପଦଗୁଡିକ ବହୁ ସମୟ ପାଇଁ ଖାଲି ରହିଥିଲା।

**ସାରଣୀ 1.28: ଏସ୍‌ପିଏସ୍‌ଇ ଯେଉଁଠି ସ୍ୱାଧୀନ ନିର୍ଦ୍ଦେଶକମାନଙ୍କ ଶୂନ୍ୟସ୍ଥାନ ସମୟ ଅବଧିରେ ପୂରଣ ହୋଇନଥିଲା**

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇର ନାମ | ଆବଶ୍ୟକ ସ୍ୱାଧୀନ ନିର୍ଦ୍ଦେଶକ ସଂଖ୍ୟା | ଖାଲିଥିବା ପଦବୀ ସଂଖ୍ୟା | ମୋଟ ମାସ ସଂଖ୍ୟା ଯେଉଁଥିପାଇଁ ପଦବୀ ଖାଲିଥିଲା (2022-23 ମଧ୍ୟରେ) |
|---|---|---|---|---|
| 1 | ଓଡିଶା ରାଜ୍ୟ ଗୃହ ନିର୍ମାଣ ଏବଂ ବିକାଶ ନିଗମ ଲିମିଟେଡ୍ | 2 | 2 | 12 ମାସ |
| 2 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ | 2 | 2 | 12 ମାସ |
| 3 | ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ | 2 | 2 | 12 ମାସ |
| 4 | ଓଡିଶା ରେଳ ଭିତ୍ତିଭୂମି ବିକାଶ ଲିମିଟେଡ୍ | 2 | 2 | 12 ମାସ |
| 5 | ଓଡିଶା ଖଣି ନିଗମ ଲିମିଟେଡ୍ | 2 | 1 | 12 ମାସ |

*(ଉତ୍ସ: ସମ୍ପୃକ୍ତ ଏସ୍‌ପିଏସ୍‌ଇ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ ପ୍ରସ୍ତୁତ)*

## 1.20 ନିର୍ଦ୍ଦେଶକ ମଣ୍ଡଳୀ ଏବଂ ମଣ୍ଡଳୀ ସମିତିର ବୈଠକ (ବିଜ୍ଞପ୍ତି ପ୍ରକାଶ କରିବା, ବୈଠକ ଡାକିବା ଇତ୍ୟାଦି ପାଇଁ ଆଇନଗତ ବ୍ୟବସ୍ଥା)

କମ୍ପାନୀ ଅଧିନିୟମ, 2013ର ଧାରା 173(1)ରେ ଧାର୍ଯ୍ୟ କରାଯାଇଛି ଯେ, ପ୍ରତ୍ୟେକ କମ୍ପାନୀ ପ୍ରତିବର୍ଷ ଏହାର ସର୍ବନିମ୍ନ ସଂଖ୍ୟକ ଚାରୋଟି ବୈଠକ ଆୟୋଜନ କରିବେ ଯାହା ଦ୍ୱାରା ବୋର୍ଡର କ୍ରମାଗତ ଦୁଇଟି ବୈଠକ ମଧ୍ୟରେ 120 ଦିନରୁ ଅଧିକ ସମୟର ଅବଧି ରହିବ ନାହିଁ। ନିମ୍ନ ସାରଣୀ ଏହିପରି କମ୍ପାନୀଗୁଡିକୁ ଦର୍ଶାଏ ଯେଉଁଠାରେ 2022-23 ବର୍ଷ ମଧ୍ୟରେ ଆୟୋଜିତ ହେବାକୁ ଥିବା ବୈଠକର ଆବଶ୍ୟକତା ପାଳନ କରାଯାଇନଥିଲା।

**ସାରଣୀ 1.29: ଏସ୍‌ପିଏସ୍‌ଇଗୁଡିକ ଯେଉଁଠି ନିର୍ଦ୍ଦେଶକ ମଣ୍ଡଳୀର ଆବଶ୍ୟକ ଚାରୋଟି ବୈଠକ ହୋଇନଥିଲା**

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇର ନାମ | ଅନୁଷ୍ଠିତ ବୈଠକ ସଂଖ୍ୟା |
|---|---|---|
| 1 | ଓଡିଶା ରାଜ୍ୟ ଭେଷଜ ନିଗମ ଲିମିଟେଡ୍ | 2 |
| 2 | ଓଡିଶା ମତ୍ସ୍ୟରକ୍ଷ ବିକାଶ ନିଗମ ଲିମିଟେଡ୍ | 2 |
| 3 | ଓଡିଶା ଗ୍ରାମୀଣ ଗୃହ ନିର୍ମାଣ ଏବଂ ବିକାଶ ନିଗମ ଲିମିଟେଡ୍ | 1 |
| 4 | ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ | 3 |
| 5 | ଓଡିଶା ରାଜ୍ୟ ଆରକ୍ଷୀ ଗୃହ ଏବଂ କଲ୍ୟାଣ ନିଗମ ଲିମିଟେଡ୍ | 2 |
| 6 | ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ | 3 |
| 7 | ଓଡିଶା ତାପଜ ବିଦ୍ୟୁତ୍ ନିଗମ ଲିମିଟେଡ୍ | 3 |
| 8 | ଶାମୁକା ପର୍ଯ୍ୟଟନ ବିକାଶ ନିଗମ ଲିମିଟେଡ୍ | 3 |
| 9 | ଓଡିଶା ରାଜ୍ୟ ପଣ୍ୟାଗାର ନିଗମ ଲିମିଟେଡ୍ | 2 |
| 10 | କଳିଙ୍ଗ ଷ୍ଟୁଡିଓ ଲିମିଟେଡ୍ | 2 |
| 11 | ଓଡିଶା କ୍ରୀଡା ଉନ୍ନୟନ ଏବଂ ପ୍ରୋତ୍ସାହନ ନିଗମ ଲିମିଟେଡ୍ | 3 |
| 12 | ଷ୍ଟାର୍ଟ ଅପ ଓଡିଶା | 3 |
| 13 | ଓଡିଶା ସବୁଜ ଶକ୍ତି ବିକାଶ ନିଗମ ଲିମିଟେଡ୍ | 3 |
| 14 | ଜେଡ୍‌କଲ୍-ସେଲ୍ ବିଦ୍ୟୁତ୍ ନିଗମ ଲିମିଟେଡ୍ | 3 |
| 15 | ଓଡିଶା ଖଣିଜ ଧାରକ ଅଞ୍ଚଳ ବିକାଶ ନିଗମ ଲିମିଟେଡ୍ | 2 |
| 16 | ଓଡିଶା ଚଳଚ୍ଚିତ୍ର ବିକାଶ ନିଗମ ଲିମିଟେଡ୍ | 2 |
| 17 | ଲାଞ୍ଜିଗଡ ପ୍ରକଳ୍ପ ଅଞ୍ଚଳ ନିଗମ ଲିମିଟେଡ୍ | 2 |
| 18 | ବ୍ରାହ୍ମଣୀ ରେଳବାଇ ଲିମିଟେଡ୍ | 3 |
| 19 | ପାରାଦୀପ ପ୍ଲାଷ୍ଟିକ ପାର୍କ ଲିମିଟେଡ୍ | 3 |
| 20 | ଇଡ୍‌କୋ ଏସ୍‌ଇଜେଡ୍ ବିକାଶ ଲିମିଟେଡ୍ | 3 |

*(ଉତ୍ସ: ସମ୍ପୃକ୍ତ ଏସ୍‌ପିଏସ୍‌ଇ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ ପ୍ରସ୍ତୁତ)*

## 1.21 ସମୀକ୍ଷା ସମିତି ଏବଂ ମଣ୍ଡଳୀର ଅନ୍ୟ ସମିତିସମୂହ

### 1.21.1 ସମୀକ୍ଷା ସମିତିର ସମାହାର

କମ୍ପାନୀ ଅଧିନିୟମ, 2013ର ଧାରା 177(1) ଏବଂ (2)ରେ ଦର୍ଶାଯାଇଛି ଯେ, ଗୋଟିଏ ସମୀକ୍ଷା ସମିତି ସର୍ବନିମ୍ନ ତିନିଜଣ ନିର୍ଦ୍ଦେଶକଙ୍କୁ ନେଇ ରହିବ ଯେଉଁଥିରେ ସ୍ୱାଧୀନ ନିର୍ଦ୍ଦେଶକଙ୍କ ସଂଖ୍ୟା ଗରିଷ୍ଠତା ରହିବ। ପୁନଶ୍ଚ, କମ୍ପାନୀସମୂହର (ନିର୍ଦ୍ଦେଶକ ମଣ୍ଡଳୀଙ୍କ ବୈଠକ ଏବଂ ଏହାର କ୍ଷମତା) ନିୟମାବଳୀ, 2014ର ନିୟମ 6 ଅନୁଯାୟୀ ପ୍ରତ୍ୟେକ ସାର୍ବଜନୀନ କମ୍ପାନୀ ଯାହାର ସମାଦତ୍ତ ପୁଞ୍ଜି 10 କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ, କିମ୍ବା କାରବାର 100 କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ କିମ୍ବା ବକେୟା ଋଣ, ଋଣସ୍ୱୀକାରପତ୍ର ଏବଂ ଜମା 50 କୋଟି ଟଙ୍କାରୁ ଅଧିକ ହୋଇଥିବ ସେମାନେ ଗୋଟିଏ ସମୀକ୍ଷା ସମିତି ଗଠନ କରିବେ।

ଉପର୍ଯ୍ୟୁକ୍ତ ଅନୁଯାୟୀ, **ପରିଶିଷ୍ଟ 16**ରେ ତାଲିକାଭୁକ୍ତ 35ଟି କମ୍ପାନୀ ସମୀକ୍ଷା ସମିତି ଗଠନ କରିବା ଆବଶ୍ୟକ ଥିଲା। ତେବେ ତିନୋଟି ଏସ୍‌ପିଏସ୍‌ଇ (ଓଡିଶା ପର୍ଯ୍ୟଟନ ବିକାଶ ନିଗମ ଲିମିଟେଡ୍, ଓଡିଶା ଗ୍ରାମୀଣ ଗୃହ ନିର୍ମାଣ ଏବଂ ବିକାଶ ନିଗମ ଏବଂ ଓଡିଶା କ୍ରୀଡା ବିକାଶ ଏବଂ ପ୍ରୋତ୍ସାହନ କମ୍ପାନୀ) ସମୀକ୍ଷା ସମିତି ଗଠନ କରିନାହାନ୍ତି। ଅଧିକନ୍ତୁ, ନିମ୍ନ ସାରଣୀରେ ବିସ୍ତୃତ ଏସ୍‌ପିଏସ୍‌ଇଗୁଡିକରେ ସମୀକ୍ଷା ସମିତିର ଅଧିକାଂଶ ସଦସ୍ୟ ସ୍ୱାଧୀନ ନିର୍ଦ୍ଦେଶକ ନଥିଲେ।

**ସାରଣୀ 1.30: ଏସ୍‌ପିଏସ୍‌ଇ ଯେଉଁଠି ସମୀକ୍ଷା ସମିତିରେ ସ୍ୱାଧୀନ ନିର୍ଦ୍ଦେଶକମାନଙ୍କର ସଂଖ୍ୟା ଗରିଷ୍ଠତା ନଥିଲା**

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇର ନାମ |
|---|---|
| 1 | ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡ୍ |
| 2 | ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ |
| 3 | ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ |
| 4 | ଓଡିଶା ଖଣି ନିଗମ ଲିମିଟେଡ୍ |
| 5 | ଓଡିଶା ବିଦ୍ୟୁତ୍ ସଞ୍ଚାରଣ ନିଗମ ଲିମିଟେଡ୍ |

*(ଉତ୍ସ: ସମ୍ପୃକ୍ତ ଏସ୍‌ପିଏସ୍‌ଇ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ ପ୍ରସ୍ତୁତ)*

### 1.21.2 ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାର ମୂଲ୍ୟାଙ୍କନ

କମ୍ପାନୀ ଅଧିନିୟମ, 2013ର ଧାରା 177(4)(vii)ରେ ଧାର୍ଯ୍ୟ କରାଯାଇଛି ଯେ, ସମୀକ୍ଷା ସମିତି ଆଭ୍ୟନ୍ତରୀଣ ଆର୍ଥିକ ନିୟନ୍ତ୍ରଣ ଏବଂ ବିପଦ ପରିଚାଳନା ପ୍ରଣାଳୀକୁ ମୂଲ୍ୟାଙ୍କନ କରିବା ଉଚିତ। ନିମ୍ନ ସାରଣୀରେ ଦିଆଯାଇଥିବା ଏସ୍‌ପିଏସ୍‌ଇଗୁଡିକ କ୍ଷେତ୍ରରେ ସମୀକ୍ଷା ସମିତି ଆଭ୍ୟନ୍ତରୀଣ ଆର୍ଥିକ ନିୟନ୍ତ୍ରଣ ଏବଂ ବିପଦ ପରିଚାଳନା ପ୍ରଣାଳୀକୁ ମୂଲ୍ୟାଙ୍କନ କରିନାହିଁ।

**ସାରଣୀ 1.31: ଏସ୍‌ପିଏସ୍‌ଇ ଯେଉଁଠି ସମୀକ୍ଷା ସମିତି ଆଭ୍ୟନ୍ତରୀଣ ଆର୍ଥିକ ନିୟନ୍ତ୍ରଣ ଏବଂ ବିପଦ ପରିଚାଳନା ପ୍ରଣାଳୀକୁ ମୂଲ୍ୟାଙ୍କନ କରିନାହିଁ**

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇର ନାମ |
|---|---|
| 1 | ଓଡିଶା ତାପଜ ବିଦ୍ୟୁତ୍ ନିଗମ ଲିମିଟେଡ୍ |
| 2 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ |
| 3 | ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ୍ |

*(ଉତ୍ସ: ସମ୍ପୃକ୍ତ ଏସ୍‌ପିଏସ୍‌ଇ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ ପ୍ରସ୍ତୁତ)*

### 1.21.3 ବୈଧାନିକ ସମୀକ୍ଷକମାନଙ୍କର କାର୍ଯ୍ୟଦକ୍ଷତାର ସମୀକ୍ଷା

ପୁନଶ୍ଚ, କମ୍ପାନୀ ଅଧିନିୟମ, 2013ର ଧାରା 177(4)(ii)ରେ ଧାର୍ଯ୍ୟ କରାଯାଇଛି ଯେ, ସମୀକ୍ଷା ସମିତି ବୈଧାନିକ ସମୀକ୍ଷକଙ୍କ ସ୍ୱାଧିନତା ଏବଂ ସମୀକ୍ଷା ପ୍ରକ୍ରିୟାର କାର୍ଯ୍ୟଦକ୍ଷତା ଏବଂ କାର୍ଯ୍ୟକାରିତା ଉପରେ ସମୀକ୍ଷା ଏବଂ ତଦାରଖ କରିବା ଉଚିତ। ଏସ୍‌ପିଏସ୍‌ଇମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ କ୍ଷେତ୍ରରେ ଏପରି କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ କରାଯାଇ ନାହିଁ।

### 1.21.4 ମନୋନୟନ ଏବଂ ପାରିଶ୍ରମିକ ସମିତିର ମନୋନୟନ ଏବଂ କାର୍ଯ୍ୟକାରିତା

କମ୍ପାନୀସମୂହର (ନିର୍ଦ୍ଦେଶକ ମଣ୍ଡଳୀଙ୍କ ବୈଠକ ଏବଂ ଏହାର କ୍ଷମତା) ନିୟମାବଳୀ, 2014ର ନିୟମ 6 ଅନୁଯାୟୀ, ତାଲିକାଭୁକ୍ତ କମ୍ପାନୀ ବ୍ୟତୀତ ସମସ୍ତ ସରକାରୀ କମ୍ପାନୀଗୁଡିକ ଯାହାର ସମାଦତ୍ତ ପୁଞ୍ଜି 10 କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ, 100 କୋଟି ଟଙ୍କା କିମ୍ବା ଅଧିକ କାରବାର ଏବଂ ବକେୟା ଋଣ, ଋଣସ୍ୱୀକାର ପତ୍ର ଏବଂ ଜମା 50 କୋଟି ଟଙ୍କାରୁ ଅଧିକ ହୋଇଥିବ ସେମାନେ ଗୋଟିଏ ମନୋନୟନ ଏବଂ ପାରିଶ୍ରମିକ (ଏନ୍‌ଏବଂଆର୍) ସମିତି ଗଠନ କରିବେ। ଏନ୍‌ଏବଂଆର୍ ସମିତିର ଉଦ୍ଦେଶ୍ୟ ହେଉଛି ନିର୍ଦ୍ଦେଶକ ହେବା ପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା, ନିର୍ଦ୍ଦେଶକଙ୍କ ଯୋଗ୍ୟତା ନିର୍ଣ୍ଣୟ ପାଇଁ ମାନଦଣ୍ଡ ପ୍ରସ୍ତୁତ କରିବା, ପାରିଶ୍ରମିକ

ସମ୍ପର୍କିତ ନୀତି ସୁପାରିଶ କରିବା ଇତ୍ୟାଦି। ଏହି ମାନଦଣ୍ଡ ପୂରଣ କରୁଥିବା 35ଟି ଏସ୍‌ପିଏସ୍‌ଇର ତାଲିକା **ପରିଶିଷ୍ଟ 16**ରେ ଦିଆଯାଇଛି। ଏହ 35ଟି ଏସ୍‌ପିଏସ୍‌ଇ ମଧ୍ୟରୁ ଆଠଟି ଏସ୍‌ପିଏସ୍‌ଇଗୁଡିକରେ ଏନ୍‌ଏବଂଆର୍ ସମିତିର ମାନଦଣ୍ଡ ଅନୁସରଣ କରାଯାଇ ନାହିଁ।

ଉପର୍ଯ୍ୟୁକ୍ତ ମାନଦଣ୍ଡ ଅନୁଯାୟୀ 27ଟି ଏସ୍‌ପିଏସ୍‌ଇ ମଧ୍ୟରୁ 13ଟି କମ୍ପାନୀ 2022-23 ମଧ୍ୟରେ ଏହି ସମିତି ଗଠନ କରିନାହାଁନ୍ତି, ଯାହା ନିମ୍ନ ସାରଣୀରେ ଦର୍ଶାଯାଇଛି:

**ସାରଣୀ 1.32: ଏସ୍‌ପିଏସ୍‌ଇ ଯାହାର ମନୋନୟନ ଏବଂ ପାରିଶ୍ରମିକ ସମିତି ନାହିଁ**

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇର ନାମ |
|---|---|
| 1 | ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ବିକାଶ ନିଗମ ଲିମିଟେଡ୍ |
| 2 | ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ |
| 3 | ଓଡିଶା ଜଳ ନିଗମ ଲିମିଟେଡ୍ |
| 4 | ଓଡିଶା ପର୍ଯ୍ୟଟନ ବିକାଶ ନିଗମ ଲିମିଟେଡ୍ |
| 5 | ଓଡିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିଲଗାଣ ନିଗମ ଲିମିଟେଡ୍ |
| 6 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ |
| 7 | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ |
| 8 | ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ |
| 9 | ଓଡିଶା ସବୁଜ ଶକ୍ତି ବିକାଶ ନିଗମ ଲିମିଟେଡ୍ |
| 10 | ଓଡିଶା ଉଠା ଜଳସେଚନ ନିଗମ ଲିମିଟେଡ୍ |
| 11 | ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ |
| 12 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ |
| 13 | ଓଡିଶା ଖଣି ନିଗମ ଲିମିଟେଡ୍ |

*(ଉତ୍ସ: ସମ୍ପୃକ୍ତ ଏସ୍‌ପିଏସ୍‌ଇ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ ପ୍ରସ୍ତୁତ)*

## 1.22 ଆଭ୍ୟନ୍ତରୀଣ ସମୀକ୍ଷା ଢ଼ାଞ୍ଚା

### 1.22.1 ଆଇନଗତ ଢ଼ାଞ୍ଚା

**କମ୍ପାନୀ ଅଧିନିୟମ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ନିର୍ଦ୍ଦେଶାବଳୀ**

କମ୍ପାନୀ ଅଧିନିୟମ, 2013ର ଧାରା 138(1) ସହିତ କମ୍ପାନୀସମୂହର (ହିସାବ) ନିୟମାବଳୀ, 2014ର ନିୟମ 13 ପଠନ ଅନୁଯାୟୀ, ପ୍ରତ୍ୟେକ ତାଲିକାଭୁକ୍ତ କମ୍ପାନୀ କିମ୍ବା ପ୍ରତ୍ୟେକ ଅଣ-ତାଲିକାଭୁକ୍ତ ସାର୍ବଜନୀନ କମ୍ପାନୀ ଯାହାର ପୂର୍ବ ଆର୍ଥିକ ବର୍ଷର ଯେକୌଣସି ସମୟରେ ସମାଦତ୍ତ ପୁଞ୍ଜି 50 କୋଟି ଟଙ୍କା କିମ୍ବା ଅଧିକ କିମ୍ବା କାରବାର 200 କୋଟି ଟଙ୍କା କିମ୍ବା ଅଧିକ, କିମ୍ବା ବ୍ୟାଙ୍କ କିମ୍ବା ସାର୍ବଜନୀନ ଆର୍ଥିକ ପ୍ରତିଷ୍ଠାନଗୁଡିକରୁ ଋଣ କିମ୍ବା ଉଧାର 100 କୋଟି ଟଙ୍କା କିମ୍ବା ଅଧିକ କିମ୍ବା ବକେୟା ଜମା 25 କୋଟି ଟଙ୍କା କିମ୍ବା ଅଧିକ ହୋଇଥିବ, ସେମାନେ କମ୍ପାନୀର କାର୍ଯ୍ୟ ଏବଂ କାର୍ଯ୍ୟକଳାପର ଆଭ୍ୟନ୍ତରୀଣ ସମୀକ୍ଷା କରିବାକୁ ଏକ ଆଭ୍ୟନ୍ତରୀଣ ସମୀକ୍ଷକ ନିଯୁକ୍ତ କରିବାକୁ ବାଧ୍ୟ ହେବ, ଯିଏ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କିମ୍ବା କଷ୍ଟ ଆକାଉଣ୍ଟାଣ୍ଟ କିମ୍ବା ଅନ୍ୟାନ୍ୟ ବୃତ୍ତିଗତ ଯାହା ନିର୍ଦ୍ଦେଶକ ମଣ୍ଡଳୀଙ୍କ ଦ୍ୱାରା ନିଷ୍ପତ୍ତି ନିଆଯିବ।

ଏସ୍‌ପିଏସ୍‌ଇଗୁଡିକ ପାଇଁ କର୍ପୋରେଟ୍ ଶାସନ ନିୟମର ଅନୁଚ୍ଛେଦ 11.3.3ରେ ବ୍ୟବସ୍ଥା କରାଯାଇଛି ଯେ, ଆଭ୍ୟନ୍ତରୀଣ ସମୀକ୍ଷା ଆଭ୍ୟନ୍ତରୀଣ ନିୟନ୍ତ୍ରଣର ପ୍ରଭାବକୁ ସାମୟିକ ପରୀକ୍ଷା କରିବ ଏବଂ ଏହାର ଫଳାଫଳକୁ ସିଧାସଳଖ ସମୀକ୍ଷା ସମିତିକୁ ଜଣାଇବ। ପୁନଶ୍ଚ, ଅନୁଚ୍ଛେଦ 11.3.8ରେ ବ୍ୟବସ୍ଥା ଅଛି ଯେ, ଯଦି ଏସ୍‌ପିଏସ୍‌ଇଗୁଡିକର ଆଭ୍ୟନ୍ତରୀଣ ସମୀକ୍ଷା କରିବା ପାଇଁ ପର୍ଯ୍ୟାପ୍ତ ସମ୍ବଳ ନଥାଏ, ତେବେ ଏହି କାର୍ଯ୍ୟ କରିବା ପାଇଁ ଏହା ବାହ୍ୟ ବିଶେଷଜ୍ଞମାନଙ୍କୁ ନିଯୁକ୍ତି କରିପାରିବ।

ତଥାପି, ଏସ୍‌ପିଏସ୍‌ଇଗୁଡିକ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ ଏହା ଦେଖାଗଲା ଯେ, ନିମ୍ନ ସାରଣୀରେ ତାଲିକାଭୁକ୍ତ ଛଅଟି ଏସ୍‌ପିଏସ୍‌ଇ କ୍ଷେତ୍ରରେ 2022-23 ବର୍ଷ ପାଇଁ କୌଣସି ଆଭ୍ୟନ୍ତରୀଣ ସମୀକ୍ଷକ ନିଯୁକ୍ତ କରାଯାଇ ନାହିଁ।

**ସାରଣୀ 1.33: ଏସ୍‌ପିଏସ୍‌ଇ ଯେଉଁଠି 2022-23 ବର୍ଷ ପାଇଁ କୌଣସି ଆଭ୍ୟନ୍ତରୀଣ ସମୀକ୍ଷକ ନିଯୁକ୍ତ କରାଯାଇ ନାହିଁ**

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇର ନାମ |
|---|---|
| 1 | ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ବିକାଶ ନିଗମ ଲିମିଟେଡ୍ |
| 2 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ |
| 3 | ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ |
| 4 | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ |
| 5 | ଓଡିଶା ରାଜ୍ୟ ପରିବହନ ନିଗମ |
| 6 | ଓଡିଶା ଉଠା ଜଳସେଚନ ନିଗମ ଲିମିଟେଡ୍ |

*(ଉତ୍ସ: ସମ୍ପୃକ୍ତ ଏସ୍‌ପିଏସ୍‌ଇ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ ପ୍ରସ୍ତୁତ)*

### 1.22.2 ସମୀକ୍ଷାର ଫଳାଫଳ

#### 1.22.2.1 ଆଭ୍ୟନ୍ତରୀଣ ସମୀକ୍ଷାର ଆବୃତ୍ତି

କମ୍ପାନୀ ଅଧିନିୟମ, 2013ର ଧାରା 138(2) ସହିତ କମ୍ପାନୀସମୂହର (ହିସାବ) ନିୟମାବଳୀ, 2014ର ନିୟମ 13(2) ଅନୁଯାୟୀ, କମ୍ପାନୀର ସମୀକ୍ଷା ସମିତି କିମ୍ବା ନିର୍ଦ୍ଦେଶକ ମଣ୍ଡଳୀ ଆଭ୍ୟନ୍ତରୀଣ ସମୀକ୍ଷକଙ୍କ ପରାମର୍ଶକ୍ରମେ ଆଭ୍ୟନ୍ତରୀଣ ସମୀକ୍ଷା କରିବା ପାଇଁ ଏହାର ପରିସର, କାର୍ଯ୍ୟ, ପର୍ଯ୍ୟାୟ ଏବଂ ପଦ୍ଧତି ପ୍ରସ୍ତୁତ କରିବେ। 2022-23 ବର୍ଷ ପାଇଁ ଏସ୍‌ପିଏସ୍‌ଇଗୁଡିକ ଦ୍ୱାରା ନିଯୁକ୍ତ ଆଭ୍ୟନ୍ତରୀଣ ସମୀକ୍ଷକମାନେ ନିୟମିତ ବ୍ୟବଧାନରେ ଯଥା: ତ୍ରୈମାସିକ/ଅର୍ଦ୍ଧ ବାର୍ଷିକ ଆଭ୍ୟନ୍ତରୀଣ ସମୀକ୍ଷା କରିଥିଲେ। ତଥାପି, ଗୋଟିଏ ଏସ୍‌ପିଏସ୍‌ଇ, ଓଡିଶା ରାଜ୍ୟ ଭେଷଜ ନିଗମ ଲିମିଟେଡ୍ ଆଭ୍ୟନ୍ତରୀଣ ସମୀକ୍ଷକ ନିଯୁକ୍ତ ସତ୍ତ୍ୱେ ନିୟମିତ ବ୍ୟବଧାନରେ ଆଭ୍ୟନ୍ତରୀଣ ସମୀକ୍ଷା କରିନଥିଲା।

#### 1.22.2.2 ଆଭ୍ୟନ୍ତରୀଣ ସମୀକ୍ଷା ପର୍ଯ୍ୟବେକ୍ଷଣର ରିପୋର୍ଟିଂ

କମ୍ପାନୀ ଅଧିନିୟମ, 2013ର ଧାରା 177(5)ର ବ୍ୟବସ୍ଥା ଅନୁଯାୟୀ, ଆଭ୍ୟନ୍ତରୀଣ ସମୀକ୍ଷକ ସମୀକ୍ଷା ସମିତି ମାଧ୍ୟମରେ ନିର୍ଦ୍ଦେଶକ ମଣ୍ଡଳୀଙ୍କୁ ସେମାନଙ୍କ ପ୍ରତିବେଦନ ଦାଖଲ କରିବା ଆବଶ୍ୟକ। ତଥାପି, ଦୁଇଟି ଏସ୍‌ପିଏସ୍‌ଇ ଯଥା: ଓଡିଶା ରାଜ୍ୟ ଭେଷଜ ନିଗମ ଲିମିଟେଡ୍ ଏବଂ ଓଡିଶା ତାପଜ ବିଦ୍ୟୁତ୍ ନିଗମ ଲିମିଟେଡ୍ କ୍ଷେତ୍ରରେ ଆଭ୍ୟନ୍ତରୀଣ ସମୀକ୍ଷା ପର୍ଯ୍ୟବେକ୍ଷଣର ପ୍ରତିବେଦନ ପ୍ରସ୍ତୁତି ଉପରେ କୌଣସି ବିଦ୍ୟମାନ ପଦ୍ଧତି ନାହିଁ।

#### 1.22.2.3 ଆଭ୍ୟନ୍ତରୀଣ ସମୀକ୍ଷା ପର୍ଯ୍ୟବେକ୍ଷଣର ପର୍ଯ୍ୟାଲୋଚନା

କମ୍ପାନୀ ଅଧିନିୟମ, 2013ର ଧାରା 177(5) ଅନୁଯାୟୀ ସମୀକ୍ଷା ସମିତି ନିର୍ଦ୍ଦେଶକ ମଣ୍ଡଳୀରେ ଦାଖଲ କରିବା ପୂର୍ବରୁ ସମୀକ୍ଷା ପର୍ଯ୍ୟବେକ୍ଷଣ ସହିତ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାକୁ ସମୀକ୍ଷା କରିବେ। ଆଭ୍ୟନ୍ତରୀଣ ସମୀକ୍ଷା ପର୍ଯ୍ୟବେକ୍ଷଣଗୁଡିକର ସମୀକ୍ଷା ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସେଗୁଡିକୁ ନିର୍ଦ୍ଦେଶକ ମଣ୍ଡଳୀ ସମ୍ମୁଖରେ ରଖାଯାଇଥାଏ। ଏସ୍‌ପିଏସ୍‌ଇଗୁଡିକରୁ ପ୍ରାପ୍ତ ସୂଚନା ଅନୁଯାୟୀ, 2022-23 ବର୍ଷ ମଧ୍ୟରେ ସମୀକ୍ଷା ସମିତି ଦ୍ୱାରା ଆଭ୍ୟନ୍ତରୀଣ ସମୀକ୍ଷା ପର୍ଯ୍ୟବେକ୍ଷଣର ସମୀକ୍ଷା କରାଯାଇଥିଲା।

#### 1.22.2.4 ଆଭ୍ୟନ୍ତରୀଣ ସମୀକ୍ଷାରେ ସମୀକ୍ଷା ସମିତିର ଭୂମିକା

କମ୍ପାନୀ ଅଧିନିୟମ, 2013ର ଧାରା 177(4) ସହିତ କମ୍ପାନୀସମୂହର (ହିସାବ) ନିୟମାବଳୀ, 2014ର ନିୟମ 13(2) ସହିତ ପଠିତ ବ୍ୟବସ୍ଥା ଅନୁଯାୟୀ, ସମୀକ୍ଷା ସମିତି ଆଭ୍ୟନ୍ତରୀଣ ସମୀକ୍ଷକଙ୍କ କାର୍ଯ୍ୟଦକ୍ଷତା ସମୀକ୍ଷା କରିବା ଉଚିତ। ଏସ୍‌ପିଏସ୍‌ଇଗୁଡିକରୁ ପ୍ରାପ୍ତ ସୂଚନା ଅନୁଯାୟୀ, ଯେଉଁମାନଙ୍କର ସମୀକ୍ଷା ସମିତି ଥିଲା ସେମାନଙ୍କ

ମଧ୍ୟରୁ ଗୋଟିଏ ଏସ୍‌ପିଏସ୍‌ଇ ଯଥା: ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ ଆଭ୍ୟନ୍ତରୀଣ ସମୀକ୍ଷକଙ୍କ କାର୍ଯ୍ୟଦକ୍ଷତା ସମୀକ୍ଷା କରିନଥିଲା।

ଅଧିକନ୍ତୁ, କମ୍ପାନୀ ଅଧିନିୟମ, 2013ର ଧାରା 177(5) ସହିତ କମ୍ପାନୀସମୂହର (ହିସାବ) ନିୟମାବଳୀ, 2014ର ନିୟମ 13(2) ସହିତ ପଠିତ ବ୍ୟବସ୍ଥା ଅନୁଯାୟୀ, ସମୀକ୍ଷା ସମିତି ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା, ସମୀକ୍ଷାର ପରିସର, ତତ୍‌ସହିତ ସମୀକ୍ଷକଙ୍କ ନିରୀକ୍ଷଣଗୁଡିକ ଏବଂ ଆର୍ଥିକ ବିବରଣୀଗୁଡିକର ସମୀକ୍ଷା ଏବଂ ଯେକୌଣସି ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ନିର୍ଦ୍ଦେଶକ ମଣ୍ଡଳୀରେ ଦାଖଲ ପୂର୍ବରୁ ଆଲୋଚନା କରିବା ପାଇଁ ଆଭ୍ୟନ୍ତରୀଣ ସମୀକ୍ଷକଙ୍କୁ ଆହ୍ୱାନ ଦେଇପାରନ୍ତି। ଏସ୍‌ପିଏସ୍‌ଇଗୁଡିକ ଦ୍ୱାରା ପ୍ରଦତ୍ତ ସୂଚନା ଅନୁଯାୟୀ, ଦୁଇଟି ଏସ୍‌ପିଏସ୍‌ଇ ଯଥା: ଓଡିଶା ରେଳ ଭିତ୍ତିଭୂମି ବିକାଶ ଲିମିଟେଡ୍ ଏବଂ ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ କ୍ଷେତ୍ରରେ ସମୀକ୍ଷା ସମିତି ଆଭ୍ୟନ୍ତରୀଣ ସମୀକ୍ଷକଙ୍କ ସହ ସମୀକ୍ଷାର ଫଳାଫଳ ବିଷୟରେ ଆଲୋଚନା କରିନାହାନ୍ତି।

## କର୍ପୋରେଟ୍ ସାମାଜିକ ଦାୟିତ୍ୱ

### 1.23 କର୍ପୋରେଟ୍ ସାମାଜିକ ଦାୟିତ୍ୱର ସଂଜ୍ଞା ଏବଂ ଆଇନଗତ ଢ଼ାଞ୍ଚା

କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍) ହେଉଛି ବ୍ୟବସାୟ ଦ୍ୱାରା ନୈତିକତା ଆଚରଣ କରିବା ଏବଂ ଆର୍ଥିକ ବିକାଶର ସହଯୋଗ କରିବା ସହିତ ସ୍ଥାନୀୟ ସମ୍ପ୍ରଦାୟର ଜୀବନଶୈଳୀରେ ଉନ୍ନତି ଆଣିବା। ବ୍ୟାପକ ଭାବରେ, ସିଏସ୍‌ଆର୍ ଆଦେଶ ଜାତୀୟ ପ୍ରାଥମିକତା ସହିତ ସମାନ ହୋଇଛି ଯେପରିକି ଜନସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ଜଳ ସଂରକ୍ଷଣ, ପ୍ରାକୃତିକ ସମ୍ପଦ ପରିଚାଳନା ଇତ୍ୟାଦି।

ଏହାର ପରିଚାଳନାଗତ ଦକ୍ଷତା, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ମାଧ୍ୟମରେ ଦେଶର ବିକାଶ ଉଦ୍ୟମରେ ସହଯୋଗ କରିବାରେ କମ୍ପାନୀଗୁଡିକ ସହଯୋଗ କରିବାକୁ ସିଏସ୍‌ଆର୍‌ର ଧାରଣା ଏକ ଦୃଢ଼ ଢ଼ାଞ୍ଚା ପ୍ରଦାନ କରିଥାଏ।

କମ୍ପାନୀ ଅଧିନିୟମ 2013ର ଧାରା 135 (ପରବର୍ତ୍ତୀ ସମୟରେ ଅଧିନିୟମ ହିସାବରେ କୁହାଯାଏ) କର୍ପୋରେଟ୍ ସାମାଜିକ ଦାୟିତ୍ୱ ଉପରେ କାର୍ଯ୍ୟ କରେ ଏବଂ ତୁରନ୍ତ ପୂର୍ବ ଆର୍ଥିକ ବର୍ଷର[15] ନିଟ୍ ମୂଲ୍ୟ, କାରବାର ଏବଂ ନିଟ୍ ଲାଭକୁ ଭିତ୍ତିକରି କମ୍ପାନୀଗୁଡିକ ପାଇଁ ସିଏସ୍‌ଆର୍ କାର୍ଯ୍ୟକଳାପ କରିବା ପାଇଁ ଯୋଗ୍ୟତା ମାନଦଣ୍ଡ ପ୍ରଦାନ କରେ। କାର୍ଯ୍ୟକଳାପଗୁଡିକ ଯାହା କମ୍ପାନୀଗୁଡିକ ଦ୍ୱାରା ସେମାନଙ୍କର ସିଏସ୍‌ଆର୍ ନୀତିରେ ଅନ୍ତର୍ଭୁକ୍ତ ହୋଇପାରେ, ତାହା ଅଧିନିୟମର ଅନୁସୂଚୀ VIIରେ ତାଲିକାଭୁକ୍ତ। ଅଧିନିୟମର ଧାରା 135ର ନିୟମାବଳୀ ଏବଂ ଅଧିନିୟମର ଅନୁସୂଚୀ VII ସମସ୍ତ କମ୍ପାନୀ ସମେତ ଏସ୍‌ପିଏସ୍‌ଇଗୁଡିକ ପାଇଁ ପ୍ରଯୁଜ୍ୟ।

### 1.24 ସିଏସ୍‌ଆର୍ ଉପରେ ପ୍ରଯୁଜ୍ୟ ନିୟମାବଳୀ

ଏହି ଅଧିନିୟମ ଅନୁଯାୟୀ ଯେକୌଣସି କମ୍ପାନୀ ପାଇଁ ପ୍ରତିବର୍ଷ ତୁରନ୍ତ ପୂର୍ବ ତିନୋଟି ଆର୍ଥିକ ବର୍ଷର ହାରାହାରି ନିଟ୍ ଲାଭର ଅତିକମରେ ଦୁଇ ପ୍ରତିଶତ (ଅଧିନିୟମର ଧାରା 198 ଅନୁଯାୟୀ ଗଣନା କରାଯାଇଥାଏ) ସିଏସ୍‌ଆର୍ କାର୍ଯ୍ୟକଳାପ ପ୍ରତି ଖର୍ଚ୍ଚ କରିବାକୁ ବାଧ୍ୟତାମୂଳକ କରାଯାଇଛି। ଫେବ୍ରୁଆରୀ 2014ରେ, କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ସିଏ) କମ୍ପାନୀସମୂହର (କର୍ପୋରେଟ୍ ସାମାଜିକ ଦାୟିତ୍ୱ ନୀତି) ନିୟମାବଳୀ, 2014 ଜାରି କଲା। ସିଏସ୍‌ଆର୍ ନିୟମାବଳୀଗୁଡିକ 01 ଅପ୍ରେଲ 2014ଠାରୁ ସମସ୍ତ କମ୍ପାନୀଗୁଡିକ ପାଇଁ ଲାଗୁ କରାଗଲା। ସେହି ଅନୁଯାୟୀ, ଅଧିନିୟମ ଅଧିନରେ ସିଏସ୍‌ଆର୍ ବ୍ୟବସ୍ଥାର ଅନୁପାଳନ ଯଥା: ସିଏସ୍‌ଆର୍ ସମିତିର ସମ୍ବିଧାନ, ସିଏସ୍‌ଆର୍ ନୀତି ପ୍ରଣୟନ ଏବଂ ସିଏସ୍‌ଆର୍ କାର୍ଯ୍ୟକଳାପରେ ନିର୍ଦ୍ଦିଷ୍ଟ ପରିମାଣର ଖର୍ଚ୍ଚ ଅପ୍ରେଲ 2014ରୁ ଲାଗୁ ହେଲା। କମ୍ପାନୀଗୁଡିକର (ସିଏସ୍‌ଆର୍ ନୀତି) ସଂଶୋଧନ ନିୟମାବଳୀ, 2021 ଏବଂ 2022ରେ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିଲା। ସିଏସ୍‌ଆର୍‌ର ଭଲ ବୁଝାମଣା ଏବଂ

---

[15] ଯେକୌଣସି ଆର୍ଥିକ ବର୍ଷରେ ଅସ୍ପଷ୍ଟତାକୁ ସମାଧାନ କରିବା ପାଇଁ କମ୍ପାନୀ ଅଧିନିୟମ, 2017ର 37ତମ ସଂଶୋଧନ ଅନୁଯାୟୀ, ଯେକୌଣସି ଆର୍ଥିକ ବର୍ଷ ଶବ୍ଦଗୁଡିକୁ ତୁରନ୍ତ ପୂର୍ବ ଆର୍ଥିକ ବର୍ଷର ଶବ୍ଦ ସହିତ ବଦଳାଇ ଦିଆଯାଇଛି। ଏହି ବିଜ୍ଞପ୍ତି 19 ସେପ୍ଟେମ୍ବର 2018ଠାରୁ କାର୍ଯ୍ୟକାରୀ ଅଟେ।

ପ୍ରଭାବଶାଳୀ କାର୍ଯ୍ୟକାରିତା ପାଇଁ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ସାଧାରଣ ପରିପତ୍ର ସଂଖ୍ୟା 14/2021 (ଅଗଷ୍ଟ 2021) ଜାରି କରିଥିଲା।

## 1.25 ସିଏସ୍ଆର୍ ସମିତିର ଗଠନ

ଅଧିନିୟମର ଧାରା 135(1) ଅନୁଯାୟୀ, ପ୍ରତ୍ୟେକ କମ୍ପାନୀ ଯାହାର ନିଟ୍ ମୂଲ୍ୟ 500 କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ; କିମ୍ବା କାରବାର 1,000 କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ; କିମ୍ବା ତୁରନ୍ତ ପୂର୍ବ ଆର୍ଥିକ ବର୍ଷରେ 5 କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ନିଟ୍ ଲାଭ ହୋଇଥିବ ସେମାନେ ପରିଚାଳନା ମଣ୍ଡଳୀର ତିନି କିମ୍ବା ଅଧିକ ନିର୍ଦ୍ଦେଶକଙ୍କୁ ନେଇ ଏକ ସିଏସ୍ଆର୍ ସମିତି ଗଠନ କରିବେ। 16ଟି ଏସ୍‌ପିଏସ୍‌ଇ ସିଏସ୍ଆର୍ ସମିତି ଗଠନ ପାଇଁ ଆବଶ୍ୟକ କରୁଥିଲେ ଯାହା **ପରିଶିଷ୍ଟ 18**ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି। ସମସ୍ତ 16ଟି ଏସ୍‌ପିଏସ୍‌ଇ ସିଏସ୍ଆର୍ ସମିତି ଗଠନ କରିଥିଲେ ଏବଂ ଅଧିନିୟମର ଧାରା 135(1) ଅନୁଯାୟୀ ସମିତିରେ ସର୍ବନିମ୍ନ ତିନିଜଣ ନିର୍ଦ୍ଦେଶକ ରହିଥିଲେ।

ସିଏସ୍ଆର୍ ସମିତି ଗଠନ କରିବା ପାଇଁ ଯୋଗ୍ୟତା ହାସଲ କରିଥିବା 16ଟି ଏସ୍‌ପିଏସ୍‌ଇ ମଧ୍ୟରୁ ଗୋଟିଏ ଏସ୍‌ପିଏସ୍‌ଇ (ଗ୍ରୀଡ୍‌କୋ)ର ହାରାହାରି ନିଟ୍ ଲାଭ (-778.18 କୋଟି ଟଙ୍କା) ଋଣାତ୍ମକ ଥିଲା। ଗ୍ରୀଡ୍‌କୋ ଲିମିଟେଡ୍ ଗତ ତିନି ଆର୍ଥିକ ବର୍ଷରେ ନିରନ୍ତର କ୍ଷତି ସହି ଆସୁଥିଲା ଏବଂ ମାର୍ଚ୍ଚ 2023 ସୁଦ୍ଧା ଏହାର ନିଟ୍ ମୂଲ୍ୟ ଋଣାତ୍ମକ (- 5,662.32 କୋଟି ଟଙ୍କା) ଥିଲା।

## 1.26 ସିଏସ୍ଆର୍ ନୀତି ପ୍ରସ୍ତୁତ କରିବା

ଅଧିନିୟମର ଧାରା 135(3) ଆବଶ୍ୟକ କରେ ଯେ, ସିଏସ୍ଆର୍ ସମିତି ସିଏସ୍ଆର୍ ନୀତି ପ୍ରସ୍ତୁତ କରି ବୋର୍ଡକୁ ସୁପାରିଶ କରିବ। ଏହା ଲକ୍ଷ୍ୟ କରାଯାଇଥିଲା ଯେ, 16ଟି ଏସ୍‌ପିଏସ୍‌ଇ ମଧ୍ୟରୁ ତିନୋଟି ଏସ୍‌ପିଏସ୍‌ଇ ଯଥା: ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍, ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ ଏବଂ ଓଡ଼ିଶା ବିଦ୍ୟୁତ୍ ସଞ୍ଚାରଣ ନିଗମ ଲିମିଟେଡ୍‌ରେ ସିଏସ୍ଆର୍ ନୀତି ନାହିଁ।

## 1.27 ବାର୍ଷିକ ସିଏସ୍ଆର୍ ଯୋଜନା ଏବଂ ବଜେଟ୍

ସିଏସ୍ଆର୍ ସମିତିର ଭୂମିକା ହେଉଛି ଗୋଟିଏ ଆର୍ଥିକ ବର୍ଷରେ ସିଏସ୍ଆର୍ କାର୍ଯ୍ୟକଳାପ ଏବଂ ଖର୍ଚ୍ଚ ହେବାକୁ ଥିବା ପରିମାଣକୁ ନିର୍ଦ୍ଦେଶକ ମଣ୍ଡଳୀକୁ ସୁପାରିଶ କରିବା। ନିର୍ଦ୍ଦେଶକ ମଣ୍ଡଳୀକୁ ସିଏସ୍ଆର୍ କାର୍ଯ୍ୟକଳାପର କାର୍ଯ୍ୟକାରିତା ନିଶ୍ଚିତ କରିବାକୁ ପଡିବ। 16ଟି ଏସ୍‌ପିଏସ୍‌ଇ ମଧ୍ୟରୁ ଗୋଟିଏ ଏସ୍‌ପିଏସ୍‌ଇ ଯଥା: ଗ୍ରୀଡ୍‌କୋ ଲିମିଟେଡ୍ ପୂର୍ବ ଆର୍ଥିକ ବର୍ଷରେ କ୍ରମାଗତ କ୍ଷତି ହେତୁ 2022-23 ଆର୍ଥିକ ବର୍ଷ ପାଇଁ ସିଏସ୍ଆର୍ ଯୋଜନା ଏବଂ ବଜେଟ୍ ପ୍ରସ୍ତୁତ କରିନାହିଁ। ଅବଶିଷ୍ଟ 15ଟି ଏସ୍‌ପିଏସ୍‌ଇ ମଧ୍ୟରୁ ଛଅଟି[16] ଏସ୍‌ପିଏସ୍‌ଇ ସିଏସ୍ଆର୍ ଯୋଜନା ପ୍ରସ୍ତୁତ କରିନାହାନ୍ତି ଏବଂ ପାଞ୍ଚଟି[17] ଏସ୍‌ପିଏସ୍‌ଇ 2022-23 ବର୍ଷ ପାଇଁ ସିଏସ୍ଆର୍ ବଜେଟ୍ ପ୍ରସ୍ତୁତ କରିନାହାନ୍ତି।

## 1.28 ସିଏସ୍ଆର୍ ଖର୍ଚ୍ଚର ପରିସୀମା

2022-23ରେ 12ଟି ଏସ୍‌ପିଏସ୍‌ଇ ସିଏସ୍ଆର୍ ପାଣ୍ଠି ଖର୍ଚ୍ଚ କରିଥିବା ବେଳେ, ଛଅଟି ଏସ୍‌ପିଏସ୍‌ଇ ଏକ କୋଟିରୁ ଅଧିକ ଟଙ୍କା ଏବଂ ଛଅଟି ଏସ୍‌ପିଏସ୍‌ଇ ଏକ କୋଟିରୁ କମ୍ ଖର୍ଚ୍ଚ କରିଥିଲେ ଯାହାର ସବିଶେଷ ତଥ୍ୟ **ପରିଶିଷ୍ଟ 19**ରେ ଦିଆଯାଇଛି।

[16] ଓଡ଼ିଶା ଉଠା ଜଳସେଚନ ନିଗମ ଲିମିଟେଡ୍, ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍, ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍, ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍, ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ ଏବଂ ଓଡ଼ିଶା ବିଦ୍ୟୁତ୍ ସଞ୍ଚାରଣ ନିଗମ ଲିମିଟେଡ୍

[17] ଓଡ଼ିଶା କୃଷି ଶିଳ୍ପ ନିଗମ ଲିମିଟେଡ୍, ଓଡ଼ିଶା ଉଠା ଜଳସେଚନ ନିଗମ ଲିମିଟେଡ୍, ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍, ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ ଏବଂ ଓଡ଼ିଶା ବିଦ୍ୟୁତ୍ ସଞ୍ଚାରଣ ନିଗମ ଲିମିଟେଡ୍

## 1.29 କ୍ଷେତ୍ର-ୱାରୀ ସିଏସ୍ଆର୍ ଖର୍ଚ୍ଚ

ଅଧିନିୟମର ଧାରା 135(3) ଆବଶ୍ୟକ କରେ ଯେ, ସିଏସ୍ଆର୍ ସମିତି ନିର୍ଦ୍ଦେଶକ ମଣ୍ଡଳୀକୁ ଏକ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ନୀତି ପ୍ରସ୍ତୁତ ଏବଂ ସୁପାରିଶ କରିବ ଯାହା ଅନୁସୂଚୀ VIIରେ ନିର୍ଦ୍ଦିଷ୍ଟ କ୍ଷେତ୍ରରେ କିମ୍ବା ବିଷୟବସ୍ତୁରେ କମ୍ପାନୀ ଦ୍ୱାରା କରାଯିବାକୁ ଥିବା କାର୍ଯ୍ୟକଳାପରୁ ସୂଚୀତ କରିବ। ସିଏସ୍ଆର୍ ସମିତି ଗଠନ କରିଥିବା 16ଟି ଏସ୍‌ପିଏସ୍‌ଇ ମଧ୍ୟରୁ, ଗ୍ରୀଡ୍‌କୋ ଲିମିଟେଡ୍ 2022-23ରେ ଆବଣ୍ଟିତ ବଳକା ପାଣ୍ଠି ଉପଲବ୍ଧ ନହେବା ହେତୁ କୌଣସି ସିଏସ୍ଆର୍ ଖର୍ଚ୍ଚ ବହନ କରିନଥିଲା। ଅବଶିଷ୍ଟ 15ଟି ଏସ୍‌ପିଏସ୍‌ଇ ମଧ୍ୟରୁ ତିନୋଟି ଏସ୍‌ପିଏସ୍‌ଇ ଯଥା: ଓଡିଶା ଉଠା ଜଳସେଚନ ନିଗମ ଲିମିଟେଡ୍, ଓଡିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍ ଏବଂ ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ 2022-23 ଆର୍ଥିକ ବର୍ଷରେ ସିଏସ୍ଆର୍ ପାଇଁ କୌଣସି ଅର୍ଥ ଖର୍ଚ୍ଚ କରିନଥିଲେ। 12ଟି ଏସ୍‌ପିଏସ୍‌ଇର କ୍ଷେତ୍ରଭିତ୍ତିକ ଖର୍ଚ୍ଚ, ଯେଉଁମାନେ 2022-23 ଆର୍ଥିକ ବର୍ଷରେ ସିଏସ୍ଆର୍ ଖର୍ଚ୍ଚ ବହନ କରିଥିଲେ, **ପରିଶିଷ୍ଟ 19**ରେ ଦିଆଯାଇଛି ଏବଂ ନିମ୍ନରେ ଥିବା ଋର୍ଟରେ ମଧ ଚିତ୍ରିତ ହୋଇଛି:

**ଋର୍ଟ 1.7: କ୍ଷେତ୍ରଭିତ୍ତିକ ସିଏସ୍ଆର୍ ଝର୍ଚ୍ଚ**




ଓଡିଶା ଖଣି ନିଗମ ଲିମିଟେଡ୍ 52.48 କୋଟି ଟଙ୍କା (ମୋଟ ସିଏସ୍ଆର୍ ଖର୍ଚ୍ଚର 85.48 ପ୍ରତିଶତ) ଖର୍ଚ୍ଚ କରି ସର୍ବାଧିକ ଖର୍ଚ୍ଚକାରୀ ଥିଲା, ଏହାପରେ ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ 1.48 କୋଟି ଟଙ୍କା (2.42 ପ୍ରତିଶତ), ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ 1.21 କୋଟି ଟଙ୍କା (1.98 ପ୍ରତିଶତ), ଓଡିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ 1.19 କୋଟି ଟଙ୍କା (1.94 ପ୍ରତିଶତ) ଏବଂ ଓଡିଶା କୋଇଲା ଏବଂ ବିଦ୍ୟୁତ୍ ଲିମିଟେଡ୍ 1.12 କୋଟି ଟଙ୍କା (1.83 ପ୍ରତିଶତ) ଖର୍ଚ୍ଚ କରିଥିଲେ।

## 1.30 ଆର୍ଥିକ ଉପାଦାନ

### 1.30.1 ପାଣ୍ଠିର ବଣ୍ଟନ

ଅଧିନିୟମର ଧାରା 135(5) ଅନୁଯାୟୀ, ଯେକୌଣସି କମ୍ପାନୀ ଏହାର ସିଏସ୍ଆର୍ ନୀତିକୁ ଅନୁସରଣ କରି ତୁରନ୍ତ ତିନୋଟି ଆର୍ଥିକ ବର୍ଷର ହାରାହାରି ନିଟ୍ ଲାଭର ଅତିକମରେ ଦୁଇ ପ୍ରତିଶତ ଖର୍ଚ୍ଚ କରିବା ବାଧ୍ୟତାମୂଳକ ଅଟେ। ତଦନୁସାରେ, 12ଟି ଏସ୍‌ପିଏସ୍‌ଇ ପାଇଁ ଅଧିନିୟମର ଧାରା 198 ଅନୁଯାୟୀ ହିସାବ କରାଯାଇଥିବା ହାରାହାରି ନିଟ୍ ଲାଭର ଦୁଇ ପ୍ରତିଶତ 55.49 କୋଟି ଟଙ୍କା ଏବଂ ପୂର୍ବ ବର୍ଷରୁ ସେମାନଙ୍କ ବହନ ପରିମାଣ 3.18

କୋଟି ଟଙ୍କା ଥିଲା। ତଥାପି, 12ଟି ଏସ୍‌ପିଏସ୍‌ଇ 61.24 କୋଟି ଟଙ୍କା ଖର୍ଚ୍ଚ କରିଥିଲେ ଅର୍ଥାତ୍ 2.57 କୋଟି ଟଙ୍କା ଅଧିକ ଖର୍ଚ୍ଚ ହୋଇଛି ଯାହା **ପରିଶିଷ୍ଟ 20**ରେ ବିସ୍ତୃତ ଭାବରେ ଦିଆଗଲା।

### 1.30.2 ପାଣ୍ଠିର ଉପଯୋଗ

ଅଧିନିୟମର ଧାରା 135(5)ରେ ଦର୍ଶାଯାଇଛି ଯେ, ବୋର୍ଡ ନିଶ୍ଚିତ କରିବ ଯେ, କମ୍ପାନୀ ପୂର୍ବ ତିନି ବର୍ଷର ହାରାହାରି ନିଟ୍ ଲାଭର ଦୁଇ ପ୍ରତିଶତ ଖର୍ଚ୍ଚ କରେ।

ଏହା ଦେଖାଗଲା ଯେ, 12ଟି ଏସ୍‌ପିଏସ୍‌ଇ ଦ୍ୱାରା ସିଏସ୍‌ଆର୍ କାର୍ଯ୍ୟକଳାପ ପ୍ରତି 58.67 କୋଟି ଟଙ୍କା ଆବଶ୍ୟକ ଖର୍ଚ୍ଚ ବିରୁଦ୍ଧରେ ପ୍ରକୃତ ଖର୍ଚ୍ଚ ହେଉଛି 61.24 କୋଟି ଟଙ୍କା। ତଥାପି, ଏହା ମଧ ଦେଖାଯାଇଛି ଯେ, 12ଟି ଏସ୍‌ପିଏସ୍‌ଇ ମଧ୍ୟରୁ ପାଞ୍ଚଟି ଏସ୍‌ପିଏସ୍‌ଇ, ଯାହା ସିଏସ୍‌ଆର୍ କାର୍ଯ୍ୟକଳାପ ପାଇଁ 9.50 କୋଟି ଟଙ୍କା ଖର୍ଚ୍ଚ କରିବାକୁ ଥିଲା, ପ୍ରକୃତରେ 2.97 କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ଏବଂ 6.53 କୋଟି ଟଙ୍କା ଖର୍ଚ୍ଚ ନହୋଇ ଛାଡିଦେଇଥିଲେ (**ପରିଶିଷ୍ଟ 20**)।

### 1.30.3 ତ୍ରୈମାସିକ-ୱାରୀ ଖର୍ଚ୍ଚ

12ଟି ଏସ୍‌ପିଏସ୍‌ଇ ଦ୍ୱାରା 2022-23ରେ ସିଏସ୍‌ଆର୍ ପାଇଁ 61.24 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଶେଷ ତ୍ରୈମାସରେ (**ପରିଶିଷ୍ଟ 21**) ସିଏସ୍‌ଆର୍ ଖର୍ଚ୍ଚ ଦ୍ରୁତ ଗତିରେ ହୋଇଥିଲା। ଓଡିଶା ଖଣି ନିଗମ ଲିମିଟେଡ୍ (ଓଏମ୍‌ସି) ହେଉଛି ସର୍ବାଧିକ ଖର୍ଚ୍ଚକାରୀ (52.48 କୋଟି ଟଙ୍କା), ଯିଏକି ତ୍ରୈମାସିକ ବ୍ୟୟର ବିବରଣ ପ୍ରଦାନ କରିନାହିଁ। ଚତୁର୍ଥ ତ୍ରୈମାସରେ ଓଏସ୍‌ବିସି, ଓଏଚ୍‌ପିସି ଏବଂ ଓସିପିଏଲ୍ ସେମାନଙ୍କର ସିଏସ୍‌ଆର୍ ପାଣ୍ଠିର ପ୍ରମୁଖ ଅଂଶ (ଯଥାକ୍ରମେ 1.48 କୋଟି ଟଙ୍କା, 1.09 କୋଟି ଟଙ୍କା ଏବଂ 0.86 କୋଟି ଟଙ୍କା) ଖର୍ଚ୍ଚ କରିଥିଲେ।

## 1.31 ପ୍ରକଳ୍ପ କାର୍ଯ୍ୟାନ୍ୱୟନ

### 1.31.1 ସିଏସ୍‌ଆର୍ କାର୍ଯ୍ୟକଳାପର କାର୍ଯ୍ୟକାରିତା (ଘରୋଇ/ବାହ୍ୟ ସଂସ୍ଥା)

କମ୍ପାନୀଗୁଡିକର (ସିଏସ୍‌ଆର୍) ନିୟମାବଳୀ, 2014ର ନିୟମ 4, କେବଳ ଅଧିନିୟମର ଧାରା 135(1) ଅନୁଯାୟୀ ସିଏସ୍‌ଆର୍ କାର୍ଯ୍ୟକଳାପ କିପରି କରାଯିବ ତାହା ସହିତ ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରେ। ସିଏସ୍‌ଆର୍ ସମିତି ଦ୍ୱାରା ଅନୁମୋଦିତ ହୋଇଥିବା ସିଏସ୍‌ଆର୍ କାର୍ଯ୍ୟକଳାପଗୁଡିକୁ ଏକ ପଞ୍ଜିକୃତ ଟ୍ରଷ୍ଟ/ସୋସାଇଟି କିମ୍ବା କମ୍ପାନୀ ଦ୍ୱାରା ପ୍ରତିଷ୍ଠିତ କମ୍ପାନୀ କିମ୍ବା ଏହାର ହୋଲଡିଂ, ସହାୟକ କିମ୍ବା ଧାରା 8 ଅଧିନରେ ସହଯୋଗୀ କମ୍ପାନୀ କିମ୍ବା ଅନ୍ୟଥା ସମ୍ପାଦନ କରିବା ପାଇଁ ବୋର୍ଡ ନିଷ୍ପତ୍ତି ନେଇପାରେ। ସିଏସ୍‌ଆର୍ କାର୍ଯ୍ୟକଳାପର କାର୍ଯ୍ୟକାରିତା ନିମ୍ନଲିଖିତ ପରି ଥିଲା।

ଏସ୍‌ପିଏସ୍‌ଇଗୁଡିକ ସିଧାସଳଖ କିମ୍ବା ସରକାରୀ ବିଭାଗ, ଏନ୍‌ଜିଓ/ଟ୍ରଷ୍ଟ ମାଧ୍ୟମରେ ସିଏସ୍‌ଆର୍ ପାଣ୍ଠିକୁ ଖର୍ଚ୍ଚ କରିଥିଲେ ଏବଂ ସିଏସ୍‌ଆର୍ କାର୍ଯ୍ୟକଳାପକୁ କାର୍ଯ୍ୟକାରୀ କରିବା ପାଇଁ ଚିହ୍ନଟ ହୋଇଥିବା ସଂସ୍ଥାଗୁଡିକୁ ଏହି ଅର୍ଥ ହସ୍ତାନ୍ତର କରିଥିଲେ।

### 1.31.2 ସ୍ଥାନୀୟ ଅଞ୍ଚଳରେ ହୋଇଥିବା ଖର୍ଚ୍ଚ

ଅଧିନିୟମର ଧାରା 135(5) ପ୍ରଦାନ କରେ ଯେ, କମ୍ପାନୀ ସ୍ଥାନୀୟ କ୍ଷେତ୍ର ଏବଂ ଯେଉଁ କ୍ଷେତ୍ରଗୁଡିକରେ ସିଏସ୍‌ଆର୍ କାର୍ଯ୍ୟକଳାପ ଖର୍ଚ୍ଚ ପରିଚାଳନା ପାଇଁ ଧାର୍ଯ୍ୟ ହୋଇଥିବ, ସେହି କ୍ଷେତ୍ରଗୁଡିକୁ ଅଗ୍ରାଧିକାର ଦେବ। 12ଟି ଏସ୍‌ପିଏସ୍‌ଇ ମଧ୍ୟରୁ ତିନୋଟି ଏସ୍‌ପିଏସ୍‌ଇ[18] ସ୍ଥାନୀୟ ଅଞ୍ଚଳରେ ଖର୍ଚ୍ଚ କରିନଥିଲେ।

[18] ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍, ଓଡିଶାର ଶିଳ୍ପ ପ୍ରୋତ୍ସାହନ ଓ ପୁଞ୍ଜିଲଗାଣ ନିଗମ ଲିମିଟେଡ୍ ଏବଂ ଓଡିଶା ନିର୍ମାଣ ନିଗମ ଲିମିଟେଡ୍

## 1.32 ନିୟନ୍ତ୍ରଣର ଢ଼ାଞ୍ଚା

ସିଏସ୍ଆର୍ ନିୟମାବଳୀ, 2014ର ନିୟମ 5(2) ଅନୁଯାୟୀ, ସିଏସ୍ଆର୍ ସମିତି କମ୍ପାନୀ ଦ୍ୱାରା ନିଆଯାଇଥିବା ସିଏସ୍ଆର୍ ପ୍ରକଳ୍ପ/କାର୍ଯ୍ୟକ୍ରମ/କାର୍ଯ୍ୟକଳାପକୁ କାର୍ଯ୍ୟକାରୀ କରିବା ପାଇଁ ଏକ ସ୍ୱଚ୍ଛ ନିୟନ୍ତ୍ରଣ ପ୍ରଣାଳୀ ପ୍ରତିଷ୍ଠା କରିବ। 2022-23 ଆର୍ଥିକ ବର୍ଷରେ 12ଟି ଏସ୍‌ପିଏସ୍ଇ ସିଏସ୍ଆର୍ ଖର୍ଚ୍ଚ କରିଥିଲେ। ତଥାପି, 2022-23ରେ କେବଳ ପାଞ୍ଚଟି ଏସ୍‌ପିଏସ୍ଇ[19] ସମୀକ୍ଷା ବୈଠକ କରିଥିଲେ।

## ସୁପାରିଶ

ସାର୍ବଜନୀନ ଉଦ୍ୟୋଗ ବିଭାଗରେ ଓଡିଶା ସରକାର:

- ବକେୟା ହିସାବ ଥିବା ଏସ୍‌ପିଏସ୍ଇଗୁଡିକୁ ପ୍ରାଥମିକତା ଭିତ୍ତିରେ ସେମାନଙ୍କର ବକେୟା ହିସାବ ସମ୍ପନ୍ନ କରିବା ପାଇଁ ନିର୍ଦ୍ଦେଶ ଜାରି କରିପାରନ୍ତି;

- କମ୍ପାନୀ ଅଧିନିୟମ, 2013 ଏବଂ ଓଡିଶା ସରକାରଙ୍କ କର୍ପୋରେଟ୍ ଶାସନ ମାନୁଆଲ ଅନୁଯାୟୀ ଏକ ଆର୍ଥିକ ବର୍ଷରେ ଅତି କମ୍‌ରେ ଚାରୋଟି ବୋର୍ଡ ବୈଠକ କରିବା ପାଇଁ ସମସ୍ତ ଏସ୍‌ପିଏସ୍ଇଗୁଡିକୁ ନିର୍ଦ୍ଦେଶ ଜାରି କରିପାରନ୍ତି;

- ପ୍ରତ୍ୟେକ ଯୋଗ୍ୟ ସାର୍ବଜନୀନ କମ୍ପାନୀକୁ ସର୍ବନିମ୍ନ ତିନିଜଣ ନିର୍ଦ୍ଦେଶକଙ୍କୁ ନେଇ ସମୀକ୍ଷା ସମିତି ଗଠନ କରିବାକୁ ନିର୍ଦ୍ଦେଶ ଜାରି କରିପାରନ୍ତି ଯେଉଁଥିରେ କି ସ୍ୱାଧୀନ ନିର୍ଦ୍ଦେଶକମାନେ ସଂଖ୍ୟା ଗରିଷ୍ଠ ହେବେ;

- ଲାଭକାରୀ ଏସ୍‌ପିଏସ୍ଇଗୁଡିକୁ ବାର୍ଷିକ ଯୋଜନା ପ୍ରସ୍ତୁତ କରିବା ଏବଂ ସିଏସ୍ଆର୍ ପାଇଁ ବଜେଟ୍ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଜାରି କରିବା, ଯାହା ଦ୍ୱାରା ସିଏସ୍ଆର୍ ପାଇଁ ଆବଣ୍ଟିତ ପାଣ୍ଠି ଆର୍ଥିକ ବର୍ଷରେ ପ୍ରଭାବଶାଳୀ ଭାବରେ ବ୍ୟବହାର କରାଯାଇପାରେ;

- ସମସ୍ତ ଏସ୍‌ପିଏସ୍ଇଗୁଡିକୁ ପୂର୍ବ ତିନିବର୍ଷର ହାରହାରି ନିଟ୍ ଲାଭର ଦୁଇ ପ୍ରତିଶତ ଗ୍ରହଣୀୟ ସିଏସ୍ଆର୍ କାର୍ଯ୍ୟକଳାପ ପାଇଁ ଖର୍ଚ୍ଚ କରିବାକୁ ପ୍ରୟାସ କରିବା ପାଇଁ ନିର୍ଦ୍ଦେଶ ଜାରି କରିପାରନ୍ତି; ଏବଂ

- ନିଷ୍କ୍ରିୟ/ଅଚଳ ଏସ୍‌ପିଏସ୍ଇଗୁଡିକରେ ପୁଞ୍ଜି ପ୍ରତ୍ୟାହାର ଉପରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଜାରି କରିପାରନ୍ତି।

---

19 ଓଡିଶା ଆରକ୍ଷୀ ଗୃହ ନିର୍ମାଣ ଏବଂ କଲ୍ୟାଣ ନିଗମ ଲିମିଟେଡ୍, ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍, ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍, ଓଡିଶା କୋଇଲା ଏବଂ ବିଦ୍ୟୁତ୍ ଲିମିଟେଡ୍ ଏବଂ ଓଡିଶା ଖଣି ନିଗମ ଲିମିଟେଡ୍

# ଅଧ୍ୟାୟ-II

# ଓଡିଶା ଖଣି ନିଗମ ଲିମିଟେଡ୍‌ର କାର୍ଯ୍ୟକଳାପ ଉପରେ କାର୍ଯ୍ୟଦକ୍ଷତା ସମୀକ୍ଷା

# ଅଧ୍ୟାୟ-II

## ଓଡିଶା ଖଣି ନିଗମ ଲିମିଟେଡ୍‌ର କାର୍ଯ୍ୟକଳାପ ଉପରେ କାର୍ଯ୍ୟଦକ୍ଷତା ସମୀକ୍ଷା

### କାର୍ଯ୍ୟନିର୍ବାହୀ ସାରାଂଶ

ସମଗ୍ର ଦେଶରେ ଖଣିଜ ସମ୍ପଦର 53 ପ୍ରତିଶତ ଲୁହାପଥର, 73 ପ୍ରତିଶତ ବକ୍ସାଇଟ୍ ଏବଂ 100 ପ୍ରତିଶତ କ୍ରୋମାଇଟ୍ ଖଣି ସଂରକ୍ଷଣ ସହିତ ଓଡିଶାକୁ ଏକ ଖଣିଜ ସମୃଦ୍ଧ ରାଜ୍ୟ ଭାବେ ବିବେଚନା କରାଯାଏ। ଖଣି କ୍ଷେତ୍ର, ମୋଟ୍ ରାଜ୍ୟ ମୂଲ୍ୟ ସଂଯୋଜିତ (ଜିଏସ୍‌ଭିଏ)ର 10.8 ପ୍ରତିଶତ ଅବଦାନ ରଖେ। ଯେହେତୁ ଓଏମ୍‌ସି ଖଣିଜ କ୍ଷେତ୍ରର ଏକମାତ୍ର ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ, ରୟାଲଟି ଏବଂ ଲାଭାଂଶ ଇତ୍ୟାଦି ବାବଦରେ ରାଜ୍ୟର ରାଜସ୍ୱ ନିମିତ୍ତ ଏହାର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ।

ରାଜ୍ୟର ଖଣିଜ ସମ୍ପଦର ସଦୁପଯୋଗ ଉଦ୍ଦେଶ୍ୟରେ ମଇ 1956ରେ ଓଡିଶା ଖଣି ନିଗମ ଲିମିଟେଡ୍ ଗଠନ କରାଯାଇଥିଲା। ଏହା ଓଡିଶା ସରକାର (ଜିଓଓ)ଙ୍କ ଠାରୁ ଖଣି ଲିଜ୍ ପ୍ରାପ୍ତ କରିଥାଏ ଏବଂ ଖଣି ଖନନ କାର୍ଯ୍ୟକାରୀ କରିବା ସହ ଖଣିଜ ଉତ୍ତୋଳନକୁ ବିକ୍ରିଯୋଗ୍ୟ ଖଣିଜ କରିବା ପାଇଁ ପ୍ରକ୍ରିୟାକରଣ କରି ସେଗୁଡିକୁ ବିକ୍ରି କରିଥାଏ। ଏହାର ପ୍ରତ୍ୟେକ କାର୍ଯ୍ୟକଳାପରେ ଓଏମ୍‌ସିକୁ ଜଙ୍ଗଲ ସଂରକ୍ଷଣ ଅଧିନିୟମ, 1980, ଖଣି ଏବଂ ଖଣିଜ (ବିକାଶ ଏବଂ ନିୟମାବଳୀ) ଅଧିନିୟମ, (ଏମ୍‌ଏମ୍‌ଡିଆର୍) 1957, ଖଣିଜ ରିହାତି ଅଧିନିୟମ, 1960, ପ୍ରାଚୀନ ସ୍ମାରକୀ ଏବଂ ପ୍ରତ୍ନତାତ୍ତ୍ୱିକ ସ୍ଥାନ ଏବଂ ଅବଶେଷ (ଏଏମ୍‌ଏବଂଏସ୍‌ଏଆର୍) ଅଧିନିୟମ, 1958 ଇତ୍ୟାଦି ନିୟମାବଳୀଗୁଡିକୁ ପାଳନ କରିବାକୁ ପଡିଥାଏ।

### 1. ଖଣି ଲିଜ୍‌ଗୁଡିକର ପରିଚାଳନା

ଏବେ ସୁଦ୍ଧା ଓଏମ୍‌ସିର ମୋଟ 36ଟି ଖଣି ଲିଜ୍ ଅଛି ତନ୍ମଧ୍ୟରୁ 18ଟି କାର୍ଯ୍ୟକାରୀ ଖଣି ଥିବା ବେଳେ 18ଟି ଗତ 06ରୁ 35 ବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଏହି ଅଣକାର୍ଯ୍ୟକ୍ଷମ ଖଣି ଲିଜ୍‌ଗୁଡିକର ସମ୍ପର୍କରେ ଦେଖାଗଲା ଯେ, ଖଣିଗୁଡିକ କାର୍ଯ୍ୟକ୍ଷମ ନହୋଇପାରିବାର ମୁଖ୍ୟ କାରଣଗୁଡିକ ହେଲା ଖନନ କାର୍ଯ୍ୟ ଆରମ୍ଭ କରିବା ନିମିତ୍ତ ଜଙ୍ଗଲ ଜମିର ବ୍ୟବହାର ମଞ୍ଜୁର (ଏଫ୍‌ସି) ପାଇବା ପାଇଁ ଜଙ୍ଗଲ ଜମି ପରିବର୍ତ୍ତନ ପ୍ରସ୍ତାବ ଦାଖଲ କରିବାରେ ବିଳମ୍ବ। ଏହି ପ୍ରକ୍ରିୟାରେ ଉକ୍ତ ଅଣକାର୍ଯ୍ୟକାରୀ ଲିଜ୍ ଗୁଡିକ ପାଇଁ ଓଏମ୍‌ସିକୁ ଡେଡ୍ ରେଣ୍ଟ ଓ ଭୂପୃଷ୍ଠ ଖଜଣା ବାବଦକୁ 9.09 କୋଟି ଟଙ୍କା ଦେବାକୁ ପଡିଥିଲା। ଏହାଛଡା ଏହି ଅଣକାର୍ଯ୍ୟକ୍ଷମ ଖଣିଗୁଡିକୁ ଜଗାରଖା କରିବା ପାଇଁ 2018-23 ମଧ୍ୟରେ ଓଏମ୍‌ସିକୁ 154.27 କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିଥିଲା।

ଅଣ-ଅନୁମୋଦିତ ଖଣି ଅଞ୍ଚଳରେ ଅନାବଶ୍ୟକ ଦଖଲ, ଖଣିଜଅଯୋଗ୍ୟ ପ୍ରମାଣିତ କରିବା ପାଇଁ ଅନାବଶ୍ୟକ ପୁନଃ ଅନୁସନ୍ଧାନ ଯୋଗୁ ଖଣି ଲିଜ୍‌ଗୁଡିକ ସରକାରଙ୍କୁ ହସ୍ତାନ୍ତର କରିବାରେ ବିଳମ୍ବ ହୋଇଥିଲା, ଯାହାଫଳରେ 16.55 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା। ପୁନଶ୍ଚ, ଉଣ୍ଡାବାଲି ଲିଜ୍‌ର ଅବଧିକୁ ଅମିତବ୍ୟୟୀ ସମ୍ପ୍ରସାରଣ ଯୋଗୁ ଓଏମ୍‌ସି 85.21 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ କରିଥିଲା।

### 2. ବୈଧାନିକ ନିୟମଗୁଡିକର ଅନୁପାଳନ କରିବାରେ ଅବହେଳା ଯୋଗୁ ଜୋରିମାନା

ଖଣିଜ ଉତ୍ତୋଳନ ଏକ ଦକ୍ଷ କାର୍ଯ୍ୟ ଅଟେ ଯେଉଁଥିରେ କି ଅତ୍ୟଧିକ ଓବରବର୍ଡନ ହଟାଇବା, ଖଣିଜକୁ ଉତ୍ତୋଳନ କରିବା ପରେ ବିକ୍ରିଯୋଗ୍ୟ କରିବା ପାଇଁ ସେଗୁଡିକୁ ଚୂର୍ଣ୍ଣ କରିବା/ପ୍ରକ୍ରିୟାକରଣ ଅନ୍ତର୍ଭୁକ୍ତ। ଏହି ସମସ୍ତ କାର୍ଯ୍ୟକଳାପ ନିମିତ୍ତ ଭାରତୀୟ ଖଣି ବ୍ୟୁରୋ (ଆଇବିଏମ୍) ଦ୍ୱାରା ଅନୁମୋଦିତ ଖଣି ଯୋଜନା, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଏମ୍‌ଓଇଏଫ୍‌ଆଣ୍ଡସିସି) ଦ୍ୱାରା ପ୍ରଦାନ କରାଯାଇଥିବା ପରିବେଶ ମଞ୍ଜୁରୀ (ଇସି) ଏବଂ ରାଜ୍ୟ ପ୍ରଦୂଷଣ ବୋର୍ଡ (ଏସ୍‌ପିସିବି)ର କାର୍ଯ୍ୟ ପାଇଁ ଅନୁମତି (ସିଟିଓ)ର ପାଳନ କରିବାକୁ ପଡିଥାଏ।

ଏହା ଦେଖାଗଲା ଯେ, ଇସି ଏବଂ ଏଫ୍‌ସିରେ ଅନୁମୋଦିତ ପରିମାଣ ଠାରୁ 29.47 ନିୟୁତ ଏମ୍‌ଟି ଅଧିକ ପରିମାଣର ଉତ୍ପାଦନ କରିବା ଯୋଗୁ ଓଏମ୍‌ସିକୁ 3,761.88 କୋଟି ଟଙ୍କା ଜୋରିମାନା ଦେବାକୁ ପଡିଥିଲା। ଏହା ମଧ୍ୟ ଦେଖାଯାଇଥିଲା ଯେ, ଓଏମ୍‌ସି ଏହାର ଖଣି ଯୋଜନା ଏବଂ ସିଟିଓ ଦ୍ୱାରା ଧାର୍ଯ୍ୟ ପରିମାଣରୁ 5.56 ନିୟୁତ

ଏମ୍‌ତି ଅଧିକ ଖଣିଜ ଉତ୍ପାଦନ କରିବା ଯୋଗୁ 602.27 କୋଟି ଟଙ୍କା ଜୋରିମାନା ପ୍ରଦାନ କରିଥିଲା। ପୁନଶ୍ଚ ଏହା ଦେଖାଗଲା ଯେ, 12ଟି କାର୍ଯ୍ୟକାରୀ ଖଣିରେ ବାୟୁ, ଜଳ ଏବଂ ଶବ୍ଦ ପ୍ରଦୂଷଣ ସମ୍ପର୍କିତ ଆଇନଗତ ସର୍ତ୍ତାବଳୀଗୁଡିକ ଉପଯୁକ୍ତ ଭାବରେ ପାଳନ କରାଯାଉନଥିଲା।

## 3. ଖଣିଜ ପଦାର୍ଥ ଗଦାକରି ରଖିବାରେ ତ୍ରୁଟି

ବୈଧାନିକ ମାନଦଣ୍ଡ ଅନୁଯାୟୀ ଗଦାକରି ରଖିବାରେ ମଧ ତ୍ରୁଟି ପରିଲକ୍ଷିତ ହୋଇଥିଲା। ଉଦାହରଣ ସ୍ୱରୂପ ଗନ୍ଧମାର୍ଦ୍ଦନ-ବି, କୁରମିତର, ଜିଲିଙ୍ଗ ଏବଂ ତିରିଙ୍ଗପାହାଡ ଖଣିରେ ଓଏମ୍‌ସି ଖଣିଜ ପଥରଗୁଡିକୁ ସେମାନଙ୍କର ଗ୍ରେଡ୍ ଅନୁଯାୟୀ ପୃଥକୀକରଣ କରିନଥିଲା। ତେଣୁ, ଓଏମ୍‌ସିକୁ ଖଣିଜ ପଥରର ରୟାଲଟି ବାବଦରେ ନିର୍ଦ୍ଧାରିତ ସର୍ବୋଚ୍ଚ ଦେୟ ଦେବାକୁ ପଡିଥିଲା। ଫଳସ୍ୱରୂପ, ଆବଶ୍ୟକ ପୃଥକୀକରଣ ବିନା ରଖିବା ପାଇଁ ଓଏମ୍‌ସିକୁ 2018-23 ମଧ୍ୟରେ 938.52 କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ବହନ କରିବାକୁ ପଡିଥିଲା।

## 4. ସ୍ଥାୟୀ ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନରେ ତ୍ରୁଟି

ପରିମାଣ ଏବଂ ଗୁଣବତ୍ତା ଦୃଷ୍ଟିରୁ ଉତ୍ପାଦନ ସ୍ତରରେ ଉନ୍ନତି ଆଣିବା ପାଇଁ 5,495.90 କୋଟି ଟଙ୍କା ପୁଞ୍ଜିଲଗାଣର ଛଅଟି ପୁଞ୍ଜି ପ୍ରକଳ୍ପ ଓଏମ୍‌ସି କାର୍ଯ୍ୟକାରୀ କରୁଥିଲା। ଏଥିମଧ୍ୟରୁ କେବଳ ଦୁଇଟି ସମ୍ପୂର୍ଣ୍ଣ ହୋଇପାରିଥିବା ବେଳେ ଅନ୍ୟଗୁଡିକର କାର୍ଯ୍ୟ ଏପର୍ଯ୍ୟନ୍ତ ଚାଲୁଅଛି। ତଥାପି, ସଠିକ ଯୋଜନା ଅଭାବରୁ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡିକ ମଧ କାର୍ଯ୍ୟକ୍ଷମ ହୋଇପାରି ନଥିଲା। ଅପ୍ରେଲ 2023 ସୁଦ୍ଧା ସମ୍ପୂର୍ଣ୍ଣ ହୋଇସାରିଥିବା କ୍ରୋମ୍ ପଥର ପୃଥକୀକରଣ ପ୍ଲାଣ୍ଟ ପାଇଁ କୌଣସି ସେବା ପ୍ରଦାନକାରୀ ସଂସ୍ଥା ସହିତ ପରିଚାଳନା ଓ ରକ୍ଷଣାବେକ୍ଷଣ ଚୁକ୍ତି ନହୋଇପାରିବା ଯୋଗୁ ଏହା କାର୍ଯ୍ୟକ୍ଷମ ହୋଇପାରିନଥିଲା। ଫଳସ୍ୱରୂପ, ଓଏମ୍‌ସି ସବ୍-ଗ୍ରେଡ୍ କ୍ରୋମ୍ ଖଣିଜଗୁଡିକରୁ ଗୁଣାତ୍ମକ ଖଣିଜ ଉତ୍ପାଦନ କରିପାରିନଥିଲା ଏବଂ 61.16 କୋଟି ଟଙ୍କାର ଅତିରିକ୍ତ ଆୟ କରିବାର ସୁଯୋଗ ହରାଇଥିଲା।

## 5. ଖଣିଜ ଉତ୍ତୋଳନ ନିମିତ୍ତ କରାଯାଇଥିବା ଚୁକ୍ତିଗୁଡିକର ପରିଚାଳନାରେ ତ୍ରୁଟି

ଖଣି ଅଞ୍ଚଳର ସମସ୍ତ କାର୍ଯ୍ୟଗୁଡିକୁ କରିବା ପାଇଁ ଓଏମ୍‌ସି ଠିକାଦାରମାନଙ୍କୁ ନିଯୁକ୍ତି କରିଥାଏ। ତେଣୁ, ସଫଳ ଖଣି ପରିଚାଳନା ପାଇଁ ଚୁକ୍ତିଗୁଡିକର ସୁପରିଚାଳନା ଏକ ମୁଖ୍ୟ ପ୍ରସଙ୍ଗ ଅଟେ। ତଥାପି, ଅନେକ ଚୁକ୍ତିନାମା ସ୍ୱାକ୍ଷର କରିବା ସମୟରେ ଓଏମ୍‌ସି ତା'ର ଆର୍ଥିକ ସ୍ୱାର୍ଥ ସୁରକ୍ଷିତ କରିବାରେ ବିଫଳ ହୋଇଥିଲା। ଚୁକ୍ତିଭିତ୍ତିକ ଧାରାଗୁଡିକ ଓଏମ୍‌ସି ପାଇଁ ଅନୁକୂଳ ନଥାଇ ଠିକାଦାରମାନଙ୍କୁ ଅନୁଚିତ ଅନୁଗ୍ରହ ପ୍ରଦାନ କରାଯାଇ ଥିବାର ଅନେକ ଗୁଡିଏ ଦୃଷ୍ଟାନ୍ତ ଥିଲା। ଉଦାହରଣ ସ୍ୱରୂପ, ଓଏମ୍‌ସି ଦୈତାରୀ ଖଣିରେ ବିଦ୍ୟୁତ ବିଲ୍‌ର କ୍ରମବର୍ଦ୍ଧିତ ଦେୟ ବାବଦରେ 25.79 କୋଟି ଟଙ୍କା ଅତିରିକ୍ତ ବ୍ୟୟ କରିଥିଲା ଯାହାକି ବିଦ୍ୟୁତ ଖର୍ଚ୍ଚ ବାବଦରେ ପ୍ରକୃତ ମୂଲ୍ୟଠାରୁ ଯଥେଷ୍ଟ ଅଧିକ ଥିଲା। ସେହିପରି ଗନ୍ଧମାର୍ଦ୍ଦନ ଖଣିରେ ନିଯୁକ୍ତ ପରିବହନ ଠିକାଦାରମାନଙ୍କୁ ବିସ୍ଫୋରକ ସାମଗ୍ରୀ ବାବଦରେ ଓଏମ୍‌ସି 1.59 କୋଟି ଟଙ୍କା ପ୍ରଦାନ କରିଥିଲା। ଓଏମ୍‌ସି ସବ୍-ଗ୍ରେଡ୍ ଖଣିଜଗୁଡିକୁ ବିକ୍ରିଯୋଗ୍ୟ ଖଣିଜ ହିସାବରେ ବିବେଚନା କରିବାରୁ ଓଏମ୍‌ସିକୁ ଏହାର ଚାରୋଟି ଖଣିରେ ଉତ୍ତୋଳଣ ଖର୍ଚ୍ଚ ବାବଦକୁ 32.64 କୋଟି ଟଙ୍କାର ଅତିରିକ୍ତ ଦେୟ ପ୍ରଦାନ କରିବାକୁ ପଡିଥିଲା।

## 6. ଖଣିଜଗୁଡିକର ବିକ୍ରୟରେ ଅମିତବ୍ୟୟୀ

ଶୁକ୍ରାଙ୍ଗୀ ଏବଂ ସାଉଥ କାଳିଆପାଣି କ୍ରୋମାଇଟ୍ ଖଣିରେ ସବ୍-ଗ୍ରେଡ୍ କ୍ରୋମ ଖଣିଜର ମୂଳ ମୂଲ୍ୟରେ ଭୁଲ ନିର୍ଦ୍ଧାରଣ ହେତୁ 16.51 କୋଟି ଟଙ୍କାର କମ୍ ରାଜସ୍ୱ ଲାଭ କରିଥିଲା। ଓଡିଶା ସରକାରଙ୍କ ତରଫରୁ ଜବତ କରାଯାଇଥିବା ଖଣିଜ ପଥରଗୁଡିକୁ ବିକ୍ରି କରିବାରେ ବିକ୍ରି ଆୟରୁ ଓଏମ୍‌ସି 7.01 କୋଟି ଟଙ୍କାର ଜଗାରଖା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ କରିବାରେ ବିଫଳ ହୋଇଥିଲା।

## 7. ଆର୍ଥିକ ପରିଚାଳନାରେ ପରିଲକ୍ଷିତ ତ୍ରୁଟି

ଓଏମ୍‌ସି ମଧ ରୟାଲଟି ବାବଦରେ ଓଡିଶା ସରକାରଙ୍କୁ ପ୍ରଦତ୍ତ କରିଥିବା ଅଗ୍ରୀମ ମୂଲ୍ୟକୁ ପରବର୍ତ୍ତୀ ସମୟରେ ଷ୍ଟାକ୍/ନୂତନ ଅର୍ଡର ଉଠାଣ ସମୟରେ ସମାୟୋଜନ କରିବାରେ ବିଫଳ ହୋଇଥିଲା, ଯାହାଫଳରେ ସୁଧ ବାବଦରେ 41.22 କୋଟି ଟଙ୍କାର ରାଜସ୍ୱ ହରାଇଥିଲା।

ଓଏମ୍‌ସି ଆର୍ଥିକ ସଂକଟକୁ ଲକ୍ଷ୍ୟ କରି କୌଣସି ନୀତି ପ୍ରଣୟନ ନକରି 3,211.71 କୋଟି ଟଙ୍କାର ଆନ୍ତଃ ନିଗମ ଋଣ ବିଭିନ୍ନ ସଂସ୍ଥାକୁ ପ୍ରଦାନ କରିଥିଲା । ତନ୍ମଧ୍ୟରୁ ଇଡ୍‌କଲ୍ 947.80 କୋଟି ଟଙ୍କା ଶୁଝି ପାରିନଥିଲା, ଯେଉଁଥିରୁ ବୈଧାନିକ ନିୟମର ଉଲ୍ଲଙ୍ଘନ ପାଇଁ ଜୋରିମାନା ଦେବାରେ ଓଏମ୍‌ସି ସାହାଯ୍ୟ କରିଥିଲା ।

2020-21 ଏବଂ 2021-22 ଆର୍ଥିକ ବର୍ଷ ପାଇଁ ଆଗୁଆ ଆୟ କର ଦାୟିତ୍ୱକୁ କମ୍ ଆକଳନ ଏବଂ କମ୍ ପରିମାଣର ଆଗୁଆ ଆୟ କର ପ୍ରଦାନ ଫଳରେ ଉପରୋକ୍ତ ଅବଧି ପାଇଁ ଆୟକର ଅଧିନିୟମର ଧାରା 234(ଖ) ଏବଂ (ଗ) ଅନୁଯାୟୀ 20.55 କୋଟି ଟଙ୍କାର ପରିହାର୍ଯ୍ୟ ସୁଧ ପ୍ରଦାନ କରିଥିଲା ।

**ସୁପାରିଶ:**

**ସରକାର ଓଏମ୍‌ସିକୁ ନିମ୍ନୋକ୍ତ ନିର୍ଦ୍ଦେଶଗୁଡିକ ଦେଇପାରନ୍ତି:**

1. **ଖଣି ଲିଜ୍ କାର୍ଯ୍ୟକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବା ପାଇଁ ପଦକ୍ଷେପ ନେବା, ସମୟସୀମା ମଧ୍ୟରେ ଲିଜ୍ ହସ୍ତାନ୍ତର ସୁନିଶ୍ଚିତ କରିବା ଏବଂ ଏହାର ଅନାବଶ୍ୟକ ବୃଦ୍ଧିକୁ ଏଡାଇବା, ଯାହାଫଳରେ ଅନାବଶ୍ୟକ ଖର୍ଚ୍ଚ ହେଉଛି;**
2. **ବୈଧାନିକ ମଞ୍ଜୁରୀଗୁଡିକୁ ଯଥା ସମୟରେ ପ୍ରାପ୍ତ କରିବା ଏବଂ ସେଗୁଡିକର ସଠିକ୍ ଅନୁପାଳନ କରିବା ନିମିତ୍ତ ଏକ ସ୍ପଷ୍ଟ ବ୍ୟବସ୍ଥା ବିକଶିତ କରିବ । ଅଧିକନ୍ତୁ, ନିୟମ/ଆଦେଶ ଉଲ୍ଲଙ୍ଘନ ଏବଂ ଦଣ୍ଡ ପ୍ରଦାନ ପାଇଁ ଦାୟୀ ଅଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ଏକ ଉତ୍ତରଦାୟିତ୍ୱ ଗଠନ ସ୍ଥାପନ କରନ୍ତୁ;**
3. **ଖଣିକାର୍ଯ୍ୟ ଯୋଗୁ ବାୟୁ, ଜଳ ଏବଂ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ ଏବଂ ଏକ ସ୍ଥାୟୀ ଖଣିଜ ଉତ୍ତୋଳନ ବ୍ୟବସ୍ଥା ପ୍ରତିଷ୍ଠା କରିବାର ପ୍ରୟାସକୁ ସୁଦୃଢ଼ କରନ୍ତୁ;**
4. **ନିର୍ଭରଶୀଳ ପ୍ରକଳ୍ପଗୁଡିକର ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ସେଗୁଡିକର କାର୍ଯ୍ୟାନ୍ୱୟନର ଉତ୍ତମ ଯୋଜନା ଏବଂ ସମନ୍ୱୟ ସୁନିଶ୍ଚିତ କରନ୍ତୁ;**
5. **ଚୁକ୍ତିନାମାର ସର୍ତ୍ତାବଳୀଗୁଡିକୁ ସମ୍ପୂର୍ଣ୍ଣ ସମୀକ୍ଷା କରି ସେମାନଙ୍କର ପରିସର, ସର୍ତ୍ତାବଳୀ, ସମ୍ଭାବ୍ୟ ପ୍ରଭାବକୁ ବୁଝିବା ଏବଂ ଯେପରି ଏହା କମ୍ପାନୀର ଆର୍ଥିକ ସ୍ୱାର୍ଥ ପ୍ରତି କୌଣସି କ୍ଷତି ନପହଞ୍ଚାଏ ସେଥିପ୍ରତି ଯତ୍ନବାନ ହୁଅନ୍ତୁ;**
6. **ଖଣିଜ ପଦାର୍ଥର ଉପଯୁକ୍ତ ନିଲାମ ଓ ପୂର୍ବତନ ଲିଜଧାରୀମାନଙ୍କର ଷ୍ଟକ୍‌ଗୁଡିକୁ ମିତବ୍ୟୟୀ ବିନିଯୋଗ କରିବା ନିମିତ୍ତ ମୂଳ ମୂଲ୍ୟ ନିର୍ଦ୍ଧାରଣ କରିବାରେ ଥିବା ବ୍ୟବଧାନକୁ ପୂରଣ କରିବା ପାଇଁ ଏକ ନିଶ୍ଚିତ ବ୍ୟବସ୍ଥା ବିକଶିତ କରନ୍ତୁ;**
7. **ରୟାଲଟିର ଅଗ୍ରୀମ ପ୍ରଦାନରେ ବିଳମ୍ବିତ ସମାୟୋଜନ ଏବଂ ବୈଧାନିକ ଦେୟ ପ୍ରଦାନରେ ବିଳମ୍ବକୁ ଏଡାଇବା ପାଇଁ ପ୍ରକ୍ରିୟାଗୁଡିକୁ ସୁଗମ କରନ୍ତୁ;**
8. **ଆୟକର ଦେୟଗୁଡିକର ସଠିକ୍ ଗଣନା ଏବଂ ସୁଧର ପରିହାର୍ଯ୍ୟଯୋଗ୍ୟ ଦେୟକୁ ଏଡାଇବା ପାଇଁ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ; ଏବଂ**
9. **ମିଳିତ ଉଦ୍ୟୋଗଗୁଡିକରେ ନିବେଶ କରିବା ଓ ଆନ୍ତଃ ନିଗମ ଋଣ ପ୍ରଦାନ କରିବା ପୂର୍ବରୁ ଓଏମ୍‌ସି ଏବଂ ଓଡିଶା ସରକାର ଉକ୍ତ ନିବେଶଗୁଡିକରୁ ଆଶା କରାଯାଇଥିବା ଲାଭର ମୂଲ୍ୟାଙ୍କନ ଏବଂ ବିଶ୍ଳେଷଣ କରନ୍ତୁ ।**

## 2.1 ଉପକ୍ରମ

ଦେଶର ସମଗ୍ର ଖଣିଜ ସମ୍ପଦର 53 ପ୍ରତିଶତ ଲୁହାପଥର, 73 ପ୍ରତିଶତ ବକ୍ସାଇଟ୍ ଏବଂ 100 ପ୍ରତିଶତ କ୍ରୋମାଇଟ୍ ଖଣିଜ ଉତ୍ତୋଳନ ସହ ଓଡିଶାକୁ ଏକ ଖଣିଜ ସମୃଦ୍ଧ ରାଜ୍ୟ ଭାବେ ବିବେଚନା କରାଯାଉଛି । 2022-23 ଆର୍ଥିକ ବର୍ଷର ଆକଳନ ଅନୁଯାୟୀ ମୋଟ ରାଜ୍ୟ ମୂଲ୍ୟ ସଂଯୋଜିତରେ ଖଣିଜ କ୍ଷେତ୍ରର ଯୋଗଦାନ 10.8 ପ୍ରତିଶତ ଅଟେ। ଖଣି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସାର୍ବଜନୀନ ଉଦ୍ୟୋଗଗୁଡିକରୁ ରୟାଲଟି, ଭଡା, ସୁଧ ଏବଂ ଲାଭ ବାବଦରେ ପ୍ରାପ୍ତ କରୁଥିବା ରାଜସ୍ୱକୁ ରାଜ୍ୟ ରାଜସ୍ୱର ଏକ ମୁଖ୍ୟ ଉତ୍ସ ଭାବେ ବିବେଚନା କରାଯାଏ। ଯେହେତୁ ଓଏମ୍‌ସି ଓଡିଶାର ଖଣି କ୍ଷେତ୍ରରେ ନିୟୋଜିତ ଏକ ମାତ୍ର ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ, ଏଥିପାଇଁ ରାଜ୍ୟ ରାଜସ୍ୱ ବୃଦ୍ଧି ନିମିତ୍ତ ଓଡିଶା ଖଣି ନିଗମର ପ୍ରଦର୍ଶନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ।

କମ୍ପାନୀ ଅଧିନିୟମ, 1956 ଅନୁଯାୟୀ ଓଏମ୍‌ସି ମଇ 1956ରେ ଏକ ନିଗମ ଭାବରେ ପଞ୍ଜିକୃତ ହୋଇଥିଲା। ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ରାଜ୍ୟର ଖଣିଜ ସମ୍ପଦର ଅନ୍ୱେଷଣ, ନିଃସାରଣ ସହିତ ମୂଲ୍ୟ ସଂଯୋଗ କରି ଉପଯୋଗ କରିବା। ବର୍ତ୍ତମାନ, ଓଏମ୍‌ସିର ଖଣି ସମ୍ବନ୍ଧୀୟ କାର୍ଯ୍ୟକଳାପ ମୁଖ୍ୟତଃ ଲୁହାପଥର, କ୍ରୋମପଥର, ବକ୍ସାଇଟ୍ ଏବଂ ଲଘୁ ଖଣିଜ ଯଥା ଖୋଣ୍ଡାଲାଇଟ୍ ପଥରର ଉତ୍ପାଦନ ଏବଂ ବିକ୍ରୟ ମଧ୍ୟରେ ସୀମିତ ରହିଛି । 36ଟି ଖଣିର (18ଟି କାର୍ଯ୍ୟକ୍ଷମ ଏବଂ 18ଟି ନିଷ୍କ୍ରିୟ) ଖଣିଜ କାର୍ଯ୍ୟଗୁଡିକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଓଏମ୍‌ସିର ଆଠଟି ଆଞ୍ଚଳିକ କାର୍ଯ୍ୟାଳୟ[20] ରହିଛି। **ଚାର୍ଟ 2.1**ରେ ଦେଖାଯାଇଥିବା ପରି ଓଏମ୍‌ସି ଦ୍ୱାରା କରାଯାଉଥିବା ମୁଖ୍ୟ କାର୍ଯ୍ୟକଳାପଗୁଡିକୁ ବ୍ୟାପକ ଭାବରେ ବର୍ଗୀକୃତ କରାଯାଇପାରେ।

**ଚାର୍ଟ 2.1: ଓଏମ୍‌ସି ଦ୍ୱାରା ପରିଚାଳିତ କାର୍ଯ୍ୟକଳାପ**

**ଓଡିଶା ସରକାରଙ୍କଠାରୁ ଖଣି ଲିଜ୍ ପ୍ରାପ୍ତ କରିବା ଏବଂ ପ୍ରଚଳିତ ବିଧିବ୍ୟବସ୍ଥା ଅନୁଯାୟୀ ଖଣି ଲିଜ୍‌କୁ ପରିଚାଳନା କରିବା।**

⇩

**ବାଣିଜ୍ୟିକ ସ୍ତରରେ ଗଚ୍ଛିତ ସ୍ଥାନରୁ ଖଣିଜ ପଥର ଉତ୍ତୋଳନ କରିବା ଏବଂ ବିକ୍ରିଯୋଗ୍ୟ ନିମିତ୍ତ ସେଗୁଡିକୁ ପ୍ରକ୍ରିୟାକରଣ କରିବା।**

⇩

**ଭିନ୍ନ ଭିନ୍ନ କ୍ରେତାଙ୍କୁ ବିକ୍ରୟଯୋଗ୍ୟ ଗ୍ରେଡ୍ ଖଣିଜ ବିକ୍ରି କରିବା ବିକ୍ରୟ କାର୍ଯ୍ୟକଳାପରେ ଅନ୍ତର୍ଭୁକ୍ତ।**

ଉପରୋକ୍ତ ସମସ୍ତ କାର୍ଯ୍ୟକଳାପଗୁଡିକୁ ଏହି କାର୍ଯ୍ୟ ସମ୍ପାଦନ ସମୀକ୍ଷାରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ପର୍ଯ୍ୟବେକ୍ଷଣଗୁଡିକୁ ପରବର୍ତ୍ତୀ ଅନୁଚ୍ଛେଦରେ ଦିଆଯାଇଛି ।

## 2.2 ସାଙ୍ଗଠନିକ ବ୍ୟବସ୍ଥା

ଓଏମ୍‌ସି ଓଡିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗର ପ୍ରଶାସନିକ ତତ୍ତ୍ୱାବଧାନରେ ପରିଚାଳିତ। ଓଏମ୍‌ସିର ପରିଚାଳନା ଭାର ଜଣେ ଅଧ୍ୟକ୍ଷ, ଜଣେ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ସମେତ 10 ଜଣ ନିର୍ଦ୍ଦେଶକଙ୍କୁ ନେଇ ଗଠିତ ନିର୍ଦ୍ଦେଶକ ମଣ୍ଡଳୀ ଉପରେ ନ୍ୟସ୍ତ। ଏମ୍‌ଡି, ଓଏମ୍‌ସିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଟନ୍ତି ଏବଂ ଚାରିଜଣ ନିର୍ଦ୍ଦେଶକ ଓ ଜଣେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତାଙ୍କର ଦୈନନ୍ଦିନ କାର୍ଯ୍ୟ ପରିଚାଳନାରେ ସହାୟତା କରିଥାଆନ୍ତି ।

[20] ବାଙ୍ଗୁର, ବଡବିଲ୍, ଦୈତାରୀ, ଗନ୍ଧମାର୍ଦ୍ଦନ, ଯାଜପୁର ରୋଡ୍, ଖୋଣ୍ଡାଲାଇଟ୍ , କୋଇଡା ଏବଂ ରାୟଗଡ

**ଚାର୍ଟ 2.2: ଅନୁଷ୍ଠାନ ଅଧିରଚନା**




କାର୍ଯ୍ୟକାରିତା ସ୍ତରରେ ଉପରୋକ୍ତ କାର୍ଯ୍ୟନିର୍ବାହୀମାନଙ୍କୁ ଚାରିଜଣ ମୁଖ୍ୟ ସାଧାରଣ ପ୍ରବନ୍ଧକ, ଦଶ ଜଣ ସାଧାରଣ ପ୍ରବନ୍ଧକ ଏବଂ ଆଠଜଣ ଆଞ୍ଚଳିକ ପରିଚାଳକ ଏବଂ ଜଣେ ମୁଖ୍ୟ ଭିଜିଲାନ୍ସ ଅଧିକାରୀ ସାହାଯ୍ୟ କରିଥାଆନ୍ତି ।

## 2.3 ସମୀକ୍ଷାର ପରିସର

31 ମାର୍ଚ୍ଚ 2017ରେ ସମାପ୍ତ ବର୍ଷ ପାଇଁ ଭାରତର ମହାଲେଖାନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ପ୍ରତିବେଦନରେ ଓଏମ୍‌ସିର କାର୍ଯ୍ୟ ସମ୍ପାଦନ ସମୀକ୍ଷା ଅନ୍ତର୍ଭୁକ୍ତ ହୋଇଥିଲା । ପ୍ରତିବେଦନଟି ସରକାରୀ ଉଦ୍ୟୋଗ ସମିତି (କୋପୁ)ରେ ଜାନୁଆରୀ 2024 ସୁଦ୍ଧା ଆଲୋଚନା ହୋଇପାରିନଥିଲା । ଜୁନ୍‌ରୁ ନଭେମ୍ବର 2023 ମଧ୍ୟରେ କରାଯାଇଥିବା ବର୍ତ୍ତମାନର କାର୍ଯ୍ୟ ସମ୍ପାଦନା ସମୀକ୍ଷାରେ ଓଏମ୍‌ସିର ମାର୍ଚ୍ଚ 2023 ସୁଦ୍ଧା ଶେଷ ପାଞ୍ଚବର୍ଷର କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ କରାଯାଇଥିଲା । ଓଏମ୍‌ସିର କାର୍ଯ୍ୟକଳାପର ସମୀକ୍ଷା ଏହାର ମୁଖ୍ୟ କାର୍ଯ୍ୟାଳୟରେ ନଥିପତ୍ରର ନମୁନା ଯାଞ୍ଚ ଏବଂ ଅନିୟମିତ ନମୁନା କୌଶଳ ଆଧାରରେ ମନୋନୀତ କରାଯାଇଥିବା 18ଟି କାର୍ଯ୍ୟକାରୀ ଖଣି ମଧ୍ୟରୁ 12ଟି[21]ର, 18ଟି ଅଣକାର୍ଯ୍ୟକାରୀ ଖଣି ମଧ୍ୟରୁ 07ଟି[22]ର ଏବଂ ଓଏମ୍‌ସିର ଏକ ଷ୍ଟକ୍‌ୟାଡ୍[23]ର ନଥିପତ୍ରର ନମୁନା ଯାଞ୍ଚ କରାଯାଇଥିଲା ।

## 2.4 ସମୀକ୍ଷାର ଉଦ୍ଦେଶ୍ୟ

କାର୍ଯ୍ୟ ସମ୍ପାଦନା ସମୀକ୍ଷାର ଉଦ୍ଦେଶ୍ୟ ଏହା ନିର୍ଦ୍ଧାରିଣ କରିବାର ଥିଲା ଯେ:

- ଖଣିଜ ଉତ୍ତୋଳନ ଯୋଜନା ଫଳପ୍ରଦ ଏବଂ ପ୍ରଭାବଶାଳୀ ଭାବରେ କରାଯାଇଥିଲା;
- ଖଣିଜ ପଥରର ଉତ୍ପାଦନ ଏବଂ ବିକ୍ରୟ ଫଳପ୍ରଦ ଭାବରେ କରାଯିବା ସହ ଦକ୍ଷତା ଏବଂ ମିତବ୍ୟୟିତା ପ୍ରତି ଧ୍ୟାନ ରଖାଯାଇଥିଲା;
- ଆର୍ଥିକ ପରିଚାଳନା ଫଳପ୍ରଦ ଥିଲା; ଏବଂ
- ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରିଣ ନିୟନ୍ତ୍ରଣ ପର୍ଯ୍ୟାପ୍ତ ଏବଂ ଫଳପ୍ରଦ ଥିଲା ।

---

[21] ବାଙ୍ଗୁର, ବାଂଶପାଣି, ଦୈତାରୀ, ଗନ୍ଧମାର୍ଦ୍ଦନ-କ, ଗନ୍ଧମାର୍ଦ୍ଦନ-ଖ, ଗୁଆଲି, ଜିଲିଙ୍ଗ୍ ଲଙ୍ଗଲୋଟା, କୋଡିଙ୍ଗାମାଳି, କୁର୍ମିତାର, ନରଣଗଡ, ସାଉଥ୍ କାଳିଆପାଣି ଏବଂ ସୁକରାଙ୍ଗି

[22] ବେଶ୍ ଅଫ୍ ମହାଗିରି, କାଳିଆପାଣୀ, କଲାରାଙ୍ଗି, କୋଇରା-ଭଞ୍ଜପାଲି, ରୋଇଡା-78, ସାକ୍ରାଡିହି-ଡୁବୁନା ଏବଂ ସେରେଣ୍ଡା-ଭଦ୍ରାସାହି

[23] ପୁରୀରେ ସମଙ୍ଗ

## 2.5 ସମୀକ୍ଷା ମାନଦଣ୍ଡ ଏବଂ କାର୍ଯ୍ୟପଦ୍ଧତି

ସମୀକ୍ଷାର ଉଦ୍ଦେଶ୍ୟକୁ ହାସଲ କରିବା ନିମନ୍ତେ ଗୃହୀତ ସମୀକ୍ଷା ମାନଦଣ୍ଡଗୁଡିକ ନିମ୍ନଲିଖିତ ଉତ୍ସ ଆଧାରରୁ ଆସିଥିଲା:

- ଖଣି ଓ ଖଣିଜ (ବିକାଶ ଏବଂ ବିନିୟମ) ଅଧିନିୟମ (ଏମ୍‌ଏମ୍‌ଡିଆର୍), 1957ର ନିୟମ, ବିନିୟମ ଏବଂ ସଂଶୋଧନ ସହିତ ଏହାର ପ୍ରାବଧାନଗୁଡିକ;
- ସଂଶୋଧନ ସହିତ ଖଣିଜ ରିହାତି ନିୟମ (ଏସ୍‌ସିଆର୍), 1960 ଏବଂ 2016, ଖଣିଜ ସଂରକ୍ଷଣ ଏବଂ ବିକାଶ ନିୟମ (ଏମ୍‌ସିଡିଆର୍), 1988 ଏବଂ 2017;
- ଓଡିଶା ଖଣିଜ (ଚୋରି, ଚୋରାଚାଲାଣ ଓ ଅବୈଧ ଖଣିଜ ଉତ୍ତୋଳନ ଏବଂ ଦଖଲ ମହଜୁଦ୍, ବ୍ୟବସାୟ ଓ ପରିବହନ ବିନିୟମ) ନିୟମ, 2007 ଏବଂ ଏହାର ସଂଶୋଧନ;
- ଜଙ୍ଗଲ ସଂରକ୍ଷଣ ଅଧିନିୟମ, 1980, ଜଙ୍ଗଲ ସଂରକ୍ଷଣ ନିୟମ, 2003;
- ଜଳ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ଅଧିନିୟମ, 1974, ବାୟୁ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ଅଧିନିୟମ, 1981, ପରିବେଶ ସୁରକ୍ଷା ଅଧିନିୟମ ଓ ନିୟମ, 1986;
- ଜାତିସଂଘ ଦ୍ୱାରା ସଂକଳ୍ପ କରାଯାଇଥିବା ସ୍ଥାୟୀ ଉନ୍ନୟନ ଲକ୍ଷ୍ୟ (ଏସ୍‌ଡିଜି), ସ୍ଥାୟୀ ଉନ୍ନୟନ ଢାଞ୍ଚା ଏବଂ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଦ୍ୱାରା ଖଣିର ତାରକା ମୂଲ୍ୟାୟନ ସମ୍ପର୍କିତ ବିଜ୍ଞପ୍ତି; ଏବଂ
- ପ୍ରାଚୀନ ସ୍ମାରକୀ ଏବଂ ପ୍ରତ୍ନତାତ୍ତ୍ୱିକ ସ୍ଥାନ ଏବଂ ଅବଶେଷ ଅଧିନିୟମ, 1958 ।

ସରକାରୀ ସ୍ତରରେ ଜୁନ୍ 2023ରେ ଅନୁଷ୍ଠିତ ପ୍ରବେଶ ସମ୍ମିଳନୀର ଆୟୋଜନ, ମୁଖ୍ୟ କାର୍ଯ୍ୟାଳୟରେ ଏବଂ ଆଞ୍ଚଳିକ କାର୍ଯ୍ୟାଳୟରେ ନଥିପତ୍ରର ଯାଞ୍ଚ, ସମୀକ୍ଷା ପ୍ରଶ୍ନଗୁଡିକୁ ଜାରି କରିବା, ପରିଚାଳନା ଅଧିକାରୀମାନଙ୍କ ସହ ଆଲୋଚନା, ଓଡିଶା ସରକାର/ପରିଚାଳନା ଅଧିକାରୀମାନଙ୍କୁ ଡ୍ରାଫ୍ଟ ସମୀକ୍ଷା ପ୍ରତିବେଦନ ଜାରି କରିବା ଏବଂ 19 ଜୁଲାଇ 2024ରେ ଅନୁଷ୍ଠିତ ପ୍ରସ୍ଥାନ ସମ୍ମିଳନୀରେ ସରକାରଙ୍କ ସହ ସମୀକ୍ଷାର ଫଳାଫଳଗୁଡିକର ଆଲୋଚନାକୁ ସମୀକ୍ଷା ପଦ୍ଧତିରେ ଅନ୍ତର୍ଭୁକ୍ତ କରାଯାଇଥିଲା । ମଇ 2024ରେ ଓଡିଶା ସରକାର ଦେଇଥିବା ଉତ୍ତର ଏବଂ ପ୍ରସ୍ଥାନ ସମ୍ମିଳନୀରେ ଓଡିଶା ସରକାର ରଖିଥିବା ମତାମତଗୁଡିକୁ ନେଇ ଏହି ପ୍ରତିବେଦନ ଚୂଡାନ୍ତ କରାଯାଇଥିଲା । ବିଭିନ୍ନ ସ୍ତରରେ କାର୍ଯ୍ୟଦକ୍ଷତା ସମୀକ୍ଷା ସମ୍ପାଦନ କରିବା ସମୟରେ ଓଏମ୍‌ସି ଦ୍ୱାରା ପ୍ରଦତ୍ତ ସହଯୋଗ ଓ ସହାୟତାକୁ ସମୀକ୍ଷା ସ୍ୱୀକାର କରୁଅଛି ।

## ସମୀକ୍ଷା ଫଳାଫଳଗୁଡିକ

ସମୀକ୍ଷାର ଫଳାଫଳଗୁଡିକ ନିମ୍ନଲିଖିତ ଅନୁଚ୍ଛେଦମାନଙ୍କରେ ଆଲୋଚନା କରାଯାଇଛି ।

### ଆର୍ଥିକ ସ୍ଥିତି ଏବଂ କାର୍ଯ୍ୟ ପରିଚାଳନାର ପରିଣାମ

## 2.6 ଆର୍ଥିକ ସ୍ଥିତି

31 ମାର୍ଚ୍ଚ 2023 ସୁଦ୍ଧା ଗତ ପାଞ୍ଚବର୍ଷର ଓଏମ୍‌ସିର ଆର୍ଥିକ ସ୍ଥିତି ନିମ୍ନରେ ପ୍ରଦାନ କରାଗଲା:

**ସାରଣୀ 2.1: 31 ମାର୍ଚ୍ଚ 2023 ସୁଦ୍ଧା ପାଞ୍ଚବର୍ଷର ଆର୍ଥିକ ସ୍ଥିତି**

*(ଟଙ୍କା କୋଟିରେ)*

| ସବିଶେଷ ବିବରଣୀ | 2018-19 | 2019-20 | 2020-21 | 2021-22 | 2022-23 |
|---|---|---|---|---|---|
| ଅଂଶଧନ ଏବଂ ଦାୟିତ୍ୱ | | | | | |
| ଅଂଶଧନ | 31.45 | 31.45 | 31.45 | 31.45 | 31.63 |
| ଆରକ୍ଷଣ ପାଣ୍ଠି ଓ ବଳକା | 5,608.40 | 5,978.79 | 6,363.50 | 8,794.31 | 12,259.16 |
| ଅଣଚଳନ୍ତି ଦାୟିତ୍ୱ | 241.40 | 303.55 | 302.35 | 404.94 | 525.60 |
| ଚଳନ୍ତି ଦାୟିତ୍ୱ | 577.97 | 647.54 | 1,253.19 | 3,955.82 | 3,058.04 |

| ସବିଶେଷ ବିବରଣୀ | 2018-19 | 2019-20 | 2020-21 | 2021-22 | 2022-23 |
|---|---|---|---|---|---|
| **ମୋଟ** | **6,459.22** | **6,961.33** | **7,950.49** | **13,186.52** | **15,874.43** |
| | | | **ସମ୍ପତ୍ତି** | | |
| ନିର୍ମାଣାଧିନ ସ୍ଥାୟୀ କାର୍ଯ୍ୟ ସମେତ ନିଟ୍ ସମ୍ପତ୍ତି | 728.31 | 931.94 | 1,143.95 | 1,513.02 | 1,624.51 |
| ଦୀର୍ଘମିୟାଦୀ ଋଣ ଓ ଅଗ୍ରିମ | 402.21 | 500.52 | 278.29 | 95.97 | 4.94 |
| ଅଣଚଳନ୍ତି ନିବେଶ | 417.49 | 497.07 | 341.68 | 374.33 | 371.58 |
| ଅନ୍ୟାନ୍ୟ ଅଣଚଳନ୍ତି ସମ୍ପତ୍ତି | 537.12 | 544.76 | 524.36 | 535.62 | 682.76 |
| ଚଳନ୍ତି ସମ୍ପତ୍ତି | 4,374.09 | 4,487.05 | 5,662.23 | 10,468.77 | 13,190.63 |
| **ମୋଟ** | **6,459.22** | **6,961.34** | **7,950.51** | **12,987.71** | **15,874.42** |
| **ନିଟ୍ ସମ୍ପତ୍ତି** | **5,639.85** | **6,010.25** | **6,394.96** | **8,626.95** | **12,290.79** |

*(ଉତ୍ସ: ଓଏମ୍‌ସି ଲିମିଟେଡ୍‌ର ବାର୍ଷିକ ହିସାବ ଖାତା)*

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ, ମାର୍ଚ୍ଚ 2023 ସୁଦ୍ଧା କମ୍ପାନୀ 31.63 କୋଟି ଟଙ୍କାର ଅଂଶଧନ ପୁଞ୍ଜି ବିପକ୍ଷରେ 12,290.79 କୋଟି ଟଙ୍କାର ନିଟ୍ ସମ୍ପତ୍ତି ସହ ଏହି ପାଞ୍ଚବର୍ଷରେ ଏକ ମଜବୁତ ଆର୍ଥିକ ସ୍ଥିତି ନିର୍ମାଣ କରିଛି । କାର୍ଯ୍ୟ ସମ୍ପାଦନର ଫଳାଫଳର ବିଶ୍ଳେଷଣ ମାଧ୍ୟମରେ ସମ୍ବଳର ଯଥାସମ୍ଭବ ନିୟୋଜନର ସମୀକ୍ଷା କରାଯାଇ ନିମ୍ନରେ ଆଲୋଚନା କରାଗଲା:

### 2.6.1 ସ୍ଥାୟୀ ଜମାର ସମୟ ପୂର୍ବରୁ ଅର୍ଥାୟନ କାରଣରୁ ସୁଧ କ୍ଷତି

ଏକ ବଳକା ନଗଦ ରାଶିଯୁକ୍ତ କମ୍ପାନୀ ହୋଇଥିବାରୁ, 2018-23 ଅବଧି ମଧ୍ୟରେ, ଓଏମ୍‌ସି 1,709 କୋଟି ଟଙ୍କାରୁ 7,507 କୋଟି ଟଙ୍କା ମୂଲ୍ୟର ପାଣ୍ଠିକୁ ଓଡିଶା ସରକାରଙ୍କ ଦ୍ୱାରା ଅଧିସୂଚୀତ ତାଲିକାଭୁକ୍ତ ବ୍ୟାଙ୍କଗୁଡିକରେ ଜମା ରଖିଥିଲା । 2019-20 ବର୍ଷ ପାଇଁ ବ୍ୟାଙ୍କଗୁଡିକର ତାଲିକାଭୁକ୍ତକରଣ ପାଇଁ ଓଡିଶା ସରକାରଙ୍କ ବିଜ୍ଞପ୍ତି (20 ଜୁଲାଇ 2019)ରେ ଉଲ୍ଲେଖ କରାଯାଇଥିଲା ଯେ, ରାଜ୍ୟର ସାର୍ବଜନୀନ ଓ ସ୍ୱୟଂଶାସିତ ଉଦ୍ୟୋଗଗୁଡିକରେ କୌଣସି ତାଲିକାଭୁକ୍ତ ବ୍ୟାଙ୍କଗୁଡିକର ଜମା ରଖିବାରେ କୌଣସି ସର୍ବୋଚ୍ଚ ସୀମା ରହିବା ଉଚିତ ନୁହେଁ ।

କୋଭିଡ୍ ସମୟରେ ନିବେଶର ବିପଦକୁ ହ୍ରାସ କରିବା ଉଦ୍ଦେଶ୍ୟରେ, ଓଏମ୍‌ସି ସମୀକ୍ଷା ସମିତିରେ କୌଣସି ଘରୋଇ ବ୍ୟାଙ୍କରେ ସ୍ଥାୟୀ ଜମା (ଏଫ୍‌ଡି) ନିବେଶ ଉପରେ ତୁରନ୍ତ ପ୍ରଭାବ ସହିତ ସର୍ବୋଚ୍ଚ ସୀମା 300 କୋଟି ଟଙ୍କା ଲାଗୁ କରିବା ଲାଗି ନିଷ୍ପତ୍ତି (ଅପ୍ରେଲ 2020)ନେଇଥିଲା । ସେହି ଅନୁଯାୟୀ, ଓଏମ୍‌ସି, ଓଡିଶା ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସରଣ ନକରି ଏକ ଘରୋଇ ବ୍ୟାଙ୍କ[24]ରୁ 581 କୋଟି ଟଙ୍କାର ଏଫ୍‌ଡିରୁ 310 କୋଟି ଟଙ୍କାର ଏଫ୍‌ଡିଗୁଡିକୁ ଅର୍ଥାୟନ (ଅପ୍ରେଲ 2020) କରିଥିଲା, ଯେତେବେଳେ କି ଅନ୍ୟ ଏକ ଘରୋଇ ବ୍ୟାଙ୍କ[25]ରେ 545 କୋଟି ଟଙ୍କାର ଏଫ୍‌ଡି ରଖାଯାଇଥିଲା । ଏହା ସ୍ପଷ୍ଟ ଭାବରେ ସୂଚଉଅଛି ଯେ, କେବଳ ଗୋଟିଏ ବ୍ୟାଙ୍କ ପାଇଁ 300 କୋଟି ଟଙ୍କାର ସୀମା ଚୟନମୂଳକ ଭାବେ ଲାଗୁ କରାଯାଇଥିଲା, ଯାହାର କି କୌଣସି ସ୍ପଷ୍ଟ କାରଣ ରେକର୍ଡରେ ନଥିଲା । ପୁନଶ୍ଚ, ଉକ୍ତ 310 କୋଟି ଟଙ୍କା ନଗଦକୁ 5.50 ପ୍ରତିଶତର କମ୍ ସୁଧ ହାରରେ (ଅନ୍ୟ ବେସରକାରୀ ବ୍ୟାଙ୍କମାନଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା 6.45ରୁ 6.50 ପ୍ରତିଶତ ତୁଳନାରେ) ଜାତୀୟକରଣ ହୋଇଥିବା ବ୍ୟାଙ୍କରେ ପୁନଃ ନିବେଶ କରାଯାଇଥିଲା । ଏହି ମନମୁଖୀ କାର୍ଯ୍ୟ ଦ୍ୱାରା ସୁଧ ବାବଦରେ 4.76 କୋଟି ଟଙ୍କାର କ୍ଷତି ହୋଇଥିଲା ।

ସରକାର କହିଲେ (ମଇ 2024) ଯେ, ଅର୍ଥାୟନ କୋଭିଡ୍ ସମୟ ପାଇଁ କରାଯାଇଥିଲା । ଉତ୍ତରଟି ଗ୍ରହଣୀୟ ନଥିଲା, କାରଣ ଉକ୍ତ ରାଶିକୁ କୌଣସି କୋଭିଡ୍ ମହାମାରୀ ସମ୍ପର୍କିତ କାର୍ଯ୍ୟରେ ବ୍ୟବହାର କରାଯାଇନଥିଲା ବରଂ ତିନିଦିନ ମଧ୍ୟରେ ଅନ୍ୟ ଏକ ବ୍ୟାଙ୍କର ସ୍ଥାୟୀ ଜମାରେ ପୁନଃ ନିବେଶ କରାଯାଇଥିଲା ।

24 ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ

25 ଏଚ୍‌ଡିଏଫ୍‌ସି ବ୍ୟାଙ୍କ

### 2.6.2 ଟିକସ ଦାୟିତ୍ୱର ଅନୁଚିତ ହିସାବ ହେତୁ ପରିହାର୍ଯ୍ୟ ସୁଧ ପ୍ରଦାନ

ଆୟକର ଅଧିନିୟମ, 1961, ଧାରା 234 (ବି) ସହ ଏହାର ଅନ୍ୟାନ୍ୟ ବ୍ୟବସ୍ଥା ଅନୁଯାୟୀ, ଯେକୌଣସି ଆର୍ଥିକ ବର୍ଷରେ ଯଦି କୌଣସି କରଦାତା ଧାରା 208 ଅନୁଯାୟୀ ଅଗ୍ରୀମ ଟିକସ ଦେବାରେ ବିଫଳ ହୋଇଛନ୍ତି କିମ୍ବା ଧାରା 210 ଅନୁଯାୟୀ କରଦାତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅଗ୍ରୀମ କର ମୂଲ୍ୟାଙ୍କିତ କରର 90 ପ୍ରତିଶତରୁ କମ୍ ଥିବ ତେବେ କରଦାତା ପ୍ରତି ମାସ ପାଇଁ କିମ୍ବା ମାସର କିଛି ଅଂଶ ପାଇଁ ଏକ ପ୍ରତିଶତ ହାରରେ ସରଳ ସୁଧ ଦେବାକୁ ବାଧ ହେବେ। ପୁନଶ୍ଚ, ଧାରା 234 (ସି) ମଧରେ ବ୍ୟବସ୍ଥା ଅଛି ଯେ, ନିର୍ଦ୍ଦିଷ୍ଟ ସମୟ ଅବଧିରେ ଅଗ୍ରୀମ ଟିକସ କିସ୍ତି ପରିଶୋଧରେ ଖିଲାପ କଲେ ସୁଧ ଦେବାକୁ ପଡିବ। ତେଣୁ, ଏହି ନିୟମଗୁଡିକ ସୁଧ ପରିଶୋଧକୁ ଏଡାଇବା ପାଇଁ ଓ ଆବଶ୍ୟକ ଅନୁଯାୟୀ ଅଗ୍ରୀମ ଟିକସ ଦେବା ସୁନିଶ୍ଚିତ କରିବା ପାଇଁ କରଯୋଗ୍ୟ ଆୟର ଏକ ସଠିକ ଆକଳନ ଦରକାର କରିଥାଏ।

ତ୍ରୈମାସିକ ଅଗ୍ରୀମ ଆୟକର ଦେୟ ହିସାବ କରିବା ପାଇଁ, ଓଏମ୍‌ସି ବିକ୍ରୟ ରାଜସ୍ୱର ଏକ ଆକଳନ କରିଥାଏ। ଏହି ପରିପ୍ରେକ୍ଷୀରେ ସମୀକ୍ଷାରୁ ଦେଖାଗଲା ଯେ, 2020-22 ବର୍ଷ ପାଇଁ ବିକ୍ରୟ ରାଜସ୍ୱ ପ୍ରତ୍ୟେକ ବର୍ଷର ପ୍ରଥମ ତ୍ରୈମାସିକର ଦୁଇମାସର ଅବଧି ମଧରେ ହୋଇଥିବା ପ୍ରକୃତ ରାଜସ୍ୱ ଉପରେ ଏବଂ ଆର୍ଥିକ ବର୍ଷର ଅବଶିଷ୍ଟ ଅବଧି ପାଇଁ ପୂର୍ବାନୁମାନ କରି ଆକଳନ କରାଯାଇଥିଲା। ତଥାପି, 2020-22 ଅବଧି ପାଇଁ ବିକ୍ରୟ ରାଜସ୍ୱ ଆକଳନ କରିବା ସମୟରେ, 2020-21 ବର୍ଷ ପାଇଁ ବଜେଟ୍ ହୋଇଥିବା ବିକ୍ରୟକୁ ବିଚାରକୁ ନିଆଯାଇ ନଥିଲା, ଯେତେବେଳେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରେ ଅବଦାନ ସହିତ ଜଡିତ ଅଗ୍ରାହ୍ୟ ଖର୍ଚ୍ଚ (ଆୟକର ଆଇନର ଧାରା 37(1) ଅନୁଯାୟୀ) ଅନ୍ତର୍ଭୁକ୍ତ କରାଯାଇଥିଲା। ବଜେଟ୍ ହୋଇଥିବା ବିକ୍ରୟ ସଂଖ୍ୟାକୁ ବିଚାର ନକରିବା ସହିତ ଅଗ୍ରାହ୍ୟ ଖର୍ଚ୍ଚକୁ ଆକଳନ ଖର୍ଚ୍ଚ ଭାବରେ ବିବେଚନା କରିବା ଯୋଗୁ 2020-22 ବର୍ଷ ପାଇଁ ଲାଭକୁ କମ୍ ଆକଳନ କରିଥିଲା। ଏହାଫଳରେ, 2020-21 ଏବଂ 2021-22 ଆର୍ଥିକ ବର୍ଷ ପାଇଁ ଅଗ୍ରୀମ ଆୟକର ଦାୟିତ୍ୱକୁ କମ୍ ଆକଳନ କରାଯାଇଥିଲା ଏବଂ ଅଗ୍ରୀମ ଆୟକରର କମ୍ ପ୍ରଦାନ ହୋଇଥିଲା। ଅଗ୍ରୀମ ଆୟକର ଦେୟରେ କମ୍ ପ୍ରଦାନ ଯୋଗୁ ଉପରୋକ୍ତ ଅବଧି ପାଇଁ ଆୟକର ଆଇନର ଧାରା 234(ବି) ଏବଂ (ସି) ଅନୁଯାୟୀ 20.55 କୋଟି ଟଙ୍କା (2020-21 ପାଇଁ 19.28 କୋଟି ଟଙ୍କା ଏବଂ 2021-22 ପାଇଁ 1.27 କୋଟି ଟଙ୍କା) ସୁଧ ପ୍ରଦାନ କରାଯାଇଥିଲା।

ସରକାର କହିଲେ (ମଇ 2024) ଯେ, ଏହି ତ୍ରୈମାସିକର ଆଶାତୀତ ଆୟ ଏବଂ ଖର୍ଚ୍ଚ ଆଧାରରେ ତ୍ରୈମାସିକ ଆୟକର ଜମା କରାଯାଇଥିଲା। 2020-21 ଏବଂ 2021-22 ମଧରେ ବିକ୍ରୟ ରାଜସ୍ୱରେ ଅପ୍ରତ୍ୟାଶିତ ବୃଦ୍ଧି ଯୋଗୁ ଅଗ୍ରୀମ ଟିକସର କମ୍ ଦେୟ ହୋଇଥିଲା, ଯାହାଫଳରେ ସୁଧ ଦେୟ ହୋଇଥିଲା।

ଉତ୍ତରଟି ଗ୍ରହଣୀୟ ନଥିଲା କାରଣ 2020-21 ବର୍ଷରେ ବିକ୍ରୟ ବୃଦ୍ଧି ବଜେଟ୍ ଆକାଳନର ପୂର୍ବରୁ (5,000 କୋଟି ଟଙ୍କା) ଅନୁମାନ କରାଯାଇଥିଲା କିନ୍ତୁ ପ୍ରଦତ୍ତ ଅଗ୍ରୀମ ଆୟକର ଗଣନା କରିବା ସମୟରେ ଏହାକୁ ବିଚାରକୁ ନିଆଯାଇ ନଥିଲା। ଏହାବ୍ୟତୀତ, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରେ ଅବଦାନକୁ ଅନୁମତିଯୋଗ୍ୟ ଖର୍ଚ୍ଚ ଭାବରେ ବିଚାର କରିବା ଦ୍ୱାରା ଲାଭର କମ୍ ଆକଳନ କରାଯାଇଥିଲା ଏବଂ ପରିଣାମ ସ୍ୱରୂପ ସୁଧ ଦେୟ ହୋଇଥିଲା। ତେଣୁ, ସୁଧ ବାବଦରେ 20.55 କୋଟି ଟଙ୍କାର ପ୍ରଦତ୍ତ ପରିହାର୍ଯ୍ୟ ଥିଲା।

## 2.7 କାର୍ଯ୍ୟ ସମ୍ପାଦନର ଫଳାଫଳ

ଓଏମ୍‌ସିର 31 ମାର୍ଚ୍ଚ 2023 ସୁଦ୍ଧା ଶେଷ ପାଞ୍ଚ ବର୍ଷର କାର୍ଯ୍ୟ ସମ୍ପାଦନର ଫଳାଫଳ ନିମ୍ନରେ ଦିଆଗଲା:

**ସାରଣୀ 2.2: ମାର୍ଚ୍ଚ 2023 ଶେଷ ସୁଦ୍ଧା ପାଞ୍ଚବର୍ଷର କାର୍ଯ୍ୟ ସମ୍ପାଦନର ଫଳାଫଳ**

*(ଟଙ୍କା କୋଟିରେ)*

| ସବିଶେଷ ବିବରଣୀ | 2018-19 | 2019-20 | 2020-21 | 2021-22 | 2022-23 |
|---|---|---|---|---|---|
| କାର୍ଯ୍ୟ ସମ୍ପାଦନରୁ ରାଜସ୍ୱ | 4,052.05 | 4,092.95 | 5,587.09 | 1,7035.25 | 14,449.58 |
| ଅନ୍ୟାନ୍ୟ ଆୟ | 435.65 | 287.47 | 282.61 | 295.15 | 1,253.91 |
| **ମୋଟ ଆୟ** | 4,487.70 | 4,380.42 | 5,869.70 | 17,330.40* | 15,703.49 |
| **ମୋଟ ବ୍ୟୟ** | 3,228.10 | 3,243.12 | 3,461.17 | 11,762.41** | 9,617.63 |

| ସବିଶେଷ ବିବରଣୀ | 2018-19 | 2019-20 | 2020-21 | 2021-22 | 2022-23 |
|---|---|---|---|---|---|
| କର ବସାଣ ପୂର୍ବରୁ ଲାଭ | 1,259.60 | 1,137.30 | 2,408.53 | 3,901.23 | 6,085.86 |
| ମୋଟ କର | 469.71 | 408.58 | 822.26 | 1,160.52 | 1,351.82 |
| **କର ବସାଣ ପରେ ଲାଭ** | 789.89 | 728.72 | 1,586.27 | 2,740.71 | 4,734.04 |
| ପୂର୍ବ ବର୍ଷ ତୁଳନାରେ କାର୍ଯ୍ୟ ସମ୍ପାଦନ ଜନିତ ରାଜସ୍ୱର ଶତକଡା ବୃଦ୍ଧି | - | 1.01 | 36.51 | 204.90 | -15.18 |
| ପୂର୍ବ ବର୍ଷ ତୁଳନାରେ କାର୍ଯ୍ୟ ସମ୍ପାଦନ ଜନିତ ଖର୍ଚ୍ଚରେ ଶତକଡା ବୃଦ୍ଧି | - | 0.47 | 6.72 | 239.84 | -18.23 |

*(ଉତ୍ସ: ଓଏମ୍‌ସି ଲିମିଟେଡ୍‌ର ବାର୍ଷିକ ହିସାବ)*

* ଚରୋଟି ଖଣି (ଗୁଆଳି, ଜିଲିଙ୍ଗ-ଲାଙ୍ଗଲୋଟା, ଖାଣ୍ଡବନ୍ଧ ଏବଂ ବାଂଶପାଣି)ରେ ପୂର୍ଣ୍ଣକ୍ଷମତା ସହ ଉତ୍ପାଦନ ଆରମ୍ଭ ହେବା ଯୋଗୁ ରାଜସ୍ୱ ଏବଂ ଖର୍ଚ୍ଚରେ ହଠାତ୍ ବୃଦ୍ଧି ହୋଇଥିଲା।

** ବୈଧାନିକ ପରିମାଣଠାରୁ ଅଧିକ କ୍ରୋମ୍ ପଥରର ଉତ୍ପାଦନ ପାଇଁ 1,666.76 କୋଟି ଟଙ୍କାର କ୍ଷତିପୂରଣକୁ ବାଦ ଦେବା ପରେ ମୋଟ ଖର୍ଚ୍ଚକୁ ଗଣନା କରାଯାଇଛି।

ଉପରୋକ୍ତ ଅନୁଧ୍ୟାନରୁ ଜଣାଯାଏ ଯେ, 2020-21 ପର୍ଯ୍ୟନ୍ତ ଖର୍ଚ୍ଚର ଶତକଡା ବୃଦ୍ଧି କାର୍ଯ୍ୟ ସମ୍ପାଦନରୁ ରାଜସ୍ୱ ବୃଦ୍ଧି ତୁଳନାରେ କମ୍ ଥିଲା। ତଥାପି, ଏହି ଧାରା 2021-22 ପରଠାରୁ ବଦଳିଯାଇଥିଲା, ଯେଉଁଥିପାଇଁ ଯଥାସମ୍ଭବ ବ୍ୟୟକୁ ନିୟନ୍ତ୍ରଣ ରଖିବା ପାଇଁ ପରିଚାଳକଙ୍କ ଦ୍ୱାରା ଅଟକଳ ନିୟନ୍ତ୍ରଣ, ଦୀର୍ଘମିୟାଦୀ ଯୋଜନା ଓ ଆଭ୍ୟନ୍ତରୀଣ ବ୍ୟାପାରର ନିୟନ୍ତ୍ରଣରେ ଉନ୍ନତି ଆଣିବାରେ ଧ୍ୟାନ ଆବଶ୍ୟକ କରୁଅଛି ଯାହାକି ଅନୁଚ୍ଛେଦ 2.9.1, 2.12.1, 2.14 ଏବଂ 2.15.2ରେ ଆଲୋଚନା କରାଗଲା। 2022-23ରେ ରାଜସ୍ୱରେ 15 ପ୍ରତିଶତ ହ୍ରାସ ପାଇଥିଲା କିନ୍ତୁ, 2022-23ର ବାର୍ଷିକ ବିବରଣୀରୁ ଏହା ଦେଖାଯାଇଥିଲା ଯେ, 2021-22ର ପରିମାଣ ଦୃଷ୍ଟିରୁ ବିକ୍ରିରେ 27.741ରୁ 28.682 ନିୟୁତ ଏମ୍‌ଟି (3.39 ପ୍ରତିଶତ) ବୃଦ୍ଧି ଘଟିଛି। 2021-22 ତୁଳନାରେ ବିକ୍ରି ମୂଲ୍ୟର ହ୍ରାସ ଯୋଗୁ ରାଜସ୍ୱ ପ୍ରାପ୍ତିରେ ହ୍ରାସ ପାଇଥିଲା।

**ସୁପାରିଶ:**

**1. ଆୟକର ଦେୟଗୁଡିକର ସଠିକ୍ ଗଣନା ଏବଂ ସୁଧର ପରିହାର୍ଯ୍ୟଯୋଗ୍ୟ ଦେୟକୁ ଏଡାଇବା ପାଇଁ ଓଏମ୍‌ସି ଉପଯୁକ୍ତ ପଦକ୍ଷେପ ନେବା ଦରକାର;**

## 2.8 ଓଏମ୍‌ସି ଦ୍ୱାରା ଖଣି ଲିଜ୍‌ଗୁଡିକର ପରିଚାଳନା

ଖଣି ଓ ଖଣିଜ (ବିକାଶ ଏବଂ ବିନିୟମ) (ଏମ୍‌ଏମ୍‌ଡିଆର୍) ଅଧିନିୟମ, 1957, ଖଣିଜ ରିହାତି ନିୟମ (ଏମ୍‌ସିଆର୍), 1960 ଏବଂ ଖଣିଜ ସଂରକ୍ଷଣ ଏବଂ ବିକାଶ ନିୟମ (ଏମ୍‌ସିଡିଆର୍), 2017 ଅନୁଯାୟୀ ଆବେଦନକାରୀ ମାନଙ୍କୁ ଖଣି ଲିଜ୍ ପ୍ରଦାନ କରାଯାଇଥାଏ। ପ୍ରଚଳିତ ନିୟମ ଓ ଅଧିନିୟମ ଅନୁଯାୟୀ ଓଡିଶା ସରକାରଙ୍କ ଦ୍ୱାରା ଖଣି ପଟ୍ଟା 70 ବର୍ଷରୁ ଅଧିକ ସମୟ ପାଇଁ ଦିଆଯାଉନଥିଲା ଏବଂ ଏଥିପାଇଁ ପଟ୍ଟା ଦଲିଲ୍ ରାଜ୍ୟ ସରକାରଙ୍କ ସହିତ ନିଷ୍ପାଦନ କରାଯାଉଥିଲା। ଭାରତୀୟ ଖଣି ବ୍ୟୁରୋ (ଆଇବିଏମ୍) ଦ୍ୱାରା ଅନୁମୋଦିତ ଖଣି ଯୋଜନା ଅନୁଯାୟୀ ଖଣି କାର୍ଯ୍ୟ କରାଯାଉଥିଲା। ଏହାଛଡା, ଜଙ୍ଗଲ ସଂରକ୍ଷଣ ଅଧିନିୟମ, 1980, ପରିବେଶ ସୁରକ୍ଷା ଅଧିନିୟମ, 1986 ଏବଂ ଜଳ (ପ୍ରଦୂଷଣର ନିରାକରଣ ଏବଂ ନିୟନ୍ତ୍ରଣ) ଅଧିନିୟମ, 1974 ଏବଂ ବାୟୁ (ପ୍ରଦୂଷଣର ନିରାକରଣ ଏବଂ ନିୟନ୍ତ୍ରଣ) ଅଧିନିୟମ, 1981 ଅନୁଯାୟୀ ଗଠିତ ନିୟମ ଓ ଅଧିନିୟମଗୁଡିକର ପାଳନକୁ ରାଜ୍ୟ ସରକାରଙ୍କ ଦ୍ୱାରା ନିଶ୍ଚିତ କରାଯିବାର ଥିଲା। ପୁନଶ୍ଚ, ଏମ୍‌ସିଆର୍, 1960ର ନିୟମ 28(1) ଏବଂ (2) ଅନୁଯାୟୀ ପଟ୍ଟାଧାରୀ ପଟ୍ଟା ଦଲିଲ୍ ନିଷ୍ପାଦନ ହେବାର ଦୁଇ ବର୍ଷ ମଧ୍ୟରେ ଖଣି କାର୍ଯ୍ୟ ଆରମ୍ଭ କରିବା କଥା। ଖଣିକାର୍ଯ୍ୟ ଆରମ୍ଭ କରିବା ପାଇଁ ଦୁଇ ବର୍ଷରୁ ଅଧିକ ସମୟ ବିଳମ୍ବ ହେଲେ କିମ୍ବା ଖଣି କାର୍ଯ୍ୟ ବନ୍ଦ ରହିଲେ ରାଜ୍ୟ ସରକାର ଲିଜ୍ ବାତିଲ କରିପାରିବେ। ତଥାପି, ଯଦି ରାଜ୍ୟ ସରକାର ସନ୍ତୁଷ୍ଟ ହେଲେ ଯେ ଖଣି କାର୍ଯ୍ୟ ଆରମ୍ଭ ନକରିପାରିବାର କାରଣ ପଟ୍ଟାଧାରୀଙ୍କ ନିୟନ୍ତ୍ରଣରେ ନଥିଲା ତେବେ ସେ ଖଣି ପଟ୍ଟାକୁ ପୁନଶ୍ଚ ସମ୍ପ୍ରସାରଣ କରିପାରନ୍ତି।

ମାର୍ଚ୍ଚ 2023 ସୁଦ୍ଧା ଓଏମ୍‌ସିକୁ 36ଟି ଖଣିର ଲିଜ୍ ପ୍ରଦାନ କରାଯାଇଥିଲା ଯେଉଁଥିରୁ 18ଟି କାର୍ଯ୍ୟକ୍ଷମ ଥିଲା ଓ 18ଟି ଅଚଳ ଥିଲା ଯାହାର ସ୍ଥିତି ନିମ୍ନରେ ଦିଆଗଲା:

**ସାରଣୀ 2.3: ଖଣି ପଟ୍ଟାର ସ୍ଥିତି**

| ଖଣିଜ ପଥର ସ୍ୱଭାବ | କାର୍ଯ୍ୟକ୍ଷମ ଖଣି ସଂଖ୍ୟା | ଅଚଳ ଖଣି ସଂଖ୍ୟା | | | | ମୋଟ ଅଚଳ ଖଣି | ମୋଟ ଖଣି |
|---|---|---|---|---|---|---|---|
| | | ପ୍ରାରମ୍ଭରୁ | ଅଚଳ ହେବାର କେତେ ବର୍ଷ | | | | |
| | | | 6-15 ବର୍ଷ | 16-25 ବର୍ଷ | 26-35 ବର୍ଷ | | |
| କ୍ରୋମାଇଟ୍ | 3 | 2 | 1 | 2 | 1 | 6 | 9 |
| ଲୁହା | 9 | 0 | 1 | 2 | 1 | 4 | 13 |
| ଲୁହା ଓ ମାଙ୍ଗାନିଜ୍ | 2 | 0 | 1 | 2 | 0 | 3 | 5 |
| ମାଙ୍ଗାନିଜ୍ | 0 | 2 | 0 | 1 | 0 | 3 | 3 |
| ଚୁନପଥର | 0 | 0 | 1 | 0 | 0 | 1 | 1 |
| ରତ୍ନ ପଥର | 0 | 1 | 0 | 0 | 0 | 1 | 1 |
| ବକ୍ସାଇଟ୍ | 1 | 0 | 0 | 0 | 0 | 0 | 1 |
| ଖୋଣ୍ଡାଲାଇଟ୍ | 3 | 0 | 0 | 0 | 0 | 0 | 3 |
| ଅନ୍ୟାନ୍ୟ, ଯଦି ଥାଏ | 0 | 0 | 0 | 0 | 0 | 0 | 0 |
| ମୋଟ | **18** | **5** | **4** | **7** | **2** | **18** | **36** |

*(ଉତ୍ସ: ଓଡିଶା ଖଣି ନିଗମ ଲିମିଟେଡ୍ ଦ୍ୱାରା ପ୍ରଦତ୍ତ ସୂଚନା)*

ସାରଣୀ 2.3ରୁ ଦେଖାଗଲା ଯେ, 31 ମାର୍ଚ୍ଚ 2023 ସୁଦ୍ଧା 50 ପ୍ରତିଶତ ଖଣି (36ଟିରୁ 18ଟି) ଏବେବି କାର୍ଯ୍ୟକ୍ଷମ ହୋଇପାରିନାହିଁ। ଜଙ୍ଗଲ ମଞ୍ଜୁରୀ ଏବଂ ପରିବେଶ ମଞ୍ଜୁରୀ ଇତ୍ୟାଦି ବୈଧାନିକ ମଞ୍ଜୁରୀ ପ୍ରାପ୍ତ ନକରିପାରିବା ଯୋଗୁଁ ଏହି ଖଣିଗୁଡିକ ଅଚଳ ଥିଲା। ସମୀକ୍ଷା ସମୟରେ 18ଟି ଅଚଳ ଖଣି ସମ୍ପର୍କରେ ନିମ୍ନଲିଖିତଗୁଡିକ ପରିଲକ୍ଷିତ ହୋଇଥିଲା।

### 2.8.1 ଅଣକାର୍ଯ୍ୟକ୍ଷମ ଖଣି ଲିଜ୍

ଜଙ୍ଗଲ ସଂରକ୍ଷଣ ଅଧିନିୟମ, 1980ର ଧାରା 2 ଏବଂ 6 ଅନୁଯାୟୀ, ଜଙ୍ଗଲ ଜମିକୁ ଅଣଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ ହେଲେ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଏମ୍‌ଓଇଏଫ୍‌ଆଣ୍ଡ୍‌ସିସି)ରୁ ଜଙ୍ଗଲ ଅନୁମତି (ଏଫ୍‌ସି) ପ୍ରାପ୍ତ କରିବା ବାଧ୍ୟତାମୂଳକ ଥିଲା। କୌଣସି ଖଣି ଲିଜ୍‌ର ଜଙ୍ଗଲ ଅନୁମତି ପାଇଁ, ଜଙ୍ଗଲ ଜମି ପରିବର୍ତ୍ତନ ପ୍ରସ୍ତାବ (ଏଫ୍‌ଡିପି), ରାଜ୍ୟର ବନ ବିଭାଗ ମାଧ୍ୟମରେ ପ୍ରକଳ୍ପ ପ୍ରସ୍ତାବକଙ୍କ (ଓଏମ୍‌ସି) ଦ୍ୱାରା ଏମ୍‌ଓଇଏଫ୍‌ଆଣ୍ଡ୍‌ସିସିକୁ ଉପସ୍ଥାପନ କରିବାର ଥିଲା।

- 18ଟି ଅଚଳ ଲିଜ୍ ମଧ୍ୟରୁ ଜଙ୍ଗଲ ଜମି ଅନ୍ତର୍ଭୁକ୍ତ ଥିବା ସାତୋଟି ଲିଜ୍[26]କୁ ନମୁନା ସଂଗ୍ରହ ମାଧ୍ୟମରେ ସମୀକ୍ଷା ପାଇଁ ଚୟନ କରାଯାଇଥିଲା। ସମସ୍ତ ସାତୋଟି ଯାକ ଲିଜ୍ ପାଇଁ ଓଏମ୍‌ସି ବିଳମ୍ବରେ ଏଫ୍‌ଡିପି ଉପସ୍ଥାପନ କରିଥିଲା। ଏହି ସାତୋଟି ମଧ୍ୟରୁ ଚାରୋଟି ଖଣିରେ, ଯେଉଁଠାରେ କି ଲିଜ୍‌ଡିଡ୍‌ଗୁଡିକ ଜଙ୍ଗଲ ସଂରକ୍ଷଣ ଅଧିନିୟମ, 1980 ଆରମ୍ଭ ହେବା ପୂର୍ବରୁ ସମ୍ପାଦିତ ହୋଇଥିଲା କିନ୍ତୁ ଓଏମ୍‌ସି 180ରୁ 446 ମାସ (15ରୁ 37 ବର୍ଷ)[27] ବିଳମ୍ବରେ ଏଫ୍‌ଡିପି ଦାଖଲ କରିଥିଲା। ବାକି ତିନୋଟି ଖଣିରେ, ଲିଜ୍‌ଡିଡ୍ କାର୍ଯ୍ୟକାରୀ ହେବାର ତାରିଖରୁ 233 ମାସରୁ 366 ମାସ ପର୍ଯ୍ୟନ୍ତ ବିଳମ୍ବରେ ଏଫ୍‌ଡିପି ଦାଖଲ ହୋଇଥିଲା। ବିଳମ୍ବ ମୁଖ୍ୟତଃ ଆବଶ୍ୟକୀୟ ଔପଚାରିକତା ପାଳନ ନକରିବା ଯଥା: ଜଙ୍ଗଲ ଜମିର ମିଳିତ ଯାଞ୍ଚର ଚୂଡାନ୍ତକରଣ, ଜମି ବ୍ୟବହାରର ଯୋଜନା ଚୂଡାନ୍ତ କରିବାରେ ବିଳମ୍ବ, ଗଚ୍ଛିତ ଖଣିଜର ମୂଲ୍ୟାଙ୍କନ ଏବଂ ଜଙ୍ଗଲ ବିଭାଗର ନିର୍ଦ୍ଦେଶନାମା ପାଳନ କରିବାରେ ବିଳମ୍ବ ଇତ୍ୟାଦି। ତେଣୁ, ଓଏମ୍‌ସି ଦ୍ୱାରା ଜଙ୍ଗଲ ମଞ୍ଜୁରୀ ପ୍ରାପ୍ତ ନକରିବାରୁ ଏହି ସମସ୍ତ ସାତୋଟି ଖଣି କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ।

---

26 କାଳିଆପାଣି, କଲରାଙ୍ଗି, କୋଇରା-ଭଞ୍ଜପାଲି, ରୋଇଡା-78, ସାକ୍ରାଡିହି-ଡୁବୁନା ଏବଂ ସେରେଣ୍ଡା-ଭଦ୍ରାସାହି

27 ଯେବେଠାରୁ ଜଙ୍ଗଲ ସଂରକ୍ଷଣ ଅଧିନିୟମ କାର୍ଯ୍ୟକାରୀ ହୋଇଥିଲା ଅର୍ଥାତ ଅକ୍ଟୋବର 1980 ଠାରୁ

ଏମ୍‌ଏମ୍‌ଡିଆର୍ ଅଧିନିୟମ, 1957ର ଧାରା 9କ ଅନୁଯାୟୀ ଜଣେ ଲିଜ୍‌ଧାରୀଙ୍କୁ କାର୍ଯ୍ୟକ୍ଷମ ଖଣି ବାବଦରେ ରୟାଲଟି ଓ ଭୂପୃଷ୍ଠ ଖଜଣା ଏବଂ ଅଚଳ ଖଣିମାନଙ୍କ ପାଇଁ ଡେଡ୍ ରେଣ୍ଟ ଏବଂ ଭୂପୃଷ୍ଠ ଖଜଣା ଦେବାକୁ ପଡିଥାଏ।

- 2018-23 ମଧ୍ୟରେ ଓଏମ୍‌ସି 18ଟି ଅଚଳ ଖଣି ଉପରେ ଡେଡ୍ ରେଣ୍ଟ ଓ ଭୂପୃଷ୍ଠ ଖଜଣା ବାବଦରେ 9.09 କୋଟି ଟଙ୍କା ବ୍ୟୟ କରିଥିଲା। ପୁନଶ୍ଚ, 2018-23 ମଧ୍ୟରେ ସେହି ଖଣିଗୁଡିକର ଜଗାରଖା ଓ ମାନବ ସମ୍ବଳର ବିନିଯୋଗ ବାବଦରେ 154.27 କୋଟି ଟଙ୍କା ଖର୍ଚ୍ଚ କରିଥିଲା। ଯେଉଁଥିରେ କି ସମୀକ୍ଷା ନିମିତ୍ତ ଚୟନ କରାଯାଇଥିବା ସାତୋଟି ଅଚଳ ଖଣିର ଡେଡ୍ ରେଣ୍ଟ ଏବଂ ଭୂପୃଷ୍ଠ ଖଜଣା ବାବଦକୁ 3.97 କୋଟି ଟଙ୍କା ଏବଂ ଜଗାରଖା ଓ ମାନବ ସମ୍ବଳର ନିୟୋଜନ ବାବଦକୁ 50.50 କୋଟି ଟଙ୍କା ଅନ୍ତର୍ଭୁକ୍ତ ଥିଲା। ତେଣୁ, ଏହି ଖଣିଗୁଡିକରେ ନିଷ୍ଫଳ ବ୍ୟୟଗୁଡିକୁ ଏଡାଇବା ପାଇଁ ଓଏମ୍‌ସିକୁ ଏହି ଖଣିଗୁଡିକୁ କାର୍ଯ୍ୟକ୍ଷମ କରାଇବାକୁ ଯଥାସମ୍ଭବ ଚେଷ୍ଟା କରିବା ଉଚିତ ଅଥବା ସେଗୁଡିକୁ ହସ୍ତାନ୍ତର କରିବାର ବ୍ୟବସ୍ଥା କରିବା ଉଚିତ। ଏହି ପରିପ୍ରେକ୍ଷୀରେ, ଏମ୍‌ସିଆର୍ ନିୟମ, 1960ର ନିୟମ 29(1) ଅନୁଯାୟୀ ଯଦି କୌଣସି ଲିଜ୍‌ର ସମ୍ପୂର୍ଣ୍ଣ କିମ୍ବା କୌଣସି ଆଶିଂକ ଅଞ୍ଚଳରେ, ସଠିକ ଭାବେ ସର୍ବେକ୍ଷଣ କରିବା ପରେ ଯଦି ଖଣିଜ ସମ୍ପଦର ପ୍ରମାଣିତ ହୋଇନପାରେ, ତେବେ ଉକ୍ତ ଲିଜ୍ ଜମିକୁ ଓଡିଶା ସରକାରଙ୍କୁ ପ୍ରତ୍ୟାର୍ପଣ କରାଯାଇପାରିବ। ତଥାପି, ଓଏମ୍‌ସି ଖଣିଗୁଡିକୁ କାର୍ଯ୍ୟକାରୀ ବା ହସ୍ତାନ୍ତର କରିବାରେ ବିଫଳ ହେବା ଯୋଗୁ 2018-23 ମଧ୍ୟରେ ଭୂପୃଷ୍ଠ ଖଜଣା, ଡେଡ୍ ରେଣ୍ଟ ଓ ଜଗାରଖା ବାବଦରେ 163.36 କୋଟି ଟଙ୍କା ନିଷ୍ଫଳ ବ୍ୟୟ କରିଥିଲା। ଏଠାରେ ଉଲ୍ଲେଖ କରିବା ପ୍ରଯୁଜ୍ୟ ଯେ, 2017 ବର୍ଷର ସମୀକ୍ଷା ପ୍ରତିବେଦନ ସଂଖ୍ୟା 5ରେ ଏହି ଅଚଳ ଖଣିଗୁଡିକ ବିଷୟରେ ଆଲୋକପାତ କରାଯାଇଥିଲା ଯେଉଁଥିରେ କି 2012-17 ଅବଧି ମଧ୍ୟରେ ଡେଡ୍ ରେଣ୍ଟ ଏବଂ ଜଗାରଖା ବାବଦକୁ 57.26 କୋଟି ଟଙ୍କା ବ୍ୟୟ କରିଥିଲା। ଏହିପରି ସମୀକ୍ଷା ମାଧ୍ୟମରେ ସୂଚିତ କରାଯିବା ସତ୍ତ୍ୱେ, ଓଏମ୍‌ସି କୌଣସି ପଦକ୍ଷେପ ନେବାରେ ବିଫଳ ହୋଇଥିଲା ଏବଂ 2018-23 ମଧ୍ୟରେ 163.36 କୋଟି ଟଙ୍କା ନିଷ୍ଫଳ ବ୍ୟୟ କରିଥିଲା।

ପାଞ୍ଚଟି ନିର୍ଦ୍ଦିଷ୍ଟ ଖଣିଲିଜ୍‌ର ଅବିବେଚନାମୂଳକ ପରିଚାଳନା ବିଷୟରେ ନିମ୍ନରେ ଆଲୋଚନା କରାଗଲା:

#### 2.8.1.1 ଅଣଅନୁମୋଦିତ ଅଞ୍ଚଳରେ ସୁଖୁଆପଡା ଖୋଣ୍ଡାଲାଇଟ୍ ଖଣିର ଅନାବଶ୍ୟକ ଦଖଲ

ପ୍ରାଚୀନ ସ୍ମାରକ ଏବଂ ପ୍ରତ୍ନତାତ୍ତ୍ୱିକ ସ୍ଥଳ ଏବଂ ଅବଶେଷ (ଏଏମ୍‌ଆଣ୍ଡ୍‌ଏଏସ୍‌ଆର୍) ଅଧିନିୟମ, 1958ର ଧାରା 19 ଅନୁଯାୟୀ, କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ କୌଣସି ସଂରକ୍ଷିତ ଅଞ୍ଚଳରେ ଖଣି, ପଥର ଖନନ, ବିସ୍ଫୋରଣ କିମ୍ବା ସମାନ ପ୍ରକାରର କୌଣସି କାର୍ଯ୍ୟ କରାଯିବା ଉଚିତ ନୁହେଁ। ପୁନଶ୍ଚ, ଓଡିଶା ଲଘୁ ଖଣିଜ ରିହାତି (ଓଏମ୍‌ଏମ୍‌ସି) ନିୟମ, 2016ର ନିୟମ 4(3)ରେ ମଧ୍ୟ ରାଜ୍ୟ ସରକାରଙ୍କ ମତରେ ଐତିହାସିକ, ସାଂସ୍କୃତିକ, ପ୍ରତ୍ନତାତ୍ତ୍ୱିକ ଏବଂ ବୈଜ୍ଞାନିକ ଗୁରୁତ୍ୱ ଥିବା ଅଞ୍ଚଳରେ ଖଣି ଲିଜ୍ ନିଷେଧ ଅଟେ।

ଓଡିଶା ସରକାର ଜୁଲାଇ 2021ରେ ଓଏମ୍‌ସିକୁ ଶୁଖୁଆପଡା ଖୋଣ୍ଡାଲାଇଟ୍ ଖଣି ଲିଜ୍ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଓଡିଶା ସରକାରଙ୍କ ସହ ଏକ ଏମ୍‌ଓୟୁ ଓଏମ୍‌ସି ଦ୍ୱାରା ସ୍ୱାକ୍ଷରିତ (ଫେବ୍ରୁଆରୀ 2022) ହୋଇଥିଲା। ଖଣି ଲିଜ୍‌ଗୁଡିକୁ ସୁରକ୍ଷିତ ରଖିବା ପାଇଁ ପ୍ରଚଳିତ ନିୟମଗୁଡିକର ଅନୁପାଳନ କରିବା ପାଇଁ ଓଏମ୍‌ସିକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଉକ୍ତ ଏମ୍‌ଓୟୁରେ ସର୍ତ୍ତ ରଖାଯାଇଥିଲା। ଖଣି କାର୍ଯ୍ୟ ଯାହା ଓଏମ୍‌ସି ଦ୍ୱାରା ଫେବ୍ରୁଆରୀ 2022ରେ ଆରମ୍ଭ ହୋଇଥିଲା, ଓଡିଶା ସରକାରଙ୍କ ଦ୍ୱାରା ମଇ 2023ରେ ବନ୍ଦ କରାଯାଇଥିଲା କାରଣ ଖଣିଟି ଲଳିତଗିରୀ ପ୍ରତ୍ନତାତ୍ତ୍ୱିକ ସ୍ଥାନଠାରୁ 500 ମିଟର ମଧ୍ୟରେ ଥିଲା ଏବଂ ଉକ୍ତ ଅଞ୍ଚଳରେ ଖଣି ଖନନ କାର୍ଯ୍ୟ ପ୍ରାଚୀନ ସ୍ମାରକୀ ଓ ପ୍ରତ୍ନତାତ୍ତ୍ୱିକ ସ୍ଥାନ ଏବଂ ଅବଶିଷ୍ଟାଂଶ (ଏଏମ୍‌ଏବଂଏଏସ୍‌ଆର୍) ଅଧିନିୟମ, 1958ର ନିୟମ ବିରୁଦ୍ଧ ଥିଲା। ଏହି ଖଣି ଲିଜ୍‌କୁ କାର୍ଯ୍ୟକ୍ଷମ କରିବା ପାଇଁ 2021-23 ମଧ୍ୟରେ 9.47 କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା ଯେଉଁଥିରେ ପଞ୍ଜିକରଣ ମୂଲ୍ୟ, ଷ୍ଟାମ୍ପ ଡ୍ୟୁଟି, ଗଛ କାଟିବା, ବୃକ୍ଷ ନଥିବା ସ୍ଥାନରେ ବୃକ୍ଷରୋପଣ, ପରିସରର ବିକାଶ, ଡେଡ୍ ରେଣ୍ଟ ଏବଂ ଭୂପୃଷ୍ଠ ଭଡା ଇତ୍ୟାଦି ଅନ୍ତର୍ଭୁକ୍ତ। ତେଣୁ, ଖଣିର ଉପଯୁକ୍ତ ସ୍ଥାନ ଏବଂ ପ୍ରଯୁଜ୍ୟ ଏଏମ୍‌ଏବଂଏଏସ୍‌ଆର୍ ଅଧିନିୟମର ବ୍ୟବସ୍ଥା ସମ୍ପର୍କରେ ଉପଯୁକ୍ତ ଯତ୍ନ ନନେଇ, ଓଏମ୍‌ସି ଶୁଖୁଆପଡା ଖଣି ଲିଜ୍‌କୁ କାର୍ଯ୍ୟକାରୀ କରିଥିଲା। ଯାହାଫଳରେ 9.47 କୋଟି ଟଙ୍କା ନିଷ୍ଫଳ ବ୍ୟୟ

ହୋଇଥିଲା । ଏହାବ୍ୟତୀତ, ଖଣି ଲିଜ୍ ହସ୍ତାନ୍ତର ପର୍ଯ୍ୟନ୍ତ ଡେଡ୍ ରେଣ୍ଟ ଓ ଭୂପୃଷ୍ଠ କର ଦେବାକୁ ଦାୟିତ୍ୱ ସୃଷ୍ଟି ହୋଇଥିଲା ।

ସରକାର ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଗ୍ରହଣ କରିଥିଲେ ଏବଂ ପ୍ରସ୍ଥାନ ସମ୍ମିଳନୀରେ ଦର୍ଶାଇଥିଲେ (ଜୁଲାଇ 2024) ଯେ, ଖଣିଟିର ସମର୍ପଣ କରିବା କାର୍ଯ୍ୟ ଚାଲୁଅଛି ଯାହାକି ଖୁବ୍ ଶୀଘ୍ର ସମ୍ପାଦନ କରାଯିବ । ତଥାପି, ସରକାର ଏକ ଅଣଅନୁମତିପ୍ରାପ୍ତ ଅଞ୍ଚଳରେ ଖଣିକାର୍ଯ୍ୟ ଆରମ୍ଭ କରିବା ଉପରେ ସମୀକ୍ଷା ପର୍ଯ୍ୟବେକ୍ଷଣଗୁଡିକୁ ସମ୍ବୋଧିତ କରିନଥିଲେ ।

### 2.8.1.2 ଖଣି ଖନନ ଅଯୋଗ୍ୟ ଜମିର ବିଳମ୍ବିତ ସମର୍ପଣ ଫଳରେ 1.37 କୋଟି ଟଙ୍କାର ପରିହାର୍ଯ୍ୟ ଦେୟ ପ୍ରଦତ୍ତ ହୋଇଥିଲା

ଓଏମ୍‌ସିକୁ 07 ଅଗଷ୍ଟ 1965 ଠାରୁ 20 ବର୍ଷ ପାଇଁ ଓଡିଶାର କେନ୍ଦୁଝର ଜିଲ୍ଲାରେ 207.36 ହେକ୍ଟର ଅଞ୍ଚଳରେ ଅବସ୍ଥିତ ବଉଳା କ୍ରୋମାଇଟ୍ ଖଣି ଆବଣ୍ଟିତ କରାଯାଇଥିଲା । ଏହି ଲିଜ୍ 1992-93 ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉଥିଲା, ଯାହା ପରେ ଜଙ୍ଗଲ ଏବଂ ଅନ୍ୟାନ୍ୟ ବୈଧାନିକ ମଞ୍ଜୁରୀ ଅଭାବରୁ ଖଣି କାର୍ଯ୍ୟ ବନ୍ଦ ହୋଇଥିଲା । ଏହି ସମ୍ପର୍କରେ ଓଡିଶା ସରକାର ଓଏମ୍‌ସିକୁ ଜଣାଇଥିଲେ (07 ଅକ୍ଟୋବର 1998) ଯେ, ଏହି ଅଞ୍ଚଳଟି 1978 ମସିହାରୁ ହଦଗଡ ବନ୍ୟପ୍ରାଣୀ ଅଭୟାରଣ୍ୟ ଅଧୀନରେ ଆସୁଥିବାରୁ ଏମ୍‌ଓଇଏଫ୍‌ଆଣ୍ଡ୍‌ସିସି, ଭାରତ ସରକାର ଜଙ୍ଗଲ ସଂରକ୍ଷଣ ଅଧିନିୟମ, 1980ର ଧାରା 2 ଅନୁଯାୟୀ ଜଙ୍ଗଲ ଜମିର ପରିବର୍ତ୍ତନ ପ୍ରସ୍ତାବକୁ ଅନୁମୋଦନ କରିବାରେ ନିଜର ଅକ୍ଷମତା ପ୍ରକାଶ କରିଥିଲେ ।

ଅଧିକନ୍ତୁ, 14 ଫେବୃୟାରୀ 2000ରେ, ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଇଣ୍ଟରଲକ୍ୟୁଟାରୀ ଆବେଦନ (ଆଇଏ) ସଂଖ୍ୟା 548ରେ ନିର୍ଦ୍ଦେଶ ଦେଇଥିଲେ ଯେ ବନ୍ୟପ୍ରାଣୀ (ସୁରକ୍ଷା) ଅଧିନିୟମ, 1972ର ଧାରା 18 ଏବଂ 35 କିମ୍ବା ଏହା ଅଧୀନରେ ପ୍ରଣୀତ ଅନ୍ୟ କୌଣସି ଆଇନ କିମ୍ବା ନିୟମ ଅନୁଯାୟୀ ଅଭୟାରଣ୍ୟ, ଜାତୀୟ ଉଦ୍ୟାନ ଭାବରେ ଅଧିସୂଚୀତ ଅଞ୍ଚଳ ମଧ୍ୟରେ କୌଣସି ଖଣି କାର୍ଯ୍ୟକଳାପକୁ ଅନୁମତି ଦିଆଯିବ ନାହିଁ, ଯଦିଓ ଏହି ଅଞ୍ଚଳରେ ଜଙ୍ଗଲ ସଂରକ୍ଷଣ ଅଧିନିୟମ, 1980 ଅନୁଯାୟୀ ଏମ୍‌ଓଇଏଫ୍‌ଆଣ୍ଡ୍‌ସିସିଠାରୁ ପୂର୍ବରୁ ଅନୁମୋଦନ ନିଆଯାଇଥିବ । ଭାରତ ସରକାର ଏବଂ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି, ଉକ୍ତ ଖଣି କାର୍ଯ୍ୟକ୍ଷମ କରିବାର କୌଣସି ସୁଯୋଗ ନଥିଲା ।

ସମୀକ୍ଷାରେ ଦେଖାଗଲା ଯେ, ଭାରତ ସରକାରଙ୍କ ସ୍ୱଷ୍ଟ ସୂଚନା ଏବଂ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ, ଓଏମ୍‌ସି ବଉଳା କ୍ରୋମାଇଟ୍ ଖଣି ଲିଜ୍ (ଏମ୍‌ଏଲ୍) ସମର୍ପଣ କରିବା ପାଇଁ ପଦକ୍ଷେପ ନେଇନଥିଲା ବରଂ ଏହା ବଦଳରେ ଖଣିଜ ରିହାତି (ଏମ୍‌ସି) ନିୟମ, 1960 ଅନୁଯାୟୀ 06 ଅଗଷ୍ଟ 2025 ପର୍ଯ୍ୟନ୍ତ ଅଧିକ ସମୟ ପାଇଁ ଦ୍ୱିତୀୟ ନବୀକରଣ ଖଣି ଲିଜ୍ (ଆର୍‌ଏମ୍‌ଏଲ୍) ଦାଖଲ (03 ଅଗଷ୍ଟ 2004) କରିଥିଲା । ଏହା ମଧ୍ୟ ଦେଖାଯାଇଥିଲା ଯେ, ଅଭୟାରଣ୍ୟ ଅଞ୍ଚଳରେ ପ୍ରତିବନ୍ଧକ କୋହଳ ହେଲେ ଖଣି କାର୍ଯ୍ୟ କରିବା ପାଇଁ ଏମ୍‌ଏମ୍‌ଡିଆର୍ (ସଂଶୋଧନ) ଅଧିନିୟମ, 2015 ଅନୁଯାୟୀ ଲିଜ୍ ଅବଧିର ବୈଧତା ବୃଦ୍ଧି ପାଇଁ ଓଏମ୍‌ସି ପୁନର୍ବାର ଓଡିଶା ସରକାରଙ୍କୁ ଅନୁରୋଧ (03 ମଇ 2016) କରିଥିଲା ।

ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶର 16 ବର୍ଷ ବ୍ୟବଧାନ ପରେ, ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ (16 ଅଗଷ୍ଟ 2016) ଅନୁଯାୟୀ, ଓଏମ୍‌ସିର ଖଣି ଲିଜ୍ ଗୁଡିକର ସ୍ଥିତି ଯାଞ୍ଚ କରିବା ପାଇଁ ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକ, ଏକ ଆଭ୍ୟନ୍ତରୀଣ ସମିତି ଗଠନ କରିଥିଲେ । ସମିତି ଏହାର ମୂଲ୍ୟାଙ୍କନ ଆଧାରରେ ବଉଳା କ୍ରୋମାଇଟ୍ ଖଣି ଲିଜ୍ ସମ୍ପର୍କରେ ଦେଖିଲା (26 ଅଗଷ୍ଟ 2016) ଯେ, ଖଣି ଅଞ୍ଚଳ ହଦଗଡ ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟରେ ଆସିଥିଲା ଏବଂ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଭୟାରଣ୍ୟ ମଧ୍ୟରେ ଖଣି କାର୍ଯ୍ୟ ନିଷିଦ୍ଧ କରାଯାଇଥିଲା । ଏହାସତ୍ତ୍ୱେ, ଇସ୍ପାତ ଏବଂ ଖଣି ବିଭାଗ, ଓଡିଶା ସରକାର ପୁନର୍ବାର (18 ମଇ 2018) ଲିଜ୍ ଅବଧିର ବୈଧତା ବୃଦ୍ଧି ସମ୍ପର୍କରେ ଜଙ୍ଗଲ ଏବଂ ପରିବେଶ ବିଭାଗର ମତାମତ ଲୋଡିଥିଲା । ଜଙ୍ଗଲ ଏବଂ ପରିବେଶ ବିଭାଗ ମଧ୍ୟ ସ୍ୱଷ୍ଟ କରିଥିଲା (27 ଜୁନ୍ 2018) ଯେ, ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ପ୍ରଚଳିତ ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି, ଜାତୀୟ ଉଦ୍ୟାନ/ଅଭୟାରଣ୍ୟ ଭଳି ଅଧିସୂଚୀତ ସଂରକ୍ଷିତ ଅଞ୍ଚଳ ମଧ୍ୟରେ କୌଣସି

ଖଣି କାର୍ଯ୍ୟକଳାପକୁ ଅନୁମତି ଦିଆଯାଇନାହିଁ। ଏହାପରେ, ଓଏମ୍‌ସି ନିର୍ଦ୍ଦେଶକ ମଣ୍ଡଳୀଙ୍କର 427ତମ ବୈଠକରେ (22 ସେପ୍ଟେମ୍ବର 2018) ବଉଳା ଖଣି ଲିଜ୍‌କୁ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେଇଥିଲେ। ଖଣି ଲିଜ୍ ଅଧିନରେ ଥିବା ଅଞ୍ଚଳର ଅଧିକାର, ଶେଷରେ 12 ଅକ୍ଟୋବର 2022ରେ, ଅର୍ଥାତ ହସ୍ତାନ୍ତର ନିଷ୍ପତ୍ତିର ଚାରି ବର୍ଷ ପରେ ବନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା।

ସମୀକ୍ଷାରେ ଦେଖାଗଲା ଯେ, 1998 ମସିହାରେ ଭାରତ ସରକାର ଜଙ୍ଗଲ ଜମି ପରିବର୍ତ୍ତନ ପାଇଁ ସ୍ୱଷ୍ଟ ମନା କରିଥିଲେ ଏବଂ 2000 ମସିହାରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ବନ୍ୟପ୍ରାଣୀ ଅଭୟାରଣ୍ୟ/ସଂରକ୍ଷିତ ଅଞ୍ଚଳରେ ଖଣି ଖନନ ନିଷେଧ ସମ୍ପର୍କରେ ନିର୍ଦ୍ଦେଶ ଦେଥିଲେ ମଧ, ଓଏମ୍‌ସି ଦ୍ୱାରା ହସ୍ତାନ୍ତର ପ୍ରକ୍ରିୟା ବିଳମ୍ବିତ ହୋଇଥିଲା ଏବଂ ଶେଷରେ 2022 ମସିହାରେ ଖଣି ଲିଜ୍ ହସ୍ତାନ୍ତର କରାଯାଇଥିଲା। ଏପରି ବିଳମ୍ବିତ ହସ୍ତାନ୍ତର ଯୋଗୁ 2005-06ରୁ 2022-23 ପର୍ଯ୍ୟନ୍ତ 1.37 କୋଟି ଟଙ୍କା (ଡେଡ୍ ରେଣ୍ଟ: 0.86 କୋଟି ଟଙ୍କା ଏବଂ ଭୂପୃଷ୍ଠ ଭଡା: 0.51 କୋଟି ଟଙ୍କା) ପରିହାର୍ଯ୍ୟ ପ୍ରଦତ୍ତ ହୋଇଥିଲା।

ସରକାର କହିଲେ (ଜାନୁଆରୀ 2024) ଯେ, ରାଜ୍ୟ ସରକାରୀ କଳ ସହିତ ଜଡିତ ଅନୁମତି ଏବଂ ମଞ୍ଜୁରୀ ପାଇବା ପାଇଁ ସମସ୍ତ ପ୍ରୟାସ କରାଯାଇଥିଲା ଯାହାଫଳରେ ଖଣି କାର୍ଯ୍ୟ ପୁନଃଆରମ୍ଭ ହୋଇପାରିଥାନ୍ତା।

ଏହି ଉତ୍ତର ଗ୍ରହଣୀୟ ନୁହେଁ, କାରଣ ଅନୁମତି ଏବଂ ନିକାସ ଖୋଜିବାର ଏକ ନିରର୍ଥକ ପ୍ରୟାସ ଯୋଗୁ 20 ବର୍ଷରୁ ଅଧିକ ସମୟର ଅଯଥା ବିଳମ୍ବ ହୋଇଥିଲା, ଯାହାକୁ ଭାରତ ସରକାର ଏବଂ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଉଭୟଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଷିଦ୍ଧ କରାଯାଇଥିଲା।

### 2.8.1.3 ଖଣିଜ ପଥର ଅନ୍ୱେଷଣ କାର୍ଯ୍ୟରେ 3.47 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ

ଓଏମ୍‌ସି ସେପ୍ଟେମ୍ବର 1970ରେ ବେସ୍ ଅଫ ମହାଗିରି (ଯାଜପୁର ଜିଲ୍ଲା)ରେ 185.81 ହେକ୍ଟର କ୍ରୋମାଇଟ୍ ଖଣି ଲିଜ୍ ଓଡିଶା ସରକାରଙ୍କ ସହିତ 20 ବର୍ଷ ଅବଧି (1970ରୁ 1990) ପାଇଁ କାର୍ଯ୍ୟକାରୀ କରିଥିଲା। ଖଣିଜ (ସରକାରୀ କମ୍ପାନୀ ଦ୍ୱାରା ଖଣିକାର୍ଯ୍ୟ) ନିୟମ, 2015 ଅନୁଯାୟୀ ଓଡିଶା ସରକାର ଖଣି ଲିଜ୍ ସେପ୍ଟେମ୍ବର 2040 ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ତଥାପି, ଜଙ୍ଗଲ ଏବଂ ଅନ୍ୟାନ୍ୟ ମଞ୍ଜୁରୀ ଅଭାବରୁ ଖଣି କାର୍ଯ୍ୟ ହାତକୁ ନିଆଯାଇ ପାରିଲାନାହିଁ।

ଖଣିଜ ସଂରକ୍ଷଣ ଏବଂ ବିକାଶ ନିୟମ (ଏମ୍‌ସିଡିଆର୍), 1988 ଏବଂ ଏମ୍‌ସିଡିଆର୍ (ଦ୍ୱିତୀୟ ସଂଶୋଧନ), 2003ର ବ୍ୟବସ୍ଥା ଅନୁଯାୟୀ, ସମ୍ପୃକ୍ତ ଖଣିର ଭୌଗୋଳିକ ସମ୍ଭାବ୍ୟତା, ଅର୍ଥନୀତିକ କାର୍ଯ୍ୟକ୍ଷମତା ଅଧ୍ୟୟନ ଏବଂ ସଂରକ୍ଷଣ ଆକଳନର ଏକ ହିସାବ ଲିଜ୍‌ଧାରୀଙ୍କ ଦ୍ୱାରା ଆଇବିଏମ୍‌କୁ ଦାଖଲ କରାଯାଏ। ଉପରୋକ୍ତ ବ୍ୟବସ୍ଥାର ଅନୁପାଳନ ପାଇଁ ଓଏମ୍‌ସି, ଭାରତ ସରକାରଙ୍କ ଏକ ସଂସ୍ଥା, ଖଣିପଥର ଅନ୍ୱେଷଣ ନିଗମ ଲିମିଟେଡ୍ (ଏମ୍‌ଇସିଏଲ୍)କୁ କ୍ରୋମ ପଥର ମିନେରାଲାଇଜେସନ୍ ଜୋନ୍‌ଗୁଡିକୁ ଚିତ୍ରଣ କରିବା ପାଇଁ ଅନୁସନ୍ଧାନ କାର୍ଯ୍ୟ କରିବା ଏବଂ ଖଣି ଲିଜ୍ ଅଞ୍ଚଳରେ କ୍ରୋମ ପଥର ଜମାଗୁଡିକର ପରିମାଣିକ ଏବଂ ଗୁଣାତ୍ମକ ମୂଲ୍ୟାଙ୍କନ କରିବା ପାଇଁ ନିୟୋଜିତ (ସେପ୍ଟେମ୍ବର 2004) କରିଥିଲା। ଏମ୍‌ଇସିଏଲ୍ ସମଗ୍ର ଖଣି ଲିଜ୍ କ୍ଷେତ୍ର 185.81 ହେକ୍ଟର ଉପରେ ଭୌଗୋଳିକ ମ୍ୟାପିଂ ଏବଂ ଜିଓଫିଜିକାଲ୍ ପ୍ରୋସ୍‌ପେକ୍ଟିଂ (ଚୁମ୍ବକୀୟ ସର୍ବେକ୍ଷଣ) କାର୍ଯ୍ୟ କରିଥିଲା (ଅକ୍ଟୋବର 2004ରୁ ମଇ 2005)।

ଭୌଗୋଳିକ ଏବଂ ଚୁମ୍ବକୀୟ ଭୂତାତ୍ତ୍ୱିକ ଅନୁସନ୍ଧାନରେ ତିନୋଟି ଛୋଟ ଅସାମାନ୍ୟ ଜୋନ୍ ଚିହ୍ନଟ ହୋଇଥିଲା ଯଥା: ଜୋନ୍ 'କ', ଜୋନ୍ 'ଖ' ଏବଂ ଜୋନ୍ 'ଗ' ଯେଉଁଗୁଡିକ କ୍ରୋମାଇଟ୍ ମିନେରାଲାଇଜେସନ୍ ପାଇଁ ଆଶାଜନକ କ୍ଷେତ୍ର ଥିଲା। ଉପରୋକ୍ତ ଆଶାଜନକ ଜୋନ୍ ମଧ୍ୟରୁ ଜୋନ୍ 'ଖ' ଓ ଜୋନ୍ 'ଗ' ବେସ୍ ଅଫ ମହାଗିର ଖଣି ଲିଜରେ ଅବସ୍ଥିତ ଥିଲା। କିନ୍ତୁ, ଜୋନ୍ 'କ' ସରୁଆବିଲ୍-ସୁକ୍ରାଙ୍ଗି ଖଣି ଲିଜ[28] ଅଧିନରେ ଥିଲା। ଏମ୍‌ଇସିଏଲ୍ ଜୋନ୍ 'ଖ' ଓ 'ଗ'ର ସମଗ୍ର ସମ୍ଭାବ୍ୟ ଖଣିଜ କ୍ଷେତ୍ରରେ 19ଟି ଗର୍ତ୍ତ କରିଥିଲା। କିନ୍ତୁ, ଜୋନ୍ 'ଖ' ଓ 'ଗ'ରେ ଖୋଳାଯାଇଥିବା 19ଟି ଗର୍ତ୍ତରେ କୌଣସି ଫଳାଫଳ ଆଶାତୀତ ନଥିଲା। ଏମ୍‌ଇସିଏଲ୍ ଜଣାଇଥିଲା (ସେପ୍ଟେମ୍ବର

[28] ବେସ୍ ଅଫ ମହାଗିରି ନିକଟରେ ଅବସ୍ଥିତ ଓଏମ୍‌ସିର ଅନ୍ୟ ଏକ କ୍ରୋମାଇଟ୍ ଖଣି ଲିଜ୍

2006) ଯେ, ବେସ୍ ଅଫ ମହାଗିର ଲିଜ୍‌ହୋଲ୍ଡ କ୍ଷେତ୍ର କ୍ରୋମାଇଟ୍ ଖଣିଜକରଣ ପାଇଁ ଆଶାଜନକ ନଥିଲା ଏବଂ ଏହି ଲିଜ୍‌ହୋଲ୍ଡ କ୍ଷେତ୍ରଗୁଡ଼ିକର ଅଧିକ ଅନୁସନ୍ଧାନର ଆବଶ୍ୟକତା ନାହିଁ ବୋଲି ସୁପାରିଶ କରିଥିଲା।

ଏମ୍‌ଇସିଏଲ୍‌ର ସୁପାରିଶ ସତ୍ତ୍ୱେ, ଓଏମ୍‌ସି ଉକ୍ତ ଖଣି ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ କରିନଥିଲା ଏବଂ ପୁନଃ ଖନନ ପାଇଁ ଖଣି ଲିଜ୍ ଜାରି ରଖିଥିଲା। ଅଧିକନ୍ତୁ, ଏମ୍‌ଇସିଏଲ୍ ସୁପାରିଶ (ସେପ୍ଟେମ୍ବର 2006) ପରଠାରୁ ପ୍ରାୟ ଆଠବର୍ଷ ବ୍ୟବଧାନ ପରେ, ଓଏମ୍‌ସି ଜଙ୍ଗଲ ଜମି ବ୍ୟବହାର ପାଇଁ କ୍ଷତିପୂରକ ବନୀକରଣ ନିମିତ୍ତ 0.17 କୋଟି ଟଙ୍କା ପ୍ରଦାନ କରି ନୂତନ ଅନୁସନ୍ଧାନ କରିବାକୁ ଓଡ଼ିଶା ସରକାରଙ୍କ ଜଙ୍ଗଲ ଏବଂ ପରିବେଶ ବିଭାଗକୁ ଅନୁମତି ମାଗିଥିଲା (ନଭେମ୍ବର 2014)। ପର୍ଯ୍ୟାୟ II ଜଙ୍ଗଲ ମଞ୍ଜୁରୀ ପାଇବା (ଡିସେମ୍ବର 2018) ପରେ, ଓଏମ୍‌ସି ଏମ୍‌ଇସିଏଲ୍ ମାଧ୍ୟମରେ ଅନୁସନ୍ଧାନ କରାଯାଇଥିବା ସମାନ ଲକ୍ଷ୍ୟଗୁଡ଼ିକ ପାଇଁ ମେସର୍ସ ତ୍ରିବେଣୀ ଆର୍ଥମୁଭର୍ସ ପ୍ରାଇଭେଟ୍ ଲିମିଟେଡ୍ (ଟିଇପିଏଲ୍) ନାମକ ଏକ ଘରୋଇ ସଂସ୍ଥାକୁ 3.63 କୋଟି ଟଙ୍କାର ଏକ ଚୁକ୍ତି ମୂଲ୍ୟରେ ନିୟୋଜିତ କରିଥିଲା (ମଇ 2019)। ମେସର୍ସ ଟିପିଇଏଲ୍ ସମଗ୍ର ଲିଜ୍‌ହୋଲ୍ଡ କ୍ଷେତ୍ରରେ ସମୁଦାୟ 25ଟି ଗର୍ତ୍ତ ଖୋଳିଥିଲା। 25ଟି ଗର୍ତ୍ତ ମଧ୍ୟରୁ କେବଳ ଗୋଟିଏ ଗର୍ତ୍ତରେ କ୍ରୋମାଇଟ୍ ଡିସ୍‌ସେମିନେସନ୍‌ର ଇଣ୍ଟରସେକ୍ସନ୍ ଥିଲା ଏବଂ ଏହାର ଆଉ ନିରନ୍ତରତା ନଥିଲା ଏବଂ ଅନ୍ୟ ସମସ୍ତ ଗର୍ତ୍ତଗୁଡ଼ିକ ନକରାତ୍ମକ ବୋଲି ଜଣା ପଡ଼ିଲା। ମେସର୍ସ ଟିଇପିଏଲ୍ ଏହାର ରିପୋର୍ଟରେ (ମଇ 2021) ଦର୍ଶାଇଥିଲା ଯେ, ଖଣି ଲିଜ୍‌ଟି ଉତ୍ତୋଳନଯୋଗ୍ୟ କ୍ରୋମ ପଥରରୁ ବଞ୍ଚିତ ଥିଲା ଏବଂ ଲିଜ୍‌ହୋଲ୍ଡ କ୍ଷେତ୍ର ଅଣ-କ୍ରୋମାଇଟ୍ ଖଣି ଖନନ ପାଇଁ ବିବେଚନା କରାଯାଇପାରେ। ଏହା ପରେ, ଓଏମ୍‌ସି ବେସ୍ ଅଫ ମହାଗିରି କ୍ରୋମାଇଟ୍ ଖଣି ଲିଜ୍ କ୍ଷେତ୍ରକୁ ଫେରସ୍ତ କରିବା ଉଦ୍ଦେଶ୍ୟରେ ଡ୍ରାଫ୍ଟ ଚୂଡ଼ାନ୍ତ ଖଣି ବନ୍ଦ ଯୋଜନା ଆଞ୍ଚଳିକ ଖଣି ନିୟନ୍ତ୍ରକଙ୍କୁ ଦାଖଲ କରିଥିଲା (ଡିସେମ୍ବର 2022)।

ସମୀକ୍ଷାରେ ଦେଖାଗଲା ଯେ, ଏକ ଘରୋଇ ସଂସ୍ଥା ଦ୍ୱାରା 3.30 କୋଟି ଟଙ୍କା ଖର୍ଚ୍ଚ କରି ନୂତନ ଅନୁସନ୍ଧାନ କରିବା ଯୁକ୍ତିଯୁକ୍ତ ନଥିଲା କାରଣ ଏମ୍‌ଇସିଏଲ୍ ସମଗ୍ର ଲିଜ୍ କ୍ଷେତ୍ର ଉପରେ ପ୍ରାଥମିକ ଅନୁସନ୍ଧାନ[29] ପରି ଅନୁସନ୍ଧାନ କାର୍ଯ୍ୟକଳାପ ଏବଂ ଚିହ୍ନିତ ସମ୍ଭାବ୍ୟ ଖଣିଜ କ୍ଷେତ୍ର ଉପରେ ବିସ୍ତୃତ ଅନୁସନ୍ଧାନ[30] କରିସାରିଥିଲା। ଦ୍ୱିତୀୟତଃ, ଲିଜ୍‌ହୋଲ୍ଡ ଅଞ୍ଚଳରେ ଅଧିକ ଅନୁସନ୍ଧାନର ଆବଶ୍ୟକତା ନାହିଁ ବୋଲି ଏମ୍‌ଇସିଏଲ୍ ବିଶେଷ ଭାବରେ ସୁପାରିଶ କରିଥିଲା। ତଥାପି, କମ୍ପାନୀ ଏହି ଅନୁସନ୍ଧାନ ପାଇଁ ଯାଇଥିଲା ଏବଂ ଏହି ପ୍ରକ୍ରିୟାରେ କ୍ଷତିପୂରକ ବନୀକରଣ ବାବଦକୁ 0.17 କୋଟି ଟଙ୍କା ଏବଂ ଖଣି ଲିଜ୍ ଅନୁସନ୍ଧାନ କାର୍ଯ୍ୟ ବାବଦକୁ 3.30 କୋଟି ଟଙ୍କା ଖର୍ଚ୍ଚ କରିଥିଲା। ଏହିପରି, ଏମ୍‌ଇସିଏଲ୍‌ର ସୁପାରିଶକୁ ଗ୍ରହଣ ନକରିବା ଏବଂ ଏପରି କାର୍ଯ୍ୟ କରିବା ଫଳରେ 3.47 କୋଟି ଟଙ୍କା ପରିହାର୍ଯ୍ୟ ବ୍ୟୟ ହୋଇଥିଲା।

ସରକାର ପ୍ରକାଶ କଲେ (ଡିସେମ୍ବର 2023) ଯେ, ସମଗ୍ର ଲିଜ୍ କ୍ଷେତ୍ରରେ ଖଣିଜ ପଦାର୍ଥ ଉପଲବ୍ଧ ନଥିବା ବ୍ୟାଖ୍ୟା ପାଇଁ ଏମ୍‌ଇସିଏଲ୍‌ଙ୍କ ସୁପାରିଶ ପର୍ଯ୍ୟାପ୍ତ ନଥିଲା। ଏଥିପାଇଁ ବିଭିନ୍ନ କାରଣ ମଧ୍ୟରେ ନିମ୍ନୋକ୍ତ ଅନ୍ତର୍ଭୁକ୍ତ କ) ପ୍ରବେଶ ମାର୍ଗ ସମସ୍ୟା ଏବଂ ଘନ ଜଙ୍ଗଲ ଯୋଗୁ ଅନେକ ଗର୍ତ୍ତ କରାଯାଇପାରିଲା ନାହିଁ ଖ) ଭୌଗୋଳିକ ମ୍ୟାପିଂ ଏବଂ ଭୂତ୍ୱାତ୍ତିକ ଚୁମ୍ବକୀୟ ସର୍ବେକ୍ଷଣ ପରେ, ଅସଙ୍ଗତ ଜୋନ୍ 'ଖ' ଓ 'ଗ'ରେ ଖନନ ପାଇଁ ଏମ୍‌ଇସିଏଲ୍ ଧାର୍ଯ୍ୟ କ୍ଷେତ୍ରକୁ 10.345 ହେକ୍ଟରକୁ ହ୍ରାସ କରିଥିଲା।

ସରକାରଙ୍କ ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ନଥି ଅନୁଯାୟୀ, ଜୋନ୍ 'ଖ' ଓ 'ଗ'ରେ ପ୍ରବେଶମାର୍ଗ ସମସ୍ୟା ସେଠାରେ ନଥିଲା। ଏହା ଜୋନ୍ 'କ'ରେ ଥିଲା ଯାହାକି ସରୁଆବିଲ୍-ସୁକ୍ରାଙ୍ଗି ନାମକ ଅନ୍ୟ ଏକ ଖଣି ଲିଜ୍‌ରେ ଅବସ୍ଥିତ ଥିଲା। ଦ୍ୱିତୀୟତଃ, ଟିଇପିଏଲ୍ ଦ୍ୱାରା 6.55 ହେକ୍ଟର କ୍ଷେତ୍ର ଖନନ ତୁଳନାରେ ଏମ୍‌ଇସିଏଲ୍ 10.345 ହେକ୍ଟର କ୍ଷେତ୍ରରେ ଖନନ କରିଥିଲା। ଅଧିକନ୍ତୁ, ଟିଇପିଏଲ୍ ଲିଜ୍ କ୍ଷେତ୍ରର ଉତ୍ତର ଏବଂ ଉତ୍ତର-ପୂର୍ବ ପାର୍ଶ୍ୱରେ 25ଟିରୁ 19ଟି ଗର୍ତ୍ତ କରିଥିଲା ଯେଉଁଠାରେ ଏମ୍‌ଇସିଏଲ୍ ପୂର୍ବରୁ ସେମାନଙ୍କର ଗର୍ତ୍ତଗୁଡ଼ିକୁ କରିଥିଲେ ଏବଂ ସେଗୁଡ଼ିକରେ ଖଣିଜ ପଦାର୍ଥ ମିଳିନଥିଲା। ଫଳସ୍ୱରୂପ, ଟିଇପିଏଲ୍‌ର ଅନୁସନ୍ଧାନ ଫଳାଫଳ ଉକ୍ତ କ୍ଷେତ୍ରରେ

[29] ପୂର୍ବ ପର୍ଯ୍ୟାୟର ଏକ ଚିହ୍ନିତ ଖଣିଜ ଜମା କ୍ଷେତ୍ରର ପ୍ରାରମ୍ଭିକ ବର୍ଣ୍ଣନାର ଅନୁସନ୍ଧାନକୁ ଆଗକୁ ବଢ଼ାଇ ଖଣିଜ ପଥରର ଉଭୟ ପାର୍ଶ୍ୱ ଓ ଭୂଲମ୍ବ (ତୃତୀୟ ଡାଇମେନ୍‌ସନ୍) ଭାବରେ ବିସ୍ତାର ଓ ଚିହ୍ନଟ କରିବାକୁ ପ୍ରାଥମିକ ଅନୁସନ୍ଧାନ କୁହାଯାଏ

[30] ବିସ୍ତୃତ ଅନୁସନ୍ଧାନରେ ନମୁନା ମାଧ୍ୟମରେ ହାସଲ ହୋଇଥିବା ଏକ ଜଣାଶୁଣା ଖଣିଜ ଜମାର ବିଶଦ ତିନି ଡାଇମେନ୍‌ସନାଲ ବ୍ୟାଖ୍ୟା ଅନ୍ତର୍ଭୁକ୍ତ ଯଥା : ଆଉଟକ୍ରପ, ଗାଡ, ଖାଲ, ଗର୍ତ୍ତ, ଶ୍ୟାଫ୍ଟ ଏବଂ ସୁଡ଼ଙ୍ଗ ଇତ୍ୟାଦି।

କ୍ରୋମାଇଟ୍ ଖଣିଜ ପଥର ଉପଲବ୍ଧ ନଥିବା ଦର୍ଶାଇଥିଲା ଯାହା 2006ରେ ଏମ୍‌ଇସିଏଲ୍ ଦ୍ୱାରା ମଧ୍ୟ ସୁପାରିଶ କରାଯାଇଥିଲା ।

### 2.8.1.4 ଦୁଇଟି ଖଣିର ବିଳମ୍ବିତ ହସ୍ତାନ୍ତର

2018-23 ମଧ୍ୟରେ ଦୁଇଟି ଖଣି ହସ୍ତାନ୍ତର କରାଯାଇଥିଲା ଯାହାର ବିବରଣୀ ନିମ୍ନରେ ଦିଆଗଲା:

**ସାରଣୀ 2.4: ଓଏମ୍‌ସିର ହସ୍ତାନ୍ତର କରାଯାଇଥିବା ଖଣିଗୁଡିକର ସ୍ଥିତି**

| ଖଣିର ନାମ | ଖଣିଜ | ଖଣି ଲିଜ୍ ପ୍ରଦାନ କରାଯାଇଥିବା ବର୍ଷ | ଓଏମ୍‌ସି ଦ୍ୱାରା ସ୍ଥିର କରାଯାଇଥିବା ହସ୍ତାନ୍ତର ତାରିଖ | ହସ୍ତାନ୍ତର ନିମିତ୍ତ ଆବେଦନ କରାଯାଇଥିବା ପ୍ରକୃତ ତାରିଖ | ଖଣି ହସ୍ତାନ୍ତରଣ ତାରିଖ | ନିଷ୍ପତି ତାରିଖରୁ ହସ୍ତାନ୍ତରରେ ବିଳମ୍ବ |
|---|---|---|---|---|---|---|
| (କ) | (ଖ) | (ଗ) | (ଘ) | (ଙ) | (ଚ) | (ଛ)=(ଚ)-(ଘ) |
| ମଳିପଡା | ଗୁବି | ସେପ୍ଟେମ୍ବର 2001 (20 ବର୍ଷ ପାଇଁ) | 08.06.2015 | 01.06.2019 | 19.10.2020 | 64 ମାସ |
| ସରୁଆବିଲ୍-ସୁକ୍ରାଙ୍ଗୀ | କ୍ରୋମାଇଟ୍ | ଜାନୁଆରୀ 1981 (15 ବର୍ଷ ପାଇଁ ଦୁଇଥର ବର୍ଦ୍ଧିତ (20 + 10 ବର୍ଷ), 2031 ପର୍ଯ୍ୟନ୍ତ ବିସ୍ତାରିତ) | 09.01.2020 | 31.07.2020 | 28.04.2021 | 15 ମାସ |

*(ଉତ୍ସ: ଓଏମ୍‌ସି ଦ୍ୱାରା ପ୍ରଦତ୍ତ ସୂଚନା)*

** ଖଣି ସମର୍ପଣ କରିବାର ନିଷ୍ପତ୍ତି ତାରିଖରୁ ବିଳମ୍ବ*

ଉପରୋକ୍ତରୁ ଦେଖାଯାଇ ପାରେ ଯେ:

- ପ୍ରାମାଣିକ ସଂରକ୍ଷିତ ଖଣିଜର ଅଭାବରୁ ଓଏମ୍‌ସି ଉପରୋକ୍ତ ଦୁଇଟି ଖଣିକୁ ସମର୍ପଣ କରିବାକୁ ନିଷ୍ପତ୍ତି ନେଇଥିଲା । ତଥାପି, ଏହି ଦୁଇଟି ଖଣିକୁ ହସ୍ତାନ୍ତର କରିବାରେ ଓଏମ୍‌ସିକୁ ନିଷ୍ପତ୍ତି ନେବା ଦିନଠାରୁ 15ରୁ 64 ମାସ ବିଳମ୍ବ ହୋଇଥିଲା । ଏହି ବିଳମ୍ବ ପାଇଁ ଓଏମ୍‌ସିକୁ ଉକ୍ତ ଅବଧି ପାଇଁ ଡେଡ୍ ରେଣ୍ଟ ଏବଂ ଭୂପୃଷ୍ଠ ଭଡା ବାବଦରେ 0.20 କୋଟି ଟଙ୍କା ଦେବାକୁ ପଡିଥିଲା ।

- ଖଣିଜ ସଂରକ୍ଷଣ ଏବଂ ବିକାଶ ନିୟମ, 1988ର ନିୟମ 23(5) ଅନୁଯାୟୀ, ଜଣେ ଲିଜ୍‌ଧାରୀ ଅନୁମୋଦିତ ଚୂଡାନ୍ତ ଖଣି ବନ୍ଦ ଯୋଜନା (ଏଫ୍‌ଏମ୍‌ସିପି) ବିନା ଖଣି ହସ୍ତାନ୍ତର କରିପାରିବ ନାହିଁ । ଯେତେବେଳେ ଏହା ପ୍ରମାଣିତ ହୁଏ ଯେ ହସ୍ତାନ୍ତର କରିବାକୁ ପ୍ରସ୍ତାବିତ ଖଣିରେ କୌଣସି ଖଣିଜ ସଂରକ୍ଷଣ ନାହିଁ ସେତେବେଳେ ଖଣି ଯୋଜନା ଉପରେ ଆଧାର କରି ଓଏମ୍‌ସି ଦ୍ୱାରା ଏଫ୍‌ଏମ୍‌ସିପି ଦାଖଲ କରାଯାଏ ଏବଂ ଏହା ଭାରତୀୟ ଖଣି ବ୍ୟୁରୋ ଦ୍ୱାରା ଅନୁମୋଦିତ ହୋଇଥାଏ । ସରୁଆବିଲ୍-ସୁକ୍ରାଙ୍ଗୀ କ୍ରୋମାଇଟ୍ ଖଣି ଓଏମ୍‌ସିକୁ 1981 ମସିହାରେ ଦିଆଯାଇଥିଲା ଏବଂ 1992ରେ ଏଥିରେ ଖଣିଜର ଅନୁସନ୍ଧାନ କରାଯାଇଥିଲା ଯାହାକି ପ୍ରମାଣ କରିଥିଲା ଯେ ସେଠାରେ କୌଣସି ଖଣିଜ ସଂରକ୍ଷଣ ନଥିଲା । ଏହା ସତ୍ତ୍ୱେ ଓଏମ୍‌ସି ଦ୍ୱାରା ଖଣି ହସ୍ତାନ୍ତର କରିବାପାଇଁ କୌଣସି ପଦକ୍ଷେପ ନିଆଯାଇ ନଥିଲା ।

- ଓଏମ୍‌ସି ଜାନୁଆରୀ 2020ରେ ଉକ୍ତ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ କରିବାପାଇଁ ନିଷ୍ପତ୍ତି ନେଇଥିଲା । ଏହି ସମୟ ମଧ୍ୟରେ, ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ 29 ଅକ୍ଟୋବର 2002 ତାରିଖର ଆଦେଶ ଅନୁଯାୟୀ ଜଙ୍ଗଲ ଜମିକୁ ଅଣ-ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର କରିବାପାଇଁ ଲିଜ୍‌ଧାରୀଙ୍କ ଦ୍ୱାରା ଏନ୍‌ପିଭି ପ୍ରଦାନ ପାଇଁ ପ୍ରଯୁଜ୍ୟ ହେଲା । ଉକ୍ତ ଖଣିକୁ ବନ୍ଦ କରିବାପାଇଁ ଏଫ୍‌ଏମ୍‌ସିପି ଦାଖଲ କରିବାର ଥିଲା ଓ ଏଫ୍‌ଏମ୍‌ସିପି ପାଇଁ ଉକ୍ତ ଖଣିରେ ଖଣିଜ ଭଣ୍ଡାରର ଅଭାବ ପ୍ରମାଣ କରିବାପାଇଁ ଆବଶ୍ୟକ ଅନୁସନ୍ଧାନ କରିବାପାଇଁ ଏକ ଜଙ୍ଗଲ ଜମି ପରିବର୍ତ୍ତନ ଅନୁମତି ଆବଶ୍ୟକ ଥିଲା । ଫଳସ୍ୱରୂପ, ଏମ୍‌ଓଇଏଫ୍‌ଆଣ୍ଡ୍‌ସିସିରୁ ଉକ୍ତ ଅନୁମତି ପ୍ରାପ୍ତ କରିବା ପାଇଁ ଓ ପରେ ଉକ୍ତ ଲିଜ୍‌କୁ ହସ୍ତାନ୍ତର କରିବା ପାଇଁ ଏନ୍‌ପିଭି ଦେବାକୁ ପଡିଥିଲା ।

- ଏଫ୍‌ଏମ୍‌ସିପି ଚୂଡାନ୍ତ କରିବା ପାଇଁ ଆବଶ୍ୟକ ଅନୁସନ୍ଧାନ କରିବା ପାଇଁ ଓଏମ୍‌ସି ଜାନୁଆରୀ 2015ରେ ଏମ୍‌ଓଇଏଫ୍‌ଆଣ୍ଡସିସି ଠାରୁ ଅନୁମତି ମାଗିଥିଲା। ଖଣିଜ ସଂରକ୍ଷଣ ଓ ବିକାଶ ନିୟମ, 1988ର ନିୟମ 23(5) ଅନୁପାଳନ କରି ଆଇବିଏମ୍ ଦ୍ୱାରା ଅଗଷ୍ଟ 2020ରେ ଏଫ୍‌ଏମ୍‌ସିପି ଅନୁମୋଦିତ ହୋଇଥିଲା। ଏହି ପ୍ରକ୍ରିୟାରେ, ଓଏମ୍‌ସିକୁ ଫେବୃୟାରୀ 2014ରୁ ମଇ 2016 ମଧ୍ୟରେ ଏନ୍‌ପିଭି ବାବଦରେ 2.24 କୋଟି ଟଙ୍କା ଦେବାକୁ ପଡିଥିଲା ଏବଂ ଶେଷରେ ଅପ୍ରେଲ 2021ରେ ଖଣିଟିକୁ ହସ୍ତାନ୍ତର କରାଯାଇଥିଲା। ତେଣୁ, ଯଦି 1992ରେ ଉକ୍ତ ଖଣିରେ କୌଣସି ଖଣିଜ ସଂରକ୍ଷଣ ନାହିଁ ବୋଲି ପ୍ରମାଣିତ ହେବା ପରେ ତୁରନ୍ତ ହସ୍ତାନ୍ତର କରାଯିବାର ନିଷ୍ପତ୍ତି ନିଆଯାଇପାରିଥାନ୍ତା ତେବେ ଏନ୍‌ପିଭି ବାବଦରେ ଦେୟକୁ ଏଡାଯାଇ ପାରିଥାନ୍ତା।

ସରକାର ଏହାର ଉତ୍ତରରେ ଦର୍ଶାଇଛନ୍ତି (ମଇ 2024) ଯେ, ଖଣିଲିଜ୍ ବିଶାଳ କ୍ଷେତ୍ରକୁ ବିଚାରକୁ ନିଆଯାଇ ଖଣିଜ ପଥରର ଅନୁସନ୍ଧାନ ପାଇଁ ବହୁତ କମ୍ ବୋରହୋଲ୍ କରାଯାଇଥିଲା ଏବଂ ଖଣିଜ ଅନ୍ୱେଷଣ ନିମିତ୍ତ ଡାଇଭର୍ସନ ପ୍ରସ୍ତାବ ଦାଖଲ କରିବାର ବ୍ୟବସ୍ଥାର ଅନୁପସ୍ଥିତି ଯୋଗୁ ଓଏମ୍‌ସି ଜଙ୍ଗଲ (ସଂରକ୍ଷଣ) ସଂଶୋଧନ ନିୟମ, 2014 କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ଅପେକ୍ଷା କଲା।

ଉତ୍ତର ଗ୍ରହଣଯୋଗ୍ୟ ନଥିଲା, କାରଣ ଖଣିଜ ପଥରର ସମ୍ଭାବନା ନଥିବା ବିଷୟରେ ଓଏମ୍‌ସି 1992ରୁ ଅବଗତ ଥିଲା ତେଣୁ ମିନେରାଲ୍ କନସେସନ୍ ନିୟମ, 1960ର ପ୍ରାବଧାନ ଅନୁଯାୟୀ ଖଣିଜ ନଥିବା ଲିଜ୍‌କୁ ପ୍ରତ୍ୟାର୍ପଣ କରିଦେବାର ଥିଲା। କିନ୍ତୁ, ଓଏମ୍‌ସି ହସ୍ତାନ୍ତର ନକରି ଲିଜ୍‌କୁ ରଖିଥିଲା, ଯାହାକି ଆର୍ଥିକ ଦୃଷ୍ଟିକୋଣରୁ ଏକ ଅବିବେଚନାମୂଳକ କାର୍ଯ୍ୟ ଥିଲା। ପରିଣାମ ସ୍ୱରୂପ, ଏନ୍‌ପିଭି ବାବଦରେ 2.24 କୋଟି ଟଙ୍କା ପରିହାର୍ଯ୍ୟ ବ୍ୟୟ ହୋଇଥିଲା। ସରକାର ଏହାର ଉତ୍ତରରେ କହିଥିଲେ ଯେ ଓଏମ୍‌ସି ଆଇନର ସାମ୍ବଦ୍ୟ ପରିବର୍ତ୍ତନ ପାଇଁ ଅପେକ୍ଷା କରିଥିଲା। ଏହା ଉକ୍ତ ଘଟଣାର ଏକ ପରବର୍ତ୍ତୀ ଚିନ୍ତାଧାରା ଯାହାର କୌଣସି ଉପଯୁକ୍ତ କାରଣ ରେକର୍ଡରେ ନଥିଲା।

### 2.8.2 ଉଞ୍ଚାବାଲି ଲୁହାପଥର ଖଣି ସମ୍ବନ୍ଧରେ ଲିଜ୍‌ର ଅବାଞ୍ଛିତ ସମ୍ପ୍ରସାରଣ ହେତୁ 85.21 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ

ଏମ୍‌ଏମ୍‌ଡିଆର୍ ନିୟମ, 2015ର, ନିୟମ 3(1) ଅନୁଯାୟୀ, ଏମ୍‌ଏମ୍‌ଡିଆର୍ (ସଂଶୋଧନ) ଅଧିନିୟମ, 2015 ଲାଗୁ ହେବାର ପୂର୍ବରୁ ଅର୍ଥାତ 12 ଜାନୁଆରୀ 2015 ପୂର୍ବରୁ କୌଣସି ସରକାରୀ କମ୍ପାନୀ କିମ୍ବା ନିଗମକୁ ଖଣିଜ ପଦାର୍ଥ ପାଇଁ ଦିଆଯାଇଥିବା ସମସ୍ତ ଖଣି ଲିଜ୍ 50 ବର୍ଷର ଅବଧି ପାଇଁ ବିବେଚନା କରାଯିବ। ପରବର୍ତ୍ତୀ ସମୟରେ, ଏମ୍‌ଏମ୍‌ଡିଆର୍ (ସଂଶୋଧନ) ଅଧିନିୟମ, 2021ର ଧାରା 7(4)ରେ ଧାର୍ଯ୍ୟ କରାଯାଇଛି ଯେ, ଏପରି ସରକାରୀ କମ୍ପାନୀମାନେ ଦେୟ ରୟାଲଟିର 150 ପ୍ରତିଶତ ଅତିରିକ୍ତ ରୟାଲ୍‌ଟି ପ୍ରଦାନ କରିବେ। ସେହି ଅନୁଯାୟୀ ଓଡିଶା ସରକାର ଉଞ୍ଚାବାଲି ଲୁହାପଥର ଖଣିର ମୂଳ ଲିଜ୍ ଅବଧି 50 ବର୍ଷ ପର୍ଯ୍ୟନ୍ତ ବଢ଼ାଇ ଦେଇଥିଲେ, ଯେପରିକି ଜୁନ୍ 2008ରୁ 2058 ପର୍ଯ୍ୟନ୍ତ, ଓଏମ୍‌ସି ଏହି ଲିଜ୍ ସମ୍ପ୍ରସାରଣ ଅବଧି ପାଇଁ ସପ୍ଲିମେଣ୍ଟାରୀ ଲିଜ୍ କାର୍ଯ୍ୟକାରୀ କରିବାର ଥିଲା। ଓଏମ୍‌ସି ଫେବୃଆରୀ 2022ରେ ଷ୍ଟାମ୍ପ ଶୁଳ୍କ ପାଇଁ 27.72 କୋଟି ଟଙ୍କା ଏବଂ ପଞ୍ଜିକରଣ ଶୁଳ୍କ ପାଇଁ 11.09 କୋଟି ଟଙ୍କା ପ୍ରଦାନ କରି ସପ୍ଲିମେଣ୍ଟାରୀ ଲିଜ୍ ଡିଡ୍ କାର୍ଯ୍ୟକାରୀ କରିଥିଲା। ଫେବୃୟାରୀ 2022ରେ ସପ୍ଲିମେଣ୍ଟାରୀ ଲିଜ୍‌ଡିଡ୍ କାର୍ଯ୍ୟକାରିତା ହେତୁ ତୁରନ୍ତ ଲାଗୁ କରାଯାଇଥିବା ଅତିରିକ୍ତ ରୟାଲଟି ବାବଦକୁ ରୟାଲଟିର 150 ଶତକଡା ପର୍ଯ୍ୟନ୍ତ ଦେୟ ଆକର୍ଷିତ କରିଥିଲା।

ସମୀକ୍ଷାରେ ଦେଖାଗଲା ଯେ, ଉଞ୍ଚାବାଲି ଲୁହାପଥର ଖଣି ଲିଜ୍ ଅବଧି ଜୁନ୍ 2008ରୁ 2028 ପର୍ଯ୍ୟନ୍ତ 20 ବର୍ଷ ପାଇଁ ବୈଧଥିଲା। ଅନୁମୋଦିତ ଖଣି ଯୋଜନା ଅନୁଯାୟୀ 2018-19 ସୁଦ୍ଧା 10.56 ନିୟୁତ ଏମ୍‌ଟି ଲୁହାପଥର ଖଣିଜ ଆରକ୍ଷଣ ଥିଲା ଏବଂ ଗୋଟିଏ ଏମ୍‌ଟିପିଏ ଉତ୍ପାଦନ ପାଇଁ ବାର୍ଷିକ ପରିବେଶ ମଞ୍ଜୁରୀ କ୍ଷମତାକୁ ବିଚାରକୁ ନେଲେ, ଆରକ୍ଷଣ 2028 ସୁଦ୍ଧା ଶେଷ ହୋଇଯିବ ଯାହାକି ଲିଜ୍‌ର ବୈଧତା ଅବଧି ମଧ୍ୟରେ। ସେଥିଯୋଗୁ, ଅଧିକା 30 ବର୍ଷ ପାଇଁ ସପ୍ଲିମେଣ୍ଟାରୀ ଲିଜ୍ ଡିଡ୍ କାର୍ଯ୍ୟକାରୀ କରିବାର କୌଣସି ଆବଶ୍ୟକତା ନଥିଲା। ଏହିପରି କାର୍ଯ୍ୟକାରିତା ପାଇଁ କମ୍ପାନୀକୁ 2022-23 ବର୍ଷ ପାଇଁ ଅତିରିକ୍ତ ରୟାଲଟି ବାବଦକୁ 46.40 କୋଟି ଟଙ୍କା

(ରୟାଲଟିର 150 ପ୍ରତିଶତ ହିସାବରେ) ଅତିରିକ୍ତ ଖର୍ଚ୍ଚ ବହନ କରିବାକୁ ପଡିଲା, ଏହାବ୍ୟତୀତ ଷ୍ଟାମ୍ପ ଡ୍ୟୁଟି ଓ ପଞ୍ଜିକରଣ ଖର୍ଚ୍ଚ ବାବଦକୁ 38.81 କୋଟି ଟଙ୍କା ବ୍ୟୟ କରାଯାଇଥିଲା ଯାହା ଏଡାଯାଇ ପାରିଥାନ୍ତା। ପୁନଶ୍ଚ, କମ୍ପାନୀ ଭବିଷ୍ୟତରେ ଅତିରିକ୍ତ ରୟାଲଟି ବାବଦକୁ 2028 ପର୍ଯ୍ୟନ୍ତ ପ୍ରାୟ 232.00 କୋଟି ଟଙ୍କା[31] ବ୍ୟୟ କରିବାପାଇଁ ଦାୟୀ ରହିଲା।

ସରକାର କହିଲେ (ଜୁଲାଇ 2024) ଯେ, ଆରକ୍ଷଣ ସମାପ୍ତ ହେବା ପରେ ଅଧିକ ଅନୁସନ୍ଧାନ କରିବା ପାଇଁ ଓଏମ୍‌ସି ସପ୍ଲିମେଣ୍ଟାରୀ ଲିଜ୍ ଡିଡ୍ ସାକ୍ଷର କରିଥିଲା। ଉକ୍ତ ଖଣିଟି କମ୍ପାନୀ ନିକଟବର୍ତ୍ତୀ ଖଣିମାନଙ୍କରେ ଉତ୍ପାଦନ ହେଉଥିବା ନିମ୍ନ ଗ୍ରେଡର ଖଣିଜଗୁଡିକୁ ପ୍ରକ୍ରିୟାକରଣ କରିବା ପାଇଁ ବ୍ୟବହାର କରାଯାଇ ପାରିବ। ଏଠାରେ ସରକାରଙ୍କ ଉତ୍ତର ଯୁକ୍ତିଯୁକ୍ତ ନଥିଲା, କାରଣ ସପ୍ଲିମେଣ୍ଟାରୀ ଲିଜ୍ ଡିଡ୍ କରିବା ପୂର୍ବରୁ ଅନୁସନ୍ଧାନ କରାଯିବା ଉଚିତ ଥିଲା। ପୁନଶ୍ଚ, ଉକ୍ତ ଖଣିର ଅନୁମୋଦିତ ଖଣି ଯୋଜନା ଅନୁଯାୟୀ ନିକଟସ୍ଥ ଖଣି ଦ୍ୱାରା ଉତ୍ପାଦିତ ନିମ୍ନ ଗ୍ରେଡ ଖଣିର ଲାଭ ପାଇଁ ଖଣି ବ୍ୟବହାର ଅନୁମତିପ୍ରାପ୍ତ ନଥିଲା।

**ସୁପାରିଶ:**

**2. ଖଣି ଲିଜ୍ କାର୍ଯ୍ୟକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବା ପାଇଁ ପଦକ୍ଷେପ ନେବା, ସମୟସୀମା ମଧ୍ୟରେ ଲିଜ୍ ହସ୍ତାନ୍ତର ସୁନିଶ୍ଚିତ କରିବା ଏବଂ ଏହାର ଅନାବଶ୍ୟକ ବୃଦ୍ଧିକୁ ଏଡାଇବା, ଯାହାଫଳରେ ଅନାବଶ୍ୟକ ଖର୍ଚ୍ଚ ହେଉଛି।**

## 2.9 ଉତ୍ପାଦନ କାର୍ଯ୍ୟଦକ୍ଷତା

ଖଣିଜ ଶିଳ୍ପରେ ଉତ୍ପାଦନ ପାଇଁ ଖଣିଜ ପଥରଗୁଡିକୁ ଖଣିରୁ ଉତ୍ତୋଳନ କରିବା, ଚୂର୍ଣ୍ଣ କରିବା, ସେଥିମଧ୍ୟରୁ ଗୁଣାତ୍ମକ ଖଣିଜ ପାଇବା ପାଇଁ ପ୍ରକ୍ରିୟାକରଣ କରିବା ଏବଂ ବିକ୍ରି ପୂର୍ବରୁ ସେଗୁଡିକୁ ଆବଶ୍ୟକତା ଅନୁଯାୟୀ ଷ୍ଟାକିଂ କରିବା ଅନ୍ତର୍ଭୁକ୍ତ। ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ ଏହିସବୁ କାର୍ଯ୍ୟ ଏପରି କରାଯିବା ଉଚିତ୍ ଯେପରିକି ପରିବେଶ ଉପରେ ଖଣିର ପ୍ରତିକୂଳ ପ୍ରଭାବ କମ୍ ପଡିବ। ଦ୍ୱିତୀୟତଃ, ଷ୍ଟକ୍ ପାଇଲିଂକୁ ଏଡାଇବା ପାଇଁ ଉତ୍ପାଦନର ବାସ୍ତବ ଲକ୍ଷ୍ୟ ଧାର୍ଯ୍ୟ କରିବା ସହ ସେଗୁଡିକର ଭଣ୍ଡାର ପରିଚାଳନା ମଧ୍ୟ ନିୟନ୍ତ୍ରଣ କରାଯିବା ଆବଶ୍ୟକ। ଯେହେତୁ, ଓଏମ୍‌ସି ତାହାର ସମସ୍ତ ଉତ୍ପାଦନ କାର୍ଯ୍ୟକଳାପ ଠିକାଦାରମାନଙ୍କ ଦ୍ୱାରା କରାଇଥାଏ, ଏହାର ଆର୍ଥିକ ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ଏକ ପ୍ରଭାବଶାଳୀ ଚୁକ୍ତିନାମା ପରିଚାଳନା ଦରକାର କରୁଛି। ଏହି ପୃଷ୍ଠଭୂମିରେ ଓଏମ୍‌ସିର ଉତ୍ପାଦନ କାର୍ଯ୍ୟକଳାପକୁ ବ୍ୟାପକ ଶୀର୍ଷକ ଅଧିନରେ ସମୀକ୍ଷା କରାଯାଇଛି ଯଥା, ଖଣିଜ ଉତ୍ତୋଳନ, ସେଗୁଡିକର ଷ୍ଟାକିଂ, ପ୍ରଯୁଜ୍ୟ ନିୟମାବଳୀର ଅନୁପାଳନ, ଭଣ୍ଡାର ଏବଂ ଚୁକ୍ତିନାମାର ସୁପରିଚାଳନା ଇତ୍ୟାଦି।

### 2.9.1 ଖଣିଜ ଉତ୍ତୋଳନ

ଓଏମ୍‌ସି ତିନୋଟି ପ୍ରମୁଖ ଖଣିଜ ପଥର ଯଥା, ଲୌହ, କ୍ରୋମ୍ ଓ ବକ୍ସାଇଟ୍ ଏବଂ ଲଘୁ ଖଣିଜ ଯଥା, ଖୋଣ୍ଡାଲାଇଟ୍ ସାଜସଜ୍ଜା ପଥରର, ଉତ୍ପାଦନ ଘରୋଇ ଠିକାଦାରମାନଙ୍କୁ ନିୟୋଜିତ କରି କରୁଅଛି। ତଥାପି, ଆଇବିଏମ୍ ଦ୍ୱାରା ଅନୁମୋଦିତ ଖଣି ଉତ୍ତୋଳନ ଯୋଜନାର ସୀମା ଅନୁଯାୟୀ ଉତ୍ପାଦନ କରାଯିବା ଦରକାର। ପ୍ରତ୍ୟେକ ଖଣି ପାଇଁ ବାର୍ଷିକ ଉତ୍ପାଦନ ଲକ୍ଷ୍ୟ ବୈଧାନିକ କର୍ତ୍ତୃପକ୍ଷ, ଏମ୍‌ଓଇଏଫ୍‌ଆଣ୍ଡସିସି ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର (ଏସ୍‌ପିସିବି) ମଞ୍ଜୁରି ଇତ୍ୟାଦି ଦ୍ୱାରା ଧାର୍ଯ୍ୟ ପରିମାଣ ଅନୁଯାୟୀ ସ୍ଥିର କରାଯାଇଥାଏ। 2018-23 ସମୀକ୍ଷା ଅବଧି ମଧ୍ୟରେ ପ୍ରାକ୍ ଆକଳନ ଅନୁଯାୟୀ ସ୍ଥିର କରାଯାଇଥିବା ଲକ୍ଷ୍ୟ ହାସଲ କରିବାରେ ଓଏମ୍‌ସିର ଉତ୍ପାଦନ ସଫଳତା ନିମ୍ନମତେ ଥିଲା:

[31] 2022-23ରେ ପ୍ରକୃତ ରୟାଲଟି ଦେୟ 46.40 କୋଟି ଟଙ୍କା ଥିଲା ଏବଂ ଯଦି ଆମେ ସେହି ବିତରଣକୁ 2028 ପର୍ଯ୍ୟନ୍ତ ଅନୁମାନ କରୁ, ଏଡାଇବାଯୋଗ୍ୟ ଖର୍ଚ୍ଚ ହେଉଛି 46.40 କୋଟି ଟଙ୍କା x 5 ବର୍ଷ = 232.00 କୋଟି ଟଙ୍କା

**ସାରଣୀ 2.5: 2018-19ରୁ 2022-23 ମଧ୍ୟରେ ଉତ୍ପାଦନ ଲକ୍ଷ୍ୟ ବନାମ ଲକ୍ଷ୍ୟ ସାଧନ**

(ନିୟୁତ ଏମ୍‌ଟିରେ)

| ଖଣିଜ ପଥର | 2018-19 | | 2019-20 | | 2020-21 | | 2021-22 | | 2022-23 | | ମୋଟ୍ ବିଇ | ମୋଟ୍ ହାସଲ | ଅଭାବ |
|---|---|---|---|---|---|---|---|---|---|---|---|---|---|
| | ଲକ୍ଷ୍ୟ (ବିଇ) | ହାସଲ | ଲକ୍ଷ୍ୟ (ବିଇ) | ହାସଲ | ଲକ୍ଷ୍ୟ (ବିଇ) | ହାସଲ | ଲକ୍ଷ୍ୟ (ବିଇ) | ହାସଲ | ଲକ୍ଷ୍ୟ (ବିଇ) | ହାସଲ | | | |
| ଲୌହ ପଥର | 9.720 | 10.479 | 12.175 | 12.386 | 13.004 | 13.033 | 29.197 | 27.568 | 34.508 | 29.678 | 98.604 | 93.144 | 5.460 |
| କ୍ରୋମ୍ ପଥର | 1.163 | 1.189 | 1.235 | 0.835 | 1.145 | 1.093 | 1.515 | 1.164 | 1.715 | 1.077 | 6.772 | 5.358 | 1.414 |
| ବକ୍ସାଇଟ୍ | 3.00 | 2.700 | 3.000 | 3.000 | 3.000 | 3.000 | 3.000 | 3.000 | 3.000 | 3.000 | 15.000 | 14.700 | 0.300 |

*(ଉତ୍ସ: ଓଏମ୍‌ସି ଦ୍ୱାରା ପ୍ରଦତ୍ତ ସୂଚନା, ଏଠାରେ ଯେହେତୁ ଖୋଣ୍ଡାଲାଇଟ୍‌ର ଉତ୍ପାଦନ 2021-22 ଠାରୁ ଆରମ୍ଭ ହୋଇଥିଲା ଏହାର ବିଶ୍ଳେଷଣକୁ ପରିସର ମଧ୍ୟକୁ ଅଣାଯାଇନାହିଁ)*

2018-23 ମଧ୍ୟରେ ଖଣି ଅନୁଯାୟୀ ଆକଳନ ଲକ୍ଷ୍ୟ ଏବଂ ପ୍ରକୃତ ଉତ୍ପାଦନ **ପରିଶିଷ୍ଟ 22କ**ରେ ଦର୍ଶାଯାଇଛି। ଆକଳନ ଲକ୍ଷ୍ୟ ଏବଂ ପ୍ରକୃତ ଉତ୍ପାଦନର ସମୀକ୍ଷାରୁ ଦେଖାଗଲା ଯେ:

- ଧାର୍ଯ୍ୟ ବଜେଟ୍ ଆକଳନ ତୁଳନାରେ ଲୁହାପଥର ଉତ୍ପାଦନରେ 1.12ରୁ 63.42 ପ୍ରତିଶତ ଅଭାବ ଦେଖା ଦେଇଥିଲା। ସେହିପରି, କ୍ରୋମ ପଥର ଉତ୍ପାଦନରେ ଧାର୍ଯ୍ୟ ବଜେଟ୍ ଆକଳନ ତୁଳନାରେ 2018-23 ମଧ୍ୟରେ 1.22ରୁ 49.91 ପ୍ରତିଶତ ଅଭାବ ଦେଖାଯାଇଥିଲା। ବକ୍ସାଇଟ୍ ଉତ୍ପାଦନରେ କେବଳ 2018-19 ବର୍ଷ ପାଇଁ ବଜେଟ୍ ତୁଳନାରେ 10 ପ୍ରତିଶତ ଅଭାବ ଦେଖାଯାଇଥିଲା।

- ଅଧିକନ୍ତୁ, 2018-23 ଅବଧି ମଧ୍ୟରେ ଓଏମ୍‌ସି ତା'ର ପ୍ରତ୍ୟେକ ବର୍ଷ ପାଇଁ ସଂଶୋଧିତ ଲକ୍ଷ୍ୟ ମାର୍ଚ୍ଚ ମାସରେ ସ୍ଥିର କରିଥିଲା ଯାହାକି ଆର୍ଥିକ ବର୍ଷର ଶେଷ ମାସ ଥିଲା ଯେତେବେଳେ କି ସମ୍ପୂର୍ଣ୍ଣ ଆର୍ଥିକ ବର୍ଷ ପାଇଁ ପ୍ରକୃତ ଉତ୍ପାଦନ ବିଷୟରେ ଓଏମ୍‌ସି ଅବଗତ କରିସାରିଥିଲା। ଫଳସ୍ୱରୂପ, 2018-23 ମଧ୍ୟରେ ଲୌହ, କ୍ରୋମ୍ ଏବଂ ବକ୍ସାଇଟ୍ ପାଇଁ ଏହି ସଫଳତା 100 ପ୍ରତିଶତ କିମ୍ବା ପାଖାପାଖି 100 ପ୍ରତିଶତ ଭାବରେ ଦର୍ଶାଯାଇଥିଲା। ତେଣୁ, ବାସ୍ତବ ସଫଳତାକୁ ପରୀକ୍ଷା କରିବା ପାଇଁ ଏହାକୁ ପୁନଶ୍ଚ ଅନୁମୋଦିତ ଖଣି ଉତ୍ତୋଳନ ଯୋଜନା ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ **(ପରିଶିଷ୍ଟ 22ଖ)** ସହ ସମୀକ୍ଷାରେ ତୁଳନା କରାଯାଇଛି।

    - ଲୌହ ପଥର କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟ ଖଣି ଯୋଜନା (ଏମ୍‌ପି) ପରିମାଣ ତୁଳନାରେ 15ରୁ 88 ପ୍ରତିଶତର ଅଭାବ ଦେଖାଯାଇଥିଲା।

    - ସେହିପରି, କ୍ରୋମ୍ ଖଣି କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟ ରଖାଯାଇଥିବା ଖଣି ଯୋଜନା ତୁଳନାରେ 2018-23 ମଧ୍ୟରେ 28ରୁ 75 ପ୍ରତିଶତ ଅଭାବ ରହିଥିଲା।

    - ବକ୍ସାଇଟ୍ କ୍ଷେତ୍ରରେ ଅଭାବ 39 ପ୍ରତିଶତ ଥିଲା।

ସମୀକ୍ଷାରେ ଆହୁରି ମଧ୍ୟ ଦେଖାଯାଇଥିଲା ଯେ, ଗନ୍ଧମାର୍ଦ୍ଦନ-କ, ଗନ୍ଧମାର୍ଦ୍ଦନ-ଖ, କୁର୍ମିତାର, ବାଂଶପାଣି ଏବଂ କୋଡିଙ୍ଗାମାଳି ଖଣି କ୍ଷେତ୍ରରେ ସମୁଦାୟ ଲିଜ୍ ଅଞ୍ଚଳରେ ଜଙ୍ଗଲ ଜମିର ଉପଯୋଗ ପାଇଁ ଅନୁମୋଦନ ଥିବା ସତ୍ତ୍ୱେ ଖଣି ଯୋଜନା ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାରେ ସକ୍ଷମ ହୋଇପାରି ନଥିଲା। ପୁନଶ୍ଚ, ପରିବେଶ ମଞ୍ଜୁରୀ/ସିଟିଓ ଦ୍ୱାରା ଅନୁମୋଦନ କରାଯାଇଥିବା ଉତ୍ପାଦନ ପରିମାଣଠାରୁ ମଧ୍ୟ ପ୍ରକୃତ ଉତ୍ପାଦନ କମ୍ ପରିମାଣର ଥିଲା ଯାହା ନିମ୍ନୋକ୍ତ ସାରଣୀରେ ଦର୍ଶାଯାଇଅଛି:

**ସାରଣୀ 2.6: 2018-23 ଖଣିଜ-ୱାରୀ ଏମ୍‌ପି/ଏମ୍‌ଏସ୍, ସିଟିଓ, ଇସି ପରିମାଣ ଏବଂ ପ୍ରକୃତ ଉତ୍ପାଦନ**

*(ସମସ୍ତ ଖଣିଜ ପଦାର୍ଥର ପରିମାଣ ଲକ୍ଷ ଏମ୍‌ଟିରେ ଏବଂ ଖୋଣ୍ଡାଲାଇଟ୍ ଘନ ମିଟରରେ)*

| କ୍ରମିକ ସଂଖ୍ୟା | ବର୍ଷ | ଖଣିଜର ନାମ | ପ୍ରକୃତ ଉତ୍ପାଦନ | ଏମ୍‌ପି/ଏମ୍‌ଏସ୍ ପରିମାଣ | ସିଟିଓ ପରିମାଣ | ଇସି ପରିମାଣ |
|---|---|---|---|---|---|---|
| 1. | 2018-19 | ଲୁହାପଥର | 104.79 | 184.46 | 148.70 | 148.70 |
| | | କ୍ରୋମାଇଟ୍ | 11.89 | 17.80 | 15.90 | 17.60 |
| | | ବକ୍ସାଇଟ୍ | 27.00 | 30.00 | 30.00 | 30.00 |
| | | ଖୋଣ୍ଡାଲାଇଟ୍ | 0.00 | 0.00 | 0.00 | 0.00 |
| 2. | 2019-20 | ଲୁହାପଥର | 123.86 | 218.03 | 148.70 | 148.70 |
| | | କ୍ରୋମାଇଟ୍ | 8.35 | 17.71 | 15.90 | 17.60 |
| | | ବକ୍ସାଇଟ୍ | 30.00 | 30.00 | 30.00 | 30.00 |
| | | ଖୋଣ୍ଡାଲାଇଟ୍ | 0.00 | 0.00 | 0.00 | 0.00 |
| 3. | 2020-21 | ଲୁହାପଥର | 130.32 | 211.53 | 307.78 | 307.78 |
| | | କ୍ରୋମାଇଟ୍ | 10.93 | 17.22 | 15.90 | 17.60 |
| | | ବକ୍ସାଇଟ୍ | 30.00 | 60.00 | 30.00 | 30.00 |
| | | ଖୋଣ୍ଡାଲାଇଟ୍ | 148.02 | 25,037.00 | 25,186.00 | 25,186.00 |
| 4. | 2021-22 | ଲୁହାପଥର | 275.68 | 382.82 | 337.78 | 307.78 |
| | | କ୍ରୋମାଇଟ୍ | 11.64 | 13.58 | 17.60 | 17.60 |
| | | ବକ୍ସାଇଟ୍ | 30.00 | 60.00 | 30.00 | 30.00 |
| | | ଖୋଣ୍ଡାଲାଇଟ୍ | 16,542.72 | 77,867.00 | 78,031.00 | 77,867.00 |
| 5. | 2022-23 | ଲୁହାପଥର | 296.79 | 677.95 | 372.38 | 372.38 |
| | | କ୍ରୋମାଇଟ୍ | 10.77 | 17.60 | 17.60 | 17.60 |
| | | ବକ୍ସାଇଟ୍ | 30.00 | 60.00 | 30.00 | 30.00 |
| | | ଖୋଣ୍ଡାଲାଇଟ୍ | 9,645.76 | 80,905.00 | 81,086.00 | 81,086.00 |
| 6. | ମୋଟ (2018-23) | ଲୁହାପଥର | 931.44 | 1,674.79 | 1,315.34 | 1,285.34 |
| | | କ୍ରୋମାଇଟ୍ | 53.58 | 83.91 | 82.90 | 88.00 |
| | | ବକ୍ସାଇଟ୍ | 147.00 | 240.00 | 150.00 | 150.00 |
| | | ଖୋଣ୍ଡାଲାଇଟ୍ | 26,336.50 | 1,83,809.00 | 1,84,303.00 | 1,84,139.00 |
| 7. | ଅଭାବ ଏବଂ ଶତକଡା | ଲୁହାପଥର | 0 | 743.35 | 383.90 | 353.90 |
| | | ଶତକଡା | 0 | 44.38 | 29.19 | 27.53 |
| | | କ୍ରୋମାଇଟ୍ | 0 | 30.33 | 29.32 | 34.42 |
| | | ଶତକଡା | 0 | 36.14 | 35.37 | 39.11 |
| | | ବକ୍ସାଇଟ୍ | 0 | 93.00 | 3.00 | 3.00 |
| | | ଶତକଡା | 0 | 38.75 | 2.00 | 2.00 |
| | | ଖୋଣ୍ଡାଲାଇଟ୍ | 0 | 1,57,472.50 | 1,57,966.50 | 1,57,802.50 |
| | | ଶତକଡା | 0 | 85.67 | 85.71 | 85.70 |

*(ଉତ୍ସ: ଓଏମ୍‌ସି ଦ୍ୱାରା ପ୍ରଦତ୍ତ ସୂଚନା, ଖଣି-ୱାରୀ ବିବରଣୀ ପରିଶିଷ୍ଟ 22 ଖରେ ସଂକଳିତ)*

ଉତ୍ପାଦନ ଲକ୍ଷ୍ୟ ହାସଲ କରିବାରେ ଓଏମ୍‌ସିର ବିଫଳତା ଏବଂ ଉତ୍ପାଦନ ପ୍ରକ୍ରିୟାରେ ଅନ୍ୟାନ୍ୟ ଅଭାବ ବିଷୟରେ ନିମ୍ନଲିଖିତ ଅନୁଚ୍ଛେଦଗୁଡିକରେ ଆଲୋଚନା କରାଯାଇଛି ।

### 2.9.2 ଦୈତାରୀ ଲୁହାପଥର ଖଣିରେ ବର୍ଦ୍ଧିତ ଇସି ପରିମାଣର ବ୍ୟବହାର ନହେବାରୁ ଉତ୍ପାଦନରେ ଅଭାବ

ବୈଧାନିକ ମଞ୍ଜୁରୀମାନଙ୍କ ମଧ୍ୟରୁ ପରିବେଶ ମଞ୍ଜୁରୀ (ଇସି) ଅନ୍ୟତମ ଯାହାକି ଏମ୍‌ଓଇଏଫ୍‌ଆଣ୍ଡସିସି ଦ୍ୱାରା ପ୍ରଦାନ କରାଯାଇଥାଏ ଯେଉଁଥିରେ ବର୍ଷ ପ୍ରତି ନିୟୁତ ଏମ୍‌ଟି ହିସାବରେ ଖଣିଜର ସର୍ବାଧିକ ଉତ୍ତୋଳନ ପାଇଁ ଅନୁମତି ପ୍ରାପ୍ତ କରାଯାଇଥାଏ । ଇସି ପାଇବା ପରେ, ଖଣି  କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଲିଜଧାରୀଙ୍କୁ ଏସ୍‌ପିସିବି ଠାରୁ 'ପରିଚାଳନା ପାଇଁ ସମ୍ମତି' (ସିଟିଓ) ନେବାକୁ ପଡିଥାଏ ।

ଓଏମ୍‌ସିର ଅନୁରୋଧ କ୍ରମେ ଏମ୍‌ଓଇଏଫ୍‌ଆଣ୍ଡ୍‌ସିସି ଦୈତାରୀ ଲୁହାପଥର ଖଣିରେ ଏକ ବର୍ଷ ପାଇଁ (ଜୁଲାଇ 2022 ପର୍ଯ୍ୟନ୍ତ) ତିନି ଏମ୍‌ଟିପିଏରୁ ଛଅ ଏମ୍‌ଟିପିଏ ପର୍ଯ୍ୟନ୍ତ ଇସି ପରିମାଣକୁ ବଢ଼ାଇଥିଲା (ଜୁଲାଇ 2021ରେ)। ଇସି ଅନୁମତି ପାଇବା ପରେ ସିଟିଓର ଅନୁମତି (ନଭେମ୍ବର 2021) ଚାରି ମାସ ପରେ ହୋଇଥିଲା। ଇସି ପ୍ରାପ୍ତ କରିବାର 39 ଦିନ ପରେ ଓଏମ୍‌ସି ଦ୍ୱାରା ଏସ୍‌ପିସିବିକୁ ସିଟିଓ ପାଇଁ ଆବେଦନ କରାଯାଇଥିଲା। ପୁନଶ୍ଚ, ସିଟିଓର ଅନୁମୋଦନ ଶୀଘ୍ର ଗ୍ରହଣ ପାଇଁ ଓଏମ୍‌ସି ଏସ୍‌ପିସିବି ସହ ଅନୁସରଣ କରିନଥିଲା, ଯାହାଫଳରେ ସିଟିଓ ଶେଷରେ ନଭେମ୍ବର 2021ରେ ପ୍ରାପ୍ତ ହୋଇଥିଲା ଏବଂ ଫଳସ୍ୱରୂପ, କମ୍ପାନୀ ଉପଲବ୍ଧ ବର୍ଷର ଆଠ ମାସରେ (ନଭେମ୍ବର 2021ରୁ ଜୁଲାଇ 2022) ତିନି ଏମ୍‌ଟିପିଏ ବର୍ଦ୍ଧିତ ପରିମାଣ ମଧ୍ୟରୁ କେବଳ ଦୁଇ ଏମ୍‌ଟିପିଏ ବ୍ୟବହାର କରିବାକୁ ସକ୍ଷମ ହେଲା, ଯାହାଫଳରେ ଗୋଟିଏ ଏମ୍‌ଟିପିଏର ସ୍ୱଳ୍ପ ଉତ୍ପାଦନ ହେଲା ଯାହା ସମ୍ଭାବ୍ୟ 606.43 କୋଟି ଟଙ୍କା[32] ରାଜସ୍ୱ କ୍ଷତିକୁ ସୂଚୀତ କରୁଛି।

ସରକାର କହିଲେ (ମଇ 2024) ଯେ, ଏମ୍‌ଓଇଏଫ୍‌ଆଣ୍ଡ୍‌ସିସି ଠାରୁ ଇସି ଗ୍ରହଣ କରିବା ପରେ, ଅନ୍ୟାନ୍ୟ ମଞ୍ଜୁରୀଗୁଡିକ ଯଥା: ସ୍ଥାପନ ପାଇଁ ସମ୍ମତି (ସିଟିଇ) ପରେ ସିଟିଓ କ୍ଷମତା ବୃଦ୍ଧି ପାଇଁ ନଭେମ୍ବର 2021ରେ, ଏସ୍‌ପିସିବି ଓଡିଶାଙ୍କ ଠାରୁ ଧାର୍ଯ୍ୟ ପ୍ରକ୍ରିୟା ଅନୁଯାୟୀ ଚାରିମାସ ସମୟ ମଧ୍ୟରେ ପ୍ରାପ୍ତ ହୋଇଥିଲା। ଉତ୍ତର ଗ୍ରହଣୀୟ ନୁହେଁ କାରଣ ବାଂଶପାଣି, ଗୁଆଲି ଏବଂ ଜିଲିଙ୍ଗ-ଲାଙ୍ଗଲୋଟା ଖଣି କ୍ଷେତ୍ରରେ, ଓଏମ୍‌ସି ଆବେଦନ କରିବାର 60 ଦିନ ମଧ୍ୟରେ ସିଟିଓ ହାସଲ କରିଛି। ଅବଶ୍ୟ, ଏହି କ୍ଷେତ୍ରରେ ଯଦିଓ ଓଏମ୍‌ସି ଜାଣିଥିଲା ଯେ, ବର୍ଦ୍ଧିତ ଇସିର ବୈଧତା ମାତ୍ର ଗୋଟିଏ ବର୍ଷ ଥିଲା ସିଟିଓ ଶୀଘ୍ର ପାଇବା ପାଇଁ ପର୍ଯ୍ୟାପ୍ତ ପ୍ରୟାସ କରିନଥିଲା ଯାହାକି ବାଣିଜ୍ୟିକ ସତର୍କତାର ଅଭାବକୁ ସୂଚାଉଛି।

## 2.9.3 ବୈଧାନିକ ନିୟମ ପାଳନରେ ତ୍ରୁଟି

### 2.9.3.1 ଅଧିକ/ଅନଧିକୃତ ଉତ୍ପାଦନ ପାଇଁ ଜୋରିମାନା ପ୍ରଦାନ

ମାନ୍ୟବର ଉଚ୍ଚତମ ନ୍ୟାୟାଳୟର 2014 ରିଟ୍ ପିଟିସନ୍ (ସିଭିଲ୍) ସଂଖ୍ୟା 114ରେ ତାଙ୍କ ରାୟ (ଅଗଷ୍ଟ 2017)ରେ ରାୟର 128 ଅନୁଚ୍ଛେଦରେ ମତ ଦେଇଛନ୍ତି ଯେ, ଖଣି ଲିଜ୍‌ଧାରକଙ୍କୁ ଖଣି ପରିକଳ୍ପନା, ଖଣି ଯୋଜନା ଏବଂ ଖଣି ପଟ୍ଟାର ସର୍ତ୍ତାବଳୀ ସହ ପରିବେଶ ସୁରକ୍ଷା ଅଧିନିୟମ, ଜଙ୍ଗଲ ସଂରକ୍ଷଣ ଅଧିନିୟମ, ଜଳ (ନିବାରଣ ଏବଂ ପ୍ରଦୂଷଣ ନିୟନ୍ତ୍ରଣ) ଅଧିନିୟମ, 1974 ଏବଂ ବାୟୁ (ନିବାରଣ ଏବଂ ପ୍ରଦୂଷଣ ନିୟନ୍ତ୍ରଣ) ଅଧିନିୟମ, 1981 ଭଳି ନିୟମଗୁଡିକୁ ପାଳନ କରିବାକୁ ବାଧ୍ୟ। ଯଦି କୌଣସି ଖଣିକାର୍ଯ୍ୟ ଏହି ନିୟମଗୁଡିକୁ ଉଲ୍ଲଙ୍ଘନ କରି କରିଥାଏ ତେବେ ସେହି ଖଣିକାର୍ଯ୍ୟ ବେଆଇନ ବା ଅବୈଧ ଅଟେ। ବେଆଇନ ବା ଅବୈଧ ଖଣିକାର୍ଯ୍ୟ ମାଧ୍ୟମରେ ଉତ୍ତୋଳନ କରାଯାଇଥିବା ଖଣିଜକୁ ମଧ୍ୟ ଅବୈଧ ବିବେଚନା କରାଯାଇଥାଏ। ଏହାବ୍ୟତୀତ, ଏମ୍‌ଏମ୍‌ଡିଆର୍ ଅଧିନିୟମ, 1957ର ଧାରା 21(5)ରେ ଧାର୍ଯ୍ୟ କରାଯାଇଛି ଯେ, ଯେତେବେଳେ କୌଣସି ବ୍ୟକ୍ତି କୌଣସି ଆଇନଗତ କର୍ତ୍ତୃପକ୍ଷଙ୍କ ଅନୁମତି ବିନା କୌଣସି ଖଣିରୁ କୌଣସି ଖଣିଜ ପଦାର୍ଥ ଉତ୍ତୋଳନ କରନ୍ତି, ରାଜ୍ୟ ସରକାର ଏପରି ବ୍ୟକ୍ତିଙ୍କ ଠାରୁ ଉତ୍ତୋଳନ କରାଯାଇଥିବା ଖଣିଜ ପଦାର୍ଥ କିମ୍ବା ଯେଉଁଠାରେ ଏପରି ଖଣିଜ ପଦାର୍ଥ ପୂର୍ବରୁ ବିସ୍ଥାପିତ ହୋଇସାରିଛି, ତାହାର ମୂଲ୍ୟ ଆଦାୟ କରିପାରିବେ।

- ସମୀକ୍ଷାରୁ ଦେଖାଗଲା ଯେ, 2000-11 ମସିହା ମଧ୍ୟରେ 14ଟି[33] ଖଣିରୁ ପରିବେଶ ମଞ୍ଜୁରୀ ପରିମାଣ ଠାରୁ ଅଧିକ କିମ୍ବା ଜଙ୍ଗଲ ଜମି ବ୍ୟବହାର ମଞ୍ଜୁରୀର ବିନା ଅନୁମତିରେ 29.47 ନିୟୁତ ଏମ୍‌ଟି ଖଣିଜ ପଦାର୍ଥ ଉତ୍ତୋଳନ ହୋଇଥିଲା। ଯେଉଁଥିପାଇଁ ଓଡିଶା ଖଣି ନିଗମ 2017-22 ମଧ୍ୟରେ 3,761.88 କୋଟି ଟଙ୍କାର ଆର୍ଥିକ ଜୋରିମାନା ପ୍ରଦାନ କରିଥିଲା। ଉପରୋକ୍ତ ଜୋରିମାନାରୁ 99.19 କୋଟି

[32] 10,00,000 ଏମ୍‌ଟି x 6,064 ଟଙ୍କା ପ୍ରତି ଏମ୍‌ଟି (2021-23 ମଧ୍ୟରେ ବିକ୍ରି ହୋଇଥିବା ହାରାହାରି ବିକ୍ରୟ ମୂଲ୍ୟ)

[33] ବାଂଶପାଣି, ଦୈତାରୀ, ବଲଦା ପଲସା ଯାଜଙ୍ଗ, ଗନ୍ଧମାର୍ଦ୍ଦନ କ, ଗନ୍ଧମାର୍ଦ୍ଦନ ଖ, ଖାଣ୍ଡବନ୍ଧ, ଭଞ୍ଜପାଲି, କାସିରା, କୁରମିତାର, ସେରେଣ୍ଡା, ସେକ୍ରାଡିହି, ଡୁବୁନା, ସୁକ୍ରାଙ୍ଗୀ ଏବଂ ଦକ୍ଷିଣ-କାଳିଆପାଣି

ଟଙ୍କା 67ରୁ 70 ଦିନ ବିଳମ୍ବରେ ପ୍ରଦାନ କରିଥିବା ହେତୁ ସୁଧ ବାବଦକୁ ଓଡିଶା ଖଣି ନିଗମ 2.67 କୋଟି ଟଙ୍କା ପ୍ରଦାନ କରିଥିଲା।

- ଅଧିକନ୍ତୁ, ଓଏମ୍‌ସିର ଦୁଇଟି[34] କ୍ରୋମାଇଟ୍ ଖଣିର ଅନୁମୋଦିତ ପରିମାଣଠାରୁ 5.40 ନିୟୁତ ଏମ୍‌ଟି ଅଧିକ ଉତ୍ପାଦନ କରିଥିବା ଯୋଗୁ 3,761.88 କୋଟି ଟଙ୍କା ଜୋରିମାନାରୁ 1,666.76 କୋଟି ଟଙ୍କାର ଜୋରିମାନାକୁ 1,405ରୁ 1,406 ଦିନ ବିଳମ୍ବରେ ପ୍ରଦାନ କରାଯାଇଥିଲା, ଏଥିପାଇଁ ଓଡିଶା ଖଣି ନିଗମକୁ ସୁଧ ବାବଦରେ 898.23 କୋଟି ଟଙ୍କା ଦେବାର ଥିଲା। ଏହି ଅର୍ଥଦଣ୍ଡ ଏବେ ପର୍ଯ୍ୟନ୍ତ ଓଡିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ଦ୍ୱାରା ଦାବି କରାଯାଇ ନାହିଁ।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କମ୍ପାନୀକୁ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ନିର୍ଦ୍ଦିଷ୍ଟ ପରିମାଣର ଖଣିଜ ପଦାର୍ଥ ଉତ୍ପାଦନ କରିବାକୁ କାର୍ଯ୍ୟ କରିବାର ସମ୍ମତି ପ୍ରଦାନ କରିଥାଏ। ଖଣି ଯୋଜନା ଏକ ନଥି ଯାହାକୁ ଭାରତୀୟ ଖଣି ବ୍ୟୁରୋ ଅନୁମୋଦନ କରିଥାଏ ଯେଉଁଥିରେ ବାର୍ଷିକ କେତେ ପରିମାଣର ଖଣିଜ ପଦାର୍ଥ ଉତ୍ତୋଳନ ହେବ ତାହା ଉଲ୍ଲେଖ ରହିଥାଏ।

- ଦେଖାଗଲା ଯେ, 2000-11 ମଧ୍ୟରେ ଆଠଟି ଖଣିରେ[35] ସିଟିଓ ଏବଂ ଖଣି ଯୋଜନାରେ ପ୍ରଦତ୍ତ ଖଣିଜ ଉତ୍ପାଦନ ଠାରୁ 5.56 ନିୟୁତ ଏମ୍‌ଟି ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ କରାଯାଇଥିଲା, ଯେଉଁଥିପାଇଁ ଓଏମ୍‌ସି 2018-23 ମଧ୍ୟରେ 602.27 କୋଟି ଟଙ୍କାର ଜୋରିମାନା ପ୍ରଦାନ କରିଥିଲା। ଅଧିକନ୍ତୁ, ଏହି ଜୋରିମାନା ପ୍ରଦାନରେ 260ରୁ 261 ଦିନ ବିଳମ୍ବ ସକାଶେ ସୁଧ ବାବଦକୁ 91.34 କୋଟି ଟଙ୍କା ପ୍ରଦାନ କରିଯାଇଥିଲା।

ଏହିପରି, ଇସି/ଏଫ୍‌ସି/ସିଟିଓ/ଏମ୍‌ପିରେ ପ୍ରଦତ୍ତ ଉତ୍ପାଦନ ପରିମାଣଠାରୁ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ ହେତୁ ଜୋରିମାନା ବାବଦକୁ 4,364.15 କୋଟି ଟଙ୍କା (3,761.88 କୋଟି ଟଙ୍କା + 602.27 କୋଟି ଟଙ୍କା) ଏବଂ ଏହି ଦେୟ ପ୍ରଦାନରେ ବିଳମ୍ବ ସକାଶେ 94.02 କୋଟି ଟଙ୍କା (91.35 କୋଟି ଟଙ୍କା + 2.67 କୋଟି ଟଙ୍କା) ପ୍ରଦାନ କରିଛି।

ସରକାର କହିଲେ (ମଇ 2024) ଯେ, ଓଏମ୍‌ସି ଆଇନ ଅନୁଯାୟୀ ଉପଲବ୍ଧ ପ୍ରତିକାରଗୁଡିକୁ ଗ୍ରହଣ କରିବାକୁ ପ୍ରଚେଷ୍ଟା କରୁଥିବାରୁ ଦେୟ ପ୍ରଦାନରେ ବିଳମ୍ବ ହୋଇଥିଲା। ତଥାପି, ନିୟମ ଓ ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଙ୍ଘନ କରି ଉତ୍ପାଦନ କରିବା ସମ୍ପର୍କରେ ସରକାରଙ୍କ ଉତ୍ତର ନିରବ ଥିଲା ଯାହାଫଳରେ କି ଜୋରିମାନା ବାବଦରେ ଓଏମ୍‌ସିକୁ ଏକ ବିପୁଳ ପରିମାଣର ପରିହାର୍ଯ୍ୟ ବ୍ୟୟ କରିବାକୁ ପଡିଥିଲା।

ଖଣିଜର ଅଧିକ ଉତ୍ପାଦନ ପାଇଁ ଏହିପରି ସମସ୍ତ କ୍ଷେତ୍ରରେ, ଓଏମ୍‌ସି ପକ୍ଷରୁ ଦୁର୍ବଳ ତଦାରଖ ଓ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଅଭାବ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ଯାହାକି ଅନୁଚ୍ଛେଦ 2.14ରେ ଆଲୋଚନା କରାଯାଇଛି।

### 2.9.3.2 ଅନୁମୋଦିତ ପରିମାଣଠାରୁ ଅଧିକ ଉତ୍ପାଦନ କରିଥିବା ହେତୁ ଓଏମ୍‌ସି ଜରିମାନା ଦେବାକୁ ବାଧ

2018-19 ମଧ୍ୟରେ ପରିବେଶ ମଞ୍ଜୁରୀ ଓ ସିଟିଓରେ ନିର୍ଦ୍ଧାରିତ ଉତ୍ପାଦନ ସୀମା ଉଲ୍ଲଙ୍ଘନ ହୋଇଥିବା ଏହିପରି ଦୁଇଟି ମାମଲା ସମୀକ୍ଷା ଅବଧି ମଧ୍ୟରେ ଲକ୍ଷ୍ୟ କରାଯାଇଥିଲା, ଯେଉଁଥିପାଇଁ ଓଏମ୍‌ସି 1,328.37 କୋଟି ଟଙ୍କା ଜୋରିମାନା ଦେବାକୁ ବାଧ ହେବ, ଯାହା ନିମ୍ନରେ ଆଲୋଚନା କରାଯାଇଛି:

- ସମୀକ୍ଷାରେ ଦେଖାଗଲା ଯେ, ସୁକ୍ରାଙ୍ଗି କ୍ରୋମାଇଟ୍ ଖଣିରେ 2018-19 ମଧ୍ୟରେ 1.30 ଲକ୍ଷ ଏମ୍‌ଟି ଅନୁମୋଦିତ ଇସି କ୍ଷମତା ବିରୁଦ୍ଧରେ 1.67 ଲକ୍ଷ ଏମ୍‌ଟି କ୍ରୋମାଇଟ୍ ଉତ୍ପାଦିତ ହୋଇଛି। ଫଳସ୍ୱରୂପ,

[34] ସୁକ୍ରାଙ୍ଗୀ ଏବଂ ଦକ୍ଷିଣ-କାଳିଆପାଣି

[35] ଦୈତାରୀ, ବଲଦା ପଲସା ଯାଜଙ୍ଗ, ଗନ୍ଧମାର୍ଦ୍ଧନ କ, ଗନ୍ଧମାର୍ଦ୍ଧନ ଖ, ଖାଣ୍ଡବନ୍ଧ, କୁରମିତାର, ଡୁବୁନା, ଏସ୍‌ବିବିକେ

ଅନୁମୋଦିତ ଇସି ପରିମାଣରୁ ଉଲ୍ଲଙ୍ଘନ କରି 37,100 ଏମ୍‌ଟି କ୍ରୋମାଇଟ୍ ଉତ୍ପାଦନ ହେଲା ଯାହା ହୁଏତ 29.98 କୋଟି ଟଙ୍କା[36] ଜୋରିମାନା ଆକର୍ଷିତ କରିପାରେ।

- ଅଧିକନ୍ତୁ, କୋଡିଙ୍ଗାମାଳି ବକ୍ସାଇଟ୍ ଖଣିରେ, 2018-19 ମଧ୍ୟରେ ଅନୁମୋଦିତ ସିଟିଓ ପରିମାଣ 22.6 ଲକ୍ଷ ଏମ୍‌ଟି[37] ବିପକ୍ଷରେ 27 ଲକ୍ଷ ଏମ୍‌ଟି ବକ୍ସାଇଟ୍ ଉତ୍ପାଦିତ ହୋଇଥିଲା। ଫଳସ୍ୱରୂପ, ସିଟିଓ ପରିମାଣକୁ ଉଲ୍ଲଙ୍ଘନ କରି 4.4 ଲକ୍ଷ ଏମ୍‌ଟି ଅତିରିକ୍ତ ଖଣିଜ ଉତ୍ପାଦନ କରାଯାଇଥିଲା, ଯାହା ହୁଏତ 1,298.39 କୋଟି ଟଙ୍କା[38] ଜୋରିମାନା ଦେବାକୁ ପଡିପାରେ।

ତେଣୁ, ଇସି ଏବଂ ସିଟିଓ କ୍ଷମତାକୁ ଉଲ୍ଲଙ୍ଘନ କରି ଅଧିକ ଉତ୍ପାଦନ ହେତୁ 1,328.37 କୋଟି ଟଙ୍କା (29.98 କୋଟି ଟଙ୍କା + 1,298.39 କୋଟି ଟଙ୍କା) ଜୋରିମାନା ଆକର୍ଷିତ କରିପାରେ।

ସରକାର କହିଲେ (ଜୁଲାଇ 2024) ଯେ, ଆଇବିଏମ୍‌କୁ ଦାଖଲ କରାଯାଇଥିବା ରିଟର୍ଣ୍ଣ ଅନୁଯାୟୀ ସୁକ୍ରାଙ୍ଗୀ କ୍ରୋମାଇଟ୍ ଖଣିରେ 1.30 ଲକ୍ଷ ଏମ୍‌ଟି ଇସି କ୍ଷମତା ବିରୁଦ୍ଧରେ 1.27 ଲକ୍ଷ ଏମ୍‌ଟି ଉତ୍ପାଦନ କରାଯାଇଥିଲା ଏବଂ କୋଡିଙ୍ଗାମାଳିରେ ବାର୍ଷିକ 30 ଲକ୍ଷ ଏମ୍‌ଟି ସିଟିଓ ପରିମାଣ ବିରୁଦ୍ଧରେ ମାତ୍ର 27 ଲକ୍ଷ ଏମ୍‌ଟି ବକ୍ସାଇଟ୍ ଉତ୍ପାଦନ ହୋଇଥିଲା।

ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ସୁକ୍ରାଙ୍ଗୀ କ୍ରୋମାଇଟ୍ ଖଣିରେ ଖଣି ପରିଚାଳକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଉତ୍ପାଦନ ରେକର୍ଡ ଅନୁଯାୟୀ ଓଏମ୍‌ସି 1.67 ଲକ୍ଷ ଏମ୍‌ଟି କ୍ରୋମାଇଟ୍ ଉତ୍ପାଦନ କରିଥିଲା ଯାହାର ଇସି କ୍ଷମତା 1.30 ଲକ୍ଷ ଏମ୍‌ଟି ଥିଲା। ଏଣୁ ଆଇବିଏମ୍‌କୁ ରିପୋର୍ଟ କରାଯାଇଥିବା ପରିମାଣକୁ ଉତ୍ପାଦନ ରେକର୍ଡ ସହ ପରତାଳ କରାଯିବା ଆବଶ୍ୟକ। କୋଡିଙ୍ଗାମାଳିରେ ଏସ୍‌ପିସିବି ଦ୍ୱାରା ବାର୍ଷିକ 30 ଲକ୍ଷ ଏମ୍‌ଟି ସିଟିଓ ପରିମାଣକୁ 04 ଡିସେମ୍ବର 2018ରୁ 31 ମାର୍ଚ୍ଚ 2020 ପର୍ଯ୍ୟନ୍ତ (16 ମାସ ପାଇଁ) ଅନୁମୋଦନ କରାଯାଇଥିଲା। ତେଣୁ, ଦୈତାରୀ ଖଣି 2018-19 ଆର୍ଥିକ ବର୍ଷର ଅଂଶ ପାଇଁ ବାର୍ଷିକ ସିଟିଓ ପରିମାଣକୁ ଯଥାନୁପାତ ଆଧାରରେ ବିଚାର କରାଯିବାର ଥିଲା ଯାହାକି (04 ଡିସେମ୍ବର 2018ରୁ 31 ମାର୍ଚ୍ଚ 2019 ପର୍ଯ୍ୟନ୍ତ) 22.60 ଲକ୍ଷ ଏମ୍‌ଟି ହୋଇଥାନ୍ତା। ତଥାପି, 22.60 ଲକ୍ଷ ଏମ୍‌ଟି ବଦଳରେ 2018-19ରେ 30 ଲକ୍ଷ ଏମ୍‌ଟି ଉତ୍ତୋଳନ କରାଯାଇଥିଲା ଯାହାକି ସିଟିଓ ପରିମାଣଠାରୁ ଅଧିକ ଥିଲା।

### 2.9.3.3 ବିନା ଅନୁମତିରେ ଜଙ୍ଗଲ ଜମି ବ୍ୟବହାର ଯୋଗୁ ଜୋରିମାନା ନିଟ୍ ବର୍ତ୍ତମାନ ମୂଲ୍ୟ (ଏନ୍‌ପିଭି) ପ୍ରଦାନ

ଜଙ୍ଗଲ ସଂରକ୍ଷଣ ଅଧିନିୟମ, 1980 ଅନୁସାରେ, ଭାରତ ସରକାରଙ୍କ ଅନୁମୋଦନ ଏବଂ ଏନ୍‌ପିଭିର[39] ଦେୟ ସହିତ କୌଣସି ଜଙ୍ଗଲ ଜମି କିମ୍ବା ଏହାର କୌଣସି ଅଂଶକୁ ଅଣ-ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇ ପାରିବ। ଅଧିକନ୍ତୁ, ଯଦି ଜଙ୍ଗଲ ଜମି ଉପଯୋଗ ଅନୁମତି ନନେଇ ଜଙ୍ଗଲ ଜମିକୁ ଅଣ-ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ, ତେବେ ପଟ୍ଟାଧାରୀଙ୍କୁ ଏମ୍‌ଓଇଏଫ୍‌ଆଣ୍ଡ୍‌ସିସି ଦ୍ୱାରା ନିର୍ଦ୍ଧାରିତ ନିୟମ ଅନୁଯାୟୀ ଜୋରିମାନା ଏନ୍‌ପିଭି ଦେବାକୁ ପଡିବ।

---

36 37,100 ଏମ୍‌ଟି x 8,081 ଟଙ୍କା ପ୍ରତି ଏମ୍‌ଟି

37 ଏସ୍‌ପିସିବି, ଓଡିଶାର ନିର୍ଦ୍ଦେଶ (ଅଗଷ୍ଟ 2018) ଅନୁଯାୟୀ 1.26 ଏମ୍‌ଟିପିଏ ଏବଂ ଡିସେମ୍ବର 2018 ଅନୁଯାୟୀ ଆନୁପାତିକ ଏକ ଏମ୍‌ଟିପିଏ

38 4,40,000 ଏମ୍‌ଟି x 29,509 ଟଙ୍କା ପ୍ରତି ଏମ୍‌ଟି (ରୟାଲଟି ଗଣନା ପାଇଁ ମୂଲ୍ୟ ନିର୍ଣ୍ଣୟ, ଆଇବିଏମ୍ ଦ୍ୱାରା ନିର୍ଦ୍ଧାରିତ (ଜାନୁଆରୀ 2011) ସୂତ୍ର ଆଧାରରେ ବକ୍ସାଇଟ୍ ଖଣିଜ ପଥରର ମୂଲ୍ୟ 29,509 ଟଙ୍କା ପ୍ରତି ଏମ୍‌ଟି ଭାବରେ ବିବେଚନା କରାଯାଇଛି, କାରଣ ଓଏମ୍‌ସି ହାଇକୋର୍ଟର ରାୟର ଚୂଡାନ୍ତ ଫଳାଫଳ ପର୍ଯ୍ୟନ୍ତ ଓଡିଶା ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଅନୁଯାୟୀ 1,000 ଟଙ୍କା ପ୍ରତି ଏମ୍‌ଟି ଅସ୍ଥାୟୀ ବିକ୍ରୟ ମୂଲ୍ୟ ଭାବରେ ଆଦାୟ କରିଆସୁଛି)

39 ଜଙ୍ଗଲ ସଂରକ୍ଷଣ ଅଧିନିୟମ, 1980 ଅନୁଯାୟୀ ଜଙ୍ଗଲ ଜମିକୁ ଅଣ-ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର କରିବା ପାଇଁ ଏହା ଏକ ବାଧ୍ୟତାମୂଳକ ଏକକାଳୀନ ଦେୟ

ସମୀକ୍ଷାରୁ ଦେଖାଗଲା ଯେ, 1980 ମସିହା ପୂର୍ବରୁ ଓଏମ୍‌ସି ସିଲିଗୋଡା ଏବଂ ରାଜବାସା ଖଣି ଲିଜ୍ ଅଞ୍ଚଳରେ ଭିତ୍ତିଭୂମି ସୁବିଧା ନିର୍ମାଣ କରିଥିଲା। 1987ରେ ଖଣି ଲିଜ୍ ପ୍ରତ୍ୟାର୍ପଣ କରାଯାଇଥିଲା। ତେବେ 1983ରୁ 2018 ପର୍ଯ୍ୟନ୍ତ 1980 ପରଠାରୁ କାର୍ଯ୍ୟକାରୀ ହୋଇଥିବା ଜଙ୍ଗଲ ସଂରକ୍ଷଣ ଅଧିନିୟମ ଅନୁଯାୟୀ ଜଙ୍ଗଲ ମଞ୍ଜୁରୀ ନନେଇ ଓଏମ୍‌ସି ଅନ୍ୟାନ୍ୟ ଖଣି ଲିଜ୍ ପରିଚାଳନା ପାଇଁ ଭିତ୍ତିଭୂମି ସୁବିଧାର ଉପଯୋଗ କରିଆସୁଥିଲା। ଏହି ଅନଧିକୃତ କାର୍ଯ୍ୟ ପାଇଁ ଓଏମ୍‌ସି 4.34 କୋଟି ଟଙ୍କାର ଜୋରିମାନା ଏନ୍‌ପିଭି ପ୍ରଦାନ (ମାର୍ଚ୍ଚ 2019) କରିଥିଲା।

ଏହି ପରିପ୍ରେକ୍ଷୀରେ ସମୀକ୍ଷାରୁ ଦେଖାଗଲା ଯେ, ଜୋରିମାନା ଏନ୍‌ପିଭି ଦେବା ପରେ ମଧ୍ୟ ଓଏମ୍‌ସି ଅଣ-ଜଙ୍ଗଲ କାର୍ଯ୍ୟ କରିବା ପାଇଁ ଜଙ୍ଗଲ ମଞ୍ଜୁରୀ ପାଇପାରି ନଥିଲା କାରଣ ସିଲିଗୋଡା ଏବଂ ରାଜବାସା ଲିଜ୍ ପୂର୍ବରୁ ହସ୍ତାନ୍ତର କରିସାରିଥିଲା। ତେଣୁ, ଓଏମ୍‌ସିର ଦଖଲ ଅନଧିକୃତ ଥିଲା ଏବଂ ଭବିଷ୍ୟତରେ ସମ୍ପୃକ୍ତ କର୍ତ୍ତୃପକ୍ଷ ଦ୍ୱାରା ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ।

ସରକାର କହିଲେ (ଜୁଲାଇ 2024) ଯେ, ଜଙ୍ଗଲ ସଂରକ୍ଷଣ ଅଧିନିୟମ, 1980 ପୂର୍ବରୁ ସମ୍ପତ୍ତିଗୁଡିକ ନିର୍ମାଣ କରାଯାଇଥିଲା ଏବଂ ଭିତ୍ତିଭୂମି ବନାଇବା ଅନିର୍ବାର୍ଯ୍ୟ ଥିଲା, କାରଣ ଏହାକୁ ଆଖପାଖର ଖଣିକାର୍ଯ୍ୟ ଏବଂ କୁରମିତାର ଖଣିରେ ଖଣି କାର୍ଯ୍ୟକଳାପ ସମ୍ପ୍ରସାରଣ ପାଇଁ ବ୍ୟବହାର କରାଯାଉଥିଲା। ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ଜଙ୍ଗଲ ସଂରକ୍ଷଣ ଅଧିନିୟମ, 1980 ଆରମ୍ଭ ହେବା ପରେ ଖଣି ହସ୍ତାନ୍ତର ସହ ଭିତ୍ତିଭୂମିଗୁଡିକ ବ୍ୟବହାର ବନ୍ଦ କରିବାର ଥିଲା।

### 2.9.3.4 ବାୟୁ, ଜଳ ଏବଂ ଶବ୍ଦ ପ୍ରଦୂଷଣକୁ ନେଇ ଆଇନଗତ ସର୍ତ୍ତଗୁଡିକ ଅନୁପାଳନ କରିବାର ସ୍ଥିତି

ଭାରତ ସରକାର ଓ ରାଜ୍ୟ ସରକାରଙ୍କ ନିୟମ/ବିଜ୍ଞପ୍ତି/ନିର୍ଦ୍ଦେଶନାମା ଅନୁଯାୟୀ ଖଣି ପରିଚାଳନା କରିବା ପୂର୍ବରୁ ଖଣି ପରିଚାଳକମାନେ ଖଣି କାର୍ଯ୍ୟ ପାଇଁ ଏମ୍‌ଓଇଏଫ୍‌ଆଣ୍ଡ୍‌ସିସି ଏବଂ ଏସ୍‌ପିସିବି ଠାରୁ ଇସି, ସିଟିଇ, ସିଟିଓ ଇତ୍ୟାଦି ଆଇନଗତ ମଞ୍ଜୁରୀଗୁଡିକ ଆବଶ୍ୟକ କରିଥାନ୍ତି। ପୁନଶ୍ଚ, ଉକ୍ତ ବିଧିଗତ ମଞ୍ଜୁରୀରେ କିଛି ନିର୍ଦ୍ଦିଷ୍ଟ ସର୍ତ୍ତ ରହିଥାଏ ଯାହାକି ଖଣି କାରବାର ପରିବେଶ ନିୟମ ଅନୁଯାୟୀ ପାଳନ କରିବା ସହ ପରିବେଶ ଉପରେ ଏହାର ପ୍ରତିକୂଳ ପ୍ରଭାବକୁ କମ୍ କରିବାକୁ ନିଶ୍ଚିତ କରିବା ପାଇଁ ଲିଜ୍‌ଧାରୀମାନଙ୍କୁ ଉକ୍ତ ସର୍ତ୍ତଗୁଡିକୁ ପାଳନ କରିବାକୁ ପଡିଥାଏ।

**ବାୟୁ ପ୍ରଦୂଷଣ:** ସମୀକ୍ଷାରେ ଦେଖାଗଲା ଯେ, 2018-23 ମଧ୍ୟରେ ନମୁନା କରାଯାଇଥିବା 12ଟି ଖଣି ମଧ୍ୟରୁ ସାତଟି ବାୟୁ ପ୍ରଦୂଷଣର ବିଧିଗତ ମଞ୍ଜୁରୀରେ ନିର୍ଦ୍ଦିଷ୍ଟ ସର୍ତ୍ତଗୁଡିକ ପାଳନ କରିନାହାନ୍ତି। ଏହି ଅଣ-ଅନୁପାଳନ, ଆବଶ୍ୟକତାଠାରୁ କମ୍ ତୀବ୍ରତା ସହିତ ବାୟୁ ଗୁଣବତ୍ତା ଉପରେ ନଜର ରଖିବା ଉପକରଣଗୁଡିକ ନଯୋଗାଇବା ଇତ୍ୟାଦି ଅନେକ ସମସ୍ୟାଗୁଡିକ ଅନ୍ତର୍ଭୁକ୍ତ ଥିଲା। ଅନୁପାଳନ ନକରିଥିବା ସମସ୍ୟାଗୁଡିକ ବିସ୍ତୃତ ଭାବରେ ନିମ୍ନ ସାରଣୀରେ ଦିଆଗଲା:

**ସାରଣୀ 2.7: ବାୟୁ ପ୍ରଦୂଷଣ ସମ୍ପର୍କରେ ବୈଧାନିକ ସର୍ତ୍ତାବଳୀ ପାଳନ ନକରିବା**

| କ୍ରମିକ ସଂଖ୍ୟା | ବୈଧାନିକ ମଞ୍ଜୁରୀରେ ଉଲ୍ଲେଖିତ ସର୍ତ୍ତାବଳୀ | ଖଣିର ନାମ | ବୈଧାନିକ ମଞ୍ଜୁରୀରେ ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ପାଳନ ନକରିବା |
|---|---|---|---|
| 1 | ସିଟିଓ: ଖଣି ମୁହାଣ, ପରିବହନ ରାସ୍ତା, କ୍ରସିଂ ପ୍ଲାଣ୍ଟ, ସ୍କ୍ରିନିଂ ପ୍ଲାଣ୍ଟ, ଖଣିଜ ସଂରକ୍ଷଣ ଏବଂ ବର୍ଜ୍ୟବସ୍ତୁ ଡମ୍ପରେ ପଳାତକ ନିର୍ଗମନ ତଦାରଖ କରାଯିବ। ଏହା ସପ୍ତାହରେ ଦୁଇଥର 24 ଘଣ୍ଟା ଭିତରେ କରାଯିବା ଉଚିତ। ପଳାତକ ଧୂଳି ନିର୍ଗମନର କଣିକା ପଦାର୍ଥର ଅନୁମୋଦିତ ସୀମା 1,200 ମାଇକ୍ରୋନ୍ ଗ୍ରାମ୍/ଘନ ମିଟର ମଧ୍ୟରେ ରହିବା ଉଚିତ। | ଦୈତାରୀ, କୁରମିତାର, ବାଂଶପାଣି, ଗୁଆଲୀ, ଗନ୍ଧମାର୍ଦ୍ଦନ 'କ' ଓ 'ଖ' ଲୁହାପଥର ଖଣି ଏବଂ କୋଡିଙ୍ଗାମାଳୀ ବକ୍ସାଇଟ୍ ପଥର ଖଣି | ସମୀକ୍ଷା ଅବଧି (2018-23), ମଧ୍ୟରେ ମାସକୁ କେବଳ ଥରେ ଅର୍ଥାତ୍ ବର୍ଷକୁ 12 ଥର ମନିଟରିଂ କରାଯାଇଥିଲା, କିନ୍ତୁ ପ୍ରତିବର୍ଷ 104 ଥର ମନିଟରିଂର ଆବଶ୍ୟକତା ଥିଲା |

| କ୍ରମିକ ସଂଖ୍ୟା | ବୈଧାନିକ ମଞ୍ଜୁରୀରେ ଉଲ୍ଲେଖିତ ସର୍ତ୍ତାବଳୀ | ଖଣିର ନାମ | ବୈଧାନିକ ମଞ୍ଜୁରୀରେ ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ପାଳନ ନକରିବା |
|---|---|---|---|
| 2 | ଇସି, ସିଟିଓ ଏବଂ ସିଟିଇ: ପ୍ରାଥମିକ କ୍ରସର୍ ଡିସ୍‌ଚର୍ଜ ଚୁଟ୍, ସ୍କ୍ରିନ୍ ଏବଂ ସମସ୍ତ ଡିସ୍‌ଚର୍ଜ ପଏଣ୍ଟ, ଦ୍ୱିତୀୟ କ୍ରସର୍ ଡିସ୍‌ଚର୍ଜ ଚୁଟ୍ ଏବଂ ଅନ୍ୟାନ୍ୟ ଧୂଳି ସୃଷ୍ଟିକାରୀ ଉତ୍ସରେ ସକ୍ସନ୍ ପଏଣ୍ଟ ସହିତ ଉଚ୍ଚ ଦକ୍ଷତା ଧୂଳି ନିଷ୍କାସନ ପ୍ରଣାଳୀ ଯୋଗାଇ ଦିଆଯିବ। ଏହି ପ୍ରଣାଳୀ ବ୍ୟାଗ୍ ଫିଲ୍ଟର ସହିତ ସଂଯୁକ୍ତ ହେବ। | ଦୈତାରୀ, କୁର୍‌ମିତାର, ଜିଲିଙ୍ଗ, ବାଂଶପାଣି, ଗୁଆଳୀ, ଗନ୍ଧମାର୍ଦ୍ଦନ କ ଓ ଖ ଲୁହାପଥର ଖଣି ଏବଂ କୋଡିଙ୍ଗାମାଳୀ ବକ୍ସାଇଟ୍ ପଥର ଖଣି | ଧୂଳି ନିଷ୍କାସନ ବ୍ୟବସ୍ଥା ସଂସ୍ଥାପିତ ହୋଇନାହିଁ (ଜୁଲାଇ 2023 ସୁଦ୍ଧା) |
| 3 | ସିଟିଓ: ଖଣି ମୁହଁ/ବେଞ୍ଚ, ହୋଲ ରାସ୍ତା/ସେବା ରାସ୍ତା, କ୍ରସିଂ ପ୍ଲାଣ୍ଟ, ସ୍କ୍ରିନିଂ ପ୍ଲାଣ୍ଟ, ଖଣିଜ ସଂରକ୍ଷଣ ଏବଂ ଲୋଡିଂ ଏବଂ ବର୍ଜ୍ୟବସ୍ତୁ ଡମ୍ପ ଭଳି ଛଅଟି ପ୍ରାଥମିକ ଧୂଳି ଉତ୍ପାଦନ ଉତ୍ସରେ ପଳାତକ ଧୂଳି ନିର୍ଗମନର ତଦାରଖ କରାଯିବାର ଥିଲା। | ଦୈତାରୀ, କୁର୍‌ମିତାର, ଜିଲିଙ୍ଗ, ବାଂଶପାଣି, ଗୁଆଳୀ, ଗନ୍ଧମାର୍ଦ୍ଦନ କ ଓ ଖ ଲୁହାପଥର ଖଣି ଏବଂ କୋଡିଙ୍ଗାମାଳୀ ବକ୍ସାଇଟ୍ ପଥର ଖଣି | 2018-23 ଅବଧି ମଧ୍ୟରେ କ୍ରସିଂ ଏବଂ ସ୍କ୍ରିନିଂ ପ୍ଲାଣ୍ଟ ଅଞ୍ଚଳରେ ପର୍ଯ୍ୟାଲୋଚନା କାର୍ଯ୍ୟ କରାଯାଇ ନଥିଲା। |
| 4. | ସିଟିଇ: ବାୟୁ ପ୍ରଦୂଷଣ ହ୍ରାସ କରିବା ପାଇଁ କ୍ରସର୍, ସ୍କ୍ରିନ୍ ଏବଂ କନଭେୟରଗୁଡିକୁ ଆଚ୍ଛାଦିତ କରାଯିବ | ଜିଲିଙ୍ଗ, ବାଂଶପାଣି, ଗନ୍ଧମାର୍ଦ୍ଦନ 'କ' ଓ ଗନ୍ଧମାର୍ଦ୍ଦନ 'ଖ' ଲୁହାପଥର ଖଣି | ଜୁଲାଇରୁ ଅକ୍ଟୋବର 2023 ମଧ୍ୟରେ ଏହି ଖଣିଗୁଡିକ ପରିଦର୍ଶନ ସମୟରେ ସମୀକ୍ଷା ଦେଖିଲା ଯେ କ୍ରସର୍, ସ୍କ୍ରିନ୍ ଏବଂ କନଭେୟରଗୁଡିକ ଆଚ୍ଛାଦିତ ହୋଇନଥିଲା, ଯାହା ବାୟୁ ପ୍ରଦୂଷଣରେ ସହାୟକ ହୋଇଥିଲା। |
| 5. | ସିଟିଇ ଏବଂ ସିଟିଓ: ଖଣିର ପ୍ରସ୍ଥାନ ସ୍ଥାନରେ ନିର୍ଗତ ଜଳ ବ୍ୟବସ୍ଥା ଏବଂ ପୁନଃ ଚକ୍ରଣ ସୁବିଧା ସହିତ ଖଣିକୁ ଏକ ଯାନ୍ତ୍ରିକ ଚକ ଧୋଇବା ବ୍ୟବସ୍ଥା ଯୋଗାଇ ଦେବାର ଥିଲା | ଗନ୍ଧମାର୍ଦ୍ଦନ 'ଖ' ଲୁହାପଥର ଖଣି (ଜିଆଇଓଏମ୍-ଖ) | 23 ସେପ୍ଟେମ୍ବର 2023ରେ ସମୀକ୍ଷା ଦ୍ୱାରା ଦେଖାଯାଇଥିଲା ଯେ, ପ୍ରସ୍ଥାନ ସ୍ଥାନରେ ଚକ ଧୋଇବା ବ୍ୟବସ୍ଥା ଯୋଗାଇ ଦିଆଯାଇ ନଥିଲା। |

*(ଉତ୍ସ: ଓଏମ୍‌ସି ଦ୍ୱାରା ପ୍ରଦତ୍ତ ସୂଚନା ଅନୁସାରେ ଏବଂ ପରିଦର୍ଶନ ସମୟରେ ସମୀକ୍ଷା ଦ୍ୱାରା ଯାଞ୍ଚ କରାଯାଇଥିଲା)*

ସିଟିଇ ଏବଂ ସିଟିଓର ନିର୍ଦ୍ଧାରିତ ସର୍ତ୍ତାବଳୀଗୁଡିକ ପାଳନ ନହେବା ଯୋଗୁ ଖଣିରୁ ନିର୍ଗତ ହେଉଥିବା ଧୂଳିତ ପରିମାଣ ଓ ବାୟୁ ପ୍ରଦୂଷଣର ମାତ୍ରାକୁ ଅନୁମତିପ୍ରାପ୍ତ ସୀମାଠାରୁ ଅଧିକ ଦେବାର ସମ୍ଭାବନାକୁ ଏଡାଯାଇପାରୁ ନାହିଁ।

**ଜଳ/ଶବ୍ଦ ପ୍ରଦୂଷଣ:** ବାୟୁ ପ୍ରଦୂଷଣ ବ୍ୟତୀତ, 2018-23 ମଧ୍ୟରେ ନିରିକ୍ଷଣ କରାଯାଇଥିବା 12ଟି ଖଣି ମଧ୍ୟରୁ ନଅଟି ଖଣି କ୍ଷେତ୍ରରେ ଜଳ/ଶବ୍ଦ ପ୍ରଦୂଷଣ ନିମିତ୍ତ ଆଇନଗତ ବ୍ୟବସ୍ଥା ପାଳନ ନକରିବା ଘଟଣା ମଧ ଲକ୍ଷ୍ୟ କରାଯାଇଛି ଯାହାର ବିସ୍ତୃତ ବିବରଣୀ ନିମ୍ନଲିଖିତ ସାରଣୀରେ ଦିଆଯାଇଛି:

**ସାରଣୀ 2.8: ଜଳ ଏବଂ ଶବ୍ଦ ପ୍ରଦୂଷଣ ସମ୍ପର୍କରେ ବୈଧାନିକ ସର୍ତ୍ତାବଳୀ ପାଳନ ନକରିବା**

| କ୍ରମିକ ସଂଖ୍ୟା | ବୈଧାନିକ ମଞ୍ଜୁରୀରେ ଉଲ୍ଲେଖିତ ସର୍ତ୍ତାବଳୀ | ଖଣିର ନାମ | ସମୀକ୍ଷା ସମୟରେ ଦେଖାଯାଇଥିବା ବୈଧାନିକ ସର୍ତ୍ତାବଳୀର ପାଳନ ନହେବା |
|---|---|---|---|
| 1. | ଇସି ଏବଂ ସିଟିଓ: ଘରୋଇ ନିର୍ଗତ ଜଳକୁ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି)ରେ ବିଶୋଧନ କରାଯିବ କିମ୍ବା ବିଆଇଏସ୍ ମାନଦଣ୍ଡ ଅନୁଯାୟୀ ନିର୍ମିତ ସେପ୍ଟିକ୍ ଟ୍ୟାଙ୍କ ମାଧ୍ୟମରେ ସୋକ୍ ପିଟ୍ ପାଇଁ | ସୁକ୍ରାଙ୍ଗୀ କ୍ରୋମାଇଟ୍ ଖଣି | ପୃଥକ ଇଟିପି ସଂସ୍ଥାପିତ ହୋଇନଥିଲା। ଖଣିରୁ ନିର୍ଗତ ଜଳ ଦକ୍ଷିଣ କାଳିଆପାଣି କ୍ରୋମାଇଟ୍ ଖଣିର ସଂଲଗ୍ନ ଖଣି ଲିଜ୍ ଅଞ୍ଚଳର ଇଟିପିକୁ ପଠାଯାଉଥିଲା। |
| | | ବାଙ୍ଗୁର କ୍ରୋମାଇଟ୍ ଖଣି | ଆବାସିକ କଲୋନୀରେ କୌଣସି ଏସ୍‌ଟିପି ଯୋଗାଇ ଦିଆଯାଇନଥିଲା। |

| କ୍ରମିକ ସଂଖ୍ୟା | ବୈଧାନିକ ମଞ୍ଜୁରୀରେ ଉଲ୍ଲେଖିତ ସର୍ତ୍ତାବଳୀ | ଖଣିର ନାମ | ସମୀକ୍ଷା ସମୟରେ ଦେଖାଯାଇଥିବା ବୈଧାନିକ ସର୍ତ୍ତାବଳୀର ପାଳନ ନହେବା |
|---|---|---|---|
| | ନିଷ୍କାସନ କରାଯିବ। ଏହାବ୍ୟତୀତ, ଖଣିକାର୍ଯ୍ୟ ସମୟରେ ଉତ୍ପନ୍ନ ହେଉଥିବା କର୍ମଶାଳା ଏବଂ ବର୍ଜ୍ୟଜଳ ପାଇଁ ଏଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଇଟିପି) ସର୍ବଦା ପରିଚାଳିତ ହେବ। ବିଶୋଧିତ ଜଳର ଗୁଣବତ୍ତା ନିର୍ଦ୍ଦିଷ୍ଟ ମାନଦଣ୍ଡ ମଧ୍ୟରେ ରହିବ। | କୋଡିଙ୍ଗାମାଳୀ ବକ୍ସାଇଟ୍ ଖଣି | ଖଣି ଲିଜ୍ ଅଞ୍ଚଳରେ କୌଣସି ଏସ୍‌ଟିପି/ଇଟିପି ଯୋଗାଇ ଦିଆଯାଇନଥିଲା। କର୍ମଶାଳାର ଶିଳ୍ପ ବର୍ଜ୍ୟଜଳ, ଯାହାବାହନ ଧୋଇବା ଯାଗାର ବର୍ଜ୍ୟଜଳ ଏବଂ ଖଣି ଲିଜ୍‌ରେ ଥିବା ଶ୍ରମିକ ଶିବିରରୁ ଘରୋଇ ବର୍ଜ୍ୟଜଳକୁ ଗୋଟିଏ ସଂରକ୍ଷଣ ସ୍ଥାନକୁ ପଠାଯାଇଥିଲା ଯାହାକୁ ପରବର୍ତ୍ତୀ ସମୟରେ ବିଶୋଧନ କରାଯାଇ ନଥିଲା। |
| | | ଜିଆଇଓଏମ୍-'ଖ'ର ପାହାଡ ଉପର ପଥର ଖଣି | କେବଳ ତୈଳ ଏବଂ ଗ୍ରିସ୍ ଟ୍ରାପ୍ ଯୋଗାଇ ଦିଆଯାଇଥିଲା। ଅଧିକନ୍ତୁ, ଯାନବାହନ ଧୋଇବା ଏବଂ ପୋଡା ତେଲ ସଂରକ୍ଷଣ ଭଳି ଅନ୍ୟାନ୍ୟ କାର୍ଯ୍ୟକଳାପ ସମୟରେ ନିର୍ଗତ ତେଲ ଏବଂ ଗ୍ରିସ୍ ସହିତ ବର୍ଜ୍ୟଜଳ ଖୋଲା ପଡିଆରେ ବହିଯାଉଥିବାରୁ ପରିବେଶ ପ୍ରଦୂଷିତ ହେଉଥିବାର ଦେଖାଯାଉଥିଲା, ତେଣୁ ସେଗୁଡିକୁ ଠିକ୍ ଭାବରେ ରକ୍ଷଣାବେକ୍ଷଣ କରାଯାଇ ନଥିଲା। |
| | | ଗୁଆଲୀ ଲୁହାପଥର ଖଣି | ଆଭ୍ୟନ୍ତରୀଣ ପୃଷ୍ଠକୁ ଜଳ ଛାଡିବା ପୂର୍ବରୁ ଘରୋଇ/ଖଣି ନିର୍ଗତ ପଦାର୍ଥର ବିଶୋଧନ ପାଇଁ ଆବଶ୍ୟକ ଏସ୍‌ଟିପି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ। |
| | | ବାଂଶପାଣି ଲୁହାପଥର ଖଣି | ଖଣିରେ ଇଟିପି ଏବଂ ଏସ୍‌ଟିପି ଉଭୟ ସ୍ଥାପିତ ହୋଇନଥିଲା |
| | | ଜିଲିଙ୍ଗ ଲୁହାପଥର ଖଣି | ଖଣିରେ ଇଟିପି ତଥା ତୈଳ ଏବଂ ଗ୍ରିସ୍ ଟ୍ରାପ୍ ସଂସ୍ଥାପିତ ହୋଇନଥିଲା। |
| 2. | ସିଟିଓ ଏବଂ ସିଟିଇ: ରାତି ସମୟରେ ଶବ୍ଦ ସ୍ତର ନିରୀକ୍ଷଣ କରିବା ପାଇଁ ଅନ୍‌ଲାଇନ୍ ଶବ୍ଦ ନିରୀକ୍ଷଣ ପ୍ରଣାଳୀ ସଂସ୍ଥାପନ କରାଯିବ | ବାଂଶପାଣି, ଦୈତାରୀ, କୋଡିଙ୍ଗାମାଳୀ, ଗନ୍ଧମାର୍ଦ୍ଦନ 'କ' ଏବଂ ଗନ୍ଧମାର୍ଦ୍ଦନ 'ଖ' | ରାତି ସମୟରେ ଶବ୍ଦ ସ୍ତର ନିରୀକ୍ଷଣ କରିବା ପାଇଁ ଉକ୍ତ ଖଣିଗୁଡିକରେ ଅନଲାଇନ୍ ଶବ୍ଦ ନିରୀକ୍ଷଣ ବ୍ୟବସ୍ଥା ସଂସ୍ଥାପିତ ହୋଇନଥିଲା |

***(ଉତ୍ସ: ଓଏମ୍‌ସି ଦ୍ୱାରା ପ୍ରଦତ୍ତ ସୂଚନା ଏବଂ ଉକ୍ତ ସ୍ଥାନରେ ଭୌତିକ ନିରୀକ୍ଷଣ)***

ଉପରୋକ୍ତ ପ୍ରସଙ୍ଗଗୁଡିକ ଖଣି ଉତ୍ପାଦନ ପାଇଁ ଓଏମ୍‌ସି ଦ୍ୱାରା ଇସି/ସିଟିଓ/ସିଟିଇରେ ଧାର୍ଯ୍ୟ ହୋଇଥିବା ବିଧିଗତ ନିୟମକୁ ପାଳନ ନକରିବାକୁ ସୂଚିତ କରୁଥିଲା। ଏହାବ୍ୟତୀତ, ଉପରୋକ୍ତ ସାରଣୀରେ ଉଲ୍ଲେଖ କରାଯାଇଥିବା ଇଟିପି ଏବଂ ଏସ୍‌ଟିପିଗୁଡିକର ଅନୁପସ୍ଥିତିରେ, ଅପରିଷ୍କାର ବର୍ଜ୍ୟଜଳ ଓ ଘରୋଇ ନର୍ଦ୍ଦମାରୁ ନିର୍ଗତ ଜଳ ଦ୍ୱାରା ଜଳାଶୟ ପ୍ରଦୂଷିତ ହୋଇ ଜଳ ପ୍ରଦୂଷଣର ସମ୍ଭାବନା ଥିଲା, ଯାହାକି ମୃତ୍ତିକାର ଗୁଣବତ୍ତା ଉପରେ ପ୍ରଭାବ ପକାଇବା ସହ ଉକ୍ତ ଅଞ୍ଚଳଗୁଡିକରେ ଜଳଜନିତ ରୋଗ ବ୍ୟାପିବାର ସମ୍ଭାବନା ଥିଲା। ଏହାବ୍ୟତୀତ, ସିଟିଓ/ସିଟିଇରେ ନିର୍ଦ୍ଧାରିତ ନିୟମର କାର୍ଯ୍ୟକାରୀ ନକରି ଓଏମ୍‌ସି ଶବ୍ଦ ପ୍ରଦୂଷଣକୁ ରୋକିବାରେ ମଧ୍ୟ ବିଫଳ ହୋଇଥିଲା।

ସରକାର ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି କହିଛନ୍ତି (ମଇ 2024) ଯେ, ନିର୍ଗମନ ନିରୀକ୍ଷଣ, କ୍ରସର, ସ୍କ୍ରିନର୍ ଏବଂ କନଭେୟର, ଅନଲାଇନ ଶବ୍ଦ ମନିଟରିଂ ଇତ୍ୟାଦି ଉପରେ ସମିକ୍ଷା ମନ୍ତବ୍ୟକୁ ପାଳନ କରାଯାଇଛି। ବର୍ଜ୍ୟ ଜଳ ବିଶୋଧନ କାରଖାନା ଏବଂ ବର୍ଜ୍ୟବସ୍ତୁ ବିଶୋଧନ କାରଖାନା ନିର୍ମାଣ କାର୍ଯ୍ୟ ପାଇଁ ବିଡ଼ରକୁ ନିଆଯାଇଛି। ପୁଣି ସରକାର କହିଲେ ଯେ, ବୈଧାନିକ ମଞ୍ଜୁରୀରେ ନିର୍ଦ୍ଧାରିତ ସର୍ତ୍ତାବଳୀ ଅନୁଯାୟୀ ଧୂଳି ଉତ୍ତୋଳନ ପ୍ରଣାଳୀର ଆବଶ୍ୟକତା ନଥିଲା ଏବଂ ଜିଆଇଓଏମ୍-ଖରେ ଏକ ହୁଇଲ୍ ୱାସ୍ ବ୍ୟବସ୍ଥା ପ୍ରଦାନ କରାଯାଇଥିଲା।

ଏଠାରେ ଉତ୍ତରଟି ତଥ୍ୟ ଆଧାରିତ ନଥିଲା କାରଣ ଧୂଳି ନିଷ୍କାସନ ବ୍ୟବସ୍ଥା ଏବଂ ଚକ ଧୋଇବା ବ୍ୟବସ୍ଥା ସମ୍ବନ୍ଧୀୟ ସର୍ତ୍ତାବଳୀ ବୈଧାନିକ ମଞ୍ଜୁରୀ ଯଥା (ପରିବେଶ ମଞ୍ଜୁରୀ ଏବଂ ଖଣି ପରିଚାଳନା ଅନୁମତି)ରେ ନିର୍ଦ୍ଦିଷ୍ଟ କରାଯାଇଥିଲା। ଯଦିଓ ଚକ ଧୋଇବା ପ୍ରଣାଳୀ ଯୋଗାଇ ଦିଆଯାଇଥିଲା, ଏହା ଗନ୍ଧମାର୍ଦ୍ଦନ-ଖ ଖଣିର ପ୍ରସ୍ଥାନ ସ୍ଥାନରେ ନଥାଇ ପ୍ରବେଶ ସ୍ଥାନରେ ଥିଲା।

### 2.9.3.5 ଜମି ପୁନଃ ଉଦ୍ଧାର[40] ପାଇଁ ସର୍ତ୍ତାବଳୀ ଅନୁପାଳନ ନହେବା

ଖଣିଜ ରିହାତି ନିୟମ, 1960 ଅଧିନରେ ଆଇବିଏମ୍ ଦ୍ୱାରା ଅନୁମୋଦିତ ଖଣି ଯୋଜନାରେ ଧାର୍ଯ୍ୟ କରାଯାଇଥିବା ନିୟମ ଅନୁଯାୟୀ ଖଣିକାର୍ଯ୍ୟ କରାଯାଏ। ତଥାପି, ଖନନ ସମୟରେ ବ୍ୟବହାରିକ ପରିସ୍ଥିତିକୁ ବିଚାରକୁ ନେଇ, ପଟ୍ଟାଧାରୀ ଅନୁମୋଦନ ପାଇଁ ପରିବର୍ତ୍ତିତ ଯୋଜନା ଆଇବିଏମ୍‌ରେ ଦାଖଲ କରିପାରିବେ। ଖଣି ସଂରକ୍ଷଣ ଏବଂ ବିକାଶ ନିୟମ (ଏମ୍‌ସିଡିଆର୍), 2017ର ନିୟମ 23 ଅନୁଯାୟୀ, ଖଣି ଲିଜ୍‌ଧାରକ ଆଇବିଏମ୍‌ରେ ସଂଶୋଧିତ ଖଣି ଯୋଜନା ଦାଖଲ କରିବା ସମୟରେ ଖଣି ଯୋଜନାର ଏକ ଅଂଶ ଭାବେ ଏକ ପ୍ରଗତିଶୀଳ ଖଣି ବନ୍ଦ ଯୋଜନା ଦାଖଲ କରିବେ।

ଖଣି ଅଞ୍ଚଳ ଭୂମିର ପୁନଃ ଉଦ୍ଧାର ସହ ଏହାର ଗୁଣବତ୍ତାକୁ ଫେରାଇଆଣିବା ଏବଂ ଭୂପୃଷ୍ଠର ଅବନତିକୁ ରୋକିବା ଖଣି ବନ୍ଦ ଯୋଜନାରେ ଅନ୍ତର୍ଭୁକ୍ତ ଅଟେ। ଉକ୍ତ ଖଣି ବନ୍ଦ ଯୋଜନା ଖଣି ଯୋଜନା ସହିତ ଆଇବିଏମ୍ ଦ୍ୱାରା ଅନୁମୋଦିତ ହୋଇଥାଏ। ଥରେ ଅନୁମୋଦିତ ହେଲେ, ଖଣି ଯୋଜନା ଏବଂ ଖଣିବନ୍ଦ ଯୋଜନାରେ ଥିବା ସର୍ତ୍ତାବଳୀକୁ ଉଲ୍ଲଙ୍ଘନ କରାଯାଇପାରିବ ନାହିଁ।

ଜିଲିଙ୍ଗ୍-ଲାଙ୍ଗଲୋଟା ଲୁହାପଥର ଖଣି ଏବଂ ବାଙ୍ଗୁର କ୍ରୋମାଇଟ୍ ଖଣି କ୍ଷେତ୍ରରେ ପରିବର୍ତ୍ତିତ ଖଣି ଯୋଜନା ଏବଂ ପ୍ରଗତିଶୀଳ ଖଣି ବନ୍ଦ ଯୋଜନା ଯଥାକ୍ରମେ 18 ନଭେମ୍ବର 2021 ଏବଂ 06 ନଭେମ୍ବର 2019ରେ ଆବିଏମ୍ ଦ୍ୱାରା ଅନୁମୋଦିତ କରାଯାଇଥିଲା। ଉକ୍ତ ଅନୁମୋଦିତ ଖଣି ବନ୍ଦ ଯୋଜନା ଅନୁଯାୟୀ ଜିଲିଙ୍ଗ-ଲାଙ୍ଗଲୋଟା ଲୁହାପଥର ଖଣିରେ 2020-23 ମଧ୍ୟରେ 2,01,447 ବର୍ଗ ମିଟର ଏବଂ ବାଙ୍ଗୁର କ୍ରୋମାଇଟ୍ ଖଣିରେ 1,42,000 ଘନ ମିଟର ଜମି ପୁନଃ ଉଦ୍ଧାର ପାଇଁ ନିର୍ଦ୍ଧାରିତ କରାଯାଇଥିଲା। ତଥାପି, ଓଏମ୍‌ସି ଖଣି ବନ୍ଦ ଯୋଜନାର ଲକ୍ଷ୍ୟ ବିରୁଦ୍ଧରେ ଯଥାକ୍ରମେ 51,000 ବର୍ଗ ମିଟର (25 ପ୍ରତିଶତ) ଏବଂ 24,957 ଘନ ମିଟର (18 ପ୍ରତିଶତ) ଜମି ପୂରଣ/ପୁନଃ ଉଦ୍ଧାର କରିପାରିଥିଲା।

ପୁନଃ ଦ୍ଧାରର ଲକ୍ଷ୍ୟ ହାସଲ ନହେବା ଯୋଗୁ କେବଳ ଖଣି ଯୋଜନାର ଉଲ୍ଲଙ୍ଘନ କରାଯାଇନଥିଲା ବରଂ ବନୀକରଣ ଓ ବୃକ୍ଷରୋପଣ ଭଳି ବ୍ୟବହାର ପାଇଁ ଜମିର ଗୁଣବତ୍ତା ଫେରାଇବାରେ ମଧ ବିଫଳ ହୋଇଥିଲା। ଏଠାରେ ଓଏମ୍‌ସି ପୁନଃ ଉଦ୍ଧାରର କାରଣ ବିଷୟରେ ବିଶ୍ଳେଷଣ କରିନଥିଲା କିମ୍ବା ଖଣିଜ ଯୋଜନା ସହ ଖଣି ଉତ୍ତୋଳନ ଯୋଜନାର କାର୍ଯ୍ୟନ୍ୱୟନର ଅଗ୍ରଗତି ବିଷୟରେ ସମୀକ୍ଷା କରିନଥିଲା।

ସରକାର ପର୍ଯ୍ୟବେକ୍ଷଣଟିକୁ ଗ୍ରହଣ କରି କହିଲେ (ମଇ 2024) ଯେ, ବାଙ୍ଗୁର ଖଣିରେ ଲକ୍ଷ୍ୟ ରଖାଯାଇଥିବା ବ୍ୟାକ୍‌ଫିଲିଂ ତତ୍କାଳୀନ ଉତ୍ତୋଳନ କରୁଥିବା ଠିକାଦାରଙ୍କ କାର୍ଯ୍ୟକାଳ ସମାପ୍ତି ହେତୁ ହୋଇପାରିଲା ନାହିଁ, ଅଧିକନ୍ତୁ, ଜିଲିଙ୍ଗ-ଲଙ୍ଗଲୋଟା ଖଣି ଅଞ୍ଚଳକୁ ଖଣିଜ ନଥିବା ପ୍ରମାଣ କରିବା ପରେ ବ୍ୟାକ୍‌ଫିଲିଂ ଆରମ୍ଭ କରାଯିବ।

ଖଣି ବନ୍ଦ କାର୍ଯ୍ୟକଳାପ ସମାପ୍ତ ନହେବା ପାଇଁ ଦିଆଯାଇଥିବା କାରଣଗୁଡିକ ଯୁକ୍ତିଯୁକ୍ତ ନୁହେଁ କାରଣ ଓଏମ୍‌ସିକୁ ଖଣି ବନ୍ଦ ଯୋଜନାରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପଡିବ କିମ୍ବା ଏହାର ସଂଶୋଧନ ପାଇଁ ଆଇବିଏମ୍ ସହିତ ଯୋଗାଯୋଗ କରିବାକୁ ପଡିବ।

---

[40] ଜମି ପୁନଃ ଉଦ୍ଧାର ହେଉଛି ଏକ ପ୍ରକ୍ରିୟା ଯାହା ଦ୍ୱାରା ଭୂପୃଷ୍ଠ ଖଣିର ପ୍ରତିକୂଳ ପରିବେଶ ପ୍ରଭାବକୁ ହ୍ରାସ କରାଯାଏ ଏବଂ ଖନନ କରାଯାଇଥିବା ଜମିକୁ ପୁନଃ ଉପଯୋଗୀ ଓ ବ୍ୟବହାରଯୋଗ୍ୟ କରାଯାଇ ଥାଏ। ପୁନଃ ଉଦ୍ଧାର ଲକ୍ଷ୍ୟ ଖୋଲା ଖଣିରେ ବର୍ଗମିଟର ଏବଂ ଭୂତଳ ଖଣିରେ ଘନମିଟରରେ ସ୍ଥିର କରାଯାଇଥାଏ।

### 2.9.4 ସ୍ଥାୟୀ ଖଣି କ୍ଷେତ୍ରରେ ଅବନତି

ଏମ୍‌ସିଡିଆର୍ ନିୟମାବଳୀ, 2017ର ନିୟମ 35ରେ କୁହାଯାଇଛି ଯେ, ଖଣି ଲିଜ୍‌ର ପ୍ରତ୍ୟେକ ଧାରକ ଅନୁସନ୍ଧାନ, ଖଣି ନିଷ୍କାସନ, ଖଣିଜ ପ୍ରକ୍ରିୟାକରଣ କିମ୍ବା ଧାତବ ସଂଗ୍ରଳନ କରିବା ସମୟରେ ସ୍ଥାୟୀ ଖଣି କାର୍ଯ୍ୟର ସମସ୍ତ ସମ୍ଭାବ୍ୟ ସତର୍କତା ଅବଲମ୍ବନ କରିବେ। ଅଧିକନ୍ତୁ, ନିୟମ 35(2) ଅନୁଯାୟୀ, ପ୍ରତ୍ୟେକ ଖଣି ଲିଜ୍‌ଧାରୀ ଆଇବିଏମ୍ ଦ୍ୱାରା ନିର୍ଦ୍ଧାରିତ 'ଷ୍ଟାର ରେଟିଂ'ର ଅଧିସୂଚିତ ଟେମ୍ପଲେଟ୍ ଅନୁଯାୟୀ ଖଣି ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ ଉପରେ ମଧ ନଜର ରଖିବେ। ତଦନୁସାରେ, ସ୍ଥାୟୀ ଖଣି ମୂଲ୍ୟାଙ୍କନ ପାଇଁ ଆଇବିଏମ୍ ଦ୍ୱାରା (ଫେବୃଆରୀ 2017ରେ) ଏକ ଷ୍ଟାର ରେଟିଂ ସିଷ୍ଟମ୍[41] (ଏସ୍‌ଆର୍‌ଏସ୍) ପ୍ରଚଳନ କରାଯାଇଥିଲା, ଯାହା ପ୍ରଯୁକ୍ତିବିଦ୍ୟା ଗ୍ରହଣ, ଆର୍ଥିକ ପ୍ରଦର୍ଶନ, ପୁନର୍ବାସ ଏବଂ ପୁନଃସ୍ଥାପନ ଇତ୍ୟାଦି ପରିପ୍ରେକ୍ଷୀରେ ପରିବେଶ ମାନଦଣ୍ଡ ବିପକ୍ଷରେ ଖଣି କେତେ ପ୍ରଦର୍ଶନ କରୁଛି ତାହା ସୂଚିତ କରେ।

ଅଧିକନ୍ତୁ, ଏମ୍‌ସିଡିଆର୍ (ସଂଶୋଧନ), 2021 ଅନୁଯାୟୀ ପ୍ରତ୍ୟେକ ଖଣି ଲିଜ୍‌ଧାରକ ଫେବୃଆରୀ 2017ରୁ ଚାରିବର୍ଷ ମଧରେ କିମ୍ବା ଖଣିକାର୍ଯ୍ୟ ଆରମ୍ଭ ହେବାର ଚାରିବର୍ଷ ମଧରେ ଅତି କମ୍‌ରେ ତିନି-ତାରକା ରେଟିଂ ହାସଲ କରିବେ ଏବଂ ତା'ପରେ ବର୍ଷକୁ ବର୍ଷ ଆଧାରରେ ଏହାକୁ ବଜାୟ ରଖିବେ। ଉକ୍ତ ପ୍ରକ୍ରିୟା ଅନୁସାରେ, ଲିଜ୍‌ଧାରୀଙ୍କୁ ପ୍ରତିବର୍ଷ ଆଇବିଏମ୍ ଦ୍ୱାରା ପ୍ରସାରିତ ଅନ୍ ଲାଇନ୍ ଆତ୍ମ-ମୂଲ୍ୟାୟନ ଟେମ୍ପଲେଟ୍ ପୂରଣ କରିବାକୁ ପଡିଥାଏ। ଖଣି କାର୍ଯ୍ୟକଳାପର ପରିଚାଳନା (ପ୍ରାସଙ୍ଗିକ ଆଇନ ଏବଂ ନିୟମର ବ୍ୟବସ୍ଥା ପାଳନ), ପରିବେଶଗତ ପ୍ରଭାବ (ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର, ଜଳସମ୍ପଦର ପୁନଃ ବ୍ୟବହାର, ବୃକ୍ଷରୋପଣ ଇତ୍ୟାଦି) ଏବଂ ସାମାଜିକ ପ୍ରଭାବ (ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ପୁନର୍ବାସ ଇତ୍ୟାଦି ପାଇଁ ସମ୍ପ୍ରଦାୟ କଲ୍ୟାଣ କାର୍ଯ୍ୟାନ୍ୱୟନ) ଅନ୍ତର୍ଭୁକ୍ତ ଟେମ୍ପଲେଟ୍‌ରେ ଉଲ୍ଲେଖ କରାଯାଇଥିବା ବିଭିନ୍ନ ମାନଦଣ୍ଡ ଅନୁଯାୟୀ ଆଇବିଏମ୍ ଖଣିଗୁଡିକର ଯାଞ୍ଚ କରିବେ। ଖଣିଗୁଡିକ ଦ୍ୱାରା କରାଯାଇଥିବା ମୂଲ୍ୟାଙ୍କନ ଏବଂ ତଥ୍ୟଗତ ପ୍ରସଙ୍ଗ ଆଧାରରେ ଆଇବିଏମ୍ ଗେଜେଟ୍ ବିଜ୍ଞପ୍ତି ମାଧମରେ ବର୍ଷ-ୱାରୀ ଭାବରେ ପ୍ରତ୍ୟେକ ଲିଜ୍‌ଧାରୀଙ୍କ ଷ୍ଟାର୍ ରେଟିଂ ସ୍ଥିତି ପ୍ରକାଶ କରିଥାନ୍ତି।

ମାର୍ଚ୍ଚ 2023 ସୁଦ୍ଧା, ଓଏମ୍‌ସିରେ 15ଟି ଖଣି କାର୍ଯ୍ୟରତ ଅଛି (ତିନୋଟି[42] ଖୋଣ୍ଡାଲାଇଟ୍ ଖଣିକୁ ବାଦ[43] ଦେଇ)। ସେଥିମଧରୁ କେବଳ ଦୈତାରୀ ଲୁହାପଥର ଖଣି ଏବଂ କୋଡିଙ୍ଗାମାଳି ବକ୍ସାଇଟ୍ ଖଣି ପାଞ୍ଚତାରକା ହାସଲ କରିଛନ୍ତି। ଏହାବ୍ୟତୀତ ଛଅଟି[44] ଖଣିରେ ତିନିରୁ ଚାରି ତାରକା ମୂଲ୍ୟାୟନ ରହିଛି ଏବଂ ବାକି ତିନୋଟି ଖଣି ଚାରି ବର୍ଷ କାର୍ଯ୍ୟକ୍ଷମ ହୋଇନାହିଁ।

ସମୀକ୍ଷାରେ ଦେଖାଗଲା ଯେ, ନିମ୍ନଲିଖିତ ତ୍ରୁଟିର ଉପସ୍ଥିତି ଯୋଗୁ ଖଣିଗୁଡିକର ପାଞ୍ଚତାରକା ମୂଲ୍ୟାୟନ ହାସଲ କରିବାରେ ବାଧା ସୃଷ୍ଟି କରିଥିଲା ଯଥା ଅଭାବଗୁଡିକ ମଧରେ (i) ପୁନଃ ବ୍ୟବହୃତ ଜଳର ଅନୁପସ୍ଥିତି, (ii) ସବୁଜ/ଅକ୍ଷୟ ଶକ୍ତି ଉତ୍ସର ବ୍ୟବହାର, (iii) ବ୍ୟାକ୍ ଫିଲିଂର ଅଭାବ, (iv) ବୃକ୍ଷରୋପଣର ଅଭାବ ଏବଂ (v) ଭୂତଳ ଜଳ ରିଚାର୍ଜ ଅନ୍ୟତମ। ଉଚ୍ଚତର ତାରକା ମୂଲ୍ୟାଙ୍କନ ହାସଲ ନହେବା ସ୍ଥାୟୀ ଖଣି ବିକାଶ ପ୍ରତି ଓଏମ୍‌ସିର ପ୍ରତିବଦ୍ଧତାର ଅଭାବକୁ ସୂଚାଉଥିଲା।

ପର୍ଯ୍ୟବେକ୍ଷଣକୁ ଗ୍ରହଣ କରିବା ସହିତ ସରକାର କହିଲେ (ମଇ 2024) ଯେ, ବଗିଚା ଏବଂ ଧୂଳି ଦମନ ପାଇଁ ଜଳର ପୁନଃ ବ୍ୟବହାର, ସୌରଶକ୍ତି ସ୍ଥାପନ, କୃତ୍ରିମ ପୋଖରୀ ମାଧମରେ ଭୂତଳ ଜଳ ରିଚାର୍ଜ, ଚାରା ରୋପଣ ଇତ୍ୟାଦି ଭଳି ଷ୍ଟାର ରେଟିଂରେ ଉନ୍ନତି ଆଣିବା ପାଇଁ ଓଏମ୍‌ସି ଦ୍ୱାରା ଅନେକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

---

41 ଏକ ସହନୀୟ ଖଣି ଖନନ ପାଇଁ ପଦକ୍ଷେପଗୁଡିକର ମୂଲ୍ୟାଙ୍କନ ପାଇଁ ଏକ ୱେବ୍‌ଯୁକ୍ତ ଅନ୍‌ଲାଇନ୍ ବ୍ୟବସ୍ଥା

42 ନରଣଗଡ, ଗୋବିନ୍ଦପୁର ଏବଂ ଶୁଖୁଆପଡା

43 ଖୋଣ୍ଡାଲାଇଟ୍ ହେଉଛି କ୍ଷୁଦ୍ର ଖଣିଜ ଯାହା ପାଇଁ ଏମ୍‌ସିଡିଆର୍, 2021ର ବ୍ୟବସ୍ଥା ପ୍ରଯୁଜ୍ୟ ନୁହେଁ

44 କୁରମିତାର, ଗନ୍ଧମାର୍ଦ୍ଦନ-ଏ, ଗନ୍ଧମାର୍ଦ୍ଦନ-ବି, ଦକ୍ଷିଣ କାଳିଆପାଣି, ସୁକ୍ରାଙ୍ଗୀ, ବାଗ୍ଳିଆ (ଗୁଆଲି, ଜିଲିଙ୍ଗ ଏବଂ ବାଂଶପାଣି 2020-23ରେ ଉତ୍ପାଦନ ଆରମ୍ଭ ହୋଇଥିବାରୁ ବିଚାରକୁ ନିଆଯାଇ ନାହିଁ)

### 2.9.5 ଷ୍ଟାକିଂରେ ଅଭାବଗୁଡିକ

ଖଣିରୁ ନିଷ୍କାସନ ପରେ ଅଧିକ ପ୍ରକ୍ରିୟାକରଣ (ଯେପରିକି ପେଷଣ କିମ୍ବା ପୃଥକୀକରଣ) ପୂର୍ବରୁ ସଂରକ୍ଷଣ ପାଇଁ ପ୍ରାୟତଃ ବଡ ଭଣ୍ଡାରଣ ବ୍ୟବସ୍ଥାରେ ହୋଇଥାଏ। ଏହି ଭଣ୍ଡାରଣ ବ୍ୟବସ୍ଥା ଅସ୍ଥାୟୀ କିମ୍ବା ଦୀର୍ଘକାଳୀନ ସଂରକ୍ଷଣ ସୁବିଧା ଭାବରେ ହୋଇପାରେ। ବିପୁଳ ପରିମାଣର ସାମଗ୍ରୀ ପରିଚାଳନା, ଧାତୁପଥର ପ୍ରକ୍ରିୟାକରଣକୁ ଉନ୍ନତ କରିବା ଏବଂ ସମୟସୂଚୀ ମଧ୍ୟରେ ଉତ୍ପାଦନ ନିଶ୍ଚିତ କରିବାରେ ଷ୍ଟାକିଂ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

#### 2.9.5.1 ଷ୍ଟାକିଂୟାର୍ଡର ବିକାଶ ପାଇଁ ନିଷ୍କ୍ରିୟ ଖର୍ଚ୍ଚ

ଗନ୍ଧମାର୍ଦ୍ଦନ ଲିଜ୍ କ୍ଷେତ୍ର ବାହାରେ ତଳକାନସାରୀରେ ଲୁହାପଥର ଖଣି ପାଇଁ ଏକ ଷ୍ଟକ୍‌ୟାର୍ଡ ବିକଶିତ କରିବାକୁ ଓଏମ୍‌ସି ଯୋଜନା କରିଥିଲା ଏବଂ ସେହି ଅନୁଯାୟୀ 2.65 କୋଟି ଟଙ୍କା ମୂଲ୍ୟରେ 12.52 ହେକ୍ଟର ଜମି ଅଧିଗ୍ରହଣ (ମଇ 2021) କରିଥିଲା। ସମୀକ୍ଷାରେ ଏହା ଦେଖିବାକୁ ମିଳିଥିଲା ଯେ, ତିନି ବର୍ଷ ବିତିଯିବା ପରେ ମଧ୍ୟ ଜମି ସମ୍ବନ୍ଧୀୟ ଆଇନଗତ ଜଟିଳତା[45] ହେତୁ ଉକ୍ତ ଜମିକୁ ଷ୍ଟକ୍‌ୟାର୍ଡ ଭାବରେ ବ୍ୟବହାର କରାଯାଇପାରିଲା ନାହିଁ। ଅଧିକନ୍ତୁ, ଉପରୋକ୍ତ ଜମି ଖଣି ଲିଜ୍ କ୍ଷେତ୍ର ବାହାରେ ଥିଲା, ଷ୍ଟକ୍‌ୟାର୍ଡର ବିକାଶ ପାଇଁ ଖଣି ଉପ-ନିର୍ଦ୍ଦେଶକଙ୍କଠାରୁ ପୃଥକ ଭାବରେ ଆବଶ୍ୟକ ଅନୁମତି ନେବାର ଥିଲା, ଯାହା ଓଏମ୍‌ସି ମଇ 2024 ପର୍ଯ୍ୟନ୍ତ ଗ୍ରହଣ କରିନଥିଲା। ଯଦି ଉକ୍ତ ଜମି କିଣିବା ପୂର୍ବରୁ ଓଏମ୍‌ସି ଏହାର ସ୍ଥିତି ଜାଣିବା ପାଇଁ ଏକ ଉପଯୁକ୍ତ ସର୍ଭେ କରିଥାଆନ୍ତା, ତେବେ ଏହି ସମସ୍ୟାକୁ ଏଡାଯାଇ ପାରିଥାଆନ୍ତା। ଅଧିଗ୍ରହଣ ପୂର୍ବରୁ ପୂର୍ଣ୍ଣାଙ୍ଗ ଗ୍ରାଉଣ୍ଡ ସର୍ଭେ ନକରିବା କାରଣରୁ 2.65 କୋଟି ଟଙ୍କାର ବ୍ୟୟ ବ୍ୟର୍ଥ ହୋଇଥିଲା।

ସରକାର କହିଲେ (ମଇ 2024) ଯେ, ଯଦିଓ ଏହି ଜମି ଭଣ୍ଡାର କରିବା ଏବଂ ସେଠାରୁ କ୍ରେତାଙ୍କୁ ପଠାଇବା ଉଦ୍ଦେଶ୍ୟରେ ଅଧିଗ୍ରହଣ କରାଯାଇଥିଲା, କିନ୍ତୁ ଗ୍ରାମବାସୀଙ୍କ କଠୋର ପ୍ରତିରୋଧ ହେତୁ ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ତଥାପି, ଏହି ଜମିକୁ ଟ୍ରକ୍ ପାର୍କିଂ ପାଇଁ ବ୍ୟବହାର କରାଯାଉଛି ଯାହା ଖଣିଜର ପ୍ରେରଣ ପରିମାଣ ବୃଦ୍ଧି କରିଛି।

ଏହି ଉତ୍ତରଟି ଗ୍ରହଣୀୟ ନୁହେଁ, କାରଣ ଜମି ଅଧିଗ୍ରହଣ କରିବା ପୂର୍ବରୁ ଓଏମ୍‌ସି ଏହାର ସ୍ଥିତିର ଉପଯୁକ୍ତ ଅନ୍ୱେଷଣ କରିନଥିଲା। ଏହାବ୍ୟତୀତ, ସରକାରଙ୍କ ଦ୍ୱାରା ଉକ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ମଧ୍ୟ କିଛି ତ୍ରୁଟି ଥିଲା ଯାହା ଆଇନଗତ ଜଟିଳତା ସୃଷ୍ଟି କରିଥିଲା।

#### 2.9.5.2 ଖଣିଜ ଗୁଡିକର ଅନିୟମିତ ଷ୍ଟାକିଂ ଏବଂ ସଂରକ୍ଷଣ

ଓଡିଶା ଖଣିଜ (ଚୋରି, ଚୋରାଚାଲାଣ ଓ ବେଆଇନ ଖନନ ଏବଂ ଦଖଲ, ସଂରକ୍ଷଣ, ବାଣିଜ୍ୟ ଏବଂ ପରିବହନ ନିୟନ୍ତ୍ରଣ) ନିୟମ, 2007 ଏବଂ 2021ରେ ଏହାର ପରବର୍ତ୍ତୀ ସଂଶୋଧନ ଅନୁଯାୟୀ, ଉତ୍ପାଦିତ ଖଣିଜ ପଦାର୍ଥ ଗୁଣବତ୍ତା ଏବଂ ଗ୍ରେଡ୍ ନିର୍ଣ୍ଣୟ କରିବା ପାଇଁ ଖଣିଗୁଡିକରେ ପୃଥକ ଷ୍ଟାକରେ ରଖାଯିବା ଉଚିତ। ସମ୍ପୂର୍ଣ୍ଣ ଯାନ୍ତ୍ରିକ ଖଣି କ୍ଷେତ୍ରରେ, ଯଦି ପଠାଯାଇଥିବା ଧାତୁର ପ୍ରକୃତ ଗ୍ରେଡ୍ ନିର୍ବିଶେଷରେ ପଟ୍ଟାଧାରୀ ସର୍ବାଧିକ ରୟାଲଟି ପ୍ରଦାନ କରିବାକୁ ଘୋଷଣା କରନ୍ତି, ତେବେ ଷ୍ଟାକିଂ ଏବଂ ନମୁନା ଯାଞ୍ଚ ଛାଡ କରାଯିବ।

ପାଞ୍ଚଟି ଖଣି[46] ସମ୍ପର୍କରେ ସ୍ଥାନ ସଙ୍କଟ ହେତୁ ଖଣିଜ ପଦାର୍ଥର ଷ୍ଟାକିଂ ଆବଶ୍ୟକତାକୁ ଛାଡ କରିବାକୁ ଓଏମ୍‌ସି ଓଡିଶା ସରକାରଙ୍କୁ ଅନୁରୋଧ କରିଥିଲା (ଅଗଷ୍ଟ 2012 ଏବଂ ମାର୍ଚ୍ଚ 2021) ଏବଂ ପ୍ରଯୁଜ୍ୟ ସର୍ବୋଚ୍ଚ ରୟାଲଟି ହାର ଦେବାକୁ ରାଜି ହୋଇଥିଲା। ଓଡିଶା ସରକାର ଏହି ପ୍ରସ୍ତାବରେ ରାଜି ହୋଇଥିଲେ (ଅଗଷ୍ଟ 2012) ଏବଂ ସମସ୍ତ ପାଞ୍ଚଟି ଖଣି ପାଇଁ ଷ୍ଟାକିଂ ଛାଡ ପ୍ରଦାନ କରିଥିଲେ। ଉତ୍ପାଦିତ ଖଣିଜ ପଦାର୍ଥଗୁଡିକୁ ଓଏମ୍‌ସି ଦ୍ୱାରା

---

[45] ପଲ୍ଲୀସଭା ଆୟୋଜନ ନକରି ଏସ୍‌ସି/ଏସ୍‌ଟି ଜମି କ୍ରୟ ସମ୍ପର୍କରେ ଜାତୀୟ ମାନବାଧିକାର ଆୟୋଗଙ୍କ ନିକଟରେ ଗ୍ରାମବାସୀଙ୍କ ଅଭିଯୋଗ

[46] ଗନ୍ଧମାର୍ଦ୍ଦନ-ବି, କୁରମିତାର, ଜିଲିଙ୍ଗ-ଲାଙ୍ଗଲୋଟା, ଟିରିଙ୍ଗ ପାହାଡ ଏବଂ ଗୁଆଳୀ

ଗୁଣବତ୍ତା ଏବଂ ଆକାର ଅନୁଯାୟୀ ଗଦା କରାଯାଇ ନଥିଲା ବରଂ ଖଣିରେ ଭଣ୍ଡାରଣ କରାଯାଇଥିଲା। ଫଳସ୍ୱରୂପ, ଏହି ଖଣିଗୁଡିକରୁ ଲୁହାପଥର ସର୍ବୋଚ୍ଚ ରୟାଲଟି ହାର ଦେଇ ପ୍ରେରଣ କରାଯାଇଥିଲା।

ଜଙ୍ଗଲ ମଞ୍ଜୁରୀ ଥିବା ଏହି ଖଣିଗୁଡିକରେ ଉପଲବ୍ଧ ଅଞ୍ଚଳ ଏବଂ ଏହି ଖଣିଗୁଡିକରେ ଖଣି କ୍ଷେତ୍ରର ତୁଳନାରୁ ଜଣାପଡିଲା ଯେ, ଯଦିଓ ଓଏମ୍‌ସି ପାଖରେ ଖଣିଜ ପଥର ଷ୍ଟୋର କରିବା ପାଇଁ ଚାରୋଟି ଖଣିରେ[47] ପର୍ଯ୍ୟାପ୍ତ ଖୋଲା କ୍ଷେତ୍ର ଥିଲା, ତଥାପି ଏହା ଷ୍ଟାକିଂ ଛାଡ ଗ୍ରହଣ କରିଥିଲା ଏବଂ ସର୍ବାଧିକ ରୟାଲ୍ଟି ଦେବାକୁ ବାଛିଥିଲା। ଅଧିକନ୍ତୁ, ଗୁଆଳି ଲୁହାପଥର ଖଣିରେ ଯଥେଷ୍ଟ ଲିଜ୍ କ୍ଷେତ୍ର ଥିଲେ ମଧ୍ୟ ଓଏମ୍‌ସି ଜଙ୍ଗଲ ମଞ୍ଜୁରୀ ପାଇଁ ଆବେଦନ କରିନଥିଲା ଏବଂ ସେଥିପାଇଁ ଷ୍ଟାକିଂ ଛାଡ ଗ୍ରହଣ କରିଥିଲା। ଫଳସ୍ୱରୂପ, ପାଞ୍ଚଟି ଖଣିରୁ ତିନୋଟି ଭିନ୍ନ ଭିନ୍ନ ଗ୍ରେଡ୍‌ର ଉତ୍ପାଦନ କରୁଥିଲେ ମଧ୍ୟରେ ସର୍ବୋଚ୍ଚ ଗ୍ରେଡ୍‌ର ଖଣିଜ ପାଇଁ ପ୍ରଯୁଜ୍ୟ ହାରରେ ରୟାଲଟି ପ୍ରଦାନ କରାଯାଉଥିଲା। ଉଦାହରଣ ସ୍ୱରୂପ, ମଇ 2019 ମାସର ଷ୍ଟାକିଂ ଛାଡ ବିକଳ୍ପର ଆର୍ଥିକ ପ୍ରଭାବକୁ ନିମ୍ନରେ ଦିଆଯାଇଥିବା ସାରଣୀରେ ଦେଖାଯାଇପାରେ:

**ସାରଣୀ 2.9: ସର୍ବୋଚ୍ଚ ହାରରେ ପ୍ରଦାନ କରାଯାଇଥିବା କୁରମିତାର ଖଣି ରୟାଲଟି ଏବଂ ପ୍ରକୃତ ଗ୍ରେଡ୍ ଏବଂ ଆକାର ଆଧାରରେ ପ୍ରଦାନ କରାଯାଇଥିବା ରୟାଲଟିର ତୁଳନା**

| ଲୁହାପଥର ଗ୍ରେଡ୍ | ପରିମାଣ ଏମ୍‌ଟିରେ | ଆଇବିଏମ୍ ଦ୍ୱାରା ସୂଚୀତ ପ୍ରକୃତ ବିକ୍ରୟ ମୂଲ୍ୟ | | ଆଇବିଏମ୍ ଦ୍ୱାରା ଅଧିସୂଚୀତ ସର୍ବୋଚ୍ଚ ବିକ୍ରୟ ମୂଲ୍ୟ | | ରୟାଲଟିରେ ପାର୍ଥକ୍ୟ (ଟଙ୍କାରେ/ ଏମ୍‌ଟି) | ଅଧିକ ପ୍ରଦାନ କରାଯାଇଥିବା ରୟାଲଟି (ଟଙ୍କାରେ) |
|---|---|---|---|---|---|---|---|
| | | ଆବିଏମ୍ ବିକ୍ରୟ ମୂଲ୍ୟ (ଟଙ୍କାରେ/ ଏମ୍‌ଟି) | ରୟାଲଟି (ଶତକଡା 15 ହାରରେ) (ଟଙ୍କାରେ/ ଏମ୍‌ଟି) | ଆବିଏମ୍ ବିକ୍ରୟ ମୂଲ୍ୟ (ଟଙ୍କାରେ/ ଏମ୍‌ଟି) | ରୟାଲଟି (ଶତକଡା 15 ହାରରେ) (ଟଙ୍କାରେ/ ଏମ୍‌ଟି) | | |
| -65% ଲମ୍ପ୍ | 16,76,443.865 | 3,466 | 519.90 | 4,796 | 719.40 | 199.50 | 33,44,50,551 |
| -62% ସିଆର୍ ଫାଇନ୍ | 3,681.645 | 3,466 | 519.90 | 4,796 | 719.40 | 199.50 | 7,34,488 |
| -62% ସିଆର୍ ଫାଇନ୍ | 1,35,350.295 | 1,349 | 202.35 | 2,174 | 326.10 | 123.75 | 1,67,49,599 |
| -58% ସିଆର୍ ଫାଇନ୍ | 48,300.225 | 1,140 | 171.00 | 2,174 | 326.10 | 155.10 | 74,91,365 |
| ମୋଟ | | | | | | | **35,94,26,003** |

*(ଉତ୍ସ: 2019 ମଇ ମାସ ପାଇଁ କୁର୍‌ମିତାର ଲୁହାପଥର ଖଣି ସମ୍ପର୍କରେ ଡିଡିଏମ୍‌ଙ୍କ ରୟାଲ୍‌ଟିର ମୂଲ୍ୟାଙ୍କନ ଆଦେଶ)*

ଉପରୋକ୍ତ ସାରଣୀରୁ ଏହା ସ୍ପଷ୍ଟ ଯେ, ଷ୍ଟାକିଂ ଛାଡ ହେବା ହେତୁ, ଓଏମ୍‌ସି 35.94 କୋଟି ଟଙ୍କା ଅତିରିକ୍ତ ରୟାଲଟି ପ୍ରଦାନ କରିଛି। ସମାନ ଧାରାରେ ସମୀକ୍ଷା ହିସାବର ତୁଳନାରୁ ଏହା ଜଣାଗଲା ଯେ, ଗ୍ରେଡ୍ ଅନୁଯାୟୀ ଦେୟ ଏବଂ ପ୍ରକୃତ ସର୍ବାଧିକ ହାରରେ (ମୂଲ୍ୟାୟନ ନିର୍ଦ୍ଦେଶ ଅନୁଯାୟୀ) ରୟାଲଟି ପ୍ରଦାନରେ ଓଏମ୍‌ସି 2018-23 ମଧ୍ୟରେ ଏହି ପାଞ୍ଚଟି ଖଣି ପାଇଁ 48.90 ନିୟୁତ ଏମ୍‌ଟି ଉପରେ ଅତିରିକ୍ତ ରୟାଲଟି ଭାବରେ 938.52 କୋଟି ଟଙ୍କା ପ୍ରଦାନ କରିଥିଲେ।

ସରକାର କହିଲେ (ଜୁଲାଇ 2024) ଯେ, ଷ୍ଟାକିଂ ଆବଶ୍ୟକତା ଛାଡ ଏକ ବ୍ୟବସାୟିକ ନିଷ୍ପତ୍ତି ଥିଲା। ତଥାପି, ସମୀକ୍ଷାରେ ଦେଖାଗଲା ଯେ, ବ୍ୟବସାୟିକ ନିଷ୍ପତ୍ତି ଓଏମ୍‌ସିର ସ୍ୱାର୍ଥରେ ନଥିଲା କାରଣ ଏହା ସାମଗ୍ରୀ ପରିଚାଳନା ନିୟନ୍ତ୍ରଣଗୁଡିକୁ ହ୍ରାସ କରିବା ସହିତ ସାମଗ୍ରୀ ନିବେଶ ଖର୍ଚ୍ଚ ବୃଦ୍ଧି କରିଥିଲା।

### 2.9.6 ସାମଗ୍ରୀ ପରିଚାଳନା

ଓଏମ୍‌ସିର ଭଣ୍ଡାରରେ ମୁଖ୍ୟତଃ ଖଣିଜ ପଦାର୍ଥ ରହିଥାଏ। ଉତ୍ପାଦନର ସ୍ଥାନାନ୍ତରଣ ବ୍ୟବସ୍ଥା ସହିତ ସମନ୍ୱିତ କରି ଷ୍ଟକ୍‌ର ପରିସମାପ୍ତି ପାଇଁ ଓଏମ୍‌ସିକୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପଡିଥିଲା। ତଥାପି, ଓଏମ୍‌ସି ପାଖରେ ଥିବା ସମନ୍ୱିତ ହୋଇନଥିବା ଖଣିଜ ଷ୍ଟକ୍‌ର ସ୍ଥିତି ନିମ୍ନରେ ଦିଆଯାଇଥିବା ସାରଣୀରେ ଉଲ୍ଲେଖ କରାଯାଇଛି:

[47] ଗନ୍ଧମାର୍ଦ୍ଦନ-ବି, କୁରମିତାର, ଜିଲିଙ୍ଗ-ଲାଙ୍ଗଲୋଟା ଏବଂ ଟିରିଙ୍ଗ ପାହାଡ

**ସାରଣୀ 2.10: 2018-23 ଅବଧି ମଧ୍ୟରେ ଖଣିଜପଥର-ୱାରୀ ଷ୍ଟକ୍**

*(ପରିମାଣ ଲକ୍ଷ୍ୟ ଏମ୍‌ଟିରେ)*

| ଲୁହାପଥର | | | | କ୍ରୋମ ପଥର | | | ବକ୍ସାଇଟ୍ ପଥର | | |
|---|---|---|---|---|---|---|---|---|---|
| ବର୍ଷ | ପ୍ରାରମ୍ଭିକ ଷ୍ଟକ୍ | ଅନ୍ତିମ ଷ୍ଟକ୍ | ଅନ୍ତିମ ଅବଶେଷରେ ପ୍ରତିଶତ ବୃଦ୍ଧି | ପ୍ରାରମ୍ଭିକ ଷ୍ଟକ୍ | ଅନ୍ତିମ ଷ୍ଟକ୍ | ଅନ୍ତିମ ଅବଶେଷରେ ପ୍ରତିଶତ ବୃଦ୍ଧି | ପ୍ରାରମ୍ଭିକ ଷ୍ଟକ୍ | ଅନ୍ତିମ ଷ୍ଟକ୍ | ଅନ୍ତିମ ଅବଶେଷରେ ପ୍ରତିଶତ ବୃଦ୍ଧି |
| 2018-19 | 71.90 | 72.48 | 0.81 | 7.91 | 8.55 | 8.09 | 0.53 | 10.63 | 1,905.66 |
| 2019-20 | 72.48 | 67.67 | -6.64 | 8.55 | 1.18 | -86.20 | 10.63 | 14.83 | 39.51 |
| 2020-21 | 67.67 | 75.01 | 10.85 | 1.18 | 5.03 | 326.27 | 14.83 | 14.35 | -3.24 |
| 2021-22 | 75.01 | 96.43 | 28.56 | 5.03 | 6.25 | 24.25 | 14.35 | 8.05 | -43.90 |
| 2022-23 | 96.43 | 162.60 | 68.62 | 6.25 | 3.93 | -37.12 | 8.05 | 1.90 | -76.40 |

*(ଉତ୍ସ: ଓଏମ୍‌ସି ଦ୍ୱାରା ପ୍ରଦତ୍ତ ସୂଚନା)*

- କ୍ରୋମ ପଥର କ୍ଷେତ୍ରରେ 2018-23 ମଧ୍ୟରେ ଓଏମ୍‌ସିର ତିନୋଟି କାର୍ଯ୍ୟକ୍ଷମ ଖଣି ପରିପ୍ରେକ୍ଷୀରେ ଅନ୍ତିମ ଷ୍ଟକ୍ ପରିବର୍ତ୍ତନଶୀଳ ରହିଥିଲା।

- 2020-23 ଅବଧି ମଧ୍ୟରେ ଗୋଟିଏ ବକ୍ସାଇଟ୍ ଖଣିର ଅନ୍ତିମ ଷ୍ଟକ୍‌ର ସ୍ଥିତି ଭଲ ଥିଲା କାରଣ ଏହି ତିନି ବର୍ଷରେ ଏହା ପ୍ରାରମ୍ଭିକ ଷ୍ଟକ୍ ତୁଳନାରେ କମ୍ ଥିଲା।

- ଆଠଟି ଲୁହାପଥର ଖଣି କ୍ଷେତ୍ରରେ 2020-23 ଅବଧି ବର୍ଷର ଅନ୍ତିମ ଷ୍ଟକ୍ ବୃଦ୍ଧି ପାଉଥିବା ଧାରା ପରିଲକ୍ଷିତ ହୋଇଥିଲା। 2018-23 ବର୍ଷରେ ଲୁହାପଥରର ଅନ୍ତିମ ଷ୍ଟକ୍ ସ୍ଥିତି ସୂଚାଇ ଥିଲା ଯେ, ଓଏମ୍‌ସି ପୁରୁଣା ଷ୍ଟକ୍ ଠିକ୍ ସମୟ ମଧ୍ୟରେ ବିକ୍ରି କରିପାରୁନଥିଲା। ମାର୍ଚ୍ଚ 2023 ସୁଦ୍ଧା ଲୁହାପଥରର ଅନ୍ତିମ ଷ୍ଟକ୍ 162.60 ଲକ୍ଷ ଏମ୍‌ଟି ଥିଲା ଯାହାର ମୂଲ୍ୟ 919.00 କୋଟି ଟଙ୍କା ଥିଲା ଏବଂ ଗତ ତିନିବର୍ଷ ମଧ୍ୟରେ 67.67 ଲକ୍ଷ ଏମ୍‌ଟି (2019-20)ରୁ 2022-23ରେ 162.60 ଲକ୍ଷ ଏମ୍‌ଟି (140 ପ୍ରତିଶତ)କୁ ବୃଦ୍ଧି ପାଇଥିଲା। ଓଏମ୍‌ସି ଏହାର ପ୍ରମୁଖ କାର୍ଯ୍ୟକ୍ଷମ ଖଣି ଯଥା: ଦୈତାରୀ, ଗନ୍ଧମାର୍ଦ୍ଦନ ଏବଂ କୁରମିତାର ଲୁହାପଥର ଖଣିଗୁଡିକରେ ରେଳ ସାଇଡିଂ ମାଧ୍ୟମରେ ପଠାଇବା ଭଳି ଦ୍ରୁତ ସ୍ଥାନାନ୍ତର ସୁବିଧା[48] ଉପଲବ୍ଧ ନଥିବାରୁ ମୁଖ୍ୟତଃ ଷ୍ଟକ୍ ଅପସାରଣ ହୋଇପାରି ନଥିଲା। ଖଣିଜ ପଦାର୍ଥ ଯଥା ସମୟରେ ବିକ୍ରୟ ନକରିବା ଫଳରେ ପାଣ୍ଠିର ଅବରୋଧ ହୋଇଥିଲା ଏବଂ ଉତ୍ପାଦନ ପରେ ଖଣିଜ ସଂରକ୍ଷଣ ପାଇଁ ସ୍ଥାନର ଅଭାବ ହୋଇଥିଲା।

ସରକାର ପର୍ଯ୍ୟବେକ୍ଷଣଟିକୁ ଗ୍ରହଣ କରିଥିଲେ (ଜୁଲାଇ 2024) ଏବଂ କହିଥିଲେ ଯେ, ଓଏମ୍‌ସି ବିଦ୍ୟମାନ ସ୍ଥାନାନ୍ତର ସୁବିଧାଗୁଡିକୁ ସୁଦୃଢ଼ କରୁଛି।

ଅଧିକନ୍ତୁ, ଓଏମ୍‌ସିର ନୀତି ଅନୁଯାୟୀ ବିଭିନ୍ନ ଖଣିଜ ପଦାର୍ଥର ଅନ୍ତିମ ଷ୍ଟକ୍‌ର ଭୌତିକ ଯାଞ୍ଚ ପ୍ରତିବର୍ଷ ଓଏମ୍‌ସିର ମୁଖ୍ୟାଳୟରେ ମନୋନୀତ ଦଳର ସଦସ୍ୟମାନଙ୍କ ଦ୍ୱାରା କରାଯିବା ଉଚିତ। ଧାତୁର ନିରନ୍ତର ଗଦା ଏବଂ ବିକ୍ରୟ କ୍ଷେତ୍ରରେ ଷ୍ଟକ୍‌ରେ ଅନୁମତିପ୍ରାପ୍ତ ଖଣିଜ କ୍ଷତି ପରିଚାଳନା ସୀମା ବୁକ୍ ବାଲାନ୍ସର ପାଞ୍ଚ ପ୍ରତିଶତ ଥିଲା। ଅଧିକନ୍ତୁ, ଯେଉଁଠାରେ ବିଦ୍ୟମାନ ଷ୍ଟକ୍ ସମ୍ପୂର୍ଣ୍ଣ ଭାବରେ ସରିଗଲେ କେବଳ ଷ୍ଟାକିଂ କରାଯାଉଥିଲା ସେଠାରେ ଅନୁମତିପ୍ରାପ୍ତ ସୀମା 0.60 ପ୍ରତିଶତ ଥିଲା। ଏହା ଦେଖାଯାଇଥିଲା ଯେ, 21ଟି ଖଣି (ଉଭୟ କାର୍ଯ୍ୟକ୍ଷମ ଏବଂ ନିଷ୍କ୍ରିୟ) କ୍ଷେତ୍ରରେ ଯାଞ୍ଚ କରାଯାଇଥିବା (ଭୌତିକ) ଷ୍ଟକ୍‌ରେ 3.95 ଲକ୍ଷ ଏମ୍‌ଟି[49] ଖଣିଜ ଅଭାବ ଥିଲା, ଯାହା ମାର୍ଚ୍ଚ 2023 ସୁଦ୍ଧା ରେକର୍ଡ ଅନୁଯାୟୀ ଉପଲବ୍ଧ ଷ୍ଟକ୍ ତୁଳନାରେ କମ୍ ଖଣିଜ ଥିଲା। ନିମ୍ନରେ ପ୍ରଦତ୍ତ ଦୁଇଟି ଖଣିରେ ନିଜସ୍ୱ ନୀତିରେ ନିର୍ଦ୍ଧାରିତ ଅନୁମୋଦିତ ସୀମାଠାରୁ 68.52 କୋଟି ଟଙ୍କା ମୂଲ୍ୟର 1.93 ଲକ୍ଷ ଏମ୍‌ଟି ଖଣିଜ ପଥରର ଅଭାବ ଅନ୍ତର୍ଭୁକ୍ତ ଥିଲା।

[48] ଖାଲି କରିବା ସୁବିଧାଗୁଡିକ ରେଳ/ସଡକ ମୋଡ୍ ମାଧ୍ୟମରେ ଉତ୍ପାଦିତ ଖଣିଜ ପଦାର୍ଥର ପ୍ରେରଣକୁ ବୁଝାଏ

[49] ଲୁହାପଥର: 2.91 ଲକ୍ଷ ଏମ୍‌ଟି, କ୍ରୋମ୍ ପଥର: 0.08 ଲକ୍ଷ ଏମ୍‌ଟି ଏବଂ ବକ୍ସାଇଟ୍: 0.96 ଲକ୍ଷ ଏମ୍‌ଟି

**ସାରଣୀ 2.11: ମାର୍ଚ୍ଚ 2023 ସୁଦ୍ଧା ଲୁହା ଏବଂ ବକ୍ସାଇଟ୍ ଧାତୁର ବୁକ୍ ଏବଂ ଯାଞ୍ଚ କରାଯାଇଥିବା ଷ୍ଟକ୍ ଅନୁସାରେ ଅନ୍ତିମ ଷ୍ଟକ୍**

| ଖଣିର ନାମ | ଖଣିଜ | ମାର୍ଚ୍ଚ 2023 ସୁଦ୍ଧା ଅନ୍ତିମ ଅବଶେଷ (ଲକ୍ଷ ଏମ୍‌ଟିରେ) | ମାର୍ଚ୍ଚ 2023 ସୁଦ୍ଧା ଭୌତିକ ଯାଞ୍ଚ କରାଯାଇଥିବା ଅବଶେଷ (ଲକ୍ଷ ଏମ୍‌ଟିରେ) | ଅଭାବ (ଲକ୍ଷ ଏମ୍‌ଟିରେ) | କ୍ଷତିର ଶତକଡା ହାର | ଅନୁମୋଦିତ କ୍ଷତି (ଲକ୍ଷ ଏମ୍‌ଟିରେ) (ଅନ୍ତିମ ଅବଶେଷର 5 ପ୍ରତିଶତ) | ଅନୁମତିପ୍ରାପ୍ତ କ୍ଷତିଠାରୁ ଅଧିକ ଅଭାବ (ଲକ୍ଷ ଏମ୍‌ଟିରେ) | ହାର (ଟଙ୍କା/ଏମ୍‌ଟି) | କ୍ଷତି (ଟଙ୍କା ଲକ୍ଷରେ) |
|---|---|---|---|---|---|---|---|---|---|
| **1** | **2** | **3** | **4** | **5=3-4** | **6** | **7=3*5%** | **8=5-7** | **9** | **10=8*9** |
| ଦୈତାରୀ | ଲୁହାପଥର | 0.98 | 0.01 | 0.97 | 98.98 | 0.049 | 0.921 | 6,500 | 5,986.5 |
| କୋଡିଙ୍ଗାମାଳି | ବକ୍ସାଇଟ୍ | 1.9 | 0.94 | 0.96 | 50.53 | 0.095 | 0.865 | 1,000 | 865.0 |
| ମୋଟ | | | | **1.93** | | | | | **6,851.5** |

*(ଉତ୍ସ: ଓଏମ୍‌ସି ଦ୍ୱାରା ପ୍ରଦତ୍ତ ସୂଚନା)*

- ଭୌତିକ ଯାଞ୍ଚ ପ୍ରତିବେଦନରେ ଏହା ମଧ୍ୟ ସୂଚିତ ହୋଇଥିଲା ଯେ, ପବନ ଏବଂ ବର୍ଷା ଯୋଗୁ ଷ୍ଟକ୍ କ୍ଷତି ହୋଇଥିଲା କାରଣ ଏହାକୁ ଘୋଡାଇ ରଖାଯାଇ ନଥିଲା। ଏହା ଏକ ସୂଚକ ଥିଲା ଯେ, ଷ୍ଟକ୍ ସୁରକ୍ଷା ପାଇଁ ସତର୍କମୂଳକ ପଦକ୍ଷେପ ନିଆଯାଇ ନଥିଲା, ଯାହା କ୍ଷତିକୁ ଆହୁରି ଅଧିକ କରିଥିଲା।

ସରକାର କହିଲେ (ମଇ 2024) ଯେ, ଦୈତାରୀ କ୍ଷେତ୍ରରେ କ୍ଷତିର ପରିମାଣ ପରିଚାଳନା ଅନୁମୋଦିତ ମାନଦଣ୍ଡ 0.6 ପ୍ରତିଶତ ମଧ୍ୟରେ ଥିଲା, କୋଡିଙ୍ଗାମାଳି କ୍ଷେତ୍ରରେ ଷ୍ଟକ୍ ଶେଷ ହୋଇନାହିଁ, ତେଣୁ ପ୍ରକୃତ କ୍ଷତି ନିର୍ଦ୍ଧାରଣ ହୋଇପାରିନାହିଁ।

ସରକାରଙ୍କ ଉତ୍ତର ଗ୍ରହଣୀୟ ନୁହେଁ କାରଣ ଦୈତାରୀ ଏବଂ କୋଡିଙ୍ଗାମାଳି ଖଣି କ୍ଷେତ୍ରରେ କ୍ଷତିର ଅନୁମୋଦିତ ସୀମା 05 ପ୍ରତିଶତ କାରଣ ସେଠାରେ ନିରନ୍ତର ଷ୍ଟାକିଂ କରାଯାଉଛି। ତଥାପି, ପ୍ରକୃତ କ୍ଷତି ଯଥାକ୍ରମେ 99 ପ୍ରତିଶତ ଏବଂ 51 ପ୍ରତିଶତ ହୋଇଥିଲା।

- ଏହା ମଧ୍ୟ ଦେଖାଯାଇଥିଲା ଯେ, ମାର୍ଚ୍ଚ 2023 ସୁଦ୍ଧା 909.22 କୋଟି ଟଙ୍କାର 27.78 ଲକ୍ଷ ଏମ୍‌ଟି ଲୁହାପଥର[50] ଏବଂ 20.42 କୋଟି ଟଙ୍କାର 0.90 ଲକ୍ଷ ଏମ୍‌ଟି କ୍ରୋମାଇଟ୍ ପଥର[51] ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ବିନା ବିକ୍ରୟରେ ପଡି ରହିଥିଲା।

ସରକାର କହିଲେ (ମଇ 2024) ଯେ, ବୈଧାନିକ ମଞ୍ଜୁରୀ ପ୍ରଦାନ ନକରିବା ଏବଂ ବଜାରରେ ଖଣିଜ ଚାହିଦା କମ୍ ଥିବାରୁ, ଷ୍ଟକ୍ ଦୀର୍ଘ ସମୟପାଇଁ ବିକ୍ରି ହୋଇପାରି ନଥିଲା।

ଉତ୍ତରଟି ଗ୍ରହଣୀୟ ନୁହେଁ, କାରଣ ସମୟ ମଧ୍ୟରେ ବୈଧାନିକ ମଞ୍ଜୁରୀ ପାଇବା ଏବଂ ପୁରୁଣା ଷ୍ଟକ୍‌ର କ୍ଷତିକୁ ଏଡାଇବା ପାଇଁ ବଜାରର ଅନୁସନ୍ଧାନ କରିବା ପରିଚାଳନା କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଥିଲା।

**ସୁପାରିଶ:**

**ସରକାର ଓଏମ୍‌ସିକୁ ନିର୍ଦ୍ଦେଶ ଦେବାକୁ ବିଚାର କରିପାରନ୍ତି:**

**3.** **ବୈଧାନିକ ମଞ୍ଜୁରୀଗୁଡିକୁ ଯଥା ସମୟରେ ପ୍ରାପ୍ତ କରିବା ଏବଂ ସେଗୁଡିକର ସଠିକ୍ ଅନୁପାଳନ କରିବା ନିମିତ୍ତ ଏକ ସ୍ପଷ୍ଟ ବ୍ୟବସ୍ଥା ବିକଶିତ କରିବା। ଅଧିକନ୍ତୁ, ନିୟମ/ଆଦେଶ ଉଲ୍ଲଙ୍ଘନ ଏବଂ ଦଣ୍ଡ ପ୍ରଦାନ ପାଇଁ ଦାୟୀ ଅଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ଏକ ଉତ୍ତରଦାୟିତ୍ୱ ଗଠନ କରନ୍ତୁ;**

**4.** **ଖଣିକାର୍ଯ୍ୟ ଯୋଗୁ ବାୟୁ, ଜଳ ଓ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ ଏବଂ ଏକ ସ୍ଥାୟୀ ଖଣିଜ ଉତ୍ତୋଳନ ବ୍ୟବସ୍ଥା ପ୍ରତିଷ୍ଠା କରିବାର ପ୍ରୟାସକୁ ସୁଦୃଢ଼ କରନ୍ତୁ;**

50 ଗନ୍ଧମାର୍ଦ୍ଦନ କ ଏବଂ ଗନ୍ଧମାର୍ଦ୍ଦନ ଖ

51 ସୁକ୍ରାଙ୍ଗୀ ଏବଂ ଦକ୍ଷିଣ କାଳିଆପାଣି

## 2.10 ସ୍ଥାୟୀ ପ୍ରକଳ୍ପର ସ୍ଥିତି

ଦୀର୍ଘମିଆଦି ଭାବରେ ଉତ୍ପାଦନର ବୃଦ୍ଧି କରିବା ପାଇଁ ଓଏମ୍‌ସିକୁ ତାହାର ଭିତ୍ତିଭୂମିଗୁଡିକର ବିକାଶ କରିବା ସହ ନୂତନ ପୁଞ୍ଜି ବିନିଯୁକ୍ତ ପ୍ରକଳ୍ପଗୁଡିକର କାର୍ଯ୍ୟକାରୀ କରିବା ଦରକାର। ତେଣୁ, ପ୍ରଥମ ପଦକ୍ଷେପ ଭାବରେ, ଓଏମ୍‌ସି ତା'ର ଏକ ବାସ୍ତବିକ ପୁଞ୍ଜି ବଜେଟ୍ ପ୍ରସ୍ତୁତ କରିବା ଉଚିତ ଏବଂ ଆର୍ଥିକ ଓ ଦକ୍ଷତାର ସହ ପ୍ରକଳ୍ପଗୁଡିକୁ ଯଥା ସମୟରେ ସମ୍ପୂର୍ଣ୍ଣ କରିବା ପାଇଁ ଏକ ପ୍ରଭାବଶାଳୀ ନିରକ୍ଷଣର ବ୍ୟବସ୍ଥା କରିବା ଦରକାର। ଏହି ପରିପ୍ରେକ୍ଷୀରେ, ଉଭୟ ପୁଞ୍ଜି ଆକଳନ ଏବଂ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ବିଷୟରେ ସମୀକ୍ଷାର ବିଶ୍ଳେଷଣ ନିମ୍ନରେ କରାଯାଇଛି।

### 2.10.1 ପୁଞ୍ଜି ବଜେଟ୍

କୌଣସି ନିର୍ଦ୍ଦିଷ୍ଟ ବର୍ଷ ପାଇଁ କମ୍ପାନୀର ପୁଞ୍ଜି ପ୍ରକଳ୍ପ ପାଇଁ ବଜେଟ୍ ଆକଳନ, ଉପଲବ୍ଧ ତଥ୍ୟ/ସୂଚନା ଏବଂ ବିଭିନ୍ନ ବିଭାଗରୁ ପ୍ରାପ୍ତ ତଥ୍ୟ/ବିବରଣୀ ଉପରେ ଆଧାର କରି ସେହି ନିର୍ଦ୍ଦିଷ୍ଟ ବର୍ଷ ଆରମ୍ଭ ପୂର୍ବରୁ ପ୍ରସ୍ତୁତ କରାଯାଇଥାଏ। ପରବର୍ତ୍ତୀ ସମୟରେ ସେହି ନିର୍ଦ୍ଦିଷ୍ଟ ବର୍ଷର ପୁନଃ ମୂଲ୍ୟାଙ୍କନ କରାଯାଏ ଏବଂ ବର୍ଷର ଅବଶିଷ୍ଟ ସମୟ ପାଇଁ ସଂଶୋଧିତ ବଜେଟ୍ ଆକଳନ ମଧ୍ୟ ପ୍ରସ୍ତୁତ କରାଯାଏ।

ଉପରୋକ୍ତ ପ୍ରକ୍ରିୟାଗୁଡିକ ଉପରେ ଆଧାର କରି, 2018-23 ଅବଧିରେ ଓଏମ୍‌ସିର ପୁଞ୍ଜି ପ୍ରକଳ୍ପଗୁଡିକର ବଜେଟ୍ ନିମ୍ନଲିଖିତ ପ୍ରକାରେ ଥିଲା:

**ସାରଣୀ 2.12: ପୁଞ୍ଜି ପ୍ରକଳ୍ପଗୁଡିକର ବଜେଟ୍**

*(ଟଙ୍କା କୋଟିରେ)*

| ପୁଞ୍ଜି ପ୍ରକଳ୍ପଗୁଡିକ | | | | | |
|---|---|---|---|---|---|
| ବର୍ଷ | ବଜେଟ୍ ଆକଳନ | ସଂଶୋଧିତ ଆକଳନ | ପାର୍ଥକ୍ୟ (ବିଇ-ଆର୍‌ଇ) (ଟଙ୍କା କୋଟିରେ) | ପାର୍ଥକ୍ୟ (ବିଇ-ଆର୍‌ଇ) (ପ୍ରତିଶତରେ) | ପ୍ରକୃତ ଖର୍ଚ୍ଚ |
| 2018-19 | 625.00 | 54.00 | 571.00 | 91.36 | ପୁଞ୍ଜି ପ୍ରକଳ୍ପ ପାଇଁ ବାର୍ଷିକ ବଜେଟ୍‌ରେ ଉପଲବ୍ଧ ନାହିଁ |
| 2019-20 | 507.61 | 59.63 | 447.98 | 88.25 | |
| 2020-21 | 304.47 | 237.05 | 67.42 | 22.14 | |
| 2021-22 | 454.81 | 158.03 | 296.78 | 65.25 | |
| 2022-23 | 1,053.11 | 157.35 | 895.76 | 85.06 | |
| **ମୋଟ** | **2,945.00** | **666.06** | **2,278.94** | **77.38** | |

(ଉତ୍ସ: *ଓଏମ୍‌ସିର ବାର୍ଷିକ ବଜେଟ୍*)

ଏହି ପରିପ୍ରେକ୍ଷୀରେ ସମୀକ୍ଷା ନିମ୍ନଲିଖିତଗୁଡିକୁ ଦେଖିଲା:

- ଯଦିଓ କମ୍ପାନୀ ପ୍ରତିବର୍ଷ ପୁଞ୍ଜି ପ୍ରକଳ୍ପଗୁଡିକ ପାଇଁ ଏକ ବଜେଟ୍ ପ୍ରସ୍ତୁତ କରୁଥିଲା, ସେଗୁଡିକରେ ଆକଳନ ହୋଇଥିବା ନଗଦ ରାଶିର ପ୍ରବାହ ପ୍ରକୃତ ନଗଦ ପ୍ରବାହ ସହ କେବେ ତୁଳନା କରାଯାଇନଥିଲା। ଏଥିରୁ ଓଏମ୍‌ସିର ଆର୍ଥିକ ଯୋଜନାର ଦୁର୍ବଳତା ପ୍ରତିତ ହୋଇଛି।
- 2018-23 ମଧ୍ୟରେ ପୁଞ୍ଜି ପ୍ରକଳ୍ପଗୁଡିକର ଆକଳନ ମୂଲ୍ୟ ଏବଂ ସଂଶୋଧିତ ମୂଲ୍ୟରେ 22.14ରୁ 91.36 ପ୍ରତିଶତର ବିଚ୍ୟୁତି ଥିଲା। ଏହା ମୁଖ୍ୟତଃ ଅନେକଗୁଡିଏ ପ୍ରକଳ୍ପର କାର୍ଯ୍ୟାରମ୍ଭ ହୋଇନପାରିବା, ମୂଲ୍ୟ ନିର୍ଦ୍ଧାରଣ ବିନା ପାଣ୍ଠି ଆବଣ୍ଟନ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ତାହାର ପ୍ରତ୍ୟାହାର ଯୋଗୁ ହୋଇଥିଲା।

2018-23 ଅବଧି ମଧ୍ୟରେ, ଓଏମ୍‌ସି ଦ୍ୱାରା ମୋଟ୍ 5,495.90 କୋଟି ଟଙ୍କା ମୂଲ୍ୟରେ ଛଅଟି ପୁଞ୍ଜି ପ୍ରକଳ୍ପର କାର୍ଯ୍ୟ କରାଯାଇଥିଲା। ଛଅଟି ପୁଞ୍ଜି ପ୍ରକଳ୍ପର ସ୍ଥିତି ନିମ୍ନରେ ଉଲ୍ଲେଖ କରାଯାଇଛି:

**ସାରଣୀ 2.13: 2018-23 ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ପୁଞ୍ଜି ପ୍ରକଳ୍ପଗୁଡିକର ସ୍ଥିତି**

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ପ୍ରକଳ୍ପଗୁଡିକର ନାମ | ପ୍ରକଳ୍ପର ଅନୁମୋଦିତ ମୂଲ୍ୟ | ପ୍ରକଳ୍ପ ଆରମ୍ଭର ତାରିଖ | ସମାପ୍ତିର ନିର୍ଦ୍ଦିଷ୍ଟ ତାରିଖ | ସମାପ୍ତିର ତାରିଖ | ପ୍ରକଳ୍ପର ବର୍ତ୍ତମାନ ସ୍ଥିତି |
|---|---|---|---|---|---|---|
| 1 | ଯାଜପୁର, ସାଉଥ କାଳିଆପାଣିରେ ନୂଆ ସିଓବିପିର ଅବଶିଷ୍ଟ କାର୍ଯ୍ୟ | 28.61 | 09.10.2017 | 25.03.2020 (କମିଶନିଂ) | 10.02.2023 | ଶେଷ ସ୍ୱୀକୃତି ପ୍ରମାଣପତ୍ର (ଏଫ୍‌ଏସି) ପ୍ରକ୍ରିୟା ସମାପ୍ତ ହୋଇନାହିଁ। |
| 2 | ଯାଜପୁର, ସାଉଥ କାଳିଆପାଣିରେ ନୂଆ ସିଓବିପି ପାଇଁ ଟେଲିଂ ପୋଖରୀ[52] | 56.59 | 27.03.2017 | 23.04.2023 (କମିଶନିଂ) | 23.04.2023 | ଏଫ୍‌ଏସି ପ୍ରକ୍ରିୟା ସମାପ୍ତ ହୋଇନାହିଁ। |
| 3 | ଯାଜପୁର, ସାଉଥ କାଳିଆପାଣିରେ ଟେଲିଂ ପ୍ରକ୍ରିୟାକରଣ ପ୍ଲାଣ୍ଟ | 10.79 | - | 23.07.2023 | - | କାର୍ଯ୍ୟ ଚାଲୁଅଛି |
| 4 | ସୁନ୍ଦରଗଡର କୁରମିତାର ଠାରେ 6 ଏମ୍‌ଟିପିଏ ପ୍ରକଳ୍ପ | 5,250.00 | 29.01.2019 | 04.01.2024 | - | କାର୍ଯ୍ୟ ଚାଲୁଅଛି |
| 5 | କେନ୍ଦୁଝରର ଗନ୍ଧମାର୍ଦ୍ଦନ ଠାରେ 9.47 ଏମ୍‌ଟିପିଏ ପ୍ରକଳ୍ପ (ସବିଶେଷ ପ୍ରକଳ୍ପ ବିବରଣ ଏବଂ ମୂଲ୍ୟାଙ୍କନ) | 36.93 | 16.08.2016 | 11.08.2024 | - | କାର୍ଯ୍ୟ ଚାଲୁଅଛି |
| 6 | ଯାଜପୁର, ସାଉଥ କାଳିଆପାଣିରେ କ୍ରୋମାଇଟ୍ ପ୍ରକ୍ରିୟାକରଣ ପ୍ଲାଣ୍ଟ[53] | 112.98 | 15.09.2020 | ଉପଲବ୍ଧ ନାହିଁ | ଉପଲବ୍ଧ ନାହିଁ | ସ୍ଥଗିତ ରଖାଯାଇଛି |
| ମୋଟ | | **5,495.90** | | | | |

*(ଉତ୍ସ: ଓଏମ୍‌ସି ଦ୍ୱାରା ପ୍ରଦତ୍ତ ସୂଚନା)*

2018-23 ମଧ୍ୟରେ ଓଏମ୍‌ସି ଦ୍ୱାରା 5,495.90 କୋଟି ଟଙ୍କାର ଛଅଟି ପ୍ରକଳ୍ପ କରାଯାଇଥିଲା ସେଥିମଧ୍ୟରୁ:

- କେବଳ ଦୁଇଟି (ଯଥା: ନୂତନ ସିଓବିପିର ବଳକା କାର୍ଯ୍ୟ ଏବଂ ଦକ୍ଷିଣ କାଳିଆପାଣି ଖଣି ସିଓବିପି ପାଇଁ ଟେଲିଂ ପୋଖରୀ) ସମ୍ପୂର୍ଣ୍ଣ ହୋଇଥିଲା। କିନ୍ତୁ ଅନ୍ୟାନ୍ୟ ସମ୍ପର୍କିତ କାର୍ଯ୍ୟର ସମନ୍ୱୟ ନହେବା କାରଣରୁ ଏହି ଦୁଇଟି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ଉକ୍ତ ସମ୍ବନ୍ଧରେ ପର୍ଯ୍ୟବେକ୍ଷଣଗୁଡିକ ଅନୁଚ୍ଛେଦ 2.10.2 ଏବଂ 2.10.3 (କ)ରେ ଉଲ୍ଲେଖ କରାଯାଇଛି।

- ଦୁଇଟି (ଯଥା: ଦକ୍ଷିଣ କାଳିଆପାଣି ଖଣିର ଟେଲିଂ ପ୍ରକ୍ରିୟାକରଣ ପ୍ଲାଣ୍ଟ ଏବଂ କୁରମିତାର ଖଣିର[54] 06 ଏମ୍‌ଟିପିଏ ପ୍ରକଳ୍ପ) ସେମାନଙ୍କର ନିର୍ଦ୍ଧାରିତ ସମାପ୍ତି ତାରିଖଠାରୁ ଅଧିକ ଦିନ ପର୍ଯ୍ୟନ୍ତ କାର୍ଯ୍ୟ ଚାଲୁଅଛି।

52 ଟେଲିଂ ପୋଖରୀ ହେଉଛି ଏକ ମିଶ୍ରିତ ବନ୍ଧ ଯାହା, କ୍ରୋମ ପଥର ପ୍ରକ୍ରିୟାକରଣ ସମୟରେ ସୃଷ୍ଟି ହେଉଥିବା ଟେଲିଂକୁ ସଂରକ୍ଷଣ କରିବା ପାଇଁ ମାଟି ଏବଂ ଚିନା ନିର୍ମିତ ହୋଇଥାଏ

53 କ୍ରୋମ୍ ପ୍ରକ୍ରିୟାକରଣ କାରଖାନାରୁ ନିର୍ଗତ ଟେଲିଂରୁ ପୁନଃସ୍ଥ ଗୁଣାତ୍ମକ କ୍ରୋମ୍‌କୁ ପୁନରୁଦ୍ଧାର କରିବା

54 କୁରମିତାରରେ 06 ଏମ୍‌ଟିପିଏ ପ୍ରକଳ୍ପଟି ମାଇନ ଡେଭେଲପର ତଥା ଅପରେଟର ମୋଡ୍‌ରେ ମେସର୍ସ ଆଦାନୀ ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିଲା, ଯେଉଁଠାରେ ମୋଟ ପୁଞ୍ଜି ଖର୍ଚ୍ଚ ଏମ୍‌ଡିଓ ଦ୍ୱାରା ବହନ କରାଯିବାର ଥିଲା

- ଗୋଟିଏ ପ୍ରକଳ୍ପ (ଯଥା: ଗନ୍ଧମାର୍ଦ୍ଦନରେ 9.47 ଏମ୍‌ଟିପିଏ) ଅଗଷ୍ଟ 2024 ସୁଦ୍ଧା ସମ୍ପୂର୍ଣ୍ଣ ହେବା ପାଇଁ କାର୍ଯ୍ୟ ଜାରି ରହିଥିଲା; ଏବଂ

- ଗୋଟିଏ ପ୍ରକଳ୍ପ (ଯଥା: ଦକ୍ଷିଣ କାଳିଆପାଣି ଖଣିର କ୍ରୋମାଇଟ୍ ଟେଲିଂ ପ୍ରକ୍ରିୟାକରଣ ପ୍ଲାଣ୍ଟ) ସମ୍ଭାବ୍ୟତା ନଥିବା ଯୋଗୁ ସ୍ଥଗିତ ରଖାଯାଇଥିଲା।

ତଥାପି, ଏହା ଆହୁରି ପ୍ରକାଶିତ ହୋଇଥିଲା ଯେ, ଉପରେ ଉଲ୍ଲେଖ କରାଯାଇଥିବା ଦୁଇଟି ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ନିମ୍ନଲିଖିତ ଅନୁଚ୍ଛେଦଗୁଡିକରେ ଆଲୋଚନା କରାଯାଇଥିବା ସମ୍ପର୍କିତ କାର୍ଯ୍ୟର ସମନ୍ୱୟ ନହେବା ଯୋଗୁ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ।

### 2.10.2 ଦକ୍ଷିଣ କାଳିଆପାଣି କ୍ରୋମାଇଟ୍ ଖଣିରେ ନୂତନ କ୍ରୋମ ପଥର ପ୍ରକ୍ରିୟାକରଣ ପ୍ଲାଣ୍ଟ (ସିଓବିପି)ର କାର୍ଯ୍ୟକ୍ଷମ କରିବାରେ ଅହେତୁକ ବିଳମ୍ବ

କ୍ରୋମ୍ ଖଣି ଖନନ ସମୟରେ, ବହୁ ପରିମାଣର ନିମ୍ନ ଗ୍ରେଡ୍ କ୍ରୋମ୍ ଖଣିଜ ଉତ୍ପାଦିତ ହୁଏ, ଯାହାର ବଜାରରେ କୌଣସି ମୂଲ୍ୟ ମିଳେ ନାହିଁ। ତେଣୁ, ଭବିଷ୍ୟତରେ ବ୍ୟବହାର ପାଇଁ ଏହାକୁ ଗଚ୍ଛିତ କରି ରଖାଯାଏ। ଏହି ନିମ୍ନ ଗ୍ରେଡ୍ ଖଣିଜକୁ ପ୍ରକ୍ରିୟାକରଣ କରି ଏହାର ବଜାରୀକରଣ ବୃଦ୍ଧି କରିବା ପାଇଁ ଉଚ୍ଚ ଗ୍ରେଡ୍ କ୍ରୋମ ଉତ୍ପାଦନ କରାଯାଇଥାଏ। 2018-23 ଅବଧିରେ, ଓଏମ୍‌ସି ବିକ୍ରୟଯୋଗ୍ୟ କ୍ରୋମ୍ ଉତ୍ପାଦନ ପାଇଁ ତିନୋଟି କ୍ରୋମ୍ ଖଣି ପରିଚାଳନା କରିଥିଲା।

ଲାଭଦାୟକ ଆବଶ୍ୟକତାକୁ ଦୃଷ୍ଟିରେ ରଖି, ଓଏମ୍‌ସି 1995 ମସିହାରୁ ଦକ୍ଷିଣ କାଳିଆପାଣି ଖଣିରେ ନିମ୍ନ ଗ୍ରେଡ୍ କ୍ରୋମ୍ ପଥରର ଗୁଣାତ୍ମକ ବୃଦ୍ଧି ପାଇଁ କ୍ରୋମ୍ ଖଣିଜ ପ୍ରକ୍ରିୟାକରଣ ପ୍ଲାଣ୍ଟ (ସିଓବିପି) ପରିଚାଳନା କରି ଆସୁଥିଲା। ବିଦ୍ୟମାନ ପ୍ଲାଣ୍ଟ ପୁରୁଣା ହୋଇଥିବା ଯୋଗୁ ଓଏମ୍‌ସି (i) ବିଦ୍ୟମାନ ପ୍ଲାଣ୍ଟକୁ ପରିବର୍ତ୍ତନ ଏବଂ (ii) ପୁରୁଣା ପ୍ଲାଣ୍ଟ ପାଖରେ ଆଉ ଏକ ନୂତନ ସିଓବିପି ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲେ (ମାର୍ଚ୍ଚ 2004)। ଓଏମ୍‌ସି (ଅକ୍ଟୋବର 2009) ମେସର୍ସ ଏମ୍‌ବିଇ-ସିଏମ୍‌ଟି ଲିମିଟେଡ୍‌କୁ ନୂତନ ସିଓବିପି ସ୍ଥାପନ କାର୍ଯ୍ୟ 37.41 କୋଟି ଟଙ୍କା ମୂଲ୍ୟରେ ପ୍ରଦାନ କରିଥିଲା ଏବଂ ଏହାର ସମାପ୍ତି ଅବଧି 16 ମାସ (ଅର୍ଥାତ ଫେବ୍ରୁଆରୀ 2011 ସୁଦ୍ଧା) ଥିଲା।

ଏହି ପରିପ୍ରେକ୍ଷୀରେ, ଏହା ଦେଖାଗଲା ଯେ, ନୂତନ ପ୍ଲାଣ୍ଟ ନିର୍ମାଣ ପାଇଁ ନିର୍ଦ୍ଦେଶକ ମଣ୍ଡଳିର ନିଷ୍ପତ୍ତିର 66 ମାସ ପରେ ସଂସ୍ଥାପନ ପାଇଁ ଚୁକ୍ତିନାମା ପ୍ରଦାନ କରାଯାଇଥିଲା। ଅଧିକନ୍ତୁ, ଏଜେନ୍ସି ଦ୍ୱାରା କାର୍ଯ୍ୟର ମନ୍ଥର ଅଗ୍ରଗତି ଯୋଗୁ, ଓଏମ୍‌ସି ଫେବ୍ରୁଆରୀ 2011ର ପ୍ରାରମ୍ଭିକ ତାରିଖ ବଦଳରେ ଡିସେମ୍ବର 2015 ପର୍ଯ୍ୟନ୍ତ ସମାପ୍ତିର ନିର୍ଦ୍ଧାରିତ ତାରିଖରେ (ପାଞ୍ଚ ଥର) ବୃଦ୍ଧି କରିଥିଲା। ତଥାପି, ଏହି ବର୍ଦ୍ଧିତ ଅବଧି ମଧରେ ଠିକାଦାରଙ୍କ ଦ୍ୱାରା କାମ ସମାପ୍ତ ହୋଇନଥିଲା। ଶେଷରେ, ଓଏମ୍‌ସି ଡିସେମ୍ବର 2015ରେ ଚୁକ୍ତିନାମା ବାତିଲ କଲା ଏବଂ ପ୍ରାୟ 30 ମାସର ବ୍ୟବଧାନ ପରେ ଜୁଲାଇ 2018ରେ ଅବଶିଷ୍ଟ କାର୍ଯ୍ୟ ମେସର୍ସ କେଆଇଓସିଏଲ୍‌କୁ ଦିଆଯାଇଥିଲା।

ପୁନରାବୃତ୍ତି ଚୁକ୍ତିନାମା ପାଇଁ ସଂଶୋଧିତ ନିର୍ଦ୍ଧାରିତ ସମାପ୍ତି ତାରିଖ ମାର୍ଚ୍ଚ 2020 ଥିଲା, କିନ୍ତୁ ମେସର୍ସ କିଆଇଓସିଏଲ୍ ବଳକା କାର୍ଯ୍ୟ ଫେବ୍ରୁଆରୀ 2023ରେ ସମାପ୍ତ କରିଥିଲେ। ଏହିପରି ଏହି ପ୍ରକଳ୍ପଟି 12 ବର୍ଷରୁ ଅଧିକ ବିଳମ୍ବରେ ସମ୍ପୂର୍ଣ୍ଣ ହୋଇଥିଲା ଏବଂ 48.09 କୋଟି ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡିଥିଲା (ଚୂଡାନ୍ତ ମୂଲ୍ୟ 85.50 କୋଟି ଟଙ୍କା - ଆନୁମାନିକ ମୂଲ୍ୟ 37.41 କୋଟି ଟଙ୍କା)।

ଏହାବ୍ୟତୀତ, ପୁରୁଣା ସିଓବିପି 2017ରେ ବନ୍ଦ ହୋଇଯାଇଥିଲେ ମଧ ଓଏମ୍‌ସି ନିର୍ଦ୍ଧାରିତ ସମୟ ମଧରେ ନୂତନ ସିଓବିପି ସ୍ଥାପନ କାର୍ଯ୍ୟ ସମ୍ପୂର୍ଣ୍ଣକରିବାରେ ବିଫଳ ହୋଇଥିଲା। ଯୋଜନାର ଅଭାବ ଏବଂ ପ୍ରଭାବହୀନ କାର୍ଯ୍ୟକାରିତା ଯୋଗୁ ନୂତନ ସିଓବିପି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ହୋଇଥିଲା ଏବଂ ଏହାର ସ୍ଥାପନା ପାଇଁ କରାଯାଇଥିବା 85.50 କୋଟି ଟଙ୍କା ନିବେଶର ସୁଫଳ ମିଳିପାରି ନଥିଲା।

ଏହି ସମୟ ମଧ୍ୟରେ, ଏମ୍‌ଓଇଏଫ୍‌ଆଣ୍ଡ୍‌ସିସିର ପରିବେଶ ମଞ୍ଜୁରୀ ସର୍ତ୍ତାବଳୀ ପାଳନ ନକରିବା, ଅର୍ଥାତ ସିଓବିପିର ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ଟେଲିଂ[55] ପୋଖରୀ ନିର୍ମାଣ ନକରିବା ଯୋଗୁ ଆଇବିଏମ୍‌ର ନିର୍ଦ୍ଦେଶ ଅନୁଯାୟୀ ମାର୍ଚ୍ଚ 2017ରୁ ପୁରୁଣା ସିଓବିପିକୁ ବନ୍ଦ କରିଦିଆଯାଇଥିଲା। ଯଦିଓ ଟେଲିଂ ପୋଖରୀ ପରବର୍ତ୍ତୀ ସମୟରେ (ଅପ୍ରେଲ 2023)ରେ ସମାପ୍ତ ହୋଇଥିଲା, ଏହା ଦେଖାଗଲା ଯେ, ଉଭୟ ପ୍ଲାଣ୍ଟର ପରିଚାଳନା ଏବଂ ରକ୍ଷଣାବେକ୍ଷଣ (ଓଆଣ୍ଡ୍‌ଏମ୍) ପାଇଁ ଏକ ସଂସ୍ଥା ଚୂଡାନ୍ତ ହୋଇନଥିବାରୁ ଉଭୟ ସିଓବିପି (ପୁରୁଣା ଏବଂ ନୂତନ)ର ବାଣିଜ୍ୟିକ କାର୍ଯ୍ୟ ମଇ 2024[56] ସୁଦ୍ଧା ଆରମ୍ଭ ହୋଇପାରି ନଥିଲା।

ଉତ୍ପାଦନ କ୍ଷମତା ଅନୁସାରେ, ସିଓବିପି 1.5 ଲକ୍ଷ ଏମ୍‌ଟି ସବ-ଗ୍ରେଡ୍ କ୍ରୋମ ପ୍ରକ୍ରିୟାକରଣ କରିପାରିବ ଏବଂ ପୁନରୁଦ୍ଧାର ହାର 48 ପ୍ରତିଶତରେ ବାର୍ଷିକ 72,000 ଏମ୍‌ଟି କ୍ରୋମ କନ୍‌ସେନ୍‌ଟ୍ରେଟ୍ ଉତ୍ପାଦନ କରିପାରିବ। ତେଣୁ, ଛଅ ବର୍ଷ ଅବଧିରେ ଯେତେବେଳେ କୌଣସି ସିଓବିପି କାର୍ଯ୍ୟକ୍ଷମ ନଥିଲା (2017-23), ଓଏମ୍‌ସି ସମ୍ଭାବ୍ୟ ଭାବରେ 09 ଲକ୍ଷ (1.5 ଲକ୍ଷ ଏମ୍‌ଟି x 6) ସବ୍-ଗ୍ରେଡ୍ କ୍ରୋମ ପ୍ରକ୍ରିୟାକରଣ ଉପକାରିତାରୁ 4.32 ଲକ୍ଷ ଏମ୍‌ଟି (72,000 ଏମ୍‌ଟି x 6) କ୍ରୋମ କନ୍‌ସେନ୍‌ଟ୍ରେଟ୍ ଉତ୍ପାଦନ କରିପାରି ନଥିଲା। ଅଧିକନ୍ତୁ, ଓଏମ୍‌ସି 2020-23[57] ଅବଧି ମଧ୍ୟରେ 5.83 ଲକ୍ଷ ଏମ୍‌ଟି ସବ-ଗ୍ରେଡ୍ ଖଣିଜ ବିନା ପ୍ରକ୍ରିୟାକରଣରେ କମ୍ ମୂଲ୍ୟରେ ବିକ୍ରୟ କରିଥିଲା। ଯଦି ସେହି ସବ-ଗ୍ରେଡ୍ ଖଣିଜକୁ ପ୍ରକ୍ରିୟାକରଣ କରାଯାଇଥାନ୍ତା 2.80 ଲକ୍ଷ ଏମ୍‌ଟି[58] କ୍ରୋମ ଉତ୍ପାଦନ ହୋଇଥାନ୍ତା। ନୂତନ ସିଓବିପି ପ୍ଲାଣ୍ଟଟି ଠିକ୍ ସମୟରେ କାର୍ଯ୍ୟକ୍ଷମ ନହେବା ଏବଂ ପୁରୁଣା ସିଓବିପି ବନ୍ଦ ହେବା ଯୋଗୁ, ଓଏମ୍‌ସିକୁ ସବ-ଗ୍ରେଡ୍ କ୍ରୋମ ବିନା ପ୍ରକ୍ରିୟାକରଣରେ ବିକ୍ରୟ କରିବାକୁ ପଡିଲା ଏବଂ 61.16 କୋଟି ଟଙ୍କାର ରାଜସ୍ୱ ହାନି ହେଲା ଯାହା **ପରିଶିଷ୍ଟ 23**ରେ ଉଲ୍ଲେଖ କରାଯାଇଛି।

ସରକାର କହିଲେ (ମଇ 2024) ଯେ, ଟେଲିଂ ପୋଖରୀ ନିର୍ମାଣ ନହେବା ଯୋଗୁ ନୂତନ ସିଓବିପି କାର୍ଯ୍ୟକ୍ଷମ ହୋଇପାରି ନାହିଁ। ବୈଧାନିକ କର୍ତ୍ତୃପକ୍ଷଙ୍କ ଠାରୁ ଇସି ସର୍ତ୍ତାବଳୀ ସଂଶୋଧନ ପାଇଁ ଅନୁମୋଦନ ପାଇବାରେ ବିଳମ୍ବ ହେତୁ ଟେଲିଂ ପୋଖରୀ ନିର୍ମାଣ ଛଅ ବର୍ଷରୁ ଅଧିକ ସମୟ (ମଇ 2015ରୁ ଜୁଲାଇ 2021) ବିଳମ୍ବ ହୋଇଥିଲା। ଟେଲିଂ ପୋଖରୀ ନିର୍ମାଣରେ ବିଳମ୍ବ ହେତୁ, ଓଏମ୍‌ସି ବଜାରରେ ସବ୍-ଗ୍ରେଡ୍ କ୍ରୋମ ପଥର ବିକ୍ରି କରିଥିଲା। ଓଏମ୍‌ସି ଉତ୍ତରରେ ଏହା ମଧ୍ୟ ଦାବି କରିଥିଲା ଯେ ସବ-ଗ୍ରେଡ୍ କ୍ରୋମ ପଥର ବିକ୍ରୟ କରି କମ୍ପାନୀ ପାଇଁ କିଛି ରାଜସ୍ୱ ଅର୍ଜନ କରିଛି।

ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ଓଏମ୍‌ସି ଟେଲିଂ ପୋଖରୀ ସମ୍ପର୍କରେ ଏମ୍‌ଓଇଏଫ୍‌ଆଣ୍ଡ୍‌ସିସିର ସର୍ତ୍ତାବଳୀଗୁଡିକୁ ପାଳନ କରିବାରେ ବିଫଳ ହୋଇଥିଲା ଯାହାଫଳରେ ସଂଶୋଧିତ ଇସି ପାଇବାରେ ଛଅ ବର୍ଷରୁ ଅଧିକ ସମୟର ଅସ୍ୱାଭାବିକ ବିଳମ୍ବ ହୋଇଥିଲା (ଯେଉଁ ବିଷୟରେ ପରବର୍ତ୍ତୀ ଅନୁଚ୍ଛେଦଗୁଡିକରେ ଆଲୋଚନା କରାଯାଇଛି)। ପୁନଶ୍ଚ, ଓଏମ୍‌ସି ଦାବି କରିଥିଲା ଯେ ଉକ୍ତ ସବ୍-ଗ୍ରେଡ୍ କ୍ରୋମ ପଥର ବିକ୍ରୟ କରି କିଛି ରାଜସ୍ୱ ଅର୍ଜନ କରିଥିଲା। ଉକ୍ତ ଦାବି ନ୍ୟାୟସଙ୍ଗତ ନୁହେଁ, କାରଣ ଯଦି ଏହି ପରିମାଣର ସବ୍-ଗ୍ରେଡ୍ କ୍ରୋମ ପ୍ରକ୍ରିୟାକରଣ କରି ବିକ୍ରି କରିଥାନ୍ତା ପାଇଥିବା ରାଜସ୍ୱ ଅପେକ୍ଷା ଅଧିକ ରାଜସ୍ୱ ଲାଭ ହୋଇଥାନ୍ତା।

### 2.10.3 ଯୋଜନାରେ ତ୍ରୁଟି ହେତୁ ନିଷ୍କ୍ରିୟ ପୁଞ୍ଜିଲଗାଣ

**(କ)** ଏମ୍‌ଓଇଏଫ୍‌ଆଣ୍ଡ୍‌ସିସି, ଭାରତ ସରକାର ଜୁଲାଇ 2010ରେ ସାଉଥ-କାଳିଆପାଣି କ୍ରୋମାଇଟ୍ ଖଣିଜ ପ୍ରକଳ୍ପ ନିମନ୍ତେ ପରିବେଶ ମଞ୍ଜୁରୀ ପ୍ରଦାନ କରିଥିଲେ ଯେଉଁଥିରେ ବାର୍ଷିକ 1.4 ଏମ୍‌ଟିପିଏ କ୍ଷମତା ବିଶିଷ୍ଟ ଏକ କ୍ରୋମ ପ୍ରକ୍ରିୟାକରଣ କାରଖାନା ଅନ୍ତର୍ଭୁକ୍ତ ଥିଲା। ଏହି ପରିବେଶ ମଞ୍ଜୁରୀରେ ଖଣି ଲିଜ୍ ଅଞ୍ଚଳ ବ୍ୟବହାର ପାଇଁ ସିଓବିପି ଏବଂ ଟେଲିଂ ପୋଖରୀ ସହିତ କାର୍ଯ୍ୟକ୍ଷମ ହେବା ଆବଶ୍ୟକ ଥିଲା ଯାହା କିଛି ନିର୍ଦ୍ଦିଷ୍ଟ ଏବଂ ସାଧାରଣ ସର୍ତ୍ତ ଉଲ୍ଲେଖ ଥିଲା।

---

55 ଯେତେବେଳେ ସବ-ଗ୍ରେଡ୍ କ୍ରୋମ ପଥର ସିଓବିପି ଦ୍ୱାରା ପ୍ରକ୍ରିୟାକରଣ ହୋଇଥାଏ, ଏହା ବିପୁଳ ପରିମାଣର ଟେଲିଂ ସୃଷ୍ଟି କରେ ଯେଉଁଥିରେ ଅପ୍ରାପ୍ତ ମୂଲ୍ୟବାନ ଖଣିଜ ପଥର ରହିଥାଏ

56 ସରକାରଙ୍କ ଉତ୍ତର ଦେବାର ତାରିଖ

57 ଓଏମ୍‌ସି 2020 ମସିହା ଠାରୁ ସବ୍-ଗ୍ରେଡ୍ କ୍ରୋମ ପଥର ବିକ୍ରୟ କରିବା ଆରମ୍ଭ କରିଥିଲା

58 ସବ୍-ଗ୍ରେଡ୍ କ୍ରୋମ ପଥରରୁ କ୍ରୋମ କନ୍‌ସେନଟ୍ରେଟ୍ 48 ପ୍ରତିଶତ ଉତ୍ପାଦନ ହାର ହେବା ଯୋଗୁ

ପରିବେଶ ମଞ୍ଜୁରୀ ପାଇଁ ଓଡିଶା ଖଣି ନିଗମର ପ୍ରସ୍ତାବ ମୁତାବକ ବିଦ୍ୟମାନ ସିଓବିପିର ଉତ୍ତର ଦିଗରେ ଟେଲିଂ ପୋଖରୀର ପ୍ରାବଧାନ ଥିଲା। ତଥାପି, ଏହି ଅଞ୍ଚଳ ସ୍ଥାନ ଅନୁସାରେ ବା ବ୍ୟବସାୟିକ ଦୃଷ୍ଟିରୁ ଅନୁପଯୁକ୍ତ ଥିଲା, ଓଏମ୍‌ସି ଟେଲିଂ ପୋଖରୀକୁ ଲିଜ୍ ଅଞ୍ଚଳର ଦକ୍ଷିଣପୂର୍ବ ସ୍ଥାନକୁ ସ୍ଥାନାନ୍ତରଣ କରିବାର ଯୋଜନା କଲା। ତଦନୁଯାୟୀ, ଓଡିଶା ଖଣି ନିଗମ ପରିବେଶ ମଞ୍ଜୁରୀର ପରିବର୍ତ୍ତନ ସକାଶେ ମଇ 2015ରେ ଆବେଦନ କଲା। ଏହି ମାମଲା ଏମ୍‌ଓଇଏଫ୍‌ଆଣ୍ଡ୍‌ସିସିର ବିଶେଷଜ୍ଞ ମୂଲ୍ୟାଙ୍କନ ସମିତି ଦ୍ୱାରା ସେପ୍ଟେମ୍ବର 2015ରେ ଆଲୋଚନା କରାଯାଇଥିଲା ଏବଂ ଏମ୍‌ଓଇଏଫ୍‌ଆଣ୍ଡ୍‌ସିସି ପ୍ରାବଧାନଗୁଡିକୁ ଓଏମ୍‌ସି ଅନୁପାଳନ କରିବା ପରେ ଜୁଲାଇ 2021ରେ ପରିବେଶ ମଞ୍ଜୁରୀକୁ ଅନୁମୋଦନ (69 ମାସ ପରେ) ହେଲା। ତେଣୁ, ଓଏମ୍‌ସି ଦ୍ୱାରା ସମ୍ଭାବ୍ୟତାର ଅନୁପଯୁକ୍ତ ମୂଲ୍ୟାଙ୍କନ ଯୋଗୁ ଟେଲିଂ ପୋଖରୀର ସ୍ଥାନ ପରିବର୍ତ୍ତନ ହେଲା ଏବଂ ସଂଶୋଧିତ ଇସି ଅନୁମୋଦନ ପାଇବାରେ ବିଳମ୍ବ ହେଲା।

ଓଏମ୍‌ସି ପରିବର୍ତ୍ତିତ ପରିବେଶ ମଞ୍ଜୁରୀ ମିଳିବା ପରେ ସେପ୍ଟେମ୍ବର 2021ରେ 16 ମାସ ଅବଧିରେ ସମାପ୍ତ କରିବା ସହ ଟେଲିଂ ପୋଖରୀ ନିମନ୍ତେ 67.34 କୋଟି ଟଙ୍କାରେ କାର୍ଯ୍ୟାଦେଶ ପ୍ରଦାନ କଲା। ପରିଶେଷରେ ଏହି କାର୍ଯ୍ୟ ଇସି ଆବେଦନର 90 ମାସ ବିଳମ୍ବରେ ଅପ୍ରେଲ 2023ରେ ସମାପ୍ତ ହେଲା। ଟେଲିଂ ପୋଖରୀ ନିର୍ମାଣ ସରିଥିଲେ ମଧ ମଇ 2024 ସୁଦ୍ଧା କୌଣସି ସେବା ପ୍ରଦାନକାରୀ ସଂସ୍ଥାକୁ ସିଓବିପିର ପରିଚାଳନା ଓ ରକ୍ଷଣାବେକ୍ଷଣ କାର୍ଯ୍ୟାଦେଶ ପ୍ରଦାନ କରାନଯାଇଥିବା ଯୋଗୁ ସିଓବିପି କାର୍ଯ୍ୟକ୍ଷମ ହୋଇପାରି ନଥିଲା। ତେଣୁ, ସିଓବିପି କାର୍ଯ୍ୟକ୍ଷମ ନହେବା ଯୋଗୁ 67.34 କୋଟି ଟଙ୍କା ବ୍ୟୟରେ ସ୍ଥାପିତ ଟେଲିଂ ପୋଖରୀଟି ନିଷ୍କ୍ରିୟ ହୋଇ ପଡିରହିଥିଲା (ଅପ୍ରେଲ 2023 ଠାରୁ)।

ସରକାର କହିଲେ (ମଇ 2024) ଯେ, ସିଓବିପି ପରିଚାଳନା ଓ ରକ୍ଷଣାବେକ୍ଷଣ ସକାଶେ ନିର୍ମାଣକାରୀ ସଂସ୍ଥା ଅଧିକ ମୂଲ୍ୟ ଦାବି କଲା। ତଦନୁସାରେ, ଓଏମ୍‌ସି ନଭେମ୍ବର 2023ରେ ଖୋଲା ଟେଣ୍ଡର ଭିତ୍ତିରେ ସଂସ୍ଥା ଚୟନ ପୂର୍ବକ ଜାନୁଆରୀ 2024ରେ ଏକ ସଂସ୍ଥାକୁ ନିୟୋଜିତ କଲା ଏବଂ ଏଥି ସକାଶେ ହୋଇଥିବା ବିଳମ୍ବ ଓଏମ୍‌ସିର ନିୟନ୍ତ୍ରଣରେ ନଥିଲା।

ଏହି ଉତ୍ତରଟି ଗ୍ରହଣୀୟ ନଥିଲା, କାରଣ ସିଓବିପି ସମାପ୍ତ ହେବା ପୂର୍ବରୁ ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ସର୍ତ୍ତାବଳୀ ଚୂଡାନ୍ତ ନହେବା, ଓଏମ୍‌ସିର ଦୁର୍ବଳ ଯୋଜନାକୁ ସୂଚିତ କରୁଛି।

**(ଖ)** ସିଓବିପି କାର୍ଯ୍ୟ ମାଧମରେ ସବ-ଗ୍ରେଡ୍ କ୍ରୋମ୍ ପଥର ପ୍ରକ୍ରିୟାକରଣ ସମୟରେ, ଏକ ପୋଖରୀରେ ଗୁରୁତ୍ୱପୂର୍ଣ୍ଣ ପରିମାଣର ଟେଲିଂ ସୃଷ୍ଟି ହୁଏ ଏବଂ ଜମା ହୁଏ, ଯେଉଁଥିରେ ପ୍ରାୟ 15-16 ପ୍ରତିଶତ କ୍ରୋମିୟମ ଥାଏ। ଟେଲିଂ ପୋଖରୀରେ ସଂଗୃହୀତ ସିଓବିପିର ଟେଲିଂରୁ କ୍ରୋମାଇଟ୍ ପୁନରୁଦ୍ଧାର କରିବା ପାଇଁ, ଓଏମ୍‌ସି ଦକ୍ଷିଣ କାଳିଆପାଣି ଖଣିରେ ଏକ ଟେଲିଂ ପ୍ରକ୍ରିୟାକରଣ ପ୍ଲାଣ୍ଟ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲେ। ତଦନୁସାରେ, ଓଏମ୍‌ସି (ଅଗଷ୍ଟ 2017ରେ) 44.60 ଲକ୍ଷ ଟଙ୍କା ମୂଲ୍ୟରେ ଟେଲିଂ ପ୍ଲାଣ୍ଟ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ କାର୍ଯ୍ୟ ମେସର୍ସ ମେକନ୍‌କୁ ପ୍ରଦାନ କରିଥିଲା। ପରବର୍ତ୍ତୀ ସମୟରେ, ପାଞ୍ଚବର୍ଷ ବିଳମ୍ବ ପରେ ଓଏମ୍‌ସି ଦ୍ୱାରା ଅକ୍ଟୋବର 2022ରେ ଏକ ହାନି ଲାଭ ବିଶ୍ଳେଷଣ କରାଯାଇଥିଲା ଏବଂ ଏହି ବିଶ୍ଳେଷଣ ଆଧାରରେ, ପ୍ରକଳ୍ପ ମୂଲ୍ୟ ବୃଦ୍ଧି ଏବଂ ଋଣାତ୍ମକ ଉପାର୍ଜନ ହେତୁ ପ୍ରକଳ୍ପକୁ ସ୍ଥଗିତ ରଖାଯାଇଥିଲା। ତେଣୁ, ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତିମୂଳକ ଡିପିଆର୍ ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ହୋଇଥିବା ମୋଟ 1.33 କୋଟି ଟଙ୍କା (ଅକ୍ଟୋବର 2022 ପର୍ଯ୍ୟନ୍ତ) ଖର୍ଚ୍ଚର କୌଣସି ସୁଫଳ ମିଳି ପାରିନଥିଲା।

ସରକାର କହିଲେ (ମଇ 2024) ଯେ, ଏମ୍‌ଏମ୍‌ଡିଆର୍ (ସଂଶୋଧନ) ଅଧିନିୟମ, 2021 ଅନୁଯାୟୀ ଅତିରିକ୍ତ ରୟାଲଟି ଲାଗୁ ହେବା ଯୋଗୁ, ଓଏମ୍‌ସି ପ୍ରକଳ୍ପର ଲାଭଦାୟକତାକୁ ପୁନଃ ପରୀକ୍ଷା କରିଥିଲା ଏବଂ ପ୍ରକଳ୍ପକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା।

ଉତ୍ତରଟି ଗ୍ରହଣୀୟ ନୁହେଁ, କାରଣ ଅକ୍ଟୋବର 2017 ସୁଦ୍ଧା ଟେଲିଂ ପୋଖରୀ ନିର୍ମିତ ହୋଇନଥିଲା ତେଣୁ ଟେଲିଂ ପୋଖରୀରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରିବା ପାଇଁ ଟେଲିଂ ପ୍ରକ୍ରିୟାକରଣ ପ୍ଲାଣ୍ଟ ପାଇଁ ଡିପିଆର୍

ପ୍ରସ୍ତୁତ କରିବାର କୌଣସି ଯଥାର୍ଥତା ନଥିଲା। ତେଣୁ, ଡିପିଆର୍ ପ୍ରସ୍ତୁତ ପାଇଁ ଖର୍ଚ୍ଚର କୌଣସି ସୁଫଳ ମିଳିନଥିଲା।

## 2.10.4 ସ୍ଥାନ ଚୟନରେ ଅନୁପଯୁକ୍ତ ଯୋଜନା ଯୋଗୁ ପରିହାର୍ଯ୍ୟ ବ୍ୟୟ

ଦୈତାରୀ ଲୁହାପଥର ଖଣିରେ (i) ଲୁହାପଥର କ୍ରସିଂ ଓ ସ୍କ୍ରିନିଂ ଏବଂ (ii) ଲୁହାପଥର ପାହାଡ ତଳକୁ ପରିବହନ ଓ ଓ୍ୱାଗନ ଲୋଡିଂ ପାଇଁ ଏକ ସମ୍ପୂର୍ଣ୍ଣ ଯାନ୍ତ୍ରିକୀକରଣ ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ 2009 ମସିହାରେ ଓଏମ୍‌ସି ଦ୍ୱାରା ଏକ ଖଣିଜ ପଥର ପରିଚାଳନା ପ୍ରକଳ୍ପ ଅନୁମୋଦିତ ହୋଇଥିଲା। ପ୍ରକଳ୍ପଟି 594.32 କୋଟି ଟଙ୍କାର ଚୁକ୍ତି ମୂଲ୍ୟରେ ମଞ୍ଜୁର ହୋଇଥିଲା ଏବଂ ଏହାର କାର୍ଯ୍ୟାନ୍ୱୟନ ପାଇଁ ପରାମର୍ଶ ଶୁଳ୍କ 5.93 କୋଟି ଟଙ୍କା ଥିଲା। ପରାମର୍ଶ ଅଂଶ ପାଇଁ ଡିସେମ୍ବର 2009ରେ ମେସର୍ସ ଏମ୍.ଏନ୍. ଦାସ୍ତୁରଙ୍କ ସପକ୍ଷରେ କାର୍ଯାଦେଶ ଜାରି କରାଯାଇଥିଲା ଏବଂ ପ୍ରକଳ୍ପଟି ମଇ 2013ରେ କାର୍ଯ୍ୟାନ୍ୱୟନ ପାଇଁ ମେସର୍ସ ଏଲ୍‌ଆଣ୍ଡଟିକୁ ଦିଆଯାଇଥିଲା। ଅଧିକନ୍ତୁ, ପ୍ରକଳ୍ପ ପାଇଁ 106.016 ହେକ୍ଟର ଜଙ୍ଗଲ ଜମିର ଜଙ୍ଗଲ ମଞ୍ଜୁରୀ ପାଇଁ ଓଏମ୍‌ସି, ଏମ୍‌ଓଇଏଫ୍‌ଆଣ୍ଡ୍‌ସିସିକୁ ଅପ୍ରେଲ 2014ରେ ଆବେଦନ କରିଥିଲା। ଏହା ଉପରେ ଆଧାର କରି, ଏନ୍‌ପିଭି ଇତ୍ୟାଦି ପାଇଁ ସାମ୍ବିଧାନିକ ଦେୟ 14.88 କୋଟି ଟଙ୍କା ଖର୍ଚ୍ଚ କରିବା ପରେ ଯଥାକ୍ରମେ ସେପ୍ଟେମ୍ବର 2017 ଏବଂ ମାର୍ଚ୍ଚ 2021ରେ ପର୍ଯ୍ୟାୟ I ଏବଂ II ଜଙ୍ଗଲ ମଞ୍ଜୁରୀ ପ୍ରାପ୍ତ ହୋଇଥିଲା। ଏହି ସମୟ ମଧ୍ୟରେ, ଓଏମ୍‌ସି ଦୈତାରୀ ଖଣି ପାଇଁ ଖଣି ଯୋଜନା ସମୀକ୍ଷା (ଡିସେମ୍ବର 2014) ସମୟରେ ନିଶ୍ଚିତ କରିଥିଲା ଯେ, ସର୍ବଶେଷ ଖଣିଜ ଭଣ୍ଡାର ସୀମା[59] (ୟୁପିଏଲ୍) ମଧ୍ୟରେ ଧାତବ ପରିଚାଳନା କାରଖାନା ଅବସ୍ଥାପନା କରୁଛି, ଯାହାଫଳରେ ପ୍ରାୟ 6.37 ନିୟୁତ ଏମ୍‌ଟି ଖଣିଜ ଉତ୍ତୋଳନ ଅବରୋଧ ହୋଇପାରେ। ଫଳସ୍ୱରୂପ, ଓଏମ୍‌ସି 98.7 ହେକ୍ଟର ଜଙ୍ଗଲ ଜମି ହସ୍ତାନ୍ତର (ଅକ୍ଟୋବର 2022) କଲା ଏବଂ ଜୁଲାଇ 2022ରେ ପ୍ରକଳ୍ପ କାର୍ଯ୍ୟ ଚୁକ୍ତିନାମା ବାତିଲ କରିଥିଲା।

ଏହା ପରିଲକ୍ଷିତ ହୋଇଥିଲା ଯେ, ଉପଲବ୍ଧ ଭୂତାତ୍ତ୍ୱିକ ଏବଂ ସ୍ଥଳ ବିଜ୍ଞାନ ବିବରଣୀ ଅଧ୍ୟୟନ ମାଧ୍ୟମରେ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଏକ ସମିତି ଦ୍ୱାରା ଧାତବ ପରିଚାଳନା ପ୍ଲାଣ୍ଟ ପାଇଁ ବଛା ଯାଇଥିବା ସ୍ଥାନର ପରାମର୍ଶ (ଜାନୁଆରୀ 2009) ଦିଆଯାଇଥିଲା, ଅର୍ଥାତ୍ ଡିସେମ୍ବର 2009ରେ ପ୍ରକଳ୍ପ ନିମିତ୍ତ ପରାମର୍ଶଦାତା ନିଯୁକ୍ତି ହେବା ପୂର୍ବରୁ। ଏହି ଅଧ୍ୟୟନ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା ଯେ, କ୍ରସର ହାଉସ୍ ଅବସ୍ଥାନ ୟୁପିଏଲ୍ ମଧ୍ୟରେ ଠିକ୍ ଖଣିଜ ଭଣ୍ଡାର ଉପରେ ଆସୁଛି। ଏହାସତ୍ତ୍ୱେ, ଅବରୋଧ/ପ୍ରଭାବିତ ଦେଉଥିବା ଖଣିଜ ପରିମାଣ ଉପରେ ଆଉ କୌଣସି ଅଧ୍ୟୟନ/ବିଶ୍ଳେଷଣ କରାଯାଇ ନଥିଲା। ତେଣୁ, ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନ ଚୟନରେ ଯୋଜନା ଏବଂ ତଦାରଖ ଅଭାବରୁ ଜଙ୍ଗଲ ମଞ୍ଜୁରୀ, ପରାମର୍ଶ ଶୁଳ୍କ, ପରିକଳ୍ପନା ଓ ବିନ୍ୟାସ ପ୍ରସ୍ତୁତି ଏବଂ ବ୍ୟାଙ୍କ ଗ୍ୟାରେଣ୍ଟି ବୈଧତା ସମ୍ପ୍ରସାରଣ ଶୁଳ୍କ ବାବଦକୁ ମୋଟ 15.97 କୋଟି ଟଙ୍କା[60]ର ପରିହାର୍ଯ୍ୟ ବ୍ୟୟ ହୋଇଥିଲା।

ସରକାର କହିଲେ (ମଇ 2024) ଯେ, ଜଙ୍ଗଲ ମଞ୍ଜୁରୀ ପାଇବା ପାଇଁ ସାତବର୍ଷର ଏକ ଅସ୍ୱାଭାବିକ ସମୟ ଲାଗିଲା, ଯେଉଁଥିପାଇଁ ଏଲ୍‌ଆଣ୍ଡଟି ଚୁକ୍ତିନାମା ବାତିଲ କରିବାକୁ ସୂଚିତ କଲା କାରଣ ପ୍ରକଳ୍ପଟି ଅସମ୍ଭବ ଥିଲା। ପୁନଶ୍ଚ, ଭାରତ ସରକାର ଭବିଷ୍ୟତରେ ଜଙ୍ଗଲ ପରିବର୍ତ୍ତନ ପ୍ରସ୍ତାବରେ 13.86 କୋଟି ଟଙ୍କାର ସମାୟୋଜନ ପାଇଁ ଅନୁମତି ଦେଇଛନ୍ତି।

ଏହି ଉତ୍ତରଟି ଗ୍ରହଣୀୟ ନଥିଲା, କାରଣ କାରଖାନାଟି ଠିକ୍ ଖଣିଜ ଭଣ୍ଡାର ଉପରେ ଆସୁଛି ବୋଲି ଜାଣିବା ସତ୍ତ୍ୱେ ଓଏମ୍‌ସି ଏହି ପ୍ରକଳ୍ପ ଆରମ୍ଭ କରିଥିଲା।

---

59 ଖଣି ଲିଜ୍‌ରେ ଥିବା ଅଞ୍ଚଳ ଯେଉଁଠାରେ ମାଟି ତଳେ ନିଶ୍ଚିତ ଖଣିଜ ଭଣ୍ଡାର ଅଛି

60 ପ୍ରତ୍ୟାର୍ପଣ କରାଯାଇଥିବା 98.7 ହେକ୍ଟର ଜମିର ଜଙ୍ଗଲ ମଞ୍ଜୁରୀ ପାଇଁ ଅନୁପାତିକ ଖର୍ଚ୍ଚ (14.88 କୋଟି ଟଙ୍କା/106.016 ହେକ୍ଟର x 98.7 ହେକ୍ଟର) 13.86 କୋଟି ଟଙ୍କା ଏବଂ ଅନ୍ୟାନ୍ୟ ଖର୍ଚ୍ଚ 2.11 କୋଟି ଟଙ୍କା

**ସୁପାରିଶ:**

**5. ନିର୍ଭରଶୀଳ ପ୍ରକଳ୍ପଗୁଡିକର ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ସେଗୁଡିକର କାର୍ଯ୍ୟାନ୍ୱୟନର ଉତ୍ତମ ଯୋଜନା ଏବଂ ସମନ୍ୱୟ ସୁନିଶ୍ଚିତ କରିବା ପାଇଁ ଓଏମ୍‌ସିକୁ ନିର୍ଦ୍ଦେଶ ଦେବା ପାଇଁ ସରକାର ବିଚାର କରିପାରନ୍ତି ।**

## 2.11 ଚୁକ୍ତି ପରିଚାଳନା

ଯେହେତୁ ଖଣି କ୍ଷେତ୍ରରେ ସମସ୍ତ କାର୍ଯ୍ୟକଳାପ କମ୍ପାନୀ ଠିକାଦାରମାନଙ୍କ ନିଯୁକ୍ତି ମାଧ୍ୟମରେ ପରିଚାଳିତ ହୋଇଥାଏ, ତେଣୁ କମ୍ପାନୀ କାର୍ଯ୍ୟଦକ୍ଷତାରେ ଚୁକ୍ତି ପରିଚାଳନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

### 2.11.1 ଚୁକ୍ତିନାମାରେ ତ୍ରୁଟିପୂର୍ଣ୍ଣ ସର୍ତ୍ତାବଳୀ ଯୋଗୁ ପରିହାର୍ଯ୍ୟ ବ୍ୟୟ

ଓଏମ୍‌ସି ଘନମିଟରକୁ 5,294 ଟଙ୍କା ହାରରେ ନାରଣଗଡ ଖଣିରୁ ଓଭରବର୍ଡନ ଏବଂ ଖୋଣ୍ଡାଲାଇଟ୍ ଖନନ, ଉତ୍ତୋଳିତ ଖୋଣ୍ଡାଲାଇଟ୍‌କୁ ପ୍ରକ୍ରିୟାକରଣ କରି ଆବଶ୍ୟକ ପରିମାପ 6''×6''×6''ରୁ ଅଧିକ ଆକାର କରିବା ପ୍ରକ୍ରିୟାକୃତ ଖୋଣ୍ଡାଲାଇଟ୍‌କୁ ପୁରୀର ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ପ୍ରେରଣ କରିଥିଲେ ଏବଂ କିଲୋମିଟର/ଘନ ମିଟର ପିଛା 29 ଟଙ୍କା ମୂଲ୍ୟରେ ପରିବହନ ପାଇଁ ଏକ ଚୁକ୍ତିନାମା (ଡିସେମ୍ବର 2020) କରିଥିଲା ।

ଚୁକ୍ତିନାମାର ଧାରା 4.3 ଅନୁଯାୟୀ, ପୁନରୁଦ୍ଧାର ଅନୁପାତ ଅର୍ଥାତ, ଖନନ ହୋଇଥିବା ଖୋଣ୍ଡାଲାଇଟ୍‌ର ନିର୍ଦ୍ଦିଷ୍ଟ ମାତ୍ରାରେ ପ୍ରକ୍ରିୟାକୃତ ଖୋଣ୍ଡାଲାଇଟ୍‌ର ପରିମାଣ, ସର୍ବନିମ୍ନ 25 ପ୍ରତିଶତ ହେବ । ଖୋଣ୍ଡାଲାଇଟ୍ ପଥରର ବ୍ୟବହାରକାରୀ କମ୍ପାନୀ, ଓଡିଶା ସେତୁ ନିର୍ମାଣ ନିଗମ ଲିମିଟେଡ୍ (ଓବିସିସି) ରିପୋର୍ଟ କରିଥିଲା (ଜୁଲାଇ 2022) ଯେ, ଠିକାଦାର ପୁରୀର ସାମଙ୍ଗା ଷ୍ଟକୟାର୍ଡରେ 16,000 ଘନ ମିଟର ଆକାରହୀନ ଖୋଣ୍ଡାଲାଇଟ୍ ପଥର ଜମାକରିଥିଲା । ଠିକାଦାର କହିଥିଲେ ଯେ, 25 ପ୍ରତିଶତ ଲକ୍ଷ୍ୟ ତୁଳନାରେ ପୁନରୁଦ୍ଧାର ଅନୁପାତ ମାତ୍ର ତିନି ପ୍ରତିଶତ ଥିବାରୁ ଆବଶ୍ୟକ ପ୍ରକ୍ରିୟାକୃତ ପରିମାଣ ଉତ୍ପାଦନ ହୋଇପାରି ନଥିଲା । ତଦନୁସାରେ, ଠିକାଦାର ଓଏମ୍‌ସିକୁ 6''×6''×6''ରୁ ଅଧିକ ଆକାରର ଗ୍ରହଣ କରିବାକୁ କହିଥିଲା (ଅଗଷ୍ଟ 2022) । ଯେହେତୁ ଚୁକ୍ତିନାମାରେ କେବଳ 6''×6''×6''ରୁ ଅଧିକ ଆକାର (ଏବଂ ସର୍ବାଧିକ ଆକାର ପରିସୀମା ନଥିଲା) ନିର୍ଦ୍ଦିଷ୍ଟ କରାଯାଇଥିଲା, ତେଣୁ ଓଏମ୍‌ସିକୁ ବଡ ଆକାରର ପଥର ଗ୍ରହଣ କରିବାକୁ ପଡିଲା ଏବଂ ସେଗୁଡିକ ପାଇଁ ଦେୟ ଦେବାକୁ ପଡିଲା ।

ଏହା ଦେଖାଯାଇଥିଲା ଯେ, ନାରଣଗଡ ଖଣିରୁ ସାମଙ୍ଗ ଷ୍ଟକୟାର୍ଡକୁ 18,464 ଘନ ମିଟର ଅଣପ୍ରକ୍ରିୟାକରଣ ହୋଇଥିବା ଖୋଣ୍ଡାଲାଇଟ୍ ପରିବହନ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଓଏମ୍‌ସି ଦ୍ୱାରା ଚୁକ୍ତିନାମା ବନ୍ଦ କରାଯାଇଥିଲା (ସେପ୍ଟେମ୍ବର 2022) । ଅଧିକନ୍ତୁ, ଓଏମ୍‌ସିକୁ ଏହି ଅଣପ୍ରକ୍ରିୟାକରଣ ହୋଇଥିବା ଖୋଣ୍ଡାଲାଇଟର ଏକ ନିର୍ଦ୍ଦିଷ୍ଟ ଆକାରକୁ ସାଇଜ କରିବା ଏବଂ କାଟିବା ପାଇଁ ପୃଥକ ଠିକାଦାର (ନଭେମ୍ବର 2022) ମାଧ୍ୟମରେ 6.81 କୋଟି ଟଙ୍କାର ଅତିରିକ୍ତ ମୂଲ୍ୟ ବହନ କରିବାକୁ ପଡିଥିଲା ।

ସମୀକ୍ଷାରେ ଦେଖାଯାଇଥିଲା ଯେ, ଚୁକ୍ତିନାମାର ଏକ ତ୍ରୁଟିପୂର୍ଣ୍ଣ ଧାରା ଯୋଗୁ ଖନନ ଠିକାଦାର ଆକାରହୀନ, କଞ୍ଚାପଥର ଯୋଗାଇ ଥିଲେ ଏବଂ ତାଙ୍କୁ 5.74 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଠିକାଦାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଏହି 18,464 ଘନ ମିଟର ପଥରର ଆକାର ପରିବର୍ତ୍ତନ ପରେ, ପୁନରୁଦ୍ଧାର ହାର 36 ପ୍ରତିଶତ ଥିଲା, ଯାହାର ଅର୍ଥ ହେଉଛି ମୂଳ ଠିକାଦାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ପଥରର 64 ପ୍ରତିଶତ ଅପଚୟ ଥିଲା । ତେଣୁ, ଓଏମ୍‌ସିକୁ 64 ପ୍ରତିଶତ ପରିବହନ (ଅର୍ଥାତ ଅପଚୟ) ଉପରେ ଅଧିକ ଦେୟ ଦେବାକୁ ପଡିଲା, ଯାହାଫଳରେ 3.67 କୋଟି ଟଙ୍କା[61] (5.74 କୋଟି ଟଙ୍କାର 64 ପ୍ରତିଶତ) ପରିହାର୍ଯ୍ୟ ଖର୍ଚ୍ଚ ହୋଇଥିଲା । ଯଦି

[61] ଆବଶ୍ୟକ ଆକାରର ଖଣ୍ଡାଲାଇଟ୍ ଖଣିଜର ପୁନରୁଦ୍ଧାର ହାର 36 ପ୍ରତିଶତ ହେବା ଯୋଗୁ

ଚୁକ୍ତିନାମାରେ ପଥରର ଆବଶ୍ୟକୀୟ ଆକାର ନିର୍ଦ୍ଦିଷ୍ଟ କରାଯାଇଥାନ୍ତା ଏବଂ ଠିକାଦାର ଆବଶ୍ୟକ/ଛୋଟ ଆକାରର ପଥର ଯୋଗାଇଥାନ୍ତେ, ତେବେ ପରିବହନ ଖର୍ଚ୍ଚ ଉପରେ ଏହି ଅତିରିକ୍ତ ଦେୟକୁ ଏଡ଼ାଯାଇ ପାରିଥାନ୍ତା।

ତେଣୁ, ପଥରର ନିର୍ଦ୍ଦିଷ୍ଟ ଆକାର ସମ୍ପର୍କରେ ଚୁକ୍ତିନାମାରେ ଅସ୍ପଷ୍ଟତା ଯୋଗୁ 3.67 କୋଟି ଟଙ୍କାର ପରିହାର୍ଯ୍ୟ ଖର୍ଚ୍ଚ ହୋଇଥିଲା। ଏହାବ୍ୟତୀତ, ପଥରର ଆକାର ପରିବର୍ତ୍ତନ ପାଇଁ 6.81 କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ କରିବାକୁ ପଡିବ ଯାହା ମଧ୍ୟରୁ ମାତ୍ର 0.41 କୋଟି ଟଙ୍କା ପୂର୍ବରୁ ପ୍ରଦତ୍ତ ହୋଇସାରିଛି।

ସରକାର କହିଲେ (ମଇ 2024) ଯେ, ଚୁକ୍ତିନାମା ଧାରା ଅନୁଯାୟୀ ସମସ୍ତ ପରିକଳ୍ପିତ ଆକାର ସାମଗ୍ରୀର ପରିବହନ ପାଇଁ ଘନ ମିଟର ପିଛା 29 ଟଙ୍କା ପ୍ରଦାନ କରାଯାଇଥିଲା। ତେଣୁ, ପରିବହନ ପାଇଁ ସଂସ୍ଥା ସହିତ ଆଲୋଚନା କରାଯାଇ ନଥିଲା।

ଉତ୍ପାଦିତ ହେବାକୁ ଥିବା ଖୋଣ୍ଡାଲାଇଟ୍‌ର ଆକାର ସମ୍ପର୍କରେ ତ୍ରୁଟିପୂର୍ଣ୍ଣ ଚୁକ୍ତିନାମା ସର୍ତ୍ତ ବିଷୟରେ ନୀରବ ଥିବାରୁ ଉତ୍ତରଟି ଗ୍ରହଣୀୟ ନୁହେଁ।

### 2.11.2 ବିଦ୍ୟୁତ ଶୁଳ୍କ ପରିଶୋଧ ପାଇଁ ଚୁକ୍ତିନାମାରେ ତ୍ରୁଟିପୂର୍ଣ୍ଣ ଧାରା ଯୋଗୁ ଠିକାଦାରଙ୍କୁ ଅନୁଚିତ ଲାଭ

ଦୈତାରୀ ଖଣିରେ ଲୁହାପଥର ଉତ୍ପାଦନ ପାଇଁ ଚୁକ୍ତି ମୂଲ୍ୟରେ ଠିକାଦାରଙ୍କୁ ଦେୟରେ ପାଞ୍ଚ ପ୍ରତିଶତ ବିଦ୍ୟୁତ ଶୁଳ୍କର ଉପାଦାନ ଅନ୍ତର୍ଭୁକ୍ତ ଥିଲା (ଧାରା 7.3.1)। ଅଧିକନ୍ତୁ, ଚୁକ୍ତିନାମା (ଧାରା 7.12.1)ରେ ଧାର୍ଯ୍ୟ କରାଯାଇଥିଲା ଯେ, ଓଏମ୍‌ସି ଠିକାଦାରଙ୍କୁ ଲୁହାପଥର ଉତ୍ପାଦନ ପାଇଁ ବିଦ୍ୟୁତ ଯୋଗାଇବ ଏବଂ ସେମାନଙ୍କଠାରୁ ବିଦ୍ୟୁତ ମୂଲ୍ୟ ଆଦାୟ କରାଯିବ।

ସମୀକ୍ଷାରେ ଏହା ଦେଖାଗଲା ଯେ, ଅପ୍ରେଲ 2018ରୁ ମାର୍ଚ୍ଚ 2023 ମଧ୍ୟରେ ଠିକାଦାରଙ୍କ ଦ୍ୱାରା ବିଦ୍ୟୁତ ବ୍ୟବହାର ପାଇଁ ଓଏମ୍‌ସି ବିଦ୍ୟୁତ ଯୋଗାଣକାରୀଙ୍କୁ 10.69 କୋଟି ଟଙ୍କା ପ୍ରଦାନ କରିଛି। ଠିକାଦାରଙ୍କଠାରୁ ସମାନ ପରିମାଣର ଅର୍ଥ ଆଦାୟ କରାଯାଇଥିଲା। ତେବେ ଚୁକ୍ତିନାମା ସର୍ତ୍ତ ଅନୁଯାୟୀ ଓଏମ୍‌ସି ଠିକାଦାରଙ୍କୁ ଦେୟ ମୂଲ୍ୟର ପାଞ୍ଚ ପ୍ରତିଶତ ହିସାବରେ ବିଦ୍ୟୁତ ଖର୍ଚ୍ଚ ବାବଦରେ 36.48 କୋଟି ଟଙ୍କା ପ୍ରଦାନ କରିଥିଲା (ଧାରା 7.3.1)।

ଯେହେତୁ, ପ୍ରକୃତ ବିଦ୍ୟୁତ ବ୍ୟବହାର ଏବଂ ସେଥିରେ ଦେୟ ଉଭୟ ପକ୍ଷଙ୍କୁ ଜଣାଥିଲା, ଚୁକ୍ତିନାମାରେ ପାଞ୍ଚ ପ୍ରତିଶତର ଏପରି ପୃଥକ ଆଧାରର ବ୍ୟବସ୍ଥା ବିପରୀତ ଥିଲା ଏବଂ କେବଳ ବିଦ୍ୟୁତ ଦେୟ ଉପରେ 10.69 କୋଟି ଟଙ୍କାର ପ୍ରକୃତ ଖର୍ଚ୍ଚ ବିରୁଦ୍ଧରେ ଠିକାଦାରଙ୍କୁ 36.48 କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଫଳସ୍ୱରୂପ, ଓଏମ୍‌ସି ଦ୍ୱାରା ବିଦ୍ୟୁତ ପାଇଁ କରାଯାଇଥିବା 25.79 କୋଟି ଟଙ୍କାର ପାର୍ଥକ୍ୟ ଦେୟ ଠିକାଦାରଙ୍କୁ ପ୍ରଦାନ କରିବା ଦ୍ୱାରା ଅନୁଚିତ ଅନୁକମ୍ପା ପ୍ରଦତ୍ତ ହୋଇଥିଲା।

ସରକାର ଏହି ପର୍ଯ୍ୟବେକ୍ଷଣକୁ ଗ୍ରହଣ କରିବା ସମୟରେ କହିଲେ (ଜୁଲାଇ 2024) ଯେ, ଭବିଷ୍ୟତର ଚୁକ୍ତିନାମାରେ ଏହି ଦିଗକୁ ବିଚାର କରାଯିବ।

### 2.11.3 ଲୁହାପଥର ପରିବହନ ପାଇଁ ହୋଇଥିବା ଚୁକ୍ତିରେ ବିସ୍ଫୋରକ ମୂଲ୍ୟ ପ୍ରଦାନ ଲାଗି ଅନାବଶ୍ୟକ ଧାରାକୁ ସାମିଲ କରିବା

ଖଣିଜ ପଥର ଉତ୍ପାଦନ ସମୟରେ ଖଣିର ବିସ୍ଫୋରଣ ପାଇଁ ବିସ୍ଫୋରକ ବ୍ୟବହୃତ ହୁଏ। ଗନ୍ଧମାର୍ଦ୍ଦନ ବ୍ଲକ-ବି ଲୁହାପଥର ଖଣିରେ ଖଣିଜ ପଥର ଉତ୍ପାଦନ ଏବଂ ପରିବହନ ପାଇଁ ପୃଥକ ମୂଲ୍ୟର ନିଲାମ ଡାକରା ଆହ୍ୱାନ କରାଯାଇଥିଲା। ଖଣିଜ ପଥର ଉତ୍ପାଦନ ଏବଂ ଷ୍ଟକ୍‌ୟାର୍ଡକୁ ପରିବହନ ପାଇଁ ପୃଥକ ମୂଲ୍ୟ[62] ସ୍ଥିର

[62] ଲମ୍ପ ଲୁହାପଥର ଉତ୍ପାଦନ ପାଇଁ ଏମ୍‌ଟି ପିଛା 394 ଟଙ୍କା, ଗୁଣ୍ଡ ଲୁହାପଥର ଉତ୍ପାଦନ ପାଇଁ ଏମ୍‌ଟି ପିଛା 315 ଟଙ୍କା ଏବଂ ପରିବହନ ଖର୍ଚ୍ଚ ଏମ୍‌ଟି ପିଛା ୫୨ ଟଙ୍କା ରହିଛି

କରାଯାଇଥିଲା। ଖଣିଜ ପଥର ଉତ୍ପାଦନ ତଥା ପରିବହନ ପାଇଁ ମେସର୍ସ କେସିସିଏଲ୍ ସହିତ ଚୁକ୍ତିନାମା (ଅକ୍ଟୋବର 2017) ସ୍ୱାକ୍ଷରିତ ହୋଇଥିଲା। ସମୀକ୍ଷାରୁ ଦେଖାଗଲା ଯେ, ଖଣିଜ ପଥର ପରିବହନ ପାଇଁ ଚୁକ୍ତି ମୂଲ୍ୟରେ ଠିକାଦାରଙ୍କୁ ଦେବାକୁ ଥିବା ଦେୟରେ ବିସ୍ଫୋରକ ଖର୍ଚ୍ଚ ବାବଦରେ ପାଞ୍ଚ ପ୍ରତିଶତ ଶୁଳ୍କର ଅନ୍ତର୍ଗତ ଥିଲା।

ଅପ୍ରେଲ 2018ରୁ ମାର୍ଚ୍ଚ 2023 ମଧ୍ୟରେ 239.34 ଲକ୍ଷ ଏମ୍‌ଟି ଖଣିଜପଥର ପରିବହନ ପାଇଁ ଓଏମ୍‌ସି ଠିକାଦାରଙ୍କୁ ବିସ୍ଫୋରଣ ବାବଦ 1.59 କୋଟି ଟଙ୍କାର ଦେୟ ପ୍ରଦାନ କରିଥିଲା। ଯେହେତୁ ବିସ୍ଫୋରକଗୁଡିକ ପରିବହନ କାର୍ଯ୍ୟକଳାପର ଅଂଶବିଶେଷ ନଥିଲା, ତେଣୁ ଉତ୍ପାଦିତ ଖଣିଜପଥରକୁ ଷ୍ଟକୟାର୍ଡକୁ ପରିବହନ କରିବାରେ ବିସ୍ଫୋରକ ପାଇଁ ଦେୟ ପ୍ରଦାନ ଫଳରେ ଠିକାଦାରଙ୍କୁ 1.59 କୋଟି ଟଙ୍କାର ଅନୁଚିତ ଅନୁକମ୍ପା ହେଲା।

ସରକାର ଏହି ପର୍ଯ୍ୟବେକ୍ଷଣକୁ ଗ୍ରହଣ କରିବା ସମୟରେ କହିଲେ (ଜୁଲାଇ 2024) ଯେ, ଭବିଷ୍ୟତର ଚୁକ୍ତିନାମାରେ ଏହି ଦିଗକୁ ବିଚାର କରାଯିବ।

## 2.11.4 ହାଇସ୍ପିଡ୍ ଡିଜେଲ ଉପାଦାନ ପାଇଁ ମୂଲ୍ୟ ବୃଦ୍ଧି ସୂତ୍ରରେ ପାଇକାରୀ ମୂଲ୍ୟ ସୂଚକାଙ୍କ ପ୍ରୟୋଗ ହେତୁ ଅତିରିକ୍ତ ଦେୟ

2010 ମସିହାରେ ସମ୍ପାଦିତ ଦୈତାରୀ ଖଣିର ଉତ୍ପାଦନ ଠିକା ଚୁକ୍ତି ଅନୁଯାୟୀ, ଓଏମ୍‌ସି ବଜାର ମୂଲ୍ୟ ଆଧାରରେ ହାଇସ୍ପିଡ୍ ଡିଜେଲ୍ (ଏଚ୍‌ଏସ୍‌ଡି) ଦର ଉପରେ ବୃଦ୍ଧି ଗଣନା କରି ଠିକାଦାରଙ୍କୁ ଦେୟ କରୁଥିଲା । ତଥାପି, ଅନ୍ୟ 13ଟି ଖଣି[63] ସମ୍ପର୍କରେ ଉତ୍ପାଦନ ଚୁକ୍ତି ଯାଞ୍ଚ କରିବାରୁ ଜଣା ପଡିଲା ଯେ, 2018-23 ମଧ୍ୟରେ ବିଭିନ୍ନ ପ୍ରକାର ଖଣିଜ ଉତ୍ପାଦନ ଚୁକ୍ତି ମୂଲ୍ୟରେ, ଏଚ୍‌ଏସ୍‌ଡିର ବୃଦ୍ଧି ବଜାର ମୂଲ୍ୟ ପରିବର୍ତ୍ତେ ପାଇକାରୀ ମୂଲ୍ୟ ସୂଚକାଙ୍କ (ଡବ୍ଲ୍ୟୁପିଆଇ) ସହିତ ଜଡିତ ଥିଲା।

ଏହି 13ଟି ଖଣିରେ ଓଏମ୍‌ସି 2018-23 ଅବଧି ମଧ୍ୟରେ ଏଚ୍‌ଏସ୍‌ଡି ବୃଦ୍ଧି ପାଇଁ 383.59 କୋଟି ଟଙ୍କା ପ୍ରଦାନ କରିଥିଲା। ସମୀକ୍ଷାରେ ଦେଖାଗଲା ଯେ, ବଜାର ମୂଲ୍ୟ ଆଧାରରେ ଏଚ୍‌ଏସ୍‌ଡି ଦର ବୃଦ୍ଧି ହିସାବ କରିଥିଲେ 272.13 କୋଟି ଟଙ୍କା ହୋଇଥାନ୍ତା।

ତେଣୁ, ଓଏମ୍‌ସିକୁ ମୂଲ୍ୟ ବୃଦ୍ଧି ହାର ପ୍ରୟୋଗର ସମୀକ୍ଷା କରିବା ଏବଂ କମ୍ପାନୀ ପାଇଁ ସର୍ବନିମ୍ନ ଆର୍ଥିକ ଖର୍ଚ୍ଚର ଏଚ୍‌ଏସ୍‌ଡି ହାର ପ୍ରୟୋଗ ନିଶ୍ଚିତ କରିବା ଆବଶ୍ୟକ।

ସରକାର ଏହି ପର୍ଯ୍ୟବେକ୍ଷଣକୁ ଗ୍ରହଣ କରିଥିଲେ ଏବଂ କହିଲେ (ଜୁଲାଇ 2024) ଯେ, ଭବିଷ୍ୟତରେ ଅନ୍ୟ ସମସ୍ତ ଖଣି ପାଇଁ ଏହି ବିଷୟକୁ ବ୍ୟାପକ ଭାବରେ ପୁନର୍ବିଚାର କରାଯିବ।

## 2.11.5 ଓଭରବର୍ଡନ ପାଇଁ ପରିବହନ ବିନା ପରିବହନ ଶୁଳ୍କ ପ୍ରଦାନ

କୋଡିଙ୍ଗାମାଳି ବକ୍ସାଇଟ୍ ଖଣିରେ ଖଣିଜ ଉତ୍ପାଦନ ପାଇଁ ଓଏମ୍‌ସି ଦ୍ୱାରା ସ୍ୱାକ୍ଷରିତ ଚୁକ୍ତିନାମାରେ (ଡିସେମ୍ବର 2017ରୁ ଡିସେମ୍ବର 2025 ପର୍ଯ୍ୟନ୍ତ ପ୍ରଯୁଜ୍ୟ) 1.8 କିଲୋମିଟର ଦୂରରେ ଅବସ୍ଥିତ ଓଭରବର୍ଡନ (ଓବି)[64] ଡମ୍ପ ସାଇଟ୍‌କୁ ଓବି ସ୍ଥାନାନ୍ତରଣ ଖର୍ଚ୍ଚ ଅନ୍ତର୍ଭୁକ୍ତ ଥିଲା। ଚୁକ୍ତିନାମାରେ ପ୍ରତି ଘନମିଟର ହାରରେ 61 ପ୍ରତିଶତ ଦରରେ ଡମ୍ପ ସାଇଟ୍‌ରୁ ଖଣି ବାହାର ଅଞ୍ଚଳକୁ ଓବିର ବ୍ୟାକଫିଲିଂ ଖର୍ଚ୍ଚ ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ତେଣୁ, ଠିକାଦାରଙ୍କୁ ଉଭୟ ସେବା ଯଥା ଓବି ସ୍ଥାନାନ୍ତରଣ ଏବଂ ବ୍ୟାକଫିଲିଂ ପାଇଁ ଅର୍ଥ ପ୍ରଦାନ କରାଯିବାକୁ ଥିଲା।

63 ଗନ୍ଧମାର୍ଦନ 'କ' ଏବଂ 'ଖ', ଗୁଆଳି, ଜିଲିଙ୍ଗ, ଟିରିଙ୍ଗ ପାହାଡ, ଖାଣ୍ଡବନ୍ଧ, ବାଂଶପାଣି, ରୋଇଡା 'ଗ', ମହାପର୍ବତ, ସୁକ୍ରାଙ୍ଗୀ, ଦକ୍ଷିଣ-କାଳିଅପାଣି, କୁରମିତାର, କୋଡିଙ୍ଗାମାଳି ଇତ୍ୟାଦି।

64 ଏହା ଏକ ପଥର କିମ୍ବା ମାଟି ଆବରଣ ଯାହାକୁ ଖୋଳି ଖଣିଜ ପଦାର୍ଥର ଖନନ କରାଯାଏ

ଏହି ପରିପ୍ରେକ୍ଷୀରେ ଦେଖାଯାଇଥିଲା ଯେ, ଠିକାଦାର କେବଳ ପ୍ରଥମ ବର୍ଷ (ଡିସେମ୍ବର 2017ରୁ ଡିସେମ୍ବର 2018) ମଧ୍ୟରେ ଖଣିରୁ ଓବିକୁ ଡମ୍ପ ସାଇଟ୍‌କୁ ପରିବହନ କରିଥିଲେ ଏବଂ ଦ୍ୱିତୀୟ ବର୍ଷ ପରଠାରୁ, ଓବିକୁ ଡମ୍ପ ସାଇଟ୍‌କୁ ନନେଇ ଖଣି ମଧ୍ୟରେ ଖଣିଜ ପଥର ନଥିବା ଅଞ୍ଚଳରେ ଗଛିତ କରାଯାଇଥିଲା। ଏହା ସତ୍ତ୍ୱେ, ଓଏମ୍‌ସି ଡମ୍ପ ସାଇଟ୍‌କୁ ପରିବହନ କରାଯାଇନଥିବା ଓବିର ପରିବହନ ଖର୍ଚ୍ଚ ବାଦ ନଦେଇ ଠିକାଦାରଙ୍କୁ ଦେୟ ପ୍ରଦାନ କରିଥିଲା। ଏହି କାରଣରୁ ଓବିର ପ୍ରକୃତ ପରିବହନ ବିନା ଡିସେମ୍ବର 2017ରୁ ମାର୍ଚ୍ଚ 2023 ସମୟ ମଧ୍ୟରେ ଠିକାଦାରଙ୍କୁ 6.18 କୋଟି ଟଙ୍କାର ଅତିରିକ୍ତ ଦେୟ ପ୍ରଦାନ କରାଯାଇଥିଲା।

ସରକାର କହିଲେ (ମଇ 2024) ଯେ, ଓବି ଜମାସ୍ଥାନରୁ ପରିବହନ ପରିବର୍ତ୍ତେ ଖନନ କରାଯାଇଥିବା ଓବିକୁ ଏକକାଳୀନ ପୂରଣ କରାଯିବା କାରଣରୁ କମ୍ପାନୀ ଏଜେନ୍ସିକୁ ଅତିରିକ୍ତ ଦେୟ ଦେବାରୁ ନିବୃତ୍ତ ରହିଥିଲା।

ଉତ୍ତରଟି ଗ୍ରହଣୀୟ ନୁହେଁ, କାରଣ ଚୁକ୍ତିନାମାରେ ଉଭୟ ଓବି ପରିବହନ ଖର୍ଚ୍ଚ ଏବଂ ବ୍ୟାକଫିଲିଂ ଅନ୍ତର୍ଭୁକ୍ତ ଥିଲା, କିନ୍ତୁ ଏପରି କୌଣସି ପ୍ରକୃତ ପରିବହନ କରାଯାଇନଥିବା ସତ୍ତ୍ୱେ ଏଥିପାଇଁ ଠିକାଦାରଙ୍କୁ ଦେୟ ପ୍ରଦାନ କରାଯାଇଥିଲା, ଯାହାଫଳରେ 6.18 କୋଟି ଟଙ୍କା ଅତ୍ୟଧିକ ଦେୟ ହୋଇଥିଲା।

### 2.11.6 ଚୁକ୍ତିନାମା/ଟେଣ୍ଡର ବାତିଲ ନକରିବା ଦ୍ୱାରା ପରିହାର୍ଯ୍ୟ ବ୍ୟୟ

ଓଏମ୍‌ସି ଏହାର ଟେଣ୍ଡର ଆମନ୍ତ୍ରଣ ବିଜ୍ଞପ୍ତି (ଏନ୍‌ଆଇଟି) (ଜୁନ୍ 2015)ରେ ଧାର୍ଯ୍ୟ କରିଥିଲା ଯେ, ଯଦି ଏହାର ବିଚାରରେ କାର୍ଯ୍ୟ ବନ୍ଦ କରିବା ଆବଶ୍ୟକ ହୁଏ, ତେବେ ଓଏମ୍‌ସି ଯେକୌଣସି ସମୟରେ ଚୁକ୍ତି ସମାପ୍ତ କରିବା ପାଇଁ ଅଧିକାର ପାଇବ। ଆହୁରି, ଏହା ମଧ୍ୟ ଧାର୍ଯ୍ୟ କରାଯାଇଥିଲା ଯେ, ଯଦି କୌଣସି କାରଣରୁ, ଯେପରିକି ନାଗରିକ ବିଶୃଙ୍ଖଳା, ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ନପାଇବା, ସରକାରୀ ଅନୁମତି ନପାଇବା ଭଳି ବୈଧାନିକ ପ୍ରତିବନ୍ଧକ, ଇତ୍ୟାଦି ଯଦି ଦୁଇ ମାସର ଅବଧି ପାଇଁ ବିଦ୍ୟମାନ ଥାଏ, ତେବେ ଉଭୟ ପକ୍ଷମାନଙ୍କ ଚୁକ୍ତିଭିତ୍ତିକ ଦାୟିତ୍ୱ ତୁରନ୍ତ ସମାପ୍ତ ହେବ।

ଓଏମ୍‌ସି ଟେଣ୍ଡର ଆହ୍ୱାନ ସମୟରେ ପରିବେଶ ମଞ୍ଜୁରୀ ଉପଲବ୍ଧ ନଥିବା ମହାପର୍ବତ ଖଣିରେ ଉତ୍ତୋଳନ କାମ ପାଇଁ ଜୁନ୍ 2015ରେ ଏକ ଏନ୍‌ଆଇଟି ଜାରି କରିଥିଲା। ମହାପର୍ବତ ଖଣି ପାଇଁ କାର୍ଯ୍ୟାଦେଶ ସେପ୍ଟେମ୍ବର 2015ରେ ଓଏମ୍‌ସି ଦ୍ୱାରା ଜାରି କରାଯାଇଥିଲା। କିନ୍ତୁ, କାର୍ଯ୍ୟାଦେଶ ପ୍ରଦାନର 62 ମାସ ପରେ (ନଭେମ୍ବର 2020) ପରିବେଶ ମଞ୍ଜୁରୀ ମିଳିଥିଲା। ଏହି ସମୟ ମଧ୍ୟରେ ଓଏମ୍‌ସି ଉତ୍ତୋଳନ ଚୁକ୍ତି ପାଇଁ ଇ-ରିଭର୍ସ[65] ନିଲାମ ପ୍ରଚଳନ କରିଥିଲା (ମାର୍ଚ୍ଚ 2019)। ଇ-ରିଭର୍ସ ନିଲାମ ପ୍ରଚଳନ ପରେ, ଓଏମ୍‌ସି ମୂଲ୍ୟ ସମ୍ପର୍କିତ ବିଭିନ୍ନ ଚୁକ୍ତିରୁ 17ରୁ 31 ପ୍ରତିଶତ ରିହାତି ପାଇଥିଲା (2019-21 ଅବଧିରେ)।

ମହାପର୍ବତ ଖଣି କ୍ଷେତ୍ରରେ ପରିବେଶ ମଞ୍ଜୁରୀ ପାଇବା ପାଇଁ 62 ମାସରୁ ଅଧିକ ସମୟ ଲାଗିଥିବାରୁ, ଓଏମ୍‌ସି ପାଖରେ ଚୁକ୍ତିନାମା ବାତିଲ କରି ମାର୍ଚ୍ଚ 2019ରେ ପ୍ରଚଳିତ ଇ-ରିଭର୍ସ ନିଲାମ ଅଧୀନରେ ନୂତନ ଟେଣ୍ଡରିଂ ପାଇଁ ଯିବାର ବିକଳ୍ପ ଥିଲା। ସମୀକ୍ଷାରେ ଦେଖାଗଲା ଯେ, ଓଏମ୍‌ସି ଉପରୋକ୍ତ କାର୍ଯ୍ୟାଦେଶକୁ ବାତିଲ କରି ନୂତନ ଟେଣ୍ଡର ପାଇଁ ଯାଇନଥିଲା ଏବଂ ଏହି ପ୍ରକ୍ରିୟାରେ ଅତି କମ୍‌ରେ 17 ପ୍ରତିଶତ ରିହାତି ପାଇବାର ସୁଯୋଗ ହରାଇଥିଲା। ଏହାଫଳରେ (ଅପ୍ରେଲ 2022ରୁ ମାର୍ଚ୍ଚ 2023 ପର୍ଯ୍ୟନ୍ତ) 1.71 ନିୟୁତ ଏମ୍‌ଟି ଖଣିଜ ଉତ୍ପାଦନ ପାଇଁ ଅନୁପଲବ୍ଧ ରିହାତି ଆକାରରେ 10.66 କୋଟି ଟଙ୍କା କ୍ଷତି ହୋଇଥିଲା। ଏହା ସହିତ, ଅବଶିଷ୍ଟ ଚୁକ୍ତି ଅବଧି ପାଇଁ (ଅପ୍ରେଲ 2023ରୁ ସେପ୍ଟେମ୍ବର 2025 ପର୍ଯ୍ୟନ୍ତ) ଓଏମ୍‌ସି 18.96 କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ବହନ କରିବ।

[65] ରିଭର୍ସ ନିଲାମ ହେଉଛି ଇ-ନିଲାମ ଯେଉଁଠାରେ ଠିକାଦାରମାନେ ପରସ୍ପର ବିରୋଧରେ ପ୍ରତିଦ୍ୱନ୍ଦିତା କରିବାକୁ ଅନ୍‌ଲାଇନ୍ ବିଡ୍ ଦାଖଲ କରନ୍ତି

ସରକାର କହିଲେ (ମଇ 2024) ଯେ, ସଂସ୍କାର କୌଣସି ତ୍ରୁଟି ବିନା କାର୍ଯ୍ୟାଦେଶ ଜାରି ହେବା ପରେ ଚୁକ୍ତିନାମା ବାତିଲ ଏବଂ ନୂତନ ଟେଣ୍ଡରର ଆମନ୍ତ୍ରଣ ଆଇନଗତ ଜଟିଳତା ସୃଷ୍ଟି କରିପାରେ। ନୂତନ ଟେଣ୍ଡର କମ୍ ହାରରେ ଶେଷ ହୋଇପାରେ ବୋଲି କୌଣସି ନିଶ୍ଚିତତା ନଥିଲା।

ଏହି ଉତ୍ତର ଗ୍ରହଣୀୟ ନଥିଲା, କାରଣ ଓଏମ୍‌ସି ଆଇନଗତ ଭାବେ ଚୁକ୍ତିର ସର୍ତ୍ତ ଅନୁଯାୟୀ ଚୁକ୍ତି ନିର୍ଦ୍ଧାରଣ ଏବଂ ସମାପ୍ତ କରିବା ପାଇଁ ସ୍ୱାଧୀନ ଥିଲା। ତେଣୁ, ଓଏମ୍‌ସି କମ୍ ମୂଲ୍ୟର ନିଲାମୀର ଲାଭ ଉଠାଇବାର ସୁଯୋଗ ହରାଇଥିଲା, ଯାହା ପରବର୍ତ୍ତୀ ଇ-ରିଭର୍ସ ନିଲାମୀରୁ ପ୍ରମାଣିତ ହୋଇଥିଲା।

## 2.11.7 ସବ୍-ଗ୍ରେଡ୍ ଖଣିଜ ପଥରକୁ ବିକ୍ରୟଯୋଗ୍ୟ ଖଣିଜ ପଥର ଭାବରେ ହିସାବ କରି ବର୍ଦ୍ଧିତ ମୂଲ୍ୟରେ ଉତ୍ତୋଳନ ମୂଲ୍ୟ ପ୍ରଦାନ ହେତୁ କ୍ଷତି

ଗନ୍ଧମାର୍ଦ୍ଦନ-ବି, କୁର୍‌ମିତାର ଏବଂ ଗୁଆଲି ଖଣିରେ ଲୁହାପଥର ଏବଂ କୋଡିଙ୍ଗାମାଳି ଖଣିରେ ବକ୍ସାଇଟ୍ ଖଣିଜ ପଥରର ଉତ୍ପାଦନ ପାଇଁ ଉତ୍ତୋଳନ ମୂଲ୍ୟ ଚୁକ୍ତିନାମାରେ କୁହାଯାଇଛି ଯେ, ଯଦି ଖଣି ଖନନ ସମୟରେ କୌଣସି ସବ୍-ଗ୍ରେଡ୍ ଖଣିଜ ପଥର[66] ଉତ୍ପନ୍ନ ହୁଏ, ତେବେ ଏହାକୁ ଖନନ କରାଯିବ ଏବଂ ସବ୍-ଗ୍ରେଡ୍ ପାଇଁ ଉଦ୍ଦିଷ୍ଟ ଷ୍ଟକ୍‌ୟାର୍ଡକୁ ପରିବହନ କରାଯିବ। ଏଭଳି ସବ୍-ଗ୍ରେଡ୍ ଖଣିଜ ପଥରର ପରିମାଣକୁ ଓଭରବର୍ଡନ ବୋଲି ବିବେଚନା କରାଯିବ ଏବଂ ସେହି ଅନୁଯାୟୀ ଓଭରବର୍ଡନ ହାରରେ ଦେୟ ପ୍ରଦାନ କରାଯିବ।

ସମୀକ୍ଷାରେ ଦେଖାଗଲା ଯେ, ଅପ୍ରେଲ 2018ରୁ ମାର୍ଚ୍ଚ 2023 ମଧ୍ୟରେ ଉପରୋକ୍ତ ଚାରୋଟି ଖଣିରେ 3.98 ନିୟୁତ ଏମ୍‌ଟି ସବ୍-ଗ୍ରେଡ୍ ଖଣିଜ ପଥର ଉତ୍ପାଦନ କରାଯାଇଥିଲା ଯାହାକୁ ଓଭରବର୍ଡନ ଭାବରେ ଗ୍ରହଣ କରାଯାଇନଥିଲା ବରଂ ଏହାକୁ ଉଚ୍ଚ ଗ୍ରେଡ୍ ଖଣିଜ ପଥର ସହିତ ମିଶ୍ରିତ[67] କରାଯାଇଥିଲା ଯେଉଁଥିପାଇଁ ଠିକାଦାରଙ୍କୁ ବିକ୍ରୟଯୋଗ୍ୟ ଖଣିଜ ପଥର ଉତ୍ପାଦନ ଭାବରେ ଦେୟ ପ୍ରଦାନ କରାଯାଇଥିଲା। ଫଳସ୍ୱରୂପ, ଠିକାଦାରମାନଙ୍କୁ ଅତିରିକ୍ତ 32.64 କୋଟି ଟଙ୍କା ପ୍ରଦାନ କରାଯାଇଥିଲା, ଯାହା ଠିକାଦାରଙ୍କୁ ଅନୁଚିତ ଅନୁକମ୍ପା ସଦୃଶ ଥିଲା।

ସରକାର କହିଲେ (ମଇ 2024) ଯେ, ଗନ୍ଧମାର୍ଦ୍ଦନ-ବି, ଗୁଆଲି ଏବଂ କୋଡିଙ୍ଗାମାଳିର ଖଣିଗୁଡିକରୁ କୌଣସି ସବ୍-ଗ୍ରେଡ୍ ଖଣିଜ ପଥର ଉତ୍ପାଦନ କରାଯାଇନାହିଁ। କୁର୍‌ମିତାର ଖଣିରୁ ଉତ୍ପନ୍ନ ସବ୍-ଗ୍ରେଡ୍ ଖଣିଜ ପଥର ଗୁଡିକ ପୃଥକ ଭାବେ ଖଣିରେ ରଖାଯାଇଥିଲା।

ଉତ୍ତରଟି ତଥ୍ୟ ଉପରେ ଆଧାରିତ ନଥିଲା, କାରଣ ସମୀକ୍ଷାରେ ଉପସ୍ଥାପିତ ରେକର୍ଡରୁ ଏହା ସ୍ପଷ୍ଟ ହୋଇଥିଲା ଯେ, ଉପରୋକ୍ତ ଖଣିଗୁଡିକରେ ସବ୍-ଗ୍ରେଡ୍ ଖଣିଜ ପଥର ଉତ୍ପାଦିତ ହୋଇଥିଲା ଏବଂ ଉଚ୍ଚ ଗ୍ରେଡ୍ ଖଣିଜ ପଥର ସହିତ ମିଶ୍ରିତ ଥିଲା। ଏହି ମିଶ୍ରିତ ପରିମାଣର ସବ୍-ଗ୍ରେଡ୍ ଖଣିଜ ପାଇଁ ଓଭରବର୍ଡନ ପ୍ରଯୁଜ୍ୟ ଖର୍ଚ୍ଚ ପରିବର୍ତ୍ତେ ଉଚ୍ଚ ଗ୍ରେଡ୍ ଖଣିଜ ପାଇଁ ପ୍ରଯୁଜ୍ୟ ହାର ପ୍ରଦାନ କରାଯାଇଥିଲା।

## 2.11.8 ଉତ୍ତୋଳନକାରୀ ଠିକାଦାରଙ୍କୁ ସୁଧ ପ୍ରଦାନରେ ପରିହାର୍ଯ୍ୟ କ୍ଷତି

ଓଏମ୍‌ସି କାଲିବ୍ରେଟେଡ୍ ଲମ୍ପ୍ ଓର୍ (ସିଏଲ୍‌ଓ) ଉତ୍ପାଦନ ପାଇଁ ନିମ୍ନ ଗ୍ରେଡ୍ ଲୁହାପଥରର ପ୍ରକ୍ରିୟାକରଣ କାର୍ଯ୍ୟ ବାବଦକୁ ଗନ୍ଧମାର୍ଦ୍ଦନ-ବି ଖଣିରେ ଏକବର୍ଷ[68] ପାଇଁ ଠିକା ପ୍ରଦାନ (ଫେବୃଆରୀ 2011) କରିଥିଲା। ଠିକାଦାର ମାର୍ଚ୍ଚ 2011ରେ କାର୍ଯ୍ୟ ଆରମ୍ଭ କରିଥିଲା, କିନ୍ତୁ ଆବଶ୍ୟକ ଚୁକ୍ତିନାମା ଜୁନ୍ 2011ରେ ସ୍ୱାକ୍ଷରିତ ହୋଇଥିଲା। ଠିକାଦାର 04 ମାର୍ଚ୍ଚ 2011ରୁ 31 ଜୁଲାଇ 2011 ମଧ୍ୟରେ 24,213 ଏମ୍‌ଟି ସିଏଲ୍‌ଓ ଉତ୍ପାଦନ କରିଥିଲା। ଚୁକ୍ତିନାମାର ସର୍ତ୍ତାବଳୀ ଅନୁଯାୟୀ ନିର୍ଦ୍ଧାରିତ କ୍ରସିଂ ଏବଂ ସ୍କ୍ରିନିଂ ସ୍ଥାନ ପରିବର୍ତ୍ତେ ଡମ୍ପିଂ ସାଇଟରେ କେବଳ ସ୍କ୍ରିନିଂ ପ୍ଲାଣ୍ଟ ସ୍ଥାପନ କରି 04 ମାର୍ଚ୍ଚ 2011ରୁ 26 ମଇ 2011 ପର୍ଯ୍ୟନ୍ତ 22,868.180 ଏମ୍‌ଟି ସିଏଲ୍‌ଓ ଉତ୍ପାଦନ

[66] ଲୁହାପଥର ପାଇଁ ଏଫ୍‌ଇ ଭାଗ 45ରୁ 55 ପ୍ରତିଶତ ଏବଂ ବକ୍ସାଇଟ୍ ପଥର ପାଇଁ 30ରୁ 40 ପ୍ରତିଶତ ମଧ୍ୟରେ $Al_2O_3$ ଭାଗଥିବା ଖଣିଜ ପଦାର୍ଥ ସବ୍-ଗ୍ରେଡ୍ ଖଣିଜ ପଦାର୍ଥ ଭାବରେ ବିବେଚନା କରାଯାଏ

[67] ଆବଶ୍ୟକ ଗ୍ରେଡ୍ ଖଣିଜ ପାଇବା ପାଇଁ ନିମ୍ନ ଗ୍ରେଡ୍ ଖଣିଜ ସହିତ ଉଚ୍ଚ ଗ୍ରେଡ୍ ଖଣିଜ ମିଶ୍ରଣ କରିବା

[68] ମେସର୍ସ ଦିଲ୍ଲୀପ କୁମାର ନାୟକଙ୍କୁ 3.13 କୋଟି ଟଙ୍କା କାର୍ଯ୍ୟ ମୂଲ୍ୟରେ ଆବଣ୍ଟିତ କରାଯାଇଥିଲା

କଲା। ଅବଶିଷ୍ଟ 1,344.820 ଏମ୍‌ଟି ସିଏଲ୍‌ଓ 27 ମଇ 2011ରୁ 31 ଜୁଲାଇ 2011 ମଧ୍ୟରେ ନିର୍ଦ୍ଦିଷ୍ଟ କ୍ରସିଂ ଏବଂ ସ୍କ୍ରିନିଂ ସ୍ଥାନରେ ଉତ୍ପାଦନ କରିଥିଲା। ଓଏମ୍‌ସି କେବଳ ଏହି 1,344.820 ଏମ୍‌ଟି ଷ୍ଟକ୍ ପାଇଁ ଉତ୍ପାଦନ ଖର୍ଚ୍ଚ (24 ଜାନୁଆରୀ 2012) ଦେବାକୁ ରାଜି ହେଲା ଏବଂ ବାକି 22,868.180 ଏମ୍‌ଟି ପାଇଁ କୌଣସି ଦେୟ ଦେଇନଥିଲା, କାରଣ ଏହା ନିର୍ଦ୍ଦିଷ୍ଟ କ୍ରସିଂ ଏବଂ ସ୍କ୍ରିନିଂ ସ୍ଥାନରେ ଉତ୍ପାଦନ ହୋଇନଥିଲା, ତଥାପି, ଠିକାଦାରଙ୍କ ଦ୍ୱାରା ସଂଗୃହୀତ 24,313 ଏମ୍‌ଟିର ସମ୍ପୂର୍ଣ୍ଣ ଉତ୍ପାଦନକୁ ଓଏମ୍‌ସି ନିଜ କବଜାକୁ ନେଇଗଲା ଏବଂ ବିକ୍ରୟ ମାଧ୍ୟମରେ ନିଷ୍ପାଦିତ କଲା। ଉପରୋକ୍ତ 22,868.180 ଏମ୍‌ଟି ସିଏଲ୍‌ଓ ଉତ୍ପାଦନର ଦେୟ ନଦେବାରୁ ଉକ୍ତ ଠିକା ସଂସ୍ଥା ଓଡିଶାର ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ଦାୟର କରିଥିଲା। ମାମଲାଟି ଆର୍ବିଟ୍ରେଟର/ମଧ୍ୟସ୍ଥିଙ୍କ ନିକଟକୁ ପଠାଗଲା। ଶେଷରେ ଆର୍ବିଟ୍ରେଟର (ଜୁଲାଇ 2016) ଠିକାଦାରଙ୍କ ଦାବିକୁ 15 ପ୍ରତିଶତ ସୁଧ ସହିତ ଅନୁମତି ଦେଇଥିଲେ।

ଉତ୍ପାଦିତ ସମସ୍ତ ପରିମାଣର ସିଏଲ୍‌ଓଗୁଡିକୁ ଓଏମ୍‌ସି ନିଜ ଅଧିକାରକୁ ନେବା ସତ୍ତ୍ୱେ ଅଯୌତିକ ନିଷ୍ପତ୍ତି ହେତୁ, କମ୍ପାନୀକୁ ସୁଧ ବାବଦରେ 1.17 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ବହନ କରିବାକୁ ପଡିଲା ଯାହା ଏଡାଯାଇ ପାରିଥାନ୍ତା।

ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ସରକାର କହିଲେ (ମଇ 2024) ଯେ, ସମସ୍ତ ଆଇନଗତ ପ୍ରକ୍ରିୟା ହେତୁ ଦେୟ ବିଳମ୍ବ ହୋଇଥିଲା। ତଥାପି, ଚୁକ୍ତିନାମା ଗ୍ରହଣ କରିବା ପରେ ଠିକାଦାରକୁ ଦେୟ ବନ୍ଦ କରିବା ପ୍ରଥମତଃ ଅଯୌକ୍ତିକ ଥିଲା।

### 2.11.9 ଖଣିଜ ପଦାର୍ଥ ଷ୍ଟାକିଂ ଚୁକ୍ତିନାମା ପ୍ରଦାନରେ ଡୁପ୍ଲିକେସନ୍ ଯୋଗୁ କ୍ଷତି

2021 ମସିହାରେ ଓଡିଶା ଖଣିଜ ପଦାର୍ଥ (ଚୋରୀ, ଚୋରାଚାଲାଣ ଏବଂ ଅବୈଧ ଖଣି ନିବାରଣ ଏବଂ ଅଧିକାର, ସଂରକ୍ଷଣ, ବାଣିଜ୍ୟ ଏବଂ ପରିବହନ ନିୟନ୍ତ୍ରଣ) ସଂଶୋଧନ ନିୟମ ପ୍ରଣୟନ କରାଯାଇଥିଲା, ଯେଉଁଥିରେ ଖଣି ଉତ୍ପାଦଗୁଡିକର ଷ୍ଟାକିଂ ଏବଂ ନମୁନାକରଣ ସମ୍ପର୍କରେ ବିସ୍ତୃତ ବ୍ୟବସ୍ଥା କରାଯାଇଛି। ଦୁଇଟି ଖଣିର[69] ଉତ୍ତୋଳନ ଚୁକ୍ତିନାମାରେ ଉତ୍ତୋଳନକାରୀ ଠିକାଦାରଙ୍କ ଦ୍ୱାରା ଖଣିଜ ପଦାର୍ଥର ଗଦା ଏବଂ ସଂରକ୍ଷଣ ପାଇଁ ବ୍ୟବସ୍ଥା ଥିଲା। ତଥାପି ଏହା ଲକ୍ଷ୍ୟ କରାଯାଇଥିଲା ଯେ, ଏହା ସତ୍ତ୍ୱେ, ଓଏମ୍‌ସି ଏହି ଦୁଇଟି ଖଣି ପାଇଁ ଠିକାଦାରମାନଙ୍କୁ ଖଣିଜ ପଦାର୍ଥ ଗଦା କରିବା ପାଇଁ ପୃଥକ ଚୁକ୍ତିନାମା[70] ପ୍ରଦାନ କରିଥିଲା। ଠିକାଦାରଙ୍କ ଦ୍ୱାରା ଷ୍ଟାକିଂ କାର୍ଯ୍ୟ ସମାପ୍ତ କରିବା ପରିବର୍ତ୍ତେ, 4.46 ଲକ୍ଷ ଏମ୍‌ଟି ଖଣିଜ ପଦାର୍ଥର ଷ୍ଟାକିଂ ପାଇଁ ପୃଥକ ଚୁକ୍ତିନାମା ପ୍ରଦାନ କରାଯିବା ଫଳରେ ଉଭୟ ଖଣି କ୍ଷେତ୍ରରେ ଓଏମ୍‌ସି ଦ୍ୱାରା 1.07 କୋଟି ଟଙ୍କା (30 ଜୁନ୍ 2023 ସୁଦ୍ଧା) ଦିଆଯାଇଥିଲା ଯାହାକି ଏଡାଯାଇ ପାରିଥାନ୍ତା। ଏହା ସହିତ, ଚୁକ୍ତିନାମାର ଅବଶିଷ୍ଟ ଅବଧି[71] ପାଇଁ କମ୍ପାନୀକୁ 8.51 କୋଟି ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡିବ।

ସରକାର କହିଲେ (ମଇ 2024) ଯେ, କାର୍ଯ୍ୟାଦେଶ ଚୁକ୍ତି ମୁତାବକ ଖଣିଜ ଉତ୍ତୋଳନକାରୀଙ୍କୁ ମାଇନ୍ ହେଡ୍ ଠାରୁ ଖଣିଜ ପଦାର୍ଥକୁ ଷ୍ଟକ୍‌ୟାର୍ଡ ପର୍ଯ୍ୟନ୍ତ ନେବା ପାଇଁ ଉଲ୍ଲେଖ ରହିଥିଲା। ପୁନଶ୍ଚ, ଓଏମ୍‌ପିଟିଏସ୍ ନିୟମ, 2021 ଅନୁସାରେ ଓଏମ୍‌ସି ଖଣିଜ ପଦାର୍ଥକୁ ଗଦାକରି ମହଜୁଦ କରିବା ସକାଶେ କାର୍ଯ୍ୟାଦେଶ ଏକ ସଂସ୍ଥାକୁ ପ୍ରଦାନ କରିଛି।

ଉତ୍ତର ଗ୍ରହଣୀୟ ନୁହେଁ, କାରଣ ଉଆଁବାଲି ଏବଂ ଟିରିଙ୍ଗପାହାଡ ଲୁହାପଥର ଖଣି ପାଇଁ ଯଥାକ୍ରମେ ଚୁକ୍ତିନାମାର ଧାରା 14 ଏବଂ 3.3 ଅନୁଯାୟୀ ଖଣି ପରିଚାଳକଙ୍କ ନିର୍ଦ୍ଦେଶ ଅନୁସାରେ ଉତ୍ତୋଳନକାରୀ ଠିକାଦାରମାନେ ପ୍ରସ୍ତୁତ ଉତ୍ପାଦନଗୁଡିକର ଗଚ୍ଛିତ ରଖିବା ପାଇଁ ଚୁକ୍ତି କରିଥିଲେ।

---

69 ଉଆଁବାଲି ଖଣି ଚୁକ୍ତି 11 ଜୁଲାଇ 2022ରେ ଏବଂ ଟିରିଙ୍ଗପାହାର ଖଣି ଚୁକ୍ତି 20 ଅଗଷ୍ଟ 2020ରେ ସ୍ୱାକ୍ଷର ହୋଇଥିଲା

70 ଉଆଁବାଲି ଆଇଓଏମ୍ ଡିସେମ୍ବର 2022ରେ ଏବଂ ଟିରିଙ୍ଗପାହାଡ ଆଇଓଏମ୍ ଜାନୁଆରୀ 2023ରେ

71 ଉଆଁବାଲି ଖଣି ପାଇଁ ଉଠାଣ ଚୁକ୍ତିନାମାର ଅବଧି 27.12.2022ରୁ 30.06.2023 ଏବଂ ଅବଶିଷ୍ଟ ଅବଧି 01.07.2023ରୁ 27.12.2023 ଥିଲା। ଟିରିଂପାହାଡ ଖଣି ପାଇଁ ଏହା 27.12.2022ରୁ 30.06.2023 ଏବଂ ଅବଶିଷ୍ଟ ଅବଧି 01.07.2023ରୁ 27.12.2023 ପର୍ଯ୍ୟନ୍ତ ଥିଲା।

**ସୁପାରିଶ:**

6. **ଓଏମ୍‌ସି ଦ୍ୱାରା ଚୁକ୍ତିନାମାର ସର୍ତ୍ତାବଳୀଗୁଡିକୁ ସମ୍ପୂର୍ଣ୍ଣ ସମୀକ୍ଷା କରି ସେମାନଙ୍କର ପରିସର, ସର୍ତ୍ତାବଳୀ, ସମ୍ଭାବ୍ୟ ପ୍ରଭାବକୁ ବୁଝିବା ଏବଂ ଯେପରି ଏହା କମ୍ପାନୀର ଆର୍ଥିକ ସ୍ୱାର୍ଥ ପ୍ରତି କୌଣସି କ୍ଷତି ନପହଞ୍ଚାଏ ସେଥିପ୍ରତି ଯତ୍ନବାନ ହୁଅନ୍ତୁ।**

## 2.12 ବିକ୍ରୟ କାର୍ଯ୍ୟଦକ୍ଷତା

ଓଏମ୍‌ସିର ନିଜସ୍ୱ କୌଣସି ବିକ୍ରୟ ନୀତି ନାହିଁ। କିନ୍ତୁ ଏହି ସମ୍ବନ୍ଧରେ ଓଡିଶା ସରକାରଙ୍କ ନୀତି/ନିର୍ଦ୍ଦେଶାବଳୀ ଅନୁସରଣ କରିଥାଏ। ଓଏମ୍‌ସି ବିଭିନ୍ନ ଖଣିରେ ଉପଲବ୍ଧ ଖଣିଜ ପଦାର୍ଥକୁ ତିନୋଟି ଭିନ୍ନ ଭିନ୍ନ ଢ଼ଙ୍ଗରେ ଅର୍ଥାତ, ଇ-ନିଲାମ, ଦୀର୍ଘକାଳୀନ ଲିଙ୍କେଜ୍[72] (ଏଲ୍‌ଟିଏଲ୍) ଏବଂ ପ୍ରମିୟମ କ୍ରେତାମାନଙ୍କୁ ବିକ୍ରି କରୁଛି। ମେଟାଲ୍ ସ୍କ୍ରାପ୍ ଟ୍ରେଡ୍ କର୍ପୋରେସନ୍ ଲିମିଟେଡ୍ (ଏମ୍‌ଏସ୍‌ଟିସି), ଭାରତ ସରକାରଙ୍କ ଏକ ଉଦ୍ୟୋଗ ମାଧ୍ୟମରେ ଇ-ନିଲାମୀ କରାଯାଇଥାଏ, ଯେଉଁଥିପାଇଁ ଓଏମ୍‌ସି ଧାତୁମାନଙ୍କର ଗ୍ରେଡ୍-ୱାରୀ ମୂଳ ମୂଲ୍ୟ ଓଏମ୍‌ସିର ବିକ୍ରୟ ସମିତି ଦ୍ୱାରା ସ୍ଥିର କରାଯାଇଥାଏ।

ଓଏମ୍‌ସି ବୋର୍ଡର ବିକ୍ରୟ ସମିତି ଦ୍ୱାରା ପୂର୍ବ ମୂଲ୍ୟ ପଦ୍ଧତି ବ୍ୟବହାର କରି ଖଣିଜ ପଦାର୍ଥର ଗ୍ରେଡ୍-ୱାରୀ ମୂଳ ମୂଲ୍ୟ ସ୍ଥିର କରିବାର ଏକ ବ୍ୟବସ୍ଥା ଅଛି, ଅର୍ଥାତ, ଶେଷ ଉତ୍ପାଦର ପ୍ରଚଳିତ ମୂଲ୍ୟରୁ ଆବଶ୍ୟକ ଇନପୁଟ୍ ମୂଲ୍ୟକୁ ହ୍ରାସ କରି ସମୟ ସମୟରେ ବୋର୍ଡ ଦ୍ୱାରା ଅନୁମୋଦିତ ସୂତ୍ର ପ୍ରୟୋଗ କରି ଏହି ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ। ଏମ୍‌ଏସ୍‌ଟିସି ମାଧ୍ୟମରେ ଇ-ନିଲାମରେ ପ୍ରାପ୍ତ ସର୍ବୋଚ୍ଚ ମୂଲ୍ୟ ଆଧାରରେ କ୍ରେତାମାନଙ୍କୁ ଆବଣ୍ଟନ ଅର୍ଡର ଜାରି କରାଯାଇଥାଏ।

ଦୀର୍ଘକାଳୀନ ଲିଙ୍କେଜ କ୍ରେତା ଏବଂ ସେମାନଙ୍କର ବାର୍ଷିକ ଆବଣ୍ଟିତ କୋଟା ସରକାରଙ୍କ ଦ୍ୱାରା ସମୟ ସମୟରେ ସ୍ଥିର କରାଯାଏ। ଦୀର୍ଘକାଳୀନ କ୍ରେତାଙ୍କ ପାଇଁ ମୂଲ୍ୟ ଏମ୍‌ଏସ୍‌ଟିସି ମାଧ୍ୟମରେ ଇ-ନିଲାମ ହୋଇଥିବା ସମ୍ପୃକ୍ତ ବର୍ଗୀକୃତ ଖଣିଜର ହାରାହାରି ମୂଲ୍ୟ ଉପରେ ସ୍ଥିର କରାଯାଇଥାଏ।

ବିକ୍ରୟ ସମିତି ଦ୍ୱାରା ନିଷ୍ପତ୍ତି ନିଆଯାଇଥିବା ସର୍ବୋଚ୍ଚ ଇ-ନିଲାମ ମୂଲ୍ୟ ଅପେକ୍ଷା ପାଞ୍ଚ ପ୍ରତିଶତ ପ୍ରିମିୟମ ହାରରେ ପ୍ରିମିୟମ କ୍ରେତାମାନଙ୍କୁ ଅତିରିକ୍ତ ଉପଲବ୍ଧ ଖଣିଜ ଯୋଗାଇ ଦିଆଯାଏ।

ବର୍ତ୍ତମାନର ବିକ୍ରୟ ବ୍ୟବସ୍ଥାରେ ଦେଖାଯାଇଥିବା ତ୍ରୁଟିଗୁଡିକ ନିମ୍ନରେ ଉଲ୍ଲେଖ କରାଯାଇଛି।

### 1.12.1 ବିକ୍ରୟ ଲକ୍ଷ୍ୟ ଏବଂ ପ୍ରାପ୍ତିର ବିଶ୍ଳେଷଣ

ଓଏମ୍‌ସି ଅଧିନରେ ଥିବା ଆଞ୍ଚଳିକ କାର୍ଯ୍ୟାଳୟଗୁଡିକରୁ ସଂଗୃହୀତ ସୂଚନା ପ୍ରସ୍ତାବ ଉପରେ ଆଧାର କରି ଏକ ନିର୍ଦ୍ଦିଷ୍ଟ ବର୍ଷର ବାର୍ଷିକ ବିକ୍ରୟ ଲକ୍ଷ୍ୟ (ବିଇ) ବର୍ଷର ଆରମ୍ଭରେ ସ୍ଥିର କରାଯାଏ। ଯଦି କୌଣସି ସଂଶୋଧନ ଥାଏ, ତେବେ ତାହା ସମାନ ପ୍ରକ୍ରିୟା ଆଧାରରେ ମାର୍ଚ୍ଚ ମାସ (ଆର୍‌ଇ)ରେ ଆଞ୍ଚଳିକ କାର୍ଯ୍ୟାଳୟଗୁଡିକରୁ ସୂଚନା/ପ୍ରସ୍ତାବ ସଂଗୃହୀତ କରାଯାଇଥାଏ। 31 ମାର୍ଚ୍ଚ 2023ରେ ଶେଷ ହୋଇଥିବା ପାଞ୍ଚବର୍ଷର ଅବଧି ପାଇଁ ବିକ୍ରୟ ଲକ୍ଷ୍ୟ **ପରିଶିଷ୍ଟ-24**ରେ ଉଲ୍ଲେଖ କରାଯାଇଛି।

2018-23 ଅବଧି ପାଇଁ ବିଇ ଏବଂ ଆର୍‌ଇର ବିକ୍ରୟ ଲକ୍ଷ୍ୟ ଖଣିଜ ତୁଳନାରେ ପ୍ରକୃତ ବିକ୍ରୟର ସାରାଂଶ ନିମ୍ନଲିଖିତ ସାରଣୀରେ ଦିଆଯାଇଛି:

[72] ଦୀର୍ଘକାଳୀନ ଲିଙ୍କେଜ୍ ହେଉଛି ଓଡିଶା ସରକାରଙ୍କ ଦ୍ୱାରା ଇସ୍ପାତ/ଧାତୁ କମ୍ପାନୀଗୁଡିକୁ ପାଞ୍ଚ ବର୍ଷର ଅବଧି ମଧ୍ୟରେ କଞ୍ଚାମାଲର ନିରନ୍ତର ଯୋଗାଣ ପାଇଁ ପ୍ରବର୍ତ୍ତିତ ନୀତି ଏବଂ ଏହି ଅବଧିକୁ ଆହୁରି ବୃଦ୍ଧି କରାଯାଇପାରିବ

**ସାରଣୀ 2.14: 2018-23 ଅବଧି ପାଇଁ ଖଣିଜ-ଓ୍ୱାରୀ ବିଇ ଏବଂ ଆରଇ ତୁଳନାରେ ବିକ୍ରୟ**

*(ନିୟୁତ ଏମ୍‌ଟିରେ)*

| କ୍ରମିକ ସଂଖ୍ୟା | ସବିଶେଷ | ଲୁହାପଥର | କ୍ରୋମ୍ | ବକ୍ସାଇଟ୍ |
|---|---|---|---|---|
| 1 | ବଜେଟ୍ ଆକଳନ | 104.08 | 7.66 | 15.70 |
| 2 | ସଂଶୋଧିତ ଆକଳନ | 83.44 | 5.27 | 15.20 |
| 3 | ପ୍ରକୃତ ବିକ୍ରୟ | 82.95 | 4.92 | 14.56 |
| 4 | ବିକ୍ରୟର ପ୍ରତିଶତ (ବଜେଟ୍ ଆକଳନ) | 79.70 | 64.23 | 92.74 |
| 5 | ବିକ୍ରୟର ପ୍ରତିଶତ (ସଂଶୋଧିତ ଆକଳନ) | 99.41 | 93.36 | 95.79 |

*(ଉତ୍ସ: ଓଏମ୍‌ସି ଦ୍ୱାରା ପ୍ରଦତ୍ତ ସୂଚନା)*

ସାରଣୀରୁ ଏହା ଦେଖାଯାଇ ପାରେ ଯେ:

- 2018-23 ବର୍ଷରେ ଲୁହାପଥରର ପ୍ରକୃତ ବିକ୍ରୟ 82.95 ନିୟୁତ ଏମ୍‌ଟି ଥିଲା, ଯାହା ବଜେଟ୍ ଆକଳନରେ ଧାର୍ଯ୍ୟ କରାଯାଇଥିବା 104.08 ନିୟୁତ ଏମ୍‌ଟି ବିକ୍ରୟ ଲକ୍ଷ୍ୟ ତୁଳନାରେ କମ୍ ଥିଲା। ଏହି ସମୟ ମଧ୍ୟରେ ବିକ୍ରୟ ସଫଳତା, ଆକଳନର 79.70 ପ୍ରତିଶତ ଥିଲା। ତଥାପି ପ୍ରତିବର୍ଷ ମାର୍ଚ୍ଚ ମାସରେ ବିକ୍ରୟ ଲକ୍ଷ୍ୟକୁ (ସଂଶୋଧିତ ଆକଳନ) 83.44 ନିୟୁତ ଏମ୍‌ଟିକୁ ସଂଶୋଧିତ କରାଯାଇଥିଲା। ସଂଶୋଧିତ ଆକଳନରେ ବିକ୍ରୟ ଲକ୍ଷ୍ୟ ହ୍ରାସ ଯୋଗୁ, ଲୁହାପଥର ବିକ୍ରୟ ହାସଲ 99.41 ପ୍ରତିଶତ ହୋଇଛି।

- ସେହିପରି, କ୍ରୋମ ପଥର ସମ୍ପର୍କରେ, ଏହା ଦେଖାଯାଇଥିଲା ଯେ, 2018-23 ବର୍ଷରେ କ୍ରୋମ ପଥରର ପ୍ରକୃତ ବିକ୍ରୟ, ବଜେଟ୍ ଆକଳନରେ ଧାର୍ଯ୍ୟ କରାଯାଇଥିବା 7.66 ନିୟୁତ ଏମ୍‌ଟି ବିକ୍ରୟ ଲକ୍ଷ୍ୟ ତୁଳନାରେ 4.92 ନିୟୁତ ଏମ୍‌ଟି ଥିଲା। ଏହି ବିକ୍ରୟ ସଫଳତା 64.23 ପ୍ରତିଶତ ଥିଲା। ତଥାପି, ପ୍ରତିବର୍ଷ ମାର୍ଚ୍ଚ ମାସରେ ବିକ୍ରୟ ଲକ୍ଷ୍ୟକୁ (ସଂଶୋଧିତ ଆକଳନ) 5.27 ନିୟୁତ ଏମ୍‌ଟିକୁ ସଂଶୋଧିତ କରାଯାଇଥିଲା। ସଂଶୋଧିତ ବିକ୍ରୟ ଲକ୍ଷ୍ୟ ଆକଳନରେ ହ୍ରାସ ଯୋଗୁ କ୍ରୋମ ପଥର ବିକ୍ରୟ ହାସଲ 93.36 ପ୍ରତିଶତ ହୋଇଛି।

- ଅଧିକନ୍ତୁ, ବକ୍ସାଇଟ୍ ଖଣିଜ ସମ୍ପର୍କରେ ଏହା ଦେଖାଗଲା ଯେ, 2018-23 ବର୍ଷ ମଧ୍ୟରେ ବକ୍ସାଇଟ୍ ଖଣିଜର ପ୍ରକୃତ ବିକ୍ରୟ ବଜେଟ୍ ଆକଳନ ଧାର୍ଯ୍ୟ 15.70 ନିୟୁତ ଏମ୍‌ଟି ବିକ୍ରୟ ଲକ୍ଷ୍ୟ ତୁଳନାରେ 14.56 ନିୟୁତ ଏମ୍‌ଟି ଥିଲା। ଏହି ବିକ୍ରୟ ସଫଳତା 92.74 ପ୍ରତିଶତ ଥିଲା। ପରନ୍ତୁ, ସଂଶୋଧିତ ଆକଳନ ଅନୁଯାୟୀ ବିକ୍ରୟ ଲକ୍ଷ୍ୟ 95.79 ପ୍ରତିଶତ ଥିଲା।

ଉପରୋକ୍ତ ବିଶ୍ଳେଷଣରୁ ଏହା ଦେଖାଯାଇ ପାରେ ଯେ, ପ୍ରତ୍ୟେକ ବର୍ଷର ଶେଷ ମାସରେ ସଂଶୋଧିତ ଆକଳନ (ବିକ୍ରୟ)ର ଲକ୍ଷ୍ୟଗୁଡିକୁ ନିମ୍ନଗାମୀ କିମ୍ବା ପ୍ରକୃତ ବିକ୍ରୟର ନିକଟତର କରାଯାଇ ସଂଶୋଧନ କରାଯାଇଥିଲା। ଯାହାଦ୍ୱାରା ଅଧିକ ବିକ୍ରୟ ସଫଳତା ଦେଖାଯାଇଥିଲା, ଯାହା ବିକ୍ରୟ ଯୋଜନାର ଉଦ୍ଦେଶ୍ୟ ଏବଂ ଆର୍ଥିକ ବର୍ଷର ଆରମ୍ଭରେ କରାଯାଇଥିବା ବଜେଟ୍ ଅନୁଶୀଳନୀର କୌଣସି ଫଳପ୍ରଦ ହୋଇନଥିଲା।

ବିକ୍ରୟ ହ୍ରାସର ମୁଖ୍ୟ କାରଣ ହେଉଛି ବୈଧାନିକ ମଞ୍ଜୁରୀ ପାଇବାରେ ବିଳମ୍ବ, ଉତ୍ପାଦିତ ଖଣିଜ ପଦାର୍ଥ ଖାଲି କରିବା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ଏବଂ ଷ୍ଟକୟାର୍ଡରେ ସ୍ଥାନର ଅଭାବ, ଯାହା ବିକ୍ରୟ ହ୍ରାସର କାରଣ ହୋଇଥିଲା।

### 2.12.2 ଜାତୀୟ ପରିବେଶ ବୈଷୟିକ ଗବେଷଣା ପ୍ରତିଷ୍ଠାନ (ଏନ୍‌ଇଇଆର୍‌ଆଇ)ର ସୁପାରିଶକୁ ଅନୁପାଳନ ନକରିବା

ପରିବେଶ ବିଜ୍ଞାନ ଏବଂ ଇଞ୍ଜିନିୟରିଂ କ୍ଷେତ୍ରରେ ଅନୁସନ୍ଧାନ ଏବଂ ଅଭିନବତା ଆଣିବାକୁ ଏବଂ ଶିଳ୍ପ ଓ ସରକାର ଇତ୍ୟାଦି ମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଭାରତ ସରକାରଙ୍କ ଦ୍ୱାରା ଏନ୍‌ଇଇଆର୍‌ଆଇ ପ୍ରତିଷ୍ଠା (1958) କରାଯାଇଥିଲା। ନଭେମ୍ବର 2010ରେ, ଏମ୍‌ଓଇଏଫ୍‌ଆଣ୍ଡ୍‌ସିସ, ଓଡିଶା ରାଜ୍ୟର ପ୍ରାୟ 1,000 ବର୍ଗ କିଲୋମିଟର ଖଣି କ୍ଷେତ୍ରକୁ ପ୍ରଭାବିତ କରି ଏକ ସ୍ଥାୟୀ ଖଣି ବିକାଶ ଯୋଜନା ଏବଂ ଏକ ପରିବେଶଗତ ପରିଚାଳନା ଯୋଜନା ବିକଶିତ କରିବା ପାଇଁ ଏକ ବହନ କ୍ଷମତା ଅଧ୍ୟୟନ କରିବା ପାଇଁ ଏନ୍‌ଇଇଆର୍‌ଆଇକୁ ନିଯୁକ୍ତି କରିଥିଲା। ତଦନୁଯାୟୀ, ଏନ୍‌ଇଇଆର୍‌ଆଇ ଫେବ୍ରୁଆରୀ 2018ରେ ଏହାର ସୁପାରିଶ ଦାଖଲ କରିଥିଲା।

ସ୍ଥାୟୀ ଖଣି ଖନନ ଦିଗରେ ଏକ ପଦକ୍ଷେପ ସ୍ୱରୂପ, ଏନ୍‌ଇଇଆର୍‌ଆଇ ମାର୍ଚ୍ଚ 2023 ସୁଦ୍ଧା ଖଣିରୁ ଖଣିଜ ପଦାର୍ଥ ସଡକ ପରିବହନ ପରିବର୍ତ୍ତେ ରେଳପଥ ଦ୍ୱାରା ପଠାଇବା ପାଇଁ ଏକ ସମୟସୀମା ଧାର୍ଯ୍ୟ କରିଥିଲା। ସୁପାରିଶ ଅନୁଯାୟୀ 05 ଏମ୍‌ଟିପିଏରୁ ଅଧିକ ପରିବେଶ ମଞ୍ଜୁରୀ କ୍ଷମତା ଥିବା ଖଣି ମାନଙ୍କରେ 100 ପ୍ରତିଶତ ଏବଂ ଅନ୍ୟ ଖଣି କ୍ଷେତ୍ରରେ 70 ପ୍ରତିଶତ ଖଣିଜ ପ୍ରେରଣ ଉକ୍ତ ତାରିଖ ସୁଦ୍ଧା ରେଳପଥ ମାଧ୍ୟମରେ ହାସଲ କରାଯିବାର ଥିଲା। ଏହା କେବଳ ପରିବେଶ ଦୃଷ୍ଟିରୁ ନୁହେଁ ବରଂ ଖଣିଜ ପଦାର୍ଥ ନିଷ୍କାସନ ସମସ୍ୟାକୁ ଦୂରୀଭୂତ କରିପାରିଥାନ୍ତା। କାରଣ ରେଳପଥ ମାଧ୍ୟମରେ ଅଧିକ ପରିମାଣର ଖଣିଜ ପରିବହନ କରାଯାଇପାରିବ। ତଥାପି, ଓଏମ୍‌ସି ଏହାର କୌଣସି ଖଣି କ୍ଷେତ୍ରରେ ଏନ୍‌ଇଇଆର୍‌ଆଇର ଉପରୋକ୍ତ ସୁପାରିଶକୁ ଏପର୍ଯ୍ୟନ୍ତ (ମଇ 2024) ପାଳନ କରିନାହିଁ। ଏହି ବ୍ୟବସ୍ଥା ଦ୍ୱାରା ଓଏମ୍‌ସିର ବିକ୍ରୟ ମଧ ବୃଦ୍ଧି ପାଇଥାନ୍ତା କାରଣ ରେଳ ମାଧ୍ୟମରେ ନିଷ୍କାସନ କରିବା ଦ୍ୱାରା ସଡକ ପରିବହନ ମାଧ୍ୟମରେ ସମ୍ଭାବ୍ୟ ପରିମାଣ ଅପେକ୍ଷା ଅଧିକ ପରିମାଣର ଖଣିଜ ପଦାର୍ଥ ବିକ୍ରୟ ହୋଇପାରିଥାନ୍ତା।

ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ସରକାର କହିଥିଲେ (ମଇ 2024) ଯେ, ଓଏମ୍‌ସି ଏନ୍‌ଇଇଆର୍‌ଆଇର ନିର୍ଦ୍ଦେଶାବଳୀ ଅନୁସାରେ ଭିତ୍ତିଭୂମି ସୃଷ୍ଟି କରିବାର ପ୍ରକ୍ରିୟାରେ ଅଛି।

### 2.12.3 ସବ୍-ଗ୍ରେଡ୍ କ୍ରୋମ ପଥର ବିକ୍ରୟ ପାଇଁ ସର୍ବନିମ୍ନ ମୂଲ୍ୟର ଭୁଲ ନିର୍ଦ୍ଧାରଣ ଯୋଗୁ ରାଜସ୍ୱ ପ୍ରାପ୍ତିରେ କ୍ଷତି

ସିଓବିପି ବନ୍ଦ ରହିବାରୁ ଜାନୁଆରୀ 2021ରୁ ମାର୍ଚ୍ଚ 2023 ମଧ୍ୟରେ ଓଏମ୍‌ସି ତାହାର ଶୁକ୍ରାଙ୍ଗୀ ଏବଂ ସାଉଥ କାଳିଆପାଣି କ୍ରୋମାଇଟ୍ ଖଣି ଅଞ୍ଚଳର ସବ୍-ଗ୍ରେଡ୍ କ୍ରୋମ୍‌ପଥରଗୁଡିକ ପ୍ରକ୍ରିୟାକରଣ ନକରି ଇ-ନିଲାମ ମାଧ୍ୟମରେ ବିକ୍ରି କରିଆସୁଥିଲା।

ପ୍ରତ୍ୟେକ ଇ-ନିଲାମ ପୂର୍ବରୁ ଫେରୋକ୍ରମ୍‌ର ପୁନରୁଦ୍ଧାର ହାର ଏବଂ ବିଦ୍ୟମାନ ବଜାର ମୂଲ୍ୟକୁ ନେଇ ଏକ ଅନୁମୋଦିତ ସୂତ୍ର ଆଧାରରେ ଓଏମ୍‌ସି ତାହାର ସବ୍-ଗ୍ରେଡ୍ କ୍ରୋମ ପଥରର ମୂଳ ମୂଲ୍ୟ ନିର୍ଦ୍ଧାରିତ କରିଥାଏ। ସବ୍-ଗ୍ରେଡ୍ କ୍ରୋମ୍ ଖଣିଜରୁ କ୍ରୋମ୍ କନ୍‌ସେଣ୍ଟ୍ରେଟ୍‌ର ପୁନରୁଦ୍ଧାର ହାର ଉପରେ ବିଡରମାନଙ୍କ ଅଫର ମୂଲ୍ୟ ନିର୍ଭର କରିଥାଏ। 2014-17 ମଧ୍ୟରେ ସିଓବିପିରେ ସବ୍-ଗ୍ରେଡ୍ କ୍ରୋମ୍ ଖଣିଜର ପ୍ରକ୍ରିୟାକରଣରୁ ପ୍ରାପ୍ତ କରାଯାଇଥିବା କ୍ରୋମ୍ କନସେଣ୍ଟ୍ରେଟ୍‌ର ପୁନରୁଦ୍ଧାର ହାର 42.30 ପ୍ରତିଶତ ଥିଲା। କିନ୍ତୁ, ପ୍ରତ୍ୟେକ ଇ-ନିଲାମ ପାଇଁ ନିର୍ଦ୍ଧାରିତ କରାଯାଇଥିବା ମୂଳ ମୂଲ୍ୟର ନିର୍ଦ୍ଧାରଣ ପ୍ରକ୍ରିୟାରେ ଦେଖାଯାଇଥିଲା ଯେ, କ୍ରୋମ୍ କନ୍‌ସେଣ୍ଟ୍ରେଟ୍‌ର ପୁନରୁଦ୍ଧାର ହାର 42.30 ପ୍ରତିଶତ ପରିବର୍ତ୍ତେ 38.76 ପ୍ରତିଶତ ଭାବରେ ସ୍ଥିର କରାଯାଇଥିଲା, ଫଳସ୍ୱରୂପ, ପ୍ରତ୍ୟେକ ଇ-ନିଲାମ ପାଇଁ ମୂଳ ମୂଲ୍ୟ କମ୍ ନିର୍ଦ୍ଧାରଣ କରାଯାଇଥିଲା।

ଏହି ଦୁଇଟି ଖଣି କ୍ଷେତ୍ରରେ ପ୍ରକ୍ରିୟାକରଣ ହୋଇନଥିବା ସବ୍-ଗ୍ରେଡ୍ କ୍ରୋମ୍ ପଥରର ମୂଳ ମୂଲ୍ୟ କମ୍ ନିର୍ଦ୍ଧାରଣ କରିଥିବାରୁ, 2020-23 ଅବଧି ମଧ୍ୟରେ ଓଏମ୍‌ସି 3.01 ଲକ୍ଷ ଏମ୍‌ଟି ସବ୍-ଗ୍ରେଡ୍ କ୍ରୋମ୍ ପଥର ବିକ୍ରିରେ

13.27 କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ହାସଲ କରିପାରିଲା ନାହିଁ। ଏହି ସମୟ ମଧ୍ୟରେ ପ୍ରିମିୟମ କ୍ରେତାଙ୍କୁ[73] 0.82 ଲକ୍ଷ ଟନ୍ ସବ୍-ଗ୍ରେଡ୍ କ୍ରୋମ୍ ଖଣିଜ ପଥର ବିକ୍ରିରେ ପୁନଶ୍ଚ 3.24 କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ପ୍ରାପ୍ତ କରିବାର ସୁଯୋଗ ମଧ୍ୟ ହରାଇଲା। ତେଣୁ, ସବ୍-ଗ୍ରେଡ୍ କ୍ରୋମ ପଥରର ମୂଳ ମୂଲ୍ୟ କମ୍ ନିର୍ଦ୍ଧାରଣର ଫଳସ୍ୱରୂପ 16.51 କୋଟି ଟଙ୍କାର କମ୍ ରାଜସ୍ୱ ପ୍ରାପ୍ତ କରିଥିଲା।

ଏହାର ଉତ୍ତରରେ ସରକାର କହିଲେ (ମେଇ 2024) ଯେ, ଓଏମ୍‌ସି କେବଳ ମୂଳ ମୂଲ୍ୟ ନିର୍ଦ୍ଧାରଣ କରିଥିଲା ଏବଂ ପ୍ରତିଯୋଗୀତାମୂଳକ ନିଲାମ ମାଧମରେ ସାମଗ୍ରୀର ପ୍ରକୃତ ବଜାର ମୂଲ୍ୟ ନିର୍ଣ୍ଣୟ ହୋଇଥିଲା।

ଉତ୍ତରଟି ଗ୍ରହଣୀୟ ନଥିଲା, କାରଣ ସବ୍-ଗ୍ରେଡ୍ କ୍ରୋମ୍ ପଥର ଏକ ନିୟମିତ ବଜାର ଉତ୍ପାଦ ନୁହେଁ, ଏଥିପାଇଁ ମୂଳ ମୂଲ୍ୟ କମ୍ ନିର୍ଦ୍ଧାରଣ କରିବା ଅର୍ଥ କମ୍ ମୂଲ୍ୟରେ ସାମଗ୍ରୀକୁ ବଜାରରେ ଯାଚିବା। ଏଣୁ, ଓଏମ୍‌ସି ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ପ୍ରକୃତ ପୁନରୁଦ୍ଧାର ହାର 38.76 ପ୍ରତିଶତ ପରିବର୍ତ୍ତେ 42.30 ପ୍ରତିଶତକୁ ବିଚାରକୁ ନିଆଯାଇ ମୂଳ ମୂଲ୍ୟ ନିର୍ଦ୍ଧାରଣ କରାଯିବା ଦରକାର।

## 2.12.4 ପୂର୍ବତନ ପଟ୍ଟାଧାରୀର ଷ୍ଟକ୍ ବିକ୍ରିରେ କ୍ଷତି

ଓଡିଶାରେ ନିଲାମ ହୋଇଥିବା ଖଣିଗୁଡିକରେ ବିକ୍ରି ହୋଇନଥିବା ପୂର୍ବତନ ପଟ୍ଟାଧାରୀଙ୍କ[74] ଉତ୍ପାଦିତ ଖଣିଜ ପଦାର୍ଥ ଓଏମ୍‌ସି ଦ୍ୱାରା ବିକ୍ରୟ ପାଇଁ ସଂଶୋଧିତ ନିର୍ଦ୍ଦେଶାବଳୀକୁ ଓଡିଶା ସରକାର ଅନୁମୋଦନ (ଡିସେମ୍ବର 2020) କରିଥିଲେ। ଏହି ପ୍ରକ୍ରିୟାରେ ନିର୍ଦ୍ଧାରିତ ହୋଇଥିଲା ଯେ, ଏହି ଖଣିଜ ପଦାର୍ଥର ଇ-ନିଲାମୀରୁ ସଂଗ୍ରହ କରାଯାଇଥିବା ରାଜସ୍ୱରୁ ଏମ୍‌ଏସ୍‌ଟିସି ପୋର୍ଟାଲ, ଶୁଳ୍କ/ବୈଧାନିକ ଶୁଳ୍କ ଏବଂ ଖର୍ଚ୍ଚ ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ଶୁଳ୍କ ସମେତ ସମସ୍ତ ଖର୍ଚ୍ଚ କାଟି ସରକାରଙ୍କୁ ଜମା କରାଯିବ। ଯଦି କୌଣସି ଖଣିରେ ଖଣିଜ ବିକ୍ରୟରୁ ମିଳୁଥିବା ମୋଟ ରାଜସ୍ୱ ତୁଳନାରେ ରୟାଲଟି, ଡିଏମ୍‌ଏଫ୍ ଏବଂ ଏନ୍‌ଏମ୍‌ଇଟି ଅଧିକ ହୋଇଥାଏ, ତେବେ ଅନ୍ୟ ସମସ୍ତ ପୂର୍ବତନ ପଟ୍ଟାଧାରୀଙ୍କ ଷ୍ଟକ୍‌ରୁ ହୋଇଥିବା ମୋଟ ରାଜସ୍ୱରୁ ଏହାକୁ ଭରଣା କରାଯିବ।

ସମୀକ୍ଷାରେ ଏହା ଦେଖାଗଲା ଯେ, ଓଏମ୍‌ସି 13.18 ଲକ୍ଷ ଏମ୍‌ଟି ଷ୍ଟକ୍ ଗ୍ରହଣ କରିଥିଲା, ଯାହା ମଧ୍ୟରୁ 2020-23 ମଧ୍ୟରେ 5.81 ଲକ୍ଷ ଏମ୍‌ଟି ବିକ୍ରୟ କରିଛି ଯାହାର ମୋଟ ପରିମାଣ 96.03 କୋଟି ଟଙ୍କା ଥିଲା। ପ୍ରାପ୍ତ ମୋଟ ପରିମାଣରୁ, ଓଏମ୍‌ସି ସୁରକ୍ଷା ଖର୍ଚ୍ଚ ବାବଦକୁ 10.87 କୋଟି ଟଙ୍କାକୁ ବାଦ ଦେଇ ଅବଶିଷ୍ଟ 85.16 କୋଟି ଟଙ୍କା ସରକାରଙ୍କ ନିକଟରେ ଜମା କରିଛି।

ପୂର୍ବତନ ପଟ୍ଟାଧାରୀଙ୍କ ଷ୍ଟକ୍ ୟାର୍ଡରେ 06ରୁ 28 ମାସ ପର୍ଯ୍ୟନ୍ତ 7.63ରୁ 0.84 ଲକ୍ଷ ଏମ୍‌ଟି ଖଣିଜ ପଥର ବିକ୍ରୟ ନହୋଇ ପଡିରହିଥିଲା। 2020-23 ଅବଧିରେ ବିକ୍ରୟ ହୋଇନଥିବା ଷ୍ଟକ୍‌ର ସୁରକ୍ଷା ଏବଂ ଅନ୍ୟାନ୍ୟ ଖର୍ଚ୍ଚ[75] ପାଇଁ ଓଏମ୍‌ସି 17.88 କୋଟି ଟଙ୍କା ଖର୍ଚ୍ଚ କରିଥିଲା।

ତେଣୁ, ଅବଶିଷ୍ଟ ସୁରକ୍ଷା ଖର୍ଚ୍ଚ 7.01 କୋଟି ଟଙ୍କା (17.88 କୋଟି ଟଙ୍କା – 10.87 କୋଟି ଟଙ୍କା) ଆଦାୟ କରାଯାଇପାରି ନଥିଲା କାରଣ ରୟାଲଟି/ଡିଏମ୍‌ଏଫ୍/ଏନ୍‌ଏମ୍‌ଇଟି ପରି ସୁରକ୍ଷା ଖର୍ଚ୍ଚକୁ ଅନ୍ୟ ଖଣିରୁ ହେଉଥିବା ରାଜସ୍ୱରୁ ଭରଣା କରାଯିବା ପାଇଁ କୌଣସି ନିୟମ ନଥିଲା। ସମୀକ୍ଷାରେ ଏହା ମଧ୍ୟ ଦେଖାଗଲା ଯେ, ପୂର୍ବତନ ପଟ୍ଟାଧାରୀଙ୍କ ଷ୍ଟକ୍ 14ଟି ସ୍ଥାନରେ ବିସ୍ତାରିତ ଭାବରେ ପଡିରହିଥିଲା ଏବଂ ପ୍ରତ୍ୟେକକୁ ପୃଥକ ଭାବରେ ସୁରକ୍ଷିତ କରାଯାଇଥିଲା। ଏହା ସତ୍ତ୍ୱେ, ସୁରକ୍ଷା ଖର୍ଚ୍ଚ ହ୍ରାସ କରିବା ପାଇଁ ଷ୍ଟକ୍‌ଗୁଡିକୁ ଏକ ସାଧାରଣ ପରିସରରେ ଏକୀକୃତ କରାଯାଇ ନଥିଲା।

---

73 ଇ-ନିଲାମ କ୍ରେତାମାନଙ୍କ ପାଇଁ ବିକ୍ରୟ ସମିତି ଦ୍ୱାରା ଗ୍ରହଣ କରାଯାଇଥିବା ଶେଷ ଇ-ନିଲାମ ମୂଲ୍ୟ ଉପରେ 5 ଶତକଡା ଅଧିକରେ ପ୍ରିମିୟମ କ୍ରେତାଙ୍କ ପାଇଁ ସର୍ବନିମ୍ନ ମୂଲ୍ୟ ସ୍ଥିର କରାଯାଇଥାଏ

74 ପୂର୍ବତନ ପଟ୍ଟାଧାରୀ ଅର୍ଥାତ୍ ପୂର୍ବ ଲିଜ୍‌ଧାରୀ ଯିଏ ନିଲାମ ମାଧମରେ ଖଣି ପାଇଥିଲେ

75 ଏମ୍‌ଏସ୍‌ଟିସିର ଇ-ନିଲାମ ଦେୟ, ସ୍ଥାନାନ୍ତର ଏବଂ ଓଜନ ଇତ୍ୟାଦି ପାଇଁ ପ୍ରଦାନ କରାଯାଇଥିବା ଦେୟ

ସରକାର ଏହି ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି କହିଥିଲେ (ଜୁଲାଇ 2024) ଯେ, ଏହି ଷ୍ଟକ୍‌ଗୁଡିକର ଉତ୍ତମ ପରିଚାଳନା ପାଇଁ କେନ୍ଦ୍ରୀତ ଷ୍ଟକିଂ ପଦକ୍ଷେପ ନିମନ୍ତେ ଓଏମ୍‌ସିକୁ ନିର୍ଦ୍ଦେଶ ଦିଆଯାଇଛି।

**ସୁପାରିଶ:**

7. **ଖଣିଜ ପଦାର୍ଥର ଉପଯୁକ୍ତ ନିଲାମ ଓ ପୂର୍ବତନ ଲିଜଧାରୀମାନଙ୍କର ଷ୍ଟକ୍‌ଗୁଡିକୁ ମିତବ୍ୟୟୀ ବିନିଯୋଗ କରିବା ନିମିତ୍ତ ମୂଳ ମୂଲ୍ୟ ନିର୍ଦ୍ଧାରଣ କରିବାରେ ଥିବା ବ୍ୟବଧାନଗୁଡିକୁ ପୂରଣ କରିବା ପାଇଁ ଏକ ନିଶ୍ଚିତ ବ୍ୟବସ୍ଥା ବିକଶିତ କରିବା ପାଇଁ ସରକାର ଓଏମ୍‌ସିକୁ ନିର୍ଦ୍ଦେଶ ଦେବାପାଇଁ ବିଚାର କରିପାରନ୍ତି।**

## 2.13 ଆର୍ଥିକ ପରିଚାଳନା

ଆର୍ଥିକ ପରିଚାଳନାରେ ସମସ୍ତ କାର୍ଯ୍ୟକଳାପ ପାଇଁ ପ୍ରଭାବଶାଳୀ ପାଣ୍ଠି ପ୍ରବାହ ମାଧ୍ୟମରେ ଅଂଶୀଦାରଙ୍କ ସମ୍ପତ୍ତିକୁ ସର୍ବାଧିକ କରିବା ପାଇଁ କମ୍ପାନୀର ଆର୍ଥିକ ସମ୍ବଳର ପୂର୍ବାନୁମାନ, ଯୋଜନା, ସଂଗଠିତ, ନିର୍ଦ୍ଦେଶ, ସମନ୍ୱୟ ଏବଂ ନିୟନ୍ତ୍ରଣ ଅନ୍ତର୍ଭୁକ୍ତ। ଓଏମ୍‌ସି ଏକ ଲାଭ ଅର୍ଜନକାରୀ କମ୍ପାନୀ ହୋଇଥିବାରୁ, ସର୍ବଦା ବଳକା ନଗଦ ରହିଥାଏ, ଯାହାକୁ ପ୍ରଭାବୀ ଢ଼ଙ୍ଗରେ ନିବେଶ/ଉପଯୋଗ କରିବାର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ, ସମୀକ୍ଷା ନିମ୍ନଲିଖିତ ତ୍ରୁଟିଗୁଡିକୁ ପରିଲକ୍ଷିତ କରିଥିଲା।

### 2.13.1 ରୟାଲଟିର ସମାୟୋଜନରେ ବିଳମ୍ବ ଫଳରେ ପାଣ୍ଠି ଅବରୋଧ ଏବଂ ସୁଧ ହାନି

ଏମ୍‌ଏମ୍‌ଡିଆର୍ ଅଧିନିୟମ, 1957ର ଧାରା 9 ଅନୁଯାୟୀ, ଖଣି ଲିଜ୍ ଅଞ୍ଚଳରୁ ଖଣିଜ ପଦାର୍ଥ ଉଠାଇବା ପାଇଁ ପଟ୍ଟାଧାରୀଙ୍କୁ ଆଇବିଏମ୍‌ର ସଦ୍ୟତମ ଅଧିସୂଚିତ ମୂଲ୍ୟରେ ରୟାଲଟି ଦେବାକୁ ପଡିଥାଏ। ଖଣିଜ ପଦାର୍ଥ ଉଠାଣ ଅନୁମତି ପାଇବା ପାଇଁ ସମ୍ପୃକ୍ତ ଖଣି ଉପ-ନିର୍ଦ୍ଦେଶକଙ୍କୁ ଅଗ୍ରୀମ ରୟାଲଟି ପ୍ରଦାନ କରିବାର ଆବଶ୍ୟକତା ଥାଏ। ଆଇବିଏମ୍ ଦ୍ୱାରା ଖଣିଜ ପଦାର୍ଥର ବିକ୍ରୟ ମୂଲ୍ୟ (ସାଧାରଣତଃ ଏକ ମାସ ଶେଷ ହେବାର 45ରୁ 90 ଦିନ ପରେ) ପ୍ରକାଶ ପାଇବା ପରେ ଅଗ୍ରୀମ ରୟାଲଟି ସମାୟୋଜନ କରାଯାଇଥାଏ। ଅଧିକନ୍ତୁ, ଯଦି ଉଠାଣ ନକରିବା/କମ୍ ଉଠାଣ କାରଣରୁ କୌଣସି ପରିମାଣର ଅଗ୍ରୀମ ରୟାଲଟି ଅବ୍ୟବହୃତ ରହେ, ତେବେ ପରବର୍ତ୍ତୀ ଉଠାଣ ପାଇଁ ଆବେଦନ କରିବା ସମୟରେ ଏହାକୁ ସମାୟୋଜନ କରାଯାଇପାରିବ।

ସମୀକ୍ଷାରେ ଏହା ଦେଖାଗଲା ଯେ, 2018-23ରେ 11ଟି ଖଣିରେ[76] 122 ନିୟୁତ ଏମ୍‌ଟି ଆବଣ୍ଟନ ତୁଳନାରେ ଓଏମ୍‌ସିର କ୍ରେତାମାନେ 71.45 ନିୟୁତ ଏମ୍‌ଟି ଖଣିଜ ପଥର ଉଠାଇଛନ୍ତି। 2018-23 ବର୍ଷ ମଧ୍ୟରେ ଆବଣ୍ଟନ କରାଯାଇଥିବା ଖଣିଗୁଡିକରୁ 50.58ରୁ 71.91 ପ୍ରତିଶତ ପର୍ଯ୍ୟନ୍ତ କମ୍ ଖଣିଜ ପଦାର୍ଥ ଉଠାଣ କରାଯାଇଥିବା ବେଳେ ଓଏମ୍‌ସିର 0.08 କୋଟି ଟଙ୍କାରୁ 389 କୋଟି ଟଙ୍କା ପର୍ଯ୍ୟନ୍ତ ରୟାଲଟି ଅଣସମାୟୋଜିତ ହୋଇ ରହିଥିଲା। ଦୁଇରୁ ଚାରି ତ୍ରୈମାସିକ ପରେ ଏଗୁଡିକୁ ସମାୟୋଜିତ କରାଯାଇଥିବା ଦେଖିବାକୁ ମିଳିଥିଲା। ଡିଡିଏମ୍‌ଙ୍କ ନିକଟରେ ଓଏମ୍‌ସି ଦ୍ୱାରା ଜମା କରାଯାଇଥିବା ପ୍ରତି ତ୍ରୈମାସିକ ଅଣସମାୟୋଜିତ ରୟାଲଟି 1.46 କୋଟି ଟଙ୍କାରୁ 1,197.68 କୋଟି ଟଙ୍କା ମଧ୍ୟରେ ଥିଲା। ପ୍ରଯୁଜ୍ୟ ନିୟମ ଅନୁଯାୟୀ ଓଏମ୍‌ସି ପରବର୍ତ୍ତୀ ଷ୍ଟକ୍ ଅପସାରଣ ଅନୁମତିରେ ଏହାକୁ ସମାୟୋଜନ କରିବାର ଥିଲା। ତଥାପି, ସଂଶୋଧନ ମାଧ୍ୟମରେ ପରବର୍ତ୍ତୀ ଖଣିଜ ଗଦା ଅପସାରଣ ଅନୁମତିରେ ଏହାକୁ ସମାୟୋଜନ ନକରି କମ୍ପାନୀ ନୂତନ ଖଣିଜ ଗଦା ଅପସାରଣ ଅନୁମତି ପାଇଁ ନୂତନ ରୟାଲଟି ପ୍ରଦାନ କରିଚାଲୁଥିଲା। ଫଳସ୍ୱରୂପ, କମ୍ପାନୀ ବିନା କୌଣସି ସମାୟୋଜନରେ ଡିଡିଏମ୍‌ଙ୍କ ନିକଟରେ ଅବରୋଧ ଥିବା ରାଶି ଉପରେ ସୁଧ[77] ବାବଦରେ 41.22 କୋଟି ଟଙ୍କାର ରାଜସ୍ୱ ହରାଇଥିଲା।

---

[76] କୁର୍‌ମିତାର, ଗନ୍ଧମାର୍ଦ୍ଦନ-ଏ, ଗନ୍ଧମାର୍ଦ୍ଦନ-ବି, ଗୁଆଲି, ଜିଲିଙ୍ଗ୍, ଟିରିଙ୍ଗ ପାହାର, ମହାପର୍ବତ, ଖାଣ୍ଡବନ୍ଧ, ବାଂଶପାଣି, ଦକ୍ଷିଣ କାଲିଆପାଣି ଏବଂ ସୁକ୍ରାଙ୍ଗୀ

[77] 2018-23 ଅବଧିରେ ତିନି ମାସର ସ୍ଥାୟୀ ଜମାରେ ଅର୍ଜିତ ହାରାହାରି ସୁଧ ହାର 5.02 ପ୍ରତିଶତକୁ ବିଚାରକୁ ନେଇ 05 ପ୍ରତିଶତ ସୁଧ ହାରରେ ଗଣନା କରାଯାଇଛି

ସରକାର ଏହି ପର୍ଯ୍ୟବେକ୍ଷଣଟିକୁ ଗ୍ରହଣ କରିଥିଲେ (ଜୁଲାଇ 2024)।

### 2.13.2 ବୈଧାନିକ ଦେୟ ପ୍ରଦାନରେ ବିଳମ୍ବ ହେତୁ ସୁଧ ଦେୟ

ଏମ୍‌ଏମ୍‌ଡିଆର୍ ଅଧିନିୟମ, 1957ର ଧାରା 9 ଅନୁଯାୟୀ କୌଣସି ଖଣିଜ ପଦାର୍ଥ ଅପସାରିତ କିମ୍ବା ବ୍ୟବହୃତ ହୋଇଥିଲେ ସେହି ଅଞ୍ଚଳର ଡେଡ୍‌ରେଣ୍ଟ ଏବଂ ଅପସାରିତ ଖଣିଜର ରୟାଲଟି ମଧ୍ୟରୁ ଯେଉଁଟି ଅଧିକ ତାହା ଦେବାପାଇଁ ସ୍ଥିର କରାଯାଇଛି। ଏମ୍‌ସିଆର୍, 1960ର ଧାରା 64(କ) ଅନୁଯାୟୀ ରାଜ୍ୟ ସରକାରଙ୍କୁ ଏହି ଦେୟ ପ୍ରଦାନ ପାଇଁ ଧାର୍ଯ୍ୟ ତାରିଖର ଷାଠିଏ ଦିନରୁ ଯେକୌଣସି ଅନାଦେୟ ଦେୟ ଉପରେ ବାର୍ଷିକ 24 ପ୍ରତିଶତ ହାରରେ ସରଳ ସୁଧ ଆଦାୟ କରିବାକୁ କ୍ଷମତା ପ୍ରଦାନ କରିଥାଏ।

ତିନୋଟି ଖଣି[78] ପାଇଁ ଡେଡ୍ ରେଣ୍ଟ ଏବଂ ଭୂପୃଷ୍ଠ ଭଡା ଏବଂ ଅନ୍ୟ ତିନୋଟି ଖଣି[79] ପାଇଁ ରୟାଲଟି ପ୍ରଦାନ କରିବାରେ ଓଏମ୍‌ସି ବିଳମ୍ବ କରିଥିଲା। ଯାହାଫଳରେ, 0.63 କୋଟି ଟଙ୍କା (ଡେଡ୍ ରେଣ୍ଟ ଏବଂ ଭୂପୃଷ୍ଠ ଭଡା ପାଇଁ 0.23 କୋଟି ଟଙ୍କା ଏବଂ ରୟାଲଟି ପାଇଁ 0.40 କୋଟି ଟଙ୍କା) ସୁଧ ଦେବାକୁ ପଡିଲା। ବୈଧାନିକ ଦେୟ ସମୟସୀମାରେ ଜମା କରିବାର ତଦାରଖରେ ତ୍ରୁଟି ଯୋଗୁ ଓଏମ୍‌ସିକୁ ସୁଧ ବାବଦରେ 0.63 କୋଟି ଟଙ୍କାର ଅତ୍ୟଧିକ ଖର୍ଚ୍ଚ ବହନ କରିବାକୁ ପଡିଥିଲା।

ସରକାର କହିଥିଲେ (ମେଇ 2024) ଯେ, ଖଣି ଲିଜ୍ ହସ୍ତାନ୍ତର ପ୍ରକ୍ରିୟା ଗୋଟିଏ ସମୟ ସାପେକ୍ଷ ପ୍ରକ୍ରିୟା। ତେଣୁ, ଓଏମ୍‌ସିକୁ ସୁଧ ପ୍ରଦାନ କରିବାକୁ ପଡିଥିଲା। ସରକାରଙ୍କ ଉତ୍ତର ସମର୍ଥନୀୟ ନୁହେଁ କାରଣ ଯଦି ବକେୟା ଦେୟ ଠିକ୍ ସମୟରେ ତଦାରଖ କରି ଦିଆଯାଇଥାନ୍ତା ତେବେ ସୁଧ ଦେୟକୁ ଏଡାଯାଇ ପାରିଥାନ୍ତା।

### 2.13.3 ଆନ୍ତଃ ନିଗମ ଋଣ

ଓଏମ୍‌ସି ଏହାର ବଳକା ପାଣ୍ଠିରୁ, ରାଜ୍ୟ ସରକାର ଏବଂ ନିର୍ଦ୍ଦେଶକ ମଣ୍ଡଳୀମାନଙ୍କ (ବିଓଡି) ଅନୁମୋଦନ କ୍ରମେ ଏହାର ମିଳିତ ଉଦ୍ୟୋଗ, ସହଯୋଗୀ ସଂସ୍ଥା ଏବଂ ଅନ୍ୟ କମ୍ପାନୀଗୁଡିକୁ ଆନ୍ତଃ ନିଗମ ଋଣ ପ୍ରଦାନ କରିଥିଲା। 2018ରୁ 2023 ମଧ୍ୟରେ ଓଏମ୍‌ସି ଦ୍ୱାରା ଦିଆଯାଇଥିବା ଆନ୍ତଃ ନିଗମ ଋଣର ବିବରଣୀ ନିମ୍ନରେ ଦିଆଯାଇଛି:

**ସାରଣୀ 2.15: ଆନ୍ତଃ ନିଗମ ଋଣର ସ୍ଥିତି**

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ଋଣ ଚୁକ୍ତିର ତାରିଖ | ଋଣ ପରିମାଣ (ଟଙ୍କା କୋଟିରେ) | ଋଣର ଉଦ୍ଦେଶ୍ୟ | ପୁନରୁଦ୍ଧାର ସ୍ଥିତି |
|---|---|---|---|---|---|
| 1 | ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍) | 27.01.2020 | 178.00 | ଏନ୍‌ଆଇଏନ୍‌ଏଲ୍ ଆକାଉଣ୍ଟଗୁଡିକୁ ଏନ୍‌ପିଏ ହେବାକୁ ରୋକିବା | ଏନ୍‌ଆଇଏନ୍‌ଏଲ୍‌କୁ ଦିଆଯାଇଥିବା ଋଣ 2022-23 ମଧ୍ୟରେ ଆଦାୟ କରାଯାଇଥିଲା। |
| 2 | ଓଡିଶା ଶିଳ୍ପ ବିକାଶ ନିଗମ ଲିମିଟେଡ୍ (ଇଡ୍‌କଲ୍) | 11.01.2018 | 105.16 | ବେଆଇନ ଖଣିଜ ଖନନ କାରଣରୁ କ୍ଷତିପୂରଣ ପ୍ରଦାନ | ଇଡ୍‌କଲ୍‌ରୁ ମୋଟ 947.80 କୋଟି ଟଙ୍କାର ଋଣ ରାଶି ଆଦାୟ ହୋଇପାରିଲା ନାହିଁ। ତଥାପି, 2022-23 ମଧ୍ୟରେ ଇଡ୍‌କଲ୍‌ର ଓଏମ୍‌ସି ସହିତ ମିଶ୍ରଣ ପାଇଁ ନିଟ୍ ଆର୍ଥିକ ସ୍ଥିତିକୁ |
| | | 20.03.2019 | 7.38 | ରୋଏଡା-ସି ଖଣିର ଆବଶ୍ୟକ ମଞ୍ଜୁରୀ ବିନା ଖଣି ଖନନ ପାଇଁ କ୍ଷତିପୂରଣ ପ୍ରଦାନ | |
| | | ସାକ୍ଷର ହୋଇନାହିଁ | 635.26 | ଠେଲାଙ୍ଗୀ ଖଣି ସମର୍ପଣ ପୂର୍ବରୁ ନିୟମ ଉଲ୍ଲଙ୍ଘନ ପାଇଁ କ୍ଷତିପୂରଣ ପ୍ରଦାନ | |

[78] ବୁଢ଼ାପଡା: 0.08 କୋଟି ଟଙ୍କା, ଡୁବୁନା: 0.03 କୋଟି ଟଙ୍କା ଏବଂ ମଳିପଡା: 0.12 କୋଟି ଟଙ୍କା

[79] ଗନ୍ଧମାର୍ଦ୍ଦନ: 0.29 କୋଟି ଟଙ୍କା, ଦକ୍ଷିଣ କାଳିଆପାଣି: 0.09 କୋଟି ଟଙ୍କା ଏବଂ ଏସ୍‌ଜେବିକେ: 0.02 କୋଟି ଟଙ୍କା

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | ଋଣ ଚୁକ୍ତିର ତାରିଖ | ଋଣ ପରିମାଣ (ଟଙ୍କା କୋଟିରେ) | ଋଣର ଉଦ୍ଦେଶ୍ୟ | ପୁନରୁଦ୍ଧାର ସ୍ଥିତି |
|---|---|---|---|---|---|
| | | ସ୍ୱାକ୍ଷର ହୋଇନାହିଁ | 200.00 | ଆଇନଗତ ଦେୟ ପ୍ରଦାନ ପାଇଁ | (ସମ୍ପତ୍ତି ବିନା ଦାୟିତ୍ୱ) କ୍ରୟ ବିକ୍ରୟ ଭାବେ ନିଆଯାଇଥିଲା। |
| 3 | ଓଡିଶା ଖଣିଜ ଅନ୍ୱେଷଣ ନିଗମ ଲିମିଟେଡ୍ (ଓଏମ୍‌ଇସିଏଲ୍) | 22.10.2020 | 85.91 | ଓଏମ୍‌ଇସିଏଲ୍‌କୁ ଜାରି ରଖିବା ପାଇଁ | 2022-23 ଆର୍ଥିକ ବର୍ଷରେ ଓଏମ୍‌ଇସିଏଲ୍‌କୁ ଓଏମ୍‌ସି ସହିତ ମିଶ୍ରଣ କରାଯାଇଥିଲା ଏବଂ ବକେୟା ଋଣ ପରିମାଣକୁ ସମାୟୋଜନ କରାଯାଇଥିଲା। |
| 4 | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ (ଓଏସ୍‌ସିଏସ୍‌ସିଏଲ୍) | 04.02.2023 | 2,000.00 | କୃଷକମାନଙ୍କୁ ଏମ୍‌ଏସ୍‌ପି ପ୍ରଦାନ ପାଇଁ | 2023-24 ଆର୍ଥିକ ବର୍ଷରେ ଋଣ ପରିଶୋଧ କରାଯାଇଥିଲା। |
| ମୋଟ | | | **3,211.71** | | |

*(ଉତ୍ସ: ଓଏମ୍‌ସିର ବାର୍ଷିକ ବିବରଣୀ ଏବଂ ବାର୍ଷିକ ହିସାବ)*

ଆନ୍ତଃ ନିଗମ ଋଣ ପ୍ରଦାନ ପାଇଁ କମ୍ପାନୀର କୌଣସି ନୀତି ନାହିଁ। ତେବେ, ଉପରୋକ୍ତ ଋଣଗୁଡିକ ଓଡିଶା ସରକାର ଏବଂ କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀଙ୍କ ନିର୍ଦ୍ଦେଶରେ ମଞ୍ଜୁର କରାଯାଇଥିଲା। ସମୀକ୍ଷା ଲକ୍ଷ୍ୟ କଲା ଯେ, 2018-23 ମଧ୍ୟରେ ଚାରୋଟି ଭିନ୍ନ କମ୍ପାନୀକୁ ଆନ୍ତଃ ନିଗମ ଋଣ ଭାବରେ ମୋଟ 3,211.71 କୋଟି ଟଙ୍କା ମଞ୍ଜୁର କରାଯାଇଥିଲା, କିନ୍ତୁ ଇଡ୍‌କଲ୍ 947.80 କୋଟି ଟଙ୍କା (29.51 ପ୍ରତିଶତ) ଋଣ ପରିଶୋଧ କରିବାରେ ବିଫଳ ହେଲା ଯାହା ନିମ୍ନରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି:

### 2.13.3.1 ଇଡ୍‌କଲ୍‌କୁ ଆନ୍ତଃ ନିଗମ ଋଣ

ରୋଇଡା-ସି ଖଣିରେ ସମ୍ବନ୍ଧିତ ଖଣି ଯୋଜନା ଏବଂ ସିଟିଓ ଅଧୀନରେ ଅନୁମୋଦିତ ପରିମାଣଠାରୁ ଅଧିକ ଲୁହାପଥର ଉତ୍ପାଦନ ହେତୁ ଇଡ୍‌କଲ୍ କୁ କ୍ଷତିପୂରଣ (105.16 କୋଟି ଟଙ୍କା ଏବଂ 7.38 କୋଟି ଟଙ୍କା) ପ୍ରଦାନ ପାଇଁ ଖଣି ଉପ ନିର୍ଦ୍ଦେଶକ (ଯୋଡା ଏବଂ ଯାଜପୁର) ଡିମାଣ୍ଡ ନୋଟିସ (ସେପ୍ଟେମ୍ବର 2017/ଅପ୍ରେଲ 2018) ପଠାଇଥିଲେ। ତଥାପି, ଏହାକୁ ପରିଶୋଧ କରିବା ପାଇଁ ଇଡ୍‌କଲ୍ ପାଖରେ କୌଣସି ପାଣ୍ଠି ନଥିଲା। ଶିଳ୍ପ ବିଭାଗ, ଓଡିଶା ସରକାରଙ୍କ ପରାମର୍ଶ କ୍ରମେ (ଜାନୁଆରୀ 2018) ଓଏମ୍‌ସି 11 ଅକ୍ଟୋବର 2018 ଏବଂ 20 ମାର୍ଚ୍ଚ 2019ରେ ଇଡ୍‌କଲ୍‌କୁ ଯଥାକ୍ରମେ 105.16 କୋଟି ଟଙ୍କା ଏବଂ 7.38 କୋଟି ଟଙ୍କାର ଆନ୍ତଃ ନିଗମ ଋଣ ପ୍ରଦାନ କରିଥିଲା। ଋଣଗୁଡିକୁ ଏକ ଏସ୍କ୍ରୋ ଆକାଉଣ୍ଟ ମାଧ୍ୟମରେ ପରିଶୋଧ କରିବାର ଥିଲା ଯେଉଁଥିରେ ଇଡ୍‌କଲ୍‌ର ସମସ୍ତ ରାଜସ୍ୱ ଜମା ହେବାର ବ୍ୟବସ୍ଥା ଥିଲା।

ଯାଜପୁରର ଖଣି ଉପ ନିର୍ଦ୍ଦେଶକ ପୁନର୍ବାର (11 ଅପ୍ରେଲ 2018) ଇଡ୍‌କଲ୍ ଦ୍ୱାରା ଟୈଲଙ୍ଗୀ ଖଣି କ୍ଷେତ୍ରରେ ପରିବେଶ ମଞ୍ଜୁରୀ ଉଲ୍ଲଙ୍ଘନ କରି ଅଧିକ ଉତ୍ପାଦନ ହେତୁ ସୁଧ ସହିତ କ୍ଷତିପୂରଣ ବାବଦକୁ 635.26 କୋଟି ଟଙ୍କା ଦାବି କରିଥିଲେ। ଇସ୍ପାତ ଓ ଖଣି ବିଭାଗର ପରାମର୍ଶ (ଅଗଷ୍ଟ 2022) କ୍ରମେ, ଓଏମ୍‌ସି ପୁନର୍ବାର ଇଡ୍‌କଲ୍‌କୁ 635.26 କୋଟି ଟଙ୍କାର ଆନ୍ତଃ ନିଗମ ଋଣ ପ୍ରଦାନ କରିଥିଲା। ଅଧିକନ୍ତୁ, ଓଡିଶା ସରକାରଙ୍କ ନିର୍ଦ୍ଦେଶରେ ସରକାରୀ ବକେୟା ଏବଂ ଅନ୍ୟାନ୍ୟ ଜରୁରୀ ଖର୍ଚ୍ଚ ପାଇଁ ଓଏମ୍‌ସି ନିର୍ଦ୍ଦେଶକ ମଣ୍ଡଳୀଙ୍କ ଅନୁମୋଦନରେ 200 କୋଟି ଟଙ୍କାର ଆନ୍ତଃ ନିଗମ ଋଣ ଇଡ୍‌କଲ୍‌କୁ ପ୍ରଦାନ (ଡିସେମ୍ବର 2022) କରିଥିଲା।

ତଥାପି, ଇଡ୍‌କଲ୍ 947.80 କୋଟି ଟଙ୍କାର ଉପଭୋକ୍ତା ଋଣ ପରିଶୋଧ କରିବାରେ ବିଫଳ ହୋଇଥିଲା। ଇଡ୍‌କଲ୍‌ର ତୀବ୍ର ଆର୍ଥିକ ସଙ୍କଟ ଏବଂ ବିପୁଳ ବକେୟା ଋଣ ପରିଶୋଧ କରିବାରେ ଏହାର ଅକ୍ଷମତାକୁ ବିଚାରକୁ ନେଇ ଓଡିଶା ସରକାର (ଅପ୍ରେଲ 2022) ଇଡ୍‌କଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକୁ ଓଏମ୍‌ସି ସହିତ ମିଶ୍ରଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ମିଶ୍ରଣର ଅଂଶ ଭାବରେ 31 ମାର୍ଚ୍ଚ 2023 ସୁଦ୍ଧା ସୁଧ ସମେତ ଇଡ୍‌କଲ୍‌ର ମୋଟ ବକେୟା ଋଣ ପରିମାଣକୁ "ଶୂନ୍ୟ" ଭାବରେ ବିବେଚନା କରାଯାଇଥିଲା, କାରଣ ଋଣଗୁଡିକୁ କ୍ରୟ ବିଚାରର ଗଣନା ପାଇଁ ବିଚାର କରାଯାଇଥିଲା।

ସମୀକ୍ଷାରେ ଦେଖାଗଲା ଯେ, ଇଡ୍‌କଲ୍ ଅଧିନରେ ଅବୈଧ ଖଣିଜ ସମ୍ବନ୍ଧୀୟ କ୍ଷତିପୂରଣ ପାଇଁ ଓଏମ୍‌ସି ଦ୍ୱାରା ଋଣ ପ୍ରଦାନ କରାଯାଇଥିଲା। ଦ୍ୱିତୀୟତଃ, ଋଣ ଏପରି ପରିସ୍ଥିତିରେ ପ୍ରଦାନ କରାଯାଇଥିଲା ଯେଉଁଠାରେ ଇଡ୍‌କଲ୍ ଏହି ପରିମାଣ ପରିଶୋଧ କରିବାକୁ ଅସମର୍ଥ ଥିଲା। ଓଡିଶା ସରକାରଙ୍କ ନିଷ୍ପତି ଅନୁସାରେ ଓଏମ୍‌ସିଠାରୁ ଏପରି କାର୍ଯ୍ୟକଳାପକୁ ପାଣ୍ଠି ଯୋଗାଇବା ପାଇଁ ଋଣ ଏବଂ ପରବର୍ତ୍ତୀ ସମୟରେ ଇଡ୍‌କଲ୍‌ର ଓଏମ୍‌ସି ସହିତ ମିଶ୍ରଣ ଆର୍ଥିକ ଦୃଷ୍ଟିରୁ ଅପରିଣାମଦର୍ଶୀ ଥିଲା କାରଣ ଋଣଗୁଡିକ ଆଦାୟ କରାଯାଇ ପାରିନଥିଲା।

ସରକାର କହିଲେ (ମଇ 2024) ଯେ, ଇଡ୍‌କଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକୁ ଓଏମ୍‌ସି ସହିତ ମିଶ୍ରଣ କରାଯାଇଛି ଏବଂ ସମସ୍ତ ସମ୍ପତ୍ତି ଏବଂ ଦାୟିତ୍ୱକୁ ଓଏମ୍‌ସିକୁ ହସ୍ତାନ୍ତର କରାଯାଇଛି। ତେଣୁ, ଇଡ୍‌କଲ୍‌କୁ ପ୍ରଦାନ କରାଯାଇଥିବା ଆନ୍ତଃ ନିଗମ ଋଣ ସମ୍ପୂର୍ଣ୍ଣ ଭାବରେ ଆଦାୟ କରାଯାଇପାରିଛି।

ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ମିଶ୍ରଣ ସମୟରେ ଇଡ୍‌କଲ୍‌ର ଋଣାତ୍ମକ ନିଟ୍ ମୂଲ୍ୟ ଥିଲା, ଯାହାର ଅର୍ଥ ହେଉଛି ଇଡ୍‌କଲ୍‌ର ସମ୍ପତ୍ତି ଅପେକ୍ଷା ଅଧିକ ଋଣ ଦାୟିତ୍ୱବୋଧ ଥିଲା।

### 2.13.4 ଯୁଗ୍ମ ଉଦ୍ୟୋଗ ଏବଂ ସହଯୋଗୀ ସଂସ୍ଥାରେ ନିବେଶ

ଓଏମ୍‌ସି ମାର୍ଚ୍ଚ 2023 ସୁଦ୍ଧା 12ଟି ଯୁଗ୍ମ ଉଦ୍ୟୋଗ (ଜେଭି) ଏବଂ ସହଯୋଗୀ କମ୍ପାନୀଗୁଡିକରେ ଅଂଶଧନ ବାବଦରେ 1997ରୁ 2023 ମଧ୍ୟରେ, 374.01 କୋଟି ଟଙ୍କା ନିବେଶ କରିଥିଲା। ନିବେଶଗୁଡିକ ନିମ୍ନ ସାରଣୀରେ ଉଲ୍ଲେଖ କରାଯାଇଛି:

**ସାରଣୀ 2.16: ଓଏମ୍‌ସିର ଯୁଗ୍ମ ଉଦ୍ୟୋଗ ଏବଂ ସହଯୋଗୀମାନଙ୍କର ସ୍ଥିତି**

*(ଟଙ୍କା ଲକ୍ଷରେ)*

| କ୍ରମିକ ସଂଖ୍ୟା | ମିଳିତ ଉଦ୍ୟୋଗରେ ଅଂଶଧନ ନିବେଶ | ନିବେଶ ବର୍ଷ | ଧାରଣର ପ୍ରତିଶତ | 31.03.18 ତାରିଖ ଅନୁଯାୟୀ ମୂଲ୍ୟ | 31.03.23 ତାରିଖ ଅନୁଯାୟୀ ମୂଲ୍ୟ | ନିବେଶର ଉଦ୍ଦେଶ୍ୟ |
|---|---|---|---|---|---|---|
| 1 | ରିଓ ଟିଣ୍ଟୋ ଓଡିଶା ମାଇନିଂ ପ୍ରାଇଭେଟ୍ ଲିମିଟେଡ୍ (ଆର୍‌ଟିଓଏମ୍‌ପିଏଲ୍) | 1997 | 49.00 | 228.00 | 228.00 | ରେଳ, ବନ୍ଦର ଏବଂ ଖଣି ପ୍ରକଳ୍ପର ବିକାଶ |
| 2 | ଓଡିଶା ତାପଜ ବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଟିପିସିଏଲ୍) | 2007 | 50.00 | 13,420.47 | 17,220.47 | ଥର୍ମାଲ ପାୱାର ପ୍ଲାଣ୍ଟ ସ୍ଥାପନ |
| 3 | ନୂଆଗାଁ କୋଇଲା କମ୍ପାନୀ ଲିମିଟେଡ୍ (ଏନ୍‌ସିସିଏଲ୍) | 2011 | 50.00 | 100.00 | 100.00 | କୋଇଲା ବ୍ଲକ୍‌ର ବିକାଶ |
| 4 | କଳିଙ୍ଗ କୋଇଲା ଖଣି ପ୍ରାଇଭେଟ୍ ଲିମିଟେଡ୍ (ମୂଲ୍ୟ ମୁକ୍ତ) | 2004 | 26.00 | 0.00 | 0.00 | କୋଇଲା ବ୍ଲକ୍‌ର ବିକାଶ |
| 5 | ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍) | 2005 | 20.47 | 12,694.71 | 0.00 | ଲୁହା ଏବଂ ଇସ୍ପାତ ଉତ୍ପାଦ ଉତ୍ପାଦନ |
| 6 | କେନ୍ଦୁଝର ଭିତ୍ତିଭୂମି ବିକାଶ କମ୍ପାନୀ ଲିମିଟେଡ୍ (କେଆଇଡିସିଏଲ୍) | 2006 | 11.11 | 0.72 | 0.72 | ରେକର୍ଡ ଉପଲବ୍ଧ ନାହିଁ |
| 7 | ଅନୁଗୁଳ ସୁକିନ୍ଦା ରେଳବାଇ | 2014 | 10.83 | 6,300.00 | 8,652.00 | ଲୁହାପଥର ସମୃଦ୍ଧ |

| କ୍ରମିକ ସଂଖ୍ୟା | ମିଳିତ ଉଦ୍ୟୋଗରେ ଅଂଶଧନ ନିବେଶ | ନିବେଶ ବର୍ଷ | ଧାରଣର ପ୍ରତିଶତ | 31.03.18 ତାରିଖ ଅନୁଯାୟୀ ମୂଲ୍ୟ | 31.03.23 ତାରିଖ ଅନୁଯାୟୀ ମୂଲ୍ୟ | ନିବେଶର ଉଦ୍ଦେଶ୍ୟ |
|---|---|---|---|---|---|---|
| | ଲିମିଟେଡ୍ (ଏଏସ୍‌ଆର୍‌ଏଲ୍) | | | | | ଅଞ୍ଚଳ ଏବଂ ଇସ୍ପାତ ଓ ସ୍ପଞ୍ଜ ଶିଳ୍ପ ମଧ୍ୟରେ ସିଧାସଳଖ ସଂଯୋଗ ପ୍ରଦାନ କରିବା |
| 8 | ହରିଦାସପୁର ପାରାଦ୍ୱୀପ ରେଳବାଇ କମ୍ପାନୀ ଲିମିଟେଡ୍ (ଏଚ୍‌ପିଆର୍‌ସିଏଲ୍) | 2006 | 8.46 | 9,292.00 | 10,999.77 | ଇସ୍ପାତ କାରଖାନାଗୁଡିକର ଚୂଡାନ୍ତ ଉତ୍ପାଦର ରପ୍ତାନୀ ଏବଂ କୋକିଙ୍ଗ୍ କୋଇଲା ଆମଦାନୀ |
| **ମୋଟ (କ)** | | | | **42,035.90** | **37,200.96** | |
| | ପୁଞ୍ଜିଲଗାଣର କ୍ଷୟ (ଆର୍‌ଟିଓଏମ୍‌ପିଏଲ୍ +ଏନ୍‌ସିସିଏଲ୍ + କେଆଇଡିସିଏଲ୍) | | | -328.72 | -328.72 | |
| **ସହଯୋଗୀ ସଂସ୍ଥାରେ ଅଂଶଧନର ପୁଞ୍ଜିଲଗାଣ** | | | | | | |
| 9 | ଲାଞ୍ଜିଗଡ ଅନୁସୂଚୀ କ୍ଷେତ୍ର ବିକାଶ ପାଣ୍ଠି | 2009 | 25.00 | 0.00 | 0.00 | ଲାଞ୍ଜିଗଡ ଅଞ୍ଚଳର ବିକାଶ |
| 10 | ଦକ୍ଷିଣ ପଶ୍ଚିମ ଓଡିଶା ବକ୍ସାଇଟ୍ ମାଇନିଂ ପ୍ରାଇଭେଟ୍ ଲିମିଟେଡ୍ | 2004 | 26.00 | 0.00 | 0.00 | ଲାଞ୍ଜିଗଡ ଏବଂ କୋରାପୁଟ୍ ବକ୍ସାଇଟ୍ ଖଣିର ବିକାଶ |
| 11 | ଇଷ୍ଟକୋଷ୍ଟ ବକ୍ସାଇଟ୍ ମାଇନିଂ କମ୍ପାନୀ ପ୍ରାଇଭେଟ୍ ଲିମିଟେଡ୍ | 2005 | 26.00 | 0.00 | 0.00 | କୋଡିଙ୍ଗାମାଳି ବକ୍ସାଇଟ୍ ଭଣ୍ଡାରର ବିକାଶ |
| 12 | ମନ୍ଦାକିନୀ-ବି କୋଇଲା ନିଗମ ଲିମିଟେଡ୍ (ଏମ୍‌ସିସିଏଲ୍) | 2009 | 25.00 | 200.00 | 200.00 | କୋଇଲା ବ୍ଲକ୍‌ର ବିକାଶ |
| **ମୋଟ (ଖ)** | | | | **200.00** | **200.00** | |
| | ପୁଞ୍ଜିଲଗାଣର କ୍ଷୟ (ଏମ୍‌ସିସିଏଲ୍) | | | 200.00 | 200.00 | |
| **ସର୍ବ ମୋଟ (କ + ଖ)** | | | | | **37,400.96** | |

***(ଉତ୍ସ: ଓଏମ୍‌ସିର ବାର୍ଷିକ ବିବରଣୀ ଏବଂ ବାର୍ଷିକ ହିସାବରୁ)***

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ, ସାତଟି ଜେଭି/ଆସୋସିଏଟ୍ ମଧ୍ୟରୁ ଚାରୋଟି (କ୍ରମିକ ସଂଖ୍ୟା 4, 9, 10 ଏବଂ 11)ରେ କୌଣସି ନିବେଶ ନାହିଁ ଏବଂ କ୍ରମିକ ସଂଖ୍ୟା 2 (ଓଟିପିସିଏଲ୍)ରେ ସର୍ବାଧିକ 172.20 କୋଟି ଟଙ୍କା ନିବେଶ ଅଛି ।

### 2.13.4.1 ଯୁଗ୍ମ ଉଦ୍ୟୋଗ ଏବଂ ସହଯୋଗୀମାନଙ୍କର ଅଣ କାର୍ଯ୍ୟକ୍ଷମ

ଓଏମ୍‌ସି 10ରୁ 26 ବର୍ଷର ଅବଧି ମଧ୍ୟରେ 12ଟି ଯୁଗ୍ମ ଉଦ୍ୟୋଗ (ଜେଭି) ଏବଂ ସହଯୋଗୀରେ (ଆସୋସିଏଟ୍) 374.01 କୋଟି ଟଙ୍କା (ମାର୍ଚ୍ଚ 2023 ସୁଦ୍ଧା) ପୁଞ୍ଜିଲଗାଣ କରିଛି । ସମୀକ୍ଷାରେ ଦେଖାଗଲା ଯେ, କେବଳ ଗୋଟିଏ ଜେଭି ହରିଦାସପୁର-ପାରାଦୀପ ରେଲୱେ କମ୍ପାନୀ ଲିମିଟେଡ୍ (ଏଚ୍‌ପିଆର୍‌ସିଏଲ୍) କାର୍ଯ୍ୟକ୍ଷମ ଅଛି । 2014 ମସିହାରେ ପ୍ରତିଷ୍ଠିତ ଅନୁଗୁଳ ସୁକିନ୍ଦା ରେଲୱେ ଲିମିଟେଡ୍ (ଏଏସ୍‌ଆର୍‌ଏଲ୍) ଜେଭି ଜୁନ୍ 2024ରେ ବାଣିଜ୍ୟିକ

କାର୍ଯ୍ୟ ଆରମ୍ଭ କରିବ ବୋଲି ଆଶା କରାଯାଇଛି, ଏନ୍‌ଆଇଏନ୍‌ଏଲ୍ (ଯାହା 2005 ମସିହାରେ ପ୍ରତିଷ୍ଠିତ ହୋଇଥିଲା), 2022-23ରେ 612.72 କୋଟି ଟଙ୍କାର ପୁଞ୍ଜି ଲାଭ ସହିତ ପୁଞ୍ଜି ପ୍ରତ୍ୟାହାର[80] କରାଯାଇଥିଲା।

ଏହା ମଧ୍ୟ ଦେଖାଯାଇଥିଲା ଯେ, ତିନୋଟି ଜେଭି[81] ଏବଂ ଗୋଟିଏ ସହଯୋଗୀ[82] କମ୍ପାନୀରେ 5.28 କୋଟି ଟଙ୍କାର ନିବେଶ ପ୍ରଭାବିତ ହୋଇଛି। ପ୍ରକଳ୍ପ ବିକାଶର ଚୂଡାନ୍ତକରଣରେ ବିଳମ୍ବ, ଜଙ୍ଗଲ ମଞ୍ଜୁରୀ ପାଇବାରେ ବିଫଳତା ଏବଂ ଜେଭି ଅଂଶୀଦାରମାନଙ୍କ ଦ୍ୱାରା ଅପର୍ଯ୍ୟାପ୍ତ ତଦାରଖ ଯୋଗୁ ଅନ୍ୟ ପାଞ୍ଚଟି ଜେଭି ଏବଂ ସହଯୋଗୀ କମ୍ପାନୀ କାର୍ଯ୍ୟକ୍ଷମ (ନଭେମ୍ବର 2023 ସୁଦ୍ଧା) ହୋଇପାରି ନାହିଁ, ଯାହାଫଳରେ, ଇପ୍ସିତ ଲକ୍ଷ୍ୟ ହାସଲ କରିବାରେ ବିଫଳତା ଏବଂ 5.28 କୋଟି ଟଙ୍କାର ଅଂଶଧନ ନିବେଶ କ୍ଷତିଗ୍ରସ୍ତ ହୋଇଥିଲା।

ଏହି ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ସରକାର କହିଥିଲେ (ମଇ 2024) ଯେ, କୋଇଲା ବ୍ଲକଗୁଡିକର ଆବଣ୍ଟନ ବାତିଲ, ଅନ୍ୟାନ୍ୟ ଆଇନଗତ, କାର୍ଯ୍ୟକ୍ଷମ ଏବଂ ଆର୍ଥିକ ସମସ୍ୟା ଭଳି ଅପ୍ରତ୍ୟାଶିତ ପରିସ୍ଥିତି ବାଣିଜ୍ୟିକ କାର୍ଯ୍ୟ ଆରମ୍ଭ କରିବାରେ ବାଧା ସୃଷ୍ଟି କରିଛି, ଯାହାଫଳରେ, ସଂସ୍ଥାଗୁଡିକ ଅଣକାର୍ଯ୍ୟକ୍ଷମ ଏବଂ ଅକ୍ଷମ ହୋଇଯାଇଛି।

### 2.13.4.2 ଓଟିପିସିଏଲ୍‌ରେ ନିବେଶ

ଓଏଚ୍‌ପିସି ଏବଂ ଓଏମ୍‌ସିର ଏକ ମିଳିତ ଉଦ୍ୟୋଗ ଜରିଆରେ ଏକ ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଲାଗି ଓଡିଶା ସରକାର ନିଷ୍ପତ୍ତି (ଜୁନ୍ 2006) ନେଇଥିଲେ। ଏହି ପ୍ରକଳ୍ପ ଜୁନ୍ 2006 ଠାରୁ 48 ମାସ ମଧ୍ୟରେ ଶେଷ ହେବାର ଥିଲା ଯେଉଁଥିରେ ଜେଭି ଗଠନ ଅନ୍ତର୍ଭୁକ୍ତ ଥିଲା। ତଦନୁସାରେ, ମାର୍ଚ୍ଚ 2023 ସୁଦ୍ଧା 172.20 କୋଟି ଟଙ୍କାର ଅଂଶଧନ ନିବେଶ ସହିତ ଓଏମ୍‌ସିର 50 ପ୍ରତିଶତ ଅଂଶୀଦାର ସହିତ ଏହି ଜେଭିକୁ ଜାନୁଆରୀ 2007ରେ ଓଡିଶା ତାପଜ ବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଟିପିସିଏଲ୍) ଭାବରେ ପ୍ରୋତ୍ସାହିତ କରାଯାଇଥିଲା। ଓଡିଶା ରାଜ୍ୟକୁ ବିଦ୍ୟୁତ୍ ଯୋଗାଣ ପାଇଁ 3,200 ମେଗାୱାଟ୍ କ୍ଷମତା ବିଶିଷ୍ଟ ଏକ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ପାଇଁ ଜେଭି କମ୍ପାନୀ ଗଠନ କରାଯାଇଥିଲା। 2007 ମସିହାରେ ଓଟିପିସିଏଲ୍ ଗଠନ ହେବାର ଛଅ ବର୍ଷ ପରେ (ଅଗଷ୍ଟ 2013) ଏକ କୋଇଲା ବ୍ଲକ ଆବଣ୍ଟନ କରାଯାଇଥିଲା, କିନ୍ତୁ ଏହି ଆବଣ୍ଟନ ଜୁଲାଇ 2019ରେ ବାତିଲ ହୋଇଯାଇଥିଲା। ଯାହାଫଳରେ ତାପଜ ବିଦ୍ୟୁତ୍ କେନ୍ଦ୍ର ପାଇଁ କୌଣସି ଉତ୍ସର୍ଗୀକୃତ କୋଇଲା ବ୍ଲକ ନଥିଲା। ଏହି ଜେଭି ତା'ର ଉଦ୍ଦେଶ୍ୟ ହାସଲ କରିବାରେ ବିଫଳ ହୋଇଥିଲା ଏବଂ ଅଗଷ୍ଟ 2021ରେ ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏହାକୁ ବନ୍ଦ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ପ୍ରକଳ୍ପର ବିଫଳତା ମୁଖ୍ୟତଃ ସ୍ଥାନ ଚୟନରେ ପରିବର୍ତ୍ତନ, ଜମି ଅଧିଗ୍ରହଣରେ ବିଳମ୍ବ ଏବଂ ପାୱାର ପ୍ଲାଣ୍ଟ ପାଇଁ କୋଇଲା ଖଣି ଚୂଡାନ୍ତ ନକରିବା ହେତୁ ହୋଇଥିଲା। ତେଣୁ, ଓଟିପିସିଏଲ୍‌ରେ 172.20 କୋଟି ଟଙ୍କା ନିବେଶ ନିରର୍ଥକ ହୋଇଥିଲା ଏବଂ ଏଥିରୁ କୌଣସି ଲାଭପ୍ରାପ୍ତ ହୋଇପାରି ନଥିଲା।

ସରକାର କହିଲେ (ମଇ 2024) ଯେ, ମୁଖ୍ୟ ଶାସନ ସଚିବଙ୍କ ଏକ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଓଡିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ (ଇଡ୍‌କୋ) ଓଟିପିସିଏଲ୍‌ର ସମ୍ପୂର୍ଣ୍ଣ ସମାଦତ୍ତ ଅଂଶଧନ ଅଧିଗ୍ରହଣ କରିବ। ଉଚିତ ବଜାର ମୂଲ୍ୟ ପଦ୍ଧତିରେ ପ୍ରାପ୍ତ ହେବାକୁ ଥିବା ଅଂଶଧାନକୁ ଓଏମ୍‌ସି ଓ ଓଏଚ୍‌ପିସି ମଧ୍ୟରେ ସମାନ ଭାବରେ ବାଣ୍ଟି ଦିଆଯିବ।

ଉତ୍ତରଟି ଗ୍ରହଣୀୟ ନୁହେଁ, କାରଣ ବନ୍ଦ ହେବାକୁ ଯାଉଥିବା ଏକ କମ୍ପାନୀର ଉଚିତ ବଜାର ମୂଲ୍ୟର ବିଚାର ପ୍ରାୟତଃ ଆନ୍ତରିକ ମୂଲ୍ୟହୀନ ହୋଇଥାଏ।

80 ଏନ୍‌ଆଇଏନ୍‌ଏଲ୍ ନିରନ୍ତର କ୍ଷତିରେ ଥିଲା ଏବଂ 31.03.2023 ସୁଦ୍ଧା ଏନ୍‌ଆଇଏନ୍‌ଏଲ୍‌ରେ ନିବେଶ ପାଇଁ ଓଏମ୍‌ସିର ମୋଟ୍ ପୁଞ୍ଜିରେ ଲାଭ 612.72 କୋଟି ଟଙ୍କା ଥିଲା

81 ଆର୍‌ଆଇଓ ଟିଙ୍କୋ ଓଡିଶା ମାଇନିଂ ପ୍ରାଇଭେଟ୍ ଲିମିଟେଡ୍ (ଆର୍‌ଟିଓଏମ୍‌ପିଏଲ୍), ନୂଆଗାଁ କୋଇଲା କମ୍ପାନୀ ଲିମିଟେଡ୍ (ଏନ୍‌ସିସିଏଲ୍) ଏବଂ କେନ୍ଦୁଝର ଭିତ୍ତିଭୂମି ବିକାଶ କମ୍ପାନୀ ଲିମିଟେଡ୍ (କେଆଇଡିସିଏଲ୍)

82 ମନ୍ଦାକିନୀ-ବି କୋଇଲା ନିଗମ ଲିମିଟେଡ୍ (ଏମ୍‌ସିସିଏଲ୍)

**ସୁପାରିଶ:**

**8.** **ରୟାଲଟିର ଅଗ୍ରୀମ ପ୍ରଦାନରେ ବିଳମ୍ବିତ ସମାୟୋଜନ ଏବଂ ବୈଧାନିକ ଦେୟ ପ୍ରଦାନରେ ବିଳମ୍ବକୁ ଏଡାଇବା ପାଇଁ ଓଏମ୍‌ସି ଏହାର ପ୍ରକ୍ରିୟାଗୁଡ଼ିକୁ ସୁଗମ କରନ୍ତୁ; ଏବଂ**

**9.** **ମିଳିତ ଉଦ୍ୟୋଗଗୁଡ଼ିକରେ ନିବେଶ କରିବା ଓ ଆନ୍ତଃ ନିଗମ ଋଣ ପ୍ରଦାନ କରିବା ପୂର୍ବରୁ ଓଏମ୍‌ସି ଏବଂ ଓଡ଼ିଶା ସରକାର ଉକ୍ତ ନିବେଶଗୁଡ଼ିକରୁ ଆଶା କରାଯାଇଥିବା ଲାଭର ମୂଲ୍ୟାଙ୍କନ ଓ ବିଶ୍ଳେଷଣ କରନ୍ତୁ ।**

## 2.14 ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ

ଅନ୍ତର୍ନିହିତ ତଦାରଖ ବ୍ୟବସ୍ଥା ମାଧ୍ୟମରେ କମ୍ପାନୀର ଭୌତିକ/ଆର୍ଥିକ ପ୍ରଗତି ସୁନିଶ୍ଚିତ କରିବା ପାଇଁ ଏକ ପ୍ରଭାବଶାଳୀ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା ଅପରିହାର୍ଯ୍ୟ ଅଟେ। କମ୍ପାନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟଗୁଡ଼ିକ ଦକ୍ଷ ଏବଂ ଫଳପ୍ରଦ ଭାବରେ ହାସଲ କରାଯାଇପାରୁଛି, ତାହାର ନିଶ୍ଚିତତା ପ୍ରଦାନ କରିବାରେ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା, ପରିଚାଳନା କର୍ତ୍ତୃପକ୍ଷଙ୍କୁ ସାହାଯ୍ୟ କରିଥାଏ। ଏହି ପୃଷ୍ଠଭୂମିରେ, ଆଭ୍ୟନ୍ତରୀଣ ନିୟନ୍ତ୍ରଣର ବିଭିନ୍ନ ପଦ୍ଧତିଗୁଡ଼ିକ ସମୀକ୍ଷାରେ ଯାଞ୍ଚ କରାଯାଇଥିଲା। ସେମାନଙ୍କର ପ୍ରୟୋଗରେ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ପରିଲକ୍ଷିତ ହୋଇଥିଲା:

### 2.14.1 ଆଭ୍ୟନ୍ତରୀଣ ସମୀକ୍ଷା ପଦ୍ଧତି

କମ୍ପାନୀ (ଲେଖା) ନିୟମ, 2014ର ନିୟମ 13 ସହିତ କମ୍ପାନୀ ଅଧିନିୟମ, 2013ର ଧାରା 138 ଅନୁସାରେ କମ୍ପାନୀକୁ ଆଭ୍ୟନ୍ତରୀଣ ସମୀକ୍ଷକ କିମ୍ବା ଆଭ୍ୟନ୍ତରୀଣ ସମୀକ୍ଷକଙ୍କ ଏକ ଫାର୍ମ ନିଯୁକ୍ତ କରିବା ଆବଶ୍ୟକ ଅଟେ। କମ୍ପାନୀ ଅଧିନିୟମ, 2013ର ଧାରା 134(3)(ଏନ୍) ଅନୁଯାୟୀ, ଏକ କମ୍ପାନୀକୁ ବିପଦ ପରିଚାଳନା ନୀତି କାର୍ଯ୍ୟକାରୀ କରିବାକୁ ପଡିଥାଏ ଯେଉଁଥିରେ ଚିହ୍ନଟ ହୋଇଥିବା ବିପଦଗୁଡ଼ିକ ଅନ୍ତର୍ଭୁକ୍ତ। ଅଧିକନ୍ତୁ, ଆଇସିଏଆଇ ଦ୍ୱାରା ଜାରି କରାଯାଇଥିବା ଆଭ୍ୟନ୍ତରୀଣ ସମୀକ୍ଷା ମାନକ (ଏସ୍‌ଆଇଏ) 130, ବିପଦ ପରିଚାଳନା, ଆଭ୍ୟନ୍ତରୀଣ ସମୀକ୍ଷକଙ୍କୁ ବିପଦ ପରିଚାଳନା ପ୍ରକ୍ରିୟା ଏବଂ ଢାଞ୍ଚା ଉପରେ ଆଧାର କରି ବିପଦ ଆଧାରିତ ଆଭ୍ୟନ୍ତରୀଣ ସମୀକ୍ଷା କରିବା ଆବଶ୍ୟକ ଅଟେ।

2018-23 ସମୀକ୍ଷା ସମୟ ଅବଧିରେ ଏହା ଦେଖାଯାଇଥିଲା ଯେ, ଉକ୍ତ ଅବଧି ପାଇଁ ବାହ୍ୟ ସଂସ୍ଥାଗୁଡ଼ିକୁ ନିଯୁକ୍ତ କରି ଓଏମ୍‌ସି ଆଭ୍ୟନ୍ତରୀଣ ସମୀକ୍ଷା କରିଥିଲା। ତଥାପି, ଏହା ଦେଖାଯାଇଛି ଯେ, ଏସ୍‌ଆଇଏ 130 ଏବଂ କମ୍ପାନୀ ଅଧିନିୟମ, 2013ର ଧାରା 134(3)(ଏନ୍) ଅନୁଯାୟୀ ଆଶା କରାଯାଇଥିବା ବିପଦଭିତ୍ତିକ ସମୀକ୍ଷା କରାଯାଇ ନଥିଲା। ଆଭ୍ୟନ୍ତରୀଣ ସମୀକ୍ଷକମାନଙ୍କୁ ଦିଆଯାଇଥିବା କାର୍ଯ୍ୟର ପରିସର ଗୁରୁତ୍ୱପୂର୍ଣ୍ଣ ବିପଦ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରି ନଥିଲା ଯେପରିକି ଅଣ-କାର୍ଯ୍ୟକ୍ଷମ ଖଣି ଜାରି ରଖିବା, ଅଣ-ଉତ୍ପାଦକ ଖଣିଗୁଡ଼ିକର ସମୟୋଚିତ ଆତ୍ମସମର୍ପଣ ନକରିବା, ସମୟବଦ୍ଧ ଭାବରେ ବିଭିନ୍ନ ବୈଧାନିକ ମଞ୍ଜୁରୀ ହାସଲ ନକରିବା, ପରିବେଶଗତ ବିପଦର ମୂଲ୍ୟାଙ୍କନ ଏବଂ ପରିଚାଳନା, ଆଇନଗତ ଆବଶ୍ୟକତା ସହିତ ଅନୁପାଳନ ଇତ୍ୟାଦି।

ସରକାର ସମୀକ୍ଷାର ପର୍ଯ୍ୟବେକ୍ଷଣଗୁଡ଼ିକୁ ଗ୍ରହଣ କରିଥିଲେ ଏବଂ କହିଲେ (ଜୁଲାଇ 2024) ଯେ, ଆଭ୍ୟନ୍ତରୀଣ ସମୀକ୍ଷାର ପରିସରକୁ ବୃଦ୍ଧି କରିବାକୁ କମ୍ପାନୀକୁ କୁହାଯାଇଛି ଏବଂ ଅଧିକ ବିସ୍ତୃତ କାର୍ଯ୍ୟ ପରିସର ସହିତ ଏକ ବଡ ସମୀକ୍ଷା ଫାର୍ମକୁ ନିୟୋଜନ କରାଯିବା ବିଷୟରେ ନିରୀକ୍ଷଣ କରାଯିବ।

### 2.14.2 ପରିଚାଳନା ସୂଚନା ବ୍ୟବସ୍ଥା

ପରିଚାଳନା ସୂଚନା ବ୍ୟବସ୍ଥା (ଏମ୍‌ଆଇଏସ୍) ହେଉଛି ଏକ ପଦ୍ଧତି ଯାହା ରିପୋର୍ଟ ପ୍ରଦାନ କରେ ଯାହା ସଂଗଠନର ପ୍ରକ୍ରିୟାର ପରିଚାଳନା ତଦାରଖକୁ ସାହାଯ୍ୟ କରେ, ବର୍ତ୍ତମାନର ପ୍ରଦର୍ଶନକୁ ନିର୍ଦ୍ଧାରିତ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସହିତ ତୁଳନା କରେ, ସଂଶୋଧନମୂଳକ କାର୍ଯ୍ୟ କାର୍ଯ୍ୟକାରୀ କରିବା ଇତ୍ୟାଦିରେ ସହାୟତା କରେ।

ଏହି ପରିପ୍ରେକ୍ଷୀରେ ସମୀକ୍ଷାରେ ନିମ୍ନଲିଖିତ ବ୍ୟତିକ୍ରମଗୁଡିକ ଦେଖାଯାଇଥିଲା:

- ଓଏମ୍‌ସି କୌଣସି ନିୟମ/ନୀତି ଏମ୍‌ଆଇଏସ୍ ଉପରେ ପ୍ରଣୟନ କରିନଥିଲା, ଯେଉଁଥିରେ ରିପୋର୍ଟର ତାଲିକା, ଏପରି ରିପୋର୍ଟର ଉତ୍ପାଦନ ସମୟ, ପ୍ରସ୍ତୁତି କିମ୍ବା ପରିଚାଳନା ଦ୍ୱାରା ସେଗୁଡିକର ବିଶ୍ଳେଷଣ ଏବଂ ସଂଶୋଧନମୂଳକ କାର୍ଯ୍ୟର କାର୍ଯ୍ୟକାରିତା ପାଇଁ ପରିଚାଳନା ସ୍ତରରେ କୌଣସି ଦାୟିତ୍ୱ ନିର୍ଦ୍ଧାରଣ କରାଯାଇ ନଥିଲା। କେବଳ ବୈଧାନିକ ରିଟର୍ଣ୍ଣ ଦାଖଲ କରିବା ଏବଂ ଚୁକ୍ତିର ନବୀକରଣ ପାଇଁ ସୂଚନା ସଂକଳିତ କରାଯାଇଥିଲା। ଏକ ବିସ୍ତୃତ, ସମୟସୀମା ସାରାଂଶ ଏବଂ ବ୍ୟତିକ୍ରମ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ କୌଣସି ବ୍ୟବସ୍ଥା ନଥିଲା।

- ଓଏମ୍‌ସିର ଅଷ୍ଟମ ସମୀକ୍ଷା ସମିତି ବୈଠକରେ (ନଭେମ୍ବର 2019) ବଜେଟ୍ ବନାମ ପ୍ରକୃତ ମୂଲ୍ୟ ପରିବର୍ତ୍ତନ, ପରିମାଣ ପରିବର୍ତ୍ତନ ଇତ୍ୟାଦିର ବିଶ୍ଳେଷଣ ଉପରେ ତ୍ରୈମାସିକ ରିପୋର୍ଟ ପ୍ରସ୍ତୁତ କରିବାକୁ ସୁପାରିଶ କରାଯାଇଥିଲା। ତଥାପି, ସମୀକ୍ଷା ସମିତି ସୁପାରିଶ ସତ୍ତ୍ୱେ ମାର୍ଚ୍ଚ 2023 ସୁଦ୍ଧା ଏହି ରିପୋର୍ଟ ପ୍ରସ୍ତୁତ କରାଯାଇ ନଥିଲା କିମ୍ବା ତଦାରଖ ପାଇଁ ସମିତିକୁ ଦାଖଲ କରାଯାଇ ନଥିଲା।

ଏହି ପର୍ଯ୍ୟବେକ୍ଷଣକୁ ସ୍ୱୀକାର କରି ସରକାର କହିଲେ (ମଇ 2024) ଯେ, ଓଏମ୍‌ସିର ଏସ୍‌ଏପି ଇଆର୍‌ପି ବ୍ୟବସ୍ଥାର ବ୍ୟକ୍ତିଗତ କାର୍ଯ୍ୟକ୍ଷମ ମଡ୍ୟୁଲ, ବ୍ୟବସାୟିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ପରିବର୍ତ୍ତିତ ହୋଇଥିଲା। ତଥାପି, ବିଭିନ୍ନ ମଡ୍ୟୁଲରୁ ତଥ୍ୟ ଏକତ୍ର କରିବା ପାଇଁ ଏକ କେନ୍ଦ୍ରୀକୃତ ଏମ୍‌ଆଇଏସ୍ କାର୍ଯ୍ୟକାରୀ କରିବା ପ୍ରକ୍ରିୟା ଚାଲୁରହିଛି।

### 2.14.3 ସୂଚନା ପ୍ରଯୁକ୍ତି ଏବଂ ଏଣ୍ଟରପ୍ରାଇଜେସ୍ ରିସୋର୍ସ ପ୍ଲାନିଂ

ଏଣ୍ଟରପ୍ରାଇଜେସ୍ ରିସୋର୍ସ ପ୍ଲାନିଂ (ଇଆର୍‌ପି) ପାଇଁ ଫେବୃଆରୀ 2005ରେ ଓଏମ୍‌ସିରେ ସିଷ୍ଟମ, ଆପ୍ଲିକେସନ୍ ଏବଂ ପ୍ରଡକ୍ଟସ୍ ଇନ୍ ଡାଟା ପ୍ରୋସେସିଂ (ଏସ୍‌ଏପି) କାର୍ଯ୍ୟକାରୀ କରାଯାଇଥିଲା। କମ୍ପାନୀକୁ ଇଆର୍‌ପି ପାଇଁ 14ଟି ମଡ୍ୟୁଲ ପ୍ରଦାନ କରାଯାଇଥିଲା, ଯେଉଁଥିରୁ ମାର୍ଚ୍ଚ 2023 ସୁଦ୍ଧା କେବଳ ଛଅଟି ମଡ୍ୟୁଲ[83] ବ୍ୟବହାର କରାଯାଉଥିଲା। ଆବଶ୍ୟକତା ଉପରେ ଆଧାର କରି ଏସ୍‌ଏପି ଇଆର୍‌ପି ବ୍ୟବସ୍ଥାରେ ବ୍ୟକ୍ତିଗତ ଭାବେ ବ୍ୟବହାର କରିବା ପାଇଁ 256ଟି ବ୍ୟବହାରକାରୀ ଲାଇସେନ୍ସ ଓଏମ୍‌ସି ଦ୍ୱାରା ଡିସେମ୍ବର 2004ରେ କିଣାଯାଇଥିଲା। କିନ୍ତୁ, ମାର୍ଚ୍ଚ 2023 ସୁଦ୍ଧା କେବଳ 223ଟି ଉପଭୋକ୍ତା ଲାଇସେନ୍ସର ବ୍ୟବହାର କରାଯାଇଥିଲା।

ସମୀକ୍ଷାରେ ନିମ୍ନଲିଖିତ ଗୁଡିକ ଦେଖାଯାଇଥିଲା:

- ଏସ୍‌ଏପିର ସାମଗ୍ରୀ ପରିଚାଳନା ମଡ୍ୟୁଲରେ, ସିଷ୍ଟମରେ 'ଉପଭୋଗ-ଆଧାରିତ ଯୋଜନା'[84] (ସିବିପି)ର ଉପଲବ୍ଧତା ସତ୍ତ୍ୱେ, ମାର୍ଚ୍ଚ 2023 ସୁଦ୍ଧା ସାମଗ୍ରୀ ପରିଚାଳନା ହସ୍ତକୃତ ଯୋଜନା ଅନୁସାରେ କରାଯାଇଥିଲା।

- ଏସ୍‌ଏପିର ବିକ୍ରୟ ଏବଂ ବିତରଣ ମଡ୍ୟୁଲରେ, ଆବଣ୍ଟନ, ବିକ୍ରୟ ଅର୍ଡର ଏବଂ ବିତରଣ ଅର୍ଡର ସୃଷ୍ଟି ସମୟରେ ଗ୍ରାହକମାନଙ୍କୁ ଲୁହାପଥରର ଉପଲବ୍ଧତା ବିଷୟରେ ପ୍ରକୃତ ସମୟ ସୂଚନା ଜାଣିବା ପାଇଁ ଉପଲବ୍ଧ ପ୍ରତିଶ୍ରୁତି (ଏଟିପି)[85]ର କାର୍ଯ୍ୟକାରିତା ବ୍ୟବହୃତ ହୋଇନଥିଲା। ପରୀକ୍ଷଣ ଯାଞ୍ଚରୁ ଜଣାପଡିଛି ଯେ ଏଟିପିର କାର୍ଯ୍ୟକାରିତାର ବ୍ୟବହାର ନହୋଇ ପାରିବା ଯୋଗୁ ଆଠଟି ମାମଲାରେ ଷ୍ଟକ୍ ସୀମା

---

83 ସାମଗ୍ରୀ ପରିଚାଳନା (ଏମ୍‌ଏମ୍), ବିକ୍ରୟ ଏବଂ ବିତରଣ (ଏସ୍‌ଡି), ଉତ୍ପାଦନ ଏବଂ ଯୋଜନା (ପିପି), ଅର୍ଥ ଏବଂ ନିୟନ୍ତ୍ରଣ (ଏଫ୍‌ଆଇସିଓ), ସମ୍ପତ୍ତି ପରିଚାଳନା (ଏଏମ୍), ମାନବ ସମ୍ବଳ (ଏଚ୍‌ଆର୍)

84 ଓଏମ୍‌ସିରେ, କ୍ରୟରେ ମୁଖ୍ୟତଃ କାର୍ଯ୍ୟାଳୟ ଏବଂ କଲୋନୀ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକୀୟ ଜିନିଷ, ସୁରକ୍ଷା ଉପକରଣ, ଓଜନ ଓ ଉପଭୋଗ୍ୟ ସାମଗ୍ରୀ ଅନ୍ତର୍ଭୁକ୍ତ ଥାଏ। ବ୍ୟବହାର ଆଧାରିତ ଯୋଜନା ହେଉଛି ଏମ୍‌ଏମ୍ ମଡ୍ୟୁଲର ଏକ କାର୍ଯ୍ୟକାରିତା। ପ୍ରକୃତ ବ୍ୟବହାର ଏବଂ ଚାହିଦା ଉପରେ ଆଧାର କରି କେବେ ଏବଂ କେତେ ସାମଗ୍ରୀ କ୍ରୟ କରାଯିବା ଉଚିତ ତାହା ନିର୍ଣ୍ଣୟ କରିବା ପାଇଁ ଏହା ବ୍ୟବହୃତ ହୁଏ।

85 ଏଟିପି ହେଉଛି ଏସ୍‌ଏପି ଇଆର୍‌ପିର ଏସ୍‌ଡି ମଡ୍ୟୁଲର ଏକ କାର୍ଯ୍ୟକାରିତା ଯାହା କ୍ରେତାଙ୍କ ଦ୍ୱାରା ଅନୁରୋଧ କରାଯାଇଥିବା ସାମଗ୍ରୀ ପାଇଁ ପ୍ରସ୍ତାବ ନିଶ୍ଚିତକରଣ କରେ

ବାହାରେ ଆବଣ୍ଟନ ନିଲାମ ମାଧ୍ୟମରେ କରାଯାଇଥିଲା, ଯାହାର ଫଳସ୍ୱରୂପ 30.85 କୋଟି ଟଙ୍କାର ଲୁହାପଥର ସ୍ୱଳ୍ପ ବିତରଣ କରାଯାଇଥିଲା ।

- ଏସ୍‌ଏପିର ଉତ୍ପାଦନ ଏବଂ ଯୋଜନା ମଡ୍ୟୁଲରେ, ଖଣିଜ ଅଭାବ, ଅଧିକ ଷ୍ଟାକିଂ, ଉତ୍ପାଦନରେ ବିଳମ୍ବ ଏବଂ ବୈଧାନିକ ସୀମା ତୁଳନାରେ ଖଣି-ଓ୍ୱାରୀ ବାର୍ଷିକ ଉତ୍ପାଦନ ଉପରେ ନଜର ରଖିବା ପାଇଁ 'ବ୍ୟତିକ୍ରମ ନିରୀକ୍ଷଣ'ର କାର୍ଯ୍ୟକାରିତା ବ୍ୟବହୃତ ହୋଇନଥିଲା । ଫଳସ୍ୱରୂପ, ଗନ୍ଧମାର୍ଦ୍ଧନ ଆଇଓଏମ୍‌ରେ ଅଧିକ ପରିମାଣର ଖଣିଜ ମହଜୁଦ ରହିଥିବା ପରିଲକ୍ଷିତ ହୋଇଥିଲା ଏବଂ ସୁକ୍ରାଙ୍ଗୀ ଓ କୋଡିଙ୍ଗାମାଳି ଖଣିରେ ବାର୍ଷିକ ଉତ୍ପାଦନ ଇସି ଏବଂ ସିଟିଓ ସୀମାକୁ ଅତିକ୍ରମ କରିଥିଲା ।

ସରକାର କହିଲେ (ମାଇ 2024) ଯେ, ଲାଇସେନ୍ସ ଚୁକ୍ତିନାମା ଅନୁଯାୟୀ ଓଏମ୍‌ସିର ବିଭିନ୍ନ ଇଆର୍‌ପି ମଡ୍ୟୁଲରେ ଉପଯୋଗିତା ରହିଛି । ତେବେ, ମଡ୍ୟୁଲର ଉପଯୋଗ ବ୍ୟବସାୟିକ ଆବଶ୍ୟକତା ଉପରେ ଆଧାରିତ ।

ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ଲାଇସେନ୍ସିଂ ମାଧ୍ୟମରେ ବିଭିନ୍ନ ମଡ୍ୟୁଲକୁ ପ୍ରବେଶ କରିବା ସତ୍ତ୍ୱେ, କିଛି ମଡ୍ୟୁଲ ବ୍ୟବହାର ସୂଚିତ କରିଥିଲା ଯେ, ମଡ୍ୟୁଲ ଆବଶ୍ୟକତା ନାହିଁ କିମ୍ବା ସେଗୁଡ଼ିକ ଓଏମ୍‌ସିର କାର୍ଯ୍ୟ ପ୍ରକ୍ରିୟା ସହିତ ସୁସଙ୍ଗତ ନୁହେଁ ।

## 2.15 ଅନ୍ୟାନ୍ୟ ଧ୍ୟାନ ଆକର୍ଷଣକାରୀ ବିଷୟଗୁଡ଼ିକ

### 2.15.1 କର୍ପୋରେଟ୍ ଶାସନ ଢାଞ୍ଚା

ଓଡ଼ିଶା ସରକାରଙ୍କ ସାର୍ବଜନୀନ ଉଦ୍ୟୋଗ ବିଭାଗ ରାଜ୍ୟର ସାର୍ବଜନୀନ ଉଦ୍ୟୋଗଗୁଡ଼ିକ ପାଇଁ ଏକ କର୍ପୋରେଟ୍ ଶାସନ ମାନୁଆଲ (ସିଜିଏମ୍) ପ୍ରସ୍ତୁତ କରିଥିଲା, ଯାହାକୁ ପରବର୍ତ୍ତୀ ସମୟରେ ନଭେମ୍ବର 2009ରେ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଥିଲେ । କମ୍ପାନୀ ଅଧିନିୟମ ଅନୁଯାୟୀ ପଞ୍ଜିକୃତ ହୋଇଥିବା ସମସ୍ତ ସାର୍ବଜନିନ ଉଦ୍ୟୋଗରେ ଏହି ନିୟମ ଲାଗୁ ହେବ, ଯେଉଁଥିରେ ଓଡ଼ିଶା ସରକାରଙ୍କ 51 ପ୍ରତିଶତ କମ୍ବା ତା'ଠାରୁ ଅଧିକ ଅଂଶଧନ ରହିଥିବ ।

ଏହି ପରିପ୍ରେକ୍ଷୀରେ ସମୀକ୍ଷାରେ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ପରିଲକ୍ଷିତ ହୋଇଥିଲା:

### 2.15.2 କର୍ପୋରେଟ୍ ଯୋଜନା ପ୍ରସ୍ତୁତ ଏବଂ ତଦାରଖ କରିବା

ସିଜିଏମ୍‌ର ଅନୁଚ୍ଛେଦ 1.5ରେ ସଂଗଠନର ଦୀର୍ଘକାଳୀନ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ହାସଲ ପାଇଁ ପ୍ରସ୍ତାବିତ କର୍ପୋରେଟ୍ ରଣନୀତିକୁ ନେଇ ଏକ ଦୀର୍ଘକାଳୀନ କର୍ପୋରେଟ୍ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଏ । ଏହି କର୍ପୋରେଟ୍ ଯୋଜନାରେ ଏକ ସମ୍ପତ୍ତି ପରିଚାଳନା ଯୋଜନା, ମାନବ ସମ୍ବଳ ପରିଚାଳନା ପାଇଁ ଏକ ଯୋଜନା ଏବଂ ଏକ ସୂଚନା ପ୍ରଯୁକ୍ତିବିଦ୍ୟା ଯୋଜନା ଏହାର ଉପାଦାନ ଭାବରେ ଅନ୍ତର୍ଭୁକ୍ତ କରିବାର ଥିଲା । ଏହି କର୍ପୋରେଟ୍ ଯୋଜନାକୁ ବିଓଡି ଅନୁମୋଦନ କରିବାର ଥିଲା ଏବଂ ଇସ୍ପାତ ଓ ଖଣି (ଏସ୍‌ଆଣ୍ଡ୍‌ଏମ୍) ବିଭାଗର, ସଚିବ, ଓଡ଼ିଶା ସରକାରଙ୍କ ନିକଟରେ ଦାଖଲ କରାଯିବାର ଥିଲା । ପରବର୍ତ୍ତୀ ସମୟରେ, ଯୋଜନା ଅନୁଯାୟୀ, ବାର୍ଷିକ ବଜେଟ୍ ପ୍ରସ୍ତୁତ କରାଯିବାର ଥିଲା ।

ଏହି ପରିପ୍ରେକ୍ଷୀରେ ଏହା ଉଲ୍ଲେଖ କରାଯାଇଥିଲା ଯେ, ଓଏମ୍‌ସି ଦ୍ୱାରା କୌଣସି କର୍ପୋରେଟ୍ ଯୋଜନା ପ୍ରସ୍ତୁତ କରାଯାଇନଥିଲା, ଯାହା କମ୍ପାନୀକୁ ଏକ ପରିକଳ୍ପିତ ଲାଭରୁ ବଞ୍ଚିତ କରିଥିଲା ।

ସମୀକ୍ଷା ପର୍ଯ୍ୟବେକ୍ଷଣକୁ ସ୍ୱୀକାର କରି ସରକାର କହିଲେ (ମଇ 2024) ଯେ, ଓଏମ୍‌ସି ଆର୍ଥିକ ବର୍ଷ 2024-25ରେ ଏକ କର୍ପୋରେଟ୍ ଯୋଜନା ପ୍ରସ୍ତୁତ କରିବାକୁ ଯୋଜନା କରୁଛି ।

### 2.15.3 ବିପଦ ପରିଚାଳନା ନୀତିର କାର୍ଯ୍ୟକାରିତା

ସିଜିଏମ୍ ଅନୁଚ୍ଛେଦ 9ରେ ଏସ୍‌ପିଏସ୍‌ଇଗୁଡିକର ନିର୍ଦ୍ଦେଶକ ମଣ୍ଡଳୀଙ୍କୁ ଏହା ସୁନିଶ୍ଚିତ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି ଯେ, ଏକ ସୁଦୃଢ଼ ବିପଦ ପରିଚାଳନା ଢାଞ୍ଚା କାର୍ଯ୍ୟକାରୀ ହେଉ, ଯାହାକି ନିରନ୍ତର ଭାବେ ବିପଦ ଚିହ୍ନଟ, ଆକଳନ, ମାପ ଏବଂ ପରିଚାଳନା କରିବା ଲାଗି ବ୍ୟବସାୟିକ ପ୍ରକ୍ରିୟାଗୁଡିକର ପ୍ରଭାବୀ ତଦାରଖକୁ ସକ୍ଷମ କରୁଥାଏ। ତେଣୁ, ଓଏମ୍‌ସି 2017 ଡିସେମ୍ବରରେ ଏକ ବିପଦ ପରିଚାଳନା ନୀତି ପ୍ରସ୍ତୁତ କରିଥିଲା। ଚିହ୍ନଟ ହୋଇଥିବା ବିପଦ ବର୍ଗର ତାଲିକା ଉପରେ ଆଧାର କରି ବିପଦ ପରିଚାଳନା ଯୋଜନା ପ୍ରସ୍ତୁତ କରିବା, କାର୍ଯ୍ୟକାରୀ କରିବା ଏବଂ ତଦାରଖ କରିବା ପାଇଁ ବୋର୍ଡ ଦ୍ୱାରା ଏକ ବିପଦ ପରିଚାଳନା କମିଟି ଗଠନ ପାଇଁ ଆବଶ୍ୟକ ଥିଲା। ତଥାପି, ସମୀକ୍ଷାରେ ଦେଖାଯାଇଥିଲା ଯେ, ନା ବିପଦ ପରିଚାଳନା ନୀତି ପ୍ରସ୍ତୁତ କରାଯାଇଥିଲା ନା ଓଏମ୍‌ସି ବୋର୍ଡ ଦ୍ୱାରା ଏକ ବିପଦ ପରିଚାଳନା ସମିତି ଗଠନ କରାଯାଇଥିଲା।

ସମୀକ୍ଷା ପର୍ଯ୍ୟବେକ୍ଷଣକୁ ସ୍ୱୀକାର କରି ସରକାର କହିଲେ (ମଇ 2024) ଯେ, ପ୍ରତ୍ୟେକ ସ୍ତରରେ ନିର୍ଦ୍ଦିଷ୍ଟ ଭୂମିକା ଏବଂ ଦାୟିତ୍ୱକୁ ଅନ୍ତର୍ଭୁକ୍ତ କରିବା ପାଇଁ ଓଏମ୍‌ସିର ବିପଦ ପରିଚାଳନା ନୀତିରେ ସଂଶୋଧନ କରାଯାଉଛି ଯାହା ବୋର୍ଡର ଅନୁମୋଦନ ପରେ କାର୍ଯ୍ୟକାରୀ ହେବ।

### 2.15.4 ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରେ ଅବଦାନ

କମ୍ପାନୀ ଅଧିନିୟମ, 2013ର ଧାରା 181 ଅନୁଯାୟୀ କୌଣସି କମ୍ପାନୀର ଆର୍ଥିକ ପୂର୍ବ ବର୍ଷର ତତ୍‌କ୍ଷଣାତ୍ ତିନି ଆର୍ଥିକ ବର୍ଷର ହାରାହାରି ନିଟ୍ ଲାଭର ପାଞ୍ଚ ପ୍ରତିଶତରୁ ଅଧିକ ଦାନଯୋଗ୍ୟ ଦାନ ଏବଂ ଅନ୍ୟାନ୍ୟ ପାଣ୍ଠିକୁ କୌଣସି ଅବଦାନ କଲେ ବାର୍ଷିକ ସାଧାରଣ ସଭା (ଏଜିଏମ୍)ର ଅନୁମୋଦନ ଆବଶ୍ୟକ।

ସମୀକ୍ଷା ଦେଖିଲା ଯେ, 2018-23 ମଧ୍ୟରେ ଓଏମ୍‌ସି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି (ସିଏମ୍‌ଆର୍‌ଏଫ୍)କୁ 1,850 କୋଟି ଟଙ୍କା ପ୍ରଦାନ କରିଥିଲା। ସେଥିମଧ୍ୟରୁ, 2018-22 ମଧ୍ୟରେ 1,730 କୋଟି ଟଙ୍କା ସିଏମ୍‌ଆର୍‌ଏଫ୍‌କୁ ଅବଦାନ, ପୂର୍ବ ତିନି ବର୍ଷର ହାରାହାରି ନିଟ୍ ଲାଭରୁ ପାଞ୍ଚ ପ୍ରତିଶତ ଅତିକ୍ରମ କରିଥିଲା, ଯାହା କମ୍ପାନି ଅଧିନୀୟମ ବ୍ୟବସ୍ଥାର ବିରୁଦ୍ଧରେ ଥିଲା। ତଥାପି, ଓଏମ୍‌ସି ତା'ର ବାର୍ଷିକ ସାଧାରଣ ସଭାରେ କୌଣସି ପୂର୍ବ ଅନୁମୋଦନ ଗ୍ରହଣ କରିନଥିଲା ଯାହା କମ୍ପାନୀ ଅଧିନିୟମ, 2013ର ଉଲ୍ଲଙ୍ଘନ ଥିଲା।

ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ସରକାର କହିଲେ (ମଇ 2024) ଯେ, ସିଏମ୍‌ଆର୍‌ଏଫ୍‌କୁ ଅବଦାନ କମ୍ପାନୀ ଅଧିନିୟମ, 2013ର ଧାରା 181 ଅନୁଯାୟୀ ପ୍ରଦାନ କରାଯିବାର ଥିଲା।

# ଅଧ୍ୟାୟ-III

# ଅନୁପାଳନ ସମୀକ୍ଷା ମନ୍ତବ୍ୟ

# ଅଧ୍ୟାୟ-III

## ଅନୁପାଳନ ସମୀକ୍ଷା ମନ୍ତବ୍ୟ

ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ/ନିଗମଗୁଡିକର କାରବାରର ନମୁନା ଯାଞ୍ଚରୁ ପରିଲକ୍ଷିତ ଗୁରୁତ୍ୱପୂର୍ଣ୍ଣ ଫଳାଫଳଗୁଡିକ ଏହି ଅଧ୍ୟାୟରେ ଅନ୍ତର୍ଭୁକ୍ତ କରାଯାଇଛି ।

## ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍

### *3.1 ପରିହାର୍ଯ୍ୟ ବ୍ୟୟ*

**କୋଇଲା କ୍ରୟ ପାଇଁ 24.72 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ**

ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ (ଓପିଜିସି)ର 1994 ମସିହା ଠାରୁ 210 ମେଗାୱାଟର ଦୁଇଟି (ୟୁନିଟ୍ 1 ଏବଂ 2) ତାପଜ ବିଦ୍ୟୁତ୍ ଉତ୍ପାଦନ ୟୁନିଟ୍ କାର୍ଯ୍ୟକ୍ଷମ ଥିଲା । ଓପିଜିସି ଏକ କୋଇଲା ଯୋଗାଣ ଚୁକ୍ତିନାମା ଅଧିନରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍)[86] ଠାରୁ ୟୁନିଟ୍ 1 ଏବଂ 2 ପାଇଁ କୋଇଲା କିଣୁଛି । ଏମ୍‌ସିଏଲ୍‌ରୁ କୋଇଲା ପରିବହନ ପାଇଁ, ଓପିଜିସିର ନିଜସ୍ୱ ରେଳ ଲାଇନ୍ ଥିଲା ଯାହାର ନାମ ମେରି ଗୋ ରାଉଣ୍ଡ (ଏମ୍‌ଜିଆର୍) ରେଳ ବ୍ୟବସ୍ଥା । ଓପିଜିସି ଫେବ୍ରୁଆରୀ 2014ରେ ଦୁଇଟି ଅତିରିକ୍ତ ଉତ୍ପାଦନ ୟୁନିଟ୍ ଯଥା: ୟୁନିଟ୍ 3 ଏବଂ 4 (ପ୍ରତ୍ୟେକ 660 ମେଗାୱାଟ) ସହିତ ଏକ ସମ୍ପ୍ରସାରଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା । ଏହି ସମୟ ମଧ୍ୟରେ, ଏମ୍‌ସିଏଲ୍ କୋଇଲାର ଉତ୍ସ ବ୍ୟତୀତ, ଭାରତ ସରକାର ଓପିଜିସି ବିଦ୍ୟୁତ୍ କେନ୍ଦ୍ରଗୁଡିକର ନିଜସ୍ୱ ବ୍ୟବହାର ପାଇଁ ଓପିଜିସିର ଏକ ସହାୟକ କମ୍ପାନୀ, ଓଡିଶା କୋଇଲା ଏବଂ ବିଦ୍ୟୁତ୍ ଲିମିଟେଡ୍ (ଓସିପିଏଲ୍)କୁ ଦୁଇଟି କୋଇଲା ବ୍ଲକ, ଯଥା (i) ମନୋହରପୁର ଏବଂ (ii) ମନୋହରପୁର ଡିପ୍-ସାଇଡ୍, ଅଗଷ୍ଟ 2015ରେ ଆବଣ୍ଟିତ କରିଥିଲେ ।

ନୂତନ କୋଇଲା ଖାଦାନଗୁଡିକ କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ଏବଂ ପରିବହନ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ସମାପ୍ତ ହେବା ପର୍ଯ୍ୟନ୍ତ କୋଇଲାର ଅତିରିକ୍ତ ଆବଶ୍ୟକତା ପୂରଣ କରିବା ପାଇଁ, ଓପିଜିସି କୋଇଲା ମନ୍ତ୍ରଣାଳୟର ବ୍ରିଜ୍ ଲିଙ୍କେଜ୍ ଯୋଜନା (ବିଏଲ୍‌ଏସ୍)[87] ଅଧିନରେ 2019-20ରୁ 2021-22 ପର୍ଯ୍ୟନ୍ତ 101.55 ଲକ୍ଷ ଏମ୍‌ଟି[88] (50.775 ଲକ୍ଷ ଏମ୍‌ଟି ପ୍ରତ୍ୟେକ ୟୁନିଟ୍ 3 ଏବଂ 4 ପାଇଁ) କୋଇଲା କିଣିବା ପାଇଁ ଏମ୍‌ସିଏଲ୍ ସହିତ ଏକ ଚୁକ୍ତିନାମା ମାର୍ଚ୍ଚ 2019ରେ ସମ୍ପାଦିତ କରିଥିଲା ।

ଓସିପିଏଲ୍‌ରୁ କୋଇଲା ପରିବହନ ପାଇଁ, ଓପିଜିସି ମନୋହରପୁର ଖଣିରୁ ବିଦ୍ୟୁତ୍ ପ୍ଲାଣ୍ଟ ପର୍ଯ୍ୟନ୍ତ ଘରୋଇ ରେଳବାଇ ସାଇଡିଂ[89] ଦେଇ ଏକ ଏମ୍‌ଜିଆର୍ ରେଳ ବ୍ୟବସ୍ଥା ନିର୍ମାଣ କରୁଥିଲା । ଏମ୍‌ଜିଆର୍ ରେଳ ବ୍ୟବସ୍ଥାର ସମାପ୍ତ ହେବାରେ ବିଳମ୍ବ ହେତୁ, ଓପିଜିସି ପ୍ରାରମ୍ଭରେ ଓସିପିଏଲ୍‌ର ମନୋହରପୁର କୋଇଲା ଖଣିରୁ କୋଇଲା ଉତ୍ତୋଳନ ପାଇଁ ଏକ ଘରୋଇ ରେଳ ସାଇଡିଂ (ଏବିସି ଲିମିଟେଡ୍)କୁ ଏକ ମାସ ପାଇଁ ଭଡା ନେଇଥିଲା (ମଇ

---

86 ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ଅଧିନରେ ଏକ କେନ୍ଦ୍ରୀୟ ସାର୍ବଜନୀନ କ୍ଷେତ୍ରର ଉଦ୍ୟୋଗ

87 'ବ୍ରିଜ ସଂଯୋଗ' ଯୋଜନା ହେଉଛି କେନ୍ଦ୍ର ଏବଂ ରାଜ୍ୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗଗୁଡିକର ଏକ ନିର୍ଦ୍ଦିଷ୍ଟ ଅନ୍ତିମ କାରଖାନାର କୋଇଲା ଆବଶ୍ୟକତା ଏବଂ ଆବଣ୍ଟିତ ସଂଶ୍ଳିଷ୍ଟ କୋଇଲା ଖଣିରୁ ଉତ୍ପାଦନ ଆରମ୍ଭ ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରିବା ପାଇଁ ଏକ ବ୍ୟବସ୍ଥା । ଏହା କୋଇଲା ଖଣି ଆବଣ୍ଟନ ତାରିଖରୁ ତିନିବର୍ଷର ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ମଞ୍ଜୁର କରାଯାଏ ।

88 2019-20ରେ 48.30 ଲକ୍ଷ ଏମ୍‌ଟି, 2020-21ରେ 36.45 ଲକ୍ଷ ଏମ୍‌ଟି ଏବଂ 2021-22ରେ 16.8 ଲକ୍ଷ ଏମ୍‌ଟି, ସମୁଦାୟ : 101.55 ଲକ୍ଷ ଏମ୍‌ଟି

89 ସାମଗ୍ରୀ ଗୁଡିକ ରେଳରେ ଲୋଡିଂ କରି ପରିବହନ ପାଇଁ ମୁଖ୍ୟ ରେଳ ଧାରଣାକୁ ଯୋଡିବାକୁ ମୁଖ୍ୟ ଧାରଣା ପାର୍ଶ୍ୱରେ ଥିବା ଛୋଟ ରେଳ ଧାରଣା

2021)। ଓସିପିଏଲ୍ ଖଣିରୁ ଘରୋଇ ରେଳ ସାଇଡିଂକୁ କୋଇଲା ପରିବହନ କରୁଥିଲା ଏବଂ ଏହାପରେ ସେହି ସାଇଡିଂରୁ ବିଦ୍ୟୁତ୍ ପ୍ଲାଣ୍ଟକୁ ଭାରତୀୟ ରେଳବାଇ ମାଧ୍ୟମରେ ପରିବହନ କରୁଥିଲା। ସେହି ରୋଡ୍-କମ୍-ରେଲ୍ (ଆର୍‌ସିଆର୍) ମାଧ୍ୟମ ବ୍ୟବସ୍ଥା ମାର୍ଚ୍ଚ 2022 ପର୍ଯ୍ୟନ୍ତ ଜାରି ରହିଥିଲା, ଯେଉଁ ସମୟ ମଧ୍ୟରେ ଓସିପିଏଲ୍‌ଠାରୁ ଓପିଜିସି 23.06 ଲକ୍ଷ ଏମ୍‌ଟି କୋଇଲା କ୍ରୟ କରିଥିଲା। ଅଧିକନ୍ତୁ, ସମାନ ଅବଧି ବର୍ଷ, ଅର୍ଥାତ 2021-22 ପାଇଁ, ଓପିଜିସି ପୂର୍ବରୁ ବିଏଲ୍‌ଏସ୍ ଅଧୀନରେ 12.60 ଲକ୍ଷ ଏମ୍‌ଟି କୋଇଲା ଉଠାଇବାକୁ ରାଜି ହୋଇଥିଲା ଏବଂ ଏହି ଯୋଜନା କେବଳ ସେହି ବର୍ଷ ପାଇଁ ବୈଧ ଥିଲା। ଏହି ସମ୍ବନ୍ଧରେ ଏହା ପ୍ରକାଶ କରିଥିଲା ଯେ, ଆର୍‌ସିଆର୍ ମାଧ୍ୟମ ଅଧୀନରେ ଓସିପିଏଲ୍ କୋଇଲାର କ୍ରୟ ମୂଲ୍ୟ ବିଏଲ୍‌ଏସ୍ ଅଧୀନରେ ଏମ୍‌ସିଏଲ୍ କୋଇଲା ଅପେକ୍ଷା ଅଧିକ ଥିଲା। ତେଣୁ, ତୁଳନାତ୍ମକ ମୂଲ୍ୟ ସୁବିଧାକୁ ବିଚାରକୁ ନେଇ, ଓପିଜିସି 2021-22 ପାଇଁ ବିଏଲ୍‌ଏସ୍ କୋଟା ସମାପ୍ତ କରିବା ଉଚିତ ଥିଲା ଯାହା ପ୍ରତିବଦଳରେ ଏହା କେବଳ 7.91 ଲକ୍ଷ ଏମ୍‌ଟି ଉଠାଇଥିଲା। 4.69 ଲକ୍ଷ ଏମ୍‌ଟି ବିଏଲ୍‌ଏସ୍ କୋଟାର କୋଇଲା କମ୍ ଉଠାଣ କରି, ଓପିଜିସି ନିମ୍ନଲିଖିତ ଅନୁସାରେ 24.72 କୋଟି ଟଙ୍କା ପରିହାର୍ଯ୍ୟ ଖର୍ଚ୍ଚ କରିଥିଲା।

**ସାରଣୀ 3.1: କୋଇଲା କ୍ରୟରେ ଅତିରିକ୍ତ ଖର୍ଚ୍ଚ**

| ବର୍ଷ | ଏମ୍‌ସିଏଲ୍ ସହିତ ଚୁକ୍ତିନାମା ଅନୁଯାୟୀ ସମ୍ମତ ପରିମାଣ (ଏମ୍‌ଟି) | ଏମ୍‌ସିଏଲ୍‌ରୁ କ୍ରୟ କରାଯାଇଥିବା ପ୍ରକୃତ ପରିମାଣ (ଏମ୍‌ଟି) | କୋଇଲା କ୍ରୟରେ ଅଭାବ (ମେଟ୍ରିକ୍ ଟନ) | ପରିବହନ ଖର୍ଚ୍ଚ ସମେତ ଏମ୍‌ସିଏଲ୍‌ରୁ କିଣାଯାଇଥିବା କୋଇଲାର ମୂଲ୍ୟ (ଟଙ୍କା ପ୍ରତି ଏମ୍‌ଟି) | ପରିବହନ ଖର୍ଚ୍ଚ ଆର୍‌ସିଆର୍ ମୋଡ୍ ମାଧ୍ୟମରେ କ୍ରୟ କରାଯାଇଥିବା ଓସିପିଏଲ୍ କୋଇଲାର ମୂଲ୍ୟ (ଟଙ୍କା ପ୍ରତି ଏମ୍‌ଟି) | କୋଇଲାର ଅତ୍ୟଧିକ ମୂଲ୍ୟ (ଟଙ୍କା ପ୍ରତି ଏମ୍‌ଟି) | ଅତିରିକ୍ତ ଖର୍ଚ୍ଚ (ଟଙ୍କା କୋଟିରେ) |
|---|---|---|---|---|---|---|---|
| (1) | (2) | (3) | (4)=(2-3) | (5) | (6) | (7)=(6-5) | (8)=(7x4) |
| 2021-22 | 12,60,000 | 7,90,907 | 4,69,093 | 1,751 | 2,278 | 527 | 24.72 |

*(ଉତ୍ସ: ଓପିଜିସି ଦ୍ୱାରା ପ୍ରଦତ୍ତ ସୂଚନା)*

ଉପରୋକ୍ତ ସାରଣୀରୁ ଦେଖାଯାଇପାରେ ଯେ, ଓପିଜିସି ଆର୍‌ସିଆର୍ ମୋଡ୍ ମାଧ୍ୟମରେ କୋଇଲା କ୍ରୟ କରିଥିଲା ଯାହାପାଇଁ 24.72 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିଲା, ଯାହାକୁ ଏମ୍‌ସିଏଲ୍‌ର ବିଏଲ୍‌ଏସ୍ ଅଧୀନରେ ବାକି 4.69 ଲକ୍ଷ ଏମ୍‌ଟି କୋଇଲା କ୍ରୟ କରିଥିଲେ ଏଡାଯାଇ ପାରିଥାନ୍ତା।

ସରକାର କହିଲେ (ଅପ୍ରେଲ 2024) ଯେ, ନୂତନ ୟୁନିଟ୍ ଗୁଡିକ (ଯଥା: ୟୁନିଟ୍ 3 ଏବଂ 4), ୟୁନିଟ୍ 1 ଏବଂ 2 ଯାହାକୁ ନିମ୍ନମାନର କୋଇଲା ଦ୍ୱାରା ପରିଚାଳନା କରାଯାଇପାରିବ ତୁଳନାରେ ଉନ୍ନତ ଗୁଣବତ୍ତାର କୋଇଲା ଜାଳିବା ପାଇଁ ଡିଜାଇନ୍ କରାଯାଇଛି। ନିମ୍ନମାନର ଏମ୍‌ସିଏଲ୍ କୋଇଲା ଜାଳିବା ଦ୍ୱାରା ନୂତନ ୟୁନିଟ୍ ବନ୍ଦ ହୋଇଯାଇ ପାରେ ଏବଂ ପାଉଁଶ ପରିଚାଳନା ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି ହୋଇପାରେ।

ଉତ୍ତରଟି ଗ୍ରହଣୀୟ ନଥିଲା, କାରଣ ଓସିପିଏଲ୍ ସହିତ ଇନ୍ଧନ ଯୋଗାଣ ଚୁକ୍ତିନାମା ଅନୁଯାୟୀ, ୟୁନିଟ୍ 3 ଏବଂ 4କୁ କୋଇଲା ଯୋଗାଣ ପାଇଁ ଜି-14 ଗ୍ରେଡ୍ କୋଇଲା ଧାର୍ଯ୍ୟ କରାଯାଇଥିଲା। ଏମ୍‌ସିଏଲ୍ ସହିତ ବିଏଲ୍‌ଏସ୍ ଅଧୀନରେ ଚୁକ୍ତିନାମା ଅନୁଯାୟୀ, 2021-22 ଆର୍ଥିକ ବର୍ଷରେ କୋଇଲା ଯୋଗାଣ ପାଇଁ ଆବଶ୍ୟକୀୟ ଗ୍ରେଡ୍ ଜି-12/ଜି-13 ଥିଲା। ଏହା ଦେଖାଯାଇଥିଲା ଯେ 2021-22 ମଧ୍ୟରେ, ଏମ୍‌ସିଏଲ୍, ବିଏଲ୍‌ଏସ୍ ଅଧୀନରେ ମୁଖ୍ୟତଃ ଜି-12 ଏବଂ ଜି-13 ଗ୍ରେଡ୍‌ର କୋଇଲା ଯୋଗାଇଥିଲା ଯାହା ଜି-14 ଗ୍ରେଡ୍ ଅପେକ୍ଷା ଗୁଣବତ୍ତାରେ ଉଚ୍ଚ ଥିଲା। ତେଣୁ, ସରକାରଙ୍କ ଉତ୍ତର ଏମ୍‌ସିଏଲ୍ ଦ୍ୱାରା ଯୋଗାଣ କରାଯାଇଥିବା କୋଇଲାର ଗୁଣବତ୍ତା ସମ୍ବନ୍ଧୀୟ ବାସ୍ତବ ସ୍ଥିତିର ବିରୁଦ୍ଧାଚରଣ କରେ। ତେଣୁ, ବିଏଲ୍‌ଏସ୍ ଅଧୀନରେ ଏମ୍‌ସିଏଲ୍‌ରୁ 4.69 ଲକ୍ଷ ଏମ୍‌ଟି କୋଇଲାର କମ କ୍ରୟ କରିବା ଆର୍ଥିକ ଦୃଷ୍ଟିରୁ ବୁଦ୍ଧିଯୁକ୍ତ ନଥିଲା ଯାହା ଫଳରେ କୋଇଲା କ୍ରୟ ପାଇଁ 24.72 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିଲା।

## *3.2 ପରିହାର୍ଯ୍ୟ ସୁଧ ବୋଝ*

**ବିନା ସୁଧରେ ପ୍ରସ୍ତୁତିକରଣ ଅଗ୍ରୀମ ଦେବା ଦ୍ୱାରା 13.60 କୋଟି ଟଙ୍କାର ପରିହାର୍ଯ୍ୟ ସୁଧ ବୋଝ**

ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ (ଓପିଜିସି) ହେଉଛି ଓଡିଶା ସରକାରଙ୍କ ଏକ ଉଦ୍ୟୋଗ ଯାହା ଝାରସୁଗୁଡା ଜିଲ୍ଲାରେ ଥିବା ଏହାର ତାପଜ ବିଦ୍ୟୁତ୍ କାରଖାନାରେ ବିଦ୍ୟୁତ୍ ଉତ୍ପାଦନ କରୁଛି। ଏହି ପ୍ଲାଣ୍ଟରେ ଦୁଇଟି ତାପଜ ବିଦ୍ୟୁତ୍ ୟୁନିଟ୍ ଥିଲା ଯାହାର ମୋଟ ସ୍ଥାପିତ କ୍ଷମତା 420 ମେଗାୱାଟ୍ ଥିଲା (210 ମେଗାୱାଟ୍ x 2)। ପରବର୍ତ୍ତୀ ସମୟରେ, ଓପିଜିସି 1,320 ମେଗାୱାଟ୍ (660 ମେଗାୱାଟ୍ x 2)ର ସ୍ଥାପିତ କ୍ଷମତା ସହିତ ଆଉ ଦୁଇଟି ତାପଜ ବିଦ୍ୟୁତ୍ କେନ୍ଦ୍ର ଯୋଡି ଏହାର ସମ୍ପ୍ରସାରଣ ପ୍ରକଳ୍ପକୁ କାର୍ଯ୍ୟକାରୀ କରିଥିଲା। ଏହି ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ଆର୍ଥିକ ବ୍ୟବସ୍ଥା, ଶକ୍ତି ଅର୍ଥ ନିଗମ ଲିମିଟେଡ୍ (ପିଏଫ୍‌ସି) ଏବଂ ଗ୍ରାମୀଣ ବିଦ୍ୟୁତ୍‌ୀକରଣ ନିଗମ ଲିମିଟେଡ୍[90] (ଆର୍‌ଇସି) ଠାରୁ ଋଣ ସଂଗ୍ରହ କରି କରାଯାଇଥିଲା। ସମ୍ପ୍ରସାରଣ ପ୍ରକଳ୍ପ ଏବଂ ସହର ନିର୍ମାଣ, ପାଉଁଶ ପୋଖରୀ ନିର୍ମାଣ ଇତ୍ୟାଦି ସମ୍ପର୍କିତ ସୁବିଧାଗୁଡିକ ଏକ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଠିକା ପ୍ରଦାନ କରାଯାଇ କାର୍ଯ୍ୟକାରୀ କରାଯାଇଥିଲା।

"ଯୋଡି ସହର ନିର୍ମାଣ" (ପ୍ରଥମ ଚୁକ୍ତିନାମା ଅପ୍ରେଲ 2014ରେ) ଏବଂ "ତିଲିଆ ଗ୍ରାମରେ ଏକ ପାଉଁଶ ପୋଖରୀ ନିର୍ମାଣ" (ଦ୍ୱିତୀୟ ଚୁକ୍ତିନାମା ଡିସେମ୍ବର 2016ରେ) ପାଇଁ ଚୁକ୍ତିନାମା ଗୁଡିକ ସମୀକ୍ଷାରେ ଯାଞ୍ଚ କରାଯାଇଥିଲା, ଯେଉଁଥିରେ ନିମ୍ନଲିଖିତ ବିଷୟଗୁଡିକ ଲକ୍ଷ୍ୟ କରାଯାଇଥିଲା:

- ଓପିଜିସି ଉପରୋକ୍ତ ଦୁଇଟି ଚୁକ୍ତିନାମାରେ ଠିକାଦାରମାନଙ୍କୁ ସୁଧମୁକ୍ତ ପ୍ରସ୍ତୁତିକରଣ ଅଗ୍ରୀମ ଦେଇଥିଲା, ଯାହା ଚୁକ୍ତି ମୂଲ୍ୟର 10 ପ୍ରତିଶତ ଥିଲା।

- 'ଯୋଡି ସହର ନିର୍ମାଣ' ପାଇଁ ପ୍ରଥମ ଚୁକ୍ତିନାମାରେ ଓପିଜିସି ମଇ 2014ରେ ମେସର୍ସ ଏନ୍‌ସିସି ଲିମିଟେଡ୍‌କୁ 13.02 କୋଟି ଟଙ୍କାର ଏକ ପ୍ରସ୍ତୁତିକରଣ ଅଗ୍ରୀମ ପ୍ରଦାନ କରିଥିଲା, ଯାହାର ଚୁକ୍ତିନାମା ମୂଲ୍ୟ 130.23 କୋଟି ଟଙ୍କା ଥିଲା।

- ଦ୍ୱିତୀୟ ଚୁକ୍ତିନାମାରେ, ଓପିଜିସି "ତିଲିଆ ଗ୍ରାମରେ ଏକ ପାଉଁଶ ପୋଖରୀ ନିର୍ମାଣ" କାର୍ଯ୍ୟ ପାଇଁ ମେସର୍ସ ଶ୍ରୀ ବାଲାଜୀ ଏନ୍‌ଜିକନ୍ସ ଲିମିଟେଡ୍‌କୁ 199.75 କୋଟି ଟଙ୍କାର ଚୁକ୍ତିନାମା ମୂଲ୍ୟ ବଦଳରେ 19.98 କୋଟି ଟଙ୍କାର ପ୍ରସ୍ତୁତିକରଣ ଅଗ୍ରୀମ ଜୁଲାଇ 2017ରେ ପ୍ରଦାନ କରିଥିଲା।

- ଏହି ଦୁଇଟି ଅଗ୍ରୀମ ସୁଧମୁକ୍ତ ଥିଲା।

- ଉଭୟ ଚୁକ୍ତିନାମାର ସମାପ୍ତି ଅବଧି 24 ମାସ ଥିଲା, ଅର୍ଥାତ ଅପ୍ରେଲ 2014ରୁ ଅପ୍ରେଲ 2016 (ଯୋଡି ସହର ନିର୍ମାଣ ପାଇଁ) ଏବଂ ମଇ 2017ରୁ ମଇ 2019 (ତିଲିଆ ଗ୍ରାମରେ ପାଉଁଶ ପୋଖରୀ ନିର୍ମାଣ ପାଇଁ)।

ଏହି ପରିପ୍ରେକ୍ଷୀରେ, ସମୀକ୍ଷାରେ ଦେଖାଗଲା ଯେ:

- ଓଡିଶା ସାର୍ବଜନିକ ନିର୍ମାଣ ବିଭାଗ (ଓପିଡବ୍ଲ୍ୟୁଡି) କୋଡ୍‌ର ପ୍ରଥମ ଖଣ୍ଡ (ଅନୁଚ୍ଛେଦ 3.7.21) ଠିକାଦାରମାନଙ୍କୁ ପ୍ରସ୍ତୁତିକରଣ ଅଗ୍ରୀମ ପ୍ରଦାନକୁ ନିଷେଧ କରିଥିଲା। ତଥାପି, କିଛି ବ୍ୟତିକ୍ରମିକ ପରିସ୍ଥିତିରେ ଏହା ନିର୍ଦ୍ଦିଷ୍ଟ କରିଛି ଯେ ଏହି ଅଗ୍ରୀମ ପାଇଁ ସୁଧ ଲାଗୁ ହେବ। ଅଧିକନ୍ତୁ, ଓଡିଶା ସରକାରଙ୍କ ପୂର୍ତ୍ତ ବିଭାଗ ଏହାର ମାନକ ନିଲାମ ଦସ୍ତାବିଜରେ, ବାର୍ଷିକ 10 ପ୍ରତିଶତ ସୁଧ ସହିତ

[90] ପିଏଫ୍‌ସି ଏବଂ ଆର୍‌ଇସି ହେଉଛନ୍ତି ଦୁଇଟି କେନ୍ଦ୍ର ସରକାରଙ୍କ ଉଦ୍ୟୋଗ ଯାହା ଶକ୍ତି କ୍ଷେତ୍ରର ସଂସ୍ଥାଗୁଡିକୁ ଆର୍ଥିକ ସହାୟତା ପାଇଁ ଅଣ ବ୍ୟାଙ୍କିଙ୍ଗ ଅର୍ଥ ଯୋଗାଣ କମ୍ପାନୀ ଭାବରେ ଆର୍‌ବିଆଇଠାରେ ପଞ୍ଜିକୃତ ହୋଇଛନ୍ତି

ପ୍ରସ୍ତୁତିକରଣ ଅଗ୍ରୀମ ଦେବାକୁ ଅନୁମତି ଦିଏ। ତେଣୁ, ବିନା ସୁଧରେ ଅଗ୍ରୀମ ପ୍ରଦାନ କରିବା ପାଇଁ ଟେଣ୍ଡର ଏବଂ ଚୁକ୍ତିନାମା ଦସ୍ତାବିଜଗୁଡିକରେ ବ୍ୟବସ୍ଥା କରିବା ଏହି ନିର୍ଦ୍ଦେଶାବଳୀ ସହିତ ସଙ୍ଗତ ନଥିଲା।

- ଉପରୋକ୍ତ ସମ୍ପ୍ରସାରଣ ପ୍ରକଳ୍ପ ସହିତ ସମ୍ବନ୍ଧିତ ସୁବିଧା କାର୍ଯ୍ୟକାରୀ କରିବା ପାଇଁ ଓପିଜିସି, ପିଏଫ୍‌ସି ଏବଂ ଆର୍‌ଇସି ଠାରୁ ଋଣ ନେଇଥିଲା। ଋଣଗୁଡିକ 2016-17ରୁ 2020-21 ମଧ୍ୟରେ ଶତକଡା 10.30ରୁ 10.80 ପ୍ରତିଶତ ସୁଧ ହାରରେ ନିଆଯାଇଥିଲା। ତେଣୁ, ଠିକାଦାରମାନଙ୍କୁ ସୁଧମୁକ୍ତ ପ୍ରସ୍ତୁତିକରଣ ଅଗ୍ରୀମ ପ୍ରଦାନ ଆର୍ଥିକ ଦୃଷ୍ଟିରୁ ଅପରିଣାମଦର୍ଶୀ ଥିଲା, ଯେତେବେଳେ ଓପିଜିସି ନିଜେ ଋଣଦାତା କମ୍ପାନୀଗୁଡିକୁ ଏହାର ଋଣ ଉପରେ ସୁଧ ଦେଉଥିଲା। ଅଧିକନ୍ତୁ, ଉପରେ ଉଲ୍ଲେଖ କରାଯାଇଥିବା ପରି, ଏହା ଓଡିଶା ସରକାରଙ୍କ ପୂର୍ତ୍ତ ବିଭାଗର ଓପିଡବ୍ଲୁଡି କୋଡ୍ ଏବଂ ମାନକ ନିଲାମ ଦସ୍ତାବିଜରେ ଦିଆଯାଇଥିବା ନିର୍ଦ୍ଦେଶାବଳୀ ସହିତ ସଙ୍ଗତ ନଥିଲା।

- ଏହା ଦେଖାଯାଇଥିଲା ଯେ ମେସର୍ସ ଏନ୍‌ସିସି ଲିମିଟେଡ୍ ସହିତ ପ୍ରଥମ ଚୁକ୍ତିରେ, ମାର୍ଚ୍ଚ 2021 ପର୍ଯ୍ୟନ୍ତ 59ଟି କିସ୍ତି ମାଧ୍ୟମରେ ଚଳନ୍ତି ଖାତା ବିଲ୍ ଗୁଡିକରୁ 13.02 କୋଟି ଟଙ୍କାର ଅଗ୍ରୀମ ଆଦାୟ କରାଯାଇଥିଲା। ମେସର୍ସ ଶ୍ରୀ ବାଲାଜୀ ଏନ୍‌ଜିକନ୍ସ ଲିମିଟେଡ୍ ସହିତ ଦ୍ୱିତୀୟ ଚୁକ୍ତିନାମା କ୍ଷେତ୍ରରେ, ନଭେମ୍ବର 2021 ସୁଦ୍ଧା 19.98 କୋଟି ଟଙ୍କାର ଅଗ୍ରୀମ ରାଶି ମଧ୍ୟରୁ 9.59 କୋଟି ଟଙ୍କା ଆଦାୟ କରାଯାଇଥିଲା। ତଥାପି, ମାମଲା ବିବାଦ ମଧ୍ୟସ୍ଥତା ଅଧିନରେ ଥିବାରୁ 10.39 କୋଟି ଟଙ୍କାର ବାକି ଅଗ୍ରୀମ ଆଦାୟ ହୋଇପାରିଲା ନାହିଁ।

ତେଣୁ, ସୁଧ ବହନକାରୀ ଋଣରୁ ସୁଧମୁକ୍ତ ଅଗ୍ରୀମ ପ୍ରଦାନ କରିବା ଦ୍ୱାରା ଓପିଜିସିର 10.39 କୋଟି ଟଙ୍କା ଅବରୋଧ ହୋଇ ରହିଲା ଏବଂ 13.60 କୋଟି ଟଙ୍କା[91]ର **(ପରିଶିଷ୍ଟ 25)** ପରିହାର୍ଯ୍ୟ ସୁଧ ବୋଝ ବହନ କରିବାକୁ ପଡିଲା।

ସରକାର କହିଲେ (ଅପ୍ରେଲ 2024) ଯେ, ଟେଣ୍ଡର ଏବଂ ଚୁକ୍ତିନାମାର ବ୍ୟବସ୍ଥା ଅନୁଯାୟୀ ସୁଧମୁକ୍ତ ଅଗ୍ରିମ ପ୍ରଦାନ କରାଯାଇଥିଲା। ସରକାରଙ୍କ ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ଓପିଡବ୍ଲୁଡି କୋଡ୍ ଏବଂ ଓଡିଶା ସରକାରଙ୍କ ପୂର୍ତ୍ତ ବିଭାଗର ମାନକ ନିଲାମ ଦସ୍ତାବିଜ କେବଳ ସୁଧ ଧାରକ ଅଗ୍ରିମ ଦେବାକୁ ଅନୁମତି ଦିଏ। ଅଧିକନ୍ତୁ, ଓପିଜିସି ନିଜେ ମଇ 2022ରେ 'କଣ୍ଟ୍ରାକ୍ଟସ୍ ଏବଂ ସାମଗ୍ରୀଗୁଡିକ କ୍ରୟ' ନିୟମ ବହି ଜାରି କରିଥିଲା ଏବଂ ଏହାର ଅନୁଚ୍ଛେଦ 9.1ରେ କେବଳ ସୁଧ-ସମ୍ପନ୍ନ ପ୍ରସ୍ତୁତିକରଣ ଅଗ୍ରୀମ ପ୍ରଦାନ ପାଇଁ ବ୍ୟବସ୍ଥା ଉଲ୍ଲେଖ କରାଯାଇଛି। ତେଣୁ, ଓପିଜିସି ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ମାନଦଣ୍ଡଗୁଡିକ ପାଳନ କରିବାରେ ବିଫଳ ହୋଇଥିଲା, ଯାହା ଫଳରେ 13.60 କୋଟି ଟଙ୍କାର ପରିହାର୍ଯ୍ୟ ସୁଧର ବୋଝ ବହନ କଲା।

## *3.3 ରାଜସ୍ୱ କ୍ଷତି*

**ସେନୋସ୍ପିଅର୍ ବିକ୍ରି ନକରିବା ହେତୁ 1.09 କୋଟି ଟଙ୍କାର ରାଜସ୍ୱ କ୍ଷତି**

ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡିକରେ ବିଦ୍ୟୁତ୍ ଉତ୍ପାଦନ ସମୟରେ, ପାଉଁଶ ନିର୍ଗତ ହେବାବେଳେ ପାଉଁଶ ଡାଇକରୁ ଉପ-ଉତ୍ପାଦ ଭାବରେ ସେନୋସ୍ପିୟର ନାମକ ଏକ ପଦାର୍ଥ ଉତ୍ପନ୍ନ ହୁଏ। ଏହି ସେନୋସ୍ପିୟର ବାଣିଜ୍ୟିକ ଭାବରେ ଉପଯୋଗୀ, ସିମେଣ୍ଟ ଏବଂ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ଯେପରିକି ଆବରଣ ଏବଂ କମ୍ପୋଜିଟ୍ ସହିତ ସୁସଙ୍ଗତ ଏବଂ କ୍ରୀଡା ଉପକରଣ, ଇନସୁଲେଟର, ଅଟୋମୋବାଇଲ ବଡି, ସାମୁଦ୍ରିକ କ୍ରାଫ୍ଟ ବଡି, ରଙ୍ଗ ଇତ୍ୟାଦି ବିଭିନ୍ନ ଉତ୍ପାଦନରେ ବ୍ୟବହୃତ ହୁଏ। ଏହା ଲକ୍ଷ୍ୟ କରାଯାଇଥିଲା ଯେ, ଅନେକ ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଯଥା: ଜାତୀୟ ତାପଜ ବିଦ୍ୟୁତ୍ ନିଗମ ଲିମିଟେଡ୍‌ର ବିଦ୍ୟୁତ୍ କେନ୍ଦ୍ର (ଓଡିଶା, ଆନ୍ଧ୍ର ପ୍ରଦେଶ ଏବଂ ତେଲେଙ୍ଗାନାରେ),

[91] ବକେୟା ଥିବା ଚଳମାନୀକରଣ ଅଗ୍ରିମ ଉପରେ ସୁଧର କ୍ଷତି ଶତକଡା 10 ପ୍ରତିଶତ ହାରରେ ହିସାବ କରାଯାଇଛି, ଯାହାକି ପୂର୍ତ୍ତ ବିଭାଗ, ଓଡିଶା ସରକାରଙ୍କ ମାନକ ନିଲାମ ଦସ୍ତାବିଜ୍‌ରେ ନିର୍ଦ୍ଦିଷ୍ଟ ଥିଲା

ଛତିଶଗଡ ରାଜ୍ୟ ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍, ପଶ୍ଚିମ ବଙ୍ଗ ବିଦ୍ୟୁତ୍ ଉନ୍ନୟନ ନିଗମ ଲିମିଟେଡ୍, ଦାମୋଦର ଭ୍ୟାଲି ନିଗମ (ଝାଡଖଣ୍ଡ) ଏଜେନ୍ସିମାନଙ୍କୁ ନିୟୋଜିତ କରି ସେନୋସ୍ପିୟରର ବିକ୍ରୟ କରୁଥିଲେ।

ଓଡିଶାର ଏକ ସରକାରୀ ଉଦ୍ୟୋଗ ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ (ଓପିଜିସି) ଝାରସୁଗୁଡା ଜିଲ୍ଲାର ତାପଜ ବିଦ୍ୟୁତ୍ କେନ୍ଦ୍ରରେ ସେନୋସ୍ପିୟରର ଉତ୍ପାଦନ କରିଆସୁଅଛି। 2005-06ରୁ 2021-22 ମଧ୍ୟରେ, ଝାରସୁଗୁଡାଠାରେ ଥିବା ଓପିଜିସିର ତାପଜ ବିଦ୍ୟୁତ୍ କେନ୍ଦ୍ରରେ ମୋଟ 1,890 ଏମ୍‌ଟି ସେନୋସ୍ପିୟର ଉତ୍ପନ୍ନ ହୋଇଥିଲା କିନ୍ତୁ ଏହାକୁ କମ୍ପାନୀ ଦ୍ୱାରା ସଂଗ୍ରହ ଏବଂ ବିକ୍ରୟ କରାଯାଇ ନଥିଲା। ସମ୍ପୃକ୍ତ ଦସ୍ତାବିଜଗୁଡିକର ସମୀକ୍ଷାରୁ ଜଣାପଡିଲା ଯେ, ଓପିଜିସି ଏହାର ପାଉଁଶ ପୋଖରୀରୁ ସେନୋସ୍ପିୟର ସଂଗ୍ରହ ଓ ବିକ୍ରୟ ପାଇଁ ଦୁଇଟି ନିଲାମ (ମାର୍ଚ୍ଚ 2020 ଏବଂ ଡିସେମ୍ବର 2020) ଡାକିଥିଲା। ପ୍ରଥମ ନିଲାମ (ମାର୍ଚ୍ଚ 2020)ରେ, ତିନିଜଣ ନିଲାମଡକାଳୀ ଅଂଶଗ୍ରହଣ କରିଥିଲେ, କିନ୍ତୁ ନିଲାମ ହଠାତ୍ ବାତିଲ ହେଲା (ଜୁନ୍ 2020)। ନିଲାମ ବାତିଲ ହେବାର କାରଣ ଲିପିବଦ୍ଧ ହୋଇନାହିଁ। ଦ୍ୱିତୀୟ ଟେଣ୍ଡରରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇବା ପରେ (ଡିସେମ୍ବର 2020) ଆଉ କୌଣସି ଅଗ୍ରଗତି ହୋଇପାରି ନଥିଲା। ଏହାପରେ, ସେନୋସ୍ପିୟର ସଂଗ୍ରହ ଏବଂ ବିକ୍ରୟ ପାଇଁ ଓପିଜିସି ଦ୍ୱାରା ନିଆଯାଇଥିବା କୌଣସି କାର୍ଯ୍ୟାନୁଷ୍ଠାନ ରେକର୍ଡରେ ମିଳିଲା ନାହିଁ, ଯାହା ଅନ୍ୟ ତାପଜ ବିଦ୍ୟୁତ ଉଦ୍ୟୋଗଗୁଡିକ ଦ୍ୱାରା ବିପଣନ ଏବଂ ବିକ୍ରୟ କରାଯାଉଛି। ଯଦି ସଂଗ୍ରହ ଏବଂ ବିକ୍ରୟ କରାଯାଇ ନଥାଏ, ତେବେ ସେନୋସ୍ପିୟରକୁ କିପରି ନିଷ୍କାସନ କରାଯାଉଛି ତାହା ସୂଚିତ କରୁଥିବା ରେକର୍ଡରେ କିଛି ମିଳିନାହିଁ।

ସମୀକ୍ଷାରେ ଦେଖାଗଲା ଯେ, ସେନୋସ୍ପିୟର ବିକ୍ରୟ ନହେବା କାରଣରୁ, ଓପିଜିସି ଦୀର୍ଘ ସମୟ ଧରି ରାଜସ୍ୱ ହରାଇ ଆସୁଅଛି। ଗତ ପାଞ୍ଚବର୍ଷ[92] ମଧ୍ୟରେ ସେନୋସ୍ପିୟର ସର୍ବଶେଷ ଉପଲବ୍ଧ ବଜାର ମୂଲ୍ୟ ଏବଂ ସେନୋସ୍ପିୟରର ଉତ୍ପାଦନକୁ ବିଚାରକୁ ନେଲେ ଓପିଜିସି 1.09 କୋଟି ଟଙ୍କା[93] ପରିମାଣର ସମ୍ଭାବ୍ୟ ରାଜସ୍ୱ କ୍ଷତି କରିଛି।

ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ସରକାର ଦର୍ଶାଇଥିଲେ (ସେପ୍ଟେମ୍ବର 2023) ଯେ, ଓପିଜିସି 2005-06ରୁ କିଛି ଏଜେନ୍ସି ମାଧ୍ୟମରେ ସେନୋସ୍ପିୟର ସଂଗ୍ରହକୁ ବ୍ୟବସାୟିକ କରିବାକୁ ଚେଷ୍ଟା କରୁଛି, କିନ୍ତୁ ଚତୁଃପାର୍ଶ୍ୱରେ ଗ୍ରାମବାସୀଙ୍କ ପ୍ରତିରୋଧ ଯୋଗୁ ତାହା ସଫଳ ହୋଇପାରି ନାହିଁ। ସରକାର ଏହା ମଧ୍ୟ କହିଥିଲେ ଯେ, ଭବିଷ୍ୟତରେ ଟେଣ୍ଡର ମାଧ୍ୟମରେ ସେନୋସ୍ପିୟର ବିକ୍ରୟ ପାଇଁ ସମସ୍ତ ପ୍ରୟାସ କରାଯିବ। ଅଥଚ, ଏହି ରାଜସ୍ୱ କ୍ଷତିର ପୁନରାବୃତ୍ତିକୁ ରୋକିବା ପାଇଁ କୌଣସି ନିର୍ଦ୍ଦିଷ୍ଟ କିମ୍ବା ଠୋସ୍ ଯୋଜନା ଉତ୍ତର ପ୍ରଦାନ ସହିତ କରାଯାଇନଥିଲା।

## ଓଡିଶା ବିଦ୍ୟୁତ୍ ସଞ୍ଚାରଣ ନିଗମ ଲିମିଟେଡ୍

### *3.4 ନିଷ୍ଫଳ ବ୍ୟୟ*

**ଉନ୍ନତ ମିଟରିଂ ଭିତ୍ତିବ୍ୟବସ୍ଥା କାର୍ଯ୍ୟାନ୍ୱୟନରେ 5.37 କୋଟି ଟଙ୍କା ନିଷ୍ଫଳ ବ୍ୟୟ**

ଓଡିଶା ବିଦ୍ୟୁତ୍ ସଞ୍ଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍) ଏକ ରାଜ୍ୟ ସରକାରୀ ସଞ୍ଚାରଣ ସଂସ୍ଥା ହୋଇଥିବାରୁ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟର ଜାତୀୟ ବିଦ୍ୟୁତ୍ ପ୍ରାଧିକରଣ (ସିଇଏ) ଦ୍ୱାରା ଜାରି କରାଯାଇଥିବା ମିଟର ନିୟମ ଅନୁସାରେ ରାଜ୍ୟ ତଥା ଆଞ୍ଚଳିକ ପରିସୀମାରେ[94] ସ୍ୱତନ୍ତ୍ର ଶକ୍ତି ମିଟର ସ୍ଥାପନ କରିବା ପାଇଁ ଦାୟିତ୍ୱବୋଧ ଅଟେ। କମ୍ପାନୀ ବୈଧତା/ଆକାଉଣ୍ଟିଂ ଉଦ୍ଦେଶ୍ୟରେ ମିଟରଗୁଡିକରୁ ତଥ୍ୟ ସଂଗ୍ରହ ଏବଂ ସେଗୁଡିକର

[92] 2017-18 ଠାରୁ 2021-22 ପର୍ଯ୍ୟନ୍ତ

[93] ଛତିଶଗଡ ହେଉଛି ଝାରସୁଗୁଡାର ଓପିଜିସି ବିଦ୍ୟୁତ୍ କେନ୍ଦ୍ର ନିକଟ ରାଜ୍ୟ ଏବଂ 2022 ମସିହାରେ ଛତିଶଗଡ ରାଜ୍ୟ ଶକ୍ତି ଉତ୍ପାଦନ କମ୍ପାନୀ ପାଇଁ ଏମ୍‌ଏସ୍‌ଟିସି ଲିମିଟେଡ୍ ଇ-ନିଲାମ ମାଧ୍ୟମରେ ଏମ୍‌ଟି ପିଛା 26,383 ଟଙ୍କାର ସେନୋସ୍ପିୟର ମୂଲ୍ୟକୁ ସର୍ବନିମ୍ନ ମୂଲ୍ୟ ଭାବରେ ବିବେଚନା କରାଯାଇଛି

[94] ରାଜ୍ୟର ସଞ୍ଚାରଣ ଏବଂ ବଣ୍ଟନ ନେଟୱାର୍କର ଇଣ୍ଟରଫେସ୍ ପଏଣ୍ଟ

ପ୍ରକ୍ରିୟାକରଣର ମଧ୍ୟ ଦାୟୀ ଅଟେ। ଆରମ୍ଭରୁ, ମିଟରଗୁଡିକରୁ ତଥ୍ୟ ସଂଗ୍ରହ କାର୍ଯ୍ୟକୁ ଓପିଟିସିଏଲ୍ ହସ୍ତଚାଳିତ ପ୍ରକ୍ରିୟାରେ କରୁଥିଲା। ସେପ୍ଟେମ୍ବର 2011ରେ, ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ ସମଗ୍ର ଓଡିଶାରେ ସବ୍-ଷ୍ଟେସନଗୁଡିକରୁ ମିଟର ରିଡିଂ ଏବଂ ମିଟର ତଥ୍ୟ ସଂଗ୍ରହର ହସ୍ତଚାଳିତ ପ୍ରକ୍ରିୟାକୁ ସ୍ୱୟଂଚାଳିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ସବ-ଷ୍ଟେସନରୁ ମିଟର ତଥ୍ୟ ଡାଉନଲୋଡ୍ କରି ଆନ୍ତଃ ରାଜ୍ୟ ଉପଲବ୍ଧତା ଆଧାରିତ ଶୁଳ୍କ କାର୍ଯ୍ୟକାରୀ କରିବା, ଅନଲାଇନ୍ ସ୍ୱୟଂଚାଳିତ ତଥ୍ୟ ସଂଗ୍ରହ ବ୍ୟବସ୍ଥାର ଉଦ୍ଦେଶ୍ୟ ଥିଲା। ଏଥିପାଇଁ, ଓପିଟିସିଏଲ୍ ଉନ୍ନତ ମିଟରିଂ ଭିତ୍ତିଭୂମି (ଏଏମ୍‌ଆଇ) ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି (ଡିସେମ୍ବର 2012) ନେଇଥିଲା। ଏଏମ୍‌ଆଇ ବ୍ୟବସ୍ଥାର କାର୍ଯ୍ୟାନ୍ୱୟନରେ ସ୍ୱତନ୍ତ୍ର ଶକ୍ତି ମିଟର କ୍ରୟ ଏବଂ ସ୍ଥାପନ, ପ୍ରତ୍ୟେକ ସବ-ଷ୍ଟେସନରେ ଏକ ତଥ୍ୟ ସଂଗ୍ରହ ୟୁନିଟ୍, ଏକ କେନ୍ଦ୍ରୀୟ ତଥ୍ୟ ସଂଗ୍ରହ ପ୍ରଣାଳୀ/କେନ୍ଦ୍ରୀୟ ସର୍ଭର, ଯୋଗାଯୋଗ ପ୍ରଣାଳୀ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା।

ତଦନୁସାରେ, ଏଏମ୍‌ଆଇ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପାଇଁ ଓପିଟିସିଏଲ୍ ଦ୍ୱାରା ଫେବୃଆରୀ 2014ରେ 5.62 କୋଟି ଟଙ୍କା[95] ମୂଲ୍ୟରେ ଟର୍ନ୍‌କି ଆଧାରରେ ମେସର୍ସ ଟାଟା କନସଲଟାନ୍ସି ସର୍ଭିସେସ୍ ଲିମିଟେଡ୍ (ଟିସିଏସ୍)କୁ ଏକ ଚୁକ୍ତିନାମା ପ୍ରଦାନ କରାଯାଇଥିଲା। ପ୍ରକଳ୍ପର ସମାପ୍ତି ତାରିଖ ଅଗଷ୍ଟ 2015 ଥିଲା, ଯାହାକୁ ପରବର୍ତ୍ତୀ ସମୟରେ ଜୁଲାଇ 2016 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏହି ସମୟ ମଧ୍ୟରେ, ଏଏମ୍‌ଆଇର ସମସ୍ତ ଯୋଗାଣ ଏବଂ ସଂସ୍ଥାପନ ସମାପ୍ତ ହେବାକୁ ଥିଲା। ପ୍ରକଳ୍ପର ବୈଷୟିକ ନିର୍ଦ୍ଦିଷ୍ଟକରଣ ଅନୁଯାୟୀ, ବ୍ୟବସ୍ଥାର ସମାପ୍ତି ପାଇଁ ଉପଭୋକ୍ତା ସ୍ୱୀକୃତି ପରୀକ୍ଷା (ୟୁଏଟି) ଏକ ପୂର୍ବ ଆବଶ୍ୟକତା ଥିଲା। ତଥାପି, ଦେଖାଗଲା ଯେ ଉପରୋକ୍ତ ଅବଧି ମଧ୍ୟରେ ୟୁଏଟି ସମାପ୍ତ ହୋଇପାରିଲା ନାହିଁ, ଯାହାଫଳରେ ପ୍ରକଳ୍ପ ସୀମାକୁ ମାର୍ଚ୍ଚ 2020 ପର୍ଯ୍ୟନ୍ତ ଆହୁରି ବୃଦ୍ଧି କରାଯାଇଥିଲା। 2014-15ରୁ 2018-19 ମଧ୍ୟରେ, ଏହି ପ୍ରକଳ୍ପ ପାଇଁ ଟିସିଏସ୍‌କୁ ମୋଟ 5.37 କୋଟି ଟଙ୍କା ପ୍ରଦାନ ହୋଇଥିଲା।

ନିମ୍ନଲିଖିତ କାରଣ ଦର୍ଶାଇ ଓପିଟିସିଏଲ୍ ବ୍ୟବସ୍ଥାର କାର୍ଯ୍ୟାନ୍ୱୟନର ସମାପ୍ତ ହେବା ପୂର୍ବରୁ ଜୁନ୍ 2022ରେ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା:

- ବିଲିଂ ଉଦ୍ଦେଶ୍ୟରେ କଞ୍ଚା ଅସମ୍ପାଦନଯୋଗ୍ୟ ମିଟର ତଥ୍ୟ ସମ୍ପୂର୍ଣ୍ଣ ଆବଶ୍ୟକ ଥିଲା କିନ୍ତୁ ଏଏମ୍‌ଆଇ ବ୍ୟବସ୍ଥା ଦ୍ୱାରା ସୃଷ୍ଟି ହୋଇଥିବା ତଥ୍ୟ ସମ୍ପାଦନଯୋଗ୍ୟ ଏବଂ ହେରଫେରର ସମ୍ଭାବନା ଥିଲା। ତେଣୁ, ଏହା ଡିସ୍‌କମସ୍ କିମ୍ବା କୌଣସି ଆଇନଗତ ମଞ୍ଚ ପାଇଁ ଗ୍ରହଣୀୟ ହୋଇନପାରେ।

- ବିଭିନ୍ନ କାରଣରୁ ଓପିଟିସିଏଲ୍ ପ୍ରାୟତଃ ଏହାର ବିଦ୍ୟମାନ ମିଟରଗୁଡିକୁ ପରିବର୍ତ୍ତନ କରିବାକୁ ପଡିଥାଏ। ତଥାପି, ମାସର ମଧ୍ୟ ଭାଗରେ ମିଟର ପରିବର୍ତ୍ତନ ହେଲେ ଏଏମ୍‌ଆଇ ବ୍ୟବସ୍ଥା ମିଟର ତଥ୍ୟ କରଗତ କରିବାରେ ଅସମର୍ଥ ହୋଇଥିଲା।

- ଏଏମ୍‌ଆଇ ବ୍ୟବସ୍ଥା ଦ୍ୱାରା ସାମୟିକ ସୃଷ୍ଟି ହୋଇଥିବା ତଥ୍ୟ ଅସଙ୍ଗତ ଥିବା ପରିଲକ୍ଷିତ ହୋଇଥିଲା।

ସମୀକ୍ଷା ପୁନଶ୍ଚ ଦେଖିଲା ଯେ:

- ପ୍ରକଳ୍ପ ପ୍ରସ୍ତୁତି ସମୟରେ ଓପିଟିସିଏଲ୍, ଏଏମ୍‌ଆଇ ତନ୍ତ୍ରରୁ 'କଞ୍ଚା ଏବଂ ଅସମ୍ପାଦନଯୋଗ୍ୟ ମିଟର ତଥ୍ୟ'ର ଜରୁରୀ ଆବଶ୍ୟକତାକୁ କଳ୍ପନା କରିଥିଲା ଏବଂ ଏହା ଚୁକ୍ତିନାମା ଦସ୍ତାବିଜରେ ଉଲ୍ଲେଖ କରାଯାଇ ନଥିଲା। ତଥାପି, ଜାନୁଆରୀ 2015ରେ ଅନୁଷ୍ଠିତ ଏକ 'ଆବଶ୍ୟକତା ବିଶ୍ଳେଷଣ କର୍ମଶାଳା' ସମୟରେ, ଓପିଟିସିଏଲ୍ 'ଇଏମ୍‌ଡି' ଏବଂ 'ଏମ୍‌ଆରଡି' ଫର୍ମାଟରେ ଉତ୍ପାଦନ ଫାଇଲ ପ୍ରଦାନ

[95] ଏଏମ୍‌ଆଇ ଉପକରଣ ଯୋଗାଣ ପାଇଁ 3.31 କୋଟି ଟଙ୍କା ଏବଂ ଏଏମ୍‌ଆଇ ପ୍ରକଳ୍ପର ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ ପାଇଁ 2.31 କୋଟି ଟଙ୍କା

କରିବାର ଆବଶ୍ୟକତା ଜଣାଇଥିଲା, ଯାହାପାଇଁ ଟିସିଏସ୍ କହିଛି ଯେ ଉକ୍ତ ଫାଇଲଗୁଡିକ ମିଟର ମାଲିକାନା ଏକ୍ସଟେନ୍‌ସନ୍ ଫାଇଲ ଏବଂ ତାହା ପ୍ରଦାନ କରିବାରେ ଅକ୍ଷମତା ପ୍ରକାଶ କରିଥିଲା। ଟିସିଏସ୍ ଏହା ମଧ କହିଛି ଯେ ଏହା 'ପିଆର୍‌ଏନ୍', '.ସିଏସ୍‌ଭି', 'ଏନ୍‌ପିସି', '.ଏକ୍ସଏଲ୍‌ଏସ୍' ଏବଂ 'ପିଡିଏଫ୍' ଫର୍ମାଟରେ ଉତ୍ପାଦନ ଫାଇଲ ପ୍ରଦାନ କରିପାରିବ, ଯାହା ସମ୍ପାଦନଯୋଗ୍ୟ। ଏହି ପରିପ୍ରେକ୍ଷୀରେ, ସମୀକ୍ଷା ଦେଖିଲା ଯେ ବୈଷୟିକ ବିନିର୍ଦ୍ଦିଷ୍ଟ ବିବରଣ, ଖଣ୍ଡ-IIର ଧାରା-7 ଅନୁଯାୟୀ, ଠିକାଦାର ନୂତନ ଡାଟା ଫର୍ମାଟ ସମର୍ଥନ କରିବା ଭଳି ନୂତନ ବୈଶିଷ୍ଟ୍ୟ ଏବଂ କାର୍ଯ୍ୟକ୍ଷମତା ପ୍ରଦାନ କରିବାକୁ ଦାୟୀ ଥିଲେ। ତଥାପି, ଆବଶ୍ୟକୀୟ ଫର୍ମାଟରେ ତଥ୍ୟ ପାଇବା ପାଇଁ ଓପିଟିସିଏଲ୍ ଉକ୍ତ ଧାରା ଲାଗୁ କରିବା ପାଇଁ କୌଣସି ପଦକ୍ଷେପ ନେଇନଥିଲା।

- ଓପିଟିସିଏଲ୍ ଏଏମ୍‌ଆଇ ତନ୍ତ୍ର କାର୍ଯ୍ୟର କାର୍ଯ୍ୟାନ୍ୱୟନ ଜାରି ରଖିଲା ଏବଂ ଉତ୍ପାଦନ ଡାଟାର ଫର୍ମାଟ ସମସ୍ୟାର ସମାଧାନ ନକରି 5.37 କୋଟି ଟଙ୍କା (2014-15ରୁ 2018-19 ପର୍ଯ୍ୟନ୍ତ) ଦେୟ କଲା।

- ଅଧିକନ୍ତୁ, ଓପିଟିସିଏଲ୍‌ର ରେକର୍ଡଗୁଡିକ ସୂଚାଇ ଦେଇଛି ଯେ, ଏଏମ୍‌ଆଇ ତନ୍ତ୍ର ମାଧ୍ୟମରେ ଡାଉନଲୋଡ୍ ଏବଂ ପ୍ରକ୍ରିୟାକରଣ କରାଯାଇଥିବା ମିଟର ତଥ୍ୟ 100 ପ୍ରତିଶତ ସଠିକତା ପ୍ରଦାନ କରିପାରିଲା ନାହିଁ ଏବଂ ହିସାବ ତ୍ରୁଟିର ସମ୍ଭାବନା ଥିଲା ଯାହାଫଳରେ ଭୁଲ ବିଲିଂ ହୋଇଥାନ୍ତା।

ଓପିଟିସିଏଲ୍ ପକ୍ଷରୁ ଉପରୋକ୍ତ ତ୍ରୁଟି ଯୋଗୁ ପ୍ରକଳ୍ପଟି ବାତିଲ ହେଲା, ଯାହା ଫଳରେ 5.37 କୋଟି ଟଙ୍କାର ଖର୍ଚ୍ଚ ନିଷ୍ଫଳ ବ୍ୟୟ ହୋଇଥିଲା।

ସରକାର ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଗ୍ରହଣ କରିଥିଲେ ଏବଂ କହିଥିଲେ (ମାର୍ଚ୍ଚ 2024) ଯେ ଏଏମ୍‌ଆଇରୁ କଞ୍ଚା ଅସମ୍ପାଦିତ ମିଟର ତଥ୍ୟର ଆବଶ୍ୟକତା ପ୍ରାରମ୍ଭରେ ଆଶା କରାଯାଇ ନଥିଲା। ପ୍ରକଳ୍ପର କାର୍ଯ୍ୟାଦେଶ ପ୍ରଦାନ ପରେ ଜାନୁଆରୀ 2015ରେ ଏହା ଉପରେ ଗୁରୁତ୍ୱ ଦିଆଯାଇଥିଲା କିନ୍ତୁ କାର୍ଯ୍ୟାନ୍ୱୟନ ସଂସ୍ଥା କଞ୍ଚା ମିଟର ତଥ୍ୟ ପ୍ରଦାନ କରିବାରେ ନିଜର ଅକ୍ଷମତା ପ୍ରକାଶ କରିଥିଲା। ଏହି ସମୟ ମଧ୍ୟରେ, ଓପିଟିସିଏଲ୍‌ର ନେଟୱାର୍କ ପାଇଁ ଏଏମ୍‌ଆଇ ପ୍ରକଳ୍ପକୁ ଉନ୍ନତିକରଣ କରିବା ଏବଂ ଏହାର ବିଦ୍ୟମାନ ଧାତବସାମଗ୍ରୀ ଭିତ୍ତିଭୂମିକୁ ବ୍ୟବହାର କରିବା ପାଇଁ ଆଲୋଚନା ହୋଇଥିଲା।

ଅଥଚ, ସମୀକ୍ଷା ଦେଖିଲା ଯେ, ଓପିଟିସିଏଲ୍ ଚୁକ୍ତିନାମାର ବୈଷୟିକ ବିନିର୍ଦ୍ଦିଷ୍ଟ ବିବରଣରେ ଏକ ସକ୍ଷମ ଧାରା[96] ଥିବା ସତ୍ତ୍ୱେ, ପ୍ରକଳ୍ପ ସମାପ୍ତି ପାଇଁ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିବା ପାଇଁ ଟିସିଏସ୍‌କୁ ବାଧ୍ୟତାମୂଳକ କରିବାକୁ ବିଚାର କରାଯାଇ ନାହିଁ। ବରଂ, ଏହା କୌଣସି ଉପଯୁକ୍ତ ଉଦ୍ୟମ ନକରି ଟିସିଏସ୍‌ର ମତାମତ ଅନୁଯାୟୀ କାର୍ଯ୍ୟ କରିଥିଲା। ଓପିଟିସିଏଲ୍ ନେଟୱାର୍କ ପାଇଁ ଏଏମ୍‌ଆଇ ପ୍ରକଳ୍ପକୁ ଉନ୍ନତିକରଣ କରିବାର ଯୁକ୍ତି କେବଳ ଏକ ପରବର୍ତ୍ତୀ ଚିନ୍ତାଧାରା କାରଣ ସମୀକ୍ଷା ପାଇଁ ଏପରି ପ୍ରୟାସର କୌଣସି ତଥ୍ୟଗତ ପ୍ରମାଣ ଉପଲବ୍ଧ ହୋଇନଥିଲା।

---

96 ଚୁକ୍ତିନାମାର ବୈଷୟିକ ବିନିର୍ଦ୍ଦିଷ୍ଟ ବିବରଣର ଧାରା 7 ଅନୁଯାୟୀ ଏଏମ୍‌ଆଇ ତନ୍ତ୍ର ନୂତନ ବୈଶିଷ୍ଟ୍ୟ ଏବଂ କାର୍ଯ୍ୟକ୍ଷମତା ଯୋଡିବା ପାଇଁ ସଫ୍ଟୱାୟର ଆବଶ୍ୟକତା ପୂରଣ କରିବ, ଯେପରିକି ନୂତନ ତଥ୍ୟାବଳୀ ଫର୍ମାଟ୍ ସମର୍ଥନ କରିବ

### 3.5 ଡିସକମ୍‌କୁ ଅନୁଚିତ ଲାଭ ପ୍ରଦାନ

**ଓପିଟିସିଏଲ୍‌ର ନିର୍ଦ୍ଦେଶକ ମଣ୍ଡଳୀର ନିର୍ଦ୍ଦେଶ ପାଳନ ନକରିବା ଫଳରେ ସେସୁକୁ ଅନୁଚିତ ଲାଭ ପ୍ରଦାନ କରାଯାଇଥିଲା ଏବଂ 2.16 କୋଟି ଟଙ୍କା କ୍ଷତି ହୋଇଥିଲା**

ଓଡିଶା ସରକାର 25 ଜୁଲାଇ 2013ରେ ରାଜ୍ୟରେ 2,600 କୋଟି ଟଙ୍କା ବିନିଯୋଗରେ 500ଟି ନୂତନ 33/11 କେଭି ସବ୍‌ଷ୍ଟେସନ ନିର୍ମାଣ ପାଇଁ ଏକ ଯୋଜନା (33/11 କେଭି ସବ୍‌ଷ୍ଟେସନ ନିର୍ମାଣ) ଆରମ୍ଭ କରିଥିଲେ, ଯାହାକୁ ପରବର୍ତ୍ତୀ ସମୟରେ "ଓଡିଶା ବଣ୍ଟନ ବ୍ୟବସ୍ଥା ସୁଦୃଢ଼ୀକରଣ ପ୍ରକଳ୍ପ (ଓଡିଏସ୍‌ଏସ୍‌ପି) ନାମିତ କରାଯାଇଥିଲା। ଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍) ମାର୍ଚ୍ଚ 2004ରେ ଗଠିତ ଏକ ସରକାରୀ ଉଦ୍ୟୋଗ ଏହି ପ୍ରକଳ୍ପର କାର୍ଯ୍ୟାନ୍ୱୟନ/ନୋଡାଲ୍ ସଂସ୍ଥା ଭାବରେ ନିୟୋଜିତ ହୋଇଥିଲା। ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପରିଚାଳନା ପାଇଁ, ଏହି ଯୋଜନାରେ ପ୍ରଶାସନିକ ଖର୍ଚ୍ଚ, ପ୍ରକଳ୍ପ କାର୍ଯ୍ୟାଳୟ ସ୍ଥାପନ, ମାନବ ସମ୍ବଳ, ଆକସ୍ମିକ ପରିସ୍ଥିତି ଏବଂ ପ୍ରକଳ୍ପ ପରିଚାଳନା ପରାମର୍ଶଦାତାଙ୍କୁ ଦେୟ ପାଇଁ ଓପିଟିସିଏଲ୍‌କୁ ପ୍ରକଳ୍ପ ମୂଲ୍ୟର ଛଅ ପ୍ରତିଶତ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଥିଲା।

ଶକ୍ତି ବିଭାଗର ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ (ଅପ୍ରେଲ 2013) ନିଷ୍ପତ୍ତି ନିଆଯାଇଥିଲା ଯେ, ଓପିଟିସିଏଲ୍ ଏବଂ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡିକ (ଡିସକମ୍)ରୁ ନିଆଯାଇଥିବା ଏକ ବହୁ ଶୃଙ୍ଖଳାଗତ ଦଳକୁ 33/11 କେଭି ସବ୍‌ଷ୍ଟେସନ ନିର୍ମାଣ କାର୍ଯ୍ୟରେ ନ୍ୟସ୍ତ କରାଯିବ। ତଦନୁସାରେ, ଓପିଟିସିଏଲ୍ ରାଜ୍ୟର ଚାରୋଟି ଡିସକମ୍‌କୁ[97] ବହୁ ଶୃଙ୍ଖଳାଗତ ଦଳ ଚିହ୍ନଟ କରିବାକୁ (ଅପ୍ରେଲ 2013) ସୂଚିତ କରିଥିଲା। ପରବର୍ତ୍ତୀ ସମୟରେ ଓପିଟିସିଏଲ୍‌ର ନିର୍ଦ୍ଦେଶକ ମଣ୍ଡଳୀ (ବିଓଡି) ସେମାନଙ୍କର 58ତମ ବୈଠକରେ (ଅଗଷ୍ଟ 2013) ଓପିଟିସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି)ଙ୍କ କାର୍ଯ୍ୟକ୍ଷମ ଏବଂ ପ୍ରଶାସନିକ ନିୟନ୍ତ୍ରଣରେ "ଏକ ପ୍ରକଳ୍ପ ପରିଚାଳନା ୟୁନିଟ୍ (ପିଏମ୍‌ୟୁ) 33/11 କେଭି" ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଥିଲେ ଯାହା 500ଟି ନୂତନ 33/11 କେଭି ସବଷ୍ଟେସନ୍‌ର ପ୍ରକଳ୍ପର ଧାରଣା ଠାରୁ ଆରମ୍ଭ କରି କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ କାର୍ଯ୍ୟ ଦେଖାଶୁଣା କରିବ। ଅଧିକନ୍ତୁ, ଏହା ନିଷ୍ପତ୍ତି ନିଆଯାଇଥିଲା ଯେ ଗୋଟିଏ ବଦଳରେ, ଓପିଟିସିଏଲ୍ ଏବଂ ଡିସକମ୍‌ଗୁଡିକରୁ ନିଆଯାଇଥିବା ଅଧିକାରୀମାନଙ୍କୁ ନେଇ ଗଠିତ ଚାରୋଟି ବହୁ ଶାଖାଗତ ଦଳ ଯୋଜନାର ଚୁକ୍ତି ପରିଚାଳନା ଏବଂ ସମ୍ବନ୍ଧିତ କାର୍ଯ୍ୟକଳାପ ପରିଚାଳନା କରିବେ। ଏହି ଅଧିକାରୀମାନଙ୍କର ଦରମା/ବେତନ ସମ୍ପୃକ୍ତ ଡିସକମ୍ ମାନଙ୍କ ଦ୍ୱାରା ବହନ କରାଯିବାର ଥିଲା। ତଦନୁସାରେ, ଓଡିଏସ୍‌ଏସ୍‌ପିର ବହୁ ଶୃଙ୍ଖଳାଗତ ଦଳ ପାଇଁ ଚାରୋଟି ଡିସକମ୍‌ଗୁଡିକରୁ 16 ଜଣ କାର୍ଯ୍ୟନିର୍ବାହୀଙ୍କୁ[98] ନିୟୋଜିତ କରାଯାଇଥିଲା।

ସମୀକ୍ଷାରେ ଦେଖାଗଲା (ଡିସେମ୍ବର 2022) ଯେ, ଯଦିଓ ଚାରୋଟି ଡିସକମ୍‌ର 16 ଜଣ କାର୍ଯ୍ୟନିର୍ବାହୀଙ୍କୁ ଓଡିଏସ୍‌ଏସ୍‌ପି ପ୍ରକଳ୍ପ ପାଇଁ ଓପିଟିସିଏଲ୍‌ରେ ନିୟୋଜିତ କରାଯାଇଥିଲା, ତଥାପି ଓପିଟିସିଏଲ୍ 05 ମଇ 2013ରୁ 02 ଅପ୍ରେଲ 2022 ପର୍ଯ୍ୟନ୍ତ ଗୋଟିଏ ଡିସକମ୍‌ର ଅର୍ଥାତ ଓଡିଶାର କେନ୍ଦ୍ରୀୟ ବିଦ୍ୟୁତ୍ ଯୋଗାଣ ଉପଯୋଗୀତା (ସିଇଏସ୍‌ୟୁ) (ବର୍ତ୍ତମାନ ଟାଟା ପାୱାର କେନ୍ଦ୍ରୀୟ ଓଡିଶା ବଣ୍ଟନ ଲିମିଟେଡ୍-ଟିପିସିଓଡିଏଲ୍[99]) କ୍ଷେତ୍ରରେ ତିନିଜଣ କାର୍ଯ୍ୟନିର୍ବାହୀଙ୍କୁ ଦରମା ଏବଂ ଭତ୍ତା ବାବଦକୁ 2.16 କୋଟି ଟଙ୍କା ପ୍ରଦାନ କରିଥିଲା। ଏହି

[97] ଓଡିଶାର କେନ୍ଦ୍ରୀୟ ବିଦ୍ୟୁତ୍ ଯୋଗାଣ ଉପଯୋଗିତା (ସିଇଏସ୍‌ୟୁ), ଓଡିଶାର ଉତ୍ତର-ପୂର୍ବ ବିଦ୍ୟୁତ୍ ଯୋଗାଣ କମ୍ପାନୀ ଲିମିଟେଡ୍ (ନେସ୍କୋ), ଓଡିଶାର ଦକ୍ଷିଣାଞ୍ଚଳ ବିଦ୍ୟୁତ୍ ଯୋଗାଣ କମ୍ପାନୀ ଲିମିଟେଡ୍ (ସାଉଥକୋ) ଏବଂ ଓଡିଶାର ପଶ୍ଚିମାଞ୍ଚଳ ବିଦ୍ୟୁତ୍ ଯୋଗାଣ କମ୍ପାନୀ ଲିମିଟେଡ୍ (ୱେସ୍କୋ)

[98] ଓଡିଶାର କେନ୍ଦ୍ରୀୟ ବିଦ୍ୟୁତ୍ ଯୋଗାଣ ଉପଯୋଗିତା (ସିଇଏସ୍‌ୟୁ)ର ତିନିଜଣ କାର୍ଯ୍ୟନିର୍ବାହୀ, ଓଡିଶାର ଉତ୍ତର-ପୂର୍ବ ବିଦ୍ୟୁତ୍ ଯୋଗାଣ କମ୍ପାନୀ ଲିମିଟେଡ୍ (ନେସ୍କୋ)ର ଚାରିଜଣ କାର୍ଯ୍ୟନିର୍ବାହୀ, ଓଡିଶାର ଦକ୍ଷିଣାଞ୍ଚଳ ବିଦ୍ୟୁତ୍ ଯୋଗାଣ କମ୍ପାନୀ ଲିମିଟେଡ୍ (ସାଉଥକୋ)ର ତିନିଜଣ କାର୍ଯ୍ୟନିର୍ବାହୀ ଏବଂ ଓଡିଶାର ପଶ୍ଚିମାଞ୍ଚଳ ବିଦ୍ୟୁତ୍ ଯୋଗାଣ କମ୍ପାନୀ ଲିମିଟେଡ୍ (ୱେସ୍କୋ)ର ଛଅଜଣ କାର୍ଯ୍ୟନିର୍ବାହୀ

[99] ଓଇଆରସିର ନିର୍ଦ୍ଦେଶ ଅନୁଯାୟୀ, ସିଇଏସ୍‌ୟୁ ଉପଯୋଗୀତା 01 ଜୁନ୍ 2020 ଠାରୁ ଟିପିସିଓଡିଏଲ୍ ପାଖରେ ନ୍ୟସ୍ତ କରାଯାଇଥିଲା

ଅବଧିରେ ଅନ୍ୟ ତିନୋଟି ଡିସକମ୍‌କୁ ଏପରି କୌଣସି ପ୍ରଦାନ କରାଯାଇ ନଥିଲା, ତେଣୁ, କାର୍ଯ୍ୟନିର୍ବାହୀଙ୍କ ଦରମା ଏବଂ ଭତ୍ତା ସେମାନଙ୍କ ସମ୍ପୃକ୍ତ ଡିସ୍‌କମ୍ ଦ୍ୱାରା ବହନ କରାଯିବା ସମ୍ପର୍କରେ ଓପିଟିସିଏଲ୍‌ର ନିର୍ଦ୍ଦେଶକ ମଣ୍ଡଳୀର ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ, ସିଇଏସ୍‌ୟୁ/ଟିପିସିଓଡିଏଲ୍‌ର ତିନିଜଣ କାର୍ଯ୍ୟନିର୍ବାହୀଙ୍କ ଦେୟ ଦେବା ପାଇଁ ପରିଚାଳନାର ନିଷ୍ପତ୍ତି ଅନ୍ୟ ତିନୋଟି ଡିସ୍‌କମ୍ ପ୍ରତି ପକ୍ଷପାତମୂଳକ ଥିଲା। ଏହା ସିଇଏସ୍‌ୟୁ/ଟିପିସିଓଡିଏଲ୍‌କୁ ଅନୁଚିତ ଲାଭ ପ୍ରଦାନ କରିଥିଲା ଏବଂ ଓପିଟିସିଏଲ୍‌କୁ 2.16 କୋଟି ଟଙ୍କା କ୍ଷତି କରିଥିଲା।

ସରକାର ତାଙ୍କ ଉତ୍ତରରେ ଦର୍ଶାଇଥିଲେ (ମାର୍ଚ୍ଚ 2024) ଯେ, ସିଇଏସ୍‌ୟୁରୁ ଓପିଟିସିଏଲ୍‌କୁ ଓଡିଏସ୍ଏସ୍‌ପି ପାଇଁ ନିୟୋଜିତ ହୋଇଥିବା ତିନିଜଣ ଅଧିକାରୀଙ୍କ ଦରମା ଏବଂ ଭତ୍ତା ସେମାନଙ୍କ ଡେପୁଟେସନ୍‌ର ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ଓପିଟିସିଏଲ୍‌ର ସିଏମ୍‌ଡିଙ୍କ ଅନୁମୋଦନ ଆଧାରରେ ମଞ୍ଜୁର କରାଯାଇଥିଲା। ଓପିଟିସିଏଲ୍ ନିର୍ଦ୍ଦେଶକ ମଣ୍ଡଳୀର 58ତମ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ବନ୍ଧରେ ଉତ୍ତର ଗ୍ରହଣୀୟ ନୁହେଁ। ଅଧିକନ୍ତୁ, ଓଡିଏସ୍ଏସ୍‌ପି ପ୍ରକଳ୍ପ ପାଇଁ ନିୟୋଜିତ ଅନ୍ୟ ତିନୋଟି ଡିସକମ୍‌ର ଅଧିକାରୀଙ୍କ ଦରମା ମଧ ଓପିଟିସିଏଲ୍ ଦ୍ୱାରା ବହନ କରାଯାଇ ନଥିଲା। ଅଧିକନ୍ତୁ, ଓଡିଏସ୍ଏସ୍‌ପି ପାଇଁ ସିଇଏସ୍‌ୟୁରେ ନିଆଯାଇଥିବା କାର୍ଯ୍ୟନିର୍ବାହୀଙ୍କ ଦରମା ପ୍ରଦାନ କରିବା ସମୟରେ, ଓପିଟିସିଏଲ୍ ସମସ୍ତ ଡିସକମ୍‌ଗୁଡିକୁ ଲେଖିଥିବା ଚିଠିରେ (ଜାନୁଆରୀ 2017) ସ୍ପଷ୍ଟ କରିଥିଲା ଯେ, ଡିଡିୟୁଜିଜେୱାଇ[100], ଏସ୍‌ସିଆର୍‌ଆଇପିଏସ୍[101] ଏବଂ ଆଇପିଡିଏସ୍[102] ଭଳି ଅନ୍ୟାନ୍ୟ ପ୍ରକଳ୍ପରେ ନିୟୋଜିତ ଡିସକମ୍‌ଗୁଡିକର କାର୍ଯ୍ୟନିର୍ବାହୀଙ୍କ ଦରମା ଓପିଟିସିଏଲ୍ ଦ୍ୱାରା ବହନ କରାଯିବ ନାହିଁ ଏବଂ ଓଡିଏସ୍ଏସ୍‌ପି ପରି ନିର୍ଦ୍ଦେଶକ ମଣ୍ଡଳୀ 58ତମ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ସମ୍ପୃକ୍ତ ଡିସକମ୍‌ଗୁଡିକୁ ବହନ କରିବାକୁ ପଡିବ। ତେଣୁ, ଓପିଟିସିଏଲ୍‌ର କାର୍ଯ୍ୟ ସ୍ୱୟଂ ବିରୋଧୀ ଥିଲା।

ତେଣୁ, ନିର୍ଦ୍ଦେଶକ ମଣ୍ଡଳୀର ନିଷ୍ପତ୍ତିକୁ ଉଲ୍ଲଘଂନ କରି ସିଇଏସ୍‌ୟୁ/ଟିପିସିଓଡିଏଲ୍‌ର ତିନିଜଣ କାର୍ଯ୍ୟନିର୍ବାହୀଙ୍କୁ ଦରମା ଏବଂ ଭତ୍ତା ପ୍ରଦାନ କରିବା ଯୋଗୁ, ଓପିଟିସିଏଲ୍ ତା'ର ଆର୍ଥିକ ସ୍ୱାର୍ଥକୁ ସୁରକ୍ଷା ଦେବାରେ ବିଫଳ ହୋଇଥିଲା ଏବଂ 2.16 କୋଟି ଟଙ୍କା କ୍ଷତି ସହିଥିଲା।

### *3.6 ଇଏଚ୍‌ଟି ଲାଇନ୍ ସ୍ଥାନାନ୍ତରରେ ଏକ ଘରୋଇ ହିତାଧିକାରୀଙ୍କୁ ଅନୁଚିତ ଲାଭ*

**ବିଦ୍ୟୁତ୍ ଲାଇନ୍ ବନ୍ଦ ହେବା ଯୋଗୁ 1.49 କୋଟି ଟଙ୍କାର ରାଜସ୍ୱ କ୍ଷତି ଆଦାୟ ନହେବା ଫଳରେ ଶ୍ରୀ ମହାବୀର ଫେରୋଆଲୋଏଜ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ଅନୁଚିତ ଲାଭ**

ଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍)ର ଅତିରିକ୍ତ ଉଚ୍ଚ ବିଦ୍ୟୁତ୍‌ମାନ ସଞ୍ଚାରଣ ବ୍ୟବସ୍ଥା ଅଛି ଯେଉଁଥିରେ ସଞ୍ଚାରଣ ଲାଇନ ଏବଂ ସବଷ୍ଟେସନ୍ ଅନ୍ତର୍ଭୁକ୍ତ। ଭାରତୀୟ ରେଳବାଇ ଦ୍ୱାରା ନୂତନ ରେଳ ଲାଇନ ଏବଂ ଅନ୍ୟ ହିତାଧିକାରୀଙ୍କ ନୂତନ ଇଏଚ୍‌ଟି ଲାଇନ୍ ନିର୍ମାଣ ପାଇଁ ଏହି ଅତିରିକ୍ତ ଉଚ୍ଚ ଟେନସନ୍ (ଇଏଚ୍‌ଟି) ଲାଇନଗୁଡିକର ଗତି ପରିବର୍ତ୍ତନ ପାଇଁ ହିତାଧିକାରୀମାନଙ୍କୁ ଓପିଟିସିଏଲ୍ ଠାରୁ ବନ୍ଦ ଅନୁମତି ନେବାକୁ ପଡିବ। ଏହି ବନ୍ଦ ଯୋଗୁ, ଏହି ସମୟ ମଧରେ ବିଦ୍ୟୁତ୍ ଯୋଗାଣ ନହେବା ଯୋଗୁ ଓପିଟିସିଏଲ୍ ଏବଂ ଗ୍ରୀଡ୍‌କୋ ଲିମିଟେଡ୍[103] ରାଜସ୍ୱ କ୍ଷତି ସହୁଛନ୍ତି। ଓପିଟିସିଏଲ୍‌ର ନିର୍ଦ୍ଦେଶକ ମଣ୍ଡଳୀ(ବିଓଡି) ସେମାନଙ୍କର 73ତମ ବୈଠକରେ (23 ସେପ୍ଟେମ୍ବର 2015) ହିତାଧିକାରୀମାନଙ୍କ ଠାରୁ ଏପରି କ୍ଷତି ଭରଣା ପାଇଁ ଆଦାୟ କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ କ୍ଷତି ପରିମାଣ ହିସାବ କରିବା ପାଇଁ ଏକ ସାଧାରଣ ସୂତ୍ରକୁ ଅନୁମୋଦନ କରିଥିଲେ।

---

[100] ଦୀନ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା

[101] ରାଜ୍ୟ ରାଜଧାନୀ କ୍ଷେତ୍ର ବିଦ୍ୟୁତ୍ ବ୍ୟବସ୍ଥାର ଉନ୍ନତି

[102] ସମନ୍ୱିତ ଶକ୍ତି ବିକାଶ ଯୋଜନା

[103] ଗ୍ରୀଡ୍‌କୋ ଲିମିଟେଡ୍ ବର୍ତ୍ତମାନ ରାଜ୍ୟର ଚାରୋଟି ବଣ୍ଟନ କମ୍ପାନୀକୁ ବିଦ୍ୟୁତ୍‌ର ବହୁଳ କ୍ରୟ ଏବଂ ବିକ୍ରୟ ବ୍ୟବସାୟ କରୁଛି

ଶ୍ରୀ ମହାବୀର ଫେରୋଆଲଏଜ୍ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ଏମ୍‌ଏଫ୍‌ଏପିଏଲ୍), ରାଉରକେଲା "ସେମାନଙ୍କ ପରିସର ଦେଇ ଯାଉଥିବା 132 କେଭି ତରକେରା-ରାଜଗାଙ୍ଗପୁର ସର୍କିଟ-I ଏବଂ II ଏବଂ 132 କେଭି କାଲୁଙ୍ଗା-ବୁଦ୍ଧିପଦର ସର୍କିଟ୍‌ର ଗତି ପରିବର୍ତ୍ତନ" ପାଇଁ ଓପିଟିସିଏଲ୍ ଠାରୁ ଅଗଷ୍ଟ 2017ରେ ଅନୁମତି ଲୋଡିଥିଲା। ଓପିଟିସିଏଲ୍ ଏଥିପାଇଁ 07 ଜୁନ୍ 2019ରେ ବୈଷୟିକ ମଞ୍ଜୁରୀ ପ୍ରଦାନ କରିଛି ଯାହାର ଅଟକଳ ମୂଲ୍ୟ ଜିଏସ୍‌ଟି ସହିତ 5.28 କୋଟି ଟଙ୍କା। ବୈଷୟିକ ମଞ୍ଜୁରୀ ଆଦେଶାନୁଯାୟୀ, ରାଜସ୍ୱ କ୍ଷତି, ତଦାରଖ ଖର୍ଚ୍ଚ ପାଇଁ ମୋଟ 5.28 କୋଟି ଟଙ୍କା ମଧ୍ୟରୁ 1.74 କୋଟି ଟଙ୍କା[104] ଜମା କରିବା ପରେ କାର୍ଯ୍ୟଟି ହିତାଧିକାରୀ ଅର୍ଥାତ ଏସ୍‌ଏମ୍‌ଏଫ୍‌ଏପିଏଲ୍ ଦ୍ୱାରା ଓପିଟିସିଏଲ୍‌ର ଇଏଚ୍‌ଟି (ପରିଚାଳନା ଏବଂ ରକ୍ଷଣାବେକ୍ଷଣ) ବିଭାଗ, ରାଉରକେଲା ତତ୍ତ୍ୱାବଧାନରେ ସମ୍ପାଦିତ ହେବାର ଥିଲା। ଇଏଚ୍‌ଟି ଲାଇନ୍‌ଗୁଡିକ ବନ୍ଦ ହେବା ଯୋଗୁ ରାଜସ୍ୱ କ୍ଷତିର ପରିମାଣ ଓପିଟିସିଏଲ୍ ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ଅନୁମୋଦିତ ସାଧାରଣ ସୂତ୍ର ଆଧାରରେ ଗଣନା କରାଯାଇଥିଲା।

ତଦନୁସାରେ, ଏସ୍‌ଏମ୍‌ଏଫ୍‌ଏପିଏଲ୍‌କୁ ମୁଖ୍ୟ ମହାପ୍ରବନ୍ଧକ (ଅର୍ଥ) ଓପିଟିସିଏଲ୍, ଭୁବନେଶ୍ୱର ପାଖରେ 1.74 କୋଟି ଟଙ୍କା ଜମା କରିବାକୁ 18 ଜୁନ୍ 2019ରେ କୁହାଯାଇଥିଲା। ଏହା ମଧ୍ୟ ଜଣାଇ ଦିଆଯାଇଥିଲା ଯେ ରାଶି ଜମା କରିବା ପରେ କାମ କରିବାକୁ ଅନୁମତି ଦିଆଯିବ। ଏସ୍‌ଏମ୍‌ଏଫ୍‌ଏପିଏଲ୍ ଫେବୃୟାରୀ 2020ରେ ପର୍ଯ୍ୟବେକ୍ଷଣ ଫି ବାବଦକୁ କେବଳ 0.25 କୋଟି ଟଙ୍କା[105] ଜମା କରିଥିଲା ଏବଂ ଓପିଟିସିଏଲ୍‌କୁ ରାଜସ୍ୱ କ୍ଷତି ବାବଦକୁ 1.49 କୋଟି ଟଙ୍କାର ଦାବି ଛାଡ କରିବାକୁ ଅନୁରୋଧ 03 ନଭେମ୍ବର 2020ରେ କରିଥିଲା। ଦାବି ଛାଡ ପାଇଁ ଅନୁରୋଧକୁ ପ୍ରତ୍ୟାଖ୍ୟାନ (29 ଡିସେମ୍ବର 2020) କରିବା ସମୟରେ, ଓପିଟିସିଏଲ୍, ଏସ୍‌ଏମ୍‌ଏଫ୍‌ଏପିଏଲ୍‌କୁ ଲାଇନର ପରିବର୍ତ୍ତନ ପାଇଁ ବନ୍ଦ କରିବା ପୂର୍ବରୁ ରାଜସ୍ୱ କ୍ଷତି ପାଇଁ ଅଗ୍ରୀମ ଭାବରେ 0.30 କୋଟି ଟଙ୍କା ଜମା କରିବାକୁ କହିଥିଲେ। କାର୍ଯ୍ୟ ସମାପ୍ତ ହେବା ପରେ ପ୍ରକୃତ ରାଜସ୍ୱ କ୍ଷତି ହିସାବରେ ଯଦି କୌଣସି ବାକି ରାଶି ଥାଏ, ତେବେ ତାହା ଜମା କରିବା ପାଇଁ ଏକ ପ୍ରତିଶ୍ରୁତି ପତ୍ର ଦାଖଲ କରିବାକୁ ଏସ୍‌ଏମ୍‌ଏଫ୍‌ଏପିଏଲ୍‌କୁ ମଧ୍ୟ କୁହାଯାଇଥିଲା। ଏହା ଦେଖାଯାଇଥିଲା ଯେ, ଏସ୍‌ଏମ୍‌ଏଫ୍‌ଏପିଏଲ୍ ରାଜସ୍ୱ କ୍ଷତି ପାଇଁ ମାର୍ଚ୍ଚ 2021ରେ 0.30 କୋଟି ଟଙ୍କା ଜମା କରିଥିଲା କିନ୍ତୁ ଓପିଟିସିଏଲ୍‌କୁ କୌଣସି ପ୍ରତିଶ୍ରୁତି ପତ୍ର ଦାଖଲ କରାଯାଇ ନଥିଲା। କାର୍ଯ୍ୟଟି ସମାପ୍ତ ହେବାପରେ, କାର୍ଯ୍ୟ ସମ୍ପାଦନ ସମୟରେ ବନ୍ଦ ହେବା ଯୋଗୁ ଓପିଟିସିଏଲ୍ ପ୍ରକୃତ ରାଜସ୍ୱ କ୍ଷତି 1.79 କୋଟି ଟଙ୍କା ହିସାବ କରିଥିଲା। ଯଦିଓ କାର୍ଯ୍ୟଟିର ସମାପ୍ତି ପ୍ରମାଣପତ୍ର 30 ମାର୍ଚ୍ଚ 2022ରେ ଜାରି କରାଯାଇଥିଲା କିନ୍ତୁ ଏହି କ୍ଷତିକୁ ଏସ୍‌ଏମ୍‌ଏଫ୍‌ଏପିଏଲ୍‌ଠାରୁ ଦାବି କରାଯାଇ ନଥିଲା।

ତେଣୁ, ଓପିଟିସିଏଲ୍ ଭୁଲ ଭାବରେ ସମାପ୍ତି ପ୍ରମାଣପତ୍ର ପ୍ରଦାନ ଏବଂ 1.49 କୋଟି ଟଙ୍କା (1.79 କୋଟି ଟଙ୍କା – 0.30 କୋଟି ଟଙ୍କା) ବାକି ରାଶି ଦାବି କରିବାରେ ନିଷ୍କ୍ରିୟତା, ଏସ୍‌ଏମ୍‌ଏଫ୍‌ଏପିଏଲ୍‌କୁ ଅନୁଚିତ ଲାଭ ପ୍ରଦାନ କଲା।

ସରକାର କହିଲେ (ମାର୍ଚ୍ଚ 2024) ଯେ, ବନ୍ଦ ଯୋଗୁ 1.49 କୋଟି ଟଙ୍କାର ରାଜସ୍ୱ କ୍ଷତି ଏକ ପ୍ରତୀକାତ୍ମକ କ୍ଷତି ଥିଲା ଏବଂ ଲାଇନ୍ ବନ୍ଦ ସମୟରେ କୌଣସି ପ୍ରକୃତ ରାଜସ୍ୱ କ୍ଷତି ହୋଇନଥିଲା। ଉତ୍ତରଟି ଯୁକ୍ତିଯୁକ୍ତ ନଥିଲା କାରଣ ଲାଇନ୍ ବନ୍ଦ ହେବାର ପ୍ରକୃତ ଘଣ୍ଟା ଆଧାରରେ 1.79 କୋଟି ଟଙ୍କା ରାଜସ୍ୱ କ୍ଷତି ଓପିଟିସିଏଲ୍ ଦ୍ୱାରା ହିସାବ କରାଯାଇଥିଲା। ଅଧିକନ୍ତୁ, ଓପିଟିସିଏଲ୍ କହିଥିଲା (ଅଗଷ୍ଟ 2023) ଯେ, ଏସ୍‌ଏମ୍‌ଏଫ୍‌ଏପିଏଲ୍‌ଠାରୁ 1.49 କୋଟି ଟଙ୍କାର ଭେଦାତ୍ମକ ପରିମାଣ ଆଦାୟ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

---

104 ଯୋଗାଣ ଏବଂ ନିର୍ମାଣ ଖର୍ଚ୍ଚ ଉପରେ 06 ପ୍ରତିଶତ ପର୍ଯ୍ୟବେକ୍ଷଣ ଦେୟ (21,22,405 ଟଙ୍କା), ପର୍ଯ୍ୟବେକ୍ଷଣ ଖର୍ଚ୍ଚ ଉପରେ 18 ପ୍ରତିଶତ ଜିଏସ୍‌ଟି (3,82,033 ଟଙ୍କା), ଲାଇନ ବନ୍ଦ ହେବା ଯୋଗୁ ଗ୍ରୀଡ୍‌କୋ ଏବଂ ଓପିଟିସିଏଲ୍‌କୁ ରାଜସ୍ୱ କ୍ଷତି (1,48,73,424 ଟଙ୍କା), ଜିଏସ୍‌ଟି ସହିତ ସର୍ବେକ୍ଷଣ ଖର୍ଚ୍ଚ (2,36,000 ଟଙ୍କା) ଏବଂ ସର୍ବେକ୍ଷଣ ପାଇଁ ପୂର୍ବରୁ ପ୍ରାପ୍ତ ଦେୟର ସମାୟୋଜନ (-2,16,000 ଟଙ୍କା)

105 ଯୋଗାଣ ଏବଂ ନିର୍ମାଣ ଖର୍ଚ୍ଚ ଉପରେ ଛଅ ପ୍ରତିଶତ ତଦାରଖ ଶୁଳ୍କ (21,22,405 ଟଙ୍କା) ଏବଂ ତଦାରଖ ଶୁଳ୍କ ଉପରେ 18 ପ୍ରତିଶତ ଜିଏସ୍‌ଟି (3,82,033 ଟଙ୍କା)

## 3.7 ପରିହାର୍ଯ୍ୟ ବ୍ୟୟ

**ଜୋରିମାନା ନିଟ୍ ବର୍ତ୍ତମାନ ମୂଲ୍ୟ ପାଇଁ 0.69 କୋଟି ଟଙ୍କା ପରିହାର୍ଯ୍ୟ ବ୍ୟୟ**

ଓଡିଶା ସରକାରଙ୍କ ସମ୍ପୂର୍ଣ୍ଣ ମାଲିକାନା ଥିବା ଉଦ୍ୟୋଗ, ଓଡିଶା ସଞ୍ଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍) ବାଲିମେଳାର ଗ୍ରୀଡ୍ ସବଷ୍ଟେସନ ଠାରୁ ମାଲକାନଗିରିର ଗ୍ରୀଡ୍ ସବଷ୍ଟେସନ୍ ପର୍ଯ୍ୟନ୍ତ 220 କେଭି ଏସ୍‌ସି ଟ୍ରାନ୍ସମିସନ୍ ଲାଇନ୍ ନିର୍ମାଣ ପାଇଁ 18.5 ହେକ୍ଟର ରାଜସ୍ୱ ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ଜଙ୍ଗଲ ଏବଂ ପରିବେଶ ବିଭାଗ, ଓଡିଶା ସରକାରଙ୍କୁ ଏକ ପ୍ରସ୍ତାବ ପ୍ରଦାନ (ଅଗଷ୍ଟ 2016) କରିଥିଲା। ଜଙ୍ଗଲ ସଂରକ୍ଷଣ ଅଧିନିୟମ, 1980ର ଧାରା 2(ii) ଅନୁଯାୟୀ ଏହି ପରିବର୍ତ୍ତନ ପ୍ରସ୍ତାବ ଦାଖଲ କରାଯାଇଥିଲା, ଯାହା ଅନୁଯାୟୀ ଜଙ୍ଗଲ ଜମିର ଅଣ-ଜଙ୍ଗଲ ବ୍ୟବହାର ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଏମ୍‌ଓଇଏଫ୍‌ଆଣ୍ଡ୍‌ସିସି) ଠାରୁ ପୂର୍ବ ଅନୁମୋଦନ ଆବଶ୍ୟକ। ଟ୍ରାନ୍ସମିସନ୍ ଲାଇନ୍‌ର ମୋଟ ଲମ୍ବ 21.217 କିଲୋମିଟର ଥିଲା, ଯେଉଁଥିରେ 5.290 କିଲୋମିଟର ଜଙ୍ଗଲ ଅଞ୍ଚଳ ଦେଇ ଗତି କରିଥିଲା।

ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ (ଅକ୍ଟୋବର 2002) ଅନୁଯାୟୀ, ଅଣ-ଜଙ୍ଗଲ ଉଦ୍ଦେଶ୍ୟରେ ସ୍ଥାନାନ୍ତରିତ ଜଙ୍ଗଲ ଜମିର ନିଟ୍ ବର୍ତ୍ତମାନ ମୂଲ୍ୟ (ଏନ୍‌ପିଭି) ବ୍ୟବହାରକାରୀ ସଂସ୍ଥା ଦ୍ୱାରା ପ୍ରଦାନ କରାଯିବା କଥା। ଏହାବ୍ୟତୀତ, ଏମ୍‌ଓଇଏଫ୍‌ଆଣ୍ଡ୍‌ସିସି ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା (ଜାନୁଆରୀ 2018) ଅନୁଯାୟୀ, ଭାରତ ସରକାରଙ୍କ ଅନୁମୋଦନ ବିନା ଅଣ-ଜଙ୍ଗଲ ଉଦ୍ଦେଶ୍ୟରେ ଜଙ୍ଗଲ ଜମିର ଯେକୌଣସି ଅଂଶକୁ ବ୍ୟବହାର କଲେ, ଏନ୍‌ପିଭି ବ୍ୟତୀତ ଜୋରିମାନା ଏନ୍‌ପିଭି ପ୍ରଦାନ କରିବାକୁ ଦାୟୀ ରହିବ। ଏହା ଦେଖାଯାଇଥିଲା ଯେ, ଓପିଟିସିଏଲ୍ ଏମ୍‌ଓଇଏଫ୍‌ଆଣ୍ଡସିସିର ପୂର୍ବ ଅନୁମୋଦନ ବିନା ଟ୍ରାନ୍ସମିସନ୍ ଲାଇନ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ (ଜାନୁଆରୀ 2018) କରିଥିଲା, ଯାହା ଫଳରେ ନିଗମ ଦ୍ୱାରା 0.69 କୋଟି ଟଙ୍କାର ଜୋରିମାନା ଏନ୍‌ପିଭି ପ୍ରଦାନ କରାଯାଇଥିଲା।

ଏହି ପରିପ୍ରେକ୍ଷୀରେ ସମୀକ୍ଷାରେ ଦେଖାଗଲା ଯେ:

- ଓପିଟିସିଏଲ୍‌ର ଜମି ବ୍ୟବହାର ପ୍ରସ୍ତାବ ସମାଧାନ କରିବା ସମୟରେ, ମାଲକାନଗିରିର ଆଞ୍ଚଳିକ ଜଙ୍ଗଲ ଅଧିକାରୀ (ଡିଏଫ୍‌ଓ) ଓପିଟିସିଏଲ୍‌କୁ ଅନୁରୋଧ (ସେପ୍ଟେମ୍ବର 2017) କରିଥିଲେ ଯେ, ଭାରତ ସରକାରଙ୍କ ପୂର୍ବ ଅନୁମୋଦନ ବିନା ଜଙ୍ଗଲ ଅଞ୍ଚଳରେ କୌଣସି କାର୍ଯ୍ୟ ଆରମ୍ଭ କରାନଯାଉ। ଡିଏଫ୍‌ଓ ମଧ ଏହା କହିଛନ୍ତି ଯେ ବିନା ଅନୁମୋଦନରେ କାର୍ଯ୍ୟ ହାତକୁ ନେଲେ ଭବିଷ୍ୟତରେ ଜଟିଳତା ଆସିବ ଏବଂ ସେଥିପାଇଁ ଓପିଟିସିଏଲ୍ ଦାୟୀ ରହିବ।

- ଓପିଟିସିଏଲ୍‌ର ପ୍ରସ୍ତାବ ଉପରେ ଆଞ୍ଚଳିକ କ୍ଷମତାପ୍ରାପ୍ତ ସମିତି (ପୂର୍ବ ଜୋନ୍), ଏମ୍‌ଓଇଏଫ୍‌ଆଣ୍ଡ୍‌ସିସି ଏହାର 24ତମ ବୈଠକ (20 ଫେବୃୟାରୀ 2018)ରେ ଆଲୋଚନା କରିଥିଲା। ପୂର୍ବ ଅନୁମୋଦନ ବିନା ନିର୍ମାଣ କାର୍ଯ୍ୟ ପୂର୍ବରୁ ସମାପ୍ତ ହୋଇଥିବାରୁ, ସମିତି ଉଲ୍ଲଙ୍ଘନ ପାଇଁ ଜୋରିମାନା ଲାଗୁ ସହିତ ପର୍ଯ୍ୟାୟ-1 ଅନୁମୋଦନ[106] ପ୍ରଦାନ ପ୍ରସ୍ତାବକୁ ଅନୁମୋଦନ କରିଥିଲା। ସମିତି ନିଷ୍ପତ୍ତି ନେଇଥିଲା ଯେ ଟ୍ରାନ୍ସମିସନ୍ ଲାଇନ୍‌ର ଆରମ୍ଭ ଏବଂ ସମାପ୍ତିର ବିବରଣୀ ଦାଖଲ କରିବା ପରେ ପର୍ଯ୍ୟାୟ-1 ଅନୁମୋଦନ ପ୍ରଦାନ କରାଯିବ। ଫେବ୍ରୁଆରୀ 2018ରୁ ଜୁଲାଇ 2020 (29 ମାସ) ମଧ୍ୟରେ ଓପିଟିସିଏଲ୍ ଦ୍ୱାରା ଉପରୋକ୍ତ ବିବରଣୀ ଦାଖଲ କରିବାରେ ବିଳମ୍ବ ହେବାରୁ ଜୁଲାଇ 2020ରେ ପର୍ଯ୍ୟାୟ-1 ଅନୁମୋଦନ ପ୍ରଦାନ କରାଯାଇଥିଲା।

---

106 ଜଙ୍ଗଲ ସଂରକ୍ଷଣ ଅଧିନିୟମ ଅନୁଯାୟୀ କେନ୍ଦ୍ର ସରକାରଙ୍କ ପୂର୍ବ ଅନୁମୋଦନ ଦୁଇଟି ପର୍ଯ୍ୟାୟରେ ଦିଆଯାଇଥାଏ। ପର୍ଯ୍ୟାୟ-Iରେ ପ୍ରସ୍ତାବକୁ ନୀତିଗତ ଭାବେ ଅନୁମୋଦନ କରାଯାଏ ଏବଂ ସ୍ଥାନାନ୍ତର, ଅଣ ଜଙ୍ଗଲ ଜମିର ମ୍ୟୁଟେସନ୍, କ୍ଷତିପୂରଣ ବନୀକରଣର ଦେୟ, ନିଟ୍ ବର୍ତ୍ତମାନ ମୂଲ୍ୟ (ଏନ୍‌ପିଭି) ଇତ୍ୟାଦି ସର୍ତ୍ତାବଳୀ ସ୍ଥିର କରାଯାଏ। ରାଜ୍ୟ ସରକାରଙ୍କ ଠାରୁ ନିର୍ଦ୍ଧାରିତ ସର୍ତ୍ତାବଳୀ ସମ୍ପର୍କରେ ଅନୁପାଳନ ରିପୋର୍ଟ ପାଇବା ପରେ, ଜଙ୍ଗଲ ସଂରକ୍ଷଣ ଅଧିନିୟମ ଅନୁଯାୟୀ ଆନୁଷ୍ଠାନିକ ଅନୁମୋଦନ (ପର୍ଯ୍ୟାୟ- II) ଜାରି କରାଯାଏ

- ପର୍ଯ୍ୟାୟ-1 ଅନୁମୋଦନର ସର୍ତ୍ତ ଅନୁଯାୟୀ, ମାଲକାନଗିରିର ଡିଏଫ୍‌ଓ 0.69 କୋଟି ଟଙ୍କା ଜୋରିମାନା ଏନ୍‌ପିଭି ଦାବି (ସେପ୍ଟେମ୍ବର 2020) କରିଥିଲେ। ଓପିଟିସିଏଲ୍ ଦ୍ୱାରା ଜୋରିମାନା ଏନ୍‌ପିଭି ଡିସେମ୍ବର 2022ରେ ପ୍ରଦାନ କରାଯାଇଥିଲା।

ତେଣୁ, ଏକ ସରକାରୀ ଉଦ୍ୟୋଗ ହେବା ସତ୍ତ୍ୱେ ଓପିଟିସିଏଲ୍ ଦ୍ୱାରା ଜଙ୍ଗଲ ସଂରକ୍ଷଣ ଅଧିନିୟମ, 1980ର ବ୍ୟବସ୍ଥା ଉଲ୍ଲଙ୍ଘନ ଯୋଗୁ 0.69 କୋଟି ଟଙ୍କାର ଜୋରିମାନା ଏନ୍‌ପିଭି ପରିହାର୍ଯ୍ୟ ଦେୟ ହେଲା।

ସରକାର କହିଲେ (ନଭେମ୍ବର 2023) ଯେ, ମାଲକାନଗିରି ଜିଲ୍ଲାର ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳ ଏବଂ ଡାକ୍ତରଖାନାଗୁଡିକୁ ନିର୍ଭରଯୋଗ୍ୟ ଏବଂ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଇବା ପାଇଁ ଟ୍ରାନ୍ସମିସନ୍ ଲାଇନ ନିର୍ମାଣ ହାତକୁ ନିଆଯାଇଥିଲା। ଉତ୍ତର ଗ୍ରହଣୀୟ ନଥିଲା କାରଣ ଓପିଟିସିଏଲ୍ ପକ୍ଷରୁ ବିଳମ୍ବ ହୋଇଥିଲା ଯେହେତୁ ଆଞ୍ଚଳିକ କ୍ଷମତାପ୍ରାପ୍ତ ସମିତିର ସର୍ତ୍ତାବଳୀ ପାଳନ କରିବାକୁ ଦୁଇ ବର୍ଷରୁ ଅଧିକ ସମୟ ନେଇଥିଲା। ଅଧିକନ୍ତୁ, ଜଙ୍ଗଲ ମଞ୍ଜୁରୀ ବିନା କାମ ଆରମ୍ଭ କରି ଓପିଟିସିଏଲ୍ ଆଇନଗତ ନିୟମାବଳୀ ଉଲ୍ଲଙ୍ଘନ କରିଥିଲା।

## ଓଡିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍

### *3.8 ପରିହାର୍ଯ୍ୟ ଦେୟ*

**ଜିଏସ୍‌ଟିର ବିଳମ୍ବିତ ଦେୟ ହେତୁ ପରିଣାମ ସ୍ୱରୂପ 2.56 କୋଟି ଟଙ୍କା ସୁଧ ଦେୟ**

ଓଡିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍ (ଓବିସିସି) ଓଡିଶା ସରକାରଙ୍କ ଏକ ଉଦ୍ୟୋଗ, ପୂର୍ତ୍ତ ବିଭାଗକୁ ପ୍ରଯୁଜ୍ୟ ତଦାରଖ ଦେୟର (ଅର୍ଥାତ, କାର୍ଯ୍ୟର ପ୍ରକୃତ ଖର୍ଚ୍ଚର ଆଠ ପ୍ରତିଶତ) ପ୍ରତିଫଳ ମୂଲ୍ୟରେ କାର୍ଯ୍ୟ ଚୁକ୍ତିନାମା ସେବା ପ୍ରଦାନ କରିବାରେ ନିୟୋଜିତ। ଅର୍ଥ ମନ୍ତ୍ରଣାଳୟ, ଭାରତ ସରକାର ଏବଂ ଅର୍ଥ ବିଭାଗ, ଓଡିଶା ସରକାରଙ୍କ ବିଜ୍ଞପ୍ତି (ଜୁନ୍ 2017) ଅନୁଯାୟୀ, ଓବିସିସି ଦ୍ୱାରା ସମ୍ପାଦିତ କାର୍ଯ୍ୟ ଚୁକ୍ତିନାମା ପ୍ରକଳ୍ପ ଉପରେ ଜିଏସ୍‌ଟି ଦେବାକୁ ଦାୟୀ ରହିବେ। ଯଦିଓ, ଓବିସିସି ଦ୍ୱାରା ନିଯୁକ୍ତ ଠିକାଦାରଙ୍କ ମାଧ୍ୟମରେ ଚୁକ୍ତି ମୂଲ୍ୟ ଉପରେ ଜିଏସ୍‌ଟି ଦିଆଯାଉଥିଲା, ଜିଏସ୍‌ଟି ଆଇନ ପ୍ରଣୟନ ହେବା ପରଠାରୁ ଏହା ତଦାରଖ ଖର୍ଚ୍ଚ ଉପରେ ଜିଏସ୍‌ଟି ଦେଉନଥିଲା। ଓବିସିସିର ବ୍ୟାଖ୍ୟା ଅନୁସାରେ, କାର୍ଯ୍ୟ ସହିତ ଜଡିତ ଦୈନନ୍ଦିନ କାର୍ଯ୍ୟ ପୂରଣ କରିବା ପାଇଁ ତଦାରଖ ଖର୍ଚ୍ଚ ବ୍ୟବହୃତ ହୁଏ ଏବଂ ତଦାରଖ ଖର୍ଚ୍ଚ ଉପରେ ଜିଏସ୍‌ଟି ଲାଗୁ କରାଯାଇ ନଥିଲା।

ସମୀକ୍ଷା ଏହା ଦେଖିଲା ଯେ:

- ଓଡିଶା ଜିଏସ୍‌ଟି ଅଧିନିୟମ, 2017ର ଧାରା 50(1) ଅନୁଯାୟୀ, ନିର୍ଦ୍ଧାରିତ ସମୟ ମଧ୍ୟରେ ଜିଏସ୍‌ଟି ପ୍ରଦାନ କରିବାରେ ବିଫଳ ହେଲେ, ଖିଲାପକାରୀ ସେହି ସମୟ ପାଇଁ 18 ପ୍ରତିଶତ ହାରରେ ସୁଧ ଦେବାକୁ ବାଧ ହେବେ। ଓବିସିସି, ଜିଏସ୍‌ଟି ଦେଇ ନଥିବାରୁ, ସିଟି ଏବଂ ଜିଏସ୍‌ଟି ଅଧିକାରୀ, ଭୁବନେଶ୍ୱର-II, ଆର୍ଥିକ ବର୍ଷ (ଏଫ୍‌ୱାଇ) 2017-18ରୁ 2021-22 ପାଇଁ ବୈଧାନିକ ପ୍ରକ୍ରିୟା ଆରମ୍ଭ କରିଥିଲେ ଏବଂ ସୁଧ ଓ ଜୋରିମାନାକୁ ମିଶାଇ 231.05 କୋଟି ଟଙ୍କା[107] ପ୍ରଦାନ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ। ପୂର୍ତ୍ତ ବିଭାଗ, ଜିଓଓ ଠାରୁ ଓବିସିସି ଦ୍ୱାରା ପ୍ରାପ୍ତ ମୋଟ ଚୁକ୍ତି ମୂଲ୍ୟ ଉପରେ ଟିକସ ଦାବି କରାଯାଇଥିଲା, ଯେଉଁଥିରେ ଓବିସିସି ଦ୍ୱାରା କରାଯାଇଥିବା କାର୍ଯ୍ୟ ଉପରେ ଆଠ ପ୍ରତିଶତ ତଦାରଖ ଖର୍ଚ୍ଚ ଅନ୍ତର୍ଭୁକ୍ତ ଥିଲା। ଏହି ଆଦେଶ ବିରୁଦ୍ଧରେ, ଓବିସିସି ଅପିଲ କର୍ତ୍ତୃପକ୍ଷ (ଅର୍ଥାତ୍, ରାଜ୍ୟ ଟିକସ-ଅପିଲ ଯୁଗ୍ମ କମିଶନର)ଙ୍କ ନିକଟରେ ଏକ ଅପିଲ ଦାଖଲ କରିଥିଲା (ଅପ୍ରେଲ 2021)। ଅପିଲ କର୍ତ୍ତୃପକ୍ଷ ଆବେଦନକୁ ଖାରଜ (ମଇ 2022) କରିଥିଲେ ଏବଂ ନିର୍ଦ୍ଦେଶ ଦେଇଥିଲେ ଯେ, ଏକ ପୃଥକ ବିଜ୍ଞପ୍ତି ଜାରି ନହେବା ପର୍ଯ୍ୟନ୍ତ ଓବିସିସି ଟିକସ ଦେବାକୁ ଦାୟୀ ରହିବ।

[107] 231.05 କୋଟି ଟଙ୍କାର ଦାବି ସହିତ 131.42 କୋଟି ଟଙ୍କାର ଜିଏସ୍‌ଟି ଅନ୍ତର୍ଭୁକ୍ତ, ସୁଧ 25.41 କୋଟି ଟଙ୍କା ଏବଂ ଜୋରିମାନା 74.21 କୋଟି ଟଙ୍କା

- ମୁଖ୍ୟ ଶାସନ ସଚିବ, ଓଡିଶା ସରକାର ଏବଂ ସିଟି ଓ ଜିଏସ୍‌ଟି କମିଶନରଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକ (ଜୁଲାଇ 2022)ରେ 2021-22 ପର୍ଯ୍ୟନ୍ତ 231.05 କୋଟି ଟଙ୍କାର ଉପରୋକ୍ତ ଦାୟିତ୍ୱ ଉପରେ ଆଲୋଚନା କରାଯାଇଥିଲା। ସେହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ଯେ, ଏବେଠାରୁ ଓବିସିସିକୁ ଅନ୍ୟ ନିଗମଗୁଡିକ ପରି ଜିଏସ୍‌ଟି କର୍ତ୍ତୃପକ୍ଷଙ୍କୁ ତଦାରଖ ଖର୍ଚ୍ଚ/ନିଗମ ଦେୟ ଉପରେ ଜିଏସ୍‌ଟି ଦେବାକୁ ପଡିବ। ଉକ୍ତ ବୈଠକର ନିଷ୍ପତ୍ତିକୁ ଉଲ୍ଲେଖ କରି ପୂର୍ତ୍ତ ବିଭାଗ ସୂଚନା ଦେଇଥିଲା ଏବଂ ଅର୍ଥ ବିଭାଗ, ଜିଓଓ ସ୍ପଷ୍ଟ କରିଛି (ଜୁଲାଇ 2022) ଯେ, ଓବିସିସି ଏକ ରାଜ୍ୟ ପିଏସ୍‌ୟୁ ଭାବରେ ଓଜିଏସ୍‌ଟି ଅଧିନିୟମ, 2017ର ବ୍ୟବସ୍ଥା ଅନୁଯାୟୀ ଜିଏସ୍‌ଟି ଦେବାକୁ ଦାୟୀ ରହିବ।

- ତଦନୁସାରେ, ଓବିସିସି 2017-18ରୁ 2020-21 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ତଦାରଖ ଖର୍ଚ୍ଚ ପାଇଁ 5.46 କୋଟି ଟଙ୍କା ଜିଏସ୍‌ଟି ଏବଂ 2.56 କୋଟି ଟଙ୍କା ସୁଧ ହିସାବ କରିଥିଲା ଏବଂ ତାହା ଜୁଲାଇ 2022ରେ ପ୍ରଦାନ କରାଯାଇଥିଲା। ଆର୍ଥିକ ବର୍ଷ 2022-23ଠାରୁ, ଓବିସିସି ଜିଏସ୍‌ଟି ଆଇନର ବ୍ୟବସ୍ଥା ଅନୁଯାୟୀ ଜିଏସ୍‌ଟି ରିଟର୍ଣ୍ଣ ଫାଇଲ କରୁଛି ଏବଂ ଜିଏସ୍‌ଟି ପ୍ରଦାନ କରୁଛି।

- ତଥାପି, ସମୀକ୍ଷାରେ ଦେଖାଗଲା ଯେ, ଜିଏସ୍‌ଟି ଗଣନା କରିବା ସମୟରେ ଓବିସିସି ରେକର୍ଡରେ କୌଣସି କାରଣ ବିନା, 2021-22 ଆର୍ଥିକ ବର୍ଷ ପାଇଁ ଜିଏସ୍‌ଟି ଦାୟିତ୍ୱକୁ ବିଚାର କରିନାହିଁ। ସମୀକ୍ଷା 2021-22 ଆର୍ଥିକ ବର୍ଷ ପାଇଁ ଜିଏସ୍‌ଟି ପ୍ରତି ଦାୟିତ୍ୱ 3.59 କୋଟି ଟଙ୍କା ଏବଂ ତା'ଉପରେ ସୁଧ 0.86 କୋଟି ଟଙ୍କା[108] ହିସାବ କରିଥିଲା। ଅଧିକନ୍ତୁ, 2021-22 ଆର୍ଥିକ ବର୍ଷ ପାଇଁ ବକେୟା ଜିଏସ୍‌ଟି ପରିଶୋଧରେ ବିଳମ୍ବ ହେଲେ ସୁଧର ପରିମାଣ ବଢ଼ିପାରେ।

ତେଣୁ, ସମ୍ପାଦିତ କାର୍ଯ୍ୟ ଉପରେ ଓବିସିସି ଦ୍ୱାରା ପ୍ରାପ୍ତ ତଦାରଖ ଖର୍ଚ୍ଚ ଉପରେ ଜିଏସ୍‌ଟି ସମୟାନୁସାରେ ପୈଠ କରିବାରେ ବୈଧାନିକ ଆବଶ୍ୟକତାର ପାଳନ ନକରିବା ଫଳରେ, ଜିଏସ୍‌ଟିର ବିଳମ୍ବିତ ପୈଠ ପାଇଁ ସୁଧ ବାବଦକୁ 2.56 କୋଟି ଟଙ୍କା ପରିହାର୍ଯ୍ୟ ଦେୟ ହୋଇଥିଲା।

ସରକାର କହିଲେ (ଡିସେମ୍ବର 2023) ଯେ, ଜିଓଓର ନିଷ୍ପତ୍ତି (ଜୁଲାଇ 2022) ପରେ, ଓବିସିସି 2022-23ରୁ ନିୟମିତ ଭାବରେ ତଦାରଖ ଖର୍ଚ୍ଚ ଉପରେ ଜିଏସ୍‌ଟି ପ୍ରଦାନ କରିଆସୁଛି। ତଥାପି, 2017-18ରୁ 2020-21 ପର୍ଯ୍ୟନ୍ତ ତଦାରଖ ଖର୍ଚ୍ଚ ଉପରେ ଜିଏସ୍‌ଟି ପ୍ରତିବାଦର ସହିତ ପ୍ରଦାନ କରାଯାଇଥିଲା ଏବଂ 2021-22 ଅବଧି ପାଇଁ ତଦାରଖ ଖର୍ଚ୍ଚ ଏବଂ ସୁଧ ଉପରେ ଜିଏସ୍‌ଟି ପ୍ରଦାନ କରାଯାଇନଥିଲା କାରଣ ଏହା ବିବାଦୀୟ ଥିଲା।

ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ଓବିସିସି କୌଣସି କାରଣ ନଥାଇ ଜିଏସ୍‌ଟି ଆଇନର ବ୍ୟବସ୍ଥାଗୁଡିକୁ ପାଳନ କରିବାରେ ବିଫଳ ହୋଇଥିଲା ଏବଂ ଜିଏସ୍‌ଟି ପୈଠ କରିବାରେ ଅଯଥା ବିଳମ୍ବ କରିଥିଲା। ପ୍ରତିବାଦ ଅନୁଯାୟୀ ଦେୟ ସମ୍ପର୍କରେ ଓବିସିସିର ରେକର୍ଡରେ କୌଣସି ଉଲ୍ଲେଖ ନଥିଲା। ଦ୍ୱିତୀୟତଃ, ସରକାରଙ୍କ ସ୍ପଷ୍ଟୀକରଣ ପରେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ବର୍ଷ ପାଇଁ ଏକ ବୈଧାନିକ ବାଧ୍ୟବାଧକତା ଉପରେ ବିବାଦ କରିବା ଅବିବେଚନାପୂର୍ଣ୍ଣ ଥିଲା।

## ଓଡିଶା କୋଇଲା ଏବଂ ବିଦ୍ୟୁତ୍ ଲିମିଟେଡ୍

### *3.9 ଅନୁଚିତ ଅନୁକମ୍ପା*

**ଖଣି ସେବା ଚୁକ୍ତିନାମା ଉଲ୍ଲଘଂନ କରି ଖଣି ପରିଚାଳକଙ୍କୁ 2.39 କୋଟି ଟଙ୍କାର ଅନୁଚିତ ଅନୁକମ୍ପା**

ଓଡିଶା କୋଇଲା ଏବଂ ବିଦ୍ୟୁତ୍ ଲିମିଟେଡ୍ (ଓସିପିଏଲ୍) ହେଉଛି ଓଡିଶା ସରକାରଙ୍କ ଏକ ଉଦ୍ୟୋଗ ଯାହା କୋଇଲା ଖଣିକାର୍ଯ୍ୟ ଏବଂ କୋଇଲା ଯୋଗାଣରେ ନିୟୋଜିତ। ମନୋହରପୁର କୋଇଲା ବ୍ଲକଟି କେବଳ ଓଡିଶା

[108] ଅପ୍ରେଲ 2022ରୁ ଜୁଲାଇ 2023 ପର୍ଯ୍ୟନ୍ତ 18 ପ୍ରତିଶତ ସୁଧ (ସମୀକ୍ଷାର ତାରିଖ ପର୍ଯ୍ୟନ୍ତ)

ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍‌କୁ କୋଇଲା ଯୋଗାଣ ପାଇଁ ଓସିପିଏଲ୍‌କୁ ଆବଣ୍ଟିତ (ଅଗଷ୍ଟ 2015) କରାଯାଇଥିଲା। ମନୋହରପୁର କୋଇଲା ଖଣିର ବିକାଶ ଏବଂ ପରିଚାଳନା ପାଇଁ ସେପ୍ଟେମ୍ବର 2017ରେ ସମ୍ଭାବ୍ୟ ଖଣି ପରିଚାଳକ (ଏମ୍‌ଓ) ମାନଙ୍କ ଠାରୁ ପ୍ରସ୍ତାବ ପାଇଁ ଅନୁରୋଧ (ଆର୍‌ଏଫ୍‌ପି) ଆହ୍ୱାନ କରାଯାଇଥିଲା। ଆର୍‌ଏଫ୍‌ପିରେ ଉଲ୍ଲେଖ ଥିଲା[109] ଯେ, ସାନଘୁମୁଡା ଗାଁରେ ଗ୍ରାମବାସୀଙ୍କୁ ସ୍ଥାନାନ୍ତର କରିବା ଏବଂ ଖଣି କାର୍ଯ୍ୟକଳାପ ପାଇଁ ଜମିର ଭୌତିକ ଦଖଲ ନେବା ପାଇଁ ସମସ୍ତ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏମ୍‌ଓ ଦାୟୀ ରହିବେ। ପୁନଶ୍ଚ, ପ୍ରି-ବିଡ୍ ପ୍ରକ୍ରିୟା ସମୟରେ ଓସିପିଏଲ୍ ସ୍ପଷ୍ଟ କରିଥିଲା ଯେ, ଆର୍‌ଏଫ୍‌ପିରେ ଉଲ୍ଲେଖ ଥିବା ସାନଘୁମୁଡାର ସମସ୍ତ ଗ୍ରାମବାସୀଙ୍କ ସ୍ଥାନାନ୍ତରଣ ଖର୍ଚ୍ଚ ଏମ୍‌ଓ ବହନ କରିବେ। ତଦନୁସାରେ, କାର୍ଯ୍ୟ କ୍ଷେତ୍ରରେ ଚୁକ୍ତି ମୂଲ୍ୟରେ ରାଜି ହୋଇଥିବା ସମାନ ସର୍ତ୍ତାବଳୀ ଉଲ୍ଲେଖ କରି ମେସର୍ସ ବିଜିଆର୍ ମାଇନିଂ ଏବଂ ଇନ୍‌ଫ୍ରା ଲିମିଟେଡ୍ (ବିଜିଆର୍)କୁ ପତ୍ର ଜାରି (ଜୁଲାଇ 2018) କରାଯାଇଥିଲା।

ଏହାପରେ, ଓସିପିଏଲ୍ ଏମ୍‌ଓ ଭାବରେ ମେସର୍ସ ବିଜିଆର୍ ସହିତ ଖଣି ସେବା ଚୁକ୍ତିନାମା[110] କାର୍ଯ୍ୟକାରୀ (ଅଗଷ୍ଟ 2018) କଲା। ଖଣି ସେବା ଚୁକ୍ତିନାମାର ଅନୁସୂଚୀ 2ର ଧାରା ଖ(2)(ଖ) ଅନୁଯାୟୀ, ଏମ୍‌ଓ ସାନଘୁମୁଡା ଗ୍ରାମର ସମସ୍ତ 174 ଜଣ ଗ୍ରାମବାସୀଙ୍କୁ ଓସିପିଏଲ୍ ଦ୍ୱାରା ନିର୍ମିତ ପୁନର୍ବାସ ଏବଂ ପୁନଃ ସ୍ଥାପନ (ଆର୍‌ଆଣ୍ଡ୍‌ଆର୍) କଲୋନୀକୁ ସ୍ଥାନାନ୍ତର କରିବା ଏବଂ ଖଣି କାର୍ଯ୍ୟକଳାପ ପାଇଁ ବାସପଯୋଗୀ ଜମିର ଭୌତିକ ଦଖଲ ନେବା ପାଇଁ ଦାୟୀ ଥିଲେ। ଅଧିକନ୍ତୁ, ଏମ୍‌ଓ (i) ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ଏବଂ ସରକାରୀ କର୍ତ୍ତୃପକ୍ଷଙ୍କ ସହିତ ସମନ୍ୱୟ ଏବଂ ଯୋଗାଯୋଗ, (ii) ଗ୍ରାମବାସୀଙ୍କୁ ସ୍ଥାନାନ୍ତରିତ କରିବା ଏବଂ (iii) ଜମି ଦଖଲ ନେବା ପାଇଁ ଦାୟୀ ଥିଲେ। ତଦନୁସାରେ, ଏମ୍‌ଓ ଦ୍ୱାରା ସାନଘୁମୁଡା ଗ୍ରାମବାସୀଙ୍କୁ ସ୍ଥାନାନ୍ତର କରିବାର ଦାୟିତ୍ୱ ଟେଣ୍ଡର ଡକ୍ୟୁମେଣ୍ଟ, କାର୍ଯ୍ୟାଦେଶ ପତ୍ର ଏବଂ ଖଣି ସେବା ଚୁକ୍ତିନାମାରେ ଅନ୍ତର୍ଭୁକ୍ତ କରାଯାଇଥିଲା।

ତଥାପି ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ, ଚୁକ୍ତିନାମାର ସର୍ତ୍ତାବଳୀ ଅନୁଯାୟୀ ସ୍ଥାନାନ୍ତର କାର୍ଯ୍ୟ କରିବା ପରିବର୍ତ୍ତେ, ଏମ୍‌ଓ ଜଣାଇଥିଲା (ଜୁନ୍ 2019) ଯେ, ସେମାନେ କେବଳ ବିଦ୍ୟମାନ ନିର୍ମାଣ ଭାଙ୍ଗିବା, ଭୂମି ସମତଳ କରିବା, ପ୍ରଶାସନ, ସ୍ଥାନୀୟ ପୋଲିସ, ବିଦ୍ୟୁତ ବିଭାଗ ଇତ୍ୟାଦି ସହିତ ଯୋଗାଯୋଗ କରିବା ସମ୍ପର୍କିତ କାର୍ଯ୍ୟ କରିପାରିବେ। ଏହାପରେ, ଓସିପିଏଲ୍ ନିଷ୍ପତ୍ତି ନେଇଥିଲା (ଜୁନ୍ 2019) ଯେ, ସାନଘୁମୁଡା ଗ୍ରାମବାସୀଙ୍କୁ ଆର୍‌ଆଣ୍ଡ୍‌ଆର୍ କଲୋନୀକୁ ସ୍ଥାନାନ୍ତର କାର୍ଯ୍ୟ ଏମ୍‌ଓ ମାଧମରେ କରିବା ପରିବର୍ତ୍ତେ ଅନ୍ୟ ଏକ ସଂସ୍ଥାକୁ ନିୟୋଜିତ କରି ସମ୍ପାଦନ କରିବେ। ତଦନୁସାରେ, ଓସିପିଏଲ୍ ଉପରୋକ୍ତ କାର୍ଯ୍ୟ ପାଇଁ ମେସର୍ସ ଜୋଡିଆକ୍ ଇନ୍‌ଫ୍ରାଷ୍ଟ୍ରାକ୍‌ଚର ପ୍ରାଇଭେଟ୍ ଲିମିଟେଡ୍‌କୁ ନିଯୁକ୍ତ କରିଥିଲା (ଅଗଷ୍ଟ 2019) ଏବଂ ସାନଘୁମୁଡା ଗ୍ରାମବାସୀଙ୍କୁ ସ୍ଥାନାନ୍ତର ପାଇଁ ମୋଟ 2.39 କୋଟି ଟଙ୍କା ଖର୍ଚ୍ଚ କରିଥିଲା।

ତେଣୁ, ଖଣି ପରିଚାଳକଙ୍କ ବିରୁଦ୍ଧରେ ଚୁକ୍ତିନାମାର ସର୍ତ୍ତାବଳୀ ଲାଗୁ କରିବା ପରିବର୍ତ୍ତେ, ଓସିପିଏଲ୍ ଅନ୍ୟ ଏକ ସଂସ୍ଥାକୁ ନିୟୋଜିତ କରି ନିଜେ କାର୍ଯ୍ୟ ସମ୍ପାଦନ କଲା, ଯାହାଫଳରେ 2.39 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ଏବଂ ଏମ୍‌ଓକୁ 2.39 କୋଟି ଟଙ୍କା ଅନୁଚିତ ଲାଭ ହୋଇଥିଲା।

ସରକାର କହିଲେ (ଅପ୍ରେଲ 2024) ଯେ, ସାନଘୁମୁଡା ଗ୍ରାମର ବିସ୍ଥାପିତ ପରିବାରଗୁଡିକୁ ସ୍ଥାନାନ୍ତର କରିବା ପାଇଁ ଏମ୍‌ଓର ଦାୟିତ୍ୱ କେବଳ ସୁବିଧା ଏବଂ ଯୋଗାଯୋଗ ପରି କାର୍ଯ୍ୟ ଥିଲା, ଯେପରି ପୂର୍ବ-ବିଡ୍ ପ୍ରଶ୍ନର[111] ଉତ୍ତରରେ ଓସିପିଏଲ୍ ଦ୍ୱାରା ସ୍ପଷ୍ଟ କରାଯାଇଥିଲା। ସରକାରଙ୍କ ଉତ୍ତର ତଥ୍ୟ ସହିତ ମେଳ ଖାଉ ନଥିଲା, କାରଣ ବିଡ୍ ପୂର୍ବରୁ ଆଲୋଚନା ସମୟରେ ଓସିପିଏଲ୍ ବିଡ୍ ପ୍ରଦାନକାରୀଙ୍କୁ ସ୍ପଷ୍ଟ କରିଥିଲା ଯେ, ସାନଘୁମୁଡା ଗ୍ରାମବାସୀଙ୍କ ସ୍ଥାନାନ୍ତର ଆର୍ଥିକ ପ୍ରଭାବ ଆର୍‌ଏଫ୍‌ପିର ସର୍ତ୍ତ[112] ଅନୁଯାୟୀ ହେବ। ଯେହେତୁ, ଚୁକ୍ତିନାମା ମୂଲ୍ୟ

---

109 ଏମ୍‌ଓ ଦ୍ୱାରା କରାଯିବାକୁ ଥିବା ଖଣି ସେବା ସମ୍ପର୍କରେ ଆର୍‌ଏଫ୍‌ପିର ପରିଶିଷ୍ଟ-କ'ର ଧାରା (ଏଫ୍)

110 ଖଣି ସେବା ଚୁକ୍ତିନାମା ହେଉଛି ଓସିପିଏଲ୍‌ର ମନୋହରପୁର କୋଇଲା ଖଣି ପ୍ରକଳ୍ପର ବିକାଶ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ମେସର୍ସ ବିଜିଆର୍ ମାଇନିଂ ଏବଂ ଇନ୍‌ଫ୍ରା ଲିମିଟେଡ୍ ସହିତ ସାକ୍ଷରିତ ଚୁକ୍ତିନାମା

111 ପ୍ରଶ୍ନ ସଂଖ୍ୟା 146: ସାଘୁମୁଡା ଗ୍ରାମର ସମସ୍ତ 174 ଜଣ ଗ୍ରାମବାସୀଙ୍କ ସ୍ଥାନାନ୍ତର ପାଇଁ ସ୍ଥାନାନ୍ତର ଖର୍ଚ୍ଚ କିଏ ବହନ କରିବ? ସ୍ପଷ୍ଟ କରନ୍ତୁ।

112 ପ୍ରଶ୍ନ ସଂଖ୍ୟା 146ର ଉତ୍ତର: ଆର୍‌ଏଫ୍‌ପି ସର୍ତ୍ତ (ସମସ୍ତ ସାନଘୁମୁଡା ଗ୍ରାମବାସୀଙ୍କ ସ୍ଥାନାନ୍ତର ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ଏମ୍‌ଓ ଦାୟୀ ରହିବେ) ପ୍ରଚଳିତ ହେବ

ସ୍ଥିର ହୋଇଥିବା କାର୍ଯ୍ୟର ପରିସରରେ, ସାନଘୁମୁଡା ଗ୍ରାମରେ ରହୁଥିବା ବ୍ୟକ୍ତିମାନଙ୍କୁ ସ୍ଥାନାନ୍ତର କରିବା ପାଇଁ ଏମ୍ଓର ଦାୟିତ୍ୱ ଅନ୍ତର୍ଭୁକ୍ତ ଥିଲା, ଓସିପିଏଲ୍ ନିଜସ୍ୱ ଖର୍ଚ୍ଚରେ କାର୍ଯ୍ୟ ସମ୍ପାଦନ କରି ଏମ୍ଓକୁ 2.39 କୋଟି ଟଙ୍କାର ଅନୁଚିତ ଲାଭ ପ୍ରଦାନ କରିଥିଲା।

**ଭୁବନେଶ୍ୱର**
**ତାରିଖ: 21 JAN 2026**

**(ଅତୁଲ ପ୍ରକାଶ)**
**ମହାଲେଖାକାର (ଲେଖାପରୀକ୍ଷା-II), ଓଡ଼ିଶା**

**ପ୍ରତିସ୍ୱାକ୍ଷରିତ**

**(କେ. ସଞ୍ଜୟ ମୂର୍ତ୍ତୀ)**
**ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ**

**ନୂଆ ଦିଲ୍ଲୀ**
**ତାରିଖ: 27 JAN 2026**

# ପରିଶିଷ୍ଟ

## ପରିଶିଷ୍ଟ - 1

## (ଅନୁଚ୍ଛେଦ 1.1.4.1 ଏବଂ 1.9.2ରେ ସୂଚୀତ)

## 76ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇଗୁଡିକର ତାଲିକା

| କ୍ରମିକ ସଂଖ୍ୟା | କ୍ଷେତ୍ର ଏବଂ ପିଏସ୍‌ୟୁର ନାମ | ବିଭାଗର ନାମ | ସରକାରୀ କମ୍ପାନୀ (ଜିସି)/ସରକାର ନିୟନ୍ତ୍ରିତ ଅନ୍ୟାନ୍ୟ କମ୍ପାନୀ (ଜିସିଓସି) |
|---|---|---|---|
| 1 | 2 | 3 | 4 |
| କ. | ସାମାଜିକ କ୍ଷେତ୍ର | | |
| I. | କାର୍ଯ୍ୟକ୍ଷମ ସରକାରୀ କମ୍ପାନୀ | | |
| 1 | ଓଡିଶା କୃଷି ପ୍ରୋତ୍ସାହନ ଏବଂ ବିନିଯୋଗ ନିଗମ ଲିମିଟେଡ୍ | କୃଷି ଏବଂ କୃଷକ ସଶକ୍ତିକରଣ | ଜିସି |
| 2 | ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ | କୃଷି ଏବଂ କୃଷକ ସଶକ୍ତିକରଣ | ଜିସି |
| 3 | ଓଡିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍ | କୃଷି ଏବଂ କୃଷକ ସଶକ୍ତିକରଣ | ଜିସି |
| 4 | ଓଡିଶା ବନ୍ୟ ଉନ୍ନୟନ ନିଗମ ଲିମିଟେଡ୍ | ଜଙ୍ଗଲ ଓ ପରିବେଶ | ଜିସି |
| 5 | ଓଡିଶା ଉଠା ଜଳସେଚନ ନିଗମ ଲିମିଟେଡ୍ | ଜଳ ସମ୍ପଦ | ଜିସି |
| 6 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ | କୃଷି ଏବଂ କୃଷକ ସଶକ୍ତିକରଣ | ଜିସି |
| 7 | ଓଡିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ ଲିମିଟେଡ୍ | ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ | ଜିସି |
| 8 | ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ୍ | ଶିଳ୍ପ | ଜିସି |
| 9 | ଓଡିଶା ଖଣିଜ ଧାରକ ଅଞ୍ଚଳ ବିକାଶ ନିଗମ ଲିମିଟେଡ୍ | ଇସ୍ପାତ ଏବଂ ଖଣି | ଜିସି |
| 10 | ଓଡିଶା ଜଳ ନିଗମ ଲିମିଟେଡ୍ | ଜଳ ସମ୍ପଦ | ଜିସି |
| 11 | ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ | ଅବକାରୀ | ଜିସି |
| 12 | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ | ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ | ଜିସି |
| 13 | ଓଡିଶା ରାଜ୍ୟ ଭେଷଜ ନିଗମ ଲିମିଟେଡ୍ | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ | ଜିସି |
| 14 | ଓଡିଶା କ୍ରୀଡା ଉନ୍ନୟନ ଏବଂ ପ୍ରୋତ୍ସାହନ କମ୍ପାନୀ ଲିମିଟେଡ୍ | କ୍ରୀଡା ଏବଂ ଯୁବ ବ୍ୟାପାର | ଜିସି |
| 15 | ବ୍ରାହ୍ମଣୀ ରେଳବାଇ ଲିମିଟେଡ୍ | ଶିଳ୍ପ | ଜିସିଓସି |
| 16 | ଓଡିଶା ରେଳ ଭିତ୍ତିଭୂମି ବିକାଶ ଲିମିଟେଡ୍ | ଶିଳ୍ପ | ଜିସି |
| 17 | ଷ୍ଟାର୍ଟଅପ୍ ଓଡିଶା | ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ | ଜିସି |
| 18 | ବିଶ୍ୱ ଦକ୍ଷତା କେନ୍ଦ୍ର | ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା | ଜିସି |
| II. | ନିଷ୍କ୍ରିୟ ସରକାରୀ କମ୍ପାନୀସମୂହ | | |
| 19 | ଇଷ୍ଟର୍ଣ୍ଣ ଆକ୍ୱାଟିକ୍ ପ୍ରଡକ୍ଟସ ଲିମିଟେଡ୍ (22 ଫେବୃୟାରୀ 1978 ଠାରୁ ସ୍ୱେଚ୍ଛାକୃତ ସମାପନ ପ୍ରକ୍ରିୟାରେ) | କୃଷି ଏବଂ କୃଷକ ସଶକ୍ତିକରଣ | ଜିସି |
| 20 | ଓଡିଶା ମତ୍ସ୍ୟ ଉନ୍ନୟନ ନିଗମ ଲିମିଟେଡ୍ | ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ | ଜିସି |
| ଖ. | ପ୍ରତିଯୋଗୀମୂଳକ କ୍ଷେତ୍ର | | |
| I. | କାର୍ଯ୍ୟକ୍ଷମ ସରକାରୀ କମ୍ପାନୀସମୂହ | | |
| 21 | ଓଡିଶା ଶିଳ୍ପ ପ୍ରୋତ୍ସାହନ ଓ ପୁଞ୍ଜିନିବେଶ ନିଗମ ଲିମିଟେଡ୍ | ଶିଳ୍ପ | ଜିସି |
| 22 | ଓଡିଶା ଚଳଚିତ୍ର ଉନ୍ନୟନ ନିଗମ ଲିମିଟେଡ୍ | ଶିଳ୍ପ | ଜିସି |
| 23 | ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡ୍ | ଗୃହ ଓ ନଗର ଉନ୍ନୟନ ବିକାଶ | ଜିସି |
| 24 | ପାରାଦୀପ ପୁଞ୍ଜିନିବେଶ କ୍ଷେତ୍ର ଉନ୍ନୟନ ଲିମିଟେଡ୍ | ଶିଳ୍ପ | ଜିସିଓସି |
| 25 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ | ଜଳ ସମ୍ପଦ | ଜିସି |
| 26 | ଓଡିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍ | ପୂର୍ତ୍ତ | ଜିସି |
| 27 | ଇଡ୍‌କୋ ସେଜ୍ ବିକାଶ ଲିମିଟେଡ୍ | ଶିଳ୍ପ | ଜିସିଓସି |

| କ୍ରମିକ ସଂଖ୍ୟା | କ୍ଷେତ୍ର ଏବଂ ପିଏସ୍‌ୟୁର ନାମ | ବିଭାଗର ନାମ | ସରକାରୀ କମ୍ପାନୀ (ଜିସି)/ସରକାର ନିୟନ୍ତ୍ରିତ ଅନ୍ୟାନ୍ୟ କମ୍ପାନୀ (ଜିସିଓସି) |
|---|---|---|---|
| 28 | ଓଡିଶା ଇଲେକ୍ଟ୍ରନିକ୍ସ ପାର୍କ ଲିମିଟେଡ୍ | ଶିଳ୍ପ | ଜିସିଓସି |
| 29 | ବୈତରଣୀ ପଶ୍ଚିମ କୋଇଲା କମ୍ପାନୀ ଲିମିଟେଡ୍ | ଇସ୍ପାତ ଏବଂ ଖଣି | ଜିସିଓସି |
| 30 | ମନ୍ଦାକିନୀ-ବି କୋଇଲା ନିଗମ ଲିମିଟେଡ୍ | ଇସ୍ପାତ ଏବଂ ଖଣି | ଜିସିଓସି |
| 31 | ଓଡିଶା ଖଣି ନିଗମ ଲିମିଟେଡ୍ | ଇସ୍ପାତ ଏବଂ ଖଣି | ଜିସି |
| 32 | ନୂଆଗାଁ କୋଇଲା କମ୍ପାନୀ ଲିମିଟେଡ୍ | ଇସ୍ପାତ ଏବଂ ଖଣି | ଜିସିଓସି |
| 33 | ପାରାଦୀପ ପ୍ଲାଷ୍ଟିକ ପାର୍କ ଲିମିଟେଡ୍ | ଶିଳ୍ପ | ଜିସିଓସି |
| 34 | ଅନୁଗୁଳ ଆଲୁମିନିୟମ୍ ପାର୍କ ପ୍ରାଇଭେଟ୍ ଲିମିଟେଡ୍ | ଶିଳ୍ପ | ଜିସିଓସି |
| 35 | ଲାଞ୍ଜିଗଡ ପ୍ରକଳ୍ପ କ୍ଷେତ୍ର ବିକାଶ ଫାଉଣ୍ଡେସନ୍ | ଇସ୍ପାତ ଏବଂ ଖଣି | ଜିସିଓସି |
| 36 | ଓଡିଶା ପର୍ଯ୍ୟଟନ ବିକାଶ ନିଗମ ଲିମିଟେଡ୍ | ପର୍ଯ୍ୟଟନ | ଜିସି |
| 37 | ଶାମୁକା ପର୍ଯ୍ୟଟନ ବିକାଶ ନିଗମ ଲିମିଟେଡ | ପର୍ଯ୍ୟଟନ | ଜିସିଓସି |
| 38 | ଓଡିଶା ଅନ୍ତର୍ଦ୍ଦେଶୀୟ ଜଳପଥ ସଂଗଠନ ଲିମିଟେଡ୍ | ଶିଳ୍ପ | ଜିସିଓସି |
| 39 | କଳିଙ୍ଗ ଷ୍ଟୁଡିଓଜ୍ ଲିମିଟେଡ୍ | ଶିଳ୍ପ | ଜିସି |
| 40 | ଓଡିଶା ରାଜ୍ୟ ଅର୍ଥ ନିଗମ | ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ | ସରକାରୀ ନିଗମ |
| 41 | ଓଡିଶା ରାଜ୍ୟ ସଡକ ପରିବହନ ନିଗମ | ବାଣିଜ୍ୟ ଏବଂ ପରିବହନ | ସରକାରୀ ନିଗମ |
| 42 | ଓଡିଶା ରାଜ୍ୟ ପଣ୍ୟାଗାର ନିଗମ | ସମବାୟ | ସରକାରୀ ନିଗମ |
| 43 | ଓଡିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ | ଶକ୍ତି | ଜିସି |
| 44 | ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ | ଶକ୍ତି | ଜିସି |
| 45 | ଓଡିଶା ତାପଜ ବିଦ୍ୟୁତ୍ ନିଗମ ଲିମିଟେଡ୍ | ଶକ୍ତି | ଜିସିଓସି |
| 46 | ଓଡିଶା ସବୁଜ ଶକ୍ତି ବିକାଶ ନିଗମ ଲିମିଟେଡ୍ | ଶକ୍ତି | ଜିସି |
| 47 | ଜେଡ୍‌କଲ୍ ସେଲ୍ ବିଦ୍ୟୁତ୍ ନିଗମ ଲିମିଟେଡ୍ | ଶକ୍ତି | ଜିସି |
| 48 | ଓଡିଶା ବିଦ୍ୟୁତ ସଞ୍ଚାରଣ ନିଗମ ଲିମିଟେଡ୍ | ଶକ୍ତି | ଜିସି |
| 49 | ଓଡିଶା କୋଇଲା ଏବଂ ବିଦ୍ୟୁତ୍ ଲିମିଟେଡ୍ | ଶକ୍ତି | ଜିସି |
| 50 | ଗ୍ରୀଡ୍‌କୋ ଲିମିଟେଡ୍ | ଶକ୍ତି | ଜିସି |
| **II.** | **ନିଷ୍କ୍ରିୟ ସରକାରୀ କମ୍ପାନୀସମୂହ** | | |
| 51 | ଇଡ୍‌କଲ୍ ସଫ୍ଟୱେୟାର ଲିମିଟେଡ୍ (ସମାପନ ପ୍ରକ୍ରିୟାରେ) | ଶିଳ୍ପ | ଜିସି |
| 52 | ଏବିଏସ୍ ସ୍ପିନିଂ ଓଡିଶା ଲିମିଟେଡ୍ (ସମାପନ ପ୍ରକ୍ରିୟାରେ) | ଶିଳ୍ପ | ଜିସି |
| 53 | ଗଜପତି ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (କମ୍ପାନୀ 1969-70 ଠାରୁ ବନ୍ଦ ଅଛି, 01 ମାର୍ଚ୍ଚ 1974 ଠାରୁ ସ୍ୱେଚ୍ଛାକୃତ ସମାପନ ପ୍ରକ୍ରିୟାରେ) | ଶିଳ୍ପ | ଜିସି |
| 54 | ଇପିଟ୍ରନ୍ ଟାଇମ୍ସ ଲିମିଟେଡ୍ (1998 ଠାରୁ ସମାପନ ପ୍ରକ୍ରିୟାରେ) | ଶିଳ୍ପ | ଜିସି |
| 55 | କୋଣାର୍କ ଡିଟର୍ଜେଣ୍ଟ ଆଣ୍ଡ ସୋପ୍ସ ଲିମିଟେଡ୍ | ଶିଳ୍ପ | ଜିସି |
| 56 | କୋଣାର୍କ ଟେଲିଭିଜନ୍ ଲିମିଟେଡ୍ (1999-2000 ଠାରୁ ଅଚଳ) | ଶିଳ୍ପ | ଜିସି |
| 57 | ମୟୁରଭଞ୍ଜ ଟେକ୍ସଟାଇଲ୍ସ ଲିମିଟେଡ୍ | ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ | ଜିସି |
| 58 | ମଡର୍ଣ୍ଣ ମ୍ୟାଲିଏବଲ୍ କାଷ୍ଟିଂ କମ୍ପାନୀ ଲିମିଟେଡ୍ (1968 ଠାରୁ ବନ୍ଦ, 9 ମାର୍ଚ୍ଚ 1976 ଠାରୁ ସ୍ୱେଚ୍ଛାକୃତ ସମାପନ ପ୍ରକ୍ରିୟାରେ) | ଶିଳ୍ପ | ଜିସି |
| 59 | ନିୟୁ ମୟୁରଭଞ୍ଜ ଟେକ୍ସଟାଇଲ୍ସ ଲିମିଟେଡ୍ | ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ | ଜିସି |
| 60 | ଓଡିଶା ବୋଟ୍ ବିଲ୍ଡରସ୍ ଲିମିଟେଡ୍ (ସମାପନ ପ୍ରକ୍ରିୟାରେ) | ଶିଳ୍ପ | ଜିସି |
| 61 | ଓଡିଶା ଇନ୍‌ଷ୍ଟ୍ରୁମେଣ୍ଟସ୍ କମ୍ପାନୀ ଲିମିଟେଡ୍ | ଶିଳ୍ପ | ଜିସି |
| 62 | ଓଡିଶା ଚମଡା ଶିଳ୍ପ ଲିମିଟେଡ୍ | ଶିଳ୍ପ | ଜିସି |

| କ୍ରମିକ ସଂଖ୍ୟା | କ୍ଷେତ୍ର ଏବଂ ପିଏସ୍‌ୟୁର ନାମ | ବିଭାଗର ନାମ | ସରକାରୀ କମ୍ପାନୀ (ଜିସି)/ସରକାର ନିୟନ୍ତ୍ରିତ ଅନ୍ୟାନ୍ୟ କମ୍ପାନୀ (ଜିସିଓସି) |
|---|---|---|---|
| 63 | ଓଡ଼ିଶା ଟେକ୍ସଟାଇଲ୍ ମିଲ୍ସ ଲିମିଟେଡ୍ (2001ଠାରୁ ସମାପନ ପ୍ରକ୍ରିୟାରେ) | ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ | ଜିସି |
| 64 | ଓଡ଼ିଶା ରାଜ୍ୟ ଇଲେକ୍ଟ୍ରୋନିକ୍ସ ଉନ୍ନୟନ ନିଗମ ଲିମିଟେଡ୍ | ଶିଳ୍ପ | ଜିସି |
| 65 | ଓଡ଼ିଶା ରାଜ୍ୟ ହସ୍ତତନ୍ତ ଉନ୍ନୟନ ନିଗମ ଲିମିଟେଡ୍ (ସମାପନ ପ୍ରକ୍ରିୟାରେ) | ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ | ଜିସି |
| 66 | ଓଡ଼ିଶା ରାଜ୍ୟ ଚମଡ଼ା ନିଗମ ଲିମିଟେଡ୍ (18 ଜୁନ୍ 1998 ଠାରୁ ବନ୍ଦ) | ଶିଳ୍ପ | ଜିସି |
| 67 | ଓଡ଼ିଶା ରାଜ୍ୟ ବୟନ ନିଗମ ଲିମିଟେଡ୍ | ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ | ଜିସି |
| 68 | ଓଡ଼ିଶା ଟୁଲ୍ସ ଆଣ୍ଡ ଇଂଜିନିୟରିଂ କମ୍ପାନୀ ଲିମିଟେଡ୍ (619-ବି) | ଶିଳ୍ପ | ଜିସି |
| 69 | ପ୍ରିମିୟର୍ ବୋଲ୍ଟସ୍ ଆଣ୍ଡ ନଟ୍ସ ଲିମିଟେଡ୍ (ସମାପନ ପ୍ରକ୍ରିୟାରେ, ସମ୍ପତ୍ତିଗୁଡ଼ିକ ବିକ୍ରି ହୋଇଯାଇଛି) | ଶିଳ୍ପ | ଜିସି |
| 70 | ଏଲ୍‌କସ୍‌ମସ୍ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ | ଶିଳ୍ପ | ଜିସି |
| 71 | ଏଲ୍‌କୋ କମ୍ୟୁନିକେସନ୍ ଆଣ୍ଡ ସିଷ୍ଟମସ୍ ଲିମିଟେଡ୍ (1998 ଠାରୁ ସମାପନ ପ୍ରକ୍ରିୟାରେ) | ଶିଳ୍ପ | ଜିସି |
| 72 | ଏଲ୍‌ମାର୍କ ଲିମିଟେଡ୍ | ଶିଳ୍ପ | ଜିସି |
| 73 | ଓଡ଼ିଶା ରାଜ୍ୟ ବାଣିଜ୍ୟିକ ପରିବହନ ନିଗମ ଲିମିଟେଡ୍ | ବାଣିଜ୍ୟ ଏବଂ ପରିବହନ | ଜିସି |
| **ଗ.** | **ଅନ୍ୟାନ୍ୟ କ୍ଷେତ୍ର** | | |
| **I.** | **କାର୍ଯ୍ୟକ୍ଷମ ସରକାରୀ କମ୍ପାନୀସମୂହ** | | |
| 74 | ଓଡ଼ିଶା ଆରକ୍ଷୀ ଗୃହନିର୍ମାଣ ଏବଂ କଲ୍ୟାଣ ନିଗମ ଲିମିଟେଡ୍ | ଗୃହ | ଜିସି |
| 75 | ଭୁବନେଶ୍ୱର ସ୍ମାର୍ଟସିଟି ଟିମିଟେଡ୍ | ଗୃହ ଓ ନଗର ଉନ୍ନୟନ ବିକାଶ | ଜିସିଓସି |
| 76 | ରାଉରକେଲା ସ୍ମାର୍ଟସିଟି ଟିମିଟେଡ୍ | ଗୃହ ଓ ନଗର ଉନ୍ନୟନ ବିକାଶ | ଜିସିଓସି |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡ଼ିକର ସର୍ବଶେଷ ଚୂଡ଼ାନ୍ତ ହିସାବ ଆଧାରରେ ସଂକଳିତ)*

| | |
|---|---|
| କାର୍ଯ୍ୟକ୍ଷମ କମ୍ପାନୀ/ନିଗମର ସଂଖ୍ୟା | 51 |
| ନିଷ୍କ୍ରିୟ କମ୍ପାନୀ/ନିଗମର ସଂଖ୍ୟା | 25 |
| **ମୋଟ** | **76** |
| ସରକାରୀ କମ୍ପାନୀସମୂହ | 58 |
| ବୈଧାନିକ ନିଗମସମୂହ | 03 |
| ସରକାର ନିୟନ୍ତ୍ରିତ ଅନ୍ୟାନ୍ୟ କମ୍ପାନୀସମୂହ | 15 |
| **ମୋଟ** | **76** |

## ପରିଶିଷ୍ଟ - 2

### (ଅନୁଚ୍ଛେଦ 1.1.4.1 ଏବଂ 1.9.2ରେ ସୂଚିତ)

### ବକେୟା କିମ୍ବା ସମାପନ ପ୍ରକ୍ରିୟାରେ ଥିବା କମ୍ପାନୀଗୁଡିକର ହିସାବର ବିବରଣୀ[113]/ନିଷ୍କ୍ରିୟ ସରକାରୀ କମ୍ପାନୀ ସମୂହ ଏବଂ ନିଗମ ସମୂହ

| କ୍ରମିକ ସଂଖ୍ୟା | କ୍ଷେତ୍ର/ଏସ୍‌ପିଏସ୍‌ଇର ନାମ | ଯେଉଁ ବର୍ଷଗୁଡିକ ପାଇଁ 30 ସେପ୍ଟେମ୍ବର 2023 ସୁଦ୍ଧା ହିସାବ ପ୍ରାପ୍ତ ହୋଇନାହିଁ | ବକେୟା ଥିବା ହିସାବଗୁଡିକର ସଂଖ୍ୟା |
|---|---|---|---|
| **I.** | **କାର୍ଯ୍ୟକ୍ଷମ ସରକାରୀ କମ୍ପାନୀ** | | |
| 1 | ଓଡିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିଲଗାଣ ନିଗମ ଲିମିଟେଡ୍ | 2021-22 ଏବଂ 2022-23 | 2 |
| 2 | ଓଡିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ | 2021-22 ଏବଂ 2022-23 | 2 |
| 3 | ଓଡିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍ | 2022-23 | 1 |
| 4 | ଓଡିଶା ବନ୍ୟ ଉନ୍ନୟନ ନିଗମ ଲିମିଟେଡ୍ | 2022-23 | 1 |
| 5 | ଓଡିଶା ଉଠା ଜଳସେଚନ ନିଗମ ଲିମିଟେଡ୍ | 2019-20ରୁ 2022-23 | 4 |
| 6 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ | 2022-23 | 1 |
| 7 | ଓଡିଶା ମତ୍ସ୍ୟଜୀବୀ ଉନ୍ନୟନ ନିଗମ ଲିମିଟେଡ୍ | 2018-19ରୁ 2022-23 | 5 |
| 8 | ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ ଲିମିଟେଡ୍ | 2020-21ରୁ 2022-23 | 3 |
| 9 | ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ | 2021-22 ଏବଂ 2022-23 | 2 |
| 10 | ଓଡିଶା ରାଜ୍ୟ ଭେଷଜ ନିଗମ ଲିମିଟେଡ୍ | 2022-23 | 1 |
| 11 | ଓଡିଶା ଖଣିଜ ଧାରକ ଅଞ୍ଚଳ ବିକାଶ ନିଗମ ଲିମିଟେଡ୍ | 2022-23 | 1 |
| 12 | ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ | 2022-23 | 1 |
| 13 | ଷ୍ଟାର୍ଟଅପ୍ ଓଡିଶା | 2022-23 | 1 |
| 14 | ବିଶ୍ୱ ଦକ୍ଷତା କେନ୍ଦ୍ର | 2022-23 | 1 |
| 15 | ଓଡିଶା ଚଳଚିତ୍ର ଉନ୍ନୟନ ନିଗମ ଲିମିଟେଡ୍ | 2020-21ରୁ 2022-23 | 3 |
| 16 | ଓଡିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡ୍ | 2009-10ରୁ 2022-23 | 14 |
| 17 | ଓଡିଶା ନିର୍ମାଣ ନିଗମ ଲିମିଟେଡ୍ | 2020-21ରୁ 2022-23 | 3 |
| 18 | ଓଡିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍ | 2022-23 | 1 |
| 19 | ଓଡିଶା ପର୍ଯ୍ୟଟନ ବିକାଶ ନିଗମ ଲିମିଟେଡ୍ | 2022-23 | 1 |
| 20 | କଳିଙ୍ଗ ଷ୍ଟୁଡିଓଜ୍ ଲିମିଟେଡ୍ | 2021-22 ଏବଂ 2022-23 | 2 |
| 21 | ଓଡିଶା ଆରକ୍ଷୀ ଗୃହନିର୍ମାଣ ଏବଂ କଲ୍ୟାଣ ନିଗମ ଲିମିଟେଡ୍ | 2022-23 | 1 |
| 22 | ଓଡିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ | 2022-23 | 1 |
| 23 | ଓଡିଶା ବିଦ୍ୟୁତ୍ ସଞ୍ଚାରଣ ନିଗମ ଲିମିଟେଡ୍ | 2022-23 | 1 |
| **II.** | **ବୈଧାନିକ ନିଗମ** | | |
| 24 | ଓଡିଶା ରାଜ୍ୟ ଅର୍ଥ ନିଗମ | 2022-23 | 1 |
| 25 | ଓଡିଶା ରାଜ୍ୟ ସଡକ ପରିବହନ ନିଗମ | 2021-22 ଏବଂ 2022-23 | 2 |
| 26 | ଓଡିଶା ରାଜ୍ୟ ପଣ୍ୟାଗାର ନିଗମ ଲିମିଟେଡ୍ | 2019-20ରୁ 2022-23 | 4 |
| **III.** | **ନିଷ୍କ୍ରିୟ ସରକାରୀ କମ୍ପାନୀସମୂହ (ସମାପନ ପ୍ରକ୍ରିୟାରେ)** | | |
| 27 | ଗଜପତି ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ | 1969-70ରୁ 2022-23 | 54 |
| 28 | ମଡର୍ଣ୍ଣ ମ୍ୟାଲିଏବଲ୍ କାଷ୍ଟିଂ କମ୍ପାନୀ ଲିମିଟେଡ୍ | 1973-74ରୁ 2022-23 | 50 |
| 29 | ଇଷ୍ଟର୍ଣ୍ଣ ଆକ୍ୱାଟିକ୍ ପ୍ରଡକ୍ଟସ ଲିମିଟେଡ୍ | 1973-74ରୁ 2022-23 | 50 |
| 30 | ପ୍ରିମିୟର୍ ବୋଲ୍ଟସ୍ ଆଣ୍ଡ ନଟ୍ସ ଲିମିଟେଡ୍ | 1966-67ରୁ 2022-23 | 57 |
| 31 | ଓଡିଶା ବୋଟ୍ ବିଲ୍ଡରସ୍ ଲିମିଟେଡ୍ | 1971-72ରୁ 2022-23 | 52 |
| 32 | ଓଡିଶା ଟେକ୍ସଟାଇଲ୍ ମିଲ୍ସ ଲିମିଟେଡ୍ | 1998-99ରୁ 2022-23 | 25 |
| 33 | ଇପିଟ୍ରନ୍ ଟାଇମ୍ସ ଲିମିଟେଡ୍ | 1998-99 ରୁ 2022-23 | 25 |

113 ଇଡ୍‌କଲ୍ ସଫ୍ଟୱେୟାର ଲିମିଟେଡ୍ ବର୍ତ୍ତମାନ ସମାପନ ପ୍ରକ୍ରିୟାରେ ଅଛି। କିନ୍ତୁ, ଏହାର ନାମ ସାରଣୀରେ ଦେଖାଯାଇନାହିଁ କାରଣ ଏହାର ଆର୍ଥିକ ବିବରଣୀ 2022-23 ବର୍ଷ ପାଇଁ ଚୂଡାନ୍ତ ହୋଇଅଛି।

| କ୍ରମିକ ସଂଖ୍ୟା | କ୍ଷେତ୍ର/ଏସ୍‌ପିଏସ୍‌ଇର ନାମ | ଯେଉଁ ବର୍ଷଗୁଡିକ ପାଇଁ 30 ସେପ୍ଟେମ୍ବର 2023 ସୁଦ୍ଧା ହିସାବ ପ୍ରାପ୍ତ ହୋଇନାହିଁ | ବକେୟା ଥିବା ହିସାବଗୁଡିକର ସଂଖ୍ୟା |
|---|---|---|---|
| 34 | ଏଲ୍‌କସ୍‌ମସ୍ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ | 1998-99ରୁ 2022-23 | 25 |
| 35 | ଏଲ୍‌କୋ କମ୍ୟୁନିକେସନ୍ ଆଣ୍ଡ ସିଷ୍ଟମସ୍ ଲିମିଟେଡ୍ | 1998-99ରୁ 2022-23 | 25 |
| 36 | ଓଡିଶା ରାଜ୍ୟ ଇଲେକ୍ଟ୍ରୋନିକ୍ସ ଉନ୍ନୟନ ନିଗମ ଲିମିଟେଡ୍ | 2006-07ରୁ 2022-23 | 17 |
| 37 | କୋଣାର୍କ ଟେଲିଭିଜନ୍ ଲିମିଟେଡ୍ | 1992-93ରୁ 2022-23 | 31 |
| 38 | ଏବିଏସ୍ ସ୍ପିନିଂ ଓଡିଶା ଲିମିଟେଡ୍ | 2007-08ରୁ 2022-23 | 16 |
| 39 | ଓଡିଶା ରାଜ୍ୟ ହସ୍ତତନ୍ତ ଉନ୍ନୟନ ନିଗମ ଲିମିଟେଡ୍ | 2004-05ରୁ 2022-23 | 19 |
| 40 | ଓଡିଶା ରାଜ୍ୟ ବୟନ ନିଗମ ଲିମିଟେଡ୍ | 1994-95ରୁ 2022-23 | 29 |
| **IV.** | **ନିଷ୍କ୍ରିୟ ସରକାରୀ କମ୍ପାନୀସମୂହ (ବନ୍ଦ ଅଛି)** | | |
| 41 | ମୟୁରଭଞ୍ଜ ଟେକ୍ସଟାଇଲ୍ସ ଲିମିଟେଡ୍ | 1971-72ରୁ 2022-23 | 52 |
| 42 | ନିୟୁ ମୟୁରଭଞ୍ଜ ଟେକ୍ସଟାଇଲ୍ସ ଲିମିଟେଡ୍ | 1982-83ରୁ 2022-23 | 41 |
| 43 | କୋଣାର୍କ ଡିଟର୍ଜେଣ୍ଟ ଆଣ୍ଡ ସୋପ୍ସ ଲିମିଟେଡ୍ | 1982-83ରୁ 2022-23 | 41 |
| 44 | ଓଡିଶା ମତ୍ସ୍ୟରକ୍ଷ ଉନ୍ନୟନ ନିଗମ ଲିମିଟେଡ୍ | 1983-84ରୁ 2022-23 | 40 |
| 45 | ଓଡିଶା ଟୁଲ୍ସ ଆଣ୍ଡ ଇଂଜିନିୟରିଂ କମ୍ପାନୀ ଲିମିଟେଡ୍ | 1983-84ରୁ 2022-23 | 40 |
| 46 | ଓଡିଶା ଇନ୍‌ଷ୍ଟ୍ରୁମେଣ୍ଟସ୍ କମ୍ପାନୀ ଲିମିଟେଡ୍ | 1988-89ରୁ 2022-23 | 35 |
| 47 | ଓଡିଶା ରାଜ୍ୟ ଚମଡା ନିଗମ ଲିମିଟେଡ୍ | 1989-90ରୁ 2022-23 | 34 |
| 48 | ଓଡିଶା ଚମଡା ଶିଳ୍ପ ଲିମିଟେଡ୍ | 1992-93ରୁ 2022-23 | 31 |
| 49 | ଓଡିଶା ରାଜ୍ୟ ବାଣିଜ୍ୟିକ ପରିବହନ ନିଗମ ଲିମିଟେଡ୍ | 2001-02ରୁ 2022-23 | 22 |
| 50 | ଏଲ୍‌ମାର୍କ ଲିମିଟେଡ୍ | 2001-02ରୁ 2022-23 | 22 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)*

**ସରକାରୀ କମ୍ପାନୀଗୁଡିକର ବକେୟା ଥିବା ହିସାବର ବୟସ-ୱାରୀ ବିଶ୍ଳେଷଣ**

| | |
|---|---|
| ଗୋଟିଏ ବର୍ଷ ପାଇଁ ବକେୟା (2022-23) | 14ଟି |
| ଦୁଇ ବର୍ଷ ପାଇଁ ବକେୟା (2021-22 ରୁ 2022-23) | 10ଟି |
| ତିନି ବର୍ଷ ଏବଂ ତଦୁର୍ଦ୍ଧ୍ୱ ପାଇଁ ବକେୟା | 869ଟି |
| **ମୋଟ** | **893ଟି** |

## ପରିଶିଷ୍ଟ - 3
## (ଅନୁଚ୍ଛେଦ 1.1.4.1 ଏବଂ 1.9.2ରେ ସୂଚୀତ)
## ବକେୟା ହିସାବଗୁଡିକର ବିବରଣୀ
## ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀସମୂହ

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇର ନାମ | 30 ସେପ୍ଟେମ୍ବର 2023 ସୁଦ୍ଧା ଯେଉଁ ବର୍ଷଗୁଡିକର ହିସାବ ଗ୍ରହଣ ହୋଇନାହିଁ | ବକେୟା ହିସାବଗୁଡିକର ସଂଖ୍ୟା |
|---|---|---|---|
| 1 | ଇଡ୍‌କୋ ସେଜ୍ ଉନ୍ନୟନ ଲିମିଟେଡ୍ | 2022-23 | 1 |
| 2 | ଓଡିଶା ଇଲେକ୍ଟ୍ରନିକ୍ସ ପାର୍କ ଲିମିଟେଡ୍ | 2022-23 | 1 |
| 3 | ଅନୁଗୁଳ ଆଲୁମିନିୟମ୍ ପାର୍କ ପ୍ରାଇଭେଟ୍ ଲିମିଟେଡ୍ | 2022-23 | 1 |
| 4 | ମନ୍ଦାକିନୀ-ବି କୋଇଲା ନିଗମ ଲିମିଟେଡ୍ | 2018-19 ରୁ 2022-23 | 5 |
| 5 | ନୂଆଗାଁ କୋଇଲା କମ୍ପାନୀ ଲିମିଟେଡ୍ | 2019-20 ରୁ 2022-23 | 4 |
| 6 | ଲାଞ୍ଜିଗଡ ପ୍ରକଳ୍ପ କ୍ଷେତ୍ର ବିକାଶ ଫାଉଣ୍ଡେସନ୍ | 2021-22 ଏବଂ 2022-23 | 2 |
| 7 | ଓଡିଶା ଅନ୍ତର୍ଦ୍ଦେଶୀୟ ଜଳପଥ ସଂଗଠନ ଲିମିଟେଡ୍ | 2021-22 ଏବଂ 2022-23 | 2 |
| 8 | ପାରାଦୀପ ପୁଞ୍ଜିନିବେଶ କ୍ଷେତ୍ର ଉନ୍ନୟନ ଲିମିଟେଡ୍ | 2022-23 | 1 |
| 9 | ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ | 2022-23 | 1 |
| 10 | ଓଡିଶା ତାପଜ ବିଦ୍ୟୁତ୍ ନିଗମ ଲିମିଟେଡ୍ | 2022-23 | 1 |

*(ଉତ୍ସ: ଏସ୍‌ପିଏସ୍‌ଇଗୁଡିକର ସର୍ବଶେଷ ଚୂଡାନ୍ତ ହିସାବ ଆଧାରରେ ସଂକଳିତ)*

**<u>ସରକାର ନିୟନ୍ତ୍ରୀତ ଅନ୍ୟ କମ୍ପାନୀଗୁଡିକର ବକେୟା ଥିବା ହିସାବର ବୟସ-ୱାରୀ ବିଶ୍ଳେଷଣ</u>**

| | |
|---|---|
| ଗୋଟିଏ ବର୍ଷ ପାଇଁ ବକେୟା (2022-23) | **6ଟି** |
| ଦୁଇ ବର୍ଷ ପାଇଁ ବକେୟା (2021-22 ରୁ 2022-23) | 4ଟି |
| ତିନି ବର୍ଷ ଏବଂ ତାଦୁର୍ଦ୍ଧ ପାଇଁ ବକେୟା | 9ଟି |
| **ମୋଟ** | **19ଟି** |

## ପରିଶିଷ୍ଟ - 4
### (ଅନୁଚ୍ଛେଦ 1.1.4.2ରେ ସୂଚୀତ)
### ରାଜ୍ୟର ଜିଏସ୍‌ଡିପିରେ କାରବାରର ଅବଦାନ ସହିତ ଏସ୍‌ପିଏସ୍‌ଇ ଏବଂ ସେମାନଙ୍କର ପରିଚୟ

| କ୍ରମିକ ସଂଖ୍ୟା | କମ୍ପାନୀର ନାମ | କାର୍ଯ୍ୟକଳାପ | କାରବାର (ଟଙ୍କା କୋଟିରେ) | | ଯୋଗଦାନ (ରାଜ୍ୟର ଜିଏସ୍‌ଡିପି ଉପରେ କାରବାରର ଶତକଡା ହାର) | | ପାର୍ଥକ୍ୟର କାରଣ |
|---|---|---|---|---|---|---|---|
| | | | ଏସ୍‌ଏଫ୍‌ଏଆର୍ | ଜିପିଏଫ୍‌ଆର୍ | ଏସ୍‌ଏଫ୍‌ଏଆର୍ | ଜିପିଏଫ୍‌ଆର୍ | |
